
ଉତ୍କଳ ପ୍ରସଙ୍ଗ
• ସ୍ୱାଧୀନତା ଦିବସ ବିଶେଷାଙ୍କ

VOL. XLVI No.12 UTKAL PRASANGA Regd. No. O-05/90
Licence No. C.R.N.P.--Licenced to post without Pre-Payment





PRINTED AT ORISSA GOVERNMENT PRESS, CUTTACK-10



ରଥଯାତ୍ରାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ



# ଉତ୍କଳ ପ୍ରସଙ୍ଗ


ଶ୍ରାବଣ ୧୯୧୨ ଶକାବ୍ଦ ୪୭ ଭାଗ ୧ମ ସଂଖ୍ୟା ଅଗଷ୍ଟ ୧୯୯୦

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ପ୍ରଚ୍ଛଦପଟ ----- ଶ୍ରୀ ବଳଦେବ ମହାରଥା

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଫଟୋଟାଇପ୍‌ସେଟର୍ ଦ୍ୱାରା ଅକ୍ଷର ସଂଯୋଜିତ


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଯୋଜନା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ସାମ୍ୟ ଓ ସମୃଦ୍ଧିର ନବଦିଗନ୍ତ | ଶ୍ରୀ ବିଜୁ ପଟ୍ଟନାୟକ | ୧ |
| ଭାରତ ତୁମର ଏକମାତ୍ର ଧ୍ୟେୟ ହେଉ | ଅଧ୍ୟାପକ ତତ୍ତ୍ୱକନ୍ଦର ମିଶ୍ର | ୪ |
| ନ୍ୟାୟ, ସାମ୍ୟ ଓ ମାନବିକ ଅଧିକାରର ମହାନାୟକ ଡକ୍ଟର ଆମ୍ବେଦକର | ଅଧ୍ୟାପକ ବସନ୍ତ କୁମାର ମଲ୍ଲିକ | ୭ |
| ଜ୍ଞାନର ଉପାସକ ବିନୋଦ କାନୁନ୍‌ଗୋ | ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ | ୧୧ |
| ରାଷ୍ଟ୍ରଭାଷା ଓ ଆମର ସମ୍ବିଧାନ | ମହାଜିତେଶ୍ୱର ଦାସ | ୧୬ |
| ଶିମିଳିପାଳରେ ସକାଳ | ଧ୍ରୁନ୍ ଖୁଣ୍ଟିଆ | ୧୯ |
| ସାମାଜିକ ନ୍ୟାୟ ପାଇଁ ଯୋଜନା | ଆର୍‌ଃ ସିଃ ରାଜାମଣି | ୨୧ |
| ତ୍ୟାଗଦୀପ୍ତ ପୁରୁଷ ଉତ୍କଳମଣି ଗୋପବନ୍ଧୁ | ପଣ୍ଡିତଃ ଶ୍ରୀ ହରେକୃଷ୍ଣ ଧୂପାଳ | ୨୩ |
| ଘର ବଇଦ ଲକ୍ଷ୍ମଣ ମିଶ୍ର | ଶ୍ରୀ ଦୀନବନ୍ଧୁ ମହାରଣା | ୨୪ |
| ଓଡ଼ିଶା ଆରକ୍ଷୀ ସମ୍ମାନୀ ଶ୍ୱାନବାହିନୀ | ଶ୍ରୀ ଗୋବର୍ଦ୍ଧନ ଚନ୍ଦ୍ର ପଟ୍ଟନାୟକ | ୨୬ |
| ପ୍ରାଚୀନ ଭାରତରେ ଯୁଦ୍ଧବିଦ୍ୟା | ବିଜୟ କୁମାର ପ୍ରଧାନ | ୨୮ |
| ସ୍ୱାଧୀନତା ସଂଗ୍ରାମରେ ଉତ୍କଳୀୟ ଚିନ୍ତା ଓ ଚେତନା | ଅଧ୍ୟାପକ ଶ୍ରୀ ଜିତେନ୍ଦ୍ର ପ୍ରସାଦ ପୃଷ୍ଟି | ୩୦ |
| ଶ୍ରୀ ଅରବିନ୍ଦଙ୍କ ପଦାଙ୍କ ଅନୁସରଣ କରି | ଜି. ରବିନ୍ଦ୍ର ନାୟାର<br>ଅନୁବାଦ : ସଙ୍ଘମିତ୍ରା ଦାଶ | ୩୩ |
| ନମସ୍କାର | ରବୀନ୍ଦ୍ରନାଥ ଠାକୁର<br>ଅନୁବାଦ : ମନୋଜ ଦାସ | ୩୫ |
| ମହାମାନବ ବୁଦ୍ଧଦେବ ଓ ବିଶ୍ୱଶାନ୍ତି | ଡକ୍ଟର ଅମୂଲ୍ୟ ମହାପାତ୍ର | ୩୮ |
| ସାର୍ଥକ ସ୍ୱପ୍ନ | | ୪୦ |
| ସମ୍ବାଦ ପରିକ୍ରମା | | ୪୩ |
| ଚନ୍ଦ୍ରର ଲୁହ ମାଟିର ମୁକ୍ତା | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି | ୫୨ |
| ଓଡ଼ିଶାରେ ପର୍ଯ୍ୟଟନ ଓ ପର୍ଯ୍ୟଟକ | ଡଃ ହରିହର କାନୁନ୍‌ଗୋ | ୫୫ |
| ଗୀତ ଗୋବିନ୍ଦ | ପ୍ରହରାଜ ସତ୍ୟନାରାୟଣ ନନ୍ଦ | ୫୯ |
| ଲୋଧା ଜାତିରେ ସଂସ୍କୃତି ଓ ଅପରାଧ ପ୍ରବଣତା | ସହଦେବ ସାହୁ | ୬୨ |
| ଆକାଶେ ଉଦେ ନିଶାକର : ଗୋବିନ୍ଦ ଉଦରୁ ବାହାର | ଶ୍ରୀ ଗୋକୁଳାନନ୍ଦ ପରିଡ଼ା | ୬୫ |
| କଳାହାଣ୍ଡି ଜିଲ୍ଲାରେ ହରଡ଼ ଓ ଚିନାବାଦାମ ମିଶ୍ରିତ ଚାଷ | ଡକ୍ଟର ଦାମୋଦର ଲେଙ୍କା | ୬୯ |

## • ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା

ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ

ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ

ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା


ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା

ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ।

# ବନ୍ଦେ ମାତରମ୍

ସୁଜଳାମ୍, ସୁଫଳାମ୍, ମଳୟଜ ଶୀତଳାମ୍
ଶସ୍ୟ ଶ୍ୟାମଳାମ୍ ମାତରମ୍ ।
ଶୁଭ୍ରଜ୍ୟୋସ୍ନାଂ ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଳ ଶୋଭିନୀମ୍
ସୁହାସିନୀମ୍ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ॥

ବନ୍ଦେ ମାତରମ୍ ।।।



# ଆମ ଜାତୀୟ ପତାକା

ଭାରତୀୟ ଜାତୀୟ ପତାକାର ଆଦ୍ୟଭାଗ କେଶରୀ, ମଧ୍ୟଭାଗ ଶ୍ୱେତ ଏବଂ ନିମ୍ନଭାଗ ସବୁଜ ରଙ୍ଗ । କେଶରୀ ରଙ୍ଗ ହେଲା ସାହସ ଓ ତ୍ୟାଗର ପ୍ରତୀକ । ସତ୍ୟ, ଶାନ୍ତି ଓ ପବିତ୍ରତା ପାଇଁ ଶ୍ୱେତ ରଙ୍ଗ ଉଦ୍ଦିଷ୍ଟ । ସବୁଜ ରଙ୍ଗ ବୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ । ଶାନ୍ତି ଓ ପ୍ରଗତିର ପ୍ରତୀକ ରୂପେ ପତାକାର ମଧ୍ୟଭାଗରେ ଅଶୋକଚକ୍ର ବିଦ୍ୟମାନ ।

ଆକାର—ଜାତୀୟ ପତାକା ପାଞ୍ଚଗୋଟି ଆକାରରେ ମିଳିଥାଏ--

(୧) ୨୧ × ୧୪ (୨) ୧୨ × ୮ (୩) ୬ × ୪
(୪) ୩ × ୨ ଓ (୫) ୯ × ୬


**ପତାକା ପ୍ରଦର୍ଶନର ନିୟମାବଳୀ:—**

* ସରକାରୀ କୋଠାମାନଙ୍କରେ ଜାତୀୟ ପତାକା ଉଡାଇବାକୁ ହେଲେ ଏହା ରବିବାର ଓ ଛୁଟିଦିନ ସମେତ ସବୁଦିନ ଉଡ଼ାଯିବ ଓ ପାଗର ଅବସ୍ଥା ଯେପରି ହୋଇଥାଉ ପଛକେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉଡୁଥିବ । ଅତି ବିଶିଷ୍ଟ ଅବସରରେ ଏହା ରାତିରେ ମଧ୍ୟ ଉଡା ଯାଇ ପାରେ ।
* ଯଦି କୌଣସି ସଭାମଞ୍ଚରେ ପତାକା ଉଡ଼ା ଯାଉଥାଏ, ତେବେ ତାହା ବକ୍ତାଙ୍କ ଡାହାଣ ପଟକୁ ରହିବ । ଯଦି ଏହା ଅନ୍ୟ ଭାବେ ପ୍ରଦର୍ଶିତ ହୋଇଥାଏ ତେବେ ପତାକାଟି ବକ୍ତାଙ୍କ ପଛପଟେ ଓ ଊର୍ଦ୍ଧ୍ୱରେ ରହିବ ।
* କୌଣସି ଶୋଭାଯାତ୍ରା ବା ପରେଡରେ ନିଆଗଲାବେଳେ ପତାକାଟି ଶୋଭାଯାତ୍ରାର ଅଗ୍ରଭାଗରେ ଡାହାଣ ପଟକୁ ରହିବ ଅଥବା ପତାକାଟି ନିକର ଡାହାଣ ପଟକୁ ରହିବ । ଯଦି ଅନ୍ୟ କେତେକ ପତାକା ଗୋଟିଏ ଧାଡ଼ିରେ ନିଆଯାଉଥାଏ, ତେବେ ଧାଡ଼ି ସାମ୍ନାର କେନ୍ଦ୍ର ସ୍ଥାନରେ ଜାତୀୟ ପତାକାଟି ରହିବ ।
* ନଷ୍ଟ ହୋଇଯାଇଥିବା କିମ୍ବା ଅବ୍ୟବସ୍ଥିତ ବା ମୋଡ଼ି ମକଚି ହୋଇଯାଇଥିବା ପତାକା ପ୍ରଦର୍ଶନ କରାଯିବ ନାହିଁ ।
* କୌଣସି ବ୍ୟକ୍ତି ବା ବସ୍ତୁକୁ ପ୍ରଣାମ ଜଣାଇବା ଉଦ୍ଦେଶ୍ୟରେ ପତାକା ନତ କରାଯିବ ନାହିଁ ।
* କୌଣସି ପତାକା ଜାତୀୟ ପତାକା ସହିତ ଉଡାଯାଇ ପାରିବ ନାହିଁ ।
* ସଭା ସମିତିରେ ବକ୍ତାଙ୍କ ଟେବୁଲର ଆଚ୍ଛାଦନ ରୂପେ କିମ୍ବା ସଭାମଞ୍ଚ ଉପରେ ଝାଲର ଆକାରରେ ଜାତୀୟ ପତାକା ବ୍ୟବହାର କରାଯିବ ନାହିଁ ।
* ଜାତୀୟ ପତାକାକୁ ଭୂମି କିମ୍ବା ଘର ତଳ ସ୍ପର୍ଶ କରିବାକୁ କିମ୍ବା ପାଣିରେ ବୁଡ଼ିବାକୁ ଦିଆଯିବ ନାହିଁ ।
* ଜାତୀୟ ପତାକା ଉତ୍ତୋଳନ ବା ଅବତରଣ ଉତ୍ସବ ସମୟରେ ସେଠାରେ ଉପସ୍ଥିତ ସମସ୍ତ ଲୋକ ପତାକା ଆଡକୁ ମୁହଁ କରି ସାବଧାନ ହୋଇ ଠିଆ ହେବେ । ଯେଉଁମାନେ ୟୁନିଫର୍ମ ପିନ୍ଧି ଉପସ୍ଥିତ ଥିବେ ସେମାନେ ପତାକାକୁ ଯଥାରୀତି ଅଭିବାଦନ ଜଣାଇବେ ।

# ଜାତୀୟତାର ପ୍ରତୀକ

କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଓ କାମରୂପଠାରୁ ଦ୍ୱାରକା ଯାଏଁ ଆମର ୬୮ କୋଟି ଲୋକଙ୍କୁ ଆଜି ଏକାଠି ବାନ୍ଧି ରଖିଛି ତିନୋଟି ମମତାର ଡୋରି :


## • ଜାତୀୟ ପତାକା



## • ଜାତୀୟ ସଙ୍ଗୀତ

ଜନଗଣ ମନ ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟ ଗାଥା !
ଜନଗଣ ମଙ୍ଗଳ-ଦାୟକ ଜୟହେ !
ଭାରତ-ଭାଗ୍ୟ-ବିଧାତା !
ଜୟହେ, ଜୟହେ, ଜୟହେ, ଜୟ ଜୟ ଜୟ ଜୟ ହେ !


## • ଜାତୀୟ ସଙ୍କେତ



ଏ ତିନୋଟିର ପଛରେ ଅଛି—ଯୁଗ-ଯୁଗର ଇତିହାସ, ଆମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହନୀୟତା । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଦାୟ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପକାଠରେ ହସି ହସି 'ଶିର' ଦେଇପାରେ, ସାରା ବିଶ୍ୱକୁ ତୁଚ୍ଛ ଦୃଷ୍ଟିରେ ଦେଖି ଯେ ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଜାଳି ଧରେ, ଯାର ଆତ୍ମଶକ୍ତି ଆଗରେ ସଙ୍ଗୀନ୍ ମୁନ ମଥା ନତ କରେ—ତା'ର ଆତ୍ମା ଅଜେୟ, ଅମର ।

ଆ
ମ
ର

ପ
ତା
କା



—ତିରଙ୍ଗର ପରିଚୟ ସମସ୍ତେ ଜାଣନ୍ତି ।

# ରାଜ୍ୟ ମନ୍ତ୍ରିମଣ୍ଡଳରେ ବିଭାଗ ବଣ୍ଟନ

## କ୍ୟାବିନେଟ୍

| | | |
|---|---|---|
| ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ | : | ସାଧାରଣ ପ୍ରଶାସନ, ଘରୋଇ, ଅର୍ଥ, ଶିଳ୍ପ, ଶକ୍ତି, ପରିବେଶ, ବିଜ୍ଞାନ ଓ କାରିଗରୀ, ଇସ୍ପାତ, ଖଣି, ହରିଜନ ଓ ଆଦିବାସୀ କଲ୍ୟାଣ, ମତ୍ସ୍ୟ ଓ ପଶୁପାଳନ, ଯୋଜନା ଓ ସମନ୍ୱୟ, ସାଧାରଣ ଅଭିଯୋଗ । |
| ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ | : | ଜଙ୍ଗଲ ଓ ପରିବେଶ |
| ଶ୍ରୀ ଭାଗବତ ବେହେରା | : | ବାଣିଜ୍ୟ ଓ ପରିବହନ |
| ଶ୍ରୀ ବିଜୟ ମହାପାତ୍ର | : | ସେଚ ଓ ସଂସଦୀୟ ବ୍ୟାପାର |
| ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ | : | ଖାଦ୍ୟ ଓ ଯୋଗାଣ |
| ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ | : | ଶିକ୍ଷା (ପ୍ରାଥମିକ ଓ ପ୍ରୌଢ ଶିକ୍ଷା ବ୍ୟତୀତ) ଓ ଯୁବକଲ୍ୟାଣ |
| ଡାଃ ଦାମୋଦର ରାଉତ | : | ପଞ୍ଚାୟତିରାଜ |
| ଶ୍ରୀ ଘାସିରାମ ମାଝୀ | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ଶ୍ରୀ ଜଗନ୍ନାଥ ମଲ୍ଲିକ | : | କୃଷି ଓ ସମବାୟ |
| ଶ୍ରୀ ନଳିନୀକାନ୍ତ ମହାନ୍ତି | : | ପୂର୍ତ୍ତ, ଗୃହନିର୍ମାଣ ଓ ନଗର ଉନ୍ନୟନ |
| ଶ୍ରୀ ନରସିଂହ ମିଶ୍ର | : | ଆଇନ |
| ଶ୍ରୀ ରାମକୃଷ୍ଣ ପଟ୍ଟନାୟକ | : | ଗ୍ରାମ୍ୟ ଉନ୍ନୟନ |
| ଶ୍ରୀ ଶରତ କୁମାର କର | : | ପର୍ଯ୍ୟଟନ, କ୍ରୀଡା, ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ |
| ଶ୍ରୀ ସୁରେନ୍ଦ୍ର ନାଥ ନାୟକ | : | ରାଜସ୍ୱ ଓ ଅବକାରୀ |

## ରାଷ୍ଟ୍ରମନ୍ତ୍ରୀ

| | | |
|---|---|---|
| ଶ୍ରୀ ଛୋଟରାୟ ମାଝୀ | : | ହରିଜନ ଓ ଅଦିବାସୀ କଲ୍ୟାଣ |
| ଶ୍ରୀ ଦିଲ୍ଲୀପ ରାୟ | : | ଶିଳ୍ପ (ବୟନ ଶିଳ୍ପ ଓ ହସ୍ତତନ୍ତ ବ୍ୟତୀତ) |
| ଡାଃ ଶ୍ରୀମତୀ କମଳା ଦାସ | : | ଶିକ୍ଷା (ପ୍ରାଥମିକ ଓ ପ୍ରୌଢଶିକ୍ଷା) |
| ଶ୍ରୀ ମଙ୍ଗଳା କିଷାନ | : | ଜଙ୍ଗଲ ଓ ପରିବେଶ |
| ଶ୍ରୀ ପ୍ରଫୁଲ୍ଲ ସାମଲ | : | ଶ୍ରମ ଓ ନିଯୁକ୍ତି |
| ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ | : | ଶିଳ୍ପ (ବୟନ ଶିଳ୍ପ ଓ ହସ୍ତତନ୍ତ) |
| ଶ୍ରୀ ସହରାଇ ଓରାମ | : | ଗ୍ରାମ୍ୟ ଉନ୍ନୟନ |
| ସୟଦ୍ ମୁସ୍ତାଫିଜ୍ ଅହମଦ | : | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର | : | ମତ୍ସ୍ୟ ଓ ପଶୁପାଳନ |
| ଶ୍ରୀ ଯାଦବ ମାଝୀ | : | ଯୋଜନା ଓ ସମନ୍ୱୟ |
| ଶ୍ରୀ ଜୟରାମ ପାଙ୍ଗୀ | : | କୃଷି ଓ ସମବାୟ |

## ଉପମନ୍ତ୍ରୀ

| | | |
|---|---|---|
| ଶ୍ରୀ ପଦ୍ମନାଭ ବେହେରା | : | କ୍ରୀଡା, ସଂସ୍କୃତି ଓ ପର୍ଯ୍ୟଟନ |

# ରାଜଭବନରେ ନୂତନ ମନ୍ତ୍ରୀଙ୍କ ଶପଥ ପାଠ



ଭାଗବତ ବେହେରା



ବିଶ୍ୱଭୂଷଣ ହରିଚନ୍ଦନ



ଡ଼ାଃ ଦାମୋଦର ରାଉତ



ରଘୁନାଥ ପାଣି



ଡା଼ ଶ୍ରୀମତୀ କମଳା ଦାସ



ମଙ୍ଗଳା ବିଶ୍ୱାଳ



ସୟଦ ମୁସ୍ତାଫିଜ୍ ଅହମଦ



ସହଦାଇ ଓରାମ



ଶରତ କୁମାର କର



ସୂର୍ଯ୍ୟ ନାରାୟଣ ପାତ୍ର

## ସମ୍ପାଦକୀୟ

# ସମୁଦ୍ର ବସନେ ଦେବୀ....

ଯେଉଁ ମାଟିରେ ଆମେ ପାଦ ଥୋଇଛୁ ସେଇ ମାଟିକୁ ଆମକୁ ଭଲ ପାଇବାକୁ ହୁଏ । ତେଣୁ ସମାଜ ତଥା ଜାତିର ଆଦର୍ଶକୁ ହୃଦବୋଧ କରି ବ୍ୟକ୍ତି ଆଗୁସାର ହୁଏ । ଏହା ହିଁ ଅଗ୍ରଗତି । ସମାଜ ବା ରାଷ୍ଟ୍ର ଯଦି ନିଜର ପ୍ରକୃତ ଶକ୍ତିକୁ ଆବିଷ୍କାର କରି ନପାରେ ତା'ହେଲେ ନିଜକୁ କିମ୍ବା ଅନ୍ୟକୁ ଦିଗ୍‌ଦର୍ଶନ ଦେବା ସହଜ ହୁଏ ନାହିଁ । ସୁତରାଂ ଏଇ ପରିପ୍ରେକ୍ଷୀରେ ଐତିହାସିକ ଚେତନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପ୍ରାଗୈତିହାସିକ ମଣିଷର କ୍ଷୁଧା, ତୃଷା, ଜୀବନ ଯନ୍ତ୍ରଣା ଏତେ ବ୍ୟକ୍ତିକେନ୍ଦ୍ରିକ ଯେ ବିଶ୍ୱ ଜୀବନର ବିପୁଳ ବ୍ୟାପ୍ତିରୁ କେତୋଟି ଝଲକ ମଧ୍ୟ ତା' ହୃଦୟରେ ଉତ୍କୀର୍ଣ୍ଣ ହୁଏ ନାହିଁ । କିନ୍ତୁ ସେଇ ମଣିଷ ଯେତେବେଳେ ନିଆଁ ଜାଳେ, କାଠ କାଟେ, ପଥର ଭାଙ୍ଗେ, ବସତି ନିର୍ମାଣ କରେ, କୃଷି କର୍ମରେ ପ୍ରବୃତ୍ତ ହୁଏ, ସନ୍ତାନସନ୍ତତିଙ୍କୁ ଲାଳନପାଳନ କରେ, ବାଣିଜ୍ୟ ବ୍ୟବସାୟ କରେ ଇତିହାସର ଶୀର୍ଣ୍ଣ ପୃଷ୍ଠାରେ ହଠାତ୍ ଚମକ ଆଣେ ସ୍ୱର୍ଣ୍ଣଯୁଗର ପ୍ରାଞ୍ଜଳ ଅଧ୍ୟାୟ । ତା'ପରେ ଉଜ୍ଜୟିନୀ, ବାଇଜାନ୍ଟିଅମ୍‌ର ମଳୟ ସ୍ପର୍ଶ ପ୍ରଫୁଲ୍ଲିତ କରେ ସମୃଦ୍ଧିର ସୁକୁମାର ଚେତନା ।

ଇତିହାସର ନଈ କୂଳେ କୂଳେ କେତେ ସଭ୍ୟତାର ସ୍ୱାକ୍ଷର ବାଲିରେ ଅଙ୍କା ମନୋଜ୍ଞ ମୂର୍ତ୍ତି ପରି ଆକର୍ଷିତ କରେ ପରବର୍ତ୍ତୀ ପିଢ଼ିର ମଣିଷକୁ ପଢ଼ିବା ପାଇଁ ମହାଜୀବନର ଅମ୍ଳାନ ଶିଳାଲେଖ । ଜଣେ କନିଷ୍କ, ଜଣେ ଅଶୋକ, ଜଣେ ଗାନ୍ଧୀ, ଜଣେ ନେହେରୁଙ୍କ ପ୍ରତିମୂର୍ତ୍ତିରେ ଉତ୍କୀର୍ଣ୍ଣ ଶୌର୍ଯ୍ୟ ଐଶ୍ୱର୍ଯ୍ୟର ଅଙ୍ଗୀକାର ବର୍ତ୍ତମାନର ଦିଗ୍‌ବାରେଣି ହୋଇ ରହେ ।

ଅନାଶ୍ୱର, ଅତ୍ୟାଶ୍ୱର ଯେତେବେଳେ ଆସେ ସେତେବେଳେ ଅକ୍ଷୟ ମୂଲ୍ୟବୋଧର ସେତୁ ପ୍ରତିରୋଧ କରେ ଧ୍ୱଂସର ସୁଅକୁ । ଅର୍ଥନୀତିର ଧାରା ପରିବର୍ତ୍ତିତ ଓ ଉଦ୍‌ବର୍ତ୍ତିତ ହୁଏ ସମୂହ କଲ୍ୟାଣର ବ୍ରତକୁ ପ୍ରଚ୍ଛନ୍ନ ସ୍ୱୀକୃତି ଜ୍ଞାପନ କରି । ମଣିଷର ଚଲାବାଟରେ ଗୁଣ୍ଡେ ଗୁଳିବାର ଆହ୍ୱାନ ଆସେ ଶାସ୍ତ୍ରୀଜୀ, ବିନୋବା, ଜୟପ୍ରକାଶଙ୍କ କଣ୍ଠରୁ ।

ସ୍ୱାଧୀନତା ଭୂମିଷ୍ଠ ହୁଏ ପ୍ରଥମେ ହୃଦୟରେ, ତା'ପରେ ବ୍ୟାପ୍ତ ହୁଏ ତା'ର ଦୀପ୍ତି ସକାଳର ସୂର୍ଯ୍ୟ ପରି ହିରଣ୍ମୟ ଛଟାରେ ଦିଗ୍‌ବିଦିଗ । ଜାତି ନିର୍ମାଣ ମନ୍ତ୍ରରେ ଐକ୍ୟ ଧ୍ୱନି ତୋଳେ କୃଷକ, ଶ୍ରମିକ, ବଣିକ ଓ ସୈନିକ । ମୋଟା ମଜୁରିଆର କବି କବିତାର କଲ୍ଲୋଳ ସୃଷ୍ଟି କରେ । ସାମ୍ୟ ଓ ସମୃଦ୍ଧିର ମହାମନ୍ତ୍ର ଝଂକୃତ ହୁଏ ଜାତିର ବକ୍ଷଦେଶରେ । ନିଃସ୍ୱାର୍ଥ ହେଉ ଆମର ସାରଥି । କ୍ଷୁଧା ବିରୁଦ୍ଧରେ ସଂଗ୍ରାମ ହେଉ ତୀବ୍ରତର । ମାଟି ହେଉ ସୁଜଳା ସୁଫଳା, ମଳୟଜ ଶୀତଳା । ଦିବ୍ୟ ରସରେ ପୁଷ୍ଟ ହେଉ ବନସ୍ପତି । ୧୯୯୦ର ଅଗଷ୍ଟ ୧୫ ହେଉ ସମୃଦ୍ଧିର ନୂତନ ଶପଥ । ଯେଉଁ ମାଟିରେ ଆମେ ଠିଆ ହୋଇଛୁ ଆଉ ଥରେ ଆମେ ତାକୁ ପ୍ରଣିପାତ କରୁ ରାମତୀର୍ଥଙ୍କ ମାତୃମୂର୍ତ୍ତିର ଚିତ୍ର ହୃଦୟ ଫଳକରେ ଚିତ୍ରିତ କରି । ବନ୍ଦେ ମାତରମ୍ ।

ପ୍ରହରାଜ ସତ୍ୟନାରାୟଣ ନନ୍ଦ

# ସାମ୍ୟ ଓ ସମୃଦ୍ଧିର ନବଦିଗନ୍ତ

ଶ୍ରୀ ବିଜୁ ପଟ୍ଟନାୟକ

ଜାତୀୟ ଉନ୍ନୟନ ପରିଷଦର ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ପ୍ରତି ଆମର ଧାରଣାକୁ ଚୂଡ଼ାନ୍ତ ରୂପରେଖ ଦେବାପାଇଁ ଆମେମାନେ ଏଠାରେ ସମବେତ ହୋଇଛୁ। ସାମାଜିକ ପରିବର୍ତ୍ତନ ଓ ରୂପାନ୍ତରଣ ପଥରେ ଏହା ହେବ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ବାସ୍ତବ ଦୃଷ୍ଟିକୋଣରୁ 'ପ୍ରସ୍ତୁତି ପତ୍ର' (approach paper) ଉପସ୍ଥାପିତ କରିଥିବାରୁ ମୁଁ ଯୋଜନା କମିଶନଙ୍କୁ ଧନ୍ୟବାଦ ଜଣାଉଛି। ଏହା ହେବ ଭବିଷ୍ୟତ ଅଭିବୃଦ୍ଧିର 'ନୀଳ' ପାଣ୍ଡୁଲିପି। ଅବଶ୍ୟ ବିବିଧଭାବରେ ଏଥିରେ ଆଉ କେତେକ ବିଷୟ ସନ୍ନିବେଶିତ ହେବ। ବୈଷମ୍ୟ ଦୂର କରିବା ପାଇଁ ରୂପାୟନ ଯୋଜନାମାନ ସ୍ଥିର କରାଯିବ। ବିଭିନ୍ନ ଗୋଷ୍ଠୀର ଲୋକଙ୍କ ମନରୁ ଅସନ୍ତୋଷର ଭାବ ଅପସାରିତ କରାଯିବ। ସେମାନଙ୍କ ମନରେ ଲକ୍ଷ୍ୟ ହାସଲ କରିବା ପାଇଁ ଆତ୍ମପ୍ରତ୍ୟୟ ଓ ଆତ୍ମସମ୍ମାନ ଭରି ଦିଆଯିବ। ଲକ୍ଷ୍ୟ ତଥା ଲକ୍ଷ୍ୟାନୁଧାବିତ ଅଭିବୃଦ୍ଧି ସମ୍ପର୍କରେ ନିଃସନ୍ଦେହଭାବେ ଆମର ପର୍ଯ୍ୟାପ୍ତ ଅବବୋଧ ରହିଛି।

ଏହାଦ୍ୱାରା ବିଭିନ୍ନ କ୍ଷେତ୍ରରେ ତାରତମ୍ୟ ଦେଖାଦେଇଛି। ନିଯୁକ୍ତି ସୁବିଧା ହ୍ରାସ ପାଇଛି, ଶିଳ୍ପ ରୁଗ୍ଣ ହୋଇଛି। ଫଳରେ, ଚାକିରି ସଂଖ୍ୟା ହ୍ରାସ ପାଇଛି। ବିଭିନ୍ନ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ତଥା ଦେଶର ଅଞ୍ଚଳ, ଅଞ୍ଚଳ ମଧ୍ୟରେ ତାରତମ୍ୟ ବଢ଼ିଛି। ଲୋକମାନଙ୍କ ମଧ୍ୟରେ ଦେଖା ବ୍ୟାପକ ଅଶାନ୍ତି ଗଣତାନ୍ତ୍ରିକ ପଦ୍ଧତିରେ ସରକାର ପରିବର୍ତ୍ତନ କରିଛି। ତେଣୁ ପରିସ୍ଥିତି ସମୀକ୍ଷା କରି ଅଷ୍ଟମ ଯୋଜନା ପାଇଁ 'ପ୍ରସ୍ତୁତି ପତ୍ର' ଉପସ୍ଥାପିତ ହୋଇଛି। ଏଥିରେ ସମନ୍ୱିତ ଗ୍ରାମ ଉନ୍ନୟନ ମାଧ୍ୟମରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ସକ୍ରିୟଭାବେ ସଂଶ୍ଳିଷ୍ଟ କରି ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବକମାନଙ୍କୁ ପ୍ରଧାନ ମାଧ୍ୟମ ରୂପେ ଉପଯୋଗ କରି ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇଛି।

ନିମ୍ନସ୍ତରର ଉତ୍ପାଦନ, ନିଯୁକ୍ତି, ବେକାରୀ ଏବଂ ଦାରିଦ୍ର୍ୟର ବିଷବୃତ୍ତ ଅତିକ୍ରମ କରିବା ଆମ ପାଇଁ ବାସ୍ତବରେ ଏକ ଆହ୍ୱାନ। ଅଧିକ କାର୍ଯ୍ୟ ଦକ୍ଷତା ଏବଂ ଉନ୍ନୟନ ନିମନ୍ତେ ପ୍ରତ୍ୟେକ ସଂସ୍ଥାରେ ଉତ୍ପାଦନ ହିଁ ଆମର ପ୍ରଧାନ ଲକ୍ଷ୍ୟ। ଅର୍ଥନୀତିକ ସମୃଦ୍ଧିକୁ କେବଳ 'ହାର'ରେ ହିସାବ କରାଯାଏ ନାହିଁ। 'ଅଭିବୃଦ୍ଧିର ହାର' ଅପେକ୍ଷା ବିକାଶର 'ଆଧେୟ' ଉପରେ ଅଧିକ ପ୍ରାଧାନ୍ୟ ଦିଆଯିବା ଉଚିତ। ଅଭିବୃଦ୍ଧି ସମତା ସହିତ ସମ୍ମିଳିତ ହେବା ଉଚିତ। ଯୁକ୍ତିଯୁକ୍ତ ତଥା ଜୀବନର ସର୍ବନିମ୍ନ ବଞ୍ଚିବାର ମାନ ନିମନ୍ତେ ଯେତେ ଶୀଘ୍ର ସମ୍ଭବ ପ୍ରତ୍ୟେକଙ୍କୁ ଅତ୍ୟାବଶ୍ୟକୀୟ ସୁବିଧା ପ୍ରଦାନ କରାଯିବା ଉଚିତ। ଅସୁବିଧାଗ୍ରସ୍ତ ଏବଂ ସମାଜର ଅବହେଳିତ ଶ୍ରେଣୀର ଲୋକମାନଙ୍କ ପ୍ରତି ଅଧିକ ଦୃଷ୍ଟି ଦିଆଯିବା ଉଚିତ। ଏଥିସହିତ ଉନ୍ନୟନ ସୁଫଳର ଅଧିକ ବିସ୍ତାରଶୀଳ ଏବଂ ବ୍ୟାପକ ବିକେନ୍ଦ୍ରୀକରଣ ଅଞ୍ଚଳ ଓ ଶ୍ରେଣୀଗୁଡ଼ିକ ମଧ୍ୟରେ ହେବା ଉଚିତ। ଅନ୍ୟ କଥାରେ କହିଲେ, ସାମ୍ୟର ସହିତ ଅଭିବୃଦ୍ଧି ଏବଂ ଅଞ୍ଚଳ, ଅଞ୍ଚଳ ମଧ୍ୟରେ ସମାଜର ବିବିଧ ଗୋଷ୍ଠୀ ମଧ୍ୟରେ ସନ୍ତୁଳିତ ଆକାରରେ ଉନ୍ନୟନର ସୁଫଳ ବଣ୍ଟନ, ଦାରିଦ୍ର୍ୟ ଏବଂ ବେକାରୀ ଏଇ ଯମଜ ସମସ୍ୟାର ସମାଧାନ ଆମର ପ୍ରାଥମିକ ଲକ୍ଷ୍ୟ ହେବା ଉଚିତ। ଏହି ପ୍ରସଙ୍ଗରେ ମୁଁ ଉଲ୍ଲେଖ କରିପାରେ ଯେ ବଲାଙ୍ଗୀର ଏବଂ କଳାହାଣ୍ଡି ଦୁଇଟି ଜିଲ୍ଲାକୁ ବେକାରୀମୁକ୍ତ ଜିଲ୍ଲା ରୂପେ ଏହି ଯୋଜନା କାଳ ମଧ୍ୟରେ ସଙ୍ଗତି ମାଧ୍ୟମରେ ବାସ୍ତବ ରୂପ ଦେବାପାଇଁ ଯୋଜନା ପ୍ରବର୍ତ୍ତିତ ହେବ।

ଏହି ପ୍ରସଙ୍ଗରେ ମୁଁ ବିଶେଷଭାବରେ ପରାମର୍ଶ ଦେବି ଯେ ଅଭାବଗ୍ରସ୍ତ ଇଲାକା ଏବଂ ଅନଗ୍ରସର ରାଜ୍ୟ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ। ସେ ସବୁ ସ୍ଥାନର ଲୋକ ଅର୍ଥନୀତିକ ଅଭିବୃଦ୍ଧିର ପ୍ରଧାନ ସ୍ରୋତରେ ଯେପରି ସାମିଲ ହୁଅନ୍ତି ସେଥିପାଇଁ ବିଶେଷ ପଦକ୍ଷେପ ନିଆଯିବା ଆବଶ୍ୟକ। ଦୃଷ୍ଟାନ୍ତ ସ୍ୱରୂପ, ୫୦ ବର୍ଷର ଯୋଜନା ଏବଂ ସମୃଦ୍ଧି ପରେ ଆମ ରାଜ୍ୟ ଏ ଯାବତ୍ ଅନ୍ୟ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ତୁଳନାରେ ଆପେକ୍ଷିକଭାବେ ଉନ୍ନତ ଅବସ୍ଥାରେ ପହଞ୍ଚି ନାହିଁ। ଓଡ଼ିଶାର ଅର୍ଥନୀତି ଏ ପର୍ଯ୍ୟନ୍ତ କୃଷିଭିତ୍ତିକ ମାଟିର ମର୍ଯ୍ୟାଦା ବିଶେଷଭାବରେ ବଜାଏ ରଖିଛି। କୃଷିର ଅବଦାନ ଘରୋଇ ଉତ୍ପାଦନ କ୍ଷେତ୍ରରେ ପ୍ରାୟ ୬୦ % ପାଖାପାଖି ସ୍ଥିର ରହିଛି। ଷଷ୍ଠ ଯୋଜନା ଏବଂ ସପ୍ତମ ଯୋଜନା କାଳରେ ଅର୍ଥନୀତିର ଆଉ ଏକ ବିଭାବ ହେଉଛି ବର୍ଷ ବର୍ଷ ଧରି ସମୁଦାୟ ଘରୋଇ ଉତ୍ପାଦନ ପ୍ରତି ପାରସ୍ପରିକ କ୍ଷେତ୍ରରେ ଅବଦାନର ଆଖିଦୃଶିଆ ପରିବର୍ତ୍ତନ ନାହିଁ। ସ୍ପଷ୍ଟ ବୁଝାପଡ଼େ ଯେ ଜାତୀୟ ସ୍ତର ତୁଳନାରେ ଗଠନାତ୍ମକ ପରିବର୍ତ୍ତନର ଛନ୍ଦ ଆପେକ୍ଷିକଭାବେ ମନ୍ଥର। ଓଡ଼ିଶାର ମୁଣ୍ଡପିଛା ଉପାର୍ଜନ ସହିତ ଜାତୀୟ ସ୍ତରର ଉପାର୍ଜନକୁ ତୁଳନା କଲେ ଏହା ବୁଝାପଡ଼େ। ସ୍ଥିର ରହିଥିବା ଏବଂ ସମ୍ପ୍ରତି ପ୍ରଚଳିତ ଦରଦାମ ଅନୁଯାୟୀ ରାଜ୍ୟର ମୁଣ୍ଡପିଛା ଆୟ ଅଧିକ ହୋଇଥିଲେ ମଧ୍ୟ ଜାତୀୟ ସ୍ତରରେ ହାସଲ କରାଯାଇଥିବା ଉନ୍ନତି ତୁଳନାରେ ଅଭିବୃଦ୍ଧିର ସ୍ତର ତାଳ ମିଳାଇ ଚାଲିପାରୁ ନାହିଁ। ଓଡ଼ିଶାର ମୁଣ୍ଡପିଛା ଆୟ ଏବଂ ଜାତୀୟ ସ୍ତର ସହିତ ରହିଥିବା ପାର୍ଥକ୍ୟ ଷଷ୍ଠ ଯୋଜନା କାଳରେ ଅର୍ଥପୂର୍ଣ୍ଣଭାବେ ବୃଦ୍ଧି ପାଇବାରେ ଲାଗିଛି। ଏଇ ପାର୍ଥକ୍ୟ ପରବର୍ତ୍ତୀ ଯୋଜନା କାଳରେ ଆହୁରି ବୃଦ୍ଧି ପାଇବ। ଫଳରେ ରାଜ୍ୟ ସ୍ତରରେ ଅଭିବୃଦ୍ଧିର ହାର ମନ୍ଥର ହେବାର ସୂଚନା ମିଳେ। ପ୍ରଚଳିତ ମୂଲ୍ୟସୂଚୀରେ ୧୯୮୦-୮୧ ମସିହାରେ ଏଇ ପାର୍ଥକ୍ୟ ୩୬୬ ଟଙ୍କା ଥିବାବେଳେ ୧୯୮୫-୮୬ରେ ଏହା ୬୭୩କୁ ବୃଦ୍ଧି ପାଇଛି। ୧୯୮୬-୮୭ରେ ୩୨୪ ଟଙ୍କାରୁ ୧୯୮୮-୮୯ରେ (ଦ୍ରୁତ ପରିସଂଖ୍ୟାନ ଅନୁଯାୟୀ) ଏହା ପ୍ରାୟ ୬୩୯୬କୁ ବୃଦ୍ଧି ପାଇଛି।

ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଆପେକ୍ଷିକ ଅନଗ୍ରସରତା ନିମ୍ନଲିଖିତ ତଥ୍ୟାବଳୀରୁ ଜଣାପଡ଼ିବ। ଉତ୍କଟ ଦାରିଦ୍ର୍ୟର ଚିତ୍ର ମଧ୍ୟ ପ୍ରତ୍ୟକ୍ଷ ହେବ। ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଦାରିଦ୍ର୍ୟର ତୀବ୍ରତା ଓଡ଼ିଶାରେ ବେଶୀ ଅନୁଭୂତ ହୁଏ। ଏଥିପାଇଁ ଯଥାଯୋଗ୍ୟ ପ୍ରତିକାର ବ୍ୟବସ୍ଥା ଆବଶ୍ୟକ। ବିଶେଷ କରି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ବିକେନ୍ଦ୍ରୀକରଣ ଆବଶ୍ୟକ। ମୋ ମତରେ ସମ୍ପ୍ରତି ପ୍ରବର୍ତ୍ତିତ ଗାଡ଼ଗିଲ୍ ସୂତ୍ରରେ ଅନଗ୍ରସରତାର ପୂର୍ଣ୍ଣସୂଚୀ ଅତିରିକ୍ତଭାବେ ଗୃହୀତ ହେବା

ଉଚିତ । ଉପଯୁକ୍ତ ଯୋଜନା ପ୍ରସ୍ତୁତ କରାଗଲେ ଆପେକ୍ଷିକଭାବେ ଅନଗ୍ରସର ଏବଂ ଦାରିଦ୍ର୍ୟଗ୍ରସ୍ତ ଓଡ଼ିଶା ପରି ରାଜ୍ୟମାନ ଏହାର ସୁଫଳ ଲାଭ କରିପାରିବେ ।

ମୁଁ ନିଶ୍ଚିତ ଯେ ସଭାପତି ମୋ ସହିତ ଏ ବିଷୟରେ ସହମତ ହେବେ । ବଢ଼ି ଚାଲିଥିବା ଏପରି ବୈଷମ୍ୟକୁ ବିଶେଷ ପଦକ୍ଷେପ ଗ୍ରହଣ ଦ୍ୱାରା ନିୟନ୍ତ୍ରିତ କରିହେବ । ଏ ସମ୍ପର୍କରେ ବର୍ତ୍ତମାନ ମୁଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବି ନାହିଁ । କିନ୍ତୁ ମୋର ବିଶ୍ୱାସ ଏପରି ସମସ୍ୟା ସବୁ ଆମ ଅଷ୍ଟମ ଯୋଜନାର ପୂର୍ଣ୍ଣ ରୂପରେଖ ପ୍ରସ୍ତୁତ ହେଲେ ସମାହିତ ହୋଇପାରିବ ।

'ପ୍ରସ୍ତୁତି ପର୍ଯ୍ୟରେ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ମୁଁ ମୋର ମତାମତ ଦେବି । କ୍ଷୁଦ୍ର ଜଳସେଚନ, ମୃତ୍ତିକା ସଂରକ୍ଷଣ, ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗୃହ ନିର୍ମାଣ ଇତ୍ୟାଦି ଅର୍ଥନୈତିକ ଏବଂ ସାମାଜିକ ଅଭିବୃଦ୍ଧି କାର୍ଯ୍ୟକ୍ରମ ଯୋଜନା ଏବଂ ରୂପାୟନ ଦାୟିତ୍ୱରୁ ବେଶ୍ କିଛି ଆବଶ୍ୟକୀୟ ଆର୍ଥିକ ସମ୍ବଳ ଏବଂ କର୍ମଚାରୀ ସ୍ୱାୟତ୍ତ ଶାସନର ନିର୍ବାଚିତ ପ୍ରତିନିଧିଙ୍କ ସଂସ୍ଥାକୁ ହସ୍ତାନ୍ତର କରାଗଲେ ବର୍ତ୍ତମାନ ଅନେକ ସମସ୍ୟା ସମାହିତ ହୋଇପାରିବ । ଆହୁରି କୁହାଯାଇଛି ଯେ ଗ୍ରାମର ପଞ୍ଚାୟତି ସ୍ତରରେ ସ୍ଥାନୀୟ ଅଞ୍ଚଳର ଯୋଜନାମାନ ପ୍ରଥମେ ନିଯୁକ୍ତି ସୁବିଧା, ଉତ୍ପାଦନ ଏବଂ ବିଭିନ୍ନ ଅର୍ଥନୀତିକ ଉଦ୍ୟୋଗ ମାଧ୍ୟମରେ ଅର୍ଜନ ପ୍ରତି ଲକ୍ଷ୍ୟ ରଖିବ । ଏ ସବୁ କର୍ମପନ୍ଥା ସହିତ ସହମତ ହେବାବେଳେ ଆମେ ମନେରଖିବା ଉଚିତ କର୍ମନିଯୁକ୍ତି ଉତ୍ପାଦନାତ୍ମକ ଏବଂ ପ୍ରାସଙ୍ଗିକ ହେବା ଉଚିତ । କର୍ମପ୍ରାର୍ଥୀମାନଙ୍କର କାମ କରିବା ପାଇଁ ଆଇନଗତ ଅଧିକାର ରହିଛି । ସେହିପରିଭାବେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କର ସୁଷ୍ଠୁ ରୂପେ କାର୍ଯ୍ୟ କରିବା ଏବଂ ସମ୍ବଳ ବୃଦ୍ଧି କରିବା କର୍ତ୍ତବ୍ୟ ଅନ୍ତର୍ଭୁକ୍ତ । ଅଧିକ କାମ କରିବା ଏବଂ ଅଧିକ ଉତ୍ପାଦନ କରିବା ଆମ ଯୋଜନାର ଲକ୍ଷ୍ୟ ହେବା ଉଚିତ । ଏଇ ପଦ୍ଧତିରେ ଜାତି ଲାଭବାନ ହୁଏ ।

ଜିଲ୍ଲାସ୍ତର ଏବଂ ବ୍ଲକସ୍ତରରେ ଆବଶ୍ୟକ ଯୋଜନାର ପ୍ରଣୟନ ଏବଂ ରୂପାୟନ ସମେତ ଯୋଜନା ପଦ୍ଧତିର ବିକେନ୍ଦ୍ରୀକରଣ ଆବଶ୍ୟକ । ଏହାଦ୍ୱାରା ଲୋକମାନଙ୍କର ଅନ୍ତର୍ନିହିତ ଶକ୍ତି ଯୋଜନା ପ୍ରୟାସ ଏବଂ ତ୍ରୁଟି ଦୂର କରିବାରେ ଉପଯୋଗ କରାଯାଇ ପାରିବ । ନିର୍ବାଚିତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ J. R. Y. ଇତ୍ୟାଦି ସମସ୍ତ ଗ୍ରାମ୍ୟ ନିଯୁକ୍ତି ଯୋଜନାର ରୂପାୟନ ଦାୟିତ୍ୱ ଦିଆଯିବା ବୁଦ୍ଧିମାନର କାର୍ଯ୍ୟ ।

ମନୋଭାବକୁ ଠିକ୍‌ଭାବରେ ପରିଚାଳିତ କରିବା ଏବଂ ସମାଜର ସର୍ବନିମ୍ନ ସ୍ତରରେ ନିର୍ମଳ ତଥା ସ୍ୱାର୍ଥରହିତ ପ୍ରଶାସନ ପଦ୍ଧତି ପ୍ରବର୍ତ୍ତିତ କରିବା ସର୍ବାଦୌ ଆବଶ୍ୟକ । ଏଇସବୁ ଉଦ୍ୟୋଗର ଅଭାବରେ ଶ୍ରମ, ସମ୍ବଳ ଏବଂ ପୁଞ୍ଜି ମାଧ୍ୟମରେ ଆମେ ଆମର ଅଭିଳଷିତ ଲକ୍ଷ୍ୟ ସାଧନ କରିପାରିବା ନାହିଁ ।

କୃଷି ହିଁ ଆମର ପ୍ରଧାନ ଭିତ୍ତି ତେଣୁ ଏ ସମ୍ପର୍କରେ ବିଶେଷ ଅନୁଧ୍ୟାନ ଆବଶ୍ୟକ । ଏହି କ୍ଷେତ୍ରରେ ଆମର ବହୁବିଧ କାର୍ଯ୍ୟାବଳୀର ସମ୍ପୂର୍ଣ୍ଣ (Reorientation) ପୁନଃନିର୍ଦ୍ଧାରଣ ଆବଶ୍ୟକ ବିଶେଷତଃ କୃଷି କ୍ଷେତ୍ରରେ । କୃଷିପ୍ରଧାନ ଅଞ୍ଚଳ, ଶୁଷ୍କାଞ୍ଚଳ ଏବଂ ନଷ୍ଟଭୂମିର ଆବଶ୍ୟକତା ଆମେ ଭଲଭାବରେ ହୃଦବୋଧ କରିବା ଉଚିତ । ଉପଯୁକ୍ତ କୃଷିଭିତ୍ତିକ ଶିଳ୍ପର ସମ୍ଭାବନାମାନ ସୃଷ୍ଟି କରିବା ପାଇଁ ଫଳ ବୃକ୍ଷ, ରେଶମ ବୃକ୍ଷ ଏବଂ କେଶ୍‌ଡ଼ୁର ଅଭିବୃଦ୍ଧି ଉପରେ ଅଧିକତର ଗୁରୁତ୍ୱ ଆବଶ୍ୟକ । ଭିତର ଗ୍ରାମାଞ୍ଚଳ, ଗ୍ରାମାଞ୍ଚଳ ଏବଂ ଆଦିବାସୀ ଇଲାକାମାନଙ୍କର କୃଷିଜୀବିମାନେ ଏସବୁ ଦ୍ୱାରା ବିଶେଷ ଉପକୃତ ହେବେ । କେବଳ ନିଯୁକ୍ତି ସୁବିଧା ନୁହେଁ, ଉତ୍ପନ୍ନ ଦ୍ରବ୍ୟକୁ ଅଧିକ ମୂଲ୍ୟରେ ବିକ୍ରି ଆହୁରି ବେଶୀ ଉପାର୍ଜନ କରିପାରିବେ । ଏଯାଏଁ ବିଶେଷଭାବେ ପରୀକ୍ଷା ନିରୀକ୍ଷା ହୋଇନଥିବା ଦୁଗ୍ଧ ଉତ୍ପାଦନ, କୁକୁଡ଼ା ପାଳନ, ମତ୍ସ୍ୟ ପାଳନ, ରେଶମପୋକ ଚାଷ ପ୍ରଭୃତି ପରିପୂରକ କ୍ଷେତ୍ରରେ ଅଭିବୃଦ୍ଧିର ସମ୍ଭାବନା ଯଥେଷ୍ଟ ଅଧିକ । ଏଗୁଡ଼ିକ ସୁସଙ୍ଗତ ପଦ୍ଧତିରେ ଗ୍ରାମାଞ୍ଚଳ ନିଯୁକ୍ତି ତଥା ସହରାଞ୍ଚଳ ପ୍ରତି ଭ୍ରାନ୍ତ ଆସକ୍ତି ଦୂର କରିବା ପାଇଁ ସହାୟକ ହେବ । ଆମର ଅନୁନ୍ନତ ଇଲାକାମାନଙ୍କରେ ପ୍ରଗତିର ଛନ୍ଦ ଦ୍ରୁତତର କରିବା ପାଇଁ ଏସବୁ ଉଦ୍ୟମ ପ୍ରାସଙ୍ଗିକ ହେବ । ଯେଉଁ ଅଞ୍ଚଳକୁ ଯୋଗାଯୋଗ ନାହିଁ, ଯେଉଁଠି ବିପଣନ ସୁବିଧା ନାହିଁ, ବିବିଧ ସଂସ୍ଥା ଦ୍ୱାରା ଯେଉଁଠି ଲୋକ ଅତ୍ୟାଚାରିତ ସେ ସବୁ ଅଞ୍ଚଳ ସମୁନ୍ନତ ହୋଇପାରିବ ।

କୃଷିର ଉପଜୀବ୍ୟ ରୂପେ ଜଳସେଚନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ । ସମ୍ପ୍ରତି କାର୍ଯ୍ୟକ୍ଷମ ସମସ୍ତ ବୃହତ୍ ଏବଂ ମଧ୍ୟମ ଧରଣର ସେଚ ଶିଘ୍ର ଯଥାଶୀଘ୍ର ସମ୍ପୂର୍ଣ୍ଣ ହେବା ଉଚିତ । କ୍ଷୁଦ୍ର ଜଳସେଚନ ଏବଂ ଉଠାଜଳସେଚନ ଅଷ୍ଟମ ଯୋଜନା କାଳରେ ଅଧିକତର ଗୁରୁତ୍ୱଲାଭ କରିବା ଉଚିତ । ଅନ୍ୟାନ୍ୟ ଅନେକ କ୍ଷେତ୍ରଭଳି ଏହି କ୍ଷେତ୍ରରେ ମଧ୍ୟ ଆମେ ଅନେକ ସୁବିଧା ସୁଯୋଗ ହରାଇ ବସିଛୁ । ଆମେ ଯଦି ପଣ୍ଡିତ ନେହେରୁଙ୍କର ସ୍ୱପ୍ନ ବାସ୍ତବରେ ରୂପାୟିତ କରିବାଭଳି ଭାଗ୍ୟବାନ ହୋଇଥାନ୍ତୁ, ଷଷ୍ଠ ଦଶକର ଆଦ୍ୟରେ ମହାନଦୀର ଟିକରପଡ଼ା ପ୍ରକଳ୍ପ କାର୍ଯ୍ୟକାରୀ କରିଥାନ୍ତୁ । ଓଡ଼ିଶାର ଅର୍ଥନୀତି ନୂଆ ମୋଡ଼ ନେଇଥାନ୍ତା । ଅବଶ୍ୟ ବହୁମୁଖୀ ରେଙ୍ଗାଲି ଯୋଜନା ଯଦି ଶୀଘ୍ର କାର୍ଯ୍ୟକାରୀ ହୁଏ, ଆମ ନଷ୍ଟ ସ୍ୱପ୍ନର କିଛି ଅଂଶ ପୁନରୁଦ୍ଧାର କରାଯାଇପାରିବ । ମୁଁ ଏ କଥା କହିବାର ବିଶେଷ ଉଦ୍ଦେଶ୍ୟ ଜଳସେଚନ ଫୁଆରାଗୁଡ଼ିକ ସଫଳ ହେଲେ ଆଗାମୀ ସାତବର୍ଷ ବା ତା' ପୂର୍ବରୁ ସମ୍ପୂର୍ଣ୍ଣ ହେବ । ସମ୍ପ୍ରତି ନିର୍ମିତ ହୋଇଥିବା ବନ୍ଧ ଏବଂ ଶକ୍ତି ଉତ୍ପାଦନ କାରଖାନାର ପୂର୍ଣ୍ଣ ସୁଯୋଗ ମଧ୍ୟ ନେଇପାରିବା । ଆମ ଜଳଭଣ୍ଡାରଗୁଡ଼ିକର ସର୍ବାଧିକ ଉପଯୋଗ ନିମନ୍ତେ ବିବିଧ ଇଲାକାରେ ଉପଲବ୍ଧ ଜଳସେଚନ ଶକ୍ତି ଅନୁପାତରେ ଆମେ ଜଳସେଚନ କ୍ଷେତ୍ରରେ ଅର୍ଥ ନିୟୋଗ କରିବା । ଜଳସେଚନ ପାଇଁ ଅର୍ଥ ନିୟୋଗର ସାମର୍ଥ୍ୟ ୧୧ % ଥିବାବେଳେ ଆମେ ଯଦି ଏହି କ୍ଷେତ୍ରରେ ମାତ୍ର ୨ % ନିୟୋଗ କରୁ ଓଡ଼ିଶାର ଅଗ୍ରଗତି ବିଳମ୍ବିତ ହେବନାହିଁ କି ?

ମୋର ଦୃଢ଼ ବିଶ୍ୱାସ ଅଷ୍ଟମ ଯୋଜନାରେ ଗ୍ରହଣ କରାଯାଇଥିବା ଆଭିମୁଖ୍ୟଗୁଡ଼ିକ ମଧ୍ୟରୁ ଶିକ୍ଷା, ସ୍ୱାସ୍ଥ୍ୟଭଳି ସାମାଜିକ ସେବା କ୍ଷେତ୍ରରେ ଅଧିକତର ପ୍ରାଧାନ୍ୟର ଆବଶ୍ୟକତା ରହିଛି । ସମାଜର ଦଳିତବର୍ଗ ତଥା ଅବହେଳିତ ଗୋଷ୍ଠୀ ବିଶେଷତଃ ନାରୀ, ଅନୁସୂଚିତ ଜାତି ଓ ଉପଜାତିର ଲୋକମାନେ ଏହି ଅଭିବୃଦ୍ଧିର ସୁଫଳ ଦ୍ୱାରା ଉପକୃତ ହେବେ । ଏପରି ପରିବର୍ତ୍ତନ ଜନସଂଖ୍ୟା ନିୟନ୍ତ୍ରିତ କରିବାରେ ଅଧିକ ସହାୟକ ହେବ । ଆମ ଶିକ୍ଷା ନୀତିରେ ଯଦି ବଡ଼ ଧରଣର ପରିବର୍ତ୍ତନ ଅଣାଯାଏ, ଅଧିକତର ସାମ୍ୟର ଆଭିମୁଖ୍ୟ ଆମେ ହାସଲ କରିପାରିବା । ବିଭିନ୍ନ ସ୍ତରରେ ଯଥାଯଥ ବୈଷୟିକ ସୁବିଧା ପ୍ରଦାନ କରିପାରିବା । ଗଣଶିକ୍ଷା ଏବଂ ଜନସାଧାରଣଙ୍କ ନୈପୁଣ୍ୟ ଅଭିବୃଦ୍ଧି ତଥା ମୌଳିକ ଏବଂ ମାଧ୍ୟମିକ ଶିକ୍ଷା ଏହି ଦଶକ ଶେଷ ମଧ୍ୟରେ ସମ୍ପୂର୍ଣ୍ଣ ନିରକ୍ଷରତା ଦୂରୀକରଣ ଲକ୍ଷ୍ୟ ହାସଲ ପାଇଁ ଅତୀବ ଜରୁରୀ । ସାକ୍ଷରତା ଆନ୍ଦୋଳନରେ ସମସ୍ତ ମାଧ୍ୟମିକ ସ୍କୁଲ ଶିକ୍ଷାର୍ଥୀ ଅଂଶଗ୍ରହଣ କରିବା ପାଇଁ ମୁଁ ଏକ ଯୋଜନା ହାତକୁ ନେଇଛି । ଏହି ପ୍ରସଙ୍ଗରେ ମୁଁ ଆନନ୍ଦର ସହିତ ଘୋଷଣା କରୁଛି ଯେ, ଅଷ୍ଟମ ଯୋଜନା କାଳରେ କଳାହାଣ୍ଡି ଓ ବଲାଙ୍ଗୀର 'ପୂର୍ଣ୍ଣ ସାକ୍ଷର ଜିଲ୍ଲା' ରୂପେ ସ୍ୱୀକୃତ ହେବାପାଇଁ ଆମେ ବିଶେଷ କର୍ମପନ୍ଥା ଗ୍ରହଣ କରୁଛୁ ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ବିବିଧ ସମସ୍ୟାର ସମାଧାନ ପାଇଁ ଆମେ ବହୁବିଧ ପଦକ୍ଷେପ ଗ୍ରହଣ କରିଛୁ । ଶିକ୍ଷା, ବିଶେଷତଃ ନାରୀ ଶିକ୍ଷାର ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ମହାନ ଅବଦାନ ରହିଛି । ଜନ ନିୟନ୍ତ୍ରଣ କ୍ଷେତ୍ରରେ ନାରୀର ମର୍ଯ୍ୟାଦା, ନାରୀ ସାକ୍ଷରତା, ଦାୟିତ୍ୱଶୀଳ ମାତୃତ୍ୱ, ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ ବିଶେଷ ପଦକ୍ଷେପ ରୂପେ ସ୍ୱୀକୃତ । ମେଲେରିଆ, ଫାଇଲେରିଆ, କଳାଜ୍ୱର, ବାତଜ୍ୱର ରୋଗବାହକ ନିୟନ୍ତ୍ରଣ ମାଧ୍ୟମରେ ଉଚ୍ଛେଦ କରାଯାଇ ପାରିବ । ଶିଶୁ ମୃତ୍ୟୁ ହ୍ରାସ କରିବା ପାଇଁ ପ୍ରତିଷେଧକ ଯୋଜନା ବିଶେଷଭାବେ କାର୍ଯ୍ୟକାରୀ କରାଯିବା ଉଚିତ । ପୁଷ୍ଟିହୀନତା ଶିଶୁ ମୃତ୍ୟୁର ଗୁରୁତ୍ୱପୂର୍ଣ୍ଣ କାରଣ । ତେଣୁ ସମନ୍ୱିତ ଶିଶୁ

ବିକାଶ ଯୋଜନା ପାଇଁ ଅଧିକ ସୁବିଧା ଆବଶ୍ୟକ । ଶିଶୁମାନଙ୍କୁ ବିଶେଷ ଉପଯୋଗୀ ଖାଦ୍ୟ ଦିଆଯିବା ଆବଶ୍ୟକ । 'ପ୍ରସ୍ତୁତି ପର୍ବ'ରେ ଉଲ୍ଲେଖ କରାଯାଇଛି ଯେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେବା ଲାଭ ପାଇଁ ସମାଜର ଏହି ସମସ୍ତ ଗୋଷ୍ଠୀ ଯଥାଯଥ ବ୍ୟବସ୍ଥାର ବହନ କରିବା ଉଚିତ । ମୁଁ ଏଥିରେ ସମ୍ପୂର୍ଣ୍ଣ ଏକମତ ।

ସାମାଜିକ ସେବା କ୍ଷେତ୍ରରେ ସମ୍ଭବତଃ ଗ୍ରାମ୍ୟ କୃଷିଭିତ୍ତିକ ଶିଳ୍ପରେ ନିଯୁକ୍ତି ମୁଖ୍ୟତଃ ଗରିବ ଲୋକମାନଙ୍କର କ୍ରୟଶକ୍ତି ବୃଦ୍ଧି କରିବ । ଏଥିପାଇଁ ଆମେ ବିଶେଷ ଉଦ୍ୟମ କରିବା ଆବଶ୍ୟକ । ଅବଶ୍ୟ ପୁନର୍ଗଠିତ ଅଧିକ ଦକ୍ଷ ଏବଂ ବିକେନ୍ଦ୍ରିତ ସାଧାରଣ ଯାବଣ୍ଟନ ସଂସ୍ଥା (P. D. S.) ମାଧ୍ୟମରେ ଆମେ ସେମାନଙ୍କୁ ଆବଶ୍ୟକୀୟ ଖାଦ୍ୟ ନିରାପତ୍ତା ଯୋଗାଇଦେବା ଉଚିତ । ବିଶେଷତଃ ଗ୍ରାମାଞ୍ଚଳଗୁଡ଼ିକରେ ଏହା ବିସ୍ତାରିତ କରାଯିବା ଉଚିତ । ସ୍ଥାନୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଏବଂ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଏଥିରେ ବିଶେଷ ଦାୟିତ୍ୱ ନେବା ଉଚିତ । ଅପବ୍ୟୟ ବନ୍ଦ କରିବା ଏବଂ ମୂଲ୍ୟ ହ୍ରାସ କରିବା ସମାନଭାବେ ଗୁରୁତ୍ୱପୂର୍ଣ୍ଣ । 'ପ୍ରସ୍ତୁତି ପର୍ବ'ରେ ଉଲ୍ଲେଖ କରାଯାଇଥିବା ଭଳି ନିମ୍ନ ଆୟକାରୀ ଗୋଷ୍ଠୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆମେ ଉପଯୁକ୍ତ ଖାଦ୍ୟ ସଂଗ୍ରହ କରିବା ଉଚିତ ।

ଶିଳ୍ପ ସମୃଦ୍ଧିର ପଦକ୍ଷେପ ଆମର ବିଶେଷ ଦୃଷ୍ଟି ଆକର୍ଷଣ କରେ । ଏହି କ୍ଷେତ୍ରରେ ସଫଳ ବୃଦ୍ଧି କରିବାର ଆବଶ୍ୟକତା, ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିର ଆବଶ୍ୟକତା, ଅର୍ଥ ପ୍ରଦାନରେ ଭାଗସାମ୍ୟ ରଖିବାର ସମସ୍ୟା, ରପ୍ତାନୀ କ୍ଷେତ୍ରରେ ସର୍ବନିମ୍ନ ୧୨% ଅଭିବୃଦ୍ଧିର ଆବଶ୍ୟକତା, ବୈଷୟିକ ବିଦ୍ୟାର ଆଧୁନିକୀକରଣ ଓ ସାମ୍ପ୍ରତିକୀକରଣ ଆବଶ୍ୟକତା, ଯାନ୍ତ୍ରିକ ନବୀକରଣର ଆବଶ୍ୟକତା, ପରିବେଶ ସମସ୍ୟା ତଥା ଶକ୍ତି ଏବଂ ପରିବହନ କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମି ସୁବିଧା ସମନ୍ୱିତଭାବରେ ଆମର ଦୃଷ୍ଟି ଆକର୍ଷଣ କରେ । ଆମର ସଫଳ ଯେପରି ସର୍ବାଧିକ ମୂଲ୍ୟଯୁକ୍ତ ଉତ୍ପାଦନ ବିକାଶ ଦିଗରେ ଉପଯୋଗ ହୋଇପାରେ ଏବଂ ସବୁ କ୍ଷେତ୍ରରେ ମୂଲ୍ୟ ନିର୍ଦ୍ଦିଷ୍ଟ ରହିପାରେ ଏବଂ ଶକ୍ତିର ତଥା ଅନ୍ୟାନ୍ୟ ଭିତ୍ତିଭୂମିକ ସୁବିଧାର ଅଧିକ ଦକ୍ଷ ଉପଯୋଗ ହୋଇପାରେ, ସେଥିପ୍ରତି ବିଶେଷ ନଜର ଆବଶ୍ୟକ । 'ପ୍ରସ୍ତୁତି ପର୍ବ'ରେ ସଠିକଭାବରେ ଦର୍ଶାଯାଇଛି ଯେ କେତେକ ଅଞ୍ଚଳରେ ନିଯୁକ୍ତି ପ୍ରଥମ ପ୍ରାଧାନ୍ୟ ପାଇବାର ଆବଶ୍ୟକତା ନାହିଁ । ଅବଶ୍ୟ ଯେଉଁଠି ଖାଉଟି ଦ୍ରବ୍ୟର ଅତିରିକ୍ତ ଚାହିଦା ରହିଛି ବିକେନ୍ଦ୍ରୀକରଣ ଭିତ୍ତିରେ ବିଶେଷ ଶ୍ରମ ମାଧ୍ୟମରେ ଏହା ହୋଇପାରିବ ଏବଂ ଆମର ଲକ୍ଷ୍ୟ ହେବ ଉତ୍ପାଦନ ବୃଦ୍ଧି ଓ ମୂଲ୍ୟ ନିୟନ୍ତ୍ରଣ ।

ଯେଉଁଠି ସମ୍ଭବ, ପ୍ରଭାବଶାଳୀ କ୍ଷୁଦ୍ରଶିଳ୍ପ ସଂସ୍ଥାମାନ ସ୍ଥାପନ କରାଯିବ । କୌଣସି ବିରକ୍ତିକର ନୀତି ନିୟମର ନିଗଡ଼ରେ ନିବଦ୍ଧ ନହୋଇ ସ୍ଥାନୀୟ ସମ୍ପର୍କ ଏବଂ ଲୋକଶକ୍ତି ଉପଯୋଗ ମାଧ୍ୟମରେ ଏହା କାର୍ଯ୍ୟ କରିବ । ଏଗୁଡ଼ିକ ଆଧୁନିକ ହୋଇପାରେ, ପାରମ୍ପରିକ ମଧ୍ୟ ହୋଇପାରେ । ଆମର ମୁଖ୍ୟ ଉତ୍ପାଦନ ଏବଂ କଞ୍ଚାମାଲ ଯେପରି ଅଧିକରେ ମୂଲ୍ୟବାନ ହୁଏ ସେଥିପ୍ରତି ଆମେ ଲକ୍ଷ୍ୟ ରଖିବା । କୃଷି ପାଣିପାଗ ବ୍ୟବସ୍ଥା ପ୍ରତି ଲକ୍ଷ୍ୟ ରଖି ଆମେ କୃଷି ଉତ୍ପାଦନକୁ ପୁନଃ ସଙ୍ଗଠିତ କରୁଛୁ । ବିଭିନ୍ନ ଅଞ୍ଚଳର ପ୍ରାକୃତିକ ସମ୍ପଦ ପୂର୍ଣ୍ଣ ମାତ୍ରାରେ ଉପଯୋଗ କରି ଅନୁରୂପଭାବେ ଆମେ ଶିଳ୍ପ ଉତ୍ପାଦନ କରିବା ଉଚିତ । ଅନ୍ୟଭାବେ କହିଲେ, ସବୁଠୁ ବିଧିବଦ୍ଧ ପଦ୍ଧତିରେ ଆମ୍ଭେମାନେ ଯେଉଁ ସବୁ ଅଞ୍ଚଳରେ ତୁଳନାତ୍ମକ ସୁବିଧା ରହିଛି ସେଗୁଡ଼ିକୁ ଉନ୍ନତ କରିବା । ଶକ୍ତି, ରାସ୍ତାଘାଟ, ରେଳ ଚଳାଚଳ, ବନ୍ଦର ବ୍ୟବସ୍ଥା ଇତ୍ୟାଦି ଭିତ୍ତିଭୂମି ସୁବିଧା ପ୍ରଭୃତି ଆବଶ୍ୟକତା ପରିପୂରଣ ଦିଗରେ ସହାୟକ ହେବ । ଦୃଷ୍ଟାନ୍ତ ସ୍ୱରୂପ, ଓଡ଼ିଶା ସମେତ ଆମ ଦେଶର ବହୁ ସ୍ଥାନରେ ଖଣିଜ ସମ୍ପଦ, ସମୁଦ୍ର ସମ୍ପଦ ଗଚ୍ଛିତ ଅଛି । ସମୁଦ୍ର ତୀର ଭୂମି ବା ତୀର ସହିତ ଯୋଗାଯୋଗ ରହିଛି । ଆଜି ଯେତେବେଳେ ବିଶ୍ୱର ଦୃଶ୍ୟପଟ ଦ୍ରୁତ ପରିବର୍ତ୍ତିତ ହେଉଛି ସେତେବେଳେ ସୁବିଧା ସୁଯୋଗକୁ ଏକ୍ତିଆର କରିବା ପାଇଁ ଆମେ ଆଗଭର ହେବା ଉଚିତ । ଅଭିବୃଦ୍ଧି ବା ପ୍ରୋତ୍ସାହନକୁ କ୍ଷୁର୍ଣ୍ଣ କରୁଥିବା ବିଳମ୍ବକାରୀ ନୀତି ନିୟମକୁ ଆମେ ନାକଚ କରିବା ଉଚିତ୍ । ଦୃଢ଼ ମନୋବଳର ସହିତ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଯଦି ଆଗୁସାର ହୁଅନ୍ତି ଜାତୀୟ ଆବଶ୍ୟକତା ପୂର୍ଣ୍ଣ ହୋଇ ପାରିବ । ଏପରି ଅଭିବୃଦ୍ଧି କେନ୍ଦ୍ରର ଦ୍ରୁତ ପ୍ରଗତି ପ୍ରୟାସ ସମୃଦ୍ଧିର ଛନ୍ଦ ଦ୍ରୁତତର କରିବ ।

ଯୋଜନା ଓ ଅର୍ଥନୀତି ସମ୍ପର୍କରେ ପଦଟିଏ କହି ମୁଁ ଶେଷ କରିବି । ନବମ ଅର୍ଥ କମିଶନ ଅନୁମୋଦନ କରିଥିବା ଅର୍ଥ ସଫଳର କାର୍ଯ୍ୟକାରିତାକୁ ସମୀକ୍ଷା କଲେ ଜଣାଯିବ ଯେ କେତେକ ରାଜ୍ୟ ଯୋଜନା ରାଜସ୍ୱ ଖର୍ଚ୍ଚ କ୍ଷେତ୍ରରେ ପଛରେ ପଡି ରହିବ । ସେଥିପାଇଁ ଏପରି ନିଅଣ୍ଟିଆ ପରିସ୍ଥିତିରେ ବିଶେଷ ଦୀର୍ଘ ମିଆଦି ଋଣ ପ୍ରଦାନ କରାଯିବାର ଯେଉଁ ବ୍ୟବସ୍ଥା ରହିଛି ଯୋଜନା କମିଶନ ସେଥିରେ ଅନୁକୂଳ ମତ ଦେବା ଉଚିତ । ଏପରି ହେଲେ ଯେଉଁସବୁ ରାଜ୍ୟରେ ନିଅଣ୍ଟିଆ ରାଜସ୍ୱ ରହିଛି ସେଗୁଡ଼ିକ ଯୋଜନା ସମ୍ପଦର ଆବଶ୍ୟକତା ପୂରଣ କରିବା ପାଇଁ ଉଧାର କରି ସେ ଦିଗରେ ସଫଳ ଲଗାଇବେ ନାହିଁ ।

ପ୍ରକୃତିଗତଭାବେ ନିଜ ଉପରେ କେତେକ ଶୃଙ୍ଖଳା ଏବଂ ସଂଯମ ଜାହିର କରିବା ଯୋଜନାର ସାଫଲ୍ୟ ପାଇଁ ଅତ୍ୟାବଶ୍ୟକ । ସାଧାରଣ ଆଭିମୁଖ୍ୟ, ମିଳିମିଶି ସ୍ୱପ୍ନ ଦେଖିବାର ଅଭିଳାଷ ଓ ଏକତ୍ର କାମ କରି ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ସମ୍ପଦ ବିନିଯୋଗ ହିଁ ଯୋଜନାକୁ ସାର୍ଥକ କରିବାର ସ୍ୱବିକାଠି ।

ଆମ ସାମ୍ନାରେ ଥିବା ବିରାଟ ଦାୟିତ୍ୱର ବୋଝ ଦେଖି ଆମେ ଭାଙ୍ଗିପଡ଼ିବା ଉଚିତ ନୁହେଁ । କଥାରେ ଅଛି ସୁନ୍ଦରଭାବରେ କାମ ଆରମ୍ଭ କଲେ କାମ ଅଧା ଶେଷ ହୁଏ । ଯୋଜନା କମିଶନଙ୍କ ଦିଗ୍‌ଦର୍ଶନରେ ନୈର୍ବ୍ୟକ୍ତିକ ଆତ୍ମପ୍ରତ୍ୟୟର ଶିଖା ପୁନଃପ୍ରଜ୍ୱଳିତ ହେବ । ଏହା ହିଁ ଥିଲା ସାମ୍ୟ ସହିତ ସମୃଦ୍ଧି ଲାଭ ଯୋଜନା ପରିପ୍ରେକ୍ଷୀରେ ପକ୍ଷିତ ନେହେରୁଙ୍କ ଅଭିପ୍ରେତର ଅନ୍ତରାର୍ଥ ।*

---

*(ଜାତୀୟ ଉନ୍ନୟନ ପରିଷଦରେ ପ୍ରଦତ୍ତ ଅଭିଭାଷଣ)

> ଆମେ ସାକ୍ଷରତା ଏବଂ ଗଣଶିକ୍ଷାକୁ ଆମର ମାନବ ସଫଳ ବିକାଶର ଏକ ଅପରିହାର୍ଯ୍ୟ ଅଂଶ ତଥା ପ୍ରତି ଭାରତୀୟଙ୍କର ଆଶା ଆକାଂକ୍ଷା ପୂରଣ କରିପାରୁଥିବା ଏକ ବଳିଷ୍ଠ ଗଣତାନ୍ତ୍ରିକ ଏବଂ ଧର୍ମ ନିରପେକ୍ଷ ସମାଜ ପ୍ରତିଷ୍ଠା କରିବାରେ ପ୍ରଧାନ ଅସ୍ତ୍ର ରୂପେ ବିଚାର କରୁଛୁ ।
>
> ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ
>
> (ପ୍ରଦତ୍ତ ଭାଷଣରୁ)

# 'ଭାରତ ତୁମର ଏକମାତ୍ର ଧ୍ୟେୟ ହେଉ'

*ଅଧ୍ୟାପକ ଚନ୍ଦ୍ରକାନ୍ତ ମିଶ୍ର*

ଆନ୍ତରିକ ଜିଜ୍ଞାସାର ଉତ୍ତର ସଠିକ୍‌ଭାବରେ ଠିକ୍ ସମୟରେ ମିଳିଥାଏ । ଏହା ହିଁ ଘଟିଥିଲା ସ୍ୱାମୀ ବିବେକାନନ୍ଦଙ୍କ ଜୀବନରେ । ଘଟଣାଚକ୍ରରେ ସେ ନିର୍ଭୁଲ ଉତ୍ତରଦାତାଙ୍କ ନିକଟରେ ଦିନେ ପହଞ୍ଚିଲେ । ଏହି ଉତ୍ତରଦାତା ହେଉଛନ୍ତି ପୁରାତନ ଆର୍ଯ୍ୟ ଋଷିମାନଙ୍କର ପ୍ରତିନିଧି ସ୍ୱରୂପ, ପ୍ରାଚୀନତମ ବୈଦାନ୍ତିକ ଚିରନ୍ତନ ସତ୍ୟର ଜୀବନ୍ତ ପ୍ରତିଭୂ ମହାଯୋଗେଶ୍ୱର ଶ୍ରୀ ରାମକୃଷ୍ଣ ପରମହଂସ ଦେବ । ଅର୍ଦ୍ଧନଗ୍ନ ଉନ୍ମାଦବତ୍ ପ୍ରତୀୟମାନ ବାଳକ ସ୍ୱଭାବ ବିଶିଷ୍ଟ ପ୍ରୌଢ଼ ଶ୍ରୀ ରାମକୃଷ୍ଣଙ୍କୁ ତେଜସ୍ୱୀ, ସତ୍ୟନିଷ୍ଠ, ବୈଜ୍ଞାନିକ ଦୃଷ୍ଟିସମ୍ପନ୍ନ ତରୁଣ ବିବେକାନନ୍ଦଙ୍କର ସିଧାସଳଖ ସେଇ ଛୋଟିଆ ପ୍ରଶ୍ନ – "ଆପଣ ଭଗବାନଙ୍କୁ ଦେଖିଛନ୍ତି ?" ଅନୁଭବସିଦ୍ଧ ବ୍ରହ୍ମଜ୍ଞଙ୍କର ସରଳ ସିଧାସିଧି ଉତ୍ତର – "ହଁ, ନିଶ୍ଚୟ ଦେଖିଛି; ତାଙ୍କ ସହିତ କଥା କହିଛି । ତୁମକୁ ମଧ୍ୟ ଦେଖାଇପାରେ; କିନ୍ତୁ ତାଙ୍କୁ କିଏ ଚାହେଁ କୁହ ! ସ୍ତ୍ରୀ ପୁତ୍ର ବିଷୟ ସମ୍ପତ୍ତି ପାଇଁ ଲୋକେ ଆଖିରୁ ମାଠିଆ ମାଠିଆ ଲୁହ ଢାଳିଦିଅନ୍ତି, ମାତ୍ର ଭଗବାନଙ୍କୁ ପାଇଲି ନାହିଁ ବୋଲି ଦୁଃଖରେ କିଏ ଟୋପାଏ ଲୁହ ନିଗାଡ଼େ କହିଲ ।" ଚାଲିଲା ସ୍ୱାମୀ ବିବେକାନନ୍ଦଙ୍କର ଅବିରାମ ତପସ୍ୟା – ବ୍ରହ୍ମ ପଦରେ ପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ । ପରମହଂସ ଶ୍ରୀ ରାମକୃଷ୍ଣଙ୍କ ପଟ୍ଟଶିଷ୍ୟ ନିର୍ବିକଳ୍ପ ସମାଧିର ଉଚ୍ଚତର ଅବସ୍ଥାରେ ଉପନୀତ ହେଲେ – ସ୍ଥୂଳ ବିଜ୍ଞାନର ପଞ୍ଚେନ୍ଦ୍ରିୟଗ୍ରାହ୍ୟ ସ୍ତରରୁ ଉଠି ଉଠି ସୂକ୍ଷ୍ମତର ଅନୁଭୂତିର ସ୍ତରରେ ଯେତେବେଳେ ସେ ପହଞ୍ଚିଲେ ସେତେବେଳେ ସେ ଏକ କରୁଣା – ସ୍ରୋତସ୍ୱିନୀରେ ପରିଣତ ହେଲେ । ପ୍ରପୀଡ଼ିତ ମାନବସମାଜର ଆର୍ତ୍ତିରେ ତାଙ୍କର ବକ୍ଷ ବିଦୀର୍ଣ୍ଣ ହେଲା । ଶ୍ରୀ ରାମକୃଷ୍ଣଙ୍କ ପ୍ରଦର୍ଶିତ ସଞ୍ଜୀବନୀ ସୁଧା ସେ ସର୍ବତ୍ର ପରିବେଷଣ କରିବାକୁ ଲାଗିଲେ । ଜଗତକୁ ଚେତାବନୀ ଶୁଣାଇ କହିଗଲେ ଆତ୍ମସ୍ୱରୂପ ରଚନା କରି ତା'ଉପରେ ବସ ନାହିଁ, ବିଜ୍ଞାନକୁ ତା'ର ଚରମ ବୈଜ୍ଞାନିକ ସିଦ୍ଧାନ୍ତରେ ଉପନୀତ କରିବାରେ ଦ୍ୱିଧା କରନାହିଁ – ମାନବସମାଜର ଅଚଳ ଅମର ଅବିଚ୍ଛିନ୍ନ ପରିପୂର୍ଣ୍ଣ ଦେବତ୍ୱ ହିଁ ବିଜ୍ଞାନର ଚରମ ସିଦ୍ଧାନ୍ତ – ବେଦାନ୍ତର ଶାଶ୍ୱତ ବାଣୀ ।

ପାଶ୍ଚାତ୍ୟରେ ଏହି ଆଧ୍ୟାତ୍ମିକ-ବିଜ୍ଞାନୀଙ୍କର ଆବିର୍ଭାବ ଚିନ୍ତାଶୀଳ ମନୀଷୀଙ୍କ ମଧ୍ୟରେ ଚହଳ ପକାଇଦେଲା । ସ୍ୱାର୍ଥାନ୍ୱେଷୀ ମଣିଷର ମନ ବିବେକାନନ୍ଦଙ୍କର ଉଦ୍ଦେଶ୍ୟ ସମ୍ପର୍କରେ କୌତୁହଳୀ ହୋଇଉଠିଲା । ସ୍ୱାମୀଜୀ ଘୋଷଣା କଲେ – "ଏ ପୃଥ୍ୱୀ ଉପରେ ବା ବାହାରେ ମୋର କୌଣସି କର୍ତ୍ତବ୍ୟ କର୍ମ ନାହିଁ । ମୁଁ ତୁମମାନଙ୍କୁ ଗୋଟିଏ ବାର୍ତ୍ତା ଦେବାପାଇଁ ଆସିଛି । ପ୍ରାଚ୍ୟର ଅତୀତ ବାର୍ତ୍ତାବହ ବୁଦ୍ଧଦେବଙ୍କ ପରି ମୁଁ ପାଶ୍ଚାତ୍ୟକୁ ଏକ ବାର୍ତ୍ତା ଦେବାକୁ ଆସିଛି ମାତ୍ର । ମୁଁ ଏହି ବାର୍ତ୍ତାକୁ କୌଣସି ମତବାଦର ଛାଞ୍ଚରେ ଢାଳି ପରିବେଷଣ କରିବି ନାହିଁ । ମୋର ନିଜସ୍ୱ ଧାରାରେ ମୁଁ ଏହି ବାର୍ତ୍ତାକୁ ଜଗତରେ ଉଦ୍‌ଘୋଷିତ କରିଯିବି । ମୋର ଏହି ବାର୍ତ୍ତା ସତ୍ୟରେ ସୁପ୍ରତିଷ୍ଠିତ – ଏଥିରେ ମିଥ୍ୟା ସହିତ ପାଲିସ୍ କରିବାର ପ୍ରଶ୍ନ ନାହିଁ ।" କି ଅବନମିତ ଅପ୍ରତିହତ ଘୋଷଣା ! ଆମେରିକା ସ୍ତମ୍ଭିତ ହୋଇଗଲା ।

ଏହି ଘୋଷଣାର ଦଶବର୍ଷ ପୂର୍ବରୁ ସେ ଭକ୍ତ ବାର୍ତ୍ତାର ସୂଚନା ପାଇଥିଲେ ଶ୍ରୀ ରାମକୃଷ୍ଣଙ୍କର ଭାବସ୍ଥ ଅବସ୍ଥାରେ ଅସ୍ପଷ୍ଟ ଧ୍ୱନିତ ବାଣୀ, "ନାରାୟଣ ଜ୍ଞାନରେ ଜୀବର ସେବା" – ଏହି ବାକ୍ୟରେ । ନିପୁଣ ଶିଳ୍ପୀ ଶ୍ରୀ ରାମକୃଷ୍ଣ ଦେବଙ୍କର ନିପୁଣ ସୃଷ୍ଟି ସ୍ୱାମୀ ବିବେକାନନ୍ଦ । ପରମହଂସ ଦେବ କହିଥିଲେ, "ନରେନ୍ ଲୋକଶିକ୍ଷା ଦେବ" । ସେ ସ୍ୱାମୀଜୀଙ୍କୁ ଲୋକ ଶିକ୍ଷକ ରୂପେ ତିଆରି କରିଥିଲେ । ଲୋକଶିକ୍ଷା ପାଇଁ ସ୍ୱାମୀଜୀ ଥିଲେ ବିଧି ନିର୍ଦ୍ଦିଷ୍ଟ ବ୍ୟକ୍ତି । ୧୮୮୬ ମସିହା ଫେବ୍ରୁଆରୀ ମାସ ୨୨ ତାରିଖ ଦିନ ଲିଖିତଭାବରେ ଶ୍ରୀ ରାମକୃଷ୍ଣ ଦେବ "ଶୁପାରସ" ଦେଇଥିଲେ ସ୍ୱାମୀଜୀଙ୍କୁ :

"ନରେନ୍ ଶିକ୍ଷା ଦେବେ
ଯେଖନ୍ ଘରେ ବାହିରେ ହାଁକ୍ ଦେବେ ।"

ସ୍ୱାମୀଜୀ ରାଜି ହୋଇ ନଥିଲେ । ପରମହଂସ ଦେବ ହସି ହସି କହିଥିଲେ – ତୋ ହାଡ଼ କରିବ । ପରବର୍ତ୍ତୀ କାଳରେ ଏହି ନରେନ୍ଦ୍ରନାଥଙ୍କୁ ଆମ୍ଭେମାନେ ଦେଖିବାକୁ ପାଉ ଏକ ଅଭୂତପୂର୍ବ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ରୂପରେ ।

ଜ୍ଞାତ ଇତିହାସରେ ସ୍ୱାମୀ ବିବେକାନନ୍ଦ ହେଉଛନ୍ତି ପ୍ରଥମ ସନ୍ନ୍ୟାସୀ ଯିଏ ସ୍ୱଦେଶର ଲୌକିକ ଜୀବନ ଯନ୍ତ୍ରଣାକୁ, ଜନଗଣର ଅନ୍ନକଷ୍ଟ ଓ ଶୋଷଣର ସମସ୍ୟାକୁ ଧ୍ୟାନର ବିଷୟ କରିଛନ୍ତି । ଅନ୍ୟମାନେ ବ୍ରହ୍ମଙ୍କର, ଭଗବାନଙ୍କର ଧ୍ୟାନ କରିଛନ୍ତି ବିବେକାନନ୍ଦ କନ୍ୟାକୁମାରୀର ଶିଳାଖଣ୍ଡ ଉପରେ ବସି ଦୁର୍ଦ୍ଦଶାଗ୍ରସ୍ତ ଭାରତବାସୀଙ୍କର ଦୁଃଖରାଶିକୁ ଧ୍ୟାନରେ ଆୟତ୍ତ କରିଛନ୍ତି । ବୌଦ୍ଧଯୁଗ ପରେ ସ୍ୱାମୀ ବିବେକାନନ୍ଦ ହିଁ ପ୍ରଥମ ଭାରତବର୍ଷୀୟ ଯିଏ ଜ୍ଞାନଦୀପ ନେଇ ବିଶ୍ୱ ପରିକ୍ରମା କରିଛନ୍ତି । ସେ ହେଉଛନ୍ତି ପ୍ରଥମ ସନ୍ନ୍ୟାସୀ ଯିଏ ମଣିଷର କେବଳ ଆତ୍ମିକ ଉନ୍ନତି ନୁହେଁ, ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ମୁକ୍ତି ମଧ୍ୟ ଚାହିଁଥିଲେ । ସେ ହେଉଛନ୍ତି ପ୍ରଥମ ସନ୍ନ୍ୟାସୀ ଯିଏ ବହୁ ବିରୋଧ ସତ୍ତ୍ୱେ ସେହି ମହାନ ବାଣୀ "ନାରାୟଣ ଜ୍ଞାନରେ ଜୀବ ସେବା"କୁ ବାସ୍ତବରେ ରୂପାୟିତ କରିବା ପାଇଁ ରାମକୃଷ୍ଣ ମିଶନ୍ ଗଢ଼ି ସନ୍ନ୍ୟାସୀମାନଙ୍କୁ ଜନସାଧାରଣଙ୍କ ସେବାରେ ନିୟୋଜିତ କରି କହିଥିଲେ – ଏହି ନିସ୍ୱାର୍ଥ ସେବାଦ୍ୱାରା ହିଁ ଭଗବତ୍ ଲାଭ ହେବ, ମୁକ୍ତି ଲାଭ ହେବ, ବ୍ରହ୍ମଜ୍ଞାନ ଲାଭ ହେବ । ବେଦ୍ଦେଶ୍ୟ ବୈଦିକ ଆଦର୍ଶ :

"ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧିତାୟ ଚ" – ନିଜର ମୁକ୍ତି ଓ ଜଗତର କଲ୍ୟାଣ ।

୧୮୯୭ ମସିହାରେ ସ୍ୱାମୀଜୀ ଯେତେବେଳେ ଆମେରିକାରୁ ଫେରିଲେ ମାନ୍ଦ୍ରାଜରେ ଯୁବକମାନେ ତାଙ୍କୁ ଅନୁରୋଧ କଲେ – "ଆପଣ ପ୍ରଥମେ ଭାରତର ସ୍ୱାଧୀନତା ଆଣି ଦିଅନ୍ତୁ, ତା'ପରେ ଆଉ ଯାହା କଥା।" ସ୍ୱାମୀଜୀ ଉତ୍ତର ଦେଇଥିଲେ, "ସ୍ୱାଧୀନତା ଆଜି ଆସିପାରେ, ମାତ୍ର ମଣିଷ କାହାନ୍ତି ?" ଏହି କଥାର ତାତ୍ପର୍ଯ୍ୟ ଆଜି ଭାରତ ବୁଝୁଛି। ଅବଶ୍ୟ ସେହି ବର୍ଷ ଜାନୁଆରୀ ୨୫ ତାରିଖ ଦିନ ସେ ରାମ ନାଦରେ କହିଥିଲେ : "ଆଗାମୀ ପଚାଶ ବର୍ଷ ଭାରତବର୍ଷ ତୁମର ଏକମାତ୍ର ଧ୍ୟେୟ ବସ୍ତୁ ହେଉ। .... ଜଗତର କୌଣସି ଶକ୍ତି ଆଉ ଭାରତବର୍ଷକୁ ପରାଧୀନତାର ଶୃଙ୍ଖଳରେ ବାନ୍ଧି ରଖିପାରିବ ନାହିଁ। .... ଯୁବକମାନଙ୍କ ହାଡ଼ରୁ ବଜ୍ର ତିଆରି ହୋଇ ଭାରତବର୍ଷର ଦାସତ୍ୱକୁ ଚୂର୍ଣ୍ଣ କରିବ।" ଏହାର ଠିକ୍ ପଚାଶ ବର୍ଷ ପରେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ଭାରତରେ ଗଣତନ୍ତ୍ର ପ୍ରତିଷ୍ଠିତ ହେଲା।

ମାନବର ଅଖଣ୍ଡ ସ୍ୱାଧୀନତାର ବାଣୀ "ମାନବର ଅନ୍ତର୍ନିହିତ ପୂର୍ଣ୍ଣତା"ର ବାର୍ତ୍ତା "ଦ୍ୱୈତ, ଅଦ୍ୱୈତ ଓ ବିଶିଷ୍ଟାଦ୍ୱୈତର ସମନ୍ୱୟର କଥା, "ଯେତେ ମତ ସେତେ ପଥ"ର ବାଣୀ ଶ୍ରୀ ରାମକୃଷ୍ଣଙ୍କର ଅଭୂତପୂର୍ବ ଦେବଦୁର୍ଲଭ ଜୀବନରେ ବାସ୍ତବାୟିତ ହୋଇଥିଲା। ଏହି ବାର୍ତ୍ତାକୁ ସ୍ୱାମୀ ବିବେକାନନ୍ଦ ପୃଥିବୀର ବିଭିନ୍ନ ପ୍ରାନ୍ତରେ ପ୍ରଚାରିତ କରି ଯାଇଛନ୍ତି – ଏହି ବାର୍ତ୍ତାର ବିଜୟ ପତାକା ବିଭିନ୍ନ ଦେଶରେ ଆଜି ମଧ୍ୟ ଉଡୁଛି – ଆଜି ମଧ୍ୟ ଏହି ବାର୍ତ୍ତାର ଦୁର୍ବାର ଆକର୍ଷଣରେ ବହୁ ଯୁବକମାନେ ଜାତିର କଲ୍ୟାଣ ନିମିତ୍ତ ତ୍ୟାଗ ବେଦୀରେ ନିଜକୁ ଉତ୍ସର୍ଗ କରୁଛନ୍ତି।

>>>>>>>>>>>>>>>>>>>>>>>>>

କେବଳ ଆମ ଦେଶର ଇତିହାସରେ ନୁହେଁ ପୃଥିବୀର ଇତିହାସରେ ବର୍ତ୍ତମାନ ଆମେ ଏକ ସଙ୍କଟମୟ ସମୟର ସମ୍ମୁଖୀନ ହୋଇଛେ। ଅନେକ ଲୋକ ଭାବୁଛନ୍ତି ଆମେ ବର୍ତ୍ତମାନ ଏକ ଅନ୍ଧକାରମୟ ମୃତ୍ୟୁ ଗହ୍ୱର ପାର୍ଶ୍ୱରେ ଛିଡ଼ା ହୋଇଛେ। ମୂଲ୍ୟବୋଧର ବିକୃତି, ଯୋଗ୍ୟତାର ମାନ ହ୍ରାସ, ବ୍ୟାପକ ପଳାୟନ ପନ୍ଥୀ ମନୋବୃତ୍ତି ଏବଂ ତଣ ଉନ୍ମାଦନା ଆମକୁ ଗ୍ରାସ କରିଛି। ଲୋକମାନେ ଏହା ଚିନ୍ତା କରି ନୈରାଶ୍ୟ, ହତାଶ ଏବଂ ଅସହାୟତାରେ ମ୍ରିୟମାଣ ହୋଇପଡୁଛନ୍ତି। ଆମ ସମ୍ମୁଖରେ କେବଳ ଏହାହିଁ ଅଛି। ମନୁଷ୍ୟର ନିଜର ଆତ୍ମ ଅବିଶ୍ୱାସହିଁ ମନୁଷ୍ୟର ମର୍ଯ୍ୟାଦା ପ୍ରତି ଅବଜ୍ଞା। ଏହା ହେଉଛି ମାନବ ପ୍ରକୃତିର ଅପମାନ। ପୃଥିବୀରେ ଯାହା କିଛି ବିରାଟ ପରିବର୍ତ୍ତନ ହୋଇଛି ତାହା କେବଳ ମଣିଷ ପ୍ରକୃତି ଫଳରେ ହିଁ ସମ୍ଭବ ହୋଇଛି। ବିବେକାନନ୍ଦ ଆମକୁ ଯଦି କିଛି ଆହ୍ୱାନ ଦେଇ ଥାଆନ୍ତି ତାହା ହେଉଛି ଆମେ ଆମର ଆଧ୍ୟାତ୍ମିକ ସଂପଦରେ ଆସ୍ଥାବାନ ହେବା।

ସର୍ବପଲ୍ଲୀ ରାଧାକୃଷ୍ଣନ୍

# ପର୍ଯ୍ୟଟନ ସୁଖ ଓ ଆନନ୍ଦର ଉତ୍ସ

ପର୍ଯ୍ୟଟକ ମାନଙ୍କ ସୁଖସୁବିଧା ନିମିତ୍ତ ବିଭିନ୍ନ ଦର୍ଶନୀୟ ସ୍ଥାନରେ ରାତ୍ରିଯାପନ, ଖାଦ୍ୟପେୟ ଓ ଭ୍ରମଣ ପାଇଁ ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ପାନ୍ଥନିବାସ, ପାନ୍ଥଶାଳା ଓ ଅରଣ୍ୟ ନିବାସ ମାନଙ୍କରେ ସୁବ୍ୟବସ୍ଥା ରହିଅଛି ।


**ପାନ୍ଥନିବାସ** - ଭୁବନେଶ୍ୱର, ପୁରୀ, କୋଣାର୍କ, ବାରକୂଳ, ରମ୍ଭା, ଚାନ୍ଦିପୁର, ସମ୍ବଲପୁର, ନୃସିଂହନାଥ, କଟକ, ତପ୍ତପାଣି ଓ ରାଉରକେଲା

**ପାନ୍ଥଶାଳା** - ଧବଳେଶ୍ୱର, ଯାଜପୁର, ପଥରାଜପୁର, ଆରଡି, ପଞ୍ଚଲିଙ୍ଗେଶ୍ୱର, ଚନ୍ଦନେଶ୍ୱର ଓ ଗୁପ୍ତେଶ୍ୱର

**ଅରଣ୍ୟନିବାସ** - ଲୁଲୁଙ୍ଗ (ଶିମିଳିପାଳ)

ଏ ସମସ୍ତ ସୁବିଧାର ସୁଯୋଗନେଇ ପର୍ଯ୍ୟଟନର ସର୍ବାଙ୍ଗୀନ ବିକାଶରେ ସହଯୋଗ କରନ୍ତୁ । ସବିଶେଷ ବିବରଣୀ ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
ଭୁବନେଶ୍ୱର



# ନ୍ୟାୟ, ସାମ୍ୟ ଓ ମାନବିକ ଅଧିକାରର ମହାନାୟକ ଡଃ ଆମ୍ବେଦକର

*ଅଧ୍ୟାପକ ବସନ୍ତ କୁମାର ମଲ୍ଲିକ*

ଭାରତୀୟ ରାଷ୍ଟ୍ର ଗଠନରେ ଯେଉଁ କେତେଜଣ ବରପୁତ୍ରଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି, ସେମାନଙ୍କ ମଧ୍ୟରୁ ଡକ୍ଟର ବାବା ସାହେବ ଭୀମରାଓ ଆମ୍ବେଦକର ଅନ୍ୟତମ। ପ୍ରାକ୍-ସ୍ୱାଧୀନତା କାଳରେ ଭାରତୀୟମାନଙ୍କର ଶାସନ ପାଇଁ ଯେତେଗୁଡ଼ିଏ ରାଜନୈତିକ ସଂସ୍କାର କରାଯାଇଥିଲା, ଏପରିକି ମଣ୍ଟେଗୁ-ଚେମ୍ସ ଫୋର୍ଡ ସଂସ୍କାର (୧୯୧୯)ଠାରୁ କ୍ୟାବିନେଟ୍ ମିଶନ୍ (୧୯୪୬) ପର୍ଯ୍ୟନ୍ତ, ଡକ୍ଟର ଆମ୍ବେଦକର ସବୁ ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତବର୍ଷ ସ୍ୱାଧୀନ ହେବାପରେ ଏହାର ସମ୍ବିଧାନ ପ୍ରସ୍ତୁତି ନିମନ୍ତେ ଡକ୍ଟର ଆମ୍ବେଦକରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଥିଲା। ସେ ସମ୍ବିଧାନ ନିର୍ମାତା ସଭାରେ ଡ୍ରାଫ୍‌ଟିଂ କମିଟିର ଚେୟାରମ୍ୟାନ୍‌ଭାବେ ନିର୍ବାଚିତ ହେବା ସଙ୍ଗେ ସଙ୍ଗେ ସ୍ୱାଧୀନ ଭାରତର ପ୍ରଥମ ଆଇନ୍ ମନ୍ତ୍ରୀଭାବେ ମଧ୍ୟ ଶପଥ ଗ୍ରହଣ କରିଥିଲେ।

ସମ୍ବିଧାନ ପ୍ରସ୍ତୁତି ସମୟରେ ଭାରତବର୍ଷର ସାର୍ବଭୌମତ୍ୱ, ଶାସନ ପ୍ରଣାଳୀ ଓ ଭବିଷ୍ୟତ ସମ୍ପର୍କରେ ଗୃହୀତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରସ୍ତାବଗୁଡ଼ିକରେ ଡକ୍ଟର ଆମ୍ବେଦକରଙ୍କ ଭୂମିକା ଅବିସ୍ମରଣୀୟ। ନ୍ୟାୟ, ସାମ୍ୟ, ସ୍ୱାଧୀନତା ଓ ଭ୍ରାତୃଭାବକୁ ଲକ୍ଷ୍ୟକରି ଭାରତୀୟ ଶାସନ ଗଢି କରିବା ଉଚିତ ବୋଲି ସେ ସମ୍ବିଧାନର ମୁଖବନ୍ଧରେ ଉଲ୍ଲେଖ କରିଯାଇଛନ୍ତି। ସେ ଚାହୁଁଥିଲେ ସାମାଜିକ ଓ ରାଜନୈତିକ ଗଣତନ୍ତ୍ର ମାଧ୍ୟମରେ ସାମାଜିକ ପରିବର୍ତ୍ତନ। ଭାରତବର୍ଷରେ ଶତାବ୍ଦୀ ବ୍ୟାପୀ ଚାଲିଆସୁଥିବା ସାମାଜିକ, ଅର୍ଥନୈତିକ ରାଜନୈତିକ ଓ ଧର୍ମନୈତିକ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ଜୀବନ ଥିଲା ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମର ଏକ ଇତିହାସ। ଜଣେ ସାମାଜିକ କ୍ରାନ୍ତିକାରୀଭାବେ ସେ ଭାରତୀୟ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଶାନ୍ତି, ମୈତ୍ରୀ, ନ୍ୟାୟ, ସାମ୍ୟ, ମୁକ୍ତି ଓ ଭାତୃତ୍ୱ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିଥିଲେ। ଉକ୍ତ ପ୍ରବନ୍ଧରେ ସେହି ମହାମାନବଙ୍କର ସାମାଜିକ ଓ ରାଜନୈତିକ ଚିନ୍ତାଧାରା ସମ୍ପର୍କରେ ଆଲୋକପାତ କରିବାକୁ ପ୍ରୟାସ କରାଯାଇଛି।

## ଜାତିଗତ/ଶ୍ରେଣୀଗତ ସମାଜ

ଭାରତୀୟ ସମାଜ ଜାତି ଓ ଶ୍ରେଣୀ ଦ୍ୱାରା ବିଭକ୍ତ ହୋଇ ବହୁ ଛୋଟ ବଡ଼ ସ୍ତରରେ ପରିଣତ ହୋଇଛି। ସ୍ୱାଭାବିକଭାବେ ଏହାର ଉପର ସ୍ତରଗୁଡ଼ିକ ଧନ, ସମ୍ମାନ ଓ ସମୃଦ୍ଧିରେ ପୂର୍ଣ୍ଣ ହୋଇଥିବାବେଳେ ନିମ୍ନ ସ୍ତରଗୁଡ଼ିକ ଯଥାକ୍ରମେ ନିର୍ଦ୍ଧନ, ଘୃଣ୍ୟ ଓ ଦୁର୍ବଳ ଶ୍ରେଣୀରେ ପରିଣତ ହୋଇଛନ୍ତି। ଏହି ଉଚ୍ଚ, ନୀଚ ସାମାଜିକ ସ୍ତରଗୁଡ଼ିକ ବର୍ଣ୍ଣ ବ୍ୟବସ୍ଥାରୁ ସୃଷ୍ଟି ହେଲା ଓ କ୍ରମଶଃ ବର୍ଣ୍ଣ ବ୍ୟବସ୍ଥା ବିଭିନ୍ନ ଜାତି ଓ ଉପଜାତିରେ ପରିଣତ ହେଲା। ଜାତି ଜାତି ମଧ୍ୟରେ ସାମାଜିକ ସମ୍ପର୍କ ଯଥା ବିବାହ ଓ ଭୋଜନ ଇତ୍ୟାଦି ବନ୍ଦ୍ କରି ଦିଆଯିବା ଫଳରେ ପ୍ରତ୍ୟେକ ଜାତି ପରସ୍ପରଠାରୁ ଅଲଗା ହୋଇ ରହିଲେ। ଭାରତବର୍ଷରେ ପ୍ରଥମତଃ କର୍ମଭିତ୍ତିକ ସାମାଜିକ ବ୍ୟବସ୍ଥା ଗଢ଼ା ଯାଇଥିଲା, କିନ୍ତୁ ପରେ ତାହା ଜନ୍ମଭିତ୍ତିକ ସାମାଜିକ ବ୍ୟବସ୍ଥାରେ ପରିଣତ କରି ଦିଆଯିବାରୁ ସବୁଠାରେ ସାମାଜିକ ବିଶୃଙ୍ଖଳା, ବୈଷମ୍ୟ ଓ ଶୋଷଣ ଆରମ୍ଭ ହୋଇଥିଲା।

ଅସ୍ପୃଶ୍ୟତା ମଧ୍ୟ ଅନ୍ୟ ଏକ ସାମାଜିକ କଳଙ୍କ। ଏହା ଅଦ୍ୱିତୀୟଭାବେ ଭାରତବର୍ଷରେ ହିଁ ଦେଖାଦେଇଥାଏ। ଡକ୍ଟର ଆମ୍ବେଦକରଙ୍କ ମତରେ ଅସ୍ପୃଶ୍ୟତା ଦାସତ୍ୱଠାରୁ ହେୟ। ଦାସତ୍ୱରେ ମୁକ୍ତିର ପଥ ଅଛି, କିନ୍ତୁ ଅସ୍ପୃଶ୍ୟତାରେ ନାହିଁ। ଦାସ ପ୍ରଥାରେ ମାଲିକମାନଙ୍କର ଦାସମାନଙ୍କ ପ୍ରତି କୃତଜ୍ଞତା ରହିଛି; କିନ୍ତୁ ଅସ୍ପୃଶ୍ୟମାନଙ୍କ ପ୍ରତି ଅନ୍ୟମାନଙ୍କର କୃତଜ୍ଞତା ନାହିଁ। ଡକ୍ଟର ଆମ୍ବେଦକରଙ୍କ ଜାତି ପ୍ରଥା ଓ ଅସ୍ପୃଶ୍ୟତାକୁ ତୀବ୍ର ସମାଲୋଚନା କରି କହିଥିଲେ, କେବଳ ଅସ୍ପୃଶ୍ୟତା ନୁହେଁ, ଜାତିପ୍ରଥା ମଧ୍ୟ ଭାରତୀୟ ସମାଜର କଳଙ୍କ। ଅସ୍ପୃଶ୍ୟତା ଏକ ଅମାନୁଷିକ ପ୍ରଥା ଓ ସେହିପରି ଜାତି ପ୍ରଥା ଜନ୍ମଭିତ୍ତିରେ (ଯେଉଁଥିରେ ମଣିଷର କର୍ତ୍ତୃତ୍ୱ ନଥାଏ) ଉଚ୍ଚ, ନୀଚ ଓ ଭେଦଭାବ ସୃଷ୍ଟି କରିବା ନିହାତି ଏକ ଅସାମାଜିକ ଅନୁଷ୍ଠାନ। ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୂଦ୍ର ଓ ଅତିଶୂଦ୍ର (ଅସ୍ପୃଶ୍ୟ)ମାନଙ୍କୁ ଯଥାକ୍ରମେ ଉଚ୍ଚତମ, ଉଚ୍ଚତର, ଉଚ୍ଚ, ନିମ୍ନ ଓ ନିମ୍ନତର ଇତ୍ୟାଦି ସାମାଜିକ ଶ୍ରେଣୀ ବା ଦଳରେ ବିଭକ୍ତ କରାଯାଇପାରେ। ଏହି ସାମାଜିକ ଶ୍ରେଣୀଗୁଡ଼ିକ ପରସ୍ପର ବିରୋଧୀ ହୋଇ ରହିଥିବାରୁ ସମାଜ ସର୍ବଦା ବିଭାଜିତ ହୋଇ ରହିଛି। ଉଦାହରଣରେ 'ଉଚ୍ଚ' ସାମାଜିକ ଶ୍ରେଣୀ ସର୍ବଦା 'ନିମ୍ନ'କୁ ଅଧୀନରେ ରଖିବାକୁ ଚାହୁଁଥିବ ଓ ତାଙ୍କ ସହିତ ସମସ୍ତ ସାମାଜିକ ସମ୍ପର୍କ ବନ୍ଦ ରଖିଥିବା ଉଚ୍ଚ ସର୍ବଦା ଉଚ୍ଚତର ସହିତ ସମ୍ପର୍କ ରଖିବାକୁ ଚେଷ୍ଟା କଲାବେଳେ, ଉଚ୍ଚତର ଉଚ୍ଚକୁ ସୁଯୋଗ ଦେଉନଥିବ। ଏହି ସାମାଜିକ ସମ୍ପର୍କ ନରଖିବାର କାରଣ ହେଲା, ପ୍ରତ୍ୟେକ ଶ୍ରେଣୀ ନିଜ ନିଜର ପ୍ରାଧାନ୍ୟ ବଜାୟ ରଖିବାକୁ ଚେଷ୍ଟା କରନ୍ତି ଓ ନିମ୍ନ ଶ୍ରେଣୀ କିପରି ଉଚ୍ଚ ଶ୍ରେଣୀକୁ ଆସି ନପାରୁ ସେଥିପାଇଁ ପ୍ରତ୍ୟେକ ଶ୍ରେଣୀ ସଜାଗ ରହିଥାନ୍ତି। ଏହା ଜାତି ପ୍ରଥାର ବିଶେଷତ୍ୱ।

ରାଜା ରାମମୋହନ ରାୟ, ଏମ୍. ଜି. ରାନାଡେ ଓ ମହାତ୍ମା ଗାନ୍ଧୀ ଇତ୍ୟାଦି ଯେତେବେଳେ ଅସ୍ପୃଶ୍ୟତା ନିବାରଣ କରିବା ପାଇଁ ଆନ୍ଦୋଳନ ଚଳାଇଥିଲେ, ସେତେବେଳେ ଡକ୍ଟର ଆମ୍ବେଦକର ଅସ୍ପୃଶ୍ୟତା ସହିତ ଜାତି ପ୍ରଥାକୁ ମଧ୍ୟ ଉଚ୍ଛେଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ତାଙ୍କ ମତରେ ଜାତି ପ୍ରଥା ଓ ଅସ୍ପୃଶ୍ୟତା ଏପରିଭାବେ ପରସ୍ପର ପରିପୂରକ ଯେ ଗୋଟିଏକୁ ଛାଡ଼ି ଅନ୍ୟଟିକୁ ଉଚ୍ଛେଦ କରିବା ଅସମ୍ଭବ। ଯେତେ ଦିନଯାଏ ସମାଜରୁ ଜାତିର ପ୍ରଭାବ ଓ ପ୍ରାଦୁର୍ଭାବ ଦୂର ନହୋଇଥିବ, ସେ ପର୍ଯ୍ୟନ୍ତ ଏକ ସାମ୍ୟ ଓ ମୈତ୍ରୀପୂର୍ଣ୍ଣ ସମାଜ ଗଠନ ଅସମ୍ଭବବୋଲି ସେ ଦର୍ଶାଇଥିଲେ।

## ଭଗ୍ନମାନବ ତଥ୍ୟ

ଅସ୍ପୃଶ୍ୟତାର ଉତ୍ପତ୍ତି ସମ୍ପର୍କରେ ଡକ୍ଟର ଆମ୍ବେଦକର ଏକ 'ଭଗ୍ନମାନବ' ତଥ୍ୟ ଆବିଷ୍କାର କରି କହିଛନ୍ତି ଯେ, ପ୍ରାଚୀନ କାଳରେ ଆଦିମାନବମାନଙ୍କର ଦଳୀୟ ସଂଗ୍ରାମ ହେତୁ ଗୋଟିଏ ଦଳ ସମ୍ପୂର୍ଣ୍ଣ ରୂପେ ପରାସ୍ତ ହୋଇଥିଲା ଏବଂ ଏକ ନୂଆ ଦଳ ଗଢ଼ିବା ପାଇଁ ସେମାନଙ୍କ ପାଖରେ ଆଉ ଲୋକ ନଥିଲେ । ସେମାନେ ବିଜୟୀ ଦଳର ବଶତା ସ୍ୱୀକାର କରି ବାଧ୍ୟ ହୋଇ ଦଳ ବା ଗ୍ରାମର ବାହାରେ ବାସ କଲେ । ସେମାନଙ୍କୁ ଯଥାର୍ଥରେ ଭଗ୍ନମାନବ ବୋଲି କୁହାଯାଇଛି । କାଳକ୍ରମେ ସେମାନଙ୍କୁ ଧନ, ଶିକ୍ଷା, ଭୂମି ଓ ସମ୍ମାନରୁ ବଞ୍ଚିତ କରାଯାଇ ଅସ୍ପୃଶ୍ୟ ବିବେଚିତ କରାଗଲା ।

ଡକ୍ଟର ଆମ୍ବେଦକରଙ୍କର ସାମାଜିକ ଦର୍ଶନ ଅତ୍ୟନ୍ତ ଉଚ୍ଚକୋଟୀର । ତାଙ୍କ ମତରେ ସମାଜ ଏକ ମାନବ ସଙ୍ଗଠନ ଯେଉଁଠାରେ ସମସ୍ତେ ସାମାଜିକ ସାମ୍ୟ ଓ ମାନବିକ ସମ୍ମାନ ସହିତ ଜୀବନ ଯାପନ କରିପାରିବେ । ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସମାଜ ଅପରିବର୍ତ୍ତନୀୟ ନହୋଇ ପ୍ରଗତିଶୀଳ ହେବା ଆବଶ୍ୟକ । ସମାଜରେ ସ୍ୱାଧୀନତା ଓ ଭ୍ରାତୃତ୍ୱର ଉତ୍ତମ ପରିବେଶ ସୃଷ୍ଟି ହେବା ପାଇଁ ବ୍ୟବସ୍ଥା ରହିଥିବା ଉଚିତ । ତାଙ୍କ ଭାଷାରେ ସମାଜର ବିକାଶ ଓ ଜାତୀୟ ସଂହତି ପାଇଁ ବ୍ୟକ୍ତିର ରାଜନୈତିକ ଅଧିକାର ଏବଂ ସାମାଜିକ ଓ ଅର୍ଥନୈତିକ ସାମ୍ୟ ଏକାନ୍ତ ଆବଶ୍ୟକ ।

ଡକ୍ଟର ଆମ୍ବେକର ଜାତି ଓ ଶ୍ରେଣୀ ମଧ୍ୟରେ ତୁଳନା କରି ଜାତି ଅପେକ୍ଷା ସେ ଶ୍ରେଣୀକୁ ଅଧିକ ପସନ୍ଦ କରିଛନ୍ତି । ତା ଅର୍ଥ ନୁହେଁ ଯେ ସେ ଧନୀ ଓ ଗରିବ ଦୁଇଟି ଶ୍ରେଣୀ ରହନ୍ତୁବୋଲି ସମର୍ଥନ କରୁଥିଲେ । ତାଙ୍କ ମତରେ ଶ୍ରେଣୀ ମଧ୍ୟରେ ସାମାଜିକ ଆଦାନ, ପ୍ରଦାନ ବା ସମ୍ପର୍କ ପ୍ରତିଷ୍ଠାରେ କୌଣସି ଅସୁବିଧା ନାହିଁ । କିନ୍ତୁ ଜାତି ପ୍ରଥା ଗୋଟିଏ ଜାତିକୁ ଅନ୍ୟ ଜାତିଠାରୁ ଅଲଗା ରଖିବାରେ ବିଶ୍ୱାସ କରେ । ଶ୍ରେଣୀ ବ୍ୟବସ୍ଥା ଦ୍ୱାରା ଯଦିଓ ବିଭିନ୍ନ ଦଳ ସୃଷ୍ଟି ହୁଏ, କିନ୍ତୁ ଜାତି ପ୍ରଥା ସଦୃଶ ଜନ୍ମଭିତ୍ତିକ ଦଳ ସୃଷ୍ଟି ହୁଏ ନାହିଁ ।"

## ଅସ୍ପୃଶ୍ୟତା

ଅସ୍ପୃଶ୍ୟତା ସମ୍ପର୍କରେ ଅଧ୍ୟୟନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଡକ୍ଟର ଆମ୍ବେଦକର ଏକ ମୁଖ୍ୟ ସ୍ଥାନ ଅଧିକାର କରନ୍ତି । ତାଙ୍କ ମତରେ, "ଅସ୍ପୃଶ୍ୟମାନେ ବାଧ୍ୟହୋଇ ମୋଚି, ମେହେନ୍ତର, ଝାଡୁଦାର ଓ ଗୋଟି ଶ୍ରମିକର ବୃତ୍ତି ଗ୍ରହଣ କରିଛନ୍ତି ଏବଂ ସେମାନଙ୍କୁ ଶିକ୍ଷା ଓ ଜମିରୁ ବଞ୍ଚିତ କରାଯାଇଛି । ଅସ୍ପୃଶ୍ୟତା ଏକ ଅର୍ଥନୈତିକ ବ୍ୟବସ୍ଥା ଏବଂ ଏହି ବ୍ୟବସ୍ଥା ଅନିୟନ୍ତ୍ରିତଭାବେ ଅର୍ଥନୈତିକ ଶୋଷଣକୁ ସମର୍ଥନ କରିଥାଏ । ଏଥିପାଇଁ ଏହା ବିରୁଦ୍ଧରେ ସ୍ୱାଧୀନ ମତବ୍ୟକ୍ତ ହୁଏ ନାହିଁ କିମ୍ବା ଏହାକୁ ବନ୍ଦ କରିବା ପାଇଁ ମଧ୍ୟ ଏକ ନିରପେକ୍ଷ ଶାସନ ବ୍ୟବସ୍ଥା ନାହିଁ ।

ଏପରି ଏକ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ଗଭୀର କ୍ରୋଧ, ଗ୍ଲାନି ଓ ଅସନ୍ତୋଷ ପ୍ରକାଶ କରି ଅସ୍ପୃଶ୍ୟତା ଓ ଜାତି ପ୍ରଥା ବିରୁଦ୍ଧରେ ସେ ଆନ୍ଦୋଳନ ଆରମ୍ଭ କରିଥିଲେ । ସେ ଦଳିତ ଶ୍ରେଣୀକୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସେମାନେ କେବଳ ନିଜେ ନିଜର ସମସ୍ୟା ସମାଧାନ କରିପାରିବେ । ସେଥିପାଇଁ ସେମାନେ 'ଆତ୍ମ–ସାହାଯ୍ୟ', 'ଆତ୍ମ–ବିକାଶ' ଓ 'ଆତ୍ମ–ଅଧିକାର' ନୀତିଗୁଡ଼ିକ ଅନୁସରଣ କରିବା ଆବଶ୍ୟକ । ଦଳିତ ଶ୍ରେଣୀ ତିନୋଟି ପ୍ରତିଷ୍ଠା ଯଥା "ଶିକ୍ଷା, ସଙ୍ଗଠନ ଓ ସଂଗ୍ରାମ" ମାଧ୍ୟମରେ ମୁକ୍ତିର ସନ୍ଧାନ କରିପାରିବେ । ଉଚ୍ଚଶିକ୍ଷା, ସାମାଜିକ ଚେତନା ଓ ଆତ୍ମ ବିକାଶର ଜାଗୃତି ଏଥିପାଇଁ ଏକାନ୍ତ ଆବଶ୍ୟକ । ଥରେ ଡକ୍ଟର ଆମ୍ବେଦକର କହିଥିଲେ, "ଗରିବ ଲୋକମାନଙ୍କ ନିକଟରେ ଉଚ୍ଚଶିକ୍ଷା ପହଞ୍ଚାଇବା ବିଶ୍ୱବିଦ୍ୟାଳୟର ଏକ ମୌଳିକ କର୍ତ୍ତବ୍ୟ.... । ଆମେମାନେ ବରଂ ସଭ୍ୟତାର ପାର୍ଥିବ ଉପାଦାନକୁ ତ୍ୟାଗ କରିପାରିବା କିନ୍ତୁ ଉଚ୍ଚଶିକ୍ଷା ନୁହେଁ ।" ଭାରତୀୟ ଜନଗଣଙ୍କ ମଧ୍ୟରେ ସାମାଜିକ ଓ ରାଜନୈତିକ ଚେତନା ସୃଷ୍ଟି କରିବା ପାଇଁ ସେ ଯଥାକ୍ରମେ 'ମୂକ ନାୟକ' (ଜାନୁଆରୀ ୩୧, ୧୯୨୦), 'ବହିଷ୍କୃତ ଭାରତ' (ଏପ୍ରିଲ୍ ୩, ୧୯୨୭) ଓ 'ଜନତା' (୧୯୩୦) ଇତ୍ୟାଦି ପାକ୍ଷିକ ପତ୍ରିକାମାନ ସମ୍ପାଦନ ଓ ପ୍ରକାଶ କରିଥିଲେ ।

ଡକ୍ଟର ଆମ୍ବେଦକର ଶାନ୍ତି ଓ ଅହିଂସାରେ ବିଶ୍ୱାସ କରୁଥିଲେ । ସେ କହୁଥିଲେ କୌଣସି ସରକାର ବା ସାମାଜିକ ବ୍ୟବସ୍ଥାକୁ ହିଂସାତ୍ମକଭାବେ ମୂଳୋତ୍ପାଟନ କଲେ ଫଳତଃ ସେଠାରେ ଏକଛତ୍ରବାଦ ଶାସନ ପ୍ରତିଷ୍ଠା ହେବ କିମ୍ବା ଅରାଜକତା ଦେଖାଦେବ । ଶାନ୍ତିପୂର୍ଣ୍ଣ ପଦ୍ଧତିରେ ମୁକ୍ତି, ସାମ୍ୟ ଓ ଭ୍ରାତୃଭାବର ମହନୀୟ ଚିନ୍ତାଧାରା ଦ୍ୱାରା ସମାଜର ପୁନର୍ଗଠନ ହୋଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ ।

## ନାରୀ–ପୁରୁଷ ଅଧିକାର

ଡକ୍ଟର ଆମ୍ବେଦକର ଯେ କେବଳ ପୁରୁଷ ଓ ପୁରୁଷମାନଙ୍କ ମଧ୍ୟରେ ସମତା ପାଇଁ ଦାବୀ କରୁଥିଲେ ତାହା ନୁହେଁ, ସେ ମଧ୍ୟ ଚାହୁଁଥିଲେ ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ସମତା, ସମାନ ଅଧିକାର ଓ ସମାନ କର୍ତ୍ତବ୍ୟ । ନାରୀମାନଙ୍କର ଉନ୍ନତି ଓ ଶିଶୁମାନଙ୍କର ଯତ୍ନ ନେବାକୁ ସର୍ବଦା ସେ ଉପଦେଶ ଦେଉଥିଲେ । ନାରୀମାନେ ଶିକ୍ଷା ଲାଭ କରି ପୁରୁଷମାନଙ୍କର ସମକକ୍ଷ ହେବାକୁ ସେ ପ୍ରବର୍ତ୍ତାଉଥିଲେ । ତାଙ୍କ ଦ୍ୱାରା ଦକ୍ଷିଣ ଭାରତରେ ପ୍ରଚଳିତ ଦେବଦାସୀ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ (୧୯୨୫) ଓ ହିନ୍ଦୁ କୋଡ୍ ବିଲ୍ ପ୍ରଣୟନ (୧୯୫୬) ସମଗ୍ର ନାରୀ ଜାତି ପ୍ରଗତିର ପ୍ରତୀକ । 'ହିନ୍ଦୁ କୋଡ୍ ବିଲ୍'ରେ ନାରୀମାନଙ୍କୁ ଶିକ୍ଷା, ସମ୍ପତ୍ତି ଓ ଛାଡ଼ପତ୍ର ଦେବାର ଅଧିକାର ପ୍ରଦାନ କରି ସେ ପୁରୁଷ ଓ ନାରୀମାନଙ୍କ ମଧ୍ୟରେ ସାମ୍ୟ ପ୍ରତିଷ୍ଠା କରିବାକୁ ପ୍ରୟାସ କରିଥିଲେ । ଡକ୍ଟର ଆମ୍ବେଦକର ଭାଇସରାୟଙ୍କ କାର୍ଯ୍ୟକାରିଣୀ ପରିଷଦରେ ଶ୍ରମ ସଦସ୍ୟ (୧୯୪୨–୧୯୪୬) ରହିଥିବା ସମୟରେ କଳ କାରଖାନାରେ ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ନିଯୁକ୍ତି ଦେବା ପାଇଁ ନିଷେଧ କରିଥିଲେ । ସେହି ସମୟରେ ତାଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଶ୍ରମିକ ମଙ୍ଗଳ ବିଧେୟକ ଆଜିର ଶ୍ରମିକ ଆଇନ୍ ପ୍ରଣୟନର ପଥ ପ୍ରଦର୍ଶକ ହୋଇ ରହିଛି ।

ମହଦ ସତ୍ୟାଗ୍ରହ (୧୯୨୭) ତାଙ୍କ ଜୀବନର ଏକ ଅଲିଭା ଅଧ୍ୟାୟ । ସମାଜରେ ବିଶୃଙ୍ଖଳା, ସାମାଜିକ ଅନ୍ୟାୟ, ଅସମତା ଓ ଭେଦଭାବ ପାଇଁ 'ମନୁ ସ୍ମୃତି'କୁ ସେ ଦାୟୀ କରିଥିଲେ । ଥରେ ଏଥିରେ ଅଗ୍ନି ସଂଯୋଗ କରି ଦେଇଥିଲେ । ମନୁ ତାଙ୍କ ସ୍ମୃତିରେ ଉଚ୍ଚ ବର୍ଣ୍ଣର ଲୋକମାନେ ଶୂଦ୍ର, ଅସ୍ପୃଶ୍ୟ ଓ ନାରୀମାନଙ୍କ ଉପରେ ଅତ୍ୟାଚାର କରିପାରିବେ ବୋଲି ଉଲ୍ଲେଖ କରିଥିବାରୁ ଡକ୍ଟର ଆମ୍ବେଦକର ଏହାକୁ ଜଳାଇ ଦେଇଥିଲେ ।

## ଧର୍ମ ଧାରଣାରେ କୁସଂସ୍କାର

ସେ ପ୍ରାଚୀନ ପରମ୍ପରାର କଳଙ୍କ, ଧର୍ମନୈତିକ ରକ୍ଷଣଶୀଳତା, ସାମାଜିକ ଭେଦଭାବ ଓ ଅନ୍ଧ ବିଶ୍ୱାସକୁ ଧ୍ୱଂସ କରି ସାମ୍ୟ ଓ ମୁକ୍ତିର ନୂତନ ଆଲୋକ ରଶ୍ମି ବିଚ୍ଛୁରଣ କରିବାକୁ ଚାହିଁଥିଲେ । ଭାରତବର୍ଷର ସମଗ୍ର ଶୋଷିତ ଓ ଅବହେଳିତ ଜନତାଙ୍କୁ ମନ୍ଦିର ପରିବର୍ତ୍ତେ ବିଦ୍ୟାଳୟକୁ ପ୍ରବେଶ କରିବାକୁ ଆହ୍ୱାନ ଦେଇଥିଲେ । ସେ କହୁଥିଲେ ସତ୍ୟ, ଶାନ୍ତି, ମୁକ୍ତି ଓ ସାମ୍ୟ ଅନୁସନ୍ଧାନରେ ବୌଦ୍ଧ ଧର୍ମ ହିଁ ଶ୍ରେୟସ୍କର । ତାଙ୍କ ମତରେ ପ୍ରତ୍ୟେକ ଦର୍ଶନ ଓ ଚିନ୍ତାଧାରାର ବୈଜ୍ଞାନିକ କାରଣ ଓ ମହତ୍ତ୍ୱ ରହିଥିବା ଉଚିତ । ଯେଉଁ ପ୍ରାଚୀନ ଚିନ୍ତାଧାରା ମାନବିକ ବିବେକ ବହିର୍ଭୂତ ତାହା ଆଦୌ ଗ୍ରହଣ ନକରିବାକୁ ସେ ପ୍ରବର୍ତ୍ତାଉଥିଲେ ।

ଜାତି ପ୍ରଥା ସର୍ବଦା ସାଧାରଣ ମତ ପ୍ରକାଶକୁ ସଙ୍କୀର୍ଣ୍ଣ କରିଦେଉଛି । ଏହା ଶହ ଶହ ସଂଖ୍ୟାରେ ବିଭିନ୍ନ ଦଳରେ ବିଭକ୍ତ ହୋଇ ନିଜ ନିଜ ବିରୁଦ୍ଧରେ ଆତ୍ମଘାତୀ କାର୍ଯ୍ୟ କରୁଛି ବୋଲି ଡକ୍ଟର ଆମ୍ବେଦକର ଦର୍ଶାଇଥିଲେ ।

ଡକ୍ଟର ଆମ୍ବେଦକର ଭାରତୀୟ ସମାଜିକ ସମସ୍ୟା ଅନୁଧ୍ୟାନ କରି ଅନୁଭବ କରିଥିଲେ ଯେ ନିରକ୍ଷରତା, ଅଜ୍ଞତା ଓ ଦାରିଦ୍ର୍ୟ ହିଁ ସାମାଜିକ ଶୋଷଣର କାରଣ । ତେଣୁ ସେ ୧୯୪୬ ମସିହାରେ Peoples' Education Society ପ୍ରତିଷ୍ଠା କରି ଏହାଦ୍ୱାରା ବିଭିନ୍ନ ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟ ସହିତ ବମ୍ବେରେ ସିଦ୍ଧାର୍ଥ କଲେଜ ଓ କେତେକ ଛାତ୍ରାବାସ ପ୍ରତିଷ୍ଠା କରିଥିଲେ । ଶିକ୍ଷାର ବିକାଶ ନିମନ୍ତେ ବିଭିନ୍ନ ସ୍ଥାନରେ ସେ ପାଠାଗାର ପ୍ରତିଷ୍ଠା କରିଥିଲେ । ପୁସ୍ତକ ସଂଗ୍ରହ ଓ ଅଧ୍ୟୟନ ତାଙ୍କର ସଉକ ନୁହେଁ ବରଂ ଅଭ୍ୟାସ ଥିଲା । ତେଣୁ ତାଙ୍କର 'ବ୍ୟକ୍ତିଗତ ପୁସ୍ତକାଳୟ' ଏସିଆରେ ବୃହତ୍ତମ ଥିଲା । ଭାରତୀୟ ସମାଜରୁ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଜମିକୁ ଜାତୀୟକରଣ କରିବା ପାଇଁ ଦାବୀ କରିବାରେ ସେ ଥିଲେ ପ୍ରଥମ ଭାରତୀୟ ।

## ପ୍ରଗତିଶୀଳ ଦର୍ଶନ

ଡକ୍ଟର ଆମ୍ବେଦକରଙ୍କର ସାମାଜିକ ଦର୍ଶନର ଭିତ୍ତିଭୂମି ଥିଲା ପ୍ରାଚୀନ ରକ୍ଷଣଶୀଳ ପରମ୍ପରାକୁ ଉଚ୍ଛେଦ କରି ନୂତନ ପ୍ରଗତିଶୀଳ ଦର୍ଶନରେ ସମାଜକୁ ଉଦ୍‌ବୁଦ୍ଧ କରିବା । ତାଙ୍କ ମତରେ ଜାତି ପ୍ରଥା ଧର୍ମକୁ ବିଶୃଙ୍ଖଳିତ ଓ ନୀତିହୀନ କରିଦେଇଛି । ଜାତି ପ୍ରଥା ଯୋଗୁଁ ଧର୍ମ ପ୍ରଗତିରୋପଯୋଗୀ ହୋଇପାରୁ ନାହିଁ । ଅଜାତି ପଙ୍‌କ୍ତି ଭୋଜନ ଓ ଅଜାତି ବିବାହ ଦ୍ୱାରା ଜାତି ପ୍ରଥାର ବିନାଶ ଘଟିପାରିବ ବୋଲି ସେ ଦୃଢ଼ମତ ପୋଷଣ କରିଥିଲେ । ଧର୍ମରେ ସାମ୍ୟଭିତ୍ତିକ ସଂସ୍କାର ଆଣିବାକୁ ସେ ବହୁ ଉଦ୍ୟମ କରି ବିଫଳ ହେବାରୁ ୟେଓଲା ସମ୍ମିଳନୀରେ (୧୯୩୫) ଭାରତବର୍ଷର ଦଳିତ ଶୋଷିତ ଜନତାଙ୍କୁ ଅନ୍ୟ ଯେ କୌଣସି ଧର୍ମ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଇତିମଧ୍ୟରେ ଦୀର୍ଘ ୨୦ ବର୍ଷ ବିତିଗଲା, କିନ୍ତୁ ସମାଜରେ କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଲା ନାହିଁ । ତେଣୁ ଭାରତ ମାଟିରେ ଜନ୍ମ ନେଇ ବିଶ୍ୱ ପ୍ରସିଦ୍ଧି ଲାଭ ପରେ ଧୀରେ ଧୀରେ ବିଲୟ ହୋଇଯାଉଥିବା 'ବୌଦ୍ଧ ଧର୍ମ'କୁ ପୁନରୁଦ୍ଧାର କରିବା ପାଇଁ ସେ ୧୯୫୬ ମସିହାରେ ପ୍ରାୟ ଏକଲକ୍ଷ ଦଳିତ ଶୋଷିତ ଜନତାଙ୍କ ସହିତ ବୌଦ୍ଧ ଧର୍ମ ଗ୍ରହଣ କଲେ । ବୌଦ୍ଧ ଧର୍ମ ପ୍ରାୟତଃ ଏକ ସାମାଜିକ ପ୍ରତିବାଦମୂଳକ ଧର୍ମ । ଧର୍ମାନ୍ତର ପରେ ପରେ ଡକ୍ଟର ଆମ୍ବେଦକର ବ୍ରିଟିଶ୍ ବ୍ରୋଡ୍‌କାଷ୍ଟିଂ କର୍ପୋରେସନରୁ ବିଶ୍ୱବାସୀଙ୍କୁ କହିଥିଲେ, ବୌଦ୍ଧ ଧର୍ମରେ ତିନୋଟି ମୌଳିକ ଉପାଦାନ ରହିଛି, ଯାହାକି ବିଶ୍ୱର ଅନ୍ୟ କୌଣସି ଧର୍ମରେ ନାହିଁ । ସେଥିପାଇଁ ସେ ବୌଦ୍ଧ ଧର୍ମ ଗ୍ରହଣ କରିଛନ୍ତି । ତାହା ହେଲା 'ପ୍ରଜ୍ଞା', 'କରୁଣା' ଓ 'ସମତା' । ଗୌତମ ବୁଦ୍ଧଙ୍କର ମହାନ ଦର୍ଶନରେ ଉଦ୍‌ବୁଦ୍ଧ ହେବାପାଇଁ ସେ ବିଶ୍ୱବାସୀଙ୍କୁ ଆହ୍ୱାନ ଦେଇଥିଲେ । ମୁକ୍ତି, ସାମ୍ୟ ଓ ଭ୍ରାତୃଭାବ ଫରାସୀ ବିପ୍ଳବ (୧୭୮୯)ର ଦାର୍ଶନିକ ତଥ୍ୟ ନୁହେଁ; ବୌଦ୍ଧ ଧର୍ମର ମୌଳିକ ତତ୍ତ୍ୱ ବୋଲି ସେ ଦର୍ଶାଇଥିଲେ । ଡକ୍ଟର ଆମ୍ବେଦକରଙ୍କ ବୌଦ୍ଧ ଧର୍ମ ଗ୍ରହଣ ଭାରତୀୟ ସମାଜ ପାଇଁ ଏକ ଆଶୀର୍ବାଦ । ସେ ଯଦି ଅନ୍ୟ କୌଣସି ଧର୍ମ ଗ୍ରହଣ କରିଥାନ୍ତେ, ଏହା ଏକ ରାଜନୈତିକ ସମସ୍ୟା ସୃଷ୍ଟି କରିଥାନ୍ତା ।

## ସମ୍ବିଧାନ ବିଶେଷଜ୍ଞ

ଡକ୍ଟର ଆମ୍ବେଦକର କେବଳ ଜଣେ ସାମାଜିକ କ୍ରାନ୍ତିକାରୀ ନଥିଲେ, ସେ ଥିଲେ ଜଣେ ଦାର୍ଶନିକ । ବହୁ ଦାର୍ଶନିକଙ୍କର ରାଜନୈତିକ ତଥ୍ୟ ଓ ବିଭିନ୍ନ ଦେଶର ସମ୍ବିଧାନଗୁଡ଼ିକ ସେ ଅଧ୍ୟୟନ କରିଥିଲେ । ଜଣେ ବିଶିଷ୍ଟ ଆଇନଜ୍ଞ ଓ ସମ୍ବିଧାନ ବିଶେଷଜ୍ଞଭାବେ ତାଙ୍କର ସୁଖ୍ୟାତି ଅବିସ୍ମରଣୀୟ । ଏତଦ୍‌ବ୍ୟତୀତ ସାମାଜିକ ସମସ୍ୟା ଉପରେ ଗଭୀର ଅଧ୍ୟୟନ ତାଙ୍କର ରାଜନୈତିକ ଦର୍ଶନକୁ ପରିପୁଷ୍ଟ କରିଥିଲା ।

ଡକ୍ଟର ଆମ୍ବେଦକର ରାଷ୍ଟ୍ର ଅପେକ୍ଷା ସମାଜକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ତାଙ୍କ ମତରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଓ ବୈଦେଶିକ ଆକ୍ରମଣରୁ ଲୋକମାନଙ୍କୁ ରକ୍ଷା କରିବା ଦାୟିତ୍ୱ ରାଷ୍ଟ୍ରର । ରାଷ୍ଟ୍ର କେବେହେଲେ ବହୁ କ୍ଷମତାଶାଳୀ ହେବା ଉଚିତ ନୁହେଁ । ସମାଜର ଲୋକମାନଙ୍କ ଦ୍ୱାରା ରାଷ୍ଟ୍ର ଗଠିତ ହୋଇଥାଏ । ତେଣୁ ସମାଜରେ ପ୍ରତ୍ୟେକ ନାଗରିକ କିପରି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବେ, ସେଥିପାଇଁ ଏକ ସୁସ୍ଥ ସାମାଜିକ ବାତାବରଣ ସୃଷ୍ଟି କରିବାର ଦାୟିତ୍ୱ ରାଷ୍ଟ୍ର ଉପରେ ନିର୍ଭର କରେ । ରାଷ୍ଟ୍ର ସମାଜର ଏକ ମାଧ୍ୟମ, କିନ୍ତୁ ଲକ୍ଷ୍ୟ ନୁହେଁ । ରାଷ୍ଟ୍ରକୁ ବହୁ କ୍ଷମତାଶାଳୀ କରିବା ତଥ୍ୟର ପ୍ରବକ୍ତା ଯଥାକ୍ରମେ ହବ୍‌ସ, ହେଗେଲ ଓ ବୋସାଁ କ୍ୱେଟ୍‌ଙ୍କ ସହିତ ଡକ୍ଟର ଆମ୍ବେଦକର ଏକମତ ନୁହନ୍ତି । ଡକ୍ଟର ଆମ୍ବେଦକରଙ୍କ ମତରେ, ରାଷ୍ଟ୍ର ବ୍ୟକ୍ତି ଓ ସମାଜର ସେବକଭାବେ ସେମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ, କିନ୍ତୁ ମାଲିକଭାବେ ନୁହେଁ । ସେ ଆହୁରି କହିଛନ୍ତି ଯେ ବ୍ୟକ୍ତିର ପ୍ରକୃତ ସ୍ୱାଧୀନତା ରାଜନୈତିକ ସ୍ୱାଧୀନତା ନୁହେଁ, ପ୍ରକୃତି ସ୍ୱାଧୀନତା ହେଉଛି ସାମାଜିକ, ଅର୍ଥନୈତିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସ୍ୱାଧୀନତା ।

## ଲୋକକଲ୍ୟାଣ ହିଁ ଲକ୍ଷ୍ୟ

ଡକ୍ଟର ଆମ୍ବେଦକର ମଧ୍ୟ ମାକିଆ ଭେଲିଙ୍କ ସିଦ୍ଧାନ୍ତ "ରାଷ୍ଟ୍ର ଲୋକମାନଙ୍କୁ ଶାସନ କରି ଅଧୀନରେ ରଖିବା" ତଥ୍ୟକୁ ତୀବ୍ର ସମାଲୋଚନା କରିଥିଲେ । ସେ କହୁଥିଲେ, ଯେଉଁ ରାଷ୍ଟ୍ର ଲୋକମାନଙ୍କ ଆବଶ୍ୟକତାକୁ ଠିକ୍ ସମୟରେ ପୂରଣ କରିପାରେ ତାହାହିଁ ଉତ୍ତମ ରାଷ୍ଟ୍ର । ଦ୍ୱିତୀୟତଃ, ଯେଉଁ ରାଷ୍ଟ୍ର ଗୋଟିଏ ସମ୍ପ୍ରଦାୟ ଉପରେ ଅନ୍ୟ ଏକ ସମ୍ପ୍ରଦାୟର ଶୋଷଣ ଓ ଅତ୍ୟାଚାରକୁ ପ୍ରତିରୋଧ କରି ଦେଶରେ ବ୍ୟାପୁଥିବା ହିଂସା, ଦ୍ୱେଷ, ଧର୍ଷଣ ଓ ଅତ୍ୟାଚାରକୁ ବନ୍ଦ କରିପାରେ ତାହାହିଁ ହେଉଛି ଉତ୍ତମ ରାଷ୍ଟ୍ର ।

ଗୋଟିଏ ସଭ୍ୟ ସମାଜରେ ସ୍ୱାଧୀନ ବିଚାର ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ଭାବିଥିଲେ । ତାଙ୍କ ମତରେ ଆଇନ ସାମ୍ୟ ଓ ସ୍ୱାଧୀନତାର ରକ୍ଷକ । ଆଇନ ନିକଟରେ ପ୍ରତ୍ୟେକ ନାଗରିକ ସମାନ । ଡକ୍ଟର ଆମ୍ବେଦକର ଲୋକ ଏବଂ ରାଷ୍ଟ୍ରର ଆଇନଗତ କ୍ଷମତା ମଧ୍ୟରେ ଏକ ସଦ୍‌ଭାବ ସୃଷ୍ଟି କରିବାକୁ ଚିନ୍ତା କରିଥିଲେ । ତେଣୁ ସେ ବ୍ୟକ୍ତିର ସ୍ୱାଧୀନତା ରକ୍ଷା କରିବା ଉଦ୍ଦେଶ୍ୟରେ ଏକ ସ୍ୱାଧୀନ ବିଚାର ବିଭାଗର ଆବଶ୍ୟକତା ରହିଛି ବୋଲି ଉପଲବ୍ଧି କରିଥିଲେ । ତାଙ୍କର ଏହି ଗଣତାନ୍ତ୍ରିକ ସଙ୍ଗଠନ ତଥ୍ୟକୁ ଯଥାର୍ଥରେ ମଣ୍ଟେସ୍କ୍ୟୁଙ୍କ ବିରୋଧ ଓ ଭାରସାମ୍ୟ" ତଥ୍ୟ ସହିତ ତୁଳନା କରାଯାଇପାରେ ।

ଡ଼କ୍ଟର ଆମ୍ବେଦକରଙ୍କ ରାଜନୈତିକ ଦର୍ଶନ ଉଦାର ନୀତିବାଦ ଓ ଚରମ ଜାତୀୟତାବାଦର ଏକ ଅପୂର୍ବ ମିଶ୍ରଣ ଥିଲା । ସାମାଜିକ ସାମ୍ୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମଗୁଡ଼ିକ ଥିଲା ତାଙ୍କର ମୂଲ୍ୟବୋଧ । ସେ ଥିଲେ ଜଣେ ବଳିଷ୍ଠ ଗଣତନ୍ତ୍ରବାଦୀ । ରାଜନୈତିକ ଗଣତନ୍ତ୍ର ଗଣତନ୍ତ୍ରର ପୂର୍ଣ୍ଣାଙ୍ଗ ରୂପରେଖ ନୁହେଁ । ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ବିନା ରାଜନୈତିକ ଗଣତନ୍ତ୍ରର ଉପାଦେୟତା ନାହିଁ ବୋଲି ସେ ଦର୍ଶାଇଥିଲେ । ତାଙ୍କ ମତରେ ପାଶ୍ଚାତ୍ୟ ଗଣତନ୍ତ୍ର ଭାରତବର୍ଷ ପାଇଁ ଆଦୌ ଉପଯୋଗୀ ନୁହେଁ ।

## ଗଣତନ୍ତ୍ରର ସଜ୍ଞା

ୱାଲ୍‌ଟର ବାଗେହଟ୍ ଓ ଆବ୍ରାହମ୍ ଲିଙ୍କନ୍‌ଙ୍କ ଦ୍ୱାରା ପ୍ରଦତ୍ତ ଗଣତନ୍ତ୍ରର ସଜ୍ଞା ଦ୍ୱାରା ଡକ୍ଟର ଆମ୍ବେଦକର ସନ୍ତୁଷ୍ଟ ନୁହନ୍ତି । ବାଗେହଟ୍‌ଙ୍କ ମତରେ "ଆଲୋଚନା ଦ୍ୱାରା ସରକାର ଗଠନ ହିଁ ଗଣତନ୍ତ୍ର" ଏବଂ ଲିଙ୍କନ୍‌ଙ୍କ ଭାଷାରେ, "ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଗଠିତ ସରକାର ହିଁ ଗଣତନ୍ତ୍ର" । କିନ୍ତୁ ଡକ୍ଟର ଆମ୍ବେଦକରଙ୍କ ମତରେ "ବିନା କଳହ ଓ ବିନା ରକ୍ତପାତରେ ଲୋକମାନଙ୍କର ସାମାଜିକ

ଓ ଅର୍ଥନୈତିକ ଜୀବନରେ ମୌଳିକ ପରିବର୍ତ୍ତନ ହିଁ ଗଣତନ୍ତ୍ର"। ନୈତିକ ଶୃଙ୍ଖଳା ଗଣତନ୍ତ୍ର ପାଇଁ ଏକ ଆବଶ୍ୟକୀୟ ଉପାଦାନ ବୋଲି ହାରୋଲ୍ଡ ଲାସ୍କିଙ୍କର ମତବାଦକୁ ସେ ବହୁତ ପ୍ରଶଂସା କରିଛନ୍ତି।

ଏହିପରି ଗଣତନ୍ତ୍ର କେବଳ ସରକାର ଗଠନର ଏକ ପ୍ରଣାଳୀ ନୁହେଁ, ଅଧିକନ୍ତୁ ଏହା ଏକ ଜୀବନଧାରା ଯଦ୍ୱାରା ସାମାଜିକ ନ୍ୟାୟ ପ୍ରତିଷ୍ଠା କରାଯାଇ ପାରିବ। ଡକ୍ଟର ଆମ୍ବେଦକର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ "ଗୋଟିଏ ବ୍ୟକ୍ତି – ଗୋଟିଏ ମୂଲ୍ୟ" ନୀତିକୁ ପ୍ରାଧାନ୍ୟ ଦେଇ ଗଣତନ୍ତ୍ରର ଉଚ୍ଚକୋଟୀର ମୂଲ୍ୟ ପ୍ରତିପାଦିତ କରିଛନ୍ତି।

ଡକ୍ଟର ଆମ୍ବେଦକର 'ରାଷ୍ଟ୍ର ସମାଜବାଦ'ର ଜଣେ ଦୃଢ଼ ପ୍ରବକ୍ତା ଥିଲେ। ତାଙ୍କ ମତରେ ଭାରତୀୟ ଜନସଂଖ୍ୟାର ଶତକଡ଼ା ୫୦ ଭାଗରୁ ଅଧିକ ଲୋକ ଗରିବ ଓ ଭୂମିହୀନ। ସେମାନେ ଜମିର ଚକବନ୍ଦୀ କିମ୍ବା ମୁଲିଆ ଆଇନ ଦ୍ୱାରା ଉପକୃତ ହୋଇପାରିବେ ନାହିଁ। କେବଳ ମିଳିତ କୃଷିକ୍ଷେତ୍ର ବା କୋଠଚାଷ ଦ୍ୱାରା ଭୂମିହୀନ ଶ୍ରମିକମାନଙ୍କର ସମସ୍ୟା ସମାଧାନ ହୋଇପାରିବ। ଏହି ପ୍ରସଙ୍ଗରେ ସେ କହିଥିଲେ, "ଏହି ଯୋଜନାର ଦୁଇଟି ପ୍ରସ୍ତାବ ରହିଛି। ପ୍ରଥମତଃ, ଅର୍ଥନୈତିକ ଜୀବନର ପ୍ରଧାନ କ୍ଷେତ୍ର କୃଷି ଓ ଶିଳ୍ପରେ ରାଷ୍ଟ୍ର ସମାଜବାଦ ପ୍ରତିଷ୍ଠା, ଦ୍ୱିତୀୟତଃ, ଏହି ରାଷ୍ଟ୍ର ସମାଜବାଦ ପ୍ରତିଷ୍ଠା ପାର୍ଲାମେଣ୍ଟ ଉପରେ ନ୍ୟସ୍ତ ନକରି ଏହାକୁ ଏକ ସାମ୍ବିଧାନିକ ବ୍ୟବସ୍ଥା କରିଦେବା।" ରାଷ୍ଟ୍ର ସମାଜବାଦ ଓ ରାଜନୈତିକ ଗଣତନ୍ତ୍ର ପରସ୍ପର ବିରୋଧୀ ନୁହନ୍ତି। ଡକ୍ଟର ଆମ୍ବେଦକର ଏକଛତ୍ରବାଦ ଦ୍ୱାରା ନୁହେଁ, ବରଂ ରାଜନୈତିକ ଗଣତନ୍ତ୍ର ଦ୍ୱାରା ରାଷ୍ଟ୍ରୀୟ ସମାଜବାଦ ପ୍ରତିଷ୍ଠା କରିବାକୁ ଚାହିଁଥିଲେ। ତାଙ୍କ ମତରେ ରାଷ୍ଟ୍ରୀୟ ସମାଜବାଦକୁ ଏକ ସାମ୍ବିଧାନିକ ବ୍ୟବସ୍ଥା କରି ଏହାକୁ ରାଜନୈତିକ ଗଣତନ୍ତ୍ର ଦ୍ୱାରା କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ଗ୍ରହଣ କଲେ, ଆମେ ସମାଜବାଦ ଓ ରାଜନୈତିକ ଗଣତନ୍ତ୍ର ଉଭୟଙ୍କୁ ପାଇପାରିବା। ଏହା ଦ୍ୱାରା ଆମେ (୧) ସାମାଜିକ ଗଣତନ୍ତ୍ର ଓ (୨) ରାଜନୈତିକ ଗଣତନ୍ତ୍ର ହାସଲ କରିବା ସହିତ (୩) ଏକଛତ୍ରବାଦକୁ ଉପେକ୍ଷା ଇତ୍ୟାଦି ତିନୋଟି ଲକ୍ଷ୍ୟ ସାଧିତ ହୋଇପାରିବ। ଡକ୍ଟର ଆମ୍ବେଦକର ସମାଜବାଦ ନୀତିକୁ ମୌଳିକ ଅଧିକାର ଓ ରାଷ୍ଟ୍ର ନୀତିର ନିର୍ଦ୍ଦେଶନାମାରେ ଅନ୍ତର୍ଭୁକ୍ତ କରିବାକୁ ଚାହିଁଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ ସମ୍ବିଧାନ ନିର୍ମାତା ସଭାର ସଂଖ୍ୟା ଗରିଷ୍ଠତା ଦ୍ୱାରା ଏହା ଗୃହୀତ ହେଲା ନାହିଁ।

## ଅଦ୍ୱିତୀୟ ଦେଶପ୍ରେମୀ

ଡକ୍ଟର ଆମ୍ବେଦକର ଥିଲେ ଜଣେ ଅଦ୍ୱିତୀୟ ଦେଶପ୍ରେମୀ। ଜାତୀୟ ସଂହତି ପାଇଁ ତାଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମ୍ବିଧାନ ନିର୍ମାତା ସଭାର ଡ୍ରାଫ୍‌ଟିଂ କମିଟିର ଚେୟାରମ୍ୟାନଭାବେ ସେ ବହୁ ଦାୟିତ୍ୱର ସହିତ ସମ୍ବିଧାନ ପ୍ରଣୟନ କରିଯାଇଛନ୍ତି। ପ୍ରଥମରୁ ସେ ଏକ ଅଖଣ୍ଡ ଭାରତର କଳ୍ପନା କରିଥିଲେ। କିନ୍ତୁ ମୁସଲିମ୍‌ଲିଗ୍‌ର ଦାବୀ ଯୋଗୁଁ ଯେତେବେଳେ ସ୍ଥିର ହୋଇଗଲା ଯେ ଅଖଣ୍ଡ ଭାରତ–ପାକିସ୍ତାନ ଓ ଭାରତ ନାମରେ ଦୁଇଟି ଦେଶରେ ବିଭକ୍ତ ହେବ, ସେତେବେଳେ ସେ ପଞ୍ଜାବ ଓ ବଙ୍ଗର ବିଭାଜନ କରି ହିନ୍ଦୀ ଭାଷାଭାଷୀ ଅଞ୍ଚଳ ଭାରତରେ ମିଶାଇବା ପାଇଁ ଦାବୀ କରିଥିଲେ। ହିନ୍ଦୀକୁ ଭାରତର ରାଷ୍ଟ୍ରଭାଷା କରିବା ପାଇଁ ସେ ମଧ୍ୟ ପରାମର୍ଶ ଦେଇଥିଲେ। ତାଙ୍କର ଦେଶପ୍ରେମ ଓ ଜାତୀୟତାବୋଧ ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ।

## କେନ୍ଦ୍ର ପାଇଁ କ୍ଷମତା

ସମ୍ବିଧାନ ନିର୍ମାତା ସଭାରେ ଲିଖିତ ସମ୍ବିଧାନ ଆଲୋଚନା ଅବସରରେ ବହୁ ସଦସ୍ୟ କେନ୍ଦ୍ର ସରକାରଙ୍କୁ ସେ ଅଧିକ କ୍ଷମତା ଦେଇଛନ୍ତି ବୋଲି ଦୋଷାରୋପ କରିଥିଲେ। ସେ ନିଜେ ବ୍ୟକ୍ତି ବିଶେଷଙ୍କୁ ପ୍ରାଧାନ୍ୟ ଦେଉଥିବା ବେଳେ କେନ୍ଦ୍ରକୁ ଶକ୍ତିଶାଳୀ କରିବା ତାଙ୍କ ପକ୍ଷେ ଶୋଭନୀୟ ନୁହେଁ। କିନ୍ତୁ ଡକ୍ଟର ଆମ୍ବେଦକରଙ୍କ ଦୂରଦୃଷ୍ଟି ସେତେବେଳେ କେହି ବୁଝିପାରି ନଥିଲେ। ଡକ୍ଟର ଆମ୍ବେଦକର ତାଙ୍କ ଉତ୍ତରରେ କହିଥିଲେ, "କେତେକ ସମାଲୋଚକ କହନ୍ତି ଯେ କେନ୍ଦ୍ର ସରକାର ଅଧିକ କ୍ଷମତାଶାଳୀ ହୋଇଛି। କେତେକ କହନ୍ତି ଯେ କେନ୍ଦ୍ର ସରକାର ଶକ୍ତିଶାଳୀ ହେବା ଉଚିତ ନୁହେଁ। କେତେକଙ୍କ ମତରେ ଲିଖିତ ସମ୍ବିଧାନ ଭାରସାମ୍ୟ ରକ୍ଷା କରିପାରି ନାହିଁ। କେନ୍ଦ୍ରକୁ କ୍ଷମତାଶାଳୀ କରିବାକୁ ଆପଣମାନେ ଯେତେ ମନା କଲେ ବି, ଏହାକୁ କ୍ଷମତାହୀନ କରିବା ଏତେ ସହଜ ନୁହେଁ। ଆଧୁନିକ ବିଶ୍ୱରେ ରାଜନୈତିକ ପରିସ୍ଥିତି ଏପରି ହେବାକୁ ଯାଉଛି ଯେ କେନ୍ଦ୍ର କ୍ଷମତାଶାଳୀ ହେବା ଅବଶ୍ୟମ୍ଭାବୀ।" ତାଙ୍କ ମତରେ, ଭାରତୀୟ ସମାଜ କେବଳ ଜାତି ଓ ଶ୍ରେଣୀରେ ବିଭକ୍ତ ନୁହେଁ, ଏହା ବିଭିନ୍ନ ଅଞ୍ଚଳ, ଭାଷା, ପରମ୍ପରା ଓ ସଂସ୍କୃତିରେ ବିଭକ୍ତ। ତେଣୁ ଏହାର ଭୂଖଣ୍ଡ ସଂହତି ଓ ପ୍ରଶାସନିକ ଶୃଙ୍ଖଳା ରକ୍ଷା କରିବାକୁ ଏକ କ୍ଷମତାଶାଳୀ କେନ୍ଦ୍ରର ଅପରିହାର୍ଯ୍ୟତା ରହିଛି।

ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ରକୁ ଉପେକ୍ଷା କଲେ ଭାରତୀୟ ସମାଜ ବିପଦାପନ୍ନ ହେବ ବୋଲି ଡକ୍ଟର ଆମ୍ବେଦକର ବାରମ୍ବାର ସତର୍କବାଣୀ ଶୁଣାଇଥିଲେ। ଏହି ପ୍ରସଙ୍ଗରେ ସେ ସମ୍ବିଧାନ ନିର୍ମାତା ସଭା (ନଭେମ୍ବର ୨୫, ୧୯୪୯)ରେ କହିଥିଲେ, "୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ଆମ୍ଭେମାନେ ରାଜନୈତିକ ସାମ୍ୟ ଏବଂ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ମଧ୍ୟରେ ଏକ ଦ୍ୱନ୍ଦ୍ୱପୂର୍ଣ୍ଣ ଜୀବନ ଯାପନ କରିବାକୁ ଯାଉଛୁ। ଆମ୍ଭେମାନେ "ଗୋଟିଏ ଭୋଟ – ଗୋଟିଏ ମୂଲ୍ୟ"କୁ ସ୍ୱୀକୃତି ଦେଉଥିବା ସମୟରେ "ଏକ ବ୍ୟକ୍ତି – ଏକ ମୂଲ୍ୟ" ନୀତିକୁ ଉପେକ୍ଷା କରୁଛୁ। ଆମର ଗଣତନ୍ତ୍ରକୁ ବିପଦାପନ୍ନ କରୁଥିବା ଏଭଳି ଦ୍ୱନ୍ଦ୍ୱପୂର୍ଣ୍ଣ ପରିସ୍ଥିତିର ଶୀଘ୍ର ଶେଷ ହେବା ଉଚିତ। ନଚେତ୍ ଏହି ବୈଷମ୍ୟ ଦ୍ୱାରା ନିର୍ଯ୍ୟାତିତହେଉଥିବା ଲୋକମାନେ ଆମର ବହୁ କଷ୍ଟଲବ୍ଧ ରାଜନୈତିକ ଗଣତନ୍ତ୍ରକୁ ଦିନେ ହେଲେ ଧ୍ୱଂସ କରିଦେବେ।" ବାସ୍ତବିକ୍ ଡକ୍ଟର ଆମ୍ବେଦକରଙ୍କ ବାଣୀ ସତ୍ୟ ଓ ଚିରନ୍ତନ। ତାହା ଆମ ଭାରତୀୟ ଶାସନର ପାଥେୟ ହେବା ଉଚିତ।

ଡକ୍ଟର ଆମ୍ବେଦକରଙ୍କ ଜୀବନ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଏବଂ ନ୍ୟାୟ ଓ ମାନବିକ ଅଧିକାର ପ୍ରତିଷ୍ଠାର ଇତିହାସ। ଗୋଲ ଟେବୁଲ୍ ବୈଠକ (୧୯୩୦–୧୯୩୨)ରେ ଭାରତ ସ୍ୱାଧୀନତା ପାଇଁ ତାଙ୍କର ଦୃଢ଼ ଦାବୀ ଏବଂ ବିଭିନ୍ନ ସମୟରେ ଭାରତ ଶାସନ ସମ୍ପର୍କରେ ବ୍ରିଟିଶ୍ ସରକାରଙ୍କ ସହିତ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚିରସ୍ମରଣୀୟ ହୋଇ ରହିଥିବ। ଏକାଧାରରେ ସେ ଥିଲେ ଜଣେ ସାମାଜିକ କ୍ରାନ୍ତିକାରୀ, ବିଶିଷ୍ଟ ଶିକ୍ଷାବିତ୍, ଅର୍ଥନୀତିଜ୍ଞ, ଆଇନଜ୍ଞ, ଦାର୍ଶନିକ, ସମ୍ବିଧାନ ବିଶେଷଜ୍ଞ ଓ ସର୍ବୋପରି ଭାରତୀୟ ସମ୍ବିଧାନର ଜନକ"। ପ୍ରକୃତରେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ଭାରତବର୍ଷ ପାଇଁ ତାଙ୍କର ସର୍ବୋତମ ସେବାର ପ୍ରତୀକ – ଭାରତର ସମ୍ବିଧାନ। ବିଂଶ ଶତାବ୍ଦୀର ବିଶ୍ୱ ଇତିହାସରେ ସେ ଚିରସ୍ମରଣୀୟ ନକ୍ଷତ୍ର। ତାଙ୍କ ଦର୍ଶନର ସଫଳ ରୂପାୟନ ହିଂସା ବା ଯୁଦ୍ଧ ଦ୍ୱାରା ନୁହେଁ, ଆଇନ୍ ଓ ଗଣତନ୍ତ୍ର ଦ୍ୱାରା ହିଁ ସମ୍ଭବ ହୋଇ ପାରିବ।

ଇତିହାସ ବିଭାଗ,
ସାମନ୍ତ ଚନ୍ଦ୍ରଶେଖର କଲେଜ,
ପୁରୀ।

# ଜ୍ଞାନର ଉପାସକ ବିନୋଦ କାନୁନ୍‌ଗୋ

*ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ*

ପବିତ୍ର ନେବୋତ୍ସବ । ନେବୋତ୍ସବରେ ଜ୍ଞାନ ନେଇ ହରାଇବା ଯନ୍ତ୍ରଣା ମର୍ମନ୍ତୁଦ । ଠିକ୍ ଏହି ପବିତ୍ର ନେବୋତ୍ସବର ୬୨ ବର୍ଷ ତଳେ ଏ ଜାତି ଉତ୍କଳମଣି ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କୁ ହରାଇଥିଲା, ସେହି ପବିତ୍ର ନେବୋତ୍ସବରେ ହିଁ ଦାରୁବ୍ରହ୍ମ ଜଗନ୍ନାଥଙ୍କ ବ୍ରହ୍ମତତ୍ତ୍ୱରେ ଲୀନ ହେଲେ ୭୮ ବର୍ଷ ବୟସ୍କ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, ଆଜୀବନୀ ଲେଖନୀ ଶ୍ରଷ୍ଟା ତଥା ଜ୍ଞାନ ମଣ୍ଡଳର ପ୍ରଣେତା ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ । ଆଜୀବନ ଲେଖନୀ ଚାଳନା କରି ଥକି ପଡ଼ିଥିବା ମଣିଷଟି ମହାନିଦ୍ରାରେ ଶୋଇଗଲେ ସବୁଦିନ ପାଇଁ । ହଠାତ୍ ଇତିହାସର ଗୋଟିଏ ପୃଷ୍ଠା ଓଲଟିଗଲା । ଜ୍ଞାନର ଗୋଟିଏ ମହାନ୍ ଗ୍ରନ୍ଥର ପରିସମାପ୍ତି ଘଟିଲା ୧୯୯୦ ମସିହା ଜୁନ ୨୨ ତାରିଖ ପୂର୍ବାହ୍ନ ୯ଟା ୫୦ ମିନିଟରେ । ଲୋତକାପ୍ଲୁତ ନୟନରୁ ଅଶ୍ରୁର ଧାରା ଛୁଟାଇ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ମୁଖନିସୃତ ବାଣୀ ନିନାଦିତ ହେଲା "ଏଇ ମାଟିରେ ଏମିତି ଏକ ପୁଅ ଜନ୍ମ ହେବା ପାଇଁ ବହୁଯୁଗ ବିତିଯିବ ।"

ବିଶ୍ୱର ସମସ୍ତ ଜ୍ଞାନର ଭଣ୍ଡାରକୁ ଓଡ଼ିଆ ଭାଷା ମାଧ୍ୟମରେ ପ୍ରକାଶ କରିହେବ, ବିଜ୍ଞାନର ଅତି ଜଟିଳ ତତ୍ତ୍ୱକୁ ଅତି ସହଜ ଓ ସରଳ ଭାଷାରେ ବୁଝାଯାଇ ପାରିବ ଏବଂ ଓଡ଼ିଆ ଭାଷା ଯେ କୌଣସି ଭାରତୀୟ ଭାଷା ସାହିତ୍ୟ ସହ ସମକକ୍ଷ, ଭାରତବର୍ଷରୁ ନିରକ୍ଷରତା ଦୂରହୋଇ ପାରିବ – ଏ କଥା ପ୍ରମାଣ କରିଥିଲେ ୭୮ ବର୍ଷ ବୟସ୍କ ସ୍ୱାଧୀନତା ସଂଗ୍ରାମୀ ସାହିତ୍ୟିକ ତଥା ଜ୍ଞାନ ମଣ୍ଡଳର ପ୍ରଣେତା ସ୍ୱର୍ଗତ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ।

ତାଙ୍କ ଜୀବନ ବଡ଼ ବିଚିତ୍ର । ନିରଳସ କର୍ମଯୋଗୀ ସେ । ଜ୍ଞାନ ବିଜ୍ଞାନର ଏକନିଷ୍ଠ ଉପାସକ । ଆବାଳ ବୃଦ୍ଧବନିତା ସମସ୍ତଙ୍କ ନିକଟରେ ସେ ଥିଲେ ଏକାନ୍ତ ଆପଣାର । ୧୯୧୨ ମସିହା ଜୁନ୍ ୬ ତାରିଖରେ କଟକ ଜିଲ୍ଲାର ମଞ୍ଚୀପୁରଠାରେ ଜନ୍ମଗ୍ରହଣ କରିଥିଲେ କାନୁନ୍‌ଗୋଜୀ । ଛଅ ବର୍ଷ ପର୍ଯ୍ୟନ୍ତ ନିଜର ଶୈଶବ ସ୍ୱଗ୍ରାମରେ କଟାଇ ୧୯୧୮ ମସିହାରେ ମାମୁଁଘର ଗାଁ ନାରଣପୁର ପ୍ରାଇମେରି ସ୍କୁଲରେ ଶିକ୍ଷାଲାଭ କଲେ । ପ୍ରାଚୀ ସମିତିର ପ୍ରତିଷ୍ଠାତା ତଥା ପ୍ରାଚୀନ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗବେଷକ, ସଂସ୍କୃତଜ୍ଞ ଓ ପ୍ରବୀଣ ଶିକ୍ଷାବିତ୍ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଥିଲେ ପଦ୍ମଶ୍ରୀ କାନୁନ୍‌ଗୋଙ୍କ ମାମୁଁ । ମାମୁଁଙ୍କ ତତ୍ତ୍ୱାବଧାନରେ ନାରଣପୁର ପ୍ରାଇମେରି ସ୍କୁଲରୁ କୃତିତ୍ୱର ସହ ଶିକ୍ଷାର ପରିସମାପ୍ତି କରି କଟକ ରାଣୀହାଟ ମାଇନର ସ୍କୁଲରେ ଶିକ୍ଷାଲାଭ କଲେ । ସେଠାରୁ ବୃତ୍ତିଲାଭ କରି ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ଶିକ୍ଷାଲାଭ କଲେ । ମାମୁଁଙ୍କ ନିକଟରେ ରହି ପୃଥିବୀକୁ ଉଚ୍ଚ ଦୃଷ୍ଟିରେ ଦେଖିବାର ସୁଯୋଗ ତାଙ୍କୁ ମିଳିଥିଲା ।

୧୯୩୦ ମସିହାରେ କଟକ ରେଭେନ୍‌ସା କଲେଜିଏଟ୍ ସ୍କୁଲର ନବମ ଶ୍ରେଣୀରେ ଥିବାବେଳେ ମହାତ୍ମା ଗାନ୍ଧୀଙ୍କ ଡାକରା ପାଇ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ସମସ୍ତ ପାଠ୍ୟପୁସ୍ତକ ଜଣେ ବାଲ୍ୟ ବନ୍ଧୁଙ୍କୁ ଅର୍ପଣ କରି କେବଳ ନେସ୍‌ଫିଲ୍‌ଡ ଗ୍ରାମାର ଖଣ୍ଡିକ ଧରି ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ଯୋଗଦାନ କଲେ । ସମସ୍ତଙ୍କ ଆଶା ଥିଲା ସେ ଭବିଷ୍ୟତରେ ଜଣେ ଖୁବ୍ ବଡ଼ ହାକିମ ହେବେ । କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଡାକରା ତାଙ୍କ ଜୀବନର ମୋଡ଼କୁ ବଦଳାଇ ଦେଇଥିଲା । ତାଙ୍କ ଜୀବନର ନୂତନ ପାଠପଢ଼ା ଆରମ୍ଭ ହୋଇଥିଲା ୧୯୩୦ ମସିହା ଅପ୍ରେଲ ୧୦ ତାରିଖ ଦିନ । ବିନୋଦ ବାବୁଙ୍କ ଭାଷାରେ – ଏହି ଦିନଟି ହିଁ ତାଙ୍କ ଜୀବନର ସବୁଠାରୁ ବଡ଼ ଶୁଭଦିନ । ଏହି ଦେଶରୁ ବିଦେଶୀ ଶାସନକୁ ହଟାଇବା ପାଇଁ ସହପାଠୀ ସୁରେନ୍ଦ୍ରନାଥ ପଟ୍ଟନାୟକ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ସହ ରେଭେନ୍‌ସା କଲେଜିଏଟ୍‌ର ପାଚେରୀ ଡେଇଁ ଆସି ସ୍ୱାଧୀନତାର ମହାସ୍ରୋତ ଭିତରେ ନିଜକୁ ହଜାଇ ଦେଇଥିଲେ । ୧୯୩୦ ମସିହାରୁ ୧୯୪୪ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ପଦାଙ୍କଶିଷ୍ୟଭାବେ କାର୍ଯ୍ୟକରି ଅନେକବାର ଜେଲ୍‌ବରଣ କରିବାକୁ ପଡ଼ିଥିଲା କାନୁନ୍‌ଗୋଜୀଙ୍କୁ ।

୧୯୩୦ରୁ ୧୯୪୪ । ଅନେକ ବାଟ, ଅନେକ ସମୟ । କଟକ ଜେଲ୍‌ରୁ ହଜାରିବାଗ ଜେଲ୍ । ୧୯୩୦–୩୧ରେ କଟକ ଓ ପାଟନା ଜେଲ୍‌ରେ ବନ୍ଦୀ ଜୀବନ ଯାପନ କଲାବେଳେ ଦୈନିକ ସେ ୧୬/୧୭ ଘଣ୍ଟା କେବଳ ପଢ଼ାପଢ଼ି କରିବାରେ ବ୍ୟସ୍ତ ରହୁଥିଲେ । ୧୯୩୧ରେ ଗାନ୍ଧୀ ଇରୱିନ୍ ଚୁକ୍ତି ଫଳରେ ଅନ୍ୟାନ୍ୟମାନଙ୍କ ସହିତ ଜେଲ୍‌ରୁ ମୁକ୍ତି ପାଇବା ପରେ ସେବା ଦଳରେ ତାଲିମ୍ ପାଇ ଓଡ଼ିଶାର କେତେକ ସ୍ଥାନରେ ସ୍ୱେଚ୍ଛାସେବୀ କ୍ୟାମ୍ପ ପରିଚାଳନା କରିଥିଲେ । ମାତ୍ର ୧୯୩୨–୩୩ରେ କଂଗ୍ରେସକୁ ସରକାର ବେଆଇନ୍ ଘୋଷଣା କରିବାରୁ ପୁଣି ତାଙ୍କୁ ଜେଲ୍‌ବରଣ କରିବାକୁ ପଡ଼ିଥିଲା । ୧୯୩୪ ମସିହାରେ ସମୂହ ସତ୍ୟାଗ୍ରହ ବନ୍ଦ କରିଦେଇ ବ୍ୟକ୍ତିଗତ ସତ୍ୟାଗ୍ରହ କରିବା ପାଇଁ ଗାନ୍ଧିଜୀ ପରାମର୍ଶ ଦେବାରୁ ସେ ବ୍ୟକ୍ତିଗତ ସତ୍ୟାଗ୍ରହ କରି ଜେଲ୍‌ବରଣ କରିଥିଲେ ।

୧୯୩୪ ମସିହାରେ ମହାତ୍ମା ଗାନ୍ଧୀ ଓଡ଼ିଶା ଆସି ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ପଦଯାତ୍ରା କରୁଥାନ୍ତି । ପଦଯାତ୍ରାବେଳେ ଗାନ୍ଧିଜୀଙ୍କ ମୁଖ୍ୟ ସହଯୋଗୀଭାବେ କାର୍ଯ୍ୟ କରୁଥାନ୍ତି ବିନୋଦ ବାବୁ ଓ ମନମୋହନ ଚୌଧୁରୀ । ବିନୋଦ ବାବୁ ଥାଆନ୍ତି 'ସମାଜ'ର ସମ୍ବାଦଦାତା ଓ ଗାନ୍ଧିଜୀଙ୍କ ବକ୍ତୃତା ଟିପିବା ପାଇଁ ' ଷ୍ଟେନୋଗ୍ରାଫର୍ ଓ ଫଟୋଗ୍ରାଫର୍‌ଭାବେ କାର୍ଯ୍ୟ କରୁଥାନ୍ତି ମନମୋହନ ବାବୁ । ଗାନ୍ଧିଜୀଙ୍କ ପଦଯାତ୍ରା ଘଟଣାବଳୀ 'ସମାଜ'ରେ ପ୍ରକାଶିତ ପାଇଁ ପଠାଇ ବିନୋଦ ବାବୁ ଜଣେ ଦକ୍ଷ ସାମ୍ବାଦିକ ହେବାର ଗୌରବ ଅର୍ଜନ କରିଥାନ୍ତି । ସମ୍ବାଦ ପ୍ରକାଶିତ କରିବାରେ ବିନୋଦ ବାବୁଙ୍କୁ ସାହାଯ୍ୟ କରୁଥାନ୍ତି ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ସମାଜ ସମ୍ପାଦକ ଡକ୍ଟର ରାଧାନାଥ ରଥ ।

ଗାନ୍ଧିଜୀଙ୍କସହ ସେତେବେଳର ସଂସର୍ଗ ଓ ପରିଚୟ ବିନୋଦ ବାବୁଙ୍କ ଜୀବନ ଓ ଚିନ୍ତାଧାରାକୁ ବହୁଳଭାବେ ପ୍ରଭାବିତ କରିଥିଲା । ସେତେବେଳକୁ ସ୍ୱାଧୀନତା ଆନ୍ଦୋଳନ ଧୂମେଇ ଆସିଥାଏ । ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସମସ୍ତ କର୍ମୀ ଗ୍ରାମାଞ୍ଚଳକୁ ଚାଲିଯାଇଥାନ୍ତି ।

ବିନୋଦ ବାବୁ ମଧ୍ୟ ପୁସ୍ତକଗତ ଜ୍ଞାନାର୍ଜନର ମୋହ ଛାଡ଼ି ଅନୁଭବଲବ୍ଧ ଜ୍ଞାନ ହାସଲ କରିବାକୁ ବରୀ ଅଞ୍ଚଳକୁ ଗ୍ଲଲିଗଲେ। ସେତେବେଳେ ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ଯେଉଁ ଆଠଜଣ କର୍ମୀଙ୍କୁ ନେଇ ବରୀ ଅଞ୍ଚଳରେ ଗ୍ରାମ ସଙ୍ଗଠନ କାର୍ଯ୍ୟ କରୁଥିଲେ, ସେମାନଙ୍କ ମଧ୍ୟରେ ବିନୋଦ କାନୁନ୍‌ଗୋ ଥିଲେ ଅନ୍ୟତମ। ସେଠାରେ ସେବକଭଳି ଗ୍ରାମ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ମଳ ମୂତ୍ର ସଫା କରିବା ସହ ନିରକ୍ଷର ଗ୍ରାମୀ ମୂଳିଆ ବୁଝିପାରିବାଭଳି ଭାଷାରେ ଅର୍ଥନୀତି, ରାଜନୀତି, ଗାନ୍ଧୀନୀତିର ସରଳତମ ବ୍ୟାଖ୍ୟା କରିଥିଲେ। ଫଳରେ ବରୀ ଅଞ୍ଚଳର ଅସଂଖ୍ୟ ଯୁବକ କାନୁନ୍‌ଗୋଙ୍କ ପ୍ରେରଣାରେ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଲେ। ୧୯୩୮ ଶେଷ ପର୍ଯ୍ୟନ୍ତ ଗାଁ ଗହଳରେ ରହି ସେ ସୂତାକଟା, ଲୁଗାବୁଣା, ଗ୍ରାମ ସଫେଇ, ନିରକ୍ଷରତା ଦୂରୀକରଣ, ନିଶାନିବାରଣ, ବଗିଚ୍ଚା କାମ, ମହୁମାଛି ପାଳନ ଇତ୍ୟାଦି କାମ କରିବା ସଙ୍ଗେ ସଙ୍ଗେ ଜମିଦାରୀ ଅତ୍ୟାଚାର ବିରୁଦ୍ଧରେ ଜନସାଧାରଣଙ୍କୁ ସଙ୍ଗଠିତ କରିଥିଲେ। ସମଗ୍ର ଗ୍ରାମସେବା କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ସମ୍ପୃକ୍ତି ସହିତ, ସେତେବେଳେ ସେ ହରିଜନ ସେବକ ସଙ୍ଘର ସମ୍ପାଦକ ଥିଲେ ଏବଂ ଗାନ୍ଧୀ ସେବା ସଙ୍ଘର ସଭ୍ୟ ମଧ୍ୟ ହୋଇଥିଲେ। ୧୯୩୮ରେ ପୁରୀ ଜିଲ୍ଲାର ବେରବୋଇ–ଡେଲାଙ୍ଗଠାରେ ହୋଇଥିବା ଗାନ୍ଧୀ ସେବା ସଙ୍ଘର ସାତଦିନିଆ ସମ୍ମିଳନୀରେ ସକ୍ରିୟ ଅଂଶଗ୍ରହଣ କରିବା ସହିତ ସେ ୧୯୩୯–୪୦ରେ ନିଖିଳ ଭାରତ ହରିଜନ ସେବକ ସଙ୍ଘ ଅଧୀନରେ ପୂଜ୍ୟ ଠକ୍କର ଓ ଆଚାର୍ଯ୍ୟ ହରିହରଙ୍କ ନିର୍ଦ୍ଦେଶରେ ସମଗ୍ର ଓଡ଼ିଶା ପ୍ରଦେଶରେ ହରିଜନ ସେବା କାର୍ଯ୍ୟ କରିଥିଲେ।

୧୯୪୦–୪୨ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ 'ସମାଜ'ର ସମ୍ପାଦନା ବିଭାଗରେ ଯୋଗଦେଇ ଯୁଦ୍ଧ ତଥା ଭବିଷ୍ୟତର ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ୧୯୪୨–୪୫ ମଧ୍ୟରେ ଶେଷ ସ୍ୱାଧୀନତା ସଂଗ୍ରାମ 'ଭାରତଛାଡ଼' ଆନ୍ଦୋଳନରେ ଯୋଗଦେଇ ସେ ଓଡ଼ିଶାରେ ଅଗ୍ନିଗର୍ଭ ବିପ୍ଳବର ବାର୍ତ୍ତା ପ୍ରଚାର କରିଥିଲେ। ଫଳରେ ତାଙ୍କୁ ସହଧର୍ମିଣୀ ଶଶିବାଲାଙ୍କ ସହିତ ଅଟକବନ୍ଦୀଭାବରେ ରଖାଯାଇଥିଲା। ବିନୋଦ ବାବୁ ତାଙ୍କ ଆତ୍ମଜୀବନୀ 'ଋଣ ପରିଶୋଧ'ରେ ଲେଖିଛନ୍ତି, "ଓଡ଼ିଶାର ସମାଜ ଥିଲା ସ୍ୱାଧୀନତା ସଂଗ୍ରାମର ମୁଖପତ୍ର"। ଡକ୍ଟର ରାଧାନାଥ ରଥଙ୍କ ସଙ୍ଗରେ କାମ କରିବା ଓ ଲେଖାଲେଖି କରିବାର ସୁଯୋଗ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୋତେ ମିଳିଥିଲା। ୧୯୩୯ ମସିହାରେ ବରୀ ଅଞ୍ଚଳରୁ ବିଦାୟ ନେଇ ଆଚାର୍ଯ୍ୟ ହରିହରଙ୍କ ନିର୍ଦ୍ଦେଶରେ ହରିଜନ ସେବା କାର୍ଯ୍ୟ କଲେ। ସେତେବେଳେ ଓଡ଼ିଶାର ବହୁ ଅଞ୍ଚଳ ତାଙ୍କ ସହିତ ବୁଲିବାର ସୌଭାଗ୍ୟ ମୋତେ ମିଳିଥିଲା। ସେପ୍‌ଟେମ୍ବର ତିନି ତାରିଖରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାପରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଇଥିଲେ। ଫଳରେ, ଭାରତର ସ୍ୱାଧୀନତା ସଂଗ୍ରାମ ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଥିଲା ଲୋକମାନଙ୍କୁ କିପରି 'ସମାଜ' ପତ୍ରିକା ଜରିଆରେ ଜାଗ୍ରତ କରିବାକୁ ହେବ ଓ ଯୁଦ୍ଧ ବିରୁଦ୍ଧରେ ବାତାବରଣ ସୃଷ୍ଟି କରିବାକୁ ହେବ ସେଇଟି ଥିଲା ଚିନ୍ତାର ବିଷୟ। ସେତେବେଳେ 'ସମାଜ'କୁ ଚଳାଉଥାନ୍ତି ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ଡକ୍ଟର ରାଧାନାଥ ରଥ। ସମ୍ପାଦ ପରିଚାଳନାରେ ଅସୁବିଧା ଯୋଗୁଁ ବାଧ୍ୟହୋଇ ସମସ୍ତ କର୍ମୀବୃନ୍ଦ 'ହରିଜନ' କାମଛାଡ଼ି 'ସମାଜ'ରେ ଯୋଗଦେବା ପାଇଁ ମୋତେ ନିର୍ଦ୍ଦେଶ ଦେଇଥିଲେ। ତଥାପି ବାଧ୍ୟହୋଇ 'ସମାଜ'ର ସହକାରୀ ସମ୍ପାଦକଭାବେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲି। ଯୁଦ୍ଧଯୋଗୁଁ ଖବରକାଗଜ ଉପରେ ଭାରି କଟକଣା ଥାଏ। କଟକଣା ଭିତରେ ରହି ମଧ୍ୟ ଲୋକଙ୍କ ଭିତରେ ଯୁଦ୍ଧ ବିରୋଧୀ ଭାବ ସୃଷ୍ଟି କରିବାକୁ ହେବ, ଏହା କିଛି ସହଜ ବ୍ୟାପାର ନଥିଲା। ସେଇଠି ମୁଁ ଯେଉଁ ତାଲିମ ପାଇଲି ତାହା ଏ ପର୍ଯ୍ୟନ୍ତ ମୋ କଲମକୁ ଠିକ୍ ବାଟରେ ରଖିଛି, ଏହା ମୋର ବିଶ୍ୱାସ। ବିବୃତି ଲେଖିଦେବା ପାଇଁ ଗୋଟିଏ ନିର୍ବାଚନ ପ୍ରସ୍ତାବ ତିଆରି କରିଦେବା ପାଇଁ, ବିଭିନ୍ନ ସମସ୍ୟା ଉପରେ ଲେଖିଦେବା ପାଇଁ ଅନେକ ଲୋକ ମୋ ପାଖକୁ ଧାଇଁ ଆସୁଥିଲେ। ରାଧାନାଥଙ୍କ ସେ ତାଲିମ କଥା ଆଜିଭଳି ମନେପଡ଼େ।"

ସେ ଯାହାହେଉ, ବ୍ରହ୍ମପୁର ଜେଲ୍‌ର ବନ୍ଦୀତ୍ୱ ବିନୋଦ କାନୁନ୍‌ଗୋଙ୍କ ଜେଲ୍ ଜୀବନର ଶେଷ ପର୍ଯ୍ୟାୟ ଥିଲା ଜେଲ୍ ଭିତରେ ବନ୍ଦୀ ଜୀବନଯାପନ କରି ମଧ୍ୟ ସେ ନିରବରେ ବସି ନଥିଲେ। ନିରବଚ୍ଛିନ୍ନ ସାଧନା ହିଁ ସିଦ୍ଧିଲାଭର ଅକ୍ଳାନ୍ତ ସରଣୀ। ବନ୍ଦୀ ଜୀବନ ଭିତରେ ବସି ବନ୍ଦୀଙ୍କୁ ତାଙ୍କ ଜୀବନର ସାଥି କରିନେଇଥିଲେ ସେ। ଜେଲ୍ ଭିତରେ ହିଁ ସେ ହିନ୍ଦୀ ଓ ଦେବନାଗରୀ ଭାଷା ଶିକ୍ଷାଲାଭ କରିଥିଲେ। ପାଠ ପଢ଼ିବା ଥିଲା ତାଙ୍କ ବନ୍ଦୀ ଜୀବନର ମୂଳମନ୍ତ୍ର। ଗର୍କୀଙ୍କ "ମଦର" ଉପନ୍ୟାସଠାରୁ ଆରମ୍ଭ କରି ଆବର୍ଟଙ୍କ ଦ୍ୱାରା ଲିଖିତ ନେପୋଲିୟନଙ୍କ ଜୀବନୀ ପର୍ଯ୍ୟନ୍ତ ପାଠ କରିଥିଲେ। ଜେଲ୍ ଭିତରେ ବନ୍ଦୀମାନଙ୍କୁ ମିଳୁଥିବା ବ୍ଲେଡ, ତାସ୍, ଦାମିକା ସାବୁନ୍‌କୁ ବିକ୍ରୀକରି ସେ ବହି ଓ କଲମ କିଣୁଥିଲେ। ପଢ଼ିବା ଓ ଲେଖିବାର ସେହି ଅଦମ୍ୟ ସାହସ ହିଁ ତାଙ୍କୁ ସୁପ୍ରତିଷ୍ଠିତ ଲେଖକଭାବେ ସ୍ୱୀକୃତ କରିଥିଲା।

"ଯେତେବେଳେ ତୁମ ମନରେ ସନ୍ଦେହ ଉପୁଜିଲା ଏଇଟି କରିବି କି ନାହିଁ ବା କେଉଁ କାମଟିକୁ ବାଛିନେବି – ଅନ୍ୟଭାବରେ କହିବାକୁ ଗଲେ ତୁମ ପାଇଁ ଧର୍ମ ସଙ୍କଟ ଦେଖାଦେଇଛି, ଗୋଟିଏ ଛକରେ ଠିଆହୋଇ ଭାବୁଛି ଯେଉଁ ଦୁଇଟି ରାସ୍ତା ବାହାରିଛି ସେତେବେଳେ କେଉଁଟିକୁ ବାଛିନେବ, ସେତେବେଳେ ଗୋଟିଏ କଥା କର। ଯେଉଁ ଦରିଦ୍ରତମ ନିଃସହାୟ ଲୋକଟିକୁ କେବେ ଦେଖିଛ ତାହାରି ଚେହେରାକୁ ମନେପକାଅ। ତା'ର ମୁଖମଣ୍ଡଳରେ କିଭଳି ଦୁଃଖ ଓ ନିରାଶାର ରେଖା ସବୁ ଟାଣି ହୋଇଯାଇଛି ସେ କଥା ତୁମ ଆଖି ଆଗରେ ନାଚିଯାଉ। ନିଜକୁ ପଚାର – ମୁଁ ଯାହା କରିବାକୁ ଯାଉଛି ଏ ଲୋକର କିଛି ଲାଭ ହେବ କି? ସେ କିଛି ଉପକାର ପାଇବ କି? ଯଦି ଉତ୍ତର ପାଇବ "[illegible]" – ତେବେ ଆଗେଇଯାଅ। ତାହାହିଁ ତୁମର ବାଟ। ଗାନ୍ଧିଜୀଙ୍କର ଏଇ କଥାଟି ବରାବର ମନେଥିଲା ବୋଲି ୧୯୫୬ ଜାନୁଆରୀ ପହିଲା ଦିନ ସେ ଶପଥ ନେଲେ – ଅକ୍ଷର ଚିହ୍ନିବା ଲୋକ ମଧ୍ୟ ବୁଝିପାରିବାଭଳି ଭାଷାରେ ଜ୍ଞାନ ବିଜ୍ଞ...ର ସବୁ ବିଭାଗ ବିଷୟରେ ସେ ସବୁ କିଛି ଲେଖିଯିବେ। ତାହାର ପରି...ତି ହେଲା "ଜ୍ଞାନ ମଣ୍ଡଳ" ଓ ୩୬୫ ଦିନ ସିରିଜର ପିଲାଙ୍କ ବହି। ସେହି ଦୃଢ଼ ଶପଥ ନେଇ ଜାନୁଆରୀ ପହିଲା ଦିନ ଗାଁ ଛାଡ଼ି କଟକ ଚାଲି ଆସିଥିଲେ – "ଜୀବନର ଅବଶିଷ୍ଟ ଅଂଶକୁ ସାହିତ୍ୟ କାମରେ ଲଗାଇବା ପାଇଁ।" ଆତ୍ମଜୀବନୀ "ଋଣ ପରିଶୋଧ"ରେ ସେ ସ୍ୱୀକାର କରିଛନ୍ତି – ୧୯୩୦ ଅପ୍ରେଲ ମାସରେ ପଢ଼ା ଛାଡ଼ିଦେଇ ଗାନ୍ଧୀ ଆନ୍ଦୋଳନରେ ଯୋଗଦେଇ ନଥିଲେ ତାଙ୍କ ଜ୍ଞାନ ତପସ୍ୱୀ ଜୀବନଟା ଅନ୍ୟ ଗୋଟାଏ ଗ୍ଲଲାରେ ପଡ଼ିଯାଇଥାନ୍ତା। ଯେତେବେଳେ ତାଙ୍କୁ ୪୯ ପୂରି ୫୨ ଆରମ୍ଭ ହେଲା ସେହି ଦିନଠାରୁ ସେ ଆଉ ପଛକୁ ଫେରି ଗ୍ଲହିଁ ନାହାନ୍ତି। ଜ୍ଞାନର ଅଗାଧ ସମୁଦ୍ରରେ ପହଁରିବାର ଯେଉଁ ଆନନ୍ଦ ଓ ବିଭିନ୍ନ ଜିନିଷର ମୁକ୍ତା ଅକାତରେ ବାଣ୍ଟିଦେବାର ଯେଉଁ ଅପୂର୍ବ ଅନୁଭବ ତାହା ହିଁ ତାଙ୍କୁ ଜ୍ଞାନ ପାଗଳ କରିଦେଇଥିଲା। ମାଟ୍ରିକର ପାସ୍ କରିବାର ମାତ୍ର ଦୁଇମାସ ପରେ ଯାହାଙ୍କ ସ୍କୁଲ ବକ୍ତାନୀରେ ଡୋରି ବନ୍ଧା ହୋଇଥିଲା, ସେ ଯେ ଦିନେ ଜ୍ଞାନ ସାଧନାର ଏକ ଅଦ୍ୱିତୀୟ ପରମ୍ପରା ସୃଷ୍ଟି କରିବେ ଏବଂ କୋଟି କୋଟି ଲୋକଙ୍କ ଜ୍ଞାନଗୁରୁ ହେବେ ସ୍ୱପ୍ନରେ ମଧ୍ୟ କେହି କଳ୍ପନା କରିନଥିଲେ। ଭାରତ ସ୍ୱାଧୀନତା ହାସଲ କରିବା ପରେ ସେ ସୋସାଲିଷ୍ଟ ପାର୍ଟିରେ ଯୋଗଦାନ କରି କିଶୋରନଗରରୁ ନିର୍ବାଚନ ଲଢ଼ିଥିଲେ ଏବଂ ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶରେ ମଞ୍ଚୀପୁରଠାରେ ରହି ଗ୍ରାମ୍ୟ ସଙ୍ଗଠନ ଗଠନ କରି "ଗ୍ରାମସେବକ" ଓ "କୃଷକ" ପତ୍ରିକା ସମ୍ପାଦନ କଲେ।

କିପରି ଅଶିକ୍ଷିତ ଲୋକଙ୍କୁ ଶିକ୍ଷିତ କରି ନିରକ୍ଷରତା ଦୂର କରିବାକୁ ହେବ, ବିଶ୍ୱ ଜ୍ଞାନର ଭଣ୍ଡାରକୁ ମୁଷ୍ଟିମେୟ ବ୍ୟକ୍ତିଙ୍କ ନିକଟରେ ଆବଦ୍ଧ ନରଖି ଜନସାଧାରଣଙ୍କ ନିକଟରେ ବିତରଣ କରାଯାଇ ପାରିବ।

ନିହପାଇଁ ଅପାଠୁଆ କାନୁନ୍‌ଗୋ କଲମ ଧରିଥିଲେ । ଅବାରିତଭାବେ ଚଳନ୍ତା କଲମ ଚାଲିଲା । ପୃଷ୍ଠା ପରେ ପୃଷ୍ଠା, ଗ୍ରନ୍ଥ ପରେ ଗ୍ରନ୍ଥ । କେବେ ସରିବ ଆପଣଙ୍କ ଲେଖା ? ବିନୋଦ ବାବୁ ହସିହସି କହନ୍ତି ସରିବ ନାହିଁ । ଜୀବନ ତ ଏକ ପ୍ରବାହ, ଗଲୁ ଗଲୁ ଦିନେ ରହିଯିବ, ତାପରେ ତାକୁ ଅନ୍ୟମାନେ ଧରିବେ । କାରାବାସ ସରିଲା । ଭାରତ ବି ସ୍ୱାଧୀନ ହେଲା । କିଏ ମନ୍ତ୍ରୀ ତ, କିଏ ବିଧାନସଭା ସଦସ୍ୟ, କିଏ ବା ପାର୍ଲାମେଣ୍ଟ ସଦସ୍ୟ ହେଲେ । କିନ୍ତୁ ବିନୋଦ ବାବୁଙ୍କ ଲକ୍ଷ୍ୟ ଏକ ଏନ୍‌ସାଇକ୍ଲୋପେଡିଆ ଲେଖିଯିବେ । ଭାରି ଦୁଃସାହାସ । କାବୁଲିବାଲାଠାରୁ ଟଙ୍କା କରଜ ଆଣି ଓ ସ୍ତ୍ରୀଙ୍କ ଗହଣା ବିକି ଆରମ୍ଭ କଲେ ଜ୍ଞାନକୋଷ । ପ୍ରେସ୍‌ରେ ଛପାଇବା ଭାରି ଅସୁବିଧା । ଘରଭଡ଼ା ବାକି । କଟକଭଳି ସହରରେ ପରିବାର ପ୍ରତିପୋଷଣ, କାବୁଲିବାଲାର ତାଗିଦ୍ ତଥା ଏଭଳି ଲେଖନୀ ସୃଜନା କରିବାକୁ ପଡ଼ିବ । କିନ୍ତୁ ଦବିଯାଇ ନଥିଲେ ବିନୋଦ ବାବୁ । ବାରବାଟୀ ଷ୍ଟାଡିୟମ୍‌ର ଦଶଫୁଟ ଆଠଫୁଟର ୧୭ ନମ୍ବର କୋଠରୀରୁ ଯେଉଁ କଲମ ପ୍ରବାହିତ ଚାଲିଥିଲା, ଔପଚାରିକଭାବେ 'ଜ୍ଞାନ ମଣ୍ଡଳ'ର ଶୁଭାରମ୍ଭ ୧୯୫୪ ମସିହାରେ କଟକରେ ହୋଇଥିଲା । 'ଜ୍ଞାନ ମଣ୍ଡଳ' ପ୍ରଥମ ଖଣ୍ଡଟି ପ୍ରକାଶିତ ହୋଇଥିଲା ୧୯୬୦ ମସିହା ଡିସେମ୍ବର ଦୁଇ ତାରିଖରେ । ପ୍ରଥମ ଖଣ୍ଡଟିକୁ ଉନ୍ମୋଚନ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ଚେୟାରମ୍ୟାନ୍ ଡଃ ହରେକୃଷ୍ଣ ମହତାବ । ମାତ୍ର ୩୦ ଖଣ୍ଡ ଫାଇଲରୁ ଆରମ୍ଭ ହୋଇ 'ଜ୍ଞାନ ମଣ୍ଡଳ' ଅନୁଷ୍ଠାନର ଫାଇଲ ସଂଖ୍ୟା ୩୦ ହଜାରରେ ପହଞ୍ଚିଲାଣି । ଫାଇଲଗୁଡ଼ିକୁ ନେଇ ସରଳ ଓ ସାବଲୀଳ ଭାଷାରେ ଲେଖନୀ ଚାଲିଥିଲେ ସେ । 'ଏନ୍‌ସାଇକ୍ଲୋପେଡିଆ' ବ୍ରିଟାନିକା ପ୍ରାୟ ୪୦୦୦ ଲୋକ ମିଶି ଲେଖିଥିବାବେଳେ 'ଜ୍ଞାନ ମଣ୍ଡଳ'ଟି କେବଳ ନିଜେ ବିନୋଦ ବାବୁ ଲେଖିଥିଲେ ।

'ଜ୍ଞାନକୋଷ' ପ୍ରକାଶ କରିବାର ପରିକଳ୍ପନା ପ୍ରାଚୀନ କାଳରେ ସର୍ବ ପ୍ରଥମେ ଚୀନ୍ ଓ ଲାଟିନ୍ ଭାଷାରେ ଆରମ୍ଭ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀ ବେଳକୁ ପାଶ୍ଚାତ୍ୟ ଦେଶରେ ଜ୍ଞାନକୋଷ ସଙ୍କଳନ ହୋଇଥିବାବେଳେ ଉନବିଂଶ ଶତାବ୍ଦୀର ଶେଷ ବେଳକୁ ଭାରତରେ ଜ୍ଞାନକୋଷ ପ୍ରକାଶିତ ହୋଇଥିଲା । ହିନ୍ଦୀ 'ଶବ୍ଦସାଗର', ବଙ୍ଗଳା 'ଜ୍ଞାନକୋଷ', ତେଲୁଗୁ 'ଜ୍ଞାନକୋଷ' ମୁଦ୍ରିତ ହୋଇଥିଲେ ବି ଓଡ଼ିଆ ଭାଷାରୁ ଜ୍ଞାନକୋଷ ଚଳିତ ଶତାବ୍ଦୀରେ ପ୍ରକାଶିତ ହୋଇଥିଲା । ଯେପରିକି କଲେକ୍ଟର ଲାଲାମାଧବଙ୍କ 'ବିବିଧ ସଂଗ୍ରହ', ଭାଗିରଥୀ ମହାପାତ୍ରଙ୍କ 'ରତ୍ନକୋଷ', ନଗେନ୍ଦ୍ର ରାୟଙ୍କ 'ବିବିଧ ରତ୍ନ ସଂଗ୍ରହ', ଅକ୍ଷୟ ଚକ୍ରବର୍ତ୍ତୀଙ୍କ 'ବିବିଧ ସାର ସଂଗ୍ରହ', ରାମକୃଷ୍ଣ ନନ୍ଦଙ୍କ 'ବିଶ୍ୱ ପରିଚୟ', ବାଳକୃଷ୍ଣ କରଙ୍କ ଅସମାପ୍ତ 'ଜ୍ଞାନକୋଷ' ଓ ୧୯୫୯ ମସିହାରେ ଡଃ ମାୟାଧର ମାନସିଂହ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ତତ୍ତ୍ୱାବଧାନରେ ପ୍ରକାଶିତ ସେତେ ଉଚ୍ଚକୋଟୀର ନଥିଲା । ଏନ୍‌ସାଇକ୍ଲୋପେଡିଆ ବ୍ରିଟାନିକା ପରି ଉନ୍ନତ ଭାଷାକୋଷ ଓଡ଼ିଆ ଭାଷାରେ ସଙ୍କଳନ ପାଇଁ ଡଃ ମାୟାଧର ମାନସିଂହ ଯେଉଁ ସ୍ୱପ୍ନ ଦେଖିଥିଲେ ସେହି ସ୍ୱପ୍ନକୁ ସଫଳ କରିଥିଲେ ବିନୋଦଜୀ । ନବମ ଶ୍ରେଣୀରେ ପାଠ ଛାଡ଼ିଥିବା ଲୋକଟିଏ ଏତେ ସହଜ ଓ ସରଳ ଭାଷାରେ ଏତେ କଥା ବୁଝାଇଦେଇ ପାରେ ଏହା ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲା ।

ବିନୋଦ ବାବୁଙ୍କ ଲକ୍ଷ୍ୟ ଥିଲା 'ଜ୍ଞାନ ମଣ୍ଡଳ'କୁ ୭୫ ଖଣ୍ଡରେ ଲେଖିବେ ଏବଂ ଏହା ୧୯୮୬ ସୁଦ୍ଧା ଶେଷ ହେବ । ଦୀର୍ଘ ୫୦ ବର୍ଷର ଅସୀମ ଧୈର୍ଯ୍ୟ, ନିଷ୍ଠା ଓ ସାଧନା ବଳରେ ସେ ସମ୍ପୂର୍ଣ୍ଣ କରିଛନ୍ତି ୪୫ ଖଣ୍ଡ ଜ୍ଞାନ ମଣ୍ଡଳ, ଆଧୁନିକ ଶିଶୁ ସାହିତ୍ୟ, ଜୀବନୀ ଓ ଆତ୍ମ ଜୀବନୀ "ଋଣ ପରିଶୋଧ" । କିନ୍ତୁ ଆଜି ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ତାଙ୍କ ପ୍ରଣୀତ ଜ୍ଞାନ ମଣ୍ଡଳ ବିପ୍ଳବରୁ ବାସ୍ତବତାରେ ପରିଣତ ହୋଇଛି । ସେ କହୁଥିଲେ, "କାନ୍ଧରେ ବୋଝ ଲଦିଛି ଯେତେବେଳେ ନ ଓହ୍ଲାଇ ନିଶ୍ୱାସ ନେବି କିପରି ।"

ଓଡ଼ିଆ ଭାଷାକୁ ପାଥେୟ କରି ଯେତେବେଳେ ସେ ଏନ୍‌ସାଇକ୍ଲୋପେଡିଆ ଜଗତର ଚିନ୍ତା କରୁଥିଲେ, ସେତେବେଳେ ତାଙ୍କୁ ସମାଲୋଚନା କରିବା ସହ ଚର୍ମ ଚକ୍ଷୁରେ ବିଶ୍ୱରୂପ ଦେଖୁଛନ୍ତି ବୋଲି ଅନେକ ଲୋକ ସମାଲୋଚନା କରୁଥିଲେ । ଥରେ ଜଣେ ବ୍ୟକ୍ତି ମତ ଦେଲେ "ଏତେ ବଡ଼ ଏକ ଓଡ଼ିଆ ବିଶ୍ୱକୋଷର ସଙ୍କଳନ କ'ଣ ସମ୍ଭବ ?" ବିନୋଦ ବାବୁ ସେ ଦିନ ସଙ୍ଗେ ସଙ୍ଗେ କହିଥିଲେ, "ଅନ୍ଧାର ଅନ୍ଧାର ବୋଲି ପାଟି କରିବା ଅପେକ୍ଷା ଦୀପଟିଏ ଜାଳିଦେଲେ ଟିକିଏ ଆଲୁଅ ତ ହେବ । ମୁଁ ଖାଲି ଦୀପଟିଏ ଜାଳି ଦେଇଛି ।" "ଜ୍ଞାନ ମଣ୍ଡଳ" କିଛି ଖଣ୍ଡ ପ୍ରକାଶ ପାଇବା ପରେ ଜଣେ ବିଶିଷ୍ଟ ବ୍ୟକ୍ତି ସମାଲୋଚନା କରିବାରୁ ସେ କହିଥିଲେ, "ଦେଉଳକୁ ଯିବାପାଇଁ ମୁଁ ତଳ ପାହାଚଟି ତିଆରି କରି ଦେଇଛି । ତା'ରି ଉପରେ ଛିଡ଼ାହୋଇ କାରୀଗରମାନେ ଅନ୍ୟ ପାହାଚଗୁଡ଼ିକ ତିଆରି କରିବେ ।"

ଆଶ୍ଚର୍ଯ୍ୟର କଥା, ମାତ୍ର ଏକଟଙ୍କା ପୁଞ୍ଜି ଧରି ସେ ଲେଖିଥିଲେ ଓଡ଼ିଆ ଭାଷାର ଏନ୍‌ସାଇକ୍ଲୋପେଡିଆ । ଯାହାକି ସମଗ୍ର ଓଡ଼ିଆ ଜାତି ପାଇଁ ତାଙ୍କର ଏକ ବିରାଟ ଦାନ । ମାତ୍ର ନବମ ଶ୍ରେଣୀ ପଢ଼ି ସୁଦ୍ଧା ଆଇସୋଟପ୍, ଇଲେକ୍ଟ୍ରନ୍, ନିଉଟ୍ରନ୍, ଅଙ୍ଗାର ଇତ୍ୟାଦି ବିଜ୍ଞାନର ଜଟିଳ ବ୍ୟାଖ୍ୟାକୁ ସରଳ ଓ ପ୍ରାଞ୍ଜଳଭାବେ ବର୍ଣ୍ଣନା କରିଛନ୍ତି । "ଏନ୍‌ସାଇକ୍ଲୋପେଡିଆ"ର ନାମକରଣକୁ ବ୍ୟାଖ୍ୟା କରି ସେ ଲେଖିଛନ୍ତି, ଗ୍ରୀକ୍ ଭାଷାରେ "ଏନ୍" ଅର୍ଥ "ଭିତରେ" "ସାଇକ୍ଲୋ" ଅର୍ଥ "ଚକ୍ର" "ପେଡ଼ିଆ" ଅର୍ଥ "ଜ୍ଞାନ" ଅର୍ଥାତ୍ ଚକ୍ରର ଯେପରି ଆଦିଅନ୍ତ ନାହିଁ ଜ୍ଞାନର ସେହିପରି ଆଦ୍ୟନ୍ତ ନାହିଁ । ତେଣୁ ବହିଟିର ନାମ ରଖିଲେ ଜ୍ଞାନ ଚକ୍ର । ଆଉ ଟିକିଏ ଭଲଭାବରେ ଭାବି ବହିର ନାମ ଦେଲି "ଜ୍ଞାନ ମଣ୍ଡଳ" । ବହିଟିର ପ୍ରତୀକ ସ୍ୱରୂପ ସେ ଏକ ବୃତ୍ତ ମଧ୍ୟରେ ପ୍ରଶ୍ନବାଚକ ଚିହ୍ନ ରଖିଛନ୍ତି । ଏହାର ଅର୍ଥ ପାଠକର ମନ ମଧ୍ୟରେ ଥିବା ବହୁ ପ୍ରଶ୍ନର ଉତ୍ତର ଏଇ ପୁସ୍ତକରେ ସନ୍ନିବେଶିତ । ତାଙ୍କରି ଭାଷାରେ "ଜ୍ଞାନ ମଣ୍ଡଳ" ଏକ ଜ୍ଞାନ ବୃକ୍ଷ । ଏହାକୁ ଜ୍ଞାନ ଜଳ ସିଞ୍ଚି ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆ ଜାତିର କର୍ତ୍ତବ୍ୟ ।

"ଜ୍ଞାନ ମଣ୍ଡଳ" ବ୍ୟତୀତ କାନୁନ୍‌ଗୋ ଆହୁରି ଅନେକ ପୁସ୍ତକ ରଚନା କରିଛନ୍ତି, ସେହିସବୁ ପୁସ୍ତକର ସଂଖ୍ୟା ଶତାଧିକ ଓ ବିଷୟବସ୍ତୁ ବିବିଧ । ଶିଶୁ ସାହିତ୍ୟ, ପ୍ରୌଢ଼ ଶିକ୍ଷା, ବିଜ୍ଞାନ, ଜୀବନୀ, ସ୍ୱାଧୀନତା ସଂଗ୍ରାମର ଇତିହାସ ଆଦି ବହୁ ବିଷୟରେ ସେ ଅନେକ ପୁସ୍ତକ ରଚନା କରିଛନ୍ତି । ତାଙ୍କର ଆତ୍ମ ଜୀବନୀ "ଋଣ ପରିଶୋଧ" ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଛନ୍ତି । ଆତ୍ମ ଜୀବନୀ "ଋଣ ପରିଶୋଧ"ର ପ୍ରଥମ ଖଣ୍ଡ ନସରୁଣୁ ସେ ଇହ ଜଗତରୁ ବିଦାୟ ନେଲେ । ଦ୍ୱିତୀୟ ଖଣ୍ଡ ପାଣ୍ଡୁଲିପି ଆକାରରେ ରହିଛି । "ମୋ ଜୀବନୀଟି ଗୋଟିଏ ପୃଷ୍ଠାରେ ଲେଖିଦେଇ ହେବ କିନ୍ତୁ ଲେଖୁଲେଖୁ ପ୍ରଥମ ଖଣ୍ଡ ପାଇଁ ୨୫୭ ପୃଷ୍ଠା ଲେଖିଦେଇ ଗଲି ।" "ଗୋବି ବାଉରାଣୀ", "ଆମେ ଦରିଦ୍ର ହୋଇଗଲୁଣି" ଅଧ୍ୟାୟରେ ସେ ଗ୍ରାମ୍ୟ ଜୀବନର ଚିତ୍ରକୁ ସୁନ୍ଦରଭାବେ ତାଙ୍କ ତୁଳିରେ ଅଙ୍କନ କରିଛନ୍ତି । "କୋବି ଫଳୁଛି" ଅଧ୍ୟାୟରେ ବିନୋଦ ବାବୁ ଏ ବିଷୟ ଉଲ୍ଲେଖ କରି ଲୋକଙ୍କ ପାଇଁ ହାସ୍ୟରସ ସୃଷ୍ଟି କରିଥିଲେ । ତାଙ୍କର ଅପୂର୍ବ ଅନୁଭୂତିର ଚମତ୍କାର ଘଟଣାବଳୀ ଫୁଟାଇଛନ୍ତି ଏବଂ ଜୀବନୀଟି ଏକ ଉପନ୍ୟାସଭଳି ମନେ ହେଉଛି ।

ବିନୋଦ ବାବୁ ଥିଲେ ଜଣେ ପ୍ରଲିଫିକ୍ ସ୍ରଷ୍ଟା । ଭାରତର ସ୍ୱାଧୀନତା ପରେ ଅବଶିଷ୍ଟ ଜୀବନ ସେ କଲମ ସୃଜନା କରି ଜନସାଧାରଣଙ୍କ ସେବା କରିଥିଲେ । ତାଙ୍କ ଆତ୍ମ ଜୀବନୀ "ଋଣ ପରିଶୋଧ"ରେ ଲେଖିଛନ୍ତି, "ମୋର ସାହିତ୍ୟିକ ଜୀବନ ପାଇଁ ମୁଁ ତାଙ୍କଠାରେ ଚିର ଋଣୀ । ସେ ହେଉଛନ୍ତି ଭାରତର ରାଷ୍ଟ୍ରନାୟକ ଯେ କି ହଜାର ହଜାର ପୃଷ୍ଠା ଲେଖିଯାଇଛନ୍ତି । ସେ ପୁଣି ନଲେଖିଛନ୍ତି କେଉଁ ବିଷୟରେ ? ଯାହା ନିଜେ ପାରିନାହାନ୍ତି ତାହାକୁ ଅନ୍ୟ ଯୋଗ୍ୟ ଲୋକଙ୍କ ଦ୍ୱାରା ଲେଖାଇଛନ୍ତି । ତାଙ୍କ ଲେଖା ହେଲା, ଉଚ୍ଚକୋଟୀର ସାହିତ୍ୟ

ଜନସାଧାରଣଙ୍କ ଉପକାରରେ ଲାଗିଲାଭଳି ସାହିତ୍ୟ ସୃଷ୍ଟି କରିବାର ନମୁନା ସାଜିଦୀ ହିଁ ରଖିଦେଇ ଯାଇଛନ୍ତି । ସେ ସବୁକୁ ପଢ଼ିଲା ପରେ ସାହିତ୍ୟ ବିଷୟରେ ମୋର ଧାରଣା ବଦଳିଗଲା । ତାହା ହିଁ ମୋତେ ପ୍ରଦାନ କରିଛି ଅନେକ ସମ୍ମାନ ଓ ଗଢ଼ି ତୋଳିଛି ଜଣେ ମହାନ୍ ସାଧକ ରୂପେ ।" ଏହି ପ୍ରେରଣାକୁ ପାଥେୟ କରି ବିନୋଦ କାନୁନ୍‌ଗୋ ଲେଖି ଯାଇଛନ୍ତି ଜ୍ଞାନ ମଣ୍ଡଳ, ଶିଶୁ ସାହିତ୍ୟ, ମହାମାନବଙ୍କ ଜୀବନୀ ଓ ଆତ୍ମ ଜୀବନୀ । ତାଙ୍କ ରଚିତ ପୁସ୍ତକ ତାଲିକା ମଧ୍ୟରେ ଅଛି : (୧) ଶିଶୁ ଜ୍ଞାନ ମଣ୍ଡଳ (ଦୁଇଖଣ୍ଡ ଏକ ସେଟ୍), (୨) ଋଣ ପରିଶୋଧ (ପ୍ରଥମ ଖଣ୍ଡ), (୩) ଋଣ ପରିଶୋଧ (୨ୟ ଖଣ୍ଡ) (ପାଣ୍ଡୁଲିପି), (୪) ଉତ୍କଳମଣି ଗୋପବନ୍ଧୁ, (୫) ଜାତୀୟ କବି ବୀରକିଶୋର, (୬) ପିଲାଙ୍କ ଗୋପବନ୍ଧୁ, (୭) ପିଲାଙ୍କ ଜୟପ୍ରକାଶ, (୮) ଆଶ୍ଚର୍ଯ୍ୟ ହରିହର, (୯) ରମାଦେବୀ, (୧୦) ଉତ୍କଳରେ ପଦଯାତ୍ରୀ, (ମହାତ୍ମା ଗାନ୍ଧୀ), (୧୧) ପାଠ ପଛେ ପଛେ ଅପାଠୁଆ, (୧୨) ମୁଠାଏ ଲୁଣ : ଗୋଟିଏ ସାମ୍ରାଜ୍ୟ (ପ୍ରଥମ ଖଣ୍ଡ ମୁଦ୍ରିତ), (୧୩) ଜୀବନ ତିଆରି କାରଖାନା, (୧୪) ବଳନ୍ତି ଶାଗଜର ଅମୁହାଁ ନଈ, (୧୫) ତିନିଖଣ୍ଡ କାଉଁରୀ ହାଡ଼, (୧୬) ଡାକିଲେ ଜବାବ୍ ଦିଅନ୍ତା କି !, (୧୭) ମା'ଭଳି ମିସିନ୍‌ଟିଏ, (୧୮) ନିକିତି ତଉଲ ମାନ ବଡ଼କୁ, (୧୯) ଛାତିକୁ ପଥର କରି (ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କୃତ), (୨୦) ନାଆଁ ଦେବାଟା କେଡ଼େ କଷ୍ଟ, (୨୧) ଦୁଇଶହ ଗାଡ଼ିକୁ ଛଅଶହ ଇଞ୍ଜିନ୍, (୨୨) ଏଣିକି ତୁ ଦୁନିଆଁ ଜିଣିବୁ, (୨୩) ମିଥଠାରୁ ଦେହରେ ଲାଗିଲା ଡେଣା, (୨୪) ମୋଭଳି ସିନା ମୁଁ, (୨୫) ମା' ବୋଲି ସିଏ ମାନିଲା ନାହିଁ, (୨୬) ଚକ ବୁଲୁଥାଏ ଅଖ ବୁଲୁଥାଏ, (୨୭) ଅଛକେ କଳିକାଳ ତୁଟିଗଲା, (୨୮) ଟଙ୍କାଟା କେଉଁଠି ଟଙ୍କାଏ ନୁହଁ, (୨୯) ଦରିଆ ଦଖଲ, (୩୦) ପେଟେ ଶୋଇଲେ ବି ଓପାସ, (୩୧) ବାନ୍ଧ ଘୁମ ସୂତା ପୁତୁଳି, (୩୨) ସେ ଭୁଲି କେବେ ବି ଲିଭିବ ନାହିଁ, (୩୩) ସୂତା ଖିଅକରେ ସ୍ୱରାଜ୍ୟ ଝୁଲୁଛି, (୩୪) ମୋ ବର୍ଣ୍ଣବୋଧର ୫୦୦ ଅକ୍ଷର, (୩୫) ସବୁତକ ଗ୍ରିବି ଧରାଇଦେଲି, (୩୬) ଗୋଟିକ କିମିତି କୋଟିଏ ହେଲା, (୩୭) ମାଛଗୁଣ୍ଡ, (୩୮) ନିରୋଗ ଦେହ, (୩୯) ଏଣିକି ମୁଁ ମଣିଷ ଗଢ଼ିବି, (୪୦) ଲୋକ ଶିକ୍ଷା, (୪୧) ମଣିଷ କ'ଣ ଅଛୁଆଁ ?, (୪୨) ପବନ, (୪୩) ନୂଆ ପଇସା କାହିଁକି ?, (୪୪) ଭୋଟ ପ୍ରଥା କ'ଣ, (୪୫) ଜାପାନରେ କୃଷି ଓ ଶିଳ୍ପ (ଅନୁବାଦ), (୪୬) ଦୁଇଟି ହିନ୍ଦୀ ଲେଖନୀ କଲି ନ ବୁଝିନେବାଲା ତୁଲା ଓ ବାଟ୍‌କି ବାଦ୍ ମେଁ ମିଟା ଦେ ବାତ୍ ।

ଶିଶୁ ସାହିତ୍ୟ ପ୍ରତି ତାଙ୍କ ଅବଦାନ ମଧ୍ୟ କିଛି କମ୍ ନୁହେଁ । ଶିଶୁ ତଥା ନବ ସାକ୍ଷରଙ୍କ ପାଇଁ ସହଜ ଓ ସରଳ ଭାଷାରେ ୫୦୦ ଖଣ୍ଡ କ୍ଷୁଦ୍ର ପୁସ୍ତକ ଲେଖିବାର ଯୋଜନା ସେ କରିଥିଲେ । ସେଥିରୁ ୧୦୦ ଖଣ୍ଡ ପୁସ୍ତକ ସେ ଲେଖିଥିଲେ ଓ ୪୦ ଖଣ୍ଡ ପ୍ରକାଶିତ ହୋଇଥିଲା । ଅନ୍ୟଗୁଡ଼ିକ ପ୍ରକାଶ ପାଇବାର ଯୋଜନା ରହିଛି । ସେହି ପୁସ୍ତକଗୁଡ଼ିକ ହେବ ଶିଶୁ ଓ ନବ ସାକ୍ଷରଙ୍କ ପାଇଁ ମୌଳିକ ଶିକ୍ଷାର ଗନ୍ତାଘର ।

ବ୍ରହ୍ମପୁର ଜେଲ୍‌ର ବନ୍ଦୀତ୍ୱ ବିନୋଦ କାନୁନ୍‌ଗୋଙ୍କ ଜେଲ୍ ଜୀବନର ଶେଷ ପର୍ଯ୍ୟାୟ । ଜେଲ୍‌ରୁ ଯେଉଁ ପ୍ରାଥମିକ ପ୍ରସ୍ତୁତି ଆରମ୍ଭ ହୋଇଥିଲା, ଜେଲ୍‌ରୁ ଶିକ୍ଷା ସମ୍ପର୍କରେ ପୁସ୍ତକ ଲେଖି ପ୍ରକାଶ କରିବା ସେଥି ମଧ୍ୟରୁ ଅନ୍ୟତମ । ପ୍ରୌଢ଼ ଶିକ୍ଷାର ପ୍ରସାର ପାଇଁ ସେ କେତେକ ଗ୍ରାମକୁ ମଡେଲ୍ ଗ୍ରାମଭାବରେ ଗ୍ରହଣ କରି ସକ୍ରିୟଭାବରେ କାର୍ଯ୍ୟ କରିଥିଲେ । ବିଭିନ୍ନ ବିଷୟରେ ଯେଉଁ ୪୮ ଖଣ୍ଡ ବହି ଲେଖି ପ୍ରକାଶ କରିଛନ୍ତି ସେଗୁଡ଼ିକ ହେଲା ପରମାଣୁ, ରକ୍ତ ସଞ୍ଚାଳନ, ମାଂସପେଶୀ, ସୌରଶକ୍ତି, ଅସ୍ଥି, ମସ୍ତିଷ୍କ, ପରିପାକ, ବ୍ୟାକରଣ, ପରିପ୍ରଶ୍ନ, ବିନିମୟ ପଦ୍ଧତି, ମହୁ ଓ ମହୁମାଛି, ଅଗ୍ନି, ମହାକାଶ, ଯାତ୍ରା, ବର୍ଣ୍ଣମାଳା ଓ ଜୀବନୀ ଇତ୍ୟାଦି । ପ୍ରତ୍ୟେକ ପୁସ୍ତକ କାହାଣୀଭାବରେ କଥୋପକଥନ ଶୈଳୀରେ ଲିଖିତ ହୋଇଥିବାରୁ ଛାତ୍ର, ଶିକ୍ଷକ ଓ ପିତାମାତା କେହି ମଧ୍ୟ ବୁଝିବାରେ ଅସୁବିଧା ହେଉନାହିଁ । ବିଭିନ୍ନ ବିଷୟରେ ଅନେକ ପୁସ୍ତକ ପାଣ୍ଡୁଲିପି ଆକାରରେ ପ୍ରସ୍ତୁତ ହୋଇ ରହିଛି । ଏକାର୍ଥବୋଧକ ବା ବ୍ୟାଖ୍ୟାମୂଳକ ଅଭିଧାନ ପ୍ରକାଶ ପାଇଁ ସେ ଉଦ୍ୟମ ଅବ୍ୟାହତ ରଖିଥିଲେ ।

ପ୍ରଖ୍ୟାତ ଦାର୍ଶନିକ ଆଇନ୍‌ଷ୍ଟାଇନ୍‌ଙ୍କ ଉକ୍ତିକୁ ଉଦ୍ଧାର କରି ସେ କହିଥିଲେ – ଗୋଟିଏ କ୍ଷୁଦ୍ର ଗୋଷ୍ଠୀ ମଧ୍ୟରେ ଜ୍ଞାନକୁ ସୀମିତ ରଖିବା ଦ୍ୱାରା ଗୋଟିଏ ଜାତିର ଦାର୍ଶନିକ ମନୋବୃତ୍ତିର ମୃତ୍ୟୁ ଘଟେ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ଏହା ଦାରିଦ୍ର୍ୟ ସୃଷ୍ଟିକରେ । ତେଣୁ ପ୍ରତି ଘରେ ପ୍ରତି ପିଲାଙ୍କୁ ଶିକ୍ଷିତ କରିବା ପାଇଁ ପୁସ୍ତକଗୁଡ଼ିକ ମାତୃଭାଷାରେ ଲେଖାହେବା ଉଚିତ । ପିଲାଙ୍କୁ ଶିକ୍ଷିତ କରିବା ପାଇଁ ୧୯୮୬ ମସିହାଠାରୁ ସେ ଏହି ଯୋଜନା ହାତକୁ ନେଇଥିଲେ ଏବଂ ଏହାର ସାର୍ଥକତା ପାଇଁ ୫୦୦ ଖଣ୍ଡ କ୍ଷୁଦ୍ର, ସଚିତ୍ର, ସ୍ୱଳ୍ପ ମୂଲ୍ୟ ବିଶିଷ୍ଟ ପୁସ୍ତକ ରଚନାରେ ଅଗ୍ରସର ହୋଇଥିଲେ ।

ଶିଶୁ ଓ ନବ ସାକ୍ଷରଙ୍କ ପାଇଁ ମୌଳିକ ଜ୍ଞାନ ସମ୍ବଳିତ କ୍ଷୁଦ୍ର ପୁସ୍ତକମାନ ରଚନା କରିବାରେ କାନୁନ୍‌ଗୋଙ୍କର ବିଶେଷତ୍ୱ ହେଉଛି ତାଙ୍କର ସରଳଭାଷା । ସେ ଥିଲେ ପ୍ରୌଢ଼ ଶିକ୍ଷା ବା Adault Educationର ଅନ୍ୟତମ ପୁରୋଧା । ତାଙ୍କୁ ଯଥାର୍ଥରେ କୁହାଯାଉଛି — A self taught man teaching others । ନିଜକୁ ଶିକ୍ଷିତ କଲା ପରେ ସେ ଅନ୍ୟମାନଙ୍କୁ ଶିକ୍ଷା ଦେଉଛି । ବିଜ୍ଞାନର ଅତି ଜଟିଳ ତତ୍ତ୍ୱକୁ ସେ ପ୍ରାଞ୍ଜଳଭାବରେ ବୁଝାଇ ଲେଖିପାରୁଥିଲେ । ସେଥିପାଇଁ ସମସ୍ତଙ୍କୁ ସେ ଦିଗରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେ ୧,୩୦,୦୦୦ ଶବ୍ଦ ସମ୍ବଳିତ ଏକ ସ୍ୱତନ୍ତ୍ର ଅଭିଧାନ ପ୍ରଣୟନରେ ନିୟୋଜିତ ଥିଲେ । ଓଡ଼ିଶା ସମ୍ପର୍କରେ ବହୁ ଦୁର୍ଲଭ ତଥ୍ୟ ସଂଗ୍ରହ କରି ଗ୍ରୋଟିଖଣ୍ଡରେ ଏକ ଜ୍ଞାନ କୋଷ ଓ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ତିନି ଖଣ୍ଡରେ ଏକ ଜ୍ଞାନ କୋଷ ପ୍ରଣୟନର ଯୋଜନା ମଧ୍ୟ ତାଙ୍କର ଥିଲା । ସେଥିପାଇଁ ତାଙ୍କ ସୂଚନା କେନ୍ଦ୍ରରେ ଅନେକ ବିରଳ ଫଟୋ ଚିତ୍ର ଓ ଦସ୍ତଖତ ସଂଗ୍ରହ କରାଯାଇ ରଖାଯାଇଛି ।

ମନୁଷ୍ୟ ଦ୍ୱାରା ଉପଲବ୍ଧ ଜ୍ଞାନକୁ ପ୍ରତ୍ୟେକ ନିକଟରେ ପହଞ୍ଚାଇବା ପାଇଁ କାନୁନ୍‌ଗୋଙ୍କ ଏକକ ପ୍ରୟାସ ସର୍ବଭାରତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ଭାରତର ଅନେକ ପତ୍ରପତ୍ରିକାରେ ତାଙ୍କର ସପ୍ରଶଂସ ବିବରଣୀମାନ ପ୍ରକାଶ ପାଉଥିଲା । ଭାରତ ସରକାରଙ୍କ "ଫିଲ୍ମ ଡିଭିଜନ" ତାଙ୍କ ଉପରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ କରି ୧୪ଟି ଭାରତୀୟ ଭାଷାରେ ଡବିଂ କରିଥିଲେ । ଭାରତର ପ୍ରେକ୍ଷାଳୟମାନଙ୍କରେ ଏହା ପ୍ରଦର୍ଶିତ ହୋଇଥିଲା । ୧୯୮୩ ମସିହାରେ ମାଡ୍ରାସ୍‌ରେ ଅନୁଷ୍ଠିତ ବିଶ୍ୱ କୋଷ ପ୍ରଣୟନ ଆଲୋଚନା ଚକ୍ରରେ ସେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିଲେ ।

୧୯୪୪ ମସିହାରେ ଜର୍ମାନ ଯୁଦ୍ଧ ବିଷୟ ନେଇ "ସନ୍ଧାନ" ନାମକ ପ୍ରଥମ ପୁସ୍ତିକା ରଚନା କରିଥିଲେ । "ଅମୃତ ବଚନ" ଥିଲା ତାଙ୍କର ଅପ୍ରକାଶିତ ରଚନା । ବାପୁଜୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅର୍ଥାତ୍ ୧୯୪୯ ମସିହା ଜାନୁଆରୀ ୩୦ ତାରିଖରେ ରାଧାନାଥ ବାବୁଙ୍କ ସାହାଯ୍ୟରେ ପ୍ରକାଶ କରିଥିଲେ "ବାପୁଜୀଙ୍କ ଉତ୍କଳରେ ପଦଯାତ୍ରା" । ଭୁବନେଶ୍ୱରରେ ଜାତୀୟ ଏନ୍‌ସାଇକ୍ଲୋପେଡିଆ ସେଣ୍ଟର ପାଇଁ ସେ ବ୍ୟବସ୍ଥା କରିଥିଲେ । ସେ ଯୋଜନା କାର୍ଯ୍ୟକାରୀ ହେଲେ ଭୁବନେଶ୍ୱର କେନ୍ଦ୍ରଟି ହେବ ଭାରତର ଏକ ମୁଖ୍ୟ କେନ୍ଦ୍ର । ସେଥିରେ ପ୍ରାୟ ଏକକୋଟି ଟଙ୍କା ଖର୍ଚ୍ଚ ହେବ, ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିନିତାଲା କୋଠା ହେବ, କମ୍ପ୍ୟୁଟର ବସିବ । ଭାରତୀୟ ଭାଷାର ଅଭିଧାନ, ବିଶ୍ୱ କୋଷମାନ ରଖାଯିବ । ଏନ୍‌ସାଇକ୍ଲୋପେଡିଆ ବ୍ରିଟାନିକାଙ୍କୁ ପ୍ରତିବର୍ଷ ଗୋଟିଏ ଇୟରବୁକ୍ ବାହାର କରିବାକୁ ଯୋଜନା କରିଥିଲେ ସେ । ନିକଟରେ ତାଙ୍କର ଦୁଇଖଣ୍ଡ ଶିଶୁ ଜ୍ଞାନମଣ୍ଡଳ ପ୍ରକାଶିତ ହୋଇଥିଲା । ମୃଣାଳ ଚଟ୍ଟୋପାଧ୍ୟାୟଙ୍କ ସହ ଏକ ସାକ୍ଷାତକାରରେ ସେ କହିଥିଲେ :

"ଯେତିକି ଯୋଜନା ଅଛି, ମୋତେ ଲାଗୁନି ମୋ ଜୀବନ କାଳରେ ସେ ସବୁ ସରିବ ।"

୨/୪ ବର୍ଷ ବୟସରେ ମଧ୍ୟ ସେ ଥିଲେ କର୍ମମୁଖର । ଗାନ୍ଧିଜୀଙ୍କ ଆଦର୍ଶରେ ମନୁପ୍ରାଣୀତ ହୋଇ ଦୈନିକ ୧୭ ଘଣ୍ଟା ପରିଶ୍ରମ କରୁଥିଲେ । କାନୁନ୍‌ଗୋଙ୍କ ଏହି କୃତି, ସାଧନା ଓ ଅଧ୍ୟବସାୟ ପ୍ରତି ଶ୍ରଦ୍ଧା ସ୍ବୀକୃତି ଜଣାଇ ୧୯୮୪ ମସିହାରେ 'ପ୍ରଜାତନ୍ତ୍ର ପ୍ରଚାର ସମିତି' ପକ୍ଷରୁ ଆୟୋଜିତ ବିଷୁବ ମିଳନ ଉତ୍ସବରେ ତାଙ୍କୁ ସ୍ବତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା । ୧୯୮୬ ମସିହାରେ ଭାରତ ସରକାର ତାଙ୍କୁ "ପଦ୍ମଶ୍ରୀ" ଉପାଧିରେ ଭୂଷିତ କରିଥିଲେ । ତାଙ୍କର "ଜ୍ଞାନ ମଣ୍ଡଳ" ଥିଲା ଏକ ମହାନ ତୀର୍ଥକ୍ଷେତ୍ର ।

ପରମ୍ପୂଜ୍ୟ "ଜ୍ଞାନ ମଣ୍ଡଳ" ଓ ଶିଶୁ "ପୁସ୍ତକମାଳା" ମଧ୍ୟରେ ତାଙ୍କ ମହାପ୍ରୟାଣ ଓଡ଼ିଶାବାସୀଙ୍କ ପାଇଁ ଦାରୁଣ ବିପର୍ଯ୍ୟୟ । "ଜ୍ଞାନ ମଣ୍ଡଳ"ର ଜ୍ଞାନ ସାଗରକୂଳରେ ତାଙ୍କ ଅମ୍ଳାନ ସ୍ମୃତି ଚିର ଭାସ୍ୱର ହୋଇ ରହୁ ଏହି ହିଁ ପ୍ରାର୍ଥନା ।

ଗ୍ରା/ପୋ : ବେଲଗୁଣ୍ଠା ପତ୍ତାପାଟି,
ଜିଲ୍ଲା : ଗଞ୍ଜାମ-୭୬୨ ୧୧୦ ।

# ଶ୍ରଦ୍ଧା ପୁଷ୍ପର ସୌରଭ

(ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ ନେହେରୁ ୧୮୮୯ ନଭେମ୍ବର ୧୪ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ଜାତିର ଜନକ ମହାତ୍ମାଜୀଙ୍କର ସେହି ଦେଶପ୍ରେମୀ ମହାନ୍ ରାଷ୍ଟ୍ରନାୟକଙ୍କ ପ୍ରତି ଯେଉଁ ଶ୍ରଦ୍ଧା ଥିଲା ତହିଁରୁ କିଞ୍ଚିତ ଏଠାରେ ଉଲ୍ଲେଖ କରାଯାଉଛି ।)

"ପଣ୍ଡିତ ଜବାହରଲାଲ ନେହେରୁଙ୍କର ସବୁକିଛି ସୁଗୁଣ ରହିଛି । ତାଙ୍କର ସାହସିକତା, ଦୃଢ଼ପ୍ରତିଜ୍ଞା, ସାଧୁତା ଓ ବିପଦର ସମ୍ମୁଖୀନ ହେବାରେ ଧୈର୍ଯ୍ୟ ଦେଶର ଯୁବ ସମାଜକୁ ଅନୁପ୍ରାଣିତ କରିଛି । ଦେଶର ଶ୍ରମିକ ଓ କୃଷକମାନଙ୍କ ସଂସ୍ପର୍ଶରେ ସେ ଆସିଛନ୍ତି । ୟୁରୋପୀୟ ରାଜନୀତିର ଘନିଷ୍ଠ ସମ୍ପର୍କରେ ଆସି ସେ ଆମ ଦେଶର ରାଜନୀତି ସମ୍ପର୍କରେ ବେଶ୍ ଧାରଣା କରି ପାରିଛନ୍ତି.... ।"

"ଆମ ଦୁହିଁଙ୍କ ମଧ୍ୟରେ ବୌଦ୍ଧିକ ମତପାର୍ଥକ୍ୟ ଥାଇପାରେ ମାତ୍ର ଆମର ହୃଦୟ ଅଭିନ୍ନ । ତାଙ୍କର ଯୌବନର ଉଦ୍ଦାମଭାବ କଠୋର ଶୃଙ୍ଖଳା ଜ୍ଞାନ ଓ ଆନୁଗତ୍ୟ ତାଙ୍କୁ ଆମର ଏପରି ଜଣେ ସମକର୍ମୀ ରୂପେ ଗଢ଼ି ତୋଳିଛି ଯାହାଙ୍କର ପଟାନ୍ତର ନାହିଁ ଏବଂ ଯାହାଙ୍କ ଉପରେ ସବିଶେଷ ଆସ୍ଥା ରଖାଯାଇ ପାରିବ । ସାହସିକତାରେ ତାଙ୍କୁ ବଳିଯାଇ ହେବନାହିଁ ।"

"ଦେଶ ପ୍ରୀତିରେ ତାଙ୍କୁ ଅବା କିଏ ବଳିଯାଇ ପାରିବ ? ଜଣେ ଯୋଦ୍ଧାର ବୀରତ୍ୱ ଓ ନିର୍ଭୀୟତା ଏବଂ ଜଣେ ରାଷ୍ଟ୍ରନୀତିଜ୍ଞଙ୍କ ବିଜ୍ଞତାର ସମନ୍ୱୟ ତାଙ୍କ ମଧ୍ୟରେ ଘଟିଛି । ଶୃଙ୍ଖଳା ଜ୍ଞାନ ପ୍ରତି ତାଙ୍କର ଆସକ୍ତି ଓ ଶୃଙ୍ଖଳା ପାଳନରେ ତାଙ୍କର କଠୋରତା ସମୟ ସମୟରେ ବିରକ୍ତିକର ବୋଧ ହେଉଥିଲା ।"

"ସେ ନିଃସନ୍ଦେହରେ ଜଣେ ଚରମପନ୍ଥୀ ଥିଲେ ଏବଂ ତତ୍କାଳୀନ ସମାଜ ଅପେକ୍ଷା ଅଧିକ ଦୂରଦର୍ଶୀ ଥିଲେ । କିନ୍ତୁ ସେ ନମ୍ର ଓ ବାସ୍ତବବାଦୀ ଥିବାରୁ ନିଜର ଚିନ୍ତାଧାରାକୁ ହଠାତ୍ ସବୁ କିଛି ଓଲଟ ପାଲଟ ହୋଇଯିବା ଭଳି କାର୍ଯ୍ୟରେ ଲଗାଉ ନଥିଲେ । ସେ ସ୍ଫଟିକ ପରି ସ୍ୱଚ୍ଛ ଓ ସତ୍ୟବାଦୀ ଏବଂ ନିଃସନ୍ଦେହରେ ସେ ହେଉଛନ୍ତି ନିରହଙ୍କାରୀ ବୀର ପୁରୁଷ ।"

(ଅନୁବାଦ : ଗିରିଜା ଦାଶ)

# ରାଷ୍ଟ୍ର ଭାଷା ଓ ଆମର ସମ୍ବିଧାନ

ମହାଜିତେଶ୍ୱର ଦାସ

ଆମ ସମ୍ବିଧାନରେ ରାଷ୍ଟ୍ରଭାଷା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭାରତ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଶବ୍ଦାନୁକ୍ରମେ ଆସାମୀ ଭାଷାରୁ ଉର୍ଦ୍ଦୁ ଭାଷା ପର୍ଯ୍ୟନ୍ତ ଯେଉଁ ୧୪ଟି ଭାରତୀୟ ଭାଷା ତାଲିକାଭୁକ୍ତ ହୋଇଛି, ସେଥିରେ ଇଂରାଜୀ ଭାଷାକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ । ତଥାପି ଇଂରାଜୀ ଭାଷାକୁ ଏକ ଆନୁଷଙ୍ଗିକ ସରକାରୀ ଭାଷା ରୂପେ ଗ୍ରହଣ କରାଯାଇଛି । ସମ୍ବିଧାନର ୩୪୩(୧) ଧାରା ପରିଚ୍ଛେଦ ୧, ୧୮ ଅଙ୍କ ଅନୁଯାୟୀ ହିନ୍ଦୀ ଭାରତର ରାଷ୍ଟ୍ରଭାଷା ରୂପେ ପ୍ରଚଳିତ ହୋଇଛି । ସମ୍ବିଧାନର ୩୪୩(୩) ଧାରା, ୧୯୫୯ ଜାନୁଆରୀ ୨୬ ତାରିଖଠାରୁ ୧୫ ବର୍ଷ ପର୍ଯ୍ୟନ୍ତ ଓ ତଦୂର୍ଦ୍ଧ୍ୱ ସମୟ ପାଇଁ ଇଂରାଜୀ ଭାଷାର ପ୍ରଚଳନକୁ ଚାଲୁ ରଖିବାଲାଗି ସମସ୍ତ ପ୍ରକାର ସୁରକ୍ଷା ହେଉଛି । ୧୯୮୬ ମସିହାରେ ସରକାରୀ ଭାଷା ଆଇନକୁ ସଂଶୋଧନ କରାଗଲା । ପ୍ରତ୍ୟେକ ରାଜ୍ୟ ଇଂରାଜୀ ଭାଷାର ପ୍ରଚଳନକୁ ରଦ୍ଦ ନକରିବା ପର୍ଯ୍ୟନ୍ତ କେନ୍ଦ୍ର ସରକାର ହିନ୍ଦୀ ଭାଷାର ପ୍ରଚଳନକୁ ଯେପରି ବଳପୂର୍ବକ ଲାଗୁ ନକରନ୍ତି, ସେଥିଲାଗି ଏଥିରେ ବିହିତ ବ୍ୟବସ୍ଥା ରହିଛି । ଏଣୁ ଇଂରାଜୀ ଭାଷା ଭାରତର ଏକ ଆନୁଷଙ୍ଗିକ ସରକାରୀ ଭାଷା ରୂପେ ପ୍ରଚଳିତ ହୋଇ ଆସୁଛି । ଆନ୍ତଃରାଜ୍ୟ ଯୋଗାଯୋଗ, କୂଟନୀତି, ବାଣିଜ୍ୟ ବ୍ୟବସାୟ ଓ ସଂସ୍କୃତି କ୍ଷେତ୍ରରେ ଆନ୍ତର୍ଜାତିକ ସମ୍ପର୍କ ପ୍ରତିଷ୍ଠା କରିବା ଲାଗି ସମ୍ବିଧାନ ଦେଶର ପ୍ରଶାସନିକ ଓ ବିଚାର ବିଭାଗୀୟ ବ୍ୟବସ୍ଥାରେ ଇଂରାଜୀ ଭାଷାର ପ୍ରଚଳନକୁ ଚାଲୁ ରଖିଛନ୍ତି । ଭାରତର ବହୁ ରାଜ୍ୟରେ ଉଚ୍ଚଶିକ୍ଷା ପ୍ରଦାନ କ୍ଷେତ୍ରରେ ଇଂରାଜୀ ଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରାଯାଇଛି ।

ଦେଶର ପ୍ରାଥମିକ, ମାଧ୍ୟମିକ କିମ୍ବା ଉଚ୍ଚ ଶିକ୍ଷା କ୍ଷେତ୍ରରେ ଇଂରାଜୀ ଭାଷାର ଭୂମିକା ସମ୍ପର୍କରେ ଘୋଷଣା କରିବା ପୂର୍ବରୁ ଦେଶର ସମ୍ବିଧାନରେ ଏହାକୁ କିଭଳି ମର୍ଯ୍ୟାଦା ଦିଆଯାଇଛି, ଏ ସମ୍ପର୍କରେ ବିଚାର ଆଲୋଚନା କରାଯିବା ଉଚିତ । ଏହି ଚିନ୍ତାଧାରାର ପରିପ୍ରେକ୍ଷୀରେ "ଇଂରେଜୀ ଏକ ପାଠାଗାର ଭାଷା" ଏହି ଅବଧାରଣାକୁ ଆସନ୍ତୁ ଆଲୋଚନା କରିବା । କୋଠାରୀ କମିଶନ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ସୁପାରିଶ୍ କରି କହିଥିଲେ ଯେ, "ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରିବା ଅର୍ଥ ଏହା ନୁହେଁ ଯେ ଦେଶରେ ଇଂରାଜୀ ଭାଷାର ଗୁରୁତ୍ୱକୁ ନିମ୍ନମାନ କରିବା । ପ୍ରଥମ ଡିଗ୍ରୀ ପାଠ୍ୟକ୍ରମକୁ ସଫଳତାର ସହ ସମ୍ପୂର୍ଣ୍ଣ କରିବାକୁହେଲେ ଇଂରାଜୀ ଭାଷାରେ ଦକ୍ଷତା ହାସଲ କରିବା ବାଞ୍ଛନୀୟ । ଯାହାଫଳରେ ଜଣେ ଅନାୟାସରେ ଇଂରାଜୀ ଭାଷାରେ ନିଜର ମତ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ଇଂରାଜୀ ଭାଷଣ ଓ ଭାଷାକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିବ । ଏଣୁ ବିଦ୍ୟାଳୟ ସ୍ତରରୁ ଏକ ଭାଷା ହିସାବରେ ଇଂରାଜୀକୁ ଅଧ୍ୟୟନ କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିବ । ଉଚ୍ଚଶିକ୍ଷା ସ୍ତରରେ ଇଂରାଜୀ ସବୁଠାରୁ ବିଶେଷ ଉପଯୋଗୀ ପାଠାଗାର ଭାଷା ହେବା ଉଚିତ । ଇଂରାଜୀ ଭାଷା ବିଶ୍ୱରେ ଆଜି ଏକ ମହତ୍ତ୍ୱପୂର୍ଣ୍ଣ ମୁଖ୍ୟ ବାତାୟନ ସଦୃଶ ।

ଉକ୍ତ ବିବରଣୀରୁ ଜଣାପଡ଼େ ଯେ, ହିନ୍ଦୀ କିମ୍ବା ଅନ୍ୟ କୌଣସି ଭାରତୀୟ ଭାଷାକୁ ପାଠାଗାର ଭାଷା ହିସାବରେ ଗ୍ରହଣ କରିବା ପୂର୍ବରୁ ଏହା ବିଶେଷ ସମୃଦ୍ଧ ହେବା ଉଚିତ । ଉପରୋକ୍ତ ଉକ୍ତିକୁ ବିଶ୍ଳେଷଣ କରିବା ଦ୍ୱାରା ସ୍ପଷ୍ଟ ରୂପେ ବୁଝିହୁଏ ଯେ, ଆମ ଦେଶର ଶିକ୍ଷା ବ୍ୟବସ୍ଥାରେ ଇଂରାଜୀ ଭାଷାର ଏକ ମୌଳିକ ଭୂମିକା ରହିଛି । ଏଥିଲାଗି ଆଧୁନିକ ତଥା ଦ୍ରୁତ ବେଗରେ ପ୍ରସାର ଲାଭ କରୁଥିବା ଜାଗତିକ ଜ୍ଞାନ ସମୂହକୁ ଆହରଣ କରିବାଲାଗି ଇଂରାଜୀ ଜ୍ଞାନ ନିତାନ୍ତ ପ୍ରୟୋଜନ । ପ୍ରଥମତଃ, ଏହା ସୂଚେଇଦିଏ ଯେ, ପ୍ରତ୍ୟେକ ଡିଗ୍ରୀଧାରୀ ବ୍ୟକ୍ତି ପଠନ କୌଶଳ ସମ୍ପର୍କରେ ଉତ୍ତମ ଦକ୍ଷତା ହାସଲ କରିବା ଦରକାର । ଫଳରେ ସେ ଇଂରାଜୀ ଭାଷାରେ ମିଳୁଥିବା ବିଭିନ୍ନ ସମ୍ବାଦପତ୍ର, ପତ୍ର ପତ୍ରିକା, ବିଜ୍ଞାନ ତଥା ଅନ୍ୟାନ୍ୟ ପୁସ୍ତକ ଇତ୍ୟାଦି ପାଠକରି ସମସ୍ତ ବିଷୟ ଆହରଣ କରିପାରିବ । ଏତଦ୍ୱାରା, ଛାତ୍ରମାନେ ଇଂରାଜୀର ପାଠ୍ୟପୁସ୍ତକ ସହ ପୂର୍ବାପର ସଙ୍ଗତି ଥିବା ଆଲୋଚ୍ୟ ପୁସ୍ତକମାନ ଶିକ୍ଷା କରିବାର ଦକ୍ଷତା ହାସଲ କରିବା ସଙ୍ଗେ ସଙ୍ଗେ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ଯେଉଁ ଦିଗରେ ସ୍ୱତନ୍ତ୍ର ଆଗ୍ରହ ରହିଛି ସେ ସବୁ ବିଷୟବସ୍ତୁକୁ ପୁଙ୍ଖରୁ ରୂପେ ହୃଦୟଙ୍ଗମ କରିବାରେ ଏହା ସେମାନଙ୍କୁ ବିଶେଷ ସାହାଯ୍ୟ କରିଥାଏ । ଫଳରେ ଛାତ୍ରମାନଙ୍କର ଉପଯୋଗୀ ଚାହିଦା ମଧ୍ୟ ପୂରଣ ହୋଇଥାଏ । ଏହା ସତ୍ୟ ଯେ, ବର୍ତ୍ତମାନ ଅବସ୍ଥାରେ ଏକ ସାଧାରଣ ଛାତ୍ରପକ୍ଷେ ଏହି ପୁସ୍ତିକଗୁଡ଼ିକ ଅଧ୍ୟୟନ କରିବା ବିଶେଷ ଦୁଃସାଧ୍ୟ ହୋଇଥାଏ । ସେ ତାର ପାଠ୍ୟ ବିଷୟର ଉପଯୋଗୀ ପୁସ୍ତକମାନ ପାଠକରିପାରେ ନାହିଁ ଫଳରେ ସେ ବିରାଟ ଅସୁବିଧାର ସମ୍ମୁଖୀନ ହୁଏ । ଏହି ଛାତ୍ରମାନଙ୍କର ସ୍ୱଳ୍ପ ଜ୍ଞାନ ହେତୁ ସେମାନେ ତାଙ୍କ ଶିକ୍ଷକମାନଙ୍କ ଦ୍ୱାରା ଦିଆଯାଇଥିବା ଟିପ୍ପଣୀ ଖାତା ଉପରେ ନିର୍ଭର କରିଥାନ୍ତି ଓ ସେମାନେ କିଭଳି ପରୀକ୍ଷାରେ ପାଶ୍ କରିଯିବେ ସେ ସବୁ ବିଷୟପ୍ରତି ଦୃଷ୍ଟି ଦେଇଥାନ୍ତି । ଏହା ଅତି ଦୁଃଖର କଥା ଏବଂ ଯେତେ ଶୀଘ୍ର ଏହାର ପ୍ରତିକାର କରାଯିବ, ତାହା ଦେଶ ପାଇଁ ମଙ୍ଗଳକର ହେବ । ଏଥିଲାଗି ବୋଧହୁଏ, ଆମେ ଚିନ୍ତାକରୁଛେ ଯେ ଅଧିକାଂଶ ଛାତ୍ରମାନଙ୍କଲାଗି ଇଂରାଜୀ ଏକ ପାଠାଗାର ଭାଷା ହିସାବରେ ବ୍ୟବହୃତ ହେବା ଉଚିତ ।

ଇଂରାଜୀକୁ ଏକ ପାଠାଗାର ଭାଷା ହିସାବରେ କାର୍ଯ୍ୟକାରୀ କରିବାକୁ ଗଲାବେଳେ ଶିକ୍ଷାସ୍ତରରେ କେତେକ ନିର୍ଦ୍ଦିଷ୍ଟ ସମସ୍ୟା ଓ କେତେକ ନୂତନ ପଦ୍ଧତି ମୁଣ୍ଡଟେକି ଉଠିଥାନ୍ତି । ଇଂରାଜୀକୁ ପାଠାଗାର ଭାଷା ହିସାବରେ ଶିକ୍ଷା ଦେବାକୁ ହେଲେ, ଇଂରାଜୀ ପାଠ୍ୟସୂଚୀରେ ଅତିରିକ୍ତ କେତେକ ପାଠ୍ୟ ବିଷୟକୁ ନୂତନଭାବେ ପ୍ରବର୍ତ୍ତନ କରାଇ ସଂଶୋଧନ କରାଯିବା ଆବଶ୍ୟକ, (ଖ) ଶବ୍ଦ ଜ୍ଞାନକୁ ଅଧିକ ବୃଦ୍ଧି କରାଯିବା ଦରକାର, (ଗ) ଛାତ୍ରମାନଙ୍କୁ ଚୁପ୍‌ଚାପ୍ ପଢ଼ିବାରେ ନିୟମିତ ଅଭ୍ୟାସ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କର କିଭଳିଭାବେ ହୃଦ୍‌ବୋଧ ହୋଇଛି ସେ ସବୁ ବିଷୟ ପରୀକ୍ଷା କରାଯିବା ପ୍ରୟୋଜନ । ଏଥିରୁ ଜଣାପଡ଼େ ଯେ, ଇଂରାଜୀ ଶିକ୍ଷା ଓ ପାଠ୍ୟସୂଚୀରେ ପଠନ କୌଶଳ ପ୍ରତି ବିଶେଷ ପ୍ରାଧାନ୍ୟ ଦିଆଯିବା ଉଚିତ ।

ପ୍ରଫେସର୍ ଜି: ସି: ବାନାର୍ଜୀ ତାଙ୍କ "ଇଂରାଜୀ ଏକ ପାଠାଗାର ଭାଷା" ଶିକ୍ଷା ପତ୍ରରେ ଯାହାକି ସେ କେନ୍ଦ୍ର ଇଂରାଜୀ ଓ ବିଦେଶୀ ଭାଷା ଅନୁଷ୍ଠାନରେ ଆଲୋଚନା ଚକ୍ରରେ ଉପସ୍ଥାପିତ କରିଥିଲେ, ସେଥିରେ ସେ କହିଛନ୍ତି ଯେ, "ମୋର ମତାମତ ଆମେ ଇଂରାଜୀ ଲେଖା ଉପରେ କମ୍ ନଜର ଦେବା ଉଚିତ । ମୁଁ ଜାଣେ ଯେ, ଏହା ପ୍ରତି ଅନେକ ବ୍ୟକ୍ତି ନିରେଶିଭାବ ପ୍ରକାଶ କରିପାରନ୍ତି । କିନ୍ତୁ ମୁଁ ଅନୁଭବ କରେ ଯେ, ଏହା ନିଶ୍ଚିତଭାବେ ସତ୍ୟ ।" ଏହା ସତ୍ୟ ଯେ ଆମେ ଯଦି ଇଂରାଜୀ ପଠନଭଳି ଜ୍ଞାନ ଆହରଣ କୌଶଳ ଉପରେ ବିଶେଷ ନଜର ଦେଉ ଏବଂ କହିବା ଓ ଲେଖିବାଭଳି ରଚନା କୌଶଳ ପ୍ରତି କମ୍ ନଜର ଦେଉ, ଛାତ୍ରମାନେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହେବେ । ଏହି ପରିପ୍ରେକ୍ଷୀରେ ମାଇକେଲ୍ ୱେଷ୍ଟ ଓ ଏଚ୍: ଇ: ପାମର୍ଙ୍କ ମଧ୍ୟରେ ଯେଉଁ ମତପାର୍ଥକ୍ୟ ଦେଖାଯାଏ ତାହା ମନ ଭିତରେ ଜାଗ୍ରତ ହୁଏ । ୧୯୨୦ ମସିହା ବେଳକୁ ମାଇକେଲ୍ ୱେଷ୍ଟ ପ୍ରମାଣ କରିଥିଲେ ଯେ ପ୍ରାରମ୍ଭିକ ଅବସ୍ଥାରେ ଇଂରାଜୀ ଶୁଣିବା ଓ କହିବା ଶିକ୍ଷା ଦିଆଯିବା ଉଚିତ ଏବଂ ପରେ ପଠନ କୌଶଳ ସ୍ୱତନ୍ତ୍ରଭାବେ ଶିକ୍ଷା ଦେବା ଉଚିତ । ଏଚ୍: ଇ: ପାମର୍ ଏହାକୁ ଆଦୌ ପସନ୍ଦ କରି ନଥିଲେ ଓ କହିଲେ ଏହା ଆଦୌ ସଫଳ ହୋଇପାରିବ ନାହିଁ ଏବଂ ବିଶେଷଜ୍ଞମାନେ କଥୋପକଥନଠାରୁ ପଢ଼ିବା କୌଶଳକୁ ସ୍ୱତନ୍ତ୍ର କରିବାଲାଗି ନୂତନ କୌଶଳମାନ ଆବିଷ୍କାର କରିବା ଉଚିତ । ଯଦିଓ କହିବା କୌଶଳକୁ ସମ୍ପୂର୍ଣ୍ଣ ବାଦ ଦେଇ ମଧ୍ୟ ଇଂରାଜୀ କିପରି ପଢାଯିବ ସେ ବିଷୟ କେବଳ ଶିକ୍ଷା ଦିଆଯାଏ ତାହାହେଲେ ଆମ ଦେଶର ଶିକ୍ଷା ପଦ୍ଧତିରେ ଏହାର ଏକ ବିରାଟ କୁପ୍ରଭାବ ସୃଷ୍ଟି ହେବ । ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ହାସଲ କରିଥିବା ଛାତ୍ରମାନେ ନିଜର ପାଠ୍ୟ ବିଷୟବସ୍ତୁରେ ପ୍ରଭୂତ ଜ୍ଞାନ ହାସଲ କରିପାରିଥିବେ ସତ୍ୟ, କିନ୍ତୁ ସେମାନେ କୌଣସି ବିଷୟ ଲେଖିବାକୁ ହେଲେ ଉତ୍ତମ ରୂପେ ନିଜର ଭାବ ବ୍ୟକ୍ତ କରିବା ତାଙ୍କ ପକ୍ଷରେ ସମ୍ଭବ ହେବନାହିଁ । ଏତଦ୍‌ବ୍ୟତୀତ ସେମାନେ ଆନ୍ତର୍ଜାତିକ ସମ୍ମିଳନୀ ଏବଂ ଆଲୋଚନାଚକ୍ରଗୁଡ଼ିକରେ ଅଂଶ ଗ୍ରହଣ କରିପାରିବେ ନାହିଁ ଓ ଅନ୍ୟ ସହିତ ନିଜର ଭାବ ବିନିମୟ ମଧ୍ୟ କରିପାରିବେ ନାହିଁ । ଏହାଦ୍ୱାରା ଇଂରାଜୀ ଭାଷା ମାଧ୍ୟମରେ ରାଜ୍ୟ ମଧ୍ୟରେ ଯେଉଁ ଭାବ ବିନିମୟ ହୋଇଥାଏ ତାହା ବିଶେଷଭାବେ ବ୍ୟାହତ ହେବ । ଏହି ପ୍ରସଙ୍ଗରେ ମି: ନଗରାଙ୍କ ଉକ୍ତି ଉଲ୍ଲେଖଯୋଗ୍ୟ ।

ଲଣ୍ଡନର ସମ୍ମିଳନୀରେ ଜଣେ ଭାରତୀୟ ଅନ୍ୟ ଜଣକୁ କ'ଣ କହୁଛି ତାହା ବ୍ୟାଖ୍ୟା କରିବାଲାଗି ପ୍ରୟୋଜନ ହେଉଥିବା ବ୍ୟାଖ୍ୟାକାରୀମାନେ ପ୍ରକୃତ ଅର୍ଥକୁ ବଦଳି କରିଦେଉଥିବାର ନଜିର ରହିଛି । ଏତଦ୍ୱାରା ଆମ ସମ୍ବିଧାନ ଅନୁଯାୟୀ ଆନୁଷଙ୍ଗିକ ସରକାରୀ ଭାଷା ହିସାବରେ ପ୍ରଚଳିତ ହେଉଥିବା ଇଂରାଜୀ ଭାଷାର ମର୍ଯ୍ୟାଦା ଅଧିକ କ୍ଷୁଣ୍ଣ ହେବ ।

ଏ ପ୍ରକାର ବୈଷମ୍ୟର ଦୂରୀକରଣ ନିମନ୍ତେ ଆମର ଛାତ୍ରମାନଙ୍କଲାଗି ଇଂରାଜୀ ଲିଖନ, ଇଂରାଜୀ କଥନ ବିଷୟଗୁଡ଼ିକୁ ଇଲାଧୀନ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରାଯିବା ଉଚିତ । ଏହା ସଙ୍ଗେ ସଙ୍ଗେ ସେମାନଙ୍କଲାଗି ସୃଜନଶୀଳ ରଚନା ପାଠ୍ୟକ୍ରମର ବ୍ୟବସ୍ଥା ରହିବା ଉଚିତ । ଆମ ଆଖି ଆଗରେ ଦେଖା ଦେଉଥିବା ତା' ପରବର୍ତ୍ତୀ ପ୍ରଶ୍ନ ହେଉଛି ଯେ ପରବର୍ତ୍ତୀ ପର୍ଯ୍ୟାୟରେ ଇଂରାଜୀ ଜ୍ଞାନ ଆହରଣ କୌଶଳକୁ ରଚନା କୌଶଳରେ ରୂପାନ୍ତର କରାଯାଇ ପାରିବ - କି ? କେତେକ ଶିକ୍ଷକ କହନ୍ତି ଯେ, ଏ ପ୍ରକାର ରୂପାନ୍ତର କେବଳ ସମ୍ଭବ ହୋଇପାରିବ, ଯେତେବେଳେ ଏ ବିଷୟପ୍ରତି ଦୃଢ଼ ଧ୍ୟାନ ଦିଆଯିବ ।

ଇଂରାଜୀକୁ 'ପାଠାଗାର ଭାଷା' ହିସାବରେ ଶିକ୍ଷାଦେବା ବିଷୟକୁ ପ୍ରତିବାଦ କରି ଆଉ ଏକ ଦାବୀ ଉପସ୍ଥାପନ କରାଯାଇପାରେ । ତା' ହେଉଛି ଯେଉଁମାନେ ଇଂରାଜୀ ଭାଷାର ଚାରିଟି କୌଶଳରେ ଧୁରନ୍ଧର ସେମାନେ କୌଣସି ନିଯୁକ୍ତି ସୁଯୋଗ ଉପସ୍ଥିତ ହେଲେ ସଂଖ୍ୟା ଗରିଷ୍ଠ ଛାତ୍ର ଯେଉଁମାନେ କି କେବଳ ଇଂରାଜୀକୁ 'ପାଠାଗାର ଭାଷା' ହିସାବରେ ଶିକ୍ଷା କରିଥାନ୍ତି, ସେମାନେ ପ୍ରାଧାନ୍ୟ ଲାଭ କରିଥାନ୍ତି । ଏ ପ୍ରକାର ସମସ୍ୟା ପ୍ରତି ଗୁରୁତ୍ୱ ଆରୋପ କରାଯିବା ଉଚିତ । ଇଂରାଜୀକୁ ଯେ ପାଠାଗାର ଉପଯୋଗୀ ହେବା ଉଦ୍ଦେଶ୍ୟରେ ଶିକ୍ଷା କରିଥାଏ ଓ ତଦ୍ ସଙ୍ଗେ ସଙ୍ଗେ ଇଂରାଜୀ ସୁଷ୍ଠୁ ରୂପେ ଲେଖିପାରେ ଓ କହିପାରେ ତା ପକ୍ଷରେ ଇଂରାଜୀ ଭାଷାରେ ଉଚ୍ଚ ଶିକ୍ଷା ହାସଲ କରିବା ସମ୍ଭବପର ହୋଇଥାଏ । ଏହା ନିଶ୍ଚିତଭାବେ ସତ୍ୟ ଅଟେ । ଇଂରାଜୀ ଶିକ୍ଷା କରୁଥିବା କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପକ୍ଷେ ଇଂରାଜୀକୁ ସୁଷ୍ଠୁ ରୂପେ ଲେଖିବା ଓ ପରସ୍ପର ମଧ୍ୟରେ ସାଧାରଣ ତଥା ବିଶେଷଜ୍ଞସ୍ତରରେ କଥୋପକଥନ କରିବା ସମ୍ଭବ । ବର୍ତ୍ତମାନ ବୋଧହୁଏ ଆମର ଲକ୍ଷ୍ୟ ହେଉଛି ଯେ, ଇଂରାଜୀ ଶିକ୍ଷା କରୁଥିବା ଜଣେ ବ୍ୟକ୍ତି ତାର ସାଧାରଣ ଜୀବନରେ ଯେଉଁ ଇଂରାଜୀ ବ୍ୟବହାର କରୁଥାଏ, ତା ଅପେକ୍ଷା ଆହୁରି ଅଧିକ ଭଲ ଇଂରାଜୀ ଶିକ୍ଷା ଗ୍ରହଣ କରିବା ବିଧେୟ । କାରଣ ଯାହା ଶିକ୍ଷା ଦିଆଯାଇଥାଏ, ତାଠାରୁ ଆମେ କମ୍ ଶିକ୍ଷା କରିଥାଉ । ଏହି ସତ୍ୟ ଉପରେ ତାହା ଆଧାରିତ । ଏ ପ୍ରକାର ବହୁମୁଖୀ ଶିକ୍ଷା କାର୍ଯ୍ୟକ୍ରମ କାହାକୁ ସୁବିଧାଜନକ ନହେବା ହେତୁ ନିଷ୍ଫଳ ହୋଇଥାଏ । ଏଥିଲାଗି ଆମେ ଯେଉଁ ପଦକ୍ଷେପ ଅବଲମ୍ବନ କରିଥାଉ ତାହା ବାସ୍ତବ ଓ ଗ୍ରହଣୀୟ ଏବଂ ଏଭଳି ପଦକ୍ଷେପ ହିଁ "ଇଂରାଜୀକୁ ପାଠାଗାର ଭାଷା" ହିସାବରେ ଶିକ୍ଷା ଦେବାର ମୂଳ ନୀତି ବୋଲି ଗ୍ରହଣ କରାଯାଇଥାଏ ।

ଆମେ ଇଂରାଜୀ ସାହିତ୍ୟର କିଙ୍ଗ୍ ଲିୟର୍‌ଙ୍କଭଳି ବିଳାସପୂର୍ଣ୍ଣ ବାକ୍ୟାଳାପ କରିପାରିବା ନାହିଁ ·

> "On reason not the need our basest beggars
> Are in the poorest things superfluous."

ଏହା ଉପଯୁକ୍ତ ସମୟ ଆମେ ଆମର ଶିକ୍ଷାର୍ଥୀମାନେ କ'ଣ ଚାହାନ୍ତି ତାହା ଜାଣିବା । ମୁଁ ଅନୁଭବ କରୁଛି ଯେ, ଇଂରାଜୀକୁ ଏକ ପାଠାଗାର ଭାଷା ହିସା ବରେ ବ୍ୟବହାର କରାଗଲେ ଆମର ଅଧିକାଂଶ ଛାତ୍ରମାନଙ୍କର ବାସ୍ତବ ଓ ଜରୁରୀ ଚାହିଦାଗୁଡ଼ିକ ପୂରଣ ହୋଇପାରିବ । ଯଦି ଏହି କ୍ଷୁଦ୍ର ଇପ୍ସିତ ଲକ୍ଷ୍ୟ ଗ୍ରହଣ କରାଯାଏ ଓ ଇଂରାଜୀକୁ ପାଠ୍ୟକ୍ରମରେ ଏକ ବାଧ୍ୟତାମୂଳକ ବିଷୟ ହିସାବରେ ଶିକ୍ଷା ଦିଆନଯାଏ ତେବେ ଆମର ଲକ୍ଷ୍ୟ ହାସଲ କରିବା ସମ୍ଭବପର ହେବ କି ? ତାହା ସ୍ୱୀକାର କରିବା ନିଶ୍ଚିତଭାବେ କଷ୍ଟକର ହେବ ।

:‹‹‹‹‹‹‹‹‹‹‹‹‹


ନିର୍ଦ୍ଦେଶକ,
ଇଂରାଜୀ ଭାଷା ଶିକ୍ଷା ପ୍ରତିଷ୍ଠାନ,
ଭୁବନେଶ୍ୱର ।


**■ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଦିଗରେ ଭାରତର ଯେଉଁ ମହାନ୍ ଦାୟିତ୍ୱ ରହିଛି, ତାହା ଏ ଯାଏ ସମ୍ପୂର୍ଣ୍ଣ ହୋଇ ନାହିଁ, ବରଂ ଏହା ନୂତନ ଭାବେ ଆତ୍ମପ୍ରକାଶ କରିଛି । ସମଗ୍ର ବିଶ୍ୱପ୍ରତି ଏହାର ଏକ ମହାନ୍ ସନ୍ଦେଶ ରହିଛି ।**


**—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ**

# ବହୁବିଧ ପର୍ଯ୍ୟଟନ ବିଭବର ଗନ୍ତାଘର

# ଓଡ଼ିଶା







- କଳା ଓ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ କୋଣାର୍କ, ଭୁବନେଶ୍ୱର, ପୁରୀ, ଖିଚିଙ୍ଗ, ଖଣ୍ଡଗିରି, ଉଦୟଗିରି, ରାଣୀପୁର-ଝରିଆଲ ଇତ୍ୟାଦି
- ଧଉଳି, ରତ୍ନଗିରି, ଲଳିତଗିରି ଓ ଉଦୟଗିରିର ବୌଦ୍ଧକୀର୍ତ୍ତି
- ପୁରୀ, କୋଣାର୍କ, ଚାନ୍ଦିପୁର, ଗୋପାଳପୁର ଓ ଚନ୍ଦନେଶ୍ୱରର ତରଙ୍ଗାୟିତ ବେଳାଭୂମି
- ଶିମିଳିପାଳ, ଟିକରପଡ଼ା, ଉଷାକୋଠି ଓ ଭିତର-କନିକାର ଅଭୟାରଣ୍ୟ
- ନୌକାବିହାର ଓ ବିଭିନ୍ନ ଜାତିର ପକ୍ଷୀଦର୍ଶନ ପାଇଁ ଉପଯୁକ୍ତ ଚିଲିକା ହ୍ରଦ
- ଚିରସ୍ରୋତା ନିର୍ଝରର କୁଳୁକୁଳୁ ନାଦରେ ଝଙ୍କୃତ ନୃସିଂହନାଥ, ହରିଶଙ୍କର, ପୋରଣ୍ଡା, ବରେହିପାଣି, ଖଣ୍ଡାଧାର, ବାଗ୍ରା ଓ ପ୍ରଧାନପାଟ
- ଅତ୍ରି, ତପ୍ତପାଣି ଓ ଦେଉଳଝରିର ଉଷ୍ଣପ୍ରସ୍ରବଣ

ଏହିପରି ଆହୁରି ଅନେକ

ନିଜର କର୍ମମୟ ଜୀବନରୁ କିଛି ସମୟ ନେଇ ଆନନ୍ଦ ଉପଭୋଗ କରିବାର ସୁବର୍ଣ୍ଣ ସୁଯୋଗ ହରାନ୍ତୁ ନାହିଁ ।

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମଙ୍କ ଦ୍ୱାରା ପରିଚାଳିତ ପାନ୍ଥନିବାସ ଓ ସଂପ୍ରଦର୍ଶିତ ଭ୍ରମଣ ବ୍ୟବସ୍ଥା କେବଳ ଆପଣମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ସବିଶେଷ ବିବରଣୀ ପାଇଁ ପ୍ରତ୍ୟେକ ଜିଲ୍ଲା ତଥା ଦିଲ୍ଲୀ, କଲିକତା ଓ ମାନ୍ଦ୍ରାଜଠାରେ ଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ଓଡ଼ିଶା
ପର୍ଯ୍ୟଟନ

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
ଭୁବନେଶ୍ୱର - ୭୫୧୦୦୧

# ଶିମିଳିପାଳରେ ସକାଳ

ଧ୍ରୁବ୍ ଖୁଣ୍ଟିଆ

ଏ ଅରଣ୍ୟ ଶୋଇଥିଲା
ରାତିସାରା ମୋ' ସାଥେ
ମୋ ଛିଡି ଦେହଳି ଭେଦି
ଅବଚେତନର
ନଗ୍ନ ସିଂହଦ୍ୱାରେ
ହଠାତ୍ ଚେଇଁ ଉଠିଲା
ବଣ କୁକୁଡ଼ାର ଡାକେ
ବାଘ ହେଣ୍ଟାଳରେ ପୁଣି
ହରିଣର ଆକୁଳ ଚିତ୍କାରେ ।
ତା ଭଙ୍ଗା ଭଙ୍ଗା ନିଦକୁ
ସାଉଁଳାଏ ପାହାନ୍ତା ପବନ...
ସୁନା ସକାଳର ତାନ...
ମଧୁର କୂଜନ ।

ସମୀରର ଶୀତଳ ଶୀତ୍କାରେ
ଶିହରିତ ସବୁଜିମା...
ହୀରା ନୀଳା ମୋତିର କାକର
ବୃକ୍ଷ ଫାଙ୍କେ ଗୈରିକ ଆଲୋକ
ବନଫୁଲ ମହୁଆ ମହକ
ଆସାରେ ଆସାରେ
ମିଶାମିଶି
ଭୂଲୋକ ଦ୍ୟୁଲୋକ ।

ମେଘାସନ ସ୍ୱପ୍ନିଳ ଶୀର୍ଷରେ
ଧୂଆଁଳିଆ ମେଘରେ ମେଘରେ
ଛାଇ ଏବଂ ଆଲୁଅର
ଲୁଚକାଳି ଖେଳ,
ଚତୁର୍ଦ୍ଦିଗେ ଚିତ୍ରିତ ବହଳ ।

ସ୍ୱପ୍ନାୟିତ କିରଣ ବର୍ଷାରେ
ଭିଜି ଭିଜି ଯାଉଥାଏ
ଅରଣ୍ୟର ଶ୍ୟାମଳ ଅଞ୍ଚଳ,
ତନ୍ଦ୍ରାଚ୍ଛନ୍ନ ରଜନୀର
ଅଳସୀ ଶିମିଳିପାଳ
ହୋଇପାରେ ଏତେଟା ଅଧୀର
ପୁଣି ଏତେଟା ଚଞ୍ଚଳ !!

ଏ ଅନନ୍ୟା ବନକନ୍ୟା
ଆଲୁଳାୟିତ ବେଣୀରୁ
ଝରିପଡ଼େ ଫୁଲରେଣୁ
ସ୍ୱହାଣୀରେ ଅକୁହା କାହାଣୀ ।
ଉନ୍ମୀଳିତ ନୟନରେ
ରଙ୍ଗ ମାଖେ ପ୍ରଶାନ୍ତ ପ୍ରଭାତ
ଠାଣିରେ ତା ପ୍ରୀତିସିକ୍ତ ବାଣୀ ।

ପ୍ରଭାତର ଶାଶ୍ୱତ ସଙ୍ଗୀତେ
ଏ ଶିମିଳିପାଳ ସତେ
ଛନ୍ଦମୟୀ ମଧୁମୟୀ
                ମରାଳୀ ବନିତା,
ପ୍ରତି ଇଙ୍ଗିତରେ ତା'ର
କେତେ କେତେ ଚିତ୍ରକଳ୍ପ
                କେତେ ଯେ କବିତା !!
ଆଲିଙ୍ଗନେ ଆଲିଙ୍ଗନେ
କେତେ ଯେ ବେପଥୁ ପୁଣି
                କେତେ ଯେ ଉଷ୍ଣତା !!

ପୁଣି ଏଇ ଅରଣ୍ୟାନୀ
ନେତ୍ର ପଲକରେ...
ଆଲୋକର ଗୈରିକ ରଞ୍ଜନେ,
ଶାନ୍ତ ସନ୍ନ୍ୟାସିନୀ ପରି
ବିମୁଗ୍ଧ ଓ ଗମ୍ଭୀର ନୟନେ
ଶୁହିଁଥାଏ ଶାନ୍ତ ନଭେ
ଅନାହତ ନାଦ ସ୍ୱରେ
                ଧୀର ସମୀରଣେ...
'ଯୋରନ୍ଦା'ର ଭୀମକାନ୍ତ
                ଜଳ ପ୍ରସ୍ରବଣେ ।

ଅଲୁଅ ପାଦ୍ଦଳ ହୁଏ
ସବୁ ସତେ କେମିତି କେମିତି
ହୋଇଯାଏ ବିଜନ ଏକାନ୍ତ
ସବୁ ଶବ୍ଦ...ସବୁ ରୂପ
ସବୁ ରସ...ସବୁ ଗନ୍ଧ
                ହୁଏ ମମନ୍ୱିତ...
ଜୀବନର ପବିତ୍ର ଉଦନ୍ତ ।

ମୋର ଯେତେ ମୁଁ'ପଣିଆ
ହୋଇଯାଏ 'ଚହଲା'ର
ଅରଣ୍ୟ ଅତିଥିଶାଳା
ଅବା 'ଗୁରୁଗୁଡ଼ିଆ'ର
ବିଶ୍ରାମ କୁଟୀର ପରି
                ତନ୍ଦ୍ରାଛନ୍ନ ଏବଂ ଧ୍ୟାନମଗ୍ନ
ବିଶାଳ ଏ ଶାଳବୀଥି ବନେ
ବିପୁଳ ଏ ଶ୍ୟାମ ସମୁହରେ
ସତେ ଲାଗେ କେତେ ଯେ ସାମାନ୍ୟ !!

ଗୈରିକ ପ୍ରତ୍ୟୁଷେ ଧୂଆ
ଏ ବନାନୀ କେତେ ଉଲ୍ଲସିତ,
କେତେ ଯେ ଗମ୍ଭୀର ପୁଣି
ସତ୍ୟ ଶିବ ସୁନ୍ଦରର
                କମନୀୟ ସୃଷ୍ଟି...
ଅବ୍ୟକ୍ତ ଅପୂର୍ବ ଏବଂ
                ଅନନ୍ୟ ଚରିତ୍ର ॥

ଏନ୍-୩/୩୮୨,
ନୟାପଲ୍ଲୀ,
ଭୁବନେଶ୍ୱର-୧୫ ।

# ସାମାଜିକ ନ୍ୟାୟ ପାଇଁ ଯୋଜନା

ଆର୍. ସି. ରାଜାମଣି

ଛଅମାସ ପୂର୍ବେ ଶାସନ ଦାୟିତ୍ୱ ଗ୍ରହଣ କଲାବେଳେ ନୂତନ ସରକାର ସମାଜରେ ବିଶେଷକରି ଅନୁସୂଚିତ ଜାତି, ମହିଳା ଓ ଶିଶୁମାନଙ୍କ ସକାଶେ ବହୁ କଲ୍ୟାଣମୂଳକ କାର୍ଯ୍ୟ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ତାହାକୁ ସମୀକ୍ଷା କଲେ ଜଣାଯାଏ ଏଥିମଧ୍ୟରୁ ଅନେକ ପ୍ରତିଶ୍ରୁତି ପୂରଣ ହୋଇଥିବାବେଳେ ଆଉ କେତେକ ପୂରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଛି ।

ପ୍ରଥମ ପଦକ୍ଷେପ ହିସାବରେ ଲୋକସଭା ଓ ରାଜ୍ୟ ବିଧାନସଭାମାନଙ୍କରେ ତଫସିଲଭୁକ୍ତ ଜାତି ଓ ଉପଜାତି ପ୍ରାର୍ଥୀଙ୍କ ପାଇଁ ସ୍ଥାନ ସଂରକ୍ଷଣ ମିଆଦ ଆଉ ୧୦ ବର୍ଷ ବୃଦ୍ଧି କରିବାକୁ ୬୨ତମ ସମ୍ବିଧାନ ସଂଶୋଧନ ବିଧେୟକ ପାର୍ଲ୍ୟାମେଣ୍ଟରେ ଆଗତ କରାଯାଇଥିଲା । ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ତାହା ଗତ ଜାନୁଆରୀ ୨୫ ତାରିଖରୁ କାର୍ଯ୍ୟକାରୀ ହେଉଛି ।

ଭଗବାନ ବୁଦ୍ଧଙ୍କ ଜନ୍ମ ଦିବସରେ 'ନିଓ–ବୌଦ୍ଧ' ଧର୍ମାବଲମ୍ବୀମାନଙ୍କ ପାଇଁ ମଧ୍ୟ ତଦନୁରୂପ ସୁବିଧା ସୁଯୋଗ ଦେବା ଉଦ୍ଦେଶ୍ୟରେ ଆଇନ ପ୍ରଣୟନ କରାଯାଇଥିଲା । ବୌଦ୍ଧଧର୍ମ ଗ୍ରହଣ କରୁଥିବା ତଫସିଲଭୁକ୍ତ ଜାତି ଲୋକମାନେ ଏଥିପାଇଁ ବହୁ ଆଗରୁ ଦାବୀ କରି ଆସୁଥିଲେ । କୌଣସି ଧର୍ମ ଗ୍ରହଣ କରିବା ଦ୍ୱାରା ବ୍ୟକ୍ତି ବିଶେଷର ସାମାଜିକ, ଅର୍ଥନୈତିକ ସ୍ଥିତିରେ କୌଣସି ପରିବର୍ତ୍ତନ ନହେଉଥିବାରୁ ସରକାର 'ନିଓ–ବୌଦ୍ଧ' ଧର୍ମାବଲମ୍ବୀମାନଙ୍କ ପାଇଁ ଏହି ନିଷ୍ପତ୍ତି ଗ୍ରହଣ କଲେ ।

ଅନୁସୂଚିତ ଜାତି ଲୋକଙ୍କ ପାଇଁ ଆଜୀବନ ସଂଗ୍ରାମ କରିଥିବା ଭାରତୀୟ ବୀରପୁତ୍ର ଡଃ ବାବାସାହେବ ଆମ୍ବେଦକରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅବସରରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଭାରତରତ୍ନ' ଉପାଧିରେ ଭୂଷିତ କରାଯାଇଥିଲା ।

ତଫସିଲଭୁକ୍ତ ଜାତି/ଉପଜାତି ଲୋକମାନଙ୍କର ଦୈନନ୍ଦିନ ଜୀବନରେ କ୍ରମାଗତ ବୃଦ୍ଧି ପାଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ତଫସିଲଭୁକ୍ତ ଜାତି/ଉପଜାତି ଆୟୋଗ ବିଧିବଦ୍ଧ ମର୍ଯ୍ୟାଦା ଦେବାର ଆବଶ୍ୟକତା ରହିଥିଲା । ଏହାଦ୍ୱାରା ଏହି ଆୟୋଗ ଏକ ପରାମର୍ଶଦାତା କମିଶନଭାବେ କାର୍ଯ୍ୟ କରିପାରିଲା । ଶ୍ରୀ ରାମଧନଙ୍କୁ ଆୟୋଗର ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଛି ।

ସ୍ୱାଧୀନତାର ଚାରି ଦଶନ୍ଧି ପରେ ମଧ୍ୟ ଆଜି ଅନୁସୂଚିତ ଜାତି ଲୋକଙ୍କ ଉପରେ ଅତ୍ୟାଚାର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ବହୁ ନୀତି ପ୍ରଣୟନ ସତ୍ତ୍ୱେ ଏହି ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଘଟିନାହିଁ । ୧୯୮୯ ମସିହାରେ ପ୍ରଣୀତ ତଫସିଲଭୁକ୍ତ ଜାତି/ଉପଜାତି (ଅପରାଧ ନିବାରଣ) ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ସତ୍ତ୍ୱେ କାର୍ଯ୍ୟକାରୀ କରିବା ପାଇଁ ଉଦ୍ଦିଷ୍ଟ ତାରିଖ ଉଲ୍ଲେଖ ନଥିବାହେତୁ ଏହାକୁ ପ୍ରଚଳନ କରାଯାଇପାରୁ ନଥିଲା । ଶାସନ ଦାୟିତ୍ୱ ଗ୍ରହଣ କଲା ପରେ ସରକାର ଏହି ଆଇନକୁ ଗତ ଜାନୁଆରୀ ୩୦ ତାରିଖଠାରୁ କାର୍ଯ୍ୟକାରୀ କରିଛନ୍ତି ।

ସମାଜରେ ଆଉ ଗୋଟିଏ ସମସ୍ୟାବହୁଳ କ୍ଷେତ୍ର ହେଉଛି ଯୁବକମାନଙ୍କ ସମସ୍ୟା । ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବାକୁ ଜାତୀୟସ୍ତରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରର ସୁପାରିଶଗୁଡ଼ିକୁ ଭିତ୍ତିକରି ନୂତନ ଜାତୀୟ ଯୁବ ନୀତି ପ୍ରଣୟନ କରାଯିବ । ସମ୍ପ୍ରତି ବେକାରୀ ସମସ୍ୟା ଯୁବ ଗୋଷ୍ଠୀର ମୁଖ୍ୟ ସମସ୍ୟା ଥିବାରୁ କର୍ମ କରିବାର ଅଧିକାରକୁ ମୌଳିକ ଅଧିକାରରେ ପରିଣତ କରିବା ପାଇଁ ସରକାର ଅଙ୍ଗୀକାରବଦ୍ଧ ।

ସେହିପରି ଜବାହର ରୋଜଗାର ଯୋଜନାର ପୁନର୍ବିନ୍ୟାସ କରାଯାଇଛି । ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ସହଯୋଗରେ ଏହି ଯୋଜନାର ସମୀକ୍ଷା କରାଯିବାପରେ ଏଥିରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି । ପରିବର୍ତ୍ତିତ ଯୋଜନା ଅନୁଯାୟୀ ରାଜ୍ୟ ସରକାରଙ୍କୁ ସିଧାସଳଖ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ପଞ୍ଚାୟତ ଓ ପୌର ସଂସ୍ଥାମାନଙ୍କୁ ଏହି ଅର୍ଥ କିପରି ହସ୍ତାନ୍ତର କରାଯିବ ତାହା ରାଜ୍ୟ ସରକାରମାନେ ବିଚାର କରିବେ ।

କଲିକତା, ହାଇଦ୍ରାବାଦ ଓ ମାନ୍ଦ୍ରାଜଠାରେ ରାସ୍ତା କଡ଼ରେ ରହୁଥିବା ଲୋକଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣଲାଗି ଏକ ଯୋଜନା ସମ୍ପ୍ରତି ପ୍ରବର୍ତ୍ତନ କରାଯାଇଛି । ୧୯୯୦–୯୧ ବର୍ଷରେ ଏଭଳି ଏକ ଲକ୍ଷ ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ ।

ସମାଜର ବିଭିନ୍ନ ସ୍ତରର ଲୋକଙ୍କ ପାଇଁ ଏକ ବ୍ୟାପକ ଜାତୀୟ ଗୃହ ନିର୍ମାଣ ନୀତି ବର୍ତ୍ତମାନ ପ୍ରସ୍ତୁତ କରାଯାଉଛି । ବିଭିନ୍ନ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ତଥା ଗୃହ ନିର୍ମାଣ କ୍ଷେତ୍ରରେ ସଂଶ୍ଳିଷ୍ଟ ବିଭିନ୍ନ ସଂସ୍ଥାମାନଙ୍କ ପାଇଁ ଏକ ଗୃହ ନିର୍ମାଣ କାର୍ଯ୍ୟକାରୀ ଯୋଜନା ମଧ୍ୟ ବର୍ତ୍ତମାନ ପ୍ରସ୍ତୁତ ହେଉଛି ।

ପାଞ୍ଚଲକ୍ଷରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ପାଞ୍ଚଶହ ସହରକୁ ମେହେନ୍ତର ପ୍ରଥା ଉଚ୍ଛେଦ କରିବାକୁ ମଧ୍ୟ ସରକାର ଏକ ଯୋଜନା ପ୍ରଚଳନ କରିଛନ୍ତି । ଏହି ଯୋଜନା ଗୃହ ନିର୍ମାଣ ଓ ନଗର ଉନ୍ନୟନ ନିଗମ (ହୁଡ୍‌କୋ) ଜରିଆରେ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ମୋଟ ୨୦୦ କୋଟି ଟଙ୍କା ବ୍ୟୟ କରାଯିବ ।

ଶ୍ରମିକମାନଙ୍କ ପାଇଁ କର୍ମ ଅଧିକାର ବ୍ୟତୀତ ସରକାର ଆଉ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ

ସୁରକ୍ଷା, ସ୍ୱାସ୍ଥ୍ୟ ଓ କଲ୍ୟାଣ ନିମନ୍ତେ ଏକ ବିଧେୟକ ରାଜ୍ୟସଭାରେ ଉପସ୍ଥାପନ କରାଯାଇଛି । କେତେ ଗୋଷ୍ଠୀ ବିଶେଷକରି ଜାତୀୟ ପ୍ରସ୍ତୁତ କମିଟି ଏହାର ବିରୋଧ କରିଥିଲେ । ସେଥିପାଇଁ ଗତ ଫେବ୍ରୁୟାରୀ ମାସରେ ଅନୁଷ୍ଠିତ ଜାତୀୟ ଆଲୋଚନା ଚକ୍ର ଓ ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିଶକୁ ଭିତ୍ତିକରି ପୂର୍ବ ବିଧେୟକ ସ୍ଥାନରେ ଆଉ ଏକ ନୂତନ ବିଧେୟକ ଆଗତ କରିବାକୁ ସରକାର ସ୍ଥିର କରିଛନ୍ତି । ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ ପାଇଁ ମଧ୍ୟ ସରକାର ପଦକ୍ଷେପ ନେଉଛନ୍ତି ।

ସମସ୍ତ କ୍ଷେତ୍ରରେ ମହିଳାଙ୍କୁ ପ୍ରତିନିଧିତ୍ୱ ସୁଯୋଗ ଦେବା ଉଦ୍ଦେଶ୍ୟରେ ଏକ ଜାତୀୟ ଆୟୋଗ ଗଠନ ପାଇଁ ଜାତୀୟ ସାମୁଖ୍ୟ ସରକାର ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ । ଏହି ଆୟୋଗ ଗଠନଲାଗି ଏକ ବିଧେୟକ ପାର୍ଲ୍ୟାମେଣ୍ଟରେ ଉପସ୍ଥାପନ କରାଯାଇଛି । ଅଷ୍ଟମ ଯୋଜନା କାଳରେ ମହିଳାମାନଙ୍କ କର୍ମ ନିଯୁକ୍ତି ଓ ପ୍ରଶିକ୍ଷଣ ପାଇଁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅନେକ ପଦକ୍ଷେପ ନେଉଛନ୍ତି । ଏଥିରେ ଅତି ଗରିବ ଶ୍ରେଣୀର ମହିଳାଙ୍କ କର୍ମନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି ।

ଶିଶୁମାନଙ୍କ ପାଇଁ ପ୍ରଚଳିତ ସମନ୍ୱିତ ଶିଶୁ ବିକାଶ ସେବାରେ ପ୍ରଶଂସନୀୟ ପ୍ରଗତି ଘଟିଛି । ପୁଷ୍ଟି ପ୍ରଦାନ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଦିଗରେ ଏହି କାର୍ଯ୍ୟକ୍ରମର ପ୍ରଗତିକୁ ଜାତିସଂଘ ପ୍ରଶଂସା କରିଛି । ଗତ ଛଅମାସ ମଧ୍ୟରେ ୨୩୮ଟି ନୂତନ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅନୁମୋଦିତ ହୋଇଛି ।

ଚଳିତ ବର୍ଷ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ (ସାର୍କ) ଅନ୍ତର୍ଗତ ଦେଶମାନଙ୍କରେ ଶିଶୁ କନ୍ୟା ବର୍ଷଭାବେ ପାଳିତ ହେଉଛି । ଏହି ବର୍ଷ ରୂପଜୀବୀମାନଙ୍କର କନ୍ୟାମାନଙ୍କର ଥଇଥାନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି । ରାଜସ୍ଥାନର କେତେକ ଅଞ୍ଚଳରେ ଶିଶୁ ବିବାହ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ପାଇଁ ରାଜସ୍ଥାନରେ ଏକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା ।

ଭୂମିହୀନ କୃଷକମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଭୂସଂସ୍କାର ଆଇନକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଯାଇଛି । ଭୂମିହୀନମାନଙ୍କ ଉପରେ ହେଉଥିବା ଶୋଷଣ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।(ପି: ଆଇ: ବି:)

ଶିକ୍ଷାର ଅର୍ଥ ନୁହେଁ ଯେ କେବଳ ସମ୍ବାଦ ବା ଜ୍ଞାନ ସଂଗ୍ରହ କରି ରଖିବା । ମାନବ ଚେତନା ବୃଦ୍ଧି କରିବା ଏବଂ ନୈତିକ ମାନ ଓ ଚରିତ୍ର ବିକାଶ କରିବା ଦିଗରେ ମଧ୍ୟ ଏହାକୁ ସଂଶ୍ଳିଷ୍ଟ କରି ରଖିବା ଦରକାର । ଦରିଦ୍ରତମ ବ୍ୟକ୍ତିର ଆବଶ୍ୟକତା ପୂରଣ କରିବା ପାଇଁ ଶିକ୍ଷା ଜନସାଧାରଣଙ୍କୁ ନିଶ୍ଚିତ ଭାବେ ସଚେତନ କରିବା ଉଚିତ । ସ୍ୱାମୀ ବିବେକାନନ୍ଦ ଯଥାର୍ଥରେ କହିଥିଲେ :

"ଯେଉଁ ଶିକ୍ଷା ସାଧାରଣ ଜନତାକୁ ଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହେବାପାଇଁ ଉପଯୁକ୍ତ କରିପାରେ ନାହିଁ, ଯେଉଁ ଶିକ୍ଷା ସେମାନଙ୍କ ମଧ୍ୟରେ ଚରିତ୍ର ଗଠନ ପରୋପକାରିତାର ପ୍ରବଣତା ତଥା ସିଂହ ଭଳି ସାହସ ଉତ୍ପନ୍ନ କରିପାରେ ନାହିଁ-ତାହା କେବଳ ନାମକୁ ମାତ୍ର ଶିକ୍ଷା ।"

ଆଜି ଏହି ଉତ୍ସାହର ଅଭାବ ଅତିଶୟ ଭାବରେ ଉପଲବ୍ଧି ହେଉଛି । ଆମର ଯୁବ ସମ୍ପ୍ରଦାୟ କିପରି ଭଲ ହୋଇ ଶ୍ରେଷ୍ଠତା ଲାଭ କରିବେ ସେହି ପ୍ରେରଣା ସେମାନଙ୍କର ଆହରଣ କରିବା ଦରକାର । କିନ୍ତୁ ତା'ଠାରୁ ବଡ଼ କଥା ଯାହା ସେମାନଙ୍କୁ ଶିକ୍ଷା କରିବା ଜରୁରୀ, ତା'ହେଲା — କିପରି ସେମାନେ ଉତ୍ତମ ମନୁଷ୍ୟ ହୋଇ ପାରିବେ ।

ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ
(ପ୍ରଦତ୍ତ ଭାଷଣରୁ)

# ତଂ ତ୍ୟାଗଦୀପ୍ତପୁରୁଷଂ ଭଜ ଗୋପବନ୍ଧୁମ୍

ପଣ୍ଡିତଃ ଶ୍ରୀ ହରେକୃଷ୍ଣ ଧୂପାଲଃ

ପୁର୍ଯ୍ୟାଂ ଦାଶକୁଟୁମ୍ବ–ବାସବଳନେ ଗ୍ରାମେ ସୁଆଣ୍ଡୋଽଭିଧେ
ଶ୍ରୀଦୈତ୍ୟାରି–ତୃତୀୟଦାର–ସୁଗୁଣ–ଶ୍ରୀସ୍ୱର୍ଣ୍ଣମୟ୍ୟାଞ୍ଚ ଯଃ ।
ଜାତୋ ଦୀନଜନାର୍ତ୍ତିନାଶ–କୁଳିଶ–ତ୍ୟାଗସ୍ୟ ମୂର୍ତ୍ତ୍ୟା ସମୋ
ବାଲ୍ୟାମୂଲ୍ୟଗୁଣାବତାରଲଳିତଂ ଗୋପବନ୍ଧୁଂ ଭଜେତ୍ ॥

–୨–

କୈଶୋରକାଂ ଚପଳତାଂ ପରିହାୟ ଶିକ୍ଷୋ
ବିଦ୍ୟାଂ ଯଥାବିଧି ପଠନ୍ ଜନତାହିତାର୍ଥମ୍ ।
ଯୋଽକୁଣ୍ଠକର୍ମଚପଳଷ୍ଟରୁଣସ୍ୟ କାଳେ
ତଂ ତ୍ୟାଗଦୀପ୍ତପୁରୁଷଂ ଭଜ ଗୋପବନ୍ଧୁମ୍ ॥

–୩–

ଶଯ୍ୟାଗତଂ ନିଜସୁତଂ ପ୍ରତି ବୀତମୋହୋ
ବନ୍ୟାବିପନ୍ନଜନତା–ପରିରକ୍ଷଣାୟ ।
ବ୍ୟଗ୍ରୋ ଦୟାର୍ଦ୍ରହୃଦୟଶ୍ଚ କରୁଣାବତାର–
ସ୍ତଂ ତ୍ୟାଗଦୀପ୍ତପୁରୁଷଂ ଭଜ ଗୋପବନ୍ଧୁମ୍ ॥

–୪–

ପତ୍ନୀବିୟୋଗଜନିତଂ ହି ଯଦାତିଦୁଃଖମ୍
*ଉତ୍ତୀର୍ଣ୍ଣତା–ସୁଖରସଂ ବିଫଳୀକରୋତି ।
ସୁନଷ୍ଟଦାଽବିଚଳିତଂ ହୃଦୟଂ ଚ ଯସ୍ୟ
ତଂ ତ୍ୟାଗଦୀପ୍ତପୁରୁଷଂ ଭଜ ଗୋପବନ୍ଧୁମ୍ ॥

–୫–

ବିଦ୍ୟାଳୟଂ ବକୁଳଶୋଭିତ–ମୁକ୍ତବାୟୁଂ
ସମ୍ବାଦପତ୍ରପରମଂ ଚ 'ସମାଜ'–ନାମ ।
ଯୋଽସ୍ଥାପୟତ୍ ସୁମହଦୁତ୍କଳଭୂମିକାମୀ
ତଂ ତ୍ୟାଗଦୀପ୍ତପୁରୁଷଂ ଭଜ ଗୋପବନ୍ଧୁମ୍ ॥

(*ଆଇନ୍ ପରୀକ୍ଷାରେ ସାଫଲ୍ୟକୁ ଲକ୍ଷ୍ୟ କରାଯାଇଛି ।)

କ୍ୱାଟର ନଂ ଏସ୍/୬୦,
ୟୁନିଭର୍ସିଟି କଲୋନି,
ୟୁନିଟ୍ ୩, ଭୁବନେଶ୍ୱର–୨ ।



# ଘର ବଇଦ ଲକ୍ଷ୍ମଣ ମିଶ୍ର

*ଶ୍ରୀ ଦୀନବନ୍ଧୁ ମହାରଣା*

ସଂସାରରେ ଦୀର୍ଘଦିନ ଧରି ବଞ୍ଚିବାଟା ବଡ଼ କଥା ନୁହେଁ, ବହୁ ମନୁଷ୍ୟ ବଞ୍ଚନ୍ତି କିଏ ସୁଖରେ ବଞ୍ଚେ, କିଏ ବା ବଞ୍ଚେ ଦୁଃଖରେ । କିନ୍ତୁ ପରର ଉପକାର କରି, ପରକୁ ସ୍ନେହ ସହାନୁଭୂତି ଦେଖାଇ, ପରକୁ ଆପଣାର କରି, ଯିଏ ବଞ୍ଚେ ତା'ର ବଞ୍ଚିବାର ମୂଲ୍ୟ ଅନ୍ୟମାନଙ୍କର ବଞ୍ଚିବାର ମୂଲ୍ୟଠାରୁ ଢେର ବେଶୀ । ସେହିଭଳି ଏକ ମୂଲ୍ୟବାନ୍ ଜୀବନର ମହାର୍ଘ୍ୟ ନମୁନା ହେଉଛନ୍ତି ଆୟୁର୍ବେଦ ବିଶେଷଜ୍ଞ ରାୟ ସାହେବ ଲକ୍ଷ୍ମଣ ମିଶ୍ର । ତାଙ୍କ ଜୀବନ ପରୋପକାର ପାଇଁ ନିବେଦିତ ଥିଲା । ଏହିଭଳି ଏକ ମହାନ୍ ଜୀବନର ଅବସାନ ହେଲା ୧୯୮୯ ମସିହାର ସାଧାରଣତନ୍ତ୍ର ଦିବସରେ ଶ୍ରୀକ୍ଷେତ୍ରସ୍ଥ ତାଙ୍କ ବାସଭବନରେ । ଜୀବନର ଚଲାପଥରେ ସେ ଅଣାନବେଟି ମାଇଲଖୁଣ୍ଟି ଅତିକ୍ରମ କରି ଯାଇଥିଲେ । ଶେଷରେ ତାଙ୍କର ନଶ୍ୱରଶରୀର ମାଟିରେ ମିଶିଗଲା ସତ କିନ୍ତୁ ଅଗଣିତ ଆୟୁର୍ବେଦ ପ୍ରେମୀଙ୍କ ଶୋକଚ୍ଛ୍ୱାସରେ ସେ ଅମର ଓ ଅମ୍ଳାନ ହୋଇ ରହିଗଲେ । ମାନବ ପ୍ରେମର ଅମୋଘ ଅସ୍ତ୍ରରେ ସେ ଜିଣିନେଇଥିଲେ ଓଡ଼ିଶାର ସରଳ, ନିରୀହ ଆଦିବାସୀ ତଥା ଉଚ୍ଚ ଶିକ୍ଷିତ ହୃଦୟ । ନିଜସ୍ୱ ଅନୁଭୂତି ସମ୍ବଳିତ 'ଅନୁଭୂତ ଯୋଗମାଳା' ବା ସହଜ ଚିକିତ୍ସା 'ଘର ବଇଦ', ଅନୁଭୂତ ମନ୍ତ୍ରମାଳା, ସଂକ୍ରାମକ ରୋଗ ଚିକିତ୍ସା ଆଦି ପୁସ୍ତକଗୁଡ଼ିକ ଚିକିତ୍ସା ଜଗତକୁ ତାଙ୍କର ସ୍ମରଣୀୟ ଅବଦାନ ।

ସ୍ୱର୍ଗତ ମିଶ୍ର ୨୧/୮/୧୯୦୦ରେ ପୁରୀ ଜିଲ୍ଲାର ବୀରପ୍ରତାପପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ସେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ବକୁଳ ବୃକ୍ଷଶୋଭିତ ଆଦର୍ଶ ବନ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ସେଠାରେ ପଞ୍ଚସଖାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୀନ ଦୁଃଖଙ୍କ ସେବାରେ ମନୋନିବେଶ କରିଥିଲେ । ରୋଗାର୍ତ୍ତ ମଣିଷର ଦୁଃଖ ଦୁର୍ଦ୍ଦଶା ତାଙ୍କୁ ବାରମ୍ବାର ଉଦ୍‌ବେଳିତ କରୁଥିଲା । ଶହ ଶହ ବନୌଷଧିକୁ ରୋଗ ଉପଶମ ନିମନ୍ତେ ସେ ସାର୍ଥକଭାବେ ପ୍ରୟୋଗ କରିଥିଲେ । ଛାତ୍ର ଜୀବନରୁ ଆୟୁର୍ବେଦ ବିଜ୍ଞାନ ପ୍ରତି ତାଙ୍କର ଗବେଷଣା ମନୋଭାବ ଥିଲା । ବନ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ବହୁ ଯୋଗ୍ୟବ୍ୟକ୍ତିଙ୍କ ମଧ୍ୟରୁ ସ୍ୱର୍ଗତ ମିଶ୍ର ହିଁ ଥିଲେ ଏକମାତ୍ର ବ୍ୟକ୍ତି ଯିଏ ଉଚ୍ଚ ପଦବୀରେ ରହି କର୍ତ୍ତବ୍ୟ ସମ୍ପାଦନ ସହିତ ଆୟୁର୍ବେଦ ଚିକିତ୍ସାକୁ ଜନପ୍ରିୟ କରିଥିଲେ । ଉତ୍କଳର 'ଘର ବଇଦ' ବା ଜଡ଼ିବୁଟି ଔଷଧର ମୁଖ୍ୟ ପ୍ରବର୍ତ୍ତକ ରୂପେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥିଲେ । ରେଭେନ୍ସା କଲେଜରୁ ବି: ଏ: ପାସ୍ କରିବା ପରେ ପୋଲିସ ବିଭାଗରେ ସବ୍‌ଇନିସପେକ୍ଟର ରୂପେ ୧୯୨୦ରେ ସେ ଅଧିଷ୍ଠିତ ହୋଇଥିଲେ । ୨୨ ବର୍ଷ କାଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ରୂପେ ସେ ଦାୟିତ୍ୱ ନିର୍ବାହ କରିଥିଲେ । କର୍ମରେ ନିଷ୍ଠାଯୋଗୁଁ ସେ ୧୯୪୧ ମସିହାରେ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ୍‌ଙ୍କଠାରୁ 'ରାୟସାହେବ' ଉପାଧି ଏବଂ ୧୯୪୨ ମସିହାରେ ସାହସିକ ପଦକ୍ଷେପ ପାଇଁ ପ୍ରଶଂସାପତ୍ର ପାଇଥିଲେ । ୧୯୪୬ ମସିହାରେ ସେ ଚାକିରିରୁ ଅବସର ଗ୍ରହଣ କରି ଜନସାଧାରଣଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣଭାବେ ନିୟୋଜିତ କରିଥିଲେ ।

ଭାରତର ସ୍ୱାଧୀନତା ପାଇଁ ତାଙ୍କ ମନ ସତତ ବ୍ୟାକୁଳ ଥିଲା । ଇଂରେଜ ସରକାର ଅଧୀନସ୍ଥ ଏକ ପୋଲିସ୍ ଉଚ୍ଚ ପଦାଧିକାରୀ ହୋଇ ଆଇନର ବନ୍ଧି ବଳୟ ମଧ୍ୟରେ ରହି ମଧ୍ୟ ଓଡ଼ିଶାର ବହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେ ପରୋକ୍ଷରେ ସାହାଯ୍ୟ କରିଥିଲେ । ବହୁବାର ସେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଡଃ ହରେକୃଷ୍ଣ ମହତାବ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ନବକୃଷ୍ଣ ଚୌଧୁରୀ ପ୍ରମୁଖଙ୍କୁ ଜେଲ୍‌ରୁ ଖଲାସ କରିବାରେ ସାହାଯ୍ୟ କରିଥିଲେ । ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପରୋକ୍ଷରେ ଉତ୍ସାହ, ଉଦ୍ଦୀପନା ଦେଉଥିଲେ ।

## ଶ୍ରୀମନ୍ଦିର ପ୍ରଶାସନ :

ସ୍ୱର୍ଗତ ମିଶ୍ର ତାଙ୍କ ଜୀବନକାଳ ମଧ୍ୟରେ ୧୯୬୨ରୁ ୧୯୬୫ ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରଶାସକଭାବେ କାର୍ଯ୍ୟ କରିଥିଲେ । ପୁରୀର ଗୋପବନ୍ଧୁ ଆୟୁର୍ବେଦ ଚିକିତ୍ସା ମହାବିଦ୍ୟାଳୟ ଓ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଥିଲେ । ବହୁ ଅନୁଷ୍ଠାନକୁ ସୁସଂଗଠିତ କରିବା ପାଇଁ ସେ ଆନ୍ତରିକ ଉଦ୍ୟମ କରିଥିଲେ । ସେଥିପାଇଁ ୧୯୮୭ ମସିହାରେ ନିଖିଳ ଉତ୍କଳ ବୈଦ୍ୟ ସମ୍ମିଳନୀ ପକ୍ଷରୁ ତାଙ୍କୁ ଆୟୁର୍ବେଦ ଶିରୋମଣି ଉପାଧିରେ ଭୂଷିତ କରାଯାଇଥିଲା ।

ପୁଲିସ ଚାକିରିରେ ଥିବା ସମୟରେ ସେ ଫୁଲବାଣୀ, କେନ୍ଦୁଝର, କୋରାପୁଟ, କଳାହାଣ୍ଡି, ସମ୍ବଲପୁର ଆଦି ଅଞ୍ଚଳର ଆଦିବାସୀମାନଙ୍କଠାରୁ ଓ ଜୀର୍ଣ୍ଣ ତାଳପତ୍ର ପୋଥିରୁ ଔଷଧର ବିଶେଷ ଉପାଦେୟତା ସମ୍ପର୍କରେ ବିବରଣୀ ସଂଗ୍ରହ କରି ତଥା ପରୀକ୍ଷା କରି ସଫଳକାମୀ ହେବା ପରେ ସେ ସବୁକୁ ବିଧିବଦ୍ଧଭାବେ ସର୍ବସାଧାରଣଙ୍କର ପ୍ରୟୋଗ ନିମନ୍ତେ ଅନୁମୋଦନ କରିଛନ୍ତି । ବିଷଧର ସର୍ପ ଦଂଶନର ଉପଶମ ପାଇଁ ଏଯାବତ୍ ସନ୍ତୋଷଜନକ ଔଷଧ ଉଦ୍ଭାବନ ହୋଇ ନଥିବାରୁ ତାଙ୍କର ସର୍ପବିଷ ଚିକିତ୍ସା ମଧ୍ୟ ଉଲ୍ଲେଖଯୋଗ୍ୟ ସଫଳତା ଲାଭ କରିଛି । ସେ କେତୋଟି ମନ୍ତ୍ର ବଳରେ ଏହି ସର୍ପବିଷ ଚିକିତ୍ସା କରିଥାନ୍ତି । ସେଥିମଧ୍ୟରୁ ଗୋଟିଏ "ଓ କାଳ ନୀଳକଣ୍ଠ/ଭିଡ଼ିଲାକି ବିଷ/ତିନି ଭୁବନ ମା/ବଳଭଦ୍ର ଠାକୁରଙ୍କ ବିଷ ହରଣ"; ମନ୍ତ୍ର ଅନ୍ୟତମ । ଯେତେବେଳେ କୌଣସି ସର୍ପ ଦଂଶିତ ବ୍ୟକ୍ତି

ପ୍ରତ୍ୟକ୍ଷରେ ଉପସ୍ଥିତ ହୁଏ ବା ତାଙ୍କ ନାମରେ ଟେଲିଫୋନ୍, ଟେଲିଗ୍ରାମ୍ ଇତ୍ୟାଦି ଆସେ ସ୍ୱର୍ଗତ ମିଶ୍ର ସେତେବେଳେ ଏକ ମନ୍ତ୍ରକୁ ଉଚ୍ଚାରଣ କରି, ସର୍ପ ଦଂଶିତ ବ୍ୟକ୍ତି ସର୍ପବିଷରୁ ଆରୋଗ୍ୟ ହେଉ ବୋଲି କହି ତିନିଥର ଫୁତ୍କାର ମାରି ଫୁଙ୍କିଥାନ୍ତି । ଅନେକ ବ୍ୟକ୍ତି ସର୍ପବିଷଜନିତ ମୃତ୍ୟୁରୁ ରକ୍ଷା ପାଇଥାନ୍ତି । ଯଦି ସେମାନଙ୍କ ଶରୀରରେ ସର୍ପବିଷ ଥାଏ ତେବେ ନିମପତ୍ର ଚୋବେଇବା ପାଇଁ ଦିଆଯାଏ । ପତ୍ର ଯଦି ବେଶୀ ପିତା ଲାଗେ ସର୍ପ ଦଂଶିତ ବ୍ୟକ୍ତିର ଶରୀରରେ ବିଷ ନାହିଁ ବୋଲି ବୁଝାଯାଏ । ଏହି ସର୍ପବିଷ ଚିକିତ୍ସା ତାଙ୍କର ପଞ୍ଚମ ପୁତ୍ର କବିରାଜ ଗଣେଶ କୁମାର ମିଶ୍ର ଏବେ ମଧ୍ୟ ସଫଳତାର ସହ କରୁଛନ୍ତି ।

ସ୍ୱର୍ଗତ ମିଶ୍ରଙ୍କ ଟୁଟ୍‌କା ଚିକିତ୍ସାର କେତୋଟି ସାର୍ଥକ ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଉଛି :

(୧) କଳାଜ୍ୱର (Black water fever)ରେ ଚଢ଼େଇଗୁଡ଼ି ପତ୍ରକୁ ସିଝାଇ ସେଇ ସିଝାପାଣି ପାନ କରିବା ଦ୍ୱାରା ଏହି ରୋଗରୁ ରୋଗୀ ମୁକ୍ତ ହୋଇଥାଏ ।

(୨) ମୂଷା, ଛୁଚୁନ୍ଦ୍ରା କାମୁଡ଼ିଲେ ଗନ୍ଧସ ଗଛର ସବୀଙ୍ଗ ଗୋଲମରିଚ ୨ଟି ସହିତ ବାଟି ସକାଳେ ଖାଲି ପେଟରେ ଏକପାନ ପିଆଇଲେ ପ୍ଲେଗ୍ ହେବନାହିଁ । ପ୍ଲେଗ୍ ହୋଇଥିଲେ ନିଶ୍ଚିତଭାବରେ ଆରୋଗ୍ୟ ମଧ୍ୟ ହେବ ।

(୩) ମାଙ୍କଡ଼ସା କାମୁଡ଼ିଲେ ଟାଙ୍ଗଣା ହଳଦୀ ଲେପ ଦେଲେ ଆଶ୍ଚର୍ଯ୍ୟଭାବେ ଆରୋଗ୍ୟ ହୁଏ ।

(୪) Harpiesରେ କଇଁଚ ସଜନାପତ୍ର ବିଡ଼ା କରି ଝାଡ଼ିଲେ ୧୫ ମିନିଟ ଭିତରେ ଆରୋଗ୍ୟ ହୁଏ ।

(୫) ଝିଅ ହେଉଥିଲେ ପୁଅ ହେବାପାଇଁ ମୟୂର ଚନ୍ଦ୍ରିକାକୁ ଟିକିଟିକି କାଟି ଗୁଡ଼ରେ ମିଶେଇ ଗର୍ଭାଧାନର ୨ ମାସରୁ ୩ ମାସ ମଧ୍ୟରେ ଖାଇଲେ ନିଶ୍ଚିତଭାବରେ ପୁତ୍ର ସନ୍ତାନ ଲାଭ ହୁଏ ।

(୬) ଡାଟୁଡ଼ିରେ ମହାଦେବଙ୍କ ପାଖରେ ଛଞ୍ଚା ଓ ଉଲ୍‌କା ଖସିବା ସମୟରେ, ହାତୁଡ଼ିକୁ ଉପରୁ ତଳକୁ ଆଉଁସିଲେ ମାସକ ଭିତରେ ଶୁଖି ଝଡ଼ିଯାଏ । ଏଇଭଳି ଅନେକ ପାରମ୍ପରିକ ବିଶ୍ୱାସ ଉପରେ ଆଧାରିତ ଚିକିତ୍ସାକୁ ସେ ଲିପିବଦ୍ଧ କରିଯାଇଛନ୍ତି । ସ୍ୱଳ୍ପ ପ୍ରୟାସରେ ଆରୋଗ୍ୟ ହେବା ପାଇଁ ପୁରପଲ୍ଲୀର ମେହନତି ମଣିଷ ପାଇଁ ସେ ଜୀବନବ୍ୟାପୀ ଯେଉଁ ସାଧନା କରି ଯାଇଛନ୍ତି ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ :

ମଣିଷ ମରିବ ଦିନେ
    ଜନ୍ମ ହେଲେ ଦେବତା ବି ମରେ,
ସାର୍ଥକ ପରାଣ ତା'ର
    ଯାହାଲାଗି ମାଟି ଗୋଡ଼ି ଝୁରେ ।

---

ପ୍ରେସିଡେଣ୍ଟ ଅଲ୍ ଓଡ଼ିଶା
ଷ୍ଟୁଡେଣ୍ଟ୍ ଅର୍ଗାନାଇଜେସନ୍,
ଗୋପବନ୍ଧୁ ଆୟୁର୍ବେଦ କଲେଜ,
ପୁରୀ-୨ ।

ସାକ୍ଷରତା ହେଉଛି ଲୋକମାନଙ୍କର ବିକାଶର ପ୍ରକୃତ ମୂଳଦୁଆ ଏବଂ ତାହାକୁ ସର୍ବବ୍ୟାପୀ କରାଇବା ନିମନ୍ତେ ସବୁଠାରୁ ବେଶୀ ଅଗ୍ରାଧିକାର ନିଶ୍ଚିତ ରୂପେ ଦିଆଯିବା ଉଚିତ । ଏହି ପରିପ୍ରେକ୍ଷୀରେ ଆମର ମହାନ୍ ପୁରାଣ ମହାଭାରତର ଏକ ଉକ୍ତି ଯଥାର୍ଥ ହୋଇପାରେ :

"ନ ହି ମାନୁଷାତ୍ କଶ୍ଚିତ୍ ମହତ୍ତରଂ ବିଦ୍ୟତେ"

ଯୁଦ୍ଧର ଦଶମ ଦିନରେ ଯେତେବେଳେ ପିତାମହ ଭୀଷ୍ମ ପରାକ୍ରମ ପୂର୍ବକ ଶାରୀରିକ ଓ ମାନସିକ ଯନ୍ତ୍ରଣା ସହିତ ଶରଶଯ୍ୟା ଉପରେ ପଡ଼ି ରହିଥିଲେ, ଯୁଧିଷ୍ଠିର ତାଙ୍କୁ ପଚାରିଥିଲେ "ପରମଂ ସତ୍ୟ କ'ଣ" ? ସଙ୍ଗେ ସଙ୍ଗେ ଉତ୍ତର ମିଳିଥିଲା — "ମନୁଷ୍ୟଠାରୁ ବଡ଼ ଆଉ କିଛି ନାହିଁ" ।

ହଜାର ହଜାର ବର୍ଷ ତଳର ଏହି ପଦଟି ଆଜି ସୁଦ୍ଧା ପ୍ରାସଙ୍ଗିକ ହୋଇ ରହିଛି । ବିକାଶ ପଦ୍ଧତିର କେନ୍ଦ୍ରରେ ହିଁ ମନୁଷ୍ୟର ସ୍ଥାନ ନିଶ୍ଚୟ ରହିବା ଉଚିତ । ଆମର ଅଧିକ ସଂଖ୍ୟକ ଲୋକଙ୍କୁ ଯେପରି ନିଶ୍ଚିତ ଭାବରେ ଉତ୍ତମତର ଜୀବନଯାପନ କରିବାକୁ ସୁବିଧା ମିଳେ ତାହା ସରକାରୀ କାର୍ଯ୍ୟକ୍ରମ ଓ ନୀତିଗୁଡ଼ିକର ଲକ୍ଷ୍ୟ ହେବା ଉଚିତ୍ । ସମାଜକୁ ବ୍ୟାପକ ଭାବରେ ଓ ଭଲ ରୂପେ ବୁଝିବାକୁ ହେଲେ ଶିକ୍ଷାର ଆବଶ୍ୟକତା ଥିବାରୁ, ଶିକ୍ଷା ଏହି ପଦ୍ଧତିରେ ବୋଧହୁଏ ସବୁଠାରୁ ମହତ୍ୱପୂର୍ଣ୍ଣ ହତିଆର ।

ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ

# ଓଡ଼ିଶା ଆରକ୍ଷୀ ସନ୍ଧାନୀ ଶ୍ୱାନବାହିନୀ

*ଶ୍ରୀ ଗୋବର୍ଦ୍ଧନ ଚନ୍ଦ୍ର ପଟ୍ଟନାୟକ*

ଆକାଶରେ ବଙ୍କିମ ଚନ୍ଦ୍ର, ଧୁରି ଧୁରି ପବନରେ ଝାଉଁଳ ଆରଣ୍ୟ ଦୋହଲି ଉଠୁଥାଏ, ମଝିରେ ମଝିରେ ରାତିଚର ପକ୍ଷୀମାନଙ୍କ ଶବ୍ଦ ଶୁଣାଯାଉଥାଏ । ପହରିକିଆ ବିଜୁଳି ଗଡ଼ିକରି ଚେନ ଉଜ୍ଜଳ ଦେଉଥାନ୍ତି । ଚୌକିଦାର ରତନ ଦାସ ହାତଯୋଡ଼ି କହିଲା, "ବାବୁ ଆଗକୁ ଯାଆନ୍ତୁ ନାହିଁ – ରାତିରେ ହାତୀପଲ ପଡ଼ିଛନ୍ତି ।"

"ହାତୀପଲ ପଡ଼ିଛନ୍ତି ? ତେବେ ବସ୍ ଯାଉଛି କେମିତି ?"

"ବସ୍‌କୁ ସବୁଦିନ ଦେଖି ଦେଖି ହାତୀପଲ ଚିହ୍ନି ଯାଇଛନ୍ତି ହଜୁର, ହେଲେ, ଆପଣଙ୍କର ଏ ଦିଂକେଇଆ ଫଟ୍‌ଫଟିଆ ଦେଖିଲେ ସେମାନେ ରାଗିଯିବେ ।"

"ଆରେ ଆମେ ତମ ଚିଫ୍ କଞ୍ଜରଭେଟରଙ୍କୁ ସାହେବଙ୍କଠୁ ଶିଖି ଆସିଛୁ – ହାତୀ ହାବୁଡ଼ରୁ କେମିତି ବଞ୍ଚିବାକୁ ହେବ ।" ମୋ ପୁତୁରା କହି ଉଠିଲା – ନିଜର ରାଜଦୂତ ମଟର ସାଇକେଲଟିର ସିଟ୍‌ରେ ବସି ।"

"ଦେଖନ୍ତୁ ଆଜ୍ଞା ବାବୁ ! ମୋ ଛୋଟ କଥା ମାନନ୍ତୁ । ହାତୀ ହାବୁଡ଼ରେ ପଡ଼ିଲେ ସବୁ ବୁଦ୍ଧି ହଜିଯିବ ।"

"ଦେଖ ରତନ୍ ! ତମେ ଯେତେ ଡରେଇଲେ ବି ଆମେ ଶୁଣିବୁ ନାହିଁ ।" ଏ କଥା କହି ପୁତୁରା ମୋର ରାଜଦୂତ ଗାଡ଼ିକୁ ଷ୍ଟାର୍ଟ କରି ଆଗେଇ ଚାଲିଲା ମୋତେ ନେଇ ଟିକରପଡ଼ା ଆଡ଼େ ।

"କୋଟରଙ୍ଗା" ଥିଲା ଆମର ଗନ୍ତବ୍ୟସ୍ଥଳୀ । ଅଳ୍ପ ବାଟ ଥାଏ – ହଠାତ୍ ଶୁଭାଗଲା ଗଛଯାକର ରୋକମାକ ପରି ଶବ୍ଦ । "ଆରେ ବାବା ! ଏ ଯେ ହାତୀମାନଙ୍କର ଶୋଭାଯାତ୍ରା ।" ପକ୍ଷୁରେ ହାତୀମାନେ ଧାଡ଼ିବାନ୍ଧି ଚାଲିଥାନ୍ତି । ବଣୁଆ ହାତୀପଲ ଦେଖି ମୋ ଛାତିରୁ ନିଶ୍ୱାସ ଖସିପଡ଼ିଲା । ମଟର ସାଇକେଲକୁ ଷ୍ଟାର୍ଟରେ ରଖି ଅପେକ୍ଷା କଲୁ । ରତନ କଥା ସତ ହେଲା । କ'ଣ କରିବୁ, କିଛି ବୁଦ୍ଧି ବାଟ ଦିଶିଲା ନାହିଁ । ହାତୀପଲ କିନ୍ତୁ ଆମକୁ ନଜର ଦିଆ ପଲେଇବାରେ ଲାଗିଥାନ୍ତି । ହଠାତ୍ ଗୋଟିଏ ଦନ୍ତା ହାତୀ ଆମ ଆଡ଼କୁ ଆଗେଇ ଆସିଲା । ଗାଡ଼ିର ଷ୍ଟାର୍ଟ ଯୋଗକୁ ବନ୍ଦ ହୋଇଗଲା । ପୁତୁରା ଷ୍ଟାର୍ଟ ମାରି ମାରି ନସ୍ୟାନ୍ତ । ହାତୀ ତା' ଶୁଣ୍ଢଟି ମୋ ଆଡ଼କୁ ଧୂରେ ବଢ଼ାଇଦେଲା । ମୁଁ ଭଗବାନଙ୍କୁ ଡାକୁଥାଏ । ଏତିକିବେଳେ ଜଙ୍ଗଲରୁ ହାତୀ ଛୁଆଟିଏ ଗଡ଼ି ଗଡ଼ି ବାହାରି ଆସିଲା । ଦନ୍ତା ଚାଲିଲା ଛୁଆଟି ପାଖରେ । ବିଜୈ ଜଙ୍ଗଲରେ ଉଭେଇଗଲେ । ଗୋଟାଏ ଦୀର୍ଘ ନିଶ୍ୱାସ ମାରି ଆମେ ପୁଣି ଗାଡ଼ିକୁ ଷ୍ଟାର୍ଟ କଲୁ । ଏଥରକ ଗାଡ଼ି ଷ୍ଟାର୍ଟ ହେଲା । ଆମେ "କୋଟରଙ୍ଗା"ରେ ପହଞ୍ଚିଲୁ ଶ୍ରୀ ଜଗନ୍ନାଥ ବେହେରାଙ୍କ କୁଟିଆରେ । ବେହେରା ଆମ ଗାଡ଼ି ଶବ୍ଦ ଶୁଣି ତାଙ୍କର କୁରଙ୍ଗାଙ୍ଗ ପାଟି ବଳିଆ ଶ୍ୱାନକୁ ନେଇ ବାହାରି ଆସିଲେ । ଆମଠୁ ସବୁ ଶୁଣି, ବେପରୁଆଭାବରେ ହସି ଉଠିଲେ । "କିରେ ତୋର ଶ୍ୱେତା ଆଜୁଥ ନଥିଲା ? ହାତୀ ଶୁଣ୍ଢିକୁ ମାରିଲୁ ନାହିଁ ? ସେ ତ ନିଶ୍ଚୟ ଜାଣି ଯାଇଥାନ୍ତା ।" ସତେ ଏ କଥା ମୁଁ ଜାଣି ନଥିଲି – ଟମି ତ ଥିଲା ମୋ ପାଖରେ । ସେଠି ରାତିକ ରହିଲୁ । ଜଗନ୍ନାଥ ବେହେରା ଜଣେ ଛୁରାଳୀ ପାଟି ବଳିଆ ଶ୍ୱାନ ତାଲିମ୍‌ଦାତା । ତାଙ୍କଠାରୁ କିଛି ଶ୍ୱାନ ବାବଦରେ ଶିକ୍ଷା କଲି ପରଦିନ ସକାଳୁ ।

ଏ କାହାଣୀଟି କହିବାର ଉଦ୍ଦେଶ୍ୟ ହେଲା ଆପଣମାନଙ୍କୁ ଜଣେଇଦେବା ଯେ ଓଡ଼ିଶା ଆରକ୍ଷୀ ଶ୍ୱାନ ସଂସ୍ଥା ବିଦେଶୀ ଶ୍ୱାନ ଓ ବିଦେଶୀ ତାଲିମ ପ୍ରଣାଳୀର ଅନୁସରଣ କରିନାହିଁ । ସେ ପାଟି ବଳିଆରଳି ଖାଣ୍ଟି ଦେଶୀୟ ଶ୍ୱାନ ଓ ଜଗନ୍ନାଥ ବେହେରାଙ୍କ ପରି ଦେଶୀୟ ଶ୍ୱାନ ତାଲିମଦାତାଙ୍କର ସାହାଯ୍ୟ ମଧ୍ୟ ନେଉଛି । ପାଟି ବଳିଆ ଶ୍ୱାନ ସର୍ବଭାରତୀୟ ସ୍ତରରେ ମଧ୍ୟ ପରିଚିତ ହୋଇ "କେନେଲ୍ କ୍ଲବ୍ ଅଫ୍ ଇଣ୍ଡିଆ"ର ସ୍ୱୀକୃତିଲାଭ କରିସାରିଛି ।

ଓଡ଼ିଶା ଆରକ୍ଷୀ ସନ୍ଧାନୀ ଶ୍ୱାନ ସଂସ୍ଥାରେ ସମ୍ପ୍ରତି ପାଟି ବଳିଆ, ଲାବ୍ରାଡରିସ୍, ଆଲ୍‌ସେସିଆନ୍, ଡୋବରମ୍ୟାନ୍, ଗୋଲ୍‌ଡେନ୍ ରିଟ୍ରିଭର୍ ଓ ଲାବ୍ରାଡର୍ ରିଟ୍ରିଭର୍ ଶ୍ୱାନମାନେ ବ୍ୟବହୃତ ହୋଇଛନ୍ତି । ଏହି ଶ୍ୱାନ ସଂସ୍ଥାଟି ୧୯୬୧ ମସିହାରୁ ଉନ୍ନତିଲାଭ କରି ଅପରାଧ ଅନୁସନ୍ଧାନ କ୍ଷେତ୍ରରେ ବହୁ ଜନପ୍ରିୟ ହୋଇଆସିଛି ।

୧୯୬୧ ମସିହାରେ ଦୁଇଟି ଆଲ୍‌ସେସିଆନ୍ ଶ୍ୱାନକୁ (ଜନ୍, ଜ୍ୟୋତି) ନେଇ ଏହି ସଂସ୍ଥାନ ସର୍ବ ପ୍ରଥମେ କଟକ ସହରର ଜିଲ୍ଲା ପୋଲିସ୍ ପଡ଼ିଆରେ ସ୍ଥାପିତ ହେଲା । ଶ୍ୱାନ ଦୁଇଟି ମାଡ୍ରାଜ ପୋଲିସ୍ ଶ୍ୱାନ ସଂସ୍ଥାରେ ତାଲିମ୍ ପାଇ ଆସିଥାନ୍ତି । ଏମାନଙ୍କର କାର୍ଯ୍ୟକାରିତା ଦେଖି ସର୍ବସାଧାରଣ ଦାବୀ କରିବାରୁ ୧୯୬୪ ମସିହାରେ ରାଉରକେଲା, ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲାରେ ଆରକ୍ଷୀ ସନ୍ଧାନୀ ଶ୍ୱାନ ସଂସ୍ଥାମାନ ଖୋଲାଗଲା, ତଥାପି ଲୋକଙ୍କର ଚାହିଦା ପୂରଣ ହୋଇପାରିଲା ନାହିଁ । ୧୯୬୫ରେ ସମ୍ବଲପୁର, ୧୯୬୬ରେ କୋରାପୁଟ ଏବଂ ବଲାଙ୍ଗିର, ମୟୂରଭଞ୍ଜ, ପୁରୀ, ଭୁବନେଶ୍ୱରରେ ୧୯୬୭ରେ ଶ୍ୱାନ ସଂସ୍ଥାମାନ ଖୋଲାଗଲା । ପ୍ରତ୍ୟେକ ସଂସ୍ଥାରେ ଦୁଇଟି ଶ୍ୱାନ, ଦୁଇଜଣ ହ୍ୟାଣ୍ଡଲର୍ କନେଷ୍ଟବଳ, ଜଣେ କେନେଲ୍ ବଏ ଓ ପରିଚାଳକ ହିସାବରେ ଜଣେ ସବ୍‌ଇନିସପେକ୍ଟର ରହିଲେ । କ୍ରମଶଃ ଓଡ଼ିଶାର ସବୁ ଜିଲ୍ଲାରେ (କେବଳ କଳାହାଣ୍ଡି, ସୁନ୍ଦରଗଡ଼, ଫୁଲବାଣୀ ବ୍ୟତୀତ) ଶ୍ୱାନ ସଂସ୍ଥାମାନ ଖୋଲାଗଲା । କଟକରେ ତାଲିମ୍ କେନ୍ଦ୍ର ଖୋଲାଗଲା । ଜଣେ ପଶୁ ଚିକିତ୍ସାବିତ୍ ମଧ୍ୟ ନିଯୁକ୍ତି ପାଇଲେ "କାନାଇନ୍ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ୍"ଭାବରେ । ପୂର୍ବରୁ ସାଧାରଣ ପୁଲିସ୍ ବିଭାଗରୁ କନେଷ୍ଟବଳମାନଙ୍କୁ ଅଣାଯାଇ ଶ୍ୱାନମାନଙ୍କୁ ଚଳାଇବାକୁ ଦିଆଯାଉଥିଲା । ସଂସ୍ଥାରେ ସେମାନଙ୍କର ଚାକିରିରେ ଉନ୍ନତିର ଆଶା ନଥିବାରୁ ସେମାନେ ସବୁବେଳେ ଦୁଃଖିତ ଥିଲେ । ତିନୋଟି ହାବିଲ୍‌ଦାର୍ ପୋଷ୍ଟ କରାଯିବାରୁ ସେମାନେ ଉତ୍ସାହର ସହିତ କାର୍ଯ୍ୟ କଲେ । ତାପରେ ଦେଖାଗଲା ସିଧାସଳଖ ଲୋକଙ୍କୁ ଆଣି ହ୍ୟାଣ୍ଡଲର୍ କନେଷ୍ଟବଳ କରିବା ଦ୍ୱାରା – ସେମାନେ ଅପେକ୍ଷାକୃତ ଭଲ କାମ

ହେଲେ। କାରଣ ସେମାନେ ଚାହିଁଲେ ଭଲ କାମ ନକଲେ, ସେମାନଙ୍କୁ ବଦଳି କରାଇବାକୁ ପଡ଼ିବ। ସେମାନେ ତ ଆଉ ସାଧାରଣ ପୋଲିସ୍ ଲୁହନ୍ତି ଯେ ନିଜ ସ୍ଥାନକୁ ଫେରିଯିବେ। କେନେଲ୍ ବସମାନେ ଶ୍ୱାନ ସହିତ ଏତେ ସମ୍ପୃକ୍ତ ଯେ, ପରୀକ୍ଷା ସ୍ୱରୂପ ଦେଖାଗଲା ସେମାନେ ହ୍ୟାଣ୍ଡଲରୁ ପୋଷ୍ଟିକୁ ଉନ୍ନିତ ହୋଇ ସୁବ୍ଲରୁ ରୂପେ କାର୍ଯ୍ୟ କଲେ ଏବଂ ଉନ୍ନତିର ଆଶା ଦେଖି ନିଜ ପୋଷ୍ଟରେ ମଧ୍ୟ ଉତ୍ତମ କାର୍ଯ୍ୟ କଲେ। ମାତ୍ର ଦୁଃଖର ବିଷୟ ସବ୍‌ଇନିସ୍‌ପେକ୍ଟରମାନଙ୍କୁ ଏହି ବିଭାଗରେ ସ୍ଥାୟୀ କରାଯାଇ ନାହିଁ। ଫଳରେ ୧୨/୧୩ ବର୍ଷ କାର୍ଯ୍ୟ କଲା ପରେ ମଧ୍ୟ ସେମାନଙ୍କୁ ସାଧାରଣ ପୋଲିସ୍ ବିଭାଗକୁ ଫେରିଯିବାକୁ ହେଉଛି। ଫଳରେ ଶ୍ୱାନ ସଂସ୍ଥାରେ ତାଙ୍କର ୧୨/୧୩ ବର୍ଷର ଅଭିଜ୍ଞତା ଓ ତାଲିମ୍ ସବୁ ପାଣିକି ଯାଉଛି। ଅବଶ୍ୟ ଏ ବିଷୟରେ ଗୋଟିଏ ପ୍ରସ୍ତାବ ସରକାରଙ୍କ ଦପ୍ତରରେ ବିଚାରାଧୀନ ରହିଛି। ମାତ୍ର ଶୁଭସ୍ୟ ଶୀଘ୍ରମ୍।

ଏହି ସଂସ୍ଥାର ପରିଚାଳନା ଭାର ପଡ଼ିଛି ଲେଖକଙ୍କ ଉପରେ ଡି. ଏସ୍. ପି. ଭାବରେ ଓ ପରିଚାଳନାରେ ଜଣେ ଇନିସ୍‌ପେକ୍ଟର୍ ସହାୟତା କରୁଛନ୍ତି। ଗୋଟିଏ "ପ୍ରଜନନ କେନ୍ଦ୍ର" ମଧ୍ୟ ଏହି ସଂସ୍ଥାରେ ରହିଛି। ଏହାଦ୍ୱାରା "ଶ୍ୱାନମାନଙ୍କର ପ୍ରଜନନ" କରାଇ ମଧ୍ୟେ ମଧ୍ୟେ ଶ୍ୱାନ ସଂସ୍ଥାର ଚାହିଦା ମେଣ୍ଟାଇ ମଧ୍ୟ ଶ୍ୱାନ ଶାବକମାନଙ୍କୁ ବିକ୍ରୟ କରାଯାଉଛି। ବୟସ୍କ ଶ୍ୱାନମାନେ କାର୍ଯ୍ୟ କରିବାକୁ ଅକ୍ଷମ ହେଲେ ସେମାନଙ୍କୁ ମଧ୍ୟ ନିଲାମ କରି ସରକାରୀ କୋଷରେ ଅର୍ଥ ଜମା ଦିଆଯାଏ।

## ଅନୁଷ୍ଠାନର କୃତିତ୍ୱ

ଅନୁଷ୍ଠାନର କୃତିତ୍ୱ ଅପରାଧ ଅନୁସନ୍ଧାନରେ କିପରି ଆଶାଜନକ ପ୍ରତୀତ ତାହା ନିମ୍ନଲିଖିତ ସୂଚୀକୁ ଦେଖିଲେ ବୁଝିହେବ।

୧୯୭୦ରେ ଶ୍ୱାନ ସନ୍ଧାନର ସଫଳତା ଥିଲା ଶତକଡା ୩୩ ଭାଗ।
୧୯୭୫ରେ ଶ୍ୱାନ ସନ୍ଧାନର ସଫଳତା ଥିଲା ଶତକଡା ୪୬ ଭାଗ।
୧୯୭୬ରେ ଶ୍ୱାନ ସନ୍ଧାନର ସଫଳତା ଥିଲା ଶତକଡା ୬୨ ଭାଗ।
୧୯୮୯ ପର୍ଯ୍ୟନ୍ତ ସଫଳତାର ଶତକଡ଼ା ହାର ୬୦ରୁ ୬୬ ମଧ୍ୟେ ରହିଆସୁଛି।

୧୯୮୬ ମସିହାରେ ଲେଖକ ସୀମା ନିରାପତ୍ତା ବାହିନୀର ଜାତୀୟ ଶ୍ୱାନ ତାଲିମ୍ କେନ୍ଦ୍ର, ଟିକନପୁର (ଗୋଆଲିୟର)ଠାରୁ ଶ୍ୱାନମାନଙ୍କ ଦ୍ୱାରା ବିସ୍ଫୋରକ ଓ ନିଶାଦ୍ରବ୍ୟର ଅନୁସନ୍ଧାନ ତାଲିମ୍ ପାଇ ଓଡ଼ିଶା ପୋଲିସର ଲାବ୍ରାଡୋର ଜାତିର "ରୁବି"କୁ ବିସ୍ଫୋରକ ଅନୁସନ୍ଧାନ ଓ ଡୋବରମ୍ୟାନ "ରିତା"କୁ ନିଶାଦ୍ରବ୍ୟ ଅନୁସନ୍ଧାନ କୌଶଳ ଶିଖାଇଛନ୍ତି। ଖାରବେଳପୁରରେ ଉଗ୍ରପନ୍ଥୀଙ୍କ ଦ୍ୱାରା ପୋଲ ଉଡ଼ାଇ ଦିଆଯାଉଥିବାବେଳେ "ରୁବି" ପାଇ ଡିନାମାଇଟ୍ ସବୁ ଉଦ୍ଧାରକରି ଦେଇଥିଲା। ଫଳରେ ସେ ଅଞ୍ଚଳକୁ ଆତଙ୍କବାଦ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।

ଏହାବ୍ୟତୀତ ୧୯୮୦ ମସିହାରୁ ଓଡ଼ିଶା ଆରକ୍ଷୀ ଶ୍ୱାନମାନେ ସର୍ବଭାରତୀୟସ୍ତରରେ ଅନେକଥରରେ ଏକାଧିକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ନିଖିଳ ଭାରତ ଆରକ୍ଷୀ କ୍ରୀଡ଼ା ପ୍ରତିଯୋଗିତାରେ ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

"ଦୁଃଖ କହିବି ନା ସୁଖ କହିବି ?
ଯାହା ଅଙ୍ଗେ ନିଭେଇଛି ତାହା କହିବି"।

୧୯୭୩ ମସିହାରେ ଓଡ଼ିଶାରେ ନିଖିଳ ଭାରତ ଆରକ୍ଷୀ କ୍ରୀଡ଼ାଗତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ମୁଁ ସେତେବେଳେ ଥାଏ ଶିକ୍ଷା ବିଭାଗରେ। ସେହି ବର୍ଷ ଉପରୋକ୍ତ ପ୍ରତିଯୋଗିତାରେ ପ୍ରଥମକରି "ଆରକ୍ଷୀ ଶ୍ୱାନ ପ୍ରତିଯୋଗିତା" କରାଇବାର ପ୍ରସ୍ତାବ ଦେଲେ ଶ୍ରୀ ଆର୍. ଏମ୍. ପଟ୍ଟନାୟକ, ଆଇ. ପି. ଏସ୍. (ବର୍ତ୍ତମାନର ସ୍ପେଶାଲ୍ ଆଇ. ଜି. ପି., ସ୍ପେଶାଲ୍ ବ୍ରାଞ୍ଚ)। ବିଚାରକ ମଣ୍ଡଳୀ ଖୋଜା ପଡ଼ିଲେ। ସେତେବେଳେ ଶ୍ୱାନ ତାଲିମ ଯୋଗରେ ତାଲିମ ପାଇ "କେନେଲ କ୍ଲବ ଅଫ୍ ଇଣ୍ଡିଆ"ର ଶ୍ୱାନ ତାଲିମ ବିଚାରକ ମଣ୍ଡଳୀରେ ଏକମାତ୍ର ଓଡ଼ିଆ ଥାଏ। ଅଦ୍ୟାବଧି ମଧ୍ୟ ମୁଁ ଏକମାତ୍ର ଓଡ଼ିଆ ବିଚାରକ। ଶ୍ରୀ ପଟ୍ଟନାୟକ ମୋତେ ଡକାଇନେଇ ମୋ ସହିତ କେରଳର ଡି. ଆଇ. ଜି. ଶ୍ରୀ କେ. ଶ୍ରୀନିବାସ ରାଓ, ଆଇ. ପି. ଏସ୍. ଓ ପଶୁ ବିଭାଗ ନିର୍ଦ୍ଦେଶକ ଶ୍ରୀ ଏମ୍. ଏନ୍. ପାଣ୍ଡୁଙ୍କୁ ବିଚାରକ ମଣ୍ଡଳୀରେ ରଖିଲେ। ଏ ମହାଶୟମାନେ କିନ୍ତୁ କେନେଲ୍ କ୍ଲବ୍ ଅଫ୍ ଇଣ୍ଡିଆର ବିଚାରକ ନଥିଲେ। ଯାହା ହେଉ ଭାରତର ବିଭିନ୍ନ ପୁଲିସ୍ ସଂସ୍ଥାର ଶ୍ୱାନମାନେ ଭାଗ ନେଲେ ଓ ମୋର କାର୍ଯ୍ୟ କୁଶଳତା ଦେଖି ସମସ୍ତେ ପ୍ରଶଂସା କଲେ। ଫଳରେ ଶ୍ରୀ ପଟ୍ଟନାୟକ, ତତ୍କାଳୀନ ଆଇ. ଜି. ପି. ସ୍ୱର୍ଗତଃ ରାମକୃଷ୍ଣ ପାଢ଼ୀ, ଆଇ. ପି. ଏସ୍. ଓ ରାଜ୍ୟପାଳ ବି. ଡି. ଜତ୍ତି ମୋତେ ଡେପୁଟେସନ୍‌ରେ "ସ୍ପେଶାଲ୍ ଅଫିସର" ଭାବରେ ଆରକ୍ଷୀ ଶ୍ୱାନ ସଂସ୍ଥାକୁ ନେଇଆସିଲେ। ପରେ ପରେ ମୋତେ ଡି. ଏସ୍. ପି. କରାଗଲା। ଅଦ୍ୟାବଧି ମୁଁ ସେଇ ଡି. ଏସ୍. ପି. ରୂପେ କାର୍ଯ୍ୟ କରିଆସୁଛି।

›››››››››››››››››››››››››››››

■ କୌଣସି ପ୍ରକାର ହିଂସାତ୍ମକ କାର୍ଯ୍ୟକଳାପକୁ ତୁରନ୍ତ ଲକ୍ଷ୍ୟ ହାସଲର ପନ୍ଥା ସ୍ୱରୂପ ଗ୍ରହଣ କରିବାରେ ମୁଁ ଆଦୌ ବିଶ୍ୱାସ କରେ ନାହିଁ। ଉଦ୍ଦେଶ୍ୟ ଯେତେ ମହତ୍ ହେଲେ ସୁଦ୍ଧା ଏବଂ ସେଥିପ୍ରତି ମୋର ସବୁପ୍ରକାର ସହାନୁଭୂତି ରହିଥିଲେ ମଧ୍ୟ ସେହି ମହତ୍ ଉଦ୍ଦେଶ୍ୟ ସାଧନ ନିମନ୍ତେ ହିଂସାତ୍ମକ ପଦ୍ଧତି ଅବଲମ୍ବନ ମୁଁ ବରଦାସ୍ତ କରିପାରିବି ନାହିଁ।

—ଗାନ୍ଧିଜୀ

# ପ୍ରାଚୀନ ଭାରତରେ ଯୁଦ୍ଧବିଦ୍ୟା

ବିଜୟ କୁମାର ପ୍ରଧାନ

ଅମରାଧିପତି ଇନ୍ଦ୍ର ଅମ୍ବରୀଷ ନୃପତିଙ୍କୁ "ଯୁଦ୍ଧ-ଯଜ୍ଞ" ସମ୍ପର୍କରେ ଯେଉଁ ସୂଚନା ପ୍ରଦାନ କରିଥିଲେ ତାହା ମହାଭାରତରେ 'ଶାନ୍ତିପର୍ବ'ରେ ନିମ୍ନୋକ୍ତ ପ୍ରକାରେ ବର୍ଣ୍ଣିତ ହୋଇଛି :

କ୍ଷତ୍ରୀୟଗଣଙ୍କ ପାଇଁ ଯୁଦ୍ଧ ଅପେକ୍ଷା ବଡ଼ ଯଜ୍ଞ ନାହିଁ । ବୀରଗଣ କବଚ ପରିଧାନ ପୂର୍ବକ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ଯୁଦ୍ଧ ଯଜ୍ଞର ଅଧିକାରୀ ହୁଅନ୍ତି । ହସ୍ତୀ ଉକ୍ତ ଯଜ୍ଞର ଋତ୍ୱିକ, ଅଶ୍ୱ ଅଧ୍ୱର୍ଯ୍ୟୁ, ଶତ୍ରୁମାନଙ୍କର ମାଂସ ହବି ଏବଂ ରୁଧିର ଘୃତ ପ୍ରାସ, ତୋମର, ଖଡ୍ଗ, ଶକ୍ତି ଓ ପରଶୁ ଏହି ଯଜ୍ଞର ସ୍ରୁବ; ଶତ୍ରୁଗଣଙ୍କର ଶରୀର ଭେଦୀ ତୀକ୍ଷ୍ଣ ବାଣ ଏହାର ସ୍ରୁବ୍ରୋବ । ହସ୍ତୀ ଚର୍ମର ଆବରଣ ଓ ତଲବାର ଏହାର ସ୍ପିକ୍ । ଲୌହମୟ ତୀକ୍ଷ୍ଣ ପ୍ରାସ, ଶକ୍ତି, କୃଷ୍ଟି ଓ ପରଶୁର ଆଘାତ ଏହାର ଧନ । ବୀରଗଣଙ୍କର ପରସ୍ପର ଆକ୍ରମଣ ଓ ପ୍ରହାର ଫଳରେ ଯେଉଁ ରକ୍ତଧାର କ୍ଷରଣ ହୁଏ ସେ ସବୁ କାମନାମାନଙ୍କୁ ଦିଆଯାଉଥିବା ପୂର୍ଣ୍ଣାହୂତି । ସୈନିକମାନଙ୍କର ଯେଉଁ 'ଧର-ଧର, ମାର-ମାର' ଇତ୍ୟାଦି ଶବ୍ଦ କର୍ଣ୍ଣଗୋଚର ହୁଏ ତାହା ଏଇ ଯଜ୍ଞର ସାମଗାନ ସ୍ୱରୂପ ରଣଭୂମି ହବି ସଞ୍ଚୟ କରିବା ପାତ୍ର । ହସ୍ତୀ, ଅଶ୍ୱ ଓ କବଚଧାରୀ ଶୂରବୀରଗଣ ଏଇ ଯଜ୍ଞର ଶ୍ୟେନଚିତ୍ତ ଅଗ୍ନି । ଏକ ସହସ୍ର ସୈନିକଙ୍କର ମୃତ୍ୟୁରେ ଯେଉଁ ଘନ (ବ୍ୟୂହ) ସୃଷ୍ଟି ହୁଏ, ତାହା ଏ ଯଜ୍ଞର ଅଷ୍ଟକୋଣ ଯୂପ । ଯୁଦ୍ଧରେ ଯେ ପରାକ୍ରମ ପ୍ରଦର୍ଶନ କରନ୍ତି ତାଙ୍କୁ ଅନନ୍ତ ଦକ୍ଷିଣା ରୂପ ଯଜ୍ଞର ଫଳ ପ୍ରାପ୍ତ ହୁଏ ।"

ମହାଭାରତରେ ଇଚ୍ଛାମୃତ୍ୟୁ-ଅଧିକାରୀ ପିତାମହ ଭୀଷ୍ମ ଯୁଦ୍ଧର ବିଭିନ୍ନ ବିଧି ସମ୍ପର୍କରେ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିରଙ୍କୁ ଅବଗତ କରାଇଥିଲେ । ବତିଶ ପ୍ରକାର ରଣ-କୌଶଳ, ଏକବିଂଶ ପ୍ରକାର ପର୍ଣ୍ଣଚରା, ପରାଜୟବରଣ ଓ ବିଜୟ ପ୍ରାପ୍ତିର କାରଣ, ସେନାପତିର ମହତ୍ୱ ଓ ଯୁଦ୍ଧ ନୀତିର ବିସ୍ତୃତ ବର୍ଣ୍ଣନ ମଧ୍ୟ ଏଥିରେ କରାଯାଇଛି । ଏ ସବୁ ଦୃଷ୍ଟିରୁ ଏହା ସ୍ପଷ୍ଟ ରୂପେ ପ୍ରତୀୟମାନ ହୁଏ ଯେ ପ୍ରାଚୀନ ଭାରତରେ ଯୁଦ୍ଧ ବିଦ୍ୟାର ଯଥେଷ୍ଟ ସଂସ୍କାର କରାଯାଇଥିଲା ।

ଯୁଦ୍ଧ ବିଦ୍ୟାର ଉତ୍ପତ୍ତି ସମ୍ଭବତଃ ବୈଦିକ ଯୁଗରେ ହୋଇଥିଲା । କାରଣ ବେଦମାନଙ୍କରେ ଏଭଳି ଅନେକ ମନ୍ତ୍ରର ବର୍ଣ୍ଣନା ରହିଛି ଯେଉଁଥିରେ କି ପ୍ରାର୍ଥନା କରାଯାଇଛି – ଆମର ସନ୍ତାନଗଣଙ୍କ ଶତ୍ରୁନାଶକ ହୁଅନ୍ତୁ । ରାମାୟଣରେ ରାଜର୍ଷି ଜନକ ନିଜର ଯୌଗିକ ଦୃଷ୍ଟି ଦ୍ୱାରା ଶୂରବୀରଗଣ କିପରି ସ୍ୱର୍ଗଗାମୀ ଓ କାପୁରୁଷଗଣ କିପରି ନର୍କଗାମୀ ହୁଅନ୍ତି ତାହା ଉପଲବ୍ଧି କରିପାରିଥିଲେ । ଗୀତାରେ ମଧ୍ୟ ଭଗବାନ ଶ୍ରୀକୃଷ୍ଣ ତାଙ୍କର ପରମ ସଖା ତଥା ଅଦ୍ୱିତୀୟ ବୀର ଅର୍ଜ୍ଜୁନଙ୍କୁ ଉପଦେଶ ଦେବାରେ କହିଥିଲେ, 'ଶତ୍ରୁ ସହିତ ଯୁଦ୍ଧ କରିବା ଧର୍ମକାର୍ଯ୍ୟ ।' ମହାକବି କାଳିଦାସଙ୍କର ବର୍ଣ୍ଣନାନୁସାରେ, 'ରଣଭୂମିରେ ବୀରଗତିପ୍ରାପ୍ତ ଯୋଦ୍ଧା ସିଧା ଗଳାର ସୂର୍ଯ୍ୟପୁରକୁ ଗମନ କରେ ।'

ପ୍ରାଚୀନ ଭାରତରେ ଆବଶ୍ୟକତାନୁସାରେ ବିମାନମାନଙ୍କର ପ୍ରୟୋଗ ମଧ୍ୟ କରାଯାଉଥିଲା । ଉଜ୍ଜୟିନୀ ନିକଟରୁ ମିଳିଥିବା 'ଅଗସ୍ତ୍ୟ ସଂହିତା'ରେ ପ୍ରାଚୀନ ବିମାନ ବିଦ୍ୟାର ବର୍ଣ୍ଣନ ଦୃଷ୍ଟିଗୋଚର ହୁଏ । 'ଭରଦ୍ୱାଜ ସଂହିତା'ରେ ବିମାନ ବିଦ୍ୟା ସମ୍ବଳିତ ଛ'ଗୋଟି ଗ୍ରନ୍ଥର ନାମ ବର୍ଣ୍ଣିତ ଅଛି ।

## ଯୁଦ୍ଧ ଓ ସନ୍ଧି :

କୌଟିଲ୍ୟ ତାଙ୍କର 'ଅର୍ଥ ଶାସ୍ତ୍ର'ରେ ରାଜ୍ୟମାନଙ୍କ ମଧ୍ୟରେ ଥିବା ପରସ୍ପର ସମ୍ବନ୍ଧର ବର୍ଣ୍ଣନା କରିବା ପ୍ରସଙ୍ଗରେ 'ଯୁଦ୍ଧ ଓ ସନ୍ଧି ବିଷୟରେ' ଛ'ଗୋଟି ନୀତିର ଉଲ୍ଲେଖ କରିଛନ୍ତି, ଯଥା–(୧) ସନ୍ଧି, (୨) ବିଗ୍ରହ (ଯୁଦ୍ଧ), (୩) ଆସନ (ତଟସ୍ଥତା), (୪) ଭ୍ରମଣ (ଯୁଦ୍ଧ ଆରମ୍ଭ ପୂର୍ବରୁ ତନ୍ନିମିତ୍ତ ପ୍ରସ୍ତୁତି), (୫) ସମାଶ୍ରୟ (ସୁରକ୍ଷା ପାଇଁ ଅନ୍ୟ ରାଜାର ସାହାଯ୍ୟ କାମନା କରିବା) ଓ (୬) ଦ୍ୱୈଧୀଭାବ (ଗୋଟିଏ ରାଜ୍ୟ ସହିତ ଯୁଦ୍ଧ ଓ ଅନ୍ୟ ରାଜ୍ୟ ସହିତ ସନ୍ଧି କରିବା) । ବିଜିତ ରାଜ୍ୟ ପ୍ରତି ବିଜେତା ରାଜ୍ୟ କି କି ନୀତି ପାଳନ କରିବା ଉଚିତ ସେ ସମ୍ପର୍କରେ 'ମନୁ' ଲେଖିଛନ୍ତି, "ବିଜିତ ରାଜ୍ୟର ପ୍ରଜାମାନଙ୍କୁ ବିଜେତା ନିଜର ମିତ୍ର ରୂପେ ବ୍ୟବହାର କରିବା ଉଚିତ । ଉକ୍ତ ପ୍ରଜାମାନଙ୍କର ଭାଷା, ଆଚାର-ବ୍ୟବହାର ଇତ୍ୟାଦିକୁ ଆଦରି ନେଇ ସେମାନଙ୍କର ଉତ୍ସବ ଓ ସମାରୋହମାନଙ୍କରେ ଅଂଶ ଗ୍ରହଣ କରିବା ଉଚିତ ।

ହିନ୍ଦୁ ଶାସ୍ତ୍ରମାନଙ୍କରେ ଯୁଦ୍ଧରେ ତଟସ୍ଥ ଦେଶକୁ 'ଉଦାସୀନ', ଶତ୍ରୁର ମିତ୍ର ରାଜ୍ୟକୁ 'ଅରିମିତ୍ର', ଶତ୍ରୁକୁ 'ଅରି', ସମ୍ଭାବିତ ବିଜେତାଙ୍କୁ 'ବିଜିଗୀଷୁ' ଓ ଶତ୍ରୁର ମିତ୍ରର ମିତ୍ରକୁ 'ଅରିମିତ୍ର' କୁହାଯାଇଛି । ଯୁଦ୍ଧ ନୀତି ସାମ, ଦାମ, ଦଣ୍ଡ ଓ ଭେଦ ଉପରେ ଆଧାରିତ ଥିଲା । ବିଜିତ ରାଜା ସନ୍ଧିର ସର୍ତ୍ତଗୁଡ଼ିକୁ ପାଳନ କରୁ, ଏହି ଉଦ୍ଦେଶ୍ୟରେ ବିଜେତା ରାଜା ବେଳେବେଳେ ବିଜିତ ରାଜାଙ୍କର ବନ୍ଧୁବାନ୍ଧବମାନଙ୍କୁ ବନ୍ଧକ ବ୍ୟକ୍ତି ରୂପେ ରଖୁଥିଲେ ।

## ପୁରାତନ ଅସ୍ତ୍ର-ଶସ୍ତ୍ର :

ପ୍ରାଚୀନ ଭାରତରେ ଅସ୍ତ୍ର-ଶସ୍ତ୍ର ବିଦ୍ୟା ଅଧ୍ୟୟନ କଲେ ଜଣାପଡ଼େ ଯେଉଁ ଅସ୍ତ୍ର-ଶସ୍ତ୍ରଗୁଡ଼ିକର ପ୍ରୟୋଗ ପ୍ରାଚୀନ କାଳରେ ହେଉଥିଲା ସେଗୁଡ଼ିକର ବ୍ୟବହାର ପରବର୍ତ୍ତୀ କାଳରେ ଚୀନ, ଜାପାନ, ଚୀନ, ଇଣ୍ଡୋନେସିଆ, ମାଲେସିଆ ଓ ଥାଇଲ୍ୟାଣ୍ଡ ଆଦିରେ ଆରମ୍ଭ ହେଲା । ବୌଦ୍ଧଯୁଗରେ ଅହିଂସା ନୀତିର ପ୍ରଚଳନ ଫଳରେ ଏହି ସବୁ ଅସ୍ତ୍ର-ଶସ୍ତ୍ରର ବ୍ୟବହାର ବହୁତ ହ୍ରାସ ହେଲା । ପ୍ରାଚୀନ କାଳରେ ଅସ୍ତ୍ର-ଶସ୍ତ୍ରଗୁଡ଼ିକୁ ପାଞ୍ଚୋଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା, ଯଥା–(୧) ପ୍ରକ୍ଷେପଣ କରାଯାଉଥିବା ଅସ୍ତ୍ର-ଶସ୍ତ୍ର, (୨) ପ୍ରକ୍ଷେପଣ କରାଯାଉ ନଥିବା ଅସ୍ତ୍ର-ଶସ୍ତ୍ର, (୩) ପ୍ରକ୍ଷେପଣ କରାଯିବା ସାଙ୍ଗେ

ସଂରକ୍ଷିତ କରାଯାଉଥିବା ଅସ୍ତ୍ର-ଶସ୍ତ୍ର, (ଚ) ମନ୍ତ୍ରୋଚ୍ଚାରଣ ପରେ ପ୍ରୟୋଗ କରାଯାଉଥିବା ଅସ୍ତ୍ର-ଶସ୍ତ୍ର ଓ (ଛ) ଯନ୍ତ୍ରମାନଙ୍କର ସହାୟତାରେ ପ୍ରୟୋଗ କରାଯାଉଥିବା ଅସ୍ତ୍ର-ଶସ୍ତ୍ର ।

'ଖାଣ୍ଡା' (ବର୍ଚ୍ଛା) ପ୍ରଥମ ଶ୍ରେଣୀର, 'ତଲବାର' ଦ୍ୱିତୀୟ ଶ୍ରେଣୀର, 'ବାଣ' ତୃତୀୟ ଶ୍ରେଣୀର, 'ଆଥର୍ବଣ' (ପର୍ଶୁରାମଙ୍କଠାରୁ କର୍ଣ୍ଣଙ୍କୁ ପ୍ରାପ୍ତ ହୋଇଥିବା ଅସ୍ତ୍ର) ଚତୁର୍ଥ ଶ୍ରେଣୀର ଓ 'ଶତଘ୍ନୀ' ପଞ୍ଚମ ଶ୍ରେଣୀର ଅନ୍ତର୍ଭୁକ୍ତ । ଯୁଦ୍ଧ-ଦେବତା ଇନ୍ଦ୍ରଙ୍କର ଅସ୍ତ୍ର 'ବଜ୍ର' ଭାରତୀୟ ଅସ୍ତ୍ର-ଶସ୍ତ୍ରମାନଙ୍କ ମଧ୍ୟରେ ସର୍ବ ପ୍ରାଚୀନ ଓ ସମ୍ମାନନୀୟ । କଥିତ ଅଛି ଯେ ଏହା ଦଧୀଚି ଋଷିଙ୍କ ଅସ୍ଥିରୁ ନିର୍ମିତ ହୋଇଥିଲା । ଗଦା, ଅସି ଓ ଶୂଳ ମଧ୍ୟ ମହତ୍ୱପୂର୍ଣ୍ଣ ତଥା ବହୁଳ ପ୍ରୟୋଗ ହେଉଥିବା ଅସ୍ତ୍ର ରୂପେ ବିବେଚିତ ହେଉଥିଲା ।

ପ୍ରାଚୀନ କାଳର ଯୁଦ୍ଧ ବିଦ୍ୟାରେ ଧନୁଷ-ବାଣର ବହୁଳ ପ୍ରଚଳନ ଫଳରେ ସମସ୍ତ ଯୁଦ୍ଧ ବିଦ୍ୟାକୁ 'ଧନୁର୍ବିଦ୍ୟା' ନାମରେ ନାମିତ କରାଯାଉଥିଲା । ଶିବଙ୍କ ଧନୁଷ 'ପିନାକ' ଓ ଅର୍ଜୁନଙ୍କ ଧନୁଷ 'ଗାଣ୍ଡୀବ' କାଷ୍ଠରେ ନିର୍ମିତ ହୋଇଥିଲାବେଳେ ଶ୍ରୀବିଷ୍ଣୁଙ୍କ 'ଶାର୍ଙ୍ଗ' ଧନୁଷ ଶିଙ୍ଗରେ ଓ ଇନ୍ଦ୍ରଙ୍କ 'ବିଜୟ' ଧନୁଷ ଧାତୁରେ ନିର୍ମିତ ହୋଇଥିଲା । ବାଣ ପ୍ରୟୋଗର କୌଶଳକୁ ଶ୍ରେଷ୍ଠ ଯୋଦ୍ଧାର ଲକ୍ଷଣ ବୋଲି କୁହାଯାଉଥିଲା । ଧନୁଷର ମୂଳ ନାମ ଥିଲା 'ଧନୁ' ବା 'କମାଣ' ।

'ଅସି'ର ଜନ୍ମ କାହାଣୀ ଅତ୍ୟନ୍ତ କୌତୂହଳପ୍ରଦ । ଦେବ-ଦାନବଙ୍କ ସଂଗ୍ରାମରେ ଦେବଗଣ ବାରମ୍ବାର ପରାଜୟ ସ୍ୱୀକାର କରିବା ଫଳରେ ସେମାନେ ବିଜୟପ୍ରାପ୍ତି ଆଶାରେ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ ଓ ଏକ ଯଜ୍ଞର ଆୟୋଜନ କଲେ । ଉକ୍ତ ଯଜ୍ଞାଗ୍ନି ମଧ୍ୟରୁ ହିଁ 'ଅସି'ର ଉତ୍ପତ୍ତି ହେଲା । 'ଅସି' ବ୍ୟବହାର କରି ଦେବତାମାନେ ଅସୁରମାନଙ୍କୁ ପରାଜିତ କଲେ । ଦକ୍ଷରାଜା ସର୍ବପ୍ରଥମେ 'ଅସି'ର ପ୍ରୟୋଗ କରିଥିଲେ; ଏବଂ ତାଙ୍କର କନ୍ୟା 'ଜୟା' ତାହାର ପ୍ରୟୋଗ-ନିର୍ମାଣାଦି ସମ୍ପର୍କରେ ଅନେକ ନିୟମ ପ୍ରସ୍ତୁତ କଲେ । ଜୟାଙ୍କର କନିଷ୍ଠା ଭଗ୍ନୀ 'ସୁପ୍ରିୟା' ଆବିଷ୍କାର କରିଥିଲେ 'ଅସିପୁତ୍ରିକା' (ଅସିକା ବା କଟାରୀ) ।

ମହେଞ୍ଜୋଦାରୋର ଖନନ କାଳରେ ପ୍ରତ୍ନତତ୍ତ୍ୱବିତ୍ 'ମେକାୟ'ଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ୨୦୦୦ ବର୍ଷ ପୂର୍ବରୁ ନିର୍ମିତ ତାମ୍ର ଅସି ଓ ଅସିକା ଆଦି ମିଳିଥିଲା । ଖଡ୍ଗର ଆବିଷ୍କାର ହୋଇଥିଲା ୫୦୦୦ ବର୍ଷ ପରେ । ଯୀଶୁଙ୍କ ଜନ୍ମର ୧୦୦୦ ବର୍ଷ ପୂର୍ବରୁ ଅନେକ ଆକାର ଓ ପ୍ରକାରର ତଲବାର ଓ କଟାର ଆବିଷ୍କୃତ ହୋଇଥିଲା । ଏଗୁଡ଼ିକ ମଧ୍ୟରେ ଶ୍ରୀଗର୍ଭ, ବିଜୟ, ବିଶାଳଣ, କ୍ଷୁରିକା, ଅସିଧେନୁକା, ଭୁଜାଲୀ ଇତ୍ୟାଦି ପ୍ରଧାନ । ତେଣୁ ପ୍ରାଚୀନ ଭାରତର ଯୁଦ୍ଧ ଯଜ୍ଞ ମୁଖ୍ୟତଃ ଶାରୀରିକ ଶକ୍ତି ଓ ପୌରୁଷ ସହିତ ସମନ୍ୱିତ ।

---

ଗ୍ରା/ପୋ : ହାଟପୁଟିଗୁଡ଼ା,
ମାଧ୍ୟମ : ମୁନିଗୁଡ଼ା,
ଜିଲ୍ଲା : କୋରାପୁଟ-୭୬୫ ୦୨୦ ।

ସାକ୍ଷରତା କାର୍ଯ୍ୟକ୍ରମକୁ ଏକ ସାମାଜିକ ଅଭିଯାନ ହିସାବରେ ଆମକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଏହାକୁ ପ୍ରତ୍ୟେକଙ୍କର ମନ ଏବଂ ହୃଦୟକୁ ସ୍ପର୍ଶ କରିଲା ଭଳି ଏକ ଜାତୀୟ ଅଭିଯାନରେ ପରିଣତ କରିବାକୁ ପଡ଼ିବ । ଆମକୁ ଏଥି ସହିତ ଶିକ୍ଷକ, ଛାତ୍ର, ଗୃହିଣୀ, ଭୂତପୂର୍ବ ସୈନିକ ଏବଂ ସମାଜର ସବୁ ସ୍ତରର ଲୋକ — ଏହିଭଳି ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ପୃକ୍ତ କରିବାକୁ ପଡ଼ିବ । ଏହି କାଠିକର କାର୍ଯ୍ୟରେ ନିଜ ନିଜର ଉଚିତ ଭୂମିକା ଗ୍ରହଣ କରିବା ନିମନ୍ତେ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାକୃତ ସଂସ୍ଥା, ସାର୍ବଜନୀନ ଏବଂ ଘରୋଇ କ୍ଷେତ୍ରର ନିଯୁକ୍ତିଦାତାଗଣ, ସମବାୟ ସଂସ୍ଥା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆହ୍ୱାନ କରାଯିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ

# ସ୍ୱାଧୀନତା ସଂଗ୍ରାମରେ ଉତ୍କଳୀୟ ଚିନ୍ତା ଓ ଚେତନା

*ଅଧ୍ୟାପକ ଶ୍ରୀ ଜିତେନ୍ଦ୍ର ପ୍ରସାଦ ପୃଷ୍ଟି*

ଉତ୍କଳର ସ୍ମୃତ ଐତିହ୍ୟର ପାଦଚିହ୍ନ ଏବେବି ଉତ୍କଳୀୟଙ୍କ ମନରେ ଏକ ଭାବପ୍ରବଣତା ସୃଷ୍ଟି କରେ । ଉଗ୍ର ବାରବାଟି ଦୁର୍ଗରେ ରଣ ଦୁନ୍ଦୁଭିର ଆର୍ତ୍ତନାଦ, ପୁରୀ ଗଜପତି ରାଜାଙ୍କର କାଞ୍ଚି ଅଭିଯାନର ବିଜୟ ଉଲ୍ଲାସ । ନୀରବ ଧଉଳି ପାହାଡ଼ ପାର୍ଶ୍ୱରେ କଳିଙ୍ଗ ସେନାମାନଙ୍କର ନରମେଧ ଯଜ୍ଞ । ଖୋର୍ଦ୍ଧାଗଡ଼ରେ ବିଦେଶୀ ଫଉଜଙ୍କର ତୋପ ବନ୍ଧୁକର ଆତସବାଜି ଖେଳ, ନୃତ୍ୟରତା ପଲ୍ଲୀବାଳାଙ୍କର ନୃତ୍ୟର ଛନ୍ଦ । ବିଭିନ୍ନ ମନ୍ଦିରଗାତ୍ରରେ ଅପୂର୍ବ କଳାକୌଶଳର ଉତ୍କର୍ଷ ଏବଂ ଉତ୍କଳର ପ୍ରାକୃତିକ ଶୋଭା ସମ୍ପଦର ପ୍ରାଚୁର୍ଯ୍ୟତା ଉତ୍କଳୀୟମାନଙ୍କୁ ଗୁହିମନ୍ତ କରିଛି । ସର୍ବୋପରି ଭାରତରେ ସ୍ୱାଧୀନତା ସଂଗ୍ରାମକୁ ବିପ୍ଳବମୟ କରିବାକୁ ଉତ୍କଳବାସୀ ଶତସିଂହର ପରାକ୍ରମରେ ଆଗେଇ ଆସିଥିଲେ । ଜାତିୟତାବୋଧରେ ନାରୀ ସମାଜ ସଚେତନ ହୋଇ ଉଠିଲା । କୋମଳମତି ଶିଶୁ କଣ୍ଠରେ ଦେଶ ମାତୃକାର ଜୟଗାନ ଫିରିଙ୍ଗୀ ଶାସକମାନଙ୍କୁ ଉପଦ୍ରୁତ କରି ଦେଇଥିଲା ଓଡ଼ିଶା ଦେଶର ଆବାଳ ବୃଦ୍ଧବନିତା ଦେଶ ପ୍ରେମରେ ପାଗଳ ହୋଇ ଉଠିଲେ ଯାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଓଡ଼ିଶା କାହିଁକି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି ।

ଓଡ଼ିଶାରେ ରାଜବଂଶୀୟ ଶାସନର ପଞ୍ଚାଶ ବର୍ଷ ପରେ ବ୍ରିଟିଶ ରାଜତ୍ୱ ପାରମ୍ଭ ହୋଇଥିଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀ ଅର୍ଦ୍ଧଭାଗ ଆଡ଼କୁ ପାରଳାଖେମୁଣ୍ଡିର ଜନ ସମୁଦାୟ ବ୍ରିଟିଶ ସରକାର ବିରୁଦ୍ଧରେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ । ବିଭିନ୍ନ ସଭା ସମିତି ମାଧ୍ୟମରେ ଗଣ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ଏକ ଦୃଢ଼ ପଦକ୍ଷେପ ନିଆଯାଇଥିଲା । ଫଳରେ ଉତ୍କଳର ଜନସାଧାରଣଙ୍କ ହୃଦୟରେ ଏକ ବୈପ୍ଳବିକ ଚିନ୍ତାଧାରା ସୃଷ୍ଟି ହେଲା । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାରେ କେତେକ ଦକ୍ଷ ବ୍ୟକ୍ତିତ୍ୱର ଅଭ୍ୟୁଦୟ ହୋଇଥିଲା । ଏହାର ସାଂସ୍କୃତିକ, ରାଜନୈତିକ ତଥା ଜାତୀୟ ଆନ୍ଦୋଳନକୁ ସକ୍ରିୟ କରିବା ପାଇଁ ସେମାନେ କଠୋର ସଂଗ୍ରାମ ଆରମ୍ଭ କରିଥିଲେ । ଏଥିରେ ନେତୃତ୍ୱ ନେଇଥିଲେ ପାରଳାଖେମୁଣ୍ଡି ରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ସେ ଲଣ୍ଡନରେ ହୋଇଥିବା ପ୍ରଥମ ଗୋଲଟେବୁଲ ବୈଠକରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ।

ଆଗ୍ନେୟଗିରିର ରୂପ ନେଇ ୧୮୫୭ ମସିହା ମଇ ଦଶ ତାରିଖରେ ଯେଉଁ ସିପାହୀ ବିଦ୍ରୋହ ପ୍ରଥମ ଅଗ୍ନି ଉଦ୍‌ଗୀରଣ କଲା ତାହାହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଇତିହାସ । ପଞ୍ଜାବ କେଶରୀ ରଣଜିତ୍ ସିଂ ଯଥାର୍ଥରେ ସୂଚନା ଦେଇଥିଲେ "ସମୁଦାୟ ଭାରତୀୟ ମାନଚିତ୍ର ବ୍ରିଟିଶ ଶାସନ ଅଧୀନରେ ଆଜି ଲାଲରଙ୍ଗରେ ରଞ୍ଜିତ ହେବ ।" ଭାରତର ସମସ୍ତ ଅଞ୍ଚଳରେ ବିପ୍ଳବୀଙ୍କର ଛାୟା ଖେଳିଗଲା । ଓଡ଼ିଶାର ଅଦ୍ୱିତୀୟ ସଂଗ୍ରାମୀ ସୁରେନ୍ଦ୍ର ସାଏ । ସେ ୧୮୫୭ ମସିହାରେ ଇଂରେଜମାନଙ୍କ ସହ ସଂଗ୍ରାମର ଦ୍ୱିତୀୟ ଅଧ୍ୟାୟ ଆରମ୍ଭ କଲେ । ସେ ଆଜୀବନ ବନ୍ଦୀ ହୋଇ ୧୭ ବର୍ଷ କାଳ କାରାଗାରରେ ଅତିବାହିତ କରିଥିଲେ । ଓଡ଼ିଶାର ସମ୍ବଲପୁରରେ ଜନ୍ମିତ ବୀର ସୁରେନ୍ଦ୍ର ସାଏ ଭାରତର ପ୍ରଥମ ଜାତୀୟ ସ୍ୱାଧୀନତାର ସର୍ବଶେଷ ଶହୀଦ ।

ଜଗୁ ଦେବାନ୍ ସିଂହଭୂମିରେ ବିଦ୍ରୋହର ଅଗ୍ରଣୀ ଥିଲେ । ସେ କୋହ୍ଲମାନଙ୍କୁ ପ୍ରଭାବିତ କରିଥିଲେ ଓ ପୋଡ଼ହାଟ ରାଜାଙ୍କୁ ବିଦ୍ରୋହରେ ଯୋଗଦେବାକୁ ପ୍ରବର୍ତ୍ତାଇଥିଲେ । ଶେଷରେ ସେ ବନ୍ଦୀ ହେଲେ । ତାଙ୍କର ସଂକ୍ଷିପ୍ତ ବିଚାର ପରେ ରାଜାଙ୍କ ଉଆସ ସାମ୍ନାରେ ଜଗୁ ଫାଶୀ ପାଇଲା । ୧୮୫୭ ଖ୍ରୀଷ୍ଟାବ୍ଦରେ ସ୍ୱାଧୀନତା ଆନ୍ଦୋଳନର ସେ ଥିଲେ ପ୍ରଥମ ଶହୀଦ ।

ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ ସୂତ୍ରପାତ ହେଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅନେକ ଭାରତୀୟ ଏଥିରେ ଭାଗନେଲେ । ବିଭିନ୍ନ କ୍ଷେତ୍ରରେ ଟିକସ ବୃଦ୍ଧି କରାଗଲା । ଆଉ ମଧ୍ୟ କେତେକ ନୂଆ କଟକଣା ଜାରି କରାଗଲା । ଏହାର ପ୍ରଭାବରେ ଓଡ଼ିଶାର ଆଦିବାସୀମାନଙ୍କୁ 'ଲଙ୍ଗଳପାନ୍ତି' 'ହାଟପାନ୍ତି' ଆଦି ନାନା ଟିକସ ଦେବାକୁ ପଡ଼ିଲା । ଦରିଦ୍ର ଆଦିବାସୀମାନଙ୍କୁ ଏହା ଅଧିକ ବାଧିଲା । ବ୍ରିଟିଶ ସରକାରଙ୍କ ଦମନଲୀଳା ସେମାନେ ଆଉ ସହିପାରିଲେ ନାହିଁ । ତେଣୁ ଲଢ଼େଇ କରିବାକୁ ଅଣ୍ଟାଭିଡ଼ି ବାହାରି ପଡ଼ିଲେ । ପାହାଡ଼, ଅରଣ୍ୟର କନ୍ଦରରେ ଠାଏ ଠାଏ ଆଦିବାସୀମାନେ ସିପାହୀ ବିଦ୍ରୋହପରି ସଶସ୍ତ୍ର ବିଦ୍ରୋହରେ ମାତି ଉଠିଲେ । ଏହି ସମୟରେ କୋରାପୁଟ ଜିଲ୍ଲାରେ ଗୁଣୁପୁର ଏବଂ ରାୟଗଡ଼ାର 'ଗୁମ୍ମା ପାଇକ ମେଳି' ସଙ୍ଗଠିତ ହୋଇଥିଲା । ସେହିପରି ପାରଳାଖେମୁଣ୍ଡିର ମୁଠାଦାରମାନେ ସରକାରଙ୍କ ବିରୁଦ୍ଧରେ ମେଳି କରିଥିଲେ । ଯେତେବେଳେ କୋରାପୁଟର ଆଦିବାସୀମାନେ ଅକଥନୀୟଭାବରେ ଜର୍ଜରିତ ସେତିକିବେଳେ ମାଲକାନଗିରିରେ ଅଗଣାଅଗଣି ବନସ୍ତ ଭିତରେ ଲକ୍ଷ୍ମଣ ନାଏକ ଟେଣ୍ଟୁଲିଗୁମ୍ମା ଗ୍ରାମରେ ଜନ୍ମଗ୍ରହଣ କଲେ । ବୟସ ବୃଦ୍ଧି ହେବା ସାଙ୍ଗେ ସାଙ୍ଗେ ସେ ଜାତି ପ୍ରେମରେ ନିଜ ଜୀବନକୁ ଉତ୍ସର୍ଗ କଲେ । ଇଂରେଜମାନଙ୍କ ନିର୍ଦ୍ଦୟ ଅତ୍ୟାଚାର ବିରୁଦ୍ଧରେ ସେ ପ୍ରତିହିଂସା ପରାୟଣ ହୋଇ ଉଠିଲେ ଏବଂ ସ୍ଥାନୀୟ ଆଦିବାସୀମାନଙ୍କୁ ସଙ୍ଗଠିତ କଲେ । ଫଳରେ ସେ ଅନେକଥର ଜେଲ୍ ଦଣ୍ଡ ଭୋଗିଥିଲେ । ତଥାପି ସେ ତାଙ୍କ ସାଧନାପଥରୁ ବିଚ୍ୟୁତ ହୋଇନଥିଲେ ।

୧୯୪୩ ମସିହା ମାର୍ଚ୍ଚମାସ ୨୯ ତାରିଖ ଭୋର ପାଞ୍ଚଟା । ଆକାଶରେ ସିନ୍ଦୂରା ଫାଟିଥାଏ । ବ୍ରହ୍ମପୁର ଜେଲ୍ ଫାଶି ଖୁଣ୍ଟରେ ଝୁଲାହେଲେ ଲକ୍ଷ୍ମଣ ନାଏକ । ସେ ଶହୀଦ ହେଲେ, ଅମର ହେଲେ । ଫାଶି ପାଇବାର ପୂର୍ବ ରାତିରେ ସେ କହିଥିଲେ "ସ୍ୱରାଜ୍ୟ ଆସିବ ପୁଣି ଜାଣେ । ମୋ ପରି କେତେ ଲୋକ ମୋ ଆଖି ଆଗରେ ମରିଛନ୍ତି । କେତେ ଲୋକ ଫାଶି ପାଇଛନ୍ତି । ଦୁଃଖ ଏତିକି ସେ ସ୍ୱରାଜ୍ୟ ଆସିବ ପୁଣି

ଛେଇପାରିବି ନାହିଁ।" ଫାଶି ଖୁଣ୍ଟ ଆଡ଼କୁ ଯାଉ ଯାଉ ପୋଲିସ୍ ପାଖରେ ସେ ଶେଷ କଥା କହିଥିଲେ "ଯେବେ ଆକାଶରେ ସୂର୍ଯ୍ୟ ଅଛି, ଚନ୍ଦ୍ର ଅଛି, ଦେଖିବ ଭାରତ ସ୍ୱରାଜ୍ୟ ନିଶ୍ଚୟ ଆସିବ।" ହସି ହସି ଫାଶି ଖୁଣ୍ଟରେ ଝୁଲିଲେ। ଦୁଃଖ ନାହିଁ। ଆଖିରେ ଲୁହ ନାହିଁ। ମନରେ ଭରି ରହିଥିଲା ଦେଶ ପ୍ରେମର ଉଦ୍‌ବେଳ ତରଙ୍ଗ।

ଖୋର୍ଦ୍ଧାର ପାଇକ ବିଦ୍ରୋହ, ଜାତୀୟ ବିପ୍ଳବର ଆଉ ଏକ ଦିଗନ୍ତ। ପାଇକ ବିଦ୍ରୋହର ପ୍ରଥମ ରଣ ଦୁନ୍ଦୁଭି ଶୁଭିଥିଲା ବରୁଣେଇ ପାହାଡ଼ ପାର୍ଶ୍ୱ ଦେଶରେ। ମୂକସାକ୍ଷୀ ବରୁଣେଇ ଦେଖିଛି ପାଇକମାନଙ୍କର ଜାତୀୟ ଚେତନା ଆଉ ଦେଶପ୍ରେମର ନିରବଚ୍ଛିନ୍ନ ସାଧନା। ସଂଗ୍ରାମର ଅନ୍ତିମ ପର୍ଯ୍ୟାୟରେ ପରାଜୟର ଆତ୍ମଗ୍ଲାନିରେ ସେମାନେ ପଛଘୁଞ୍ଚା ଦେଇ ନାହାନ୍ତି। ଅଧିକନ୍ତୁ, ସ୍ୱାଧୀନତା ପାଇଁ ଇଂରେଜମାନଙ୍କ ତୋପ ମୁହାଣର ନିକଟସ୍ଥ ହୋଇଛନ୍ତି। ଏହି ଲୋମହର୍ଷଣକାରୀ ପାଇକ ବିଦ୍ରୋହରନେତୃତ୍ୱସ୍ଥାନରେ ଥିଲେ ବକ୍‌ସି ଜଗବନ୍ଧୁ ବିଦ୍ୟାଧର, ତାପରେ ଗଡ଼ର ଦଳବେହେରା ଏବଂ ଜୟୀରାଜଗୁରୁ। କଠୋର ସଂଗ୍ରାମର କେଉଁ ଅପ୍ରାସଙ୍ଗିକ ମୁହୂର୍ତ୍ତରେ ସେମାନଙ୍କୁ ବନ୍ଦୀ କରି ପରେ ହତ୍ୟା କରାଗଲା। ତଥାପି ତାଙ୍କ କଣ୍ଠରୁ ଭାରତମାତାର ବିଜୟ ଗାଥା ନିଃସୃତ ହେଉଥିଲା।

ଆଉ ଏକ ପାଶ୍ୱର ଅପରାହ୍ନରେ ବିପ୍ଳବର ଅଗ୍ନିଶିଖା ତେଜସ୍ୱିୟ ହୋଇ ଉଠିଲା ଓଡ଼ିଶାର ସୁପ୍ରସିଦ୍ଧ ଐତିହାସିକ ପୀଠ ବାଙ୍କିରେ। ଏହାର ନେତୃତ୍ୱ ନେଇଥିଲେ ବାଙ୍କିରାଣୀ ଶୁକଦେଈ। ନାରୀସୁଲଭର ପୁଷ୍ପିତ ଜୀବନରେ ମଧୁସ୍ୱପ୍ନକୁ ତ୍ୟାଗକରି କଣ୍ଟକିତ ପଥରେ ସେ ନିଜର ଜୀବନଯାତ୍ରାକୁ ବିପଦସଙ୍କୁଳ କରିଥିଲେ। ଜୀବନର ଶେଷ ପର୍ଯ୍ୟାୟରେ ସେ ଯୁଦ୍ଧରେ ହାରିଯାଇଥିଲେ ସତ୍ୟ, କିନ୍ତୁ ଶତ୍ରୁ ପକ୍ଷକୁ କିଛିକ୍ଷଣ ପାଇଁ ନିଷ୍ପ୍ରଭ କରିଦେଇଥିଲେ। ଏହା ଥିଲା ଉତ୍କଳୀୟ ନାରୀ ଚେତନାର ଏକ ଜ୍ୱଳନ୍ତ ନିଦର୍ଶନ।

୧୯୦୬ ମସିହାରେ କୁଳବୃଦ୍ଧ ମଧୁସୂଦନଙ୍କ ଉଦ୍ୟମକ୍ରମେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାଲାଭ କଲା। ଯାହାକି ଉତ୍କଳର ବିଭିନ୍ନ ଭାଷାଭାଷୀ ଅଞ୍ଚଳକୁ ସଙ୍ଗଠିତ ତଥା ଉତ୍କଳୀୟମାନଙ୍କ ମନରେ ଐକ୍ୟ ମନୋଭାବ ସୃଷ୍ଟି କଲା ଏବଂ ଦେଶ ପ୍ରେମର ଉତ୍ତାଳ ତରଙ୍ଗରେ ଉତ୍କଳବାସୀ ଉଦ୍‌ବେଳିତ ହେଲେ। ଫଳରେ ସ୍ୱାଧୀନତା ସଂଗ୍ରାମର ବନ୍ୟା ସମଗ୍ର ଦେଶରେ ପ୍ଳାବିତ ହେବାକୁ ଲାଗିଲା।

କଟକ ସହରର କେଉଁ ଏକ ବଙ୍ଗୀୟ ପରିବାରରେ ଜନ୍ମ ନେଇଥିଲେ ଆଉ ଏକ ଉତ୍କଳ ସନ୍ତାନ ସୁଭାଷଚନ୍ଦ୍ର ବୋଷ ଜୀବନର ସମସ୍ତ ମୋହ, ଅଦମ୍ୟ କାନ୍ତ କାମନା, ଅନେକ ବ୍ୟାକୁଳ ବାସନା ତାଙ୍କ ଭିତରୁ କ୍ରମେ ଦୂରୀଭୂତ ହେଲା। ନିଜର ବିଚକ୍ଷଣ ବୁଦ୍ଧି, ଦକ୍ଷ ରାଜନୈତିକ କୌଶଳ ଏବଂ ବଳିଷ୍ଠ ନେତୃତ୍ୱ ବଳରେ ସେ ଆନ୍ତର୍ଜାତୀୟ ସ୍ତରରେ ସ୍ୱାଧୀନତାର ବହ୍ନି ପ୍ରଜ୍ୱଳିତ କରିଥିଲେ। ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଗଠନ କରି ଆଗେଇ ଆସିଲେ ଅସ୍ତ୍ରର ଜବାବ୍ ଅସ୍ତ୍ରରେ ଦେବାକୁ। ସେହି ଉତ୍କଳର ବୀର ପୁରୁଷ ଆଜି ଆମ ଜାତିସ୍ମର ହୋଇ ରହିଛନ୍ତି।

ସ୍ୱାଧୀନତା ବିପ୍ଳବର ଆହ୍ୱାନରେ ଉତ୍କଳର କୋମଳମତି ଶିଶୁପ୍ରାଣ ବି ଜାଗି ଉଠିଥିଲା। ସେ ବି ମା'ର ପଣତ ଆଢୁଆଳରେ ଶୋଇରହି ଦେଶ ମାତୃକାର ସ୍ୱପ୍ନ ଦେଖୁଥିଲା। ତାର ଜ୍ୱଳନ୍ତ ଉଦାହରଣ ହେଉଛି ଢେଙ୍କାନାଳ ଜିଲ୍ଲା ଭୁବନ ଗ୍ରାମର ବାରବର୍ଷର ଶିଶୁ ବାଜି ରାଉତ। ନିଷ୍ଠୁର ବିଦେଶୀ ଫଉଜଙ୍କ ବନ୍ଧୁକ ଗୁଳି ଶ୍ରେଟରେ ବାଜି ରାଉତର ବକ୍ଷ ଦେଇ ନିଗିଡ଼ି ପଡ଼ିଥିଲା ବିନ୍ଦୁ ବିନ୍ଦୁ ତାଜା ରକ୍ତ। ଶେଷରେ ଟଳି ପଡ଼ିଥିଲା ତାର କଅଁଳ ଶରୀର ସେହି ଅପ୍ରଶସ୍ତ ନଦୀ ତଟରେ ତଥାପି ସେ ଫିରିଙ୍ଗୀମାନଙ୍କ ଆଦେଶକୁ ସମ୍ମାନ ଦେଇ ନଥିଲା।

୧୯୦୯ରେ ଓଡ଼ିଶାରେ ସତ୍ୟବାଦୀ ଯୁଗର ସୃଷ୍ଟି ହେଲା ଏବଂ ସତ୍ୟବାଦୀର ବକୁଳ କୁଞ୍ଜବନ କୁଞ୍ଜରେ ପ୍ରତିଷ୍ଠିତ ହେଲା ଆଦର୍ଶ ବନ ବିଦ୍ୟାଳୟ। ଯାହାର ପ୍ରତିଷ୍ଠାତା ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ। ପଞ୍ଚସଖାଙ୍କର ପାଞ୍ଚଜନ୍ୟ ଧ୍ୱନିରେ ମୁଖରିତ ହୋଇଥିଲା ଉତ୍କଳ ଭୂମି। ଓଡ଼ିଶାର ଶିକ୍ଷା, ସମାଜ, ସଂସ୍କୃତି ଐତିହ୍ୟ ଓ ରାଜନୀତିକୁ ବୈଶିଷ୍ଟ୍ୟ ପ୍ରଦାନ କରିବା ପାଇଁ ନିରବଚ୍ଛିନ୍ନ ସାଧନା ଏ ଜାତିର ଇତିହାସରେ ଅବିସ୍ମରଣୀୟ ହୋଇ ରହିଗଲା। ୧୯୩୦ ମସିହାରେ ବ୍ରିଟିଶ୍ ସରକାରଙ୍କ ସ୍ୱେଚ୍ଛାଚାରିତା କାର୍ଯ୍ୟକଳାପ ବିରୁଦ୍ଧରେ ଲବଣ ସତ୍ୟାଗ୍ରହ ଆରମ୍ଭ ହେଲା। ଓଡ଼ିଶାରେ ବି ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ିଠାରେ ଏବଂ ସେହି ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ, ଋଷି ପ୍ରତିମ ଆଚାର୍ଯ୍ୟ ହରିହର ଦାଶ। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦେଶ ପ୍ରେମରେଯୋଗଦାନକରିଲେ। ସ୍ୱାଧୀନତାର ମୋହନ ବଂଶୀ ତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ତାଙ୍କ ରଚିତ 'ଗିରି ଶିଖେ ଲଗ୍ନ ଉଲ୍କା ସ୍ୱଳିବି ମୁକର' କବିତା ପଢ଼ିଲେ ଜଣାପଡ଼େ ଯେ ସେ ସ୍ୱାଧୀନତା ପାଇବାକୁ ମର୍ତ୍ତ୍ୟଭୂମିରେ ସ୍ୱର୍ଗର ହିରଣ୍ମୟ ସ୍ୱପ୍ନ ଦେଖୁଥିଲେ।

୧୯୧୯ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପରେ ମହାତ୍ମା ଗାନ୍ଧୀଙ୍କର ଆହ୍ୱାନକ୍ରମେ ସ୍ୱାଧୀନତା ବିପ୍ଳବ ତୀବ୍ରତର ହୋଇଉଠିଲା। ଉତ୍କଳର ଅସଂଖ୍ୟ ଯୁବପ୍ରାଣ ଅକାଳରେ ଝରିପଡ଼ିଲେ। ଏଇ ପରିପ୍ରେକ୍ଷୀରେ ନାରୀ ନେତ୍ରୀ ପୂଜ୍ୟା ରମାଦେବୀଙ୍କ କଥା ମନେପଡ଼େ। ଗାନ୍ଧିଜୀଙ୍କ ଦର୍ଶନ ତଥା ଆଦର୍ଶରେ ଅନୁପ୍ରାଣିତ ହୋଇ ଉଠିଥିଲେ ଏହି ଗରିୟସୀ ମହିଳା। ହାତରେ ସୂତା କାଟିବା, ଲୁଗା ବୁଣିବା, ବିଦେଶୀ ଜିନିଷ ବର୍ଜନ କରିବାକୁ ସେ ଜନସାଧାରଣଙ୍କୁ ପ୍ରବର୍ତ୍ତାଇଥିଲେ। ଉତ୍କଳୀୟ କବିଙ୍କ ଲେଖାରେ, କବିତାରେ, ଗଳ୍ପରେ କାବ୍ୟରେ ଫୁଟି ଉଠିଥିଲା ସ୍ୱାଧୀନତା ସଂଗ୍ରାମର ଦୀପ୍ତିମନ୍ତ ଚିତ୍ର। ସେଥି ମଧ୍ୟରୁ ଗୋଦାବରୀଶଙ୍କ 'ଉଠ କଙ୍କାଳ' କବିତାରେ ଭରି ରହିଥିଲା ଜାତି ପ୍ରେମର ପ୍ରେରଣା। କବି ସଚି ରାଉତରାୟ, ରାଧାନାଥ ରଥ, କୁନ୍ତଳା କୁମାରୀ ସାବତ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ସାହିତ୍ୟ କୃତିରେ ମଧ ଦେଶ ପ୍ରେମର ଅପୂର୍ବ ପ୍ରେରଣା ପ୍ରତିଫଳିତ ହୋଇଥିଲା।

ବୀର ପ୍ରସବିନୀ ଓଡ଼ିଆ ମାଟି ଆଜି ସେହି ପବିତ୍ର ଆତ୍ମାକୁ ନେଇ ମହିୟସୀ ହୋଇଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ତୂର୍ଯ୍ୟନାଦ ଉତ୍କଳ ମାଟିର ବୀର, ବୀରାଙ୍ଗନା, ଆଦିବାସୀ, ଶିଶୁ କବି, ଲେଖକ, ଭାବୁକ ସମସ୍ତଙ୍କ ପ୍ରାଣରେ ଜୀବନ୍ତ ହୋଇଉଠିଥିଲା। କେତେ ସୀମନ୍ତିନୀଙ୍କ ସିମନ୍ତ ସିନ୍ଦୁର ଲିଭିଛି। କେତେ ନବବଧୂଙ୍କ ହାତର ଶଙ୍ଖା ଅକାଳରେ ଖସି ପଡ଼ିଛି। ସ୍ୱାମୀ ଏବଂ ପୁତ୍ରକୁ ହରାଇ କେତେ ନାରୀ ନିଃସହାୟା ହୋଇଛନ୍ତି ତଥାପି ସ୍ୱାଧୀନତା ପାଇଁ କଣ୍ଠରେ ଅନେକ ତୃଷ୍ଣା। ଅଗଷ୍ଟ ବିପ୍ଳବର ସମାପ୍ତି ହେଲା। ଅଗଷ୍ଟ ପନ୍ଦର ତାରିଖ ପ୍ରତ୍ୟୁଷରୁ ଭାରତର ମୁକ୍ତ ଶରତ ଆକାଶରେ ଉଦୟ ହେଲା ସ୍ୱାଧୀନତାର ନବୀନ ସୂର୍ଯ୍ୟ। ଗଗନ, ପବନ ମୁଖରିତ କରି ତିରଙ୍ଗା ପତାକା ଫରଫର ହୋଇ ସଗର୍ବରେ ଉଡ଼ିଲା। ସମଗ୍ର ଭାରତବର୍ଷରେ ଏକ ଅଭିନବ ଆଲୋଡ଼ନ ସୃଷ୍ଟି ହେଲା। କିନ୍ତୁ ସେହି ସ୍ମୃତିର ସ୍ୱାକ୍ଷର ବହନ କରି ଶହୀଦବୀରମାନେ ଭାରତ ଇତିହାସ ପୃଷ୍ଠାରେ ଚିର ସ୍ମରଣୀୟ ହୋଇ ରହିଗଲେ।

ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ,
ୟୁନିଟ୍-୩, ଭୁବନେଶ୍ୱର।

ଦେଶଟା ସାରା ଗୋଟିଏ ରାହା
ସବୁଜ ବୃକ୍ଷ ସବୁରି ସାହା ।

ଓଡ଼ିଶା ଟେକ୍ସଟାଇଲ୍ ମିଲ୍‌ସ ଲି଼

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)

ଚୌଦ୍ୱାର, କଟକ ।

ଧୂସର ଜୀବନ
ସବୁଜ କରିବା ପାଇଁ ।











ପ୍ରଗତିର
ଅବିରଳ ଛନ୍ଦ









ରବିବାର ଦିନ ଗାଡ଼ି ବ୍ୟବହାର ନିଷେଧ ଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଜୁଲାଇ ୮, ରବିବାର ଦିନ ରିକ୍ସାରେ ସଚିବାଳୟକୁ ଯାଉଛନ୍ତି ।



ସଂସଦୀୟ ବ୍ୟାପାର ଓ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସତ୍ୟପାଲ ମଲିକ ସଚିବାଳୟରେ ଓଡ଼ିଶାରେ ପର୍ଯ୍ୟଟନର ଉନ୍ନତି ପାଇଁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶ୍ରୀକାନ୍ତ ଜେନା ତଥା ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି ।



ମୟୂରଭଞ୍ଜର ଚୈତ୍ର ପର୍ବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଛଉ ନୃତ୍ୟ ଉଦଯାପନ କରୁଛନ୍ତି ।



ୟୁରୋପୀୟ ଅର୍ଥନୈତିକ କମିଟି ପକ୍ଷରୁ ପ୍ରଥମ ଉନ୍ନୟନ ସଚିବ ତଥା ବିଶେଷଜ୍ଞମାନେ
ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ରଙ୍କ ସହିତ ସଚିବାଳୟ ପ୍ରକୋଷ୍ଠରେ ଆଲୋଚନା କରୁଛନ୍ତି ।



କୃଷି ବିଶ୍ୱବିଦ୍ୟାଳୟରେ ତାଲିମ ପାଇଁ କୃଷକ ସମାବେଶ ।



କ୍ଷୁଦ୍ର ଏବଂ କୃଷି ଭିତ୍ତିକ ଶିଳ୍ପର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶ୍ରୀକାନ୍ତ ଜେନା ଭୁବନେଶ୍ୱର ସାମ୍ବାଦିକ ସମ୍ମିଳନୀରେ (ଜୁଲାଇ ୬)।



ରାଜଭବନରେ 'ଓଡ଼ିଶା ଯକ୍ଷ୍ମା ପରିଷଦ'ର ସାଧାରଣ ଅଧିବେଶନ (୧୦/୭/୯୦)।

ରାଜ୍ୟପାଳ ଶ୍ରୀ ଶର୍ମା ଓଡ଼ିଶା ବିଧାନସଭାର ୧୦ମ ବଜେଟ୍ ଅଧିବେଶନ ଉଦ୍ଯାପନ ପୂର୍ବରୁ ସାନ୍ଧ୍ୟ ମିଳନରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ କରମର୍ଦ୍ଦନ କରୁଛନ୍ତି। ପାର୍ଶ୍ୱରେ କେନ୍ଦ୍ର ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସତ୍ୟପାଳ ମଲ୍ଲିକ।





ଖୋର୍ଦ୍ଧାରେ ଅନୁଷ୍ଠିତ ପାଇକ ଆଖଡ଼ା ପ୍ରତିଯୋଗିତାରେ ପାଇକ ବେଶରେ ଭୂଷିତ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା।



ବାରବାଟି ଶ୍ରୀ [illegible] ଦାସ [illegible] ପ୍ରତିମୂର୍ତ୍ତିରେ [illegible] କରୁଛନ୍ତି।

କେନ୍ଦ୍ର [illegible] ଶ୍ରୀ [illegible]
ଶ୍ରୀ ବିଜୁ ପଟ୍ଟନାୟକଙ୍କ [illegible]
ଉପରେ ଆଧାରିତ [illegible]
[illegible]
ଶ୍ରୀ [illegible]





ନବମ ବିତ୍ତ ଆୟୋଗର ସଭାପତି ଶ୍ରୀ ପି. କେ.
ସାଲ୍ଭେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ
ସହିତ ଆଲୋଚନାରତ ଅବସ୍ଥାରେ ।



ବାଚସ୍ପତି ଶ୍ରୀ ଯୁଧିଷ୍ଠିର ଦାସ ଓଡ଼ିଶା ବିଧାନସଭା
ସମ୍ମୁଖ ପ୍ରାଙ୍ଗଣରେ, ବନମହୋତ୍ସବ ଉପଲକ୍ଷେ
ବୃକ୍ଷରୋପଣ କରୁଛନ୍ତି ।

ମୁଖ୍ୟ ଶାସନ ସଚିବ ଶ୍ରୀ ଭୋଳାନାଥ ମିଶ୍ର
'ଟେକ୍ନୋଭେଦ' ସମ୍ପର୍କରେ ଆୟୋଜିତ ରାଜ୍ୟସ୍ତରୀୟ
କର୍ମଶାଳାରେ ଉଦ୍‌ବୋଧନ ଦେଉଛନ୍ତି ।








ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପୁନ ଗତରେ ଭୁବନେଶ୍ୱରରେ ହୋଇଥିବା ଗ୍ରାମ ଶାସନ ଆଲୋଚନା ଚକ୍ରର ଉଦ୍‌ଘାଟନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ୧୯୯୦ର ...
ଦିବସ ...

୨୨ତମ ପରିଚିନ୍ତ ...
ଆଲୋଚନାରେ ଶ୍ରୀ ...
ଶ୍ରୀ ପ୍ରଫୁଲ୍ଲ ...
ଦେଉଛନ୍ତି ।



# ଶ୍ରୀ ଅରବିନ୍ଦଙ୍କ ପଦାଙ୍କ ଅନୁସରଣ କରି

ଜି. ରବୀନ୍ଦ୍ର ନାୟାର
ଅନୁବାଦ : ସଙ୍ଘମିତ୍ରା ଦାଶ

ବ୍ୟକ୍ତି ବିଶେଷଙ୍କର ନୁହେଁ, ସମଗ୍ର ମାନବ ଜାତିକୁ ଗୋଟିଏ ଅନ୍ତେଷରେ ଏହା ନିଜର କରିନିଏ । ସମୟର ଛାଇ ତଳେ ସତୀର ପ୍ରତିଧ୍ୱନି ଯଦି ଶୁଣିବାକୁ ଇଚ୍ଛା, ହେ ପାନ୍ଥ, ଏଇଠି ଟିକେ ବିଶ୍ରାମ କର । ପ୍ରତ୍ୟେକଙ୍କ ଅନ୍ତରର ସ୍ୱର ଏଇଠି ଶୁଣିହେବ । ଏଇ ସେଇ ଅରୋଭିଲ୍ । ବଞ୍ଚି ରହିବାର ନୂତନ ନିର୍ଦ୍ଦେଶନାମା ପରୀକ୍ଷା କରିବା ନିମନ୍ତେ ୧୯୬୮ରେ ପ୍ରତିଷ୍ଠିତ । ଶ୍ରୀ ଅରବିନ୍ଦଙ୍କ ଓ ତାଙ୍କର ଆଧ୍ୟାତ୍ମିକ ସହଯୋଗୀ ସାଧିକା ଶ୍ରୀମାଙ୍କ ଦାର୍ଶନିକ ଉପଦେଶରୁ ଉଦ୍‌ଭୂତ ।

ଶ୍ରୀ ରାମକୃଷ୍ଣ, ମହାତ୍ମା ଗାନ୍ଧୀ ଓ ବିବେକାନନ୍ଦଙ୍କ ଦ୍ୱାରା ପ୍ରଭାବିତ ମହାନ୍ ଫରାସୀ ସାହିତ୍ୟିକ ରୋମା ରୋଲାଁ ଏସିଆ ଓ ୟୁରୋପର ସମସ୍ତ ପ୍ରତିଭାର ସମ୍ପୂର୍ଣ୍ଣ ସମନ୍ୱୟ ଶ୍ରୀ ଅରବିନ୍ଦଙ୍କ (୧୮୭୨–୧୯୫୦)ଠାରେ ଦେଖିଥିଲେ ।

ଅରୋଭିଲ୍‌ର ପ୍ରାଣକେନ୍ଦ୍ର ଥିଲେ ୯୫ ବର୍ଷ ବୟସରେ ମୃତ୍ୟୁବରଣ କରିଥିବା ଶ୍ରୀମା । ସେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଥିଲେ । ୧୯୧୪ ମସିହାରେ ଫରାସୀ ଶାସନାଧୀନ ଥିବା ପଣ୍ଡିଚେରୀରେ ସେ ଶ୍ରୀ ଅରବିନ୍ଦଙ୍କୁ ଭେଟିଥିଲେ । ସେ ବିଶ୍ୱାସ କରୁଥିଲେ ଯେ, "ମଣିଷର ସମସ୍ତ ସଂଗ୍ରାମଶୀଳ ପ୍ରବୃତ୍ତି ତା'ର ଦୁଃଖ ଦୁର୍ଦ୍ଦଶାର କାରଣ ପରାଭୂତ କରିବା ନିମନ୍ତେ ସମ୍ପୂର୍ଣ୍ଣ ରୂପେ ବ୍ୟୟିତ ହେବା ଉଚିତ । ଦୁର୍ବଳତା ଓ ଅକ୍ଷମତା ଅତିକ୍ରମ କରିବା ନିମନ୍ତେ ତା'ର ସୀମାବଦ୍ଧତା ଓ ଅକ୍ଷମତା ଅତିକ୍ରମ କରିବା ନିମନ୍ତେ ଏକାନ୍ତଭାବେ ପ୍ରୟୋଗ କରାଯିବା ଉଚିତ । ଶାନ୍ତି, ମୈତ୍ରୀ, ସଂହତିର ଏକ ତୀର୍ଥ ସେଥିପାଇଁ ଆବଶ୍ୟକ ହୁଏ ବୋଲି ସେ ବିଶ୍ୱାସ କରୁଥିଲେ ।" ଫଳରେ, ରୂପ ନେଇଥିଲା ଅରୋଭିଲ୍ ।

## ଶାନ୍ତି ଓ ସଂହତିର ମହାନ ପୀଠ

୧୯୬୪ ମସିହାରେ ପଣ୍ଡିଚେରୀରେ ହୋଇଥିବା ଶ୍ରୀ ଅରବିନ୍ଦ ସୋସାଇଟିର ବିଶ୍ୱ ସମ୍ମେଳନରେ 'ଅରୋଭିଲ୍' ପ୍ରତିଷ୍ଠା କରିବାର ନିଷ୍ପତ୍ତି ନିଆଯାଇଥିଲା । ଏହା ବଙ୍ଗୋପସାଗରଠାରୁ ଛଅ କି: ମି: ଦୂରରେ ଅବସ୍ଥିତ ଏବଂ ଚାରୋଟି ଇଲାକାରେ ବିଭାଜିତ, ଆବାସିକ, ସାଂସ୍କୃତିକ, ଶିଳ୍ପାଞ୍ଚଳ ଓ ଆନ୍ତର୍ଜାତିକ । ଚାରୋଟି ଇଲାକା ଯେଉଁ କେନ୍ଦ୍ରସ୍ଥଳରେ ମିଳିତ ହୁଏ ତା'ରି ଉପରେ ମାତୃ ମନ୍ଦିର ଅବସ୍ଥିତ । ଅରୋଭିଲ୍‌ର ମଧ୍ୟସ୍ଥଳରେ ଏକ ବିଶାଳ ସ୍ୱର୍ଣ୍ଣାଭ ମଣ୍ଡଳ ରହିଛି । ଏହା ହିଁ ଧ୍ୟାନର କେନ୍ଦ୍ର । ବସତିର ସୁଯୋଗସମେ ଏପରି ଧ୍ୟାନ କେନ୍ଦ୍ର ପ୍ରତିଷ୍ଠିତ ହୋଇନାହିଁ ବରଂ ପ୍ରତ୍ୟେକ ବ୍ୟକ୍ତିର ଐକ୍ୟ ପ୍ରତିଷ୍ଠାର ଅନ୍ତର୍ଗତ ଅବାଞ୍ଛାରେ ।

ବର୍ଷ ବର୍ଷ ଧରି ପୃଥିବୀର ବହୁ ସ୍ଥାନରୁ ଯୁବକ ଯୁବତୀମାନେ ଅରୋଭିଲ୍‌ରେ ଆତ୍ମିକ ଐକ୍ୟ ପ୍ରତିଷ୍ଠା କରିପାରିଛନ୍ତି । ଏହି ସଂଖ୍ୟା ବୃଦ୍ଧି ହେଲେ ମଧ୍ୟ କର୍ମ ଏବଂ ଦକ୍ଷତା ଅନୁଯାୟୀ ଷୋହଳଟି ରାଷ୍ଟ୍ରର ଲୋକେ ଏଠାରେ ଗୋଷ୍ଠୀଗତ ଜୀବନ ଯାପନ କରୁଛନ୍ତି । ଗୋଟିଏ ସମ୍ପ୍ରଦାୟର ନାମ "ଅଭିଳାଷ" (Aspiration), ଏଥିରେ ଦୁଇ ହଜାରରୁ ଅଧିକ ବ୍ୟକ୍ତି ବାସ କରନ୍ତି । ଅରୋଭିଲ୍ ପାଇଁ ଏହା ଏକ ମଡେଲ୍ । ଲୋକମାନେ ଏଠାରେ ନିରାଡ଼ମ୍ବର, ସୁନ୍ଦରଭାବେ ନିର୍ମିତ ଷଟ୍‌କୋଣୀ କୁଟିରରେ ରହନ୍ତି ।

## ସଙ୍କଟ ଜର୍ଜରିତ ବିଶ୍ୱ

ଜଣେ ଯଦି ଶ୍ରୀ ଅରବିନ୍ଦଙ୍କ ମହାନ ଉପଦେଶାବଳୀ ସହିତ ପରିଚିତ ନୁହେଁ, ତା'ର ଅରୋଭିଲ୍ ଯାତ୍ରା ଅସମ୍ପୂର୍ଣ୍ଣ ରହିଯାଏ । ଶ୍ରୀ ଅରବିନ୍ଦ ଆମ ଯୁଗକୁ ବିବେଚନାର ଯୁଗ ବୋଲି ଅଭିହିତ କରିଛନ୍ତି । ଯେଉଁ ବିଶ୍ୱର ମାନବ ଜାତିକୁ ମୁକ୍ତ କରିପାରେ ତାହାର ସୀମିତ ପରିସର ସେ ଲକ୍ଷ୍ୟ କରିଛନ୍ତି । ତାଙ୍କ ଦୃଷ୍ଟିରେ ବିବେଚନା ଜୀବନକୁ ଯନ୍ତ୍ରବତ୍ ପରିଗ୍ରହିତ କରିବାକୁ ଚେଷ୍ଟା କରେ । ମଣିଷକୁ ଛାଞ୍ଚରେ ଖର୍ବାକାର କରେ । ବିବେଚନାର ଊର୍ଦ୍ଧ୍ୱରେ ସଙ୍କଟ ପ୍ରପୀଡ଼ିତ ଆଧୁନିକ ପାର୍ଥିବ ଜଗତର ଏକମାତ୍ର ସମାଧାନ ମୌଳିକ ଆଧ୍ୟାତ୍ମିକ ରୂପାନ୍ତରଣ ବୋଲି ସେ ମତ ଦେଇଥିଲେ । ଏହା ସମସ୍ତ ଧର୍ମ ଓ ସମସ୍ତ ରାଜନୀତିକୁ ଅତିକ୍ରମ କରିଥାଏ । ସଂକୀର୍ଣ୍ଣ ଅହଂବାଦର ଦାବୀ ଆଗରେ ମୁଣ୍ଡ ନୁଆଏଁ ନାହିଁ । "The Divine Life" and "The Human Cycle" ଉଭୟ ଗ୍ରନ୍ଥରେ ଅରବିନ୍ଦ ସମାଜର ଆଧିବ୍ୟାଧି ଦୂର କରିବା ପାଇଁ ଆଧ୍ୟାତ୍ମିକତା ଉପରେ ଗୁରୁତ୍ୱ ଦେଇଛନ୍ତି । ସେ ଦୃଢ଼ ନିଶ୍ଚିତ ଥିଲେ ଯେ ମଣିଷର ବିଶ୍ୱର ବୁଦ୍ଧିରୁ ଉଦ୍ଭାବିତ କୌଣସି ଯନ୍ତ୍ର ବ୍ୟକ୍ତି ବା ସାମଗ୍ରିକ ମଣିଷକୁ ତ୍ରୁଟିଶୂନ୍ୟ କରିପାରିବ ନାହିଁ । ମାନବ ପ୍ରକୃତିର ଅନ୍ତର୍ଗତ ପରିବର୍ତ୍ତନ ଆବଶ୍ୟକ । ମାତ୍ର କେତେଜଣଙ୍କ ବ୍ୟତିରେକ ଏହି ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେବା ସମସ୍ତଙ୍କ ପକ୍ଷେ ସହଜସାଧ୍ୟ ନୁହେଁ । ପ୍ରତ୍ୟେକ ସଭ୍ୟତାରେ ମହତ୍ ଉଦ୍ଦେଶ୍ୟରେ ଅଭିଧାବିତ ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ସର୍ବଦା ଅତ୍ୟନ୍ତ ସୀମିତ । ବିଶ୍ୱର ଅନ୍ୟମାନେ ସେମାନଙ୍କ ପଦାଙ୍କ ଅନୁସରଣ କରିବା ବେଶ୍ ସମୟ ସାପେକ୍ଷ । ଏହାର ଅର୍ଥ ନୁହେଁ ଯେ ଆଧ୍ୟାତ୍ମିକ ଅନ୍ୱେଷଣର ଯାତ୍ରୀ ପଥରୁ ଆପେ କ୍ଷାନ୍ତ ହେବା ।

## ଅଭ୍ୟୁଦୟ ଅପରିହାର୍ଯ୍ୟ

ବିଦେଶୀ ଶାସନରେ ବର୍ଷ ବର୍ଷ ଧରି ଅଜ୍ଞତା ଓ ଦୁଃଖ କଷ୍ଟର ଅନ୍ଧକାର ମଧ୍ୟରେ ରାହା ଖୋଜୁଥିବା ଅସଂଖ୍ୟ ଭାରତୀୟଙ୍କୁ ସେ ଅଙ୍ଗୀକାର ପ୍ରଦାନ କରୁଥିଲେ ଯେ ଦିଗ୍‌ବଳୟ ଶୀଘ୍ର ଆଲୋକ ବନ୍ୟାରେ ପ୍ଲାବିତ ହେବ । ସେ କହିଥିଲେ, "ଆସନ୍ତା କାଲିର ସୂର୍ଯ୍ୟୋଦୟ ପରି ଭାରତର ଅଭ୍ୟୁଦୟ ଅପରିହାର୍ଯ୍ୟ । ବିଚିତ୍ର ମନୋଭାବ, ଅନନ୍ୟ ଐତିହ୍ୟ ଏବଂ ଜୀବନ ଚିନ୍ତା ଶକ୍ତିଶାଳୀ ଧୀମତ୍ତା ଏବଂ ବିପୁଳ ଶକ୍ତିର ସ୍ଫୁରଣ ରହିଥିବା ତିନିଶହ ନିୟୁତ ଅଧିବାସୀଙ୍କ ମହାନ ଜାତିର ଅଭ୍ୟୁତ୍ଥାନ ଆଧୁନିକ

ଜଗତର ସବୁଠାରୁ ଦୁର୍ଦ୍ଦାନ୍ତ ରହସ୍ୟର ଅନ୍ୟତମ ଦୃଷ୍ଟାନ୍ତ ବ୍ୟତୀତ ଆଉ କ'ଣ ହୋଇପାରେ ?"

ଶ୍ରୀ ଅରବିନ୍ଦଙ୍କ ପାଇଁ ରାଜନୈତିକ ସ୍ୱାଧୀନତା, କେବଳ ସ୍ୱାଧୀନତା ହାସଲ ଲକ୍ଷ୍ୟରେ ପରିସମାପ୍ତ ହୋଇ ନଥିଲା । ସେ ବୁଝିଥିଲେ ଭାରତ ହେଉଛି ବିଶ୍ୱର ଆଧ୍ୟାତ୍ମିକ ଗୁରୁ । ସେ କହିଥିଲେ ଭାରତ ଯଦି ଆଧ୍ୟାତ୍ମିକ ଐତିହ୍ୟକୁ ଏଇ ମୁହୂର୍ତ୍ତରେ ବିସର୍ଜନ କରେ ଏହା ହେବ ଭାଗ୍ୟର ବିୟୋଗାନ୍ତକ ଉପହାସ । ବିଶେଷତଃ ଏଇ ମୁହୂର୍ତ୍ତରେ ଅବଶିଷ୍ଟ ପୃଥିବୀରେ ଆଧ୍ୟାତ୍ମିକ ସହାୟତା ଏବଂ ପ୍ରାଣକାରୀ ଆଲୋକଆଡ଼କୁ ଅଧିକରୁ ଅଧିକ ଉନ୍ମୁଖତା ଥିବାବେଳେ ଏହା ଅନାବଶ୍ୟକ ।

ଶ୍ରୀ ଅରବିନ୍ଦଙ୍କ ପଦାଙ୍କ ଅନୁସରଣ କରି ପଣ୍ଡିଚେରୀ ଆଶ୍ରମର ଶ୍ରୀମା ସତର୍କବାଣୀ ଶୁଣାଇଥିଲେ, "ଭାରତ ପୃଥିବୀର ଆଧ୍ୟାତ୍ମିକ ନେତୃତ୍ୱ ବଜାୟ ରଖିବା ଉଚିତ । ଯଦି ସେ ଏହା ନକରେ ତାହାହେଲେ ବିପର୍ଯ୍ୟୟ ଘଟିବ ଏବଂ ଏପରି ହେଲେ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ସହିତ ସେ ସାମିଲ ହୋଇଯିବ ।"

## ଆଧ୍ୟାତ୍ମିକଭାବେ ରୁଗ୍‌ଣ ମାନବର ଆଶ୍ରୟସ୍ଥଳ

ଶ୍ରୀ ଅରବିନ୍ଦ ଉପଲବ୍ଧି କରିଥିଲେ ଯେ ଆମ ଦେଶ ସବୁପ୍ରକାର ପାର୍ଥିବ କଳଙ୍କରୁ ମୁକ୍ତ ରହିବା ଉଚିତ । ଏହା ଯେପରି ଏକ ଆଧ୍ୟାତ୍ମିକତାର ମରୁଦ୍ୟାନ (Oasis) ହୋଇପାରେ । ଯେଉଁଠାକୁ ଉତ୍କଟ ପାର୍ଥିବ ଅନୁସନ୍ଧିତ୍ସାରେ ରୁଗ୍‌ଣ ହୋଇଥିବା ପ୍ରତ୍ୟେକ ଯାତ୍ରୀ ପ୍ରକୃତ ମୁକ୍ତି ଅନୁସନ୍ଧାନରେ ଆସିବା ଉଚିତ । ବାସ୍ତବରେ ସେ ଦୃଢ଼ଭାବରେ ବିଶ୍ୱାସ କରୁଥିଲେ ଯେ ଭାରତ ହେଉଛି ଈଶ୍ୱରଙ୍କ ଆଶିଷ୍ଟ ଦେଶ । ଏହା ଜୀବନର ଅନ୍ଧାରି ସୁଡ଼ଙ୍ଗରୁ ମାନବଙ୍କୁ ଆଲୋକପଥରେ ନେଇଥାଏ । "ଆମର ହେଉଛି ଶାଶ୍ୱତ ଭୂମି, ଅଧିବାସୀମାନେ ଶାଶ୍ୱତ, ଧର୍ମ ଶାଶ୍ୱତ ଯାହାର ଶକ୍ତି, ମହନୀୟତା ଏବଂ ପବିତ୍ରତା ଅଧିକ ଆଚ୍ଛନ୍ନ ହୋଇପାରେ । ମାତ୍ର କେବେହେଲେ ମୁହୂର୍ତ୍ତଟିଏ ପାଇଁ ଏହା ସମ୍ପୂର୍ଣ୍ଣ ବିଲୋପ ହେବନାହିଁ । ମହାନାୟକ, ଋଷି ଓ ସାଧୁ ଭାରତଭୂମିର ପ୍ରକୃତିଜାତ ଫଳ । ଏପରି ଯୁଗ ନାହିଁ ଯେତେବେଳେ କି ସେମାନେ ଜନ୍ମ ହୋଇନାହାନ୍ତି ।"

ଶ୍ରୀ ଅରବିନ୍ଦଙ୍କ ପରି ସ୍ୱାମୀ ବିବେକାନନ୍ଦ ଭାରତ ସମ୍ମୁଖରେ ଥିବା ମହାନ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇଛନ୍ତି । "ପ୍ରତ୍ୟେକ ଜାତି ନିଜ ଭାଗ୍ୟ ଓ ଭବିଷ୍ୟତକୁ ରୂପ ଦେଇଥାଏ । ପ୍ରତ୍ୟେକ ଜାତି ଗୋଟିଏ ବାର୍ତ୍ତା ପ୍ରସ୍ତୁତ କରିଥାଏ । ପ୍ରତ୍ୟେକ ଜାତି ଗୋଟିଏ ଲକ୍ଷ୍ୟ ସାଧନ କରିଥାଏ । ସେଥିପାଇଁ ପ୍ରାରମ୍ଭରୁ ନିଜ ଜାତିର ଲକ୍ଷ୍ୟ ବୁଝିବା ଆବଶ୍ୟକ । ତା'ର ଭାଗ୍ୟ କିପରି ଭାବରେ ସାର୍ଥକ ହେବ ତାହା ହୃଦୟଙ୍ଗମ କରିବା ଉଚିତ ଏବଂ ରାଷ୍ଟ୍ରର ଅଗ୍ରଗତି ପଥରେ ଏହା କିପରି ଭୂମିକା ଗ୍ରହଣ କରିବ ତାହା ଜାଣିବା ଉଚିତ । ଜାତିଗୁଡ଼ିକର ସମନ୍ୱୟ ପାଇଁ ଏହା କିପରି ବାର୍ତ୍ତା ପ୍ରଦାନ କରିପାରିବ ତାହା ସ୍ଥିର କରିବା ଉଚିତ ।

---

ବିବେକାନନ୍ଦ ଭାରତ ବର୍ଷରେ ହିନ୍ଦୁ ଧର୍ମକୁ ରକ୍ଷା କରିଥିଲେ ଏବଂ ଏଥିପାଇଁ ସେ ଉନବିଂଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ଏବଂ ଭଗବାନ୍ ଶ୍ରୀ ରାମକୃଷ୍ଣଙ୍କ ଦ୍ୱାରା ସୁଗଠିତ ହୋଇଥିଲେ । ମାଡ୍ରାସ ସମୁଦ୍ର କୂଳର କାର୍ନାନ ପ୍ରାସାଦରେ ମୁଁ ସେତେବେଳେ ଆଇନ-ଛାତ୍ର ହିସାବରେ ବାସ କରୁଥିଲି । ସ୍ୱାମୀ ବିବେକାନନ୍ଦ ଜଗତ୍ ବିଖ୍ୟାତ ହୋଇ ୧୮୯୬ ଖ୍ରୀଷ୍ଟାବ୍ଦରେ ଚିକାଗୋରୁ ଆସି ମାଡ୍ରାସରେ ପହଞ୍ଚିଲେ । ସେ କାର୍ନାନ ପ୍ରାସାଦରେ ଏକମାସ ରହିଥିଲେ ଏବଂ ମୁଁ ସେହି ଦିବସଗୁଡ଼ିକୁ ଗର୍ବ ଓ ଆନନ୍ଦଚିତ୍ତରେ ସ୍ମରଣ କରୁଛି । 'ପ୍ରବୁଦ୍ଧ ଭାରତ' ସେତିକିବେଳେ ଆରମ୍ଭ ହୋଇଥିଲା ଏବଂ ମାଡ୍ରାସ ସ୍ୱାମୀଜୀଙ୍କର ବକ୍ତୃତା ଶୁଣି ଚମତ୍କୃତ ହୋଇଥିଲା । ଯୀଶୁଙ୍କ ଭଳି ହିନ୍ଦୁଧର୍ମ କବରରୁ ପୁଣି ଉଠିଥିଲା ।

ସେ ନଥିଲେ ଆମେ ଆମ ଧର୍ମକୁ ହରାଇ ଥାନ୍ତେ ଏବଂ ସ୍ୱାଧୀନତା ହାସଲ କରି ପାରି ନଥାନ୍ତେ । ଆମେ ସେଥିପାଇଁ ସ୍ୱାମୀ ବିବେକାନନ୍ଦଙ୍କ ନିକଟରେ ଋଣୀ । ତାଙ୍କର ବିଶ୍ୱାସ, ସାହସ ଏବଂ ଜ୍ଞାନ ସର୍ବଦା ଆମକୁ ପ୍ରେରଣା ଦେଉଥାଉ ଯଦ୍ୱାରା ଆମେ ତାଙ୍କଠାରୁ ଯେଉଁ ସଂପଦ ଆହରଣ କରିଛୁ ତାହାର ସୁରକ୍ଷା କରିପାରିବୁ ।

ଚକ୍ରବର୍ତ୍ତୀ ରାଜଗୋପାଲାଚାରୀ

# ନମସ୍କାର

ରବୀନ୍ଦ୍ରନାଥ ଠାକୁର
ଅନୁବାଦ : ମନୋଜ ଦାସ

ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର ।
ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶ–ଆତ୍ମାର
ବାଣୀ–ମୂର୍ତ୍ତି ତୁମେ ! ତୁମ ଲାଗି ନୁହେଁ ମାନ,
ନୁହେଁ ଧନ ନୁହେଁ ସୁଖ, ଅବା କ୍ଷୁଦ୍ର ଦାନ
ଗ୍ରହିଁ ନାହିଁ କିଛି କ୍ଷୁଦ୍ର କୃପାଭିକ୍ଷା ଲାଗି
ପାତିନାହିଁ ଆତୁର ଅଞ୍ଜଳି ! ଅଛ ଜାଗି,
ପରିପୂର୍ଣ୍ଣତାର ଲାଗି ସର୍ବବାଧା–ହୀନ,–
ଯାହା ଲାଗି ନର–ଦେବ ଚିର ରାତ୍ରି ଦିନ
ତପୋମଗ୍ନ; ଯାହା ଲାଗି କବି ବଜ୍ରରବେ
ଗାଇଛନ୍ତି ମହାଗୀତ, ମହାବୀର ସର୍ବେ
ଯାଇଛନ୍ତି ସଂକଟ ଯାତ୍ରାରେ ପାଶେ, ଯା'ର
ଆରାମ ଲଜ୍ଜିତ ହୋଇ ନତ କରେ ଶିର
ମୃତ୍ୟୁ ଭୁଲିଅଛି ଭୟ, –ସେହି ବିଧାତାର
ଶ୍ରେଷ୍ଠଦାନ – ଆପଣାର ପୂର୍ଣ୍ଣ ଅଧିକାର–
ଗ୍ରହିଛି ଏ ଦେଶ ପାଇଁ ଅକୁଣ୍ଠ ଆଶାରେ,
ସତ୍ୟର ଗୌରବଦୃପ୍ତ ପ୍ରଦୀପ୍ତ ଭାଷାରେ,

ଅଖଣ୍ଡ ବିଶ୍ୱାସେ । ତବ ସେ ପ୍ରାର୍ଥନା ଆଜି
ବିଧାତା କି ଶୁଣିଛନ୍ତି ? ତେଣୁ ଉଠେ ବାଜି
ତାଙ୍କ ଜୟ ଶଙ୍ଖ ? ତୁମରି ଦକ୍ଷିଣ କରେ
ତେଣୁ କି ସେ ଦେଲେ ଆଜି କଠୋର ଆଦରେ
ଦୁଃଖର ଦାରୁଣ ଦୀପ, ଆଲୋକ ଯାହାର
ଜଳିଅଛି ବିନ୍ଧବରି ଏ ଦେଶ–ଅନ୍ଧାର
ଧ୍ରୁବ ତାରକାର ସମ ? ଜୟ ତବ ଜୟ !
କେ ଆଜି ଢାଳିବ ଅଶ୍ରୁ, କେ କରିବ ଭୟ,
ସତ୍ୟରେ କରିବ ଖର୍ବ କେଉଁ କାପୁରୁଷ
ଆପଣାର ରକ୍ଷା ଲାଗି କେଉଁ ଅମନିଷ
ତୁମରି ବେଦନା ମଧ୍ୟୁ ନ ପାଇବ ବଳ !
ପୋଛରେ, ଦୁର୍ବଳ ଚକ୍ଷୁ, ପୋଛ ଅଶ୍ରୁ ଜଳ !

ଦେବତାର ଦୀପହସ୍ତେ ଯେ ଆସିଲା ଭବେ,
ସେହି ରୁଦ୍ରଦୂତେ, କହ, କେଉଁ ରାଜା କେବେ
ଶାସ୍ତି ଦେଇପାରେ ! ବନ୍ଧନ ଶୃଙ୍ଖଳ ତାର
ଚରଣ ବନ୍ଦନା କରି କରେ ନମସ୍କାର—
କାରାଗାର କରେ ଅଭ୍ୟର୍ଥନା ରୁଷ୍ଟ ରାହୁ
ବିଧାତାର ସୂର୍ଯ୍ୟ ଦିଗେ ପ୍ରସାରଣ ବାହୁ
ନିଜେ ହିଁ ବିଲୁପ୍ତ ହୁଏ ମୁହୂର୍ତ୍ତକ ପରେ
ଛାୟା ସମ । ଶାସ୍ତି ? ଶାସ୍ତି ସିନା ତାରେ
ଶାସ୍ତି ଭୟେ ଯିଏ କେବେ ପାରେନା ବାହାରି
ଲଙ୍ଘି ନିଜ ହାତଗଢ଼ା ମନର ପାଚେରୀ,

କପଟ ବେଷ୍ଟନ; ଯେ ନଂପୁସ କେଉଁ ଦିନ
ଧର୍ମେ ଅବଲୋକି କେବେ ନିର୍ଭୀକ ସ୍ୱାଧୀନ—
ଅନ୍ୟାୟକୁ କହିନି ଅନ୍ୟାୟ; ଆପଣାର
ମନୁଷ୍ୟତ୍ୱ, ବିଧିଦତ୍ତ ନିତ୍ୟ ଅଧିକାର
ଯେ ନିର୍ଲଜ୍ଜ ଭୟେ, ଲୋଭେ କରେ ଅସ୍ୱୀକାର
ସଭା ମଧ୍ୟେ, ଦୁର୍ଗତିର କରେ ଅହଙ୍କାର:
ଦେଶର ଦୁର୍ଦ୍ଦଶା ନେଇ କରେ ବ୍ୟବସାୟ
ଅନ୍ନ ଯାର ଅକଲ୍ୟାଣ, ମାତୃରକ୍ତ ପ୍ରାୟ;
ସେଇ ଭୀରୁ ନତଶିର ଚିର ଶାସ୍ତି ଭାରେ
ରାଜକାରା ବହିର୍ଭୂତ ନିତ୍ୟ—କାରାଗାରେ

ବନ୍ଧନ ପୀଡ଼ନ ଦୁଃଖ ଆଉ ଅସମ୍ମାନେ
ତୁମ ମୂର୍ତ୍ତି ଅବଲୋକି ବାଜେ ମୋର କାନେ
ଆତ୍ମାର ବନ୍ଧନହୀନ ଆନନ୍ଦର ଗାନ,
ମହାତୀର୍ଥଯାତ୍ରୀର୍ ସଙ୍ଗୀତ, ଚିରପ୍ରାଣ
ଆଶାର ଉଲ୍ଲାସ, ଗମ୍ଭୀର ନିର୍ଭର ବାଣୀ
ଉଦାର ମୃତ୍ୟୁର । ଭାରତର ବୀଣାପାଣି
ହେ କବି, ନୟନ ରକ୍ତ ମୁଖରେ ତୁମର
ତାରେ ତାରେ ତୋଳିଛନ୍ତି ବିପୁଳ ଝଙ୍କାର
ନାହିଁ ତେହିଁ ଦୁଃଖ ଦୁଃଖ ତାନ, ନାହିଁ କ୍ଷୁଦ୍ର ଲାଜ
ନାହିଁ ଦୈନ୍ୟ, ନାହିଁ ତ୍ରାସ ! ଦେଖୁ ଶୁଣେ ଅବ

କାହିଁ ଆସେ ଝଞ୍ଜା ସାଥେ ସିନ୍ଧୁର ଗର୍ଜନ
ଅନ୍ଧ ବେଗେ ନିର୍ଝରର ଉଦ୍ଧତ ନର୍ତ୍ତନ
ପାଷାଣ-ପିଞ୍ଜର ଭାଙ୍ଗି, ବଜ୍ର ଗର୍ଜରବ
ଭେରୀ-ମନ୍ତ୍ରେ ମେଘ ପୁଞ୍ଜ ଜଗାଏ ଭୈରବ ।
ତରଙ୍ଗ ମଥିରେ ଏ ଉଦାତ୍ତ ସଙ୍ଗୀତର,
ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର !

ତା'ପରେ ପ୍ରଣମେ ତାଙ୍କୁ, ଯିଏ ବୀଡ଼ା ଛଳେ
ଗଢ଼ନ୍ତି ନୂତନ ସୃଷ୍ଟି ପ୍ରଳୟ-ଅନଳେ,
ମୃତ୍ୟୁରୁ ଫୁଟନ୍ତି ପ୍ରାଣ, ବିପଦର ବୁକେ
ସମ୍ପଦକୁ କରନ୍ତି ଲାଳନ, ହସ ମୁଖେ
ଭକ୍ତରେ ପଠାନ୍ତି ହେଳେ କଣ୍ଟକ-କାନ୍ତାରେ
ରିକ୍ତ ହସ୍ତେ ଶତ୍ରୁ ମଧ୍ୟେ ରାତ୍ରି ଅନ୍ଧକାରେ
ନାନା କଷ୍ଟେ ଯେ କହନ୍ତି ନାନା ଇତିହାସେ,
ସକଳ ମହତ କର୍ମେ, ପରମ, ପ୍ରୟାସେ,

ସକଳ ଚରମ କାଳେ—"ଦୁଃଖ କିଛି ନୁହଁ,
କ୍ଷତ ମିଥ୍ୟା, କ୍ଷତି ମିଥ୍ୟା, ମିଥ୍ୟା ସର୍ବଭୟ:
କାହିଁ ମିଥ୍ୟା ରାଜା କାହିଁ ରାଜଦଣ୍ଡ ତାର,
କାହିଁ ମୃତ୍ୟୁ, ଅନ୍ୟାୟର କାହିଁ ଅତ୍ୟାଚାର ।
ଆରେ ଭୀରୁ, ଆରେ ମୂଢ଼, ଖୋଲ, ତୋଳ ଶିର,
ମୁହିଁ ଅଛି, ତୁମେ ଅଛ ସତ୍ୟ ଅଛି ସ୍ଥିର ।"

---

ଶ୍ରୀ ଅରବିନ୍ଦ ଆଶ୍ରମ,
ପଣ୍ଡିଚେରୀ ।

ଆମର ସମ୍ବିଧାନ ଦେଶ ଆଗରେ ରହିଥିବା ଲକ୍ଷ୍ୟଗୁଡ଼ିକ ବ୍ୟକ୍ତ କରେ । ଆମେ ସେଗୁଡ଼ିକ ପ୍ରତି ଅଟଳ ଭାବରେ ଅନୁରକ୍ତ ହୋଇ ରହିବା ଉଚିତ । ଆମର ଏହି ଅନୁରକ୍ତି ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟ, ଜାତି ଏବଂ ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ ଭ୍ରାତୃଭାବ ତଥା ମୌଳିକ ସମାନତା ନିମନ୍ତେ ଉଦ୍ଦିଷ୍ଟ । ଏହା ମଧ୍ୟ କେବଳ ପାର୍ଲିଆମେଣ୍ଟ ଓ ବିଧାନସଭା ପାଇଁ ନୁହେଁ ବରଂ ଦୈନନ୍ଦିନ ଜୀବନରେ ଏକ ସଭ୍ୟ ଏବଂ ଗଣତାନ୍ତ୍ରିକ ଆଚରଣ ନିମନ୍ତେ ପ୍ରତିଶ୍ରୁତି । ଆମକୁ, ପରିବେଶକୁ ମର୍ଯ୍ୟାଦା ଦେଇ, ମହିଳାମାନଙ୍କର ସମାନତା ରକ୍ଷାକରି ଏବଂ ଛୋଟ ପରିବାର ବ୍ୟବସ୍ଥାକୁ ଆପଣାର କରି ଏହି ସବୁ ମୂଲ୍ୟବୋଧଗୁଡ଼ିକୁ ଅଧିକତର ଜାତୀୟ ଧ୍ୟାନ ସହିତ ସ୍ୱୀକୃତ କରିବାକୁ ପଡ଼ିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ପ୍ରତାପ ସିଂହ
(ପ୍ରଦତ୍ତ ଭାଷଣରୁ)

# ମହାମାନବ ବୁଦ୍ଧଦେବ ଓ ବିଶ୍ୱଶାନ୍ତି

ଡକ୍ଟର ଅମୂଲ୍ୟ ମହାପାତ୍ର

ପୁଣ୍ୟଭୂମି ଭାରତରେ ଯେତେ ମହାମାନବ ଜନ୍ମଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରୁ ମହାମାନବ ବୁଦ୍ଧଙ୍କ ଅହିଂସା ନୀତି ଓ ବାଣୀ ଶାନ୍ତି ସ୍ଥାପନ କରିବାରେ ବିଶେଷ ସହାୟକ ହୋଇଛି । ଖ୍ରୀଷ୍ଟଜନ୍ମର ପାଞ୍ଚଶହ ବର୍ଷ ପୂର୍ବେ ପୃଥିବୀ ଯେତେବେଳେ ଅଜ୍ଞାନ ଓ ଅନ୍ଧ ବିଶ୍ୱାସର ଘନ ତମସାରେ ଆଚ୍ଛନ୍ନ ଥିଲା, ସେତେବେଳେ ଜ୍ଞାନର ଉଜ୍ଜ୍ୱଳବର୍ତ୍ତିକା ଧରି ଦୁଃଖ ଯନ୍ତ୍ରଣା ଭରା ମାନବ ସମାଜର ବୁଦ୍ଧଦେବ ଶାନ୍ତିର ପଥ ଦର୍ଶାଇଥିଲେ ।

ରାଜବଂଶର ସମସ୍ତ ବୈଭବ ଓ ସୁଖ ସମ୍ଭାର, କ୍ଷମତା ଓ ପଦ ମର୍ଯ୍ୟାଦାମଣ୍ଡିତ ରାଜ ସିଂହାସନ, ଯୁବତୀ ପ୍ରାଣପ୍ରିୟାର ଅନୁପମ ସୌନ୍ଦର୍ଯ୍ୟ, ସଦ୍ୟଜାତ–ପୁତ୍ରର କୋମଳ ମୁଖମଣ୍ଡଳ – ଏ ସମସ୍ତ କିଛିର ମୋହ ଓ ଆକର୍ଷଣ ତାହାଙ୍କୁ ଅତି ତୁଚ୍ଛ ଓ ନଗଣ୍ୟ ପରି ମନେହେଲା । ସେ ତ୍ୟାଗ ମନୋଭାବ ନେଇ ଶାନ୍ତି ପଥର ଯାତ୍ରୀ ହେଲେ । ଜରା, ବ୍ୟାଧି ଓ ମୃତ୍ୟୁ ଯେ ଅତୀବ ଦୁଃଖଦାୟକ ସେ ତାହା ଅନୁଭବରେ ତହିଁର ମୁକ୍ତି ନିମନ୍ତେ ସେ ଗୃହତ୍ୟାଗ କରି ସାଧନା ପଥରେ ଅଗ୍ରସର ହେଲେ ।

ସାଧନା ଯେ ଅତି କଷ୍ଟକର ତାହା ଜାଣି ମଧ୍ୟ ସେ ଅନେକ ଯାତନା, ବେଦନା ଓ ପ୍ରତିକୂଳ ପରିସ୍ଥିତି ମଧ୍ୟରେ କାଳାତିପାତ କରି ପରିଶେଷରେ ନିଜର ଦୃଢ଼ ମନୋବଳ ଓ ସଂଯମ ଫଳରେ ତାଙ୍କର ଚିର ଇପ୍‌ସିତ ବୁଦ୍ଧତ୍ୱ ଲାଭ କରିଥିଲେ ।

ସିଦ୍ଧାର୍ଥ ବୁଦ୍ଧ ନିର୍ବାଣ ଲାଭକରି ସାରିଲା ପରେ ତାଙ୍କର "ଆର୍ଯ୍ୟସତ୍ୟ" ଶାନ୍ତି ପ୍ରତିଷ୍ଠା ଦିଗରେ ମାନବ ଜାତିକୁ ମାର୍ଗ ଦର୍ଶାଇଥିଲା । ସେହି ଚାରିଆର୍ଯ୍ୟ ସତ୍ୟ ହେଲା :

(୧) ଦୁଃଖ – ସଂସାର ଦୁଃଖ ପୂର୍ଣ୍ଣ ।
(୨) ଦୁଃଖ ସମୁଦାୟ – ଦୁଃଖର କାରଣ କାମନା ।
(୩) ଦୁଃଖ ନିରୋଧ – କାମନାର ବିନାଶରେ ଦୁଃଖର ବିନାଶ
(୪) ଦୁଃଖ–ନିରୋଧ – ଗାମିନୀ ପ୍ରତିପଦ – କାମନାର ବିନାଶରେ ଦୁଃଖର ବିନାଶ ।

ତେଣୁ କାମନା ହୋଇଛି ଦୁଃଖର ପ୍ରକୃତ କାରଣ ଏବଂ କାମନାର ବିନାଶରେ ହିଁ ଦୁଃଖର ବିନାଶ ହୋଇଥାଏ । କାମନାର କିପରି ବିନାଶ ହେବ ତାହା ଚିନ୍ତା କରି ସେ ଜନସାଧାରଣଙ୍କୁ ତାଙ୍କ ପ୍ରବର୍ତ୍ତିତ 'ଅଷ୍ଟାଙ୍ଗିକ ମାର୍ଗ' ଅବଲମ୍ବନ କରିବାକୁ ଉପଦେଶ ଦେଇଯାଇଛନ୍ତି । ସିଦ୍ଧାର୍ଥଙ୍କ ଆବିଷ୍କୃତ ସେହି ଅଷ୍ଟାଙ୍ଗିକ ମାର୍ଗଗୁଡ଼ିକ ହେଲା :

(୧) ସମ୍ୟକ୍ ଦୃଷ୍ଟି (ଜ୍ଞାନ) ।
(୨) ସମ୍ୟକ୍ ସଙ୍କଳ୍ପ ।
(୩) ସମ୍ୟକ୍ ବାକ୍ ।
(୪) ସମ୍ୟକ୍ କର୍ମାନ୍ତ ।
(୫) ସମ୍ୟକ୍ ଆଜୀବ (ଜୀବିକା) ।
(୬) ସମ୍ୟକ୍ ବ୍ୟାୟାମ ।
(୭) ସମ୍ୟକ୍ ସ୍ମୃତି ।
(୮) ସମ୍ୟକ୍ ସମାଧି ।

ବୁଦ୍ଧଦେବ ତାଙ୍କର ନିର୍ବାଣଲାଭ କରି ଅନିର୍ବଚନୀୟ ଶାଶ୍ୱତ ଶାନ୍ତି ଉପଲବ୍ଧି କଲେ ଏବଂ ତାହାପରେ ସେ ଦୁଃଖ ଦୁର୍ଦ୍ଦଶାଗ୍ରସ୍ତ ଜୀବମାନଙ୍କୁ ଶାନ୍ତିପ୍ରାପ୍ତି ନିମନ୍ତେ ଅଷ୍ଟାଙ୍ଗିକ ମାର୍ଗ ଅନୁସରଣ କରିବାକୁ କହିଥିଲେ । ତାଙ୍କର ସହଜ ଓ ସରଳ ମାର୍ଗ ଜନକଲ୍ୟାଣ ନିମନ୍ତେ ପ୍ରସ୍ତୁତ ହେଲା । ସେ ଯେଉଁ ନୂତନ 'ମଧ୍ୟମ ପନ୍ଥା' ପ୍ରବର୍ତ୍ତନ କଲେ ତାହା ପ୍ରତ୍ୟେକ ଦୁଃଖ ଜର୍ଜରିତ ମାନବଙ୍କୁ ଗ୍ରହଣୀୟ ହୋଇପାରିଥିଲା ।

ତତ୍କାଳୀନ ସମାଜରେ ଯେଉଁ ଅନ୍ଧବିଶ୍ୱାସ କୁପ୍ରଥା ଓ ସ୍ୱେଚ୍ଛାଚାର ପ୍ରଦର୍ଶିତ ହେଉଥିଲା ତାହା ବୁଦ୍ଧଦେବଙ୍କର ବାଣୀ ଓ ଦର୍ଶନର ପ୍ରଚାର ଓ ପ୍ରସାର ଫଳରେ ଦୂର ହେବାକୁ ଲାଗିଲା । ସେ ଜୀବ ହିଂସାକୁ ବନ୍ଦ କରିବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ଏହା ବ୍ୟତୀତ ଜାତି ପ୍ରଥା, ବଳି ପ୍ରଥା ଓ ଯଜ୍ଞ ବିରୁଦ୍ଧରେ ତାଙ୍କର ଦୃଢ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ବୁଦ୍ଧଦେବଙ୍କର ଦୟା ଓ କରୁଣା ସମସ୍ତ ଜୀବ ଜଗତ ପାଇଁ ଉନ୍ମୁକ୍ତ ହୋଇ ରହିଲା । ସେ ମେଷ ପିଲାଟିକୁ ବଳି ଦେବାକୁ ଉଦ୍ଧାର କରି ନିଜର ପ୍ରାଣ ଉତ୍ସର୍ଗ କରିଥିଲେ । ଦେବଦତ୍ତ ଦ୍ୱାରା ଶରବିଦ୍ଧ ହଂସକୁ ଜୀବନ ଦେଇଥିଲେ । ଅଙ୍ଗୁଳିମାଳଭଳି ଦସ୍ୟୁ ଓ ଆମ୍ରପାଳିଭଳି ବେଶ୍ୟାର ଆଚାର ଓ ବ୍ୟବହାରକୁ ପରିବର୍ତ୍ତନ କରିପାରିଥିଲେ । ତାଙ୍କର ସେବାରେ ଭିକ୍ଷୁ ଜୀବନଲାଭ କଲା ଓ ବିଶାଖାର ଦୁଃଖ ଦୂର ହେଲା ।

ବୁଦ୍ଧଦେବ ତାଙ୍କର ଅନୁଗାମୀମାନଙ୍କୁ ଚାରିଗୋଟି ସମ୍ପଦ ଗ୍ରହଣ କରିବା ପାଇଁ କହିଥିଲେ । ସେହି ସମ୍ପଦଗୁଡ଼ିକ ହେଲା : (୧) ଶ୍ରଦ୍ଧା ସମ୍ପଦା, (୨) ଶୀଳ ସମ୍ପଦା, (୩) ତ୍ୟାଗ ସମ୍ପଦା ଓ (୪) ପ୍ରଜ୍ଞା ସମ୍ପଦା । ଏତଦ୍‌ବ୍ୟତୀତ ଶାନ୍ତିମୟ ଜୀବନ ପାଇଁ ଦଶବିଧ ପାପରୁ ଦୂରରେ ରହିବାକୁ ଉପଦେଶ ଦେଇଥିଲେ । ସେହି ଦଶବିଧ ପାପ ତିନିଗୋଟି ଭାଗରେ ବିଭକ୍ତ କରାଯାଇଛି । ଯଥା :

କାୟିକ–ପ୍ରାଣବଧ, ଚୋରି ଓ ବ୍ୟଭିଚାର ।
ବାଚିକ–ମିଥ୍ୟା, କୁତ୍ସାରଟନା, ଗାଳି ଓ ବୃଥାଳାପ ।
ମାନସିକ–ଈର୍ଷା, ଘୃଣା ଓ ଅନ୍ଧବିଶ୍ୱାସ ।

ବୁଦ୍ଧଦେବ ତାଙ୍କର ଜୀବନର ଅଧିକାଂଶ ସମୟରେ ମୌନ ଅବଲମ୍ବନ କରୁଥିଲେ । ମୌନ ବା ନିରବତା ଅନେକ ସମସ୍ୟାକୁ ସମାଧାନ କରିବା ସଙ୍ଗେ ସଙ୍ଗେ ଏହା ହୃଦୟରେ ଶାନ୍ତିର ବୀଜ ବପନ କରିବାରେ ସାହାଯ୍ୟ କରୁଥିଲା । ତେଣୁ ଶାନ୍ତି ପାଇଁ ମୌନ ଧାରଣା ଏକାନ୍ତ

ଆବଶ୍ୟକ । ଜ୍ଞାନ ହିଁ ସମସ୍ତ ଦୁଃଖକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଜ୍ଞାନ ପ୍ରାପ୍ତି ହେଲା ପରେ ଅଜ୍ଞାନ ଓ କାମନା ହ୍ରାସ ହୋଇଯାଏ । ତେଣୁ ବୁଦ୍ଧଦେବ ଅବିଦ୍ୟା ବା ଅଜ୍ଞାନକୁ ଦୁଃଖର କାରଣ ବୋଲି ଗ୍ରହଣ କରିଛନ୍ତି । ସେହି ଅଜ୍ଞାନକୁ ସେ ଗଭୀରତମ ରାତ୍ରି ବୋଲି ବର୍ଣ୍ଣନା କରିଛନ୍ତି । ସେ ତାଙ୍କର ଗୋଟିଏ ବାଣୀରେ କହିଛନ୍ତି — ଏ ଜଗତ ସର୍ବଦା ଦୁଃଖରାଶି ରୂପକ ଅଗ୍ନି ସମୂହ ଦ୍ୱାରା ତାପିତ ହୋଇଥିବା ଅବସ୍ଥାରେ ଆନନ୍ଦର ମୂଲ୍ୟ କ'ଣ ? ଅନ୍ଧକାରାବୃତ ହୋଇ ଜ୍ଞାନ ପ୍ରଦୀପକୁ କାହିଁକି ଖୋଜୁନାହିଁ ?

ବୁଦ୍ଧଦେବଙ୍କର ଧର୍ମ, ଦର୍ଶନ ଓ ବାଣୀ ଆଜିର ଅଶାନ୍ତ ଦୁନିଆରେ ଶାନ୍ତିର ମନ୍ତ୍ର ଓ ଅମୋଘ ଅସ୍ତ୍ରଭାବରେ ସାହାଯ୍ୟ କରିପାରିବ ଏଥିରେ ତିଳେହେଲେ ସନ୍ଦେହ ନାହିଁ ।

"ବୁଦ୍ଧମ୍ ଶରଣଂ ଗଚ୍ଛାମିଃ
ଧର୍ମମ୍ ଶରଣଂ ଗଚ୍ଛାମିଃ
ସଙ୍ଘମ୍ ଶରଣଂ ଗଚ୍ଛାମିଃ

ଅଧ୍ୟାପକ, ଡି: ଏ: ଭି: କଲେଜ, କୋରାପୁଟ ।

ଗୁରୁଦେବ (ଶ୍ରୀ ରାମକୃଷ୍ଣ)ଙ୍କ ଦ୍ୱାରା ବୀର-ହୃଦୟ ସ୍ୱାମୀ ବିବେକାନନ୍ଦ ଯେତେବେଳେ ସମଗ୍ର ପୃଥିବୀକୁ ଦୁଇବାହୁରେ ଧାରଣ କରି ତହିଁରେ ଏକ ଯୁଗାନ୍ତର ଆଣିବା ସକାଶେ ଯୋଗ୍ୟ ବୋଲି ବିବେଚିତ ହୋଇଥିଲେ ଏବଂ ସେହି ଉଦ୍ଦେଶ୍ୟରେ ଅଭିଯାନରେ ବାହାରିଥିଲେ, ସେତେବେଳେ ଏହା ସମଗ୍ର ଜଗତରେ ପ୍ରଥମରେ ସ୍ପଷ୍ଟ ସୂଚିତ ହେଲା ଯେ ଭାରତ ଜାଗ୍ରତ ରହିଅଛି । କେବଳ ଯେ ଜୀବିତ ରହିବ ତା ନୁହେଁ, ଜଗତକୁ ଜୟ କରିବ ।

ଯଦି କେହି ମହାଶକ୍ତିମାନ ପୁରୁଷ ବିଦ୍ୟମାନ ଥିଲେ ତେବେ ସେ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ—ପୁରୁଷସିଂହ । ଆମ୍ଭେମାନେ ପ୍ରତ୍ୟକ୍ଷ କରୁଅଛୁ ଯେ ତାଙ୍କର ପ୍ରଭାବ ଅଦ୍ୟାବଧି ବ୍ୟାପକ ଭାବରେ କ୍ରିୟାଶୀଳ । ତାହା କି ପ୍ରକାରେ ଏବଂ କେଉଁଠାରେ କାର୍ଯ୍ୟ କରୁଅଛି ସମ୍ୟକ୍ ଭାବରେ ଆମ୍ଭମାନଙ୍କୁ ଜଣାନାହିଁ । ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ରୂପାୟିତ ହୋଇନାହିଁ । ଏହି ମହାନ, ଶକ୍ତିଶାଳୀ, ସ୍ୱତଃସ୍ଫୂର୍ତ୍ତ, ଉଚ୍ଛ୍ୱସିତ ପ୍ରଭାବ ଭାରତ ଆତ୍ମାକୁ ଉଦ୍ଦୀପିତ କରିଅଛି । ଜଗତ୍‌ବାସୀ ଅବଲୋକନ କରନ୍ତୁ । ବିବେକାନନ୍ଦ ଦେଶ ଜନନୀ ଓ ତାଙ୍କର ସନ୍ତାନଗଣଙ୍କ ହୃଦୟରେ ଅଦ୍ୟାପି ବିଦ୍ୟମାନ ।

—ଶ୍ରୀ ଅରବିନ୍ଦ




## ପ୍ରକୃତିବନ୍ଧୁ ମୋହନଦାସ

ଅନାଦିକାଳରୁ ଭାରତବର୍ଷ ସୁଜଳାସୁଫଳା ଶସ୍ୟଶ୍ୟାମଳା ରୂପେ ବିଶ୍ୱବନ୍ଦିତ ହୋଇଛି । କିନ୍ତୁ ଆଜି ଭାରତ କାହିଁକି ସାରା ବିଶ୍ୱରେ ପରିବେଶ ବାତାବରଣର ଗ୍ଲାନି କୋଟିକୋଟି ହୃଦୟରେ ବେଶ୍ ଭୟ ସଞ୍ଚାର କରିଛି । ପ୍ରକୃତିର ସହଜାତ ସବୁଜିମା ଦିନକୁ ଦିନ ଦୂଷିତ ବାତାବରଣ ମଧ୍ୟରେ ମ୍ଳାନ ହୋଇଯାଉଛି । ଆଉ ବର୍ଷ କେତୋଟି ପରେ କ'ଣ ହେବ ? ପ୍ରାକୃତିକ ପରିବେଶ ନଷ୍ଟ ହେଲେ ଜୀବଜଗତ 'ପେ ବଞ୍ଚିବା ଅସମ୍ଭବ ହେବ । ଏହା ସମସ୍ତେ ହୃଦୟଙ୍ଗମ କଲେଣି । ଭାରତ ସରକାରଙ୍କ ତରଫରୁ ପ୍ରଣୟନ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମକୁ ଗ୍ରାମାଭିମୁଖୀ କରାଗଲେ ଅଧିକରୁ ଅଧିକ ଲୋକ ଶାନ୍ତି ଲାଭ କରିବେ । ତେଣୁ ଏଇ ଉଦ୍ଦେଶ୍ୟରେ 'ପ୍ରକୃତିମିତ୍ର' 'ପ୍ରକୃତିବନ୍ଧୁ' ପୁରସ୍କାରମାନ ବ୍ୟବସ୍ଥା କରାଯାଇଛି । ଓଡିଶା ସରକାରଙ୍କ ବନ୍ୟ ଓ ସାମାଜିକ ପ୍ରକଳ୍ପ ବିଭାଗ ପକ୍ଷରୁ ଗାଁଗହଳରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଯୁବକ ସଂଘ ଜରିଆରେ କାର୍ଯ୍ୟ କରିବାକୁ ପଦକ୍ଷେପ ନିଆଯାଇଛି । ଏହା ବ୍ୟତୀତ ସୂଚନା ଓ ଲୋକସମ୍ପର୍କ ବିଭାଗର ଦୃଶ୍ୟ ଶ୍ରାବ୍ୟ ପ୍ରଚାର ମାଧ୍ୟମରେ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ରେଡିଓ ତଥା ଦୂରଦର୍ଶନ ଦ୍ୱାରା ପରିବେଶ ସୁରକ୍ଷା ପାଇଁ ପରିବେଷଣ କରାଯାଉଛି ।

ସମ୍ପ୍ରତି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଉପଖଣ୍ଡର ଦିଗପହଣ୍ଡି ପଞ୍ଚାୟତ ସମିତି ଅନ୍ତର୍ଗତ କରଠଡା ଗ୍ରାମପଞ୍ଚାୟତର କଲ୍ୟାଣପୁର ଗ୍ରାମରେ ଜନୈକ ବ୍ୟକ୍ତି ନିଜ ବଗିଚାରେ କିପରି ସାମାଜିକ ଜଙ୍ଗଲ ସୃଷ୍ଟି କରି ପାରିଛନ୍ତି ତାହା ବାସ୍ତବରେ ଉଲ୍ଲେଖଯୋଗ୍ୟ । ୧୯୮୯-୯୦ ନିମନ୍ତେ ୩୭ ବର୍ଷ ବୟସ୍କ ଶ୍ରୀ ମୋହନ ଚରଣ ଦାସ 'ପ୍ରକୃତି ବନ୍ଧୁ' ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ମେଟ୍ରିକ ଅଧ୍ୟୟନ ପରେ ସେ ପୈତୃକ ବୃତ୍ତି କୃଷିକୁ ନିଜର ପେଶାଭାବରେ ଗ୍ରହଣ କରିନେଇଥିଲେ । ସରକାରଙ୍କ ଯୋଜନାକୁ ହୃଦୟଙ୍ଗମ କରି ତାହାକୁ କାର୍ଯ୍ୟକାରୀ କରିବାରେ ସେ ହୋଇ ପାରିଛନ୍ତି ଜଣେ ସଫଳ ଚାଷୀ । ପରିବାର କଲ୍ୟାଣ ଯୋଜନାକୁ ହୃଦୟଙ୍ଗମ କରି ସେ ଦୁଇ ଝିଅ ଓ ଗୋଟିଏ ପୁଅ ପରେ ଅସ୍ତ୍ରୋପଚାର ଦ୍ୱାରା ଛୋଟ ପରିବାରର ସୁଖ ଅନୁଭବ କରି ପାରିଛନ୍ତି । ପାର୍ବତୀମାନ ଶିକ୍ଷା ନିମନ୍ତେ ନିଜ ତିନି ପିଲାଙ୍କୁ ସାକ୍ଷର କରିବା ଲାଗି ପ୍ରେରଣା ଦେବା ସଙ୍ଗେସଙ୍ଗେ ନିଜର ପିଲା ତିନୋଟିକୁ ଯତ୍ନର ସହିତ ପଢାଉଛନ୍ତି । ଗ୍ରାମପଞ୍ଚାୟତର ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିବା ସାମାଜିକ ବନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇ ନିଜ ଜମିରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରି ପାରିଛନ୍ତି । ନିଜ ପରିଶ୍ରମ, ନିଜ ପ୍ରଚେଷ୍ଟା ବଳରେ ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମ ମୋହନ ଚରଣ ଦାସଙ୍କୁ ଅଧିକ ଉତ୍ସାହିତ କରିଛି । ଉଦ୍ୟାନ, ଜଙ୍ଗଲ ଓ ସାମାଜିକ ବନ ବିଭାଗ, କୃଷି ବିଭାଗ ଦ୍ୱାରା ରିହାତି ମୂଲ୍ୟରେ ଚାରାଗଛ ପାଇ ନିଜ ଗ୍ରାମ ଉପକଣ୍ଠରେ ପ୍ରବାହିତ ନାଳ ନିକଟରେ ନିଜର ଦୁଇ ଏକର ସତଷଠୀ ଡେସିମିଲ୍ ଜମିରେ ପ୍ରାୟ ୨୦ଟି ଶ୍ରେଣୀର ଜଙ୍ଗଲ ଗଛ ଲଗାଇଛନ୍ତି । ବର୍ତ୍ତମାନ ସୁଦ୍ଧା ମୋଟ ୨,୭୦୦ଟି ଗଛ ଏଥିରେ ଲଗାଯାଇଛି । ସେଥିରୁ ୨୦୦ ନୀଳଗିରି ଗଛକୁ ଆସନ୍ତା ୩ ବର୍ଷ ପରେ କିଣିବା ପାଇଁ ରାଉରକେଲାର ଜଣେ ବଢେଇ ଅଗ୍ରୀମ ୭୫,୦୦୦ ଟଙ୍କା ଦେଇଛି ବୋଲି ମୋହନ ପ୍ରକାଶ କରିଛନ୍ତି । ତିନି ବର୍ଷ ପରେ ଆଉ ୨୫,୦୦୦ ଦେବାର ଚୁକ୍ତି ହୋଇଛି । ପ୍ରଥମେ ପ୍ରଥମେ ଚାଷଜମିରେ ଜଙ୍ଗଲୀ ଗଛ ଲଗାଇ ଥିବାରୁ ମୋହନଙ୍କୁ ତାଙ୍କ ପଡୋଶୀମାନେ ପାଗଳ ବୋଲି କହୁଥିବାର ସେ ପ୍ରକାଶ କରିଛନ୍ତି । କିନ୍ତୁ ଆଜିକାଲି ସେମାନଙ୍କ ଧାରଣା ବଦଳିଯାଇଛି । ସେହି ଗ୍ରାମବାସୀମାନେ ଆଜି ଗ୍ରାମରେ ଯୁବକ ସଂଘ ଗଠନ କରି ମୋହନଙ୍କୁ ସଂଘର ସଭାପତି କରିଛନ୍ତି । ସେମାନେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ପାଇଁ ସଚେତନ ହୋଇଛନ୍ତି । ବାପୁଜୀ ପଲ୍ଲୀଶ୍ରୋତା ମଣ୍ଡଳୀର ଆବାହକ ରୂପେ ମୋହନଙ୍କୁ ସମ୍ମାନିତ କରିଛନ୍ତି । ମୋହନ ତାଙ୍କ ବଗିଚାରେ ମାଛଚାଷ ଓ ଜଳସେଚନର ସୁବିଧା ନିମନ୍ତେ ଦୁଇଟି ପୋଖରୀ ଓ ଦୁଇଟି ସେଚକୂପ ଖୋଳାଇଛନ୍ତି । ପୋଖରୀ ଖୋଳାରେ ୧୨ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଦିଗପହଣ୍ଡି ପଞ୍ଚାୟତ ସମିତି ତରଫରୁ ସେଚକୂପ ବଗିଚାରେ ଖୋଳା ଯାଇଥିବା କଥା ସେ ପ୍ରକାଶ କରିଛନ୍ତି । ଏହି ବଗିଚାରୁ ବିଭିନ୍ନ ପନିପରିବା ସେ ଅମଳ କରନ୍ତି । ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ପାଇଁ ବଗିଚାରେ ୨୦୦ ଶିଶୁ ଗଛ, ୧୫୦ ବାଉଁଶ, ୩୦୦ ଶାଗୁଆନ, ୨୦୦ ଗମ୍ଭାରୀ, ୧୦୦ କାଜୁବାଦାମ, ୧୦୦ ଲେମ୍ବୁ, ୫୦ ବାଇଗଣପଲ୍ଲୀ ଆମ୍ବ, ୧୦ ପଣସ, ୧୫୦ ଅଙ୍କାଶିଆ, ୧୦୦ ଅଗସ୍ତି, ୧୦୦ ଚାକୁଣ୍ଡା, ୨୦୦ ଶିରିଶିରିଆ, ୧,୦୦୦ ଜଡ଼ନୀ, ୫୦ ଅମୃତଭଣ୍ଡା, ୧୦୦ ନଡିଆ, ୬୦ ପିଆଶାଳ, ୨ଟି ରକ୍ତ ଚନ୍ଦନ, ୨୫ଟି ନାଗମଲ୍ଲୀ ଏବଂ ୨୦୦ଟି ନୀଳଗିରି ଗଛ ଲଗାଇଛନ୍ତି ।

ବୃକ୍ଷରୋପଣ ଦ୍ୱାରା ପରିବେଶର ସୁରକ୍ଷା କରାଯିବା ସଙ୍ଗେସଙ୍ଗେ ଏହା ଏକ ଲାଭଦାୟକ ବୃତ୍ତି ହୋଇପାରିଛି । ପରିବେଶର ସୁରକ୍ଷା କରିବା ସଙ୍ଗେସଙ୍ଗେ ଆଜି ମୋହନ ଦାସ ବେଶ୍ ଲାଭବାନ୍ ହୋଇ ପାରିଛନ୍ତି । ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ଗତବର୍ଷର ମାଛ ପାଅଁଳ ବିକ୍ରି କରି ସେ ୯ ହଜାର ଟଙ୍କା ପାଇଛନ୍ତି । ତଥାପି ୪ ହଜାର ଟଙ୍କାର ମାଛ ପାଅଁଳ ପୋଖରୀରେ ବିକ୍ରୀ ପାଇଁ ରହିଛି । ପନିପରିବା ମଧ୍ୟରେ ଟମାଟୋ, ଭେଣ୍ଡି, ଲଙ୍କା ବିକ୍ରି କରି ପ୍ରାୟ ୩ ହଜାର ଟଙ୍କା ପାଇଛନ୍ତି ।

କୃଷି ପ୍ରତି ଅଗାଧ ପ୍ରେମ ତଥା ନିଜର ନିଷ୍ଠାପର ପରିଶ୍ରମ ପାଇଁ ପାରଳାଖେମୁଣ୍ଡି କୃଷି ଅଧିକାରୀଙ୍କଠାରୁ ପ୍ରାୟ ୨,୭୦୦ ଟଙ୍କାର କୃଷି ସାମଗ୍ରୀ ମୋହନ ପାଇଛନ୍ତି । ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଆଦର୍ଶ ଧାନଚାଷୀ ଭାବେ ପୁରସ୍କାର ଓ ପ୍ରମାଣପତ୍ର ପାଇଛନ୍ତି । ସ୍ୱେଚ୍ଛାସେବୀ ଭାବେ ନେହେରୁ ଯୁବକେନ୍ଦ୍ରଠାରୁ ପ୍ରଶଂସା ପତ୍ର ହାସଲ କରିଛନ୍ତି । ୧୯୯୦ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସରେ ବ୍ରହ୍ମପୁର ଗାନ୍ଧୀ ପାର୍କଠାରେ ଜିଲ୍ଲା ପରିବେଶ ସମିତିର ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କ ସୁପାରିଶକ୍ରମେ ୧୯୮୯-୯୦ ନିମନ୍ତେ 'ପ୍ରକୃତି ମିତ୍ର' ପୁରସ୍କାର ସ୍ୱରୂପ ୧ ହଜାର ଟଙ୍କା ଓ ପ୍ରଶଂସାପତ୍ର ପାଇଛନ୍ତି । ସେ ସେଠି 'ଶାନ୍ତିବନ' ସ୍ଥାପନ କରିଛନ୍ତି, ଦର୍ଶକମାନଙ୍କ ନିମନ୍ତେ ଏହା ଏକ ଗ୍ରାମ୍ୟ କୃଷି ଓ ଜଙ୍ଗଲର ତୀର୍ଥଭୂମିରେ ପରିଣତ ହୋଇପାରିଛି । ଶହଶହ ଦର୍ଶକ ଏହା ଦେଖି ଉତ୍ସାହିତ ହେଉଛନ୍ତି । ଆଜି କଲ୍ୟାଣପୁର ଗ୍ରାମବାସୀଙ୍କ ପାଇଁ ମୋହନ ଉତ୍ସାହ ଓ ଉଦ୍ଦୀପନାର ଉତ୍ସ ଓ ଗୌରବ । ଆଜି ଶ୍ରୀ ମୋହନ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପରିବେଶର ସୁରକ୍ଷା କରି ଲୋପ ପାଇ ଯାଉଥିବା ଅସଂଖ୍ୟ ଜୀବଜଗତକୁ ଉଦ୍ଧାର କରିବା ଆମର କର୍ତ୍ତବ୍ୟ ।

## ସୁନ୍ଦରଗଡରେ ସମାଜ ମଙ୍ଗଳ କାର୍ଯ୍ୟକ୍ରମ

*ଦେବେନ୍ଦ୍ରନାଥ ଦଶ*

ଭାରତବର୍ଷ ଗୋଟିଏ ଗ୍ରାମବହୁଳ ଦେଶ । ଓଡିଶା ଏହାର ଗୋଟିଏ ଗରିବ ତଥା ଗ୍ରାମବହୁଳ ରାଜ୍ୟ । ଗ୍ରାମମାନଙ୍କରେ ଥିବା ଅସଂଖ୍ୟ ଶିଶୁ ଏବଂ ଗର୍ଭବତୀ ମହିଳାମାନେ ଉପଯୁକ୍ତ ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟର ଅଭାବ ପାଇଁ ଅକାଳରେ ମୃତ୍ୟୁବରଣ କରୁଥିଲେ କିମ୍ବା ଶିଶୁମାନେ ବିକଳାଙ୍ଗ ହୋଇ ଦେଶ ତଥା ଜାତି ପାଇଁ ସମସ୍ୟା ସୃଷ୍ଟି କରୁଥିଲେ । ଜାତୀୟ ସରକାର ଗଠନ ପରେ ସେମାନଙ୍କର ସ୍ୱାସ୍ଥ୍ୟ ଓ ଚିକିତ୍ସାର ସୁବିଧା ନିମନ୍ତେ ବହୁବିଧ ଯୋଜନା କାର୍ଯ୍ୟକାରୀ ହେଉଛି । ତନ୍ମଧ୍ୟରୁ "ସମନ୍ୱିତ ଶିଶୁ ବିକାଶ ଯୋଜନା" ଅନ୍ୟତମ । ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ତଥା ସହରତଳି ଅଞ୍ଚଳରେ ବସବାସ କରୁଥିବା ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ଚିକିତ୍ସା, ଶିକ୍ଷା ପ୍ରଭୃତିର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ଶିଶୁ ବିକାଶ ଯୋଜନା ମାଧ୍ୟମରେ ଛଅ ବର୍ଷ ବୟସ୍କ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଭୟାନକ ଟିଟାନସ୍, ଡିପ୍‌ଥେରିଆ ଏବଂ ହୁପିଙ୍ଗ୍ କାଶ ପ୍ରଭୃତି ମାରାତ୍ମକ ରୋଗରୁ ମୁକ୍ତ କରାଯାଇ ପାରିଛି । ଯାହା ଫଳରେ ମୃତ୍ୟୁହାର ପର୍ଯ୍ୟାପ୍ତ ପରିମାଣରେ ହ୍ରାସ ପାଇପାରିଛି । ଛଅ ବର୍ଷ ବୟସ୍କ ଶିଶୁ, ଗର୍ଭବତୀ ମହିଳା, ଆସନ୍ନପ୍ରସବା ଓ ସଦ୍ୟପ୍ରସବା ମହିଳା ଏବଂ ଛଅରୁ ଏଗାର ବର୍ଷ ବୟସ୍କ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ୩,୨୬୧ଗୋଟି କେନ୍ଦ୍ର ଜରିଆରେ ୨,୪୦,୦୦୦ ଶିଶୁ ଓ ମା' ଏହି ଯୋଜନା ମାଧ୍ୟମରେ ଉପକୃତ ହେଉଥିବା ଏକ ସମୀକ୍ଷାରୁ ଜଣାପାଇଛି ।

ସୁନ୍ଦରଗଡ ଜିଲ୍ଲାକୁ ୧୭ଗୋଟି ବ୍ଲକ୍‌ରେ ବିଭକ୍ତ କରାଯାଇ ଏହି ବ୍ଲକ୍‌ମାନଙ୍କରେ ସି.ଏସ୍.ଏନ୍.ପି. ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ୧,୮୬,୦୦୦ ହିତାଧିକାରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି ।

ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲାରେ ଥିବା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ଜରିଆରେ ୪୪,୦୦୦ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି ।

ରାଉରକେଲାର ଉଭୟ ପୌରସଂସ୍ଥାର ବସ୍ତି ବାସିନ୍ଦାଙ୍କ ୧୩,୦୦୦ ଶିଶୁଙ୍କୁ ୦.୯୬ ଗ୍ରାମ୍ ଓଜନର ଭିଟାମିନଯୁକ୍ତ ପାଉଁରୁଟି ପ୍ରତ୍ୟହ ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।

୧୯୮୪-୮୫ ମସିହାରୁ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ଭତ୍ତା ଦେବାର ବ୍ୟବସ୍ଥା କରାଯାଇଅଛି । ଫଳରେ ଜିଲ୍ଲାର ୯୮୭ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତି ମାସିକ ୬୦ ଟଙ୍କା ଲେଖାଏଁ ଭତ୍ତା ପାଇ ଉପକୃତ ହେଉଛନ୍ତି । ୧୯୮୯-୯୦ ଆର୍ଥିକ ବର୍ଷରେ ଏହି ଯୋଜନା ମାଧ୍ୟମରେ ଟ ୩,୨୨,୮୬.୨୦ ପଇସା ଖର୍ଚ୍ଚ ହୋଇଥିବାର ରିପୋର୍ଟରୁ ଜଣାପାଇଛି ।

## ବାର୍ଦ୍ଧକ୍ୟ ଭତ୍ତା

ଜାତୀୟ ସରକାର ଅନୁଭବ କଲେ ଯେ, ଦେଶରେ ଥିବା ବୃଦ୍ଧ ଏବଂ ବିଧବା ମହିଳାମାନେ ଅସହାୟ ଭାବରେ ଜୀବନଯାପନ କରି ଶେଷ ଜୀବନରେ ଖାଦ୍ୟ ଓ ବାସଗୃହ ଅଭାବରେ ମୃତ୍ୟୁବରଣ କରୁଛନ୍ତି । ସେମାନଙ୍କୁ କିଞ୍ଚିତ ସହାୟତା ଦେବା ପାଇଁ ବାର୍ଦ୍ଧକ୍ୟକାଳୀନ ଭତ୍ତା ଦେବାର ଯୋଜନା କରିଛନ୍ତି । ସେହି ଯୋଜନା ମାଧ୍ୟମରେ ୬୫ ବର୍ଷ ବୟସ୍କ ଅସହାୟ ବୃଦ୍ଧ ଏବଂ ୫୦ ବର୍ଷ ବୟସ୍କ ବିଧବା ମହିଳାମାନଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କଲେ । ତଦନୁଯାୟୀ ସୁନ୍ଦରଗଡ ଜିଲ୍ଲାର ୨,୪୪୫ ଜଣ ବୃଦ୍ଧ ଏବଂ ୯୮୦ ଜଣ ବୃଦ୍ଧା ଜିଲ୍ଲାରେ ଥିବା ୧୭ଗୋଟି ପଞ୍ଚାୟତ ସମିତି ଜରିଆରେ ନିୟମିତ ପେନ୍‌ସନ୍ ପାଇ ଆସୁଛନ୍ତି । ୧୯୮୯-୯୦ ଆର୍ଥିକ ବର୍ଷରେ ୧୭,୫୨,୦୪୦ ଟଙ୍କା ବାର୍ଦ୍ଧକ୍ୟକାଳୀନ ଭତ୍ତା ଆକାରରେ ଖର୍ଚ୍ଚ ହୋଇଥିବାର ଜଣାପାଇଛି ।

ସେହିପରି ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କର ମଧ୍ୟ ବଞ୍ଚିବାର ଅଧିକାରକୁ ସମ୍ମାନ ଦେଖାଇ ରାଜ୍ୟ ସରକାର ସେମାନଙ୍କର ଆତ୍ମନିଯୁକ୍ତି ନିମନ୍ତେ ପ୍ରତି ହିତାଧିକାରୀଙ୍କୁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି । ଯାହା ଫଳରେ ୧୯୮୯-୯୦ ଆର୍ଥିକ ବର୍ଷରେ ୫୪,୦୦୦ ଟଙ୍କା ଖର୍ଚ୍ଚ ହୋଇଥିବାର ଜଣାପାଇଛି ।

ପିତୃମାତୃହୀନ ଶିଶୁମାନଙ୍କୁ ନେଇ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ଗଢିଉଠିଥିବା ପାଞ୍ଚଗୋଟି ଏହିପରି ଅନୁଷ୍ଠାନକୁ ୧୯୮୯-୯୦ ମସିହାରେ ମୋଟ ୨୬୧ ଜଣ ଶିଶୁଙ୍କୁ ୪,୨୫,୪୯୩ ଟଙ୍କା ଅନୁଷ୍ଠାନମାନଙ୍କ ଜରିଆରେ ସାହାଯ୍ୟ

କରାଯାଉଛି । ଏହି ଅର୍ଥ ଅନ୍ତେବାସୀମାନଙ୍କର ଖାଦ୍ୟ, ପୋଷାକ ଓ ଶିକ୍ଷାଦାନ ପାଇଁ ଖର୍ଚ୍ଚ ହୋଇଛି ।

ଭାରତୀୟ ରେଡକ୍ରସ୍ ସୋସାଇଟି, ସୁନ୍ଦରଗଡ ଶାଖା ଆନୁକୂଲ୍ୟରେ ସୁନ୍ଦରଗଡଠାରେ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ ଖୋଲାଯାଇ ୪୦ ଜଣ ମୂକ, ବଧିର ଏବଂ ୨୦ ଜଣ ଅନ୍ଧ ଛାତ୍ରଛାତ୍ରୀଙ୍କୁ ସେହି ବିଦ୍ୟାଳୟରେ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ସ୍ଥାୟୀ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ୮.୪୧ ଲକ୍ଷ ଟଙ୍କା ମଞ୍ଜୁରୀ ଦେବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି ।

## ଢେଙ୍କାନାଳ ଜିଲ୍ଲାରେ ୧୯୯୦-୯୧ ବର୍ଷ ପାଇଁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା

ଗତ ୧୯୮୯-୯୦ ବର୍ଷରେ ୧୦,୦୦୦ ପରିବାରଙ୍କୁ ନୂତନ ଭାବେ ସହାୟତା ପ୍ରଦାନ କରିବା ପାଇଁ ମୋଟ ୨୪୫.୦୦ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ସହ ବାର୍ଷିକ କାର୍ଯ୍ୟକାରୀ ପ୍ରସ୍ତୁତ କରାଯାଇଥିଲା । ମୋଟ ୨୪୫.୦୦ ଲକ୍ଷ ଟଙ୍କା ଅଟକଳ ରଖାଯାଇଥିବା ବେଳେ ସର୍ବମୋଟ ୨୦୫.୨୪୨ ଲକ୍ଷ ଟଙ୍କା ସରକାରଙ୍କଠାରୁ ମିଳିଥିଲା । ୧୯୮୮-୮୯ ବର୍ଷରୁ ୦.୫୨୦ ଲକ୍ଷ ଟଙ୍କା ବଳକା ରହିଥିଲା । ଏହିପରି ୧୯୮୯-୯୦ ବର୍ଷ ପାଇଁ ମୋଟ ୨୦୫.୭୬୨ ଲକ୍ଷ ଟଙ୍କା ବିନିଯୋଗ ପାଇଁ ଥିଲା । ୧୯୮୯-୯୦ ବର୍ଷରେ ୧୬୭.୯୬୯ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୧୦,୦୪୯ ନୂତନ ପରିବାରଙ୍କୁ ଓ ୮୯୬ ଗୋଟି ଷଷ୍ଠ ପଞ୍ଚବାର୍ଷିକ 'ଯୋଜନା କାଳରେ ସହାୟତା କରାଯାଇଥିବା ପରିବାରଙ୍କୁ ପୁନଃ ସହାୟତା ପ୍ରଦାନ କରାଯାଇଥିଲା । ସମୁଦାୟ ୧୦,୮୪୫ ଗୋଟି ପରିବାରଙ୍କୁ ୧୯୮୯-୯୦ ବର୍ଷରେ ସହାୟତା ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ହରିଜନ ୨,୪୩୦ ଆଦିବାସୀ ୪୬୨ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ୭,୦୯୩ ପରିବାର ଅନ୍ତର୍ଭୁକ୍ତ । ତନ୍ମଧ୍ୟରୁ ମହିଳାଙ୍କ ସଂଖ୍ୟା ୧,୮୩୨ ।

ଚଳିତ ବର୍ଷ ସରକାର ଏହି ଜିଲ୍ଲା ପାଇଁ ୬୧.୮ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଧାର୍ଯ୍ୟଲକ୍ଷ୍ୟ ମଧ୍ୟରେ ୧,୭୭୧ ଜଣ ହରିଜନ, ୧,୨୮୩ ଆଦିବାସୀ ଓ ୩,୦୬୪ ଅନ୍ୟାନ୍ୟ ସମ୍ପ୍ରଦାୟର । ପୁନଶ୍ଚ ସେମାନଙ୍କ ମଧ୍ୟରେ ୨,୪୪୩ ଜଣ ମହିଳା ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମ ନିମନ୍ତେ ଚଳିତ ବର୍ଷ ମୋଟ ୧୯୨.୧୫ ଲକ୍ଷ ଟଙ୍କା ବ୍ୟୟର ସମ୍ଭାବନା ଅଛି ।

ଚଳିତ ବର୍ଷ ମୋଟ ଧାର୍ଯ୍ୟ ଲକ୍ଷ୍ୟର ଶତକଡା ୫୦ ଭାଗ ହରିଜନ ଓ ଆଦିବାସୀ ପରିବାରଙ୍କୁ ସହାୟତା ପ୍ରଦାନ ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି । ସେଥିପାଇଁ ଚଳିତ ବର୍ଷର ବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇଛି । ପୁନଶ୍ଚ ଶତକଡା ୪୦ ଭାଗ ମହିଳା ଓ ୩ ଭାଗ ଶାରୀରିକ ଅକ୍ଷମ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇ ବାର୍ଷିକ ଚିଠା ଯୋଜନା ପ୍ରସ୍ତୁତ କରାଯାଇଛି । ଧାର୍ଯ୍ୟଲକ୍ଷ୍ୟ ୬,୧୦୮ ମଧ୍ୟରୁ ଶତକଡା ୭୫ ଭାଗ ଗ୍ରାମ ପଞ୍ଚାୟତକୁ ଜନସଂଖ୍ୟା ଅନୁପାତରେ ସାହାଯ୍ୟ ବଣ୍ଟନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ବଳକା ଶତକଡା ୨୫ ଭାଗ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଧନ୍ଦା ସହାୟତା ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସେମାନଙ୍କ ଦ୍ୱାରା ବ୍ୟୟ କରାଯିବ ।

ଚଳିତ ବର୍ଷ ପାଇଁ ପ୍ରସ୍ତୁତ କରାଯାଇଥିବା ଚିଠା କାର୍ଯ୍ୟକ୍ରମ ଅନୁଯାୟୀ ୬,୧୦୮ ପରିବାରଙ୍କ ପାଇଁ ବିଭିନ୍ନ ପଞ୍ଚାୟତ ସମିତି ତଥା ଧନ୍ଦାଓ୍ୱାରୀ ବିଭକ୍ତିକରଣ ମଧ୍ୟରେ ୧,୭୭୧ ହରିଜନ, ୧,୨୮୩ ଆଦିବାସୀ ଓ ୩,୦୫୪ ଅନ୍ୟାନ୍ୟ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ । ପୂର୍ବ ବର୍ଷର ଶୁଷ୍କ ଜମି ଚାଷ, ଉଠା ଜଳସେଚନ, ମତ୍ସ୍ୟଚାଷ, ପମ୍ପ୍ ସେଟ୍ ଯୋଗାଣ, ଫଳଚାଷ ଓ ଛତୁଚାଷ ଇତ୍ୟାଦି ଧନ୍ଦାମୂଳକ ପ୍ରକଳ୍ପଗୁଡିକ ସହିତ ଚଳିତ ବର୍ଷ ନିମ୍ନଲିଖିତ ନୂତନ ଧନ୍ଦାମୂଳକ ପ୍ରକଳ୍ପ ହାତକୁ ନେବା ପାଇଁ ଚିଠା ପ୍ରସ୍ତୁତ କରାଯାଇଛି ।

ଗ୍ରାମମାନଙ୍କ ମଧ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ହିତାଧିକାରୀମାନଙ୍କୁ ସମବାୟ ଦ୍ୱାରାରେ ସଙ୍ଗଠିତ କରି ସେମାନଙ୍କ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ତଥା ଆର୍ଥିକ ଉନ୍ନତି କଳ୍ପେ ସେମାନଙ୍କୁ ମିଳିତଭାବେ ମିନି ବସ୍, ମିନି ଟ୍ରକ୍, ଟ୍ରାକ୍ଟର ଓ ଟ୍ରଲି, ପାୱାର ଟିଲର୍ ଓ ଟ୍ରଲି ଯୋଗାଇଦେବା ନିମନ୍ତେ ଚିଠା ପ୍ରସ୍ତୁତ କରାଯାଇଛି ।

ଚଳିତ ବର୍ଷ ମହିଳାମାନଙ୍କ ପାଇଁ ସଂରକ୍ଷିତ ବ୍ୟବସ୍ଥା ସରକାର ଶତକଡା ୩୦ରୁ ୪୦କୁ ବୃଦ୍ଧି କରିଛନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ମହିଳାମାନଙ୍କର ଅର୍ଥନୈତିକ ଉତ୍ଥାନ ପାଇଁ ଚଳିତ ବର୍ଷ ଡୋକ୍ରା ଦ୍ୱାରାରେ ପ୍ରତି ବ୍ଲକ୍‌ରେ ଅନ୍ୟୂନ ଗୋଟିଏ କରି ଦଳ ଗଠନ କରାଯାଇ ସେମାନଙ୍କୁ ଗଠନମୂଳକ ଅର୍ଥକରୀ ଧନ୍ଦା ଯଥା : ବାନ୍ଧୁଆ ତିଆରି, ଧୂପକାଠି ଓ ମହମବତୀ ତିଆରି ଓ ଛତୁଚାଷ ଟାଇନେମ୍ ମାଧ୍ୟମରେ ତାଲିମ ଦିଆଯାଇ ତତ୍‌ପରେ ସମ୍ପୃକ୍ତ ଧନ୍ଦାମାନଙ୍କରେ ଉତ୍ଥାନ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ।

**ଶ୍ରୀ ନିରଞ୍ଜନ ସେଠୀ,**
*ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,*
*ଅନୁଗୁଳ ।*

"ଏହି ମୂକ,ଅବସାଦଗ୍ରସ୍ତ ଏବଂ ବିନୀତ ବ୍ୟକ୍ତିଙ୍କ ମୁଖରେ ଆମକୁ ଆସାର ପରିଭାଷା ଫୁଟାଇବାକୁ ହେବ, ଏହି ଅବସନ୍ନ, ଦୁର୍ବଳ ଏବଂ ପରିତ୍ୟକ୍ତ ବ୍ୟକ୍ତିଙ୍କ ହୃଦୟରେ ଆମକୁ ମାନବିକତାର ଆଶା ଜାଗରିତ କରିବାକୁ ହେବ ।"

ରବୀନ୍ଦ୍ରନାଥ




## ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଆରମ୍ଭ ହୋଇଥିବା ନୂତନ ନିର୍ମାଣ ଯୁଗରେ ସାମିଲ ହୁଅ

— ଶ୍ରୀ ବିଜୁ ପଟ୍ଟନାୟକ

ଓଡ଼ିଆ ଜାତି ତଥା ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଲାଗି ସମ୍ପ୍ରତି ଆରମ୍ଭ ହୋଇଥିବା ନୂତନ ନିର୍ମାଣଯୁଗରେ ସମସ୍ତ ରାଜ୍ୟବାସୀ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଆହ୍ୱାନ କରିଛନ୍ତି ।

ଗତ ୧୪ ତାରିଖରେ ଐତିହାସିକ ଗଡଖୋର୍ଦ୍ଧାଠାରେ ପର୍ଯ୍ୟଟନ, କ୍ରୀଡା ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପାଇକ ଆଖଡା ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହି ଆହ୍ୱାନ ଦେଇଛନ୍ତି । ସେ କହିଲେ ଯେ, ଗଡଖୋର୍ଦ୍ଧା ଅତୀତ ଉତ୍କଳର ପରମ୍ପରା ତଥା ବୀରତ୍ୱର ପ୍ରତୀକ । ଓଡ଼ିଆ ମା'ର ନିଜ ସନ୍ତାନ ପ୍ରତି ଆଶୀର୍ବାଦ ଥିଲା– "ଯୁଦ୍ଧରୁ ଫେରିବୁନି – ଜିତିଲେ ହିଁ ଫେରିବୁ" । ଯେଉଁ ମାମାନେ ଏଭଳି ଆଶୀର୍ବାଦ କରିପାରୁଥିଲେ, ସେ ଜାତି କଦାପି କାହା ପାଖରେ ମୁଣ୍ଡ ନୁଆଁଇବ ନାହିଁ, ସେ ନିଶ୍ଚୟ ଉପରକୁ ଉଠିବ । ଉତ୍କଳବାସୀଙ୍କ ଅସୀମ ସାହସ ଏବଂ ବୀରତ୍ୱ ହିଁ ସମ୍ରାଟ୍ ଅଶୋକଙ୍କୁ ବିଚଳିତ କରିଥିଲା । ଏହି ଉତ୍କଳ ମାଟି ତାଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା । ଅତୀତ ଉତ୍କଳର ସେହି ବୀରତ୍ୱ, ପରମ୍ପରା ତଥା ସ୍ୱାଭିମାନକୁ ସ୍ମରଣ କରି ଆମକୁ ଓଡ଼ିଶାକୁ ଆଗେଇ ନେବାକୁ ପଡ଼ିବ । ବର୍ତ୍ତମାନ ଦୁନିଆ ବଦଳି ଯାଇଛି, ଆଧୁନିକ ବିଜ୍ଞାନ ଓ କାରିଗରୀ କୌଶଳ ପ୍ରୟୋଗ କରି ଆମର କୃଷି, ଶିଳ୍ପ, ଜଳସେଚନ, ଶିକ୍ଷା ଆଦିର ସମ୍ପ୍ରସାରଣ କରିବାକୁ ହେବ । ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ଦିଗରେ ସରକାର ବଦ୍ଧ ପରିକର । ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇସାରିଛି । କାହା ପାଖରେ ଆମେ ନତମସ୍ତକ ହେବା ନାହିଁ । ଦିଲ୍ଲୀର ସହ ସମସ୍ତେ ମିଳିମିଶି ଓଡ଼ିଶାକୁ ଦେଶର ଅନ୍ୟ ଉନ୍ନତ ରାଜ୍ୟସହ ସମକକ୍ଷ କରି ଗଢ଼ି ତୋଳିବା ନିମନ୍ତେ ଆଗେଇ ଆସିବାକୁ ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଗଡଖୋର୍ଦ୍ଧାର ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ କରି ଏହାର ଉପଯୁକ୍ତ ସଂରକ୍ଷଣ କରାଯିବା ସଙ୍ଗେସଙ୍ଗେ ଏହି ଐତିହାସିକ ସ୍ଥାନରେ ପ୍ରତି ବର୍ଷ ରାଜ୍ୟସ୍ତରୀୟ ପାଇକ ଆଖଡା ଉତ୍ସବ ଆୟୋଜନ କରାଯିବ । ମୁଖ୍ୟମନ୍ତ୍ରୀ ପାଇକ ଆଖଡା ପ୍ରତିଯୋଗିତା ଉପଲକ୍ଷେ ପ୍ରକାଶିତ "ରକ୍ତତୀର୍ଥ ଖୁରୁଧାଗଡ", "ବନ୍ଦେମାତରମ୍" ଓ "ଖୁରୁଧାର କବିତା ମୁଁ ପଢେ" ପୁସ୍ତିକା ଉନ୍ମୋଚନ କରିଥିଲେ ।

ତୁରମଲ ଛକଠାରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ସଙ୍ଗେସଙ୍ଗେ ପାରମ୍ପରିକ ପୋଷାକରେ ସୁସଜ୍ଜିତ ପାଇକମାନେ ନୃତ୍ୟ, ଗୀତ ଏବଂ ଶଙ୍ଖଧ୍ୱନୀ ମଧ୍ୟରେ ତାଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ଏକ ସୁସଜ୍ଜିତ ଘୋଡାଗାଡିରେ ତାଙ୍କୁ ଗଡଖୋର୍ଦ୍ଧା ଉତ୍ସବ ମଣ୍ଡପକୁ ନିଆଯାଇଥିଲା ।

ସ୍ଥାନୀୟ ବିଧାୟକ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସମ୍ମାନୀୟ ଅତିଥି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର କରୁଣା ସାଗର ବେହେରା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ । ଶ୍ରୀ ପାଟଶାଣୀ ତାଙ୍କର ସଭାପତି ଅଭିଭାଷଣରେ ଐତିହାସିକ ଖୋର୍ଦ୍ଧାଗଡର ସ୍ମୃତିରକ୍ଷା ପାଇଁ ଏହାକୁ ଏକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ସଙ୍ଗେସଙ୍ଗେ ପ୍ରତିବର୍ଷ ରାଜ୍ୟସ୍ତରୀୟ ପାଇକ ଆଖଡାର ଆୟୋଜନ କରିବା ପାଇଁ ଦାବୀ କରିଥିଲେ । ଏହାଛଡା ଭାରତୀୟ ସେନାବାହିନୀରେ ଏକ ପାଇକ ରେଜିମେଣ୍ଟ ଗଠନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ବେଗୁନିଆ ବିଧାନସଭା ସଦସ୍ୟ ଶ୍ରୀ ସୁରେନ୍ଦ୍ର ନାଥ ମିଶ୍ର ମଧ୍ୟ ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ସକାଳ ୬ ଘଣ୍ଟା ସମୟରେ ଗଡମାଣତ୍ରୀ ରାମଚଣ୍ଡୀ ମନ୍ଦିରରେ ମଶାଲ ପ୍ରଜ୍ୱଳନ କରାଯାଇଥିଲା । ସନ୍ଧ୍ୟା ୫ ଘଣ୍ଟା ସମୟରେ ସ୍ଥାନୀୟ ବିଧାୟକଙ୍କ ନେତୃତ୍ୱରେ ଖୋର୍ଦ୍ଧା ସହରରେ ମଶାଲ ଶୋଭାଯାତ୍ରା କରାଯାଇଥିଲା ଏବଂ ଓଡ଼ିଶା ସଶସ୍ତ୍ର ପୋଲିସ ବାହିନୀ ଦ୍ୱାରା ବରୁଣେଇ ପାହାଡ ଉପରେ ମଶାଲ ସମାରୋହ ପ୍ରଦର୍ଶନ କରାଯାଇଥିଲା ।

ପାଇକ ଆଖଡା ପ୍ରତିଯୋଗିତା ପାଇଁ ପୁରୀ, ଗଞ୍ଜାମ, ଢେଙ୍କାନାଳ, କଟକ ଓ ବାଲେଶ୍ୱର ଜିଲ୍ଲାରୁ ୪୩ଟି ଦଳର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗ ଦେଇଥିଲେ । ସନ୍ଧ୍ୟାରେ ବିଭିନ୍ନ ବନାଟି ଯଥା : ଉସି ବନାଟି, ବାଡି ବନାଟି, ଚକ୍ର ବନାଟି ଓ ଢାଲ ତରବାରୀ ପ୍ରଦର୍ଶନୀ ଖେଳ ଅନୁଷ୍ଠିତ ହୋଇଥିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଖୋର୍ଦ୍ଧାଗଡ ଦୁର୍ଗର ସଂରକ୍ଷଣ କରାଯିବା ସଙ୍ଗେସଙ୍ଗେ ଖନନ କାର୍ଯ୍ୟ ମଧ୍ୟ ଚାଲୁ ରଖାଯାଇଛି । ପ୍ରଥମ ମୁକୁନ୍ଦଦେବଙ୍କ ସମୟରେ ୧୫୬୮ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠିତ ଏହି ଐତିହାସିକ ଖୋର୍ଦ୍ଧାଗଡର ପତନ ୧୮୦୪ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ମୁକୁନ୍ଦଦେବଙ୍କ ରାଜତ୍ୱ କାଳରେ ଆରମ୍ଭ ହୋଇଥିଲା । ଖନନ ଫଳରେ ଏହି ଦୁର୍ଗର ପ୍ରବେଶ ଦ୍ୱାର ଉଭୟ ପାର୍ଶ୍ୱରେ ୧୭୨ ଫୁଟ ଲମ୍ବ ପ୍ରାଚୀର, ଜଗୁଆଳୀ ଗୃହ, ଗଡଖାଇ, ମନ୍ଦିରର ଭଗ୍ନାବଶେଷ, ପାକଶାଳା ଓ ବାର୍ମିଂ ପ୍ରଭୃତି ଲୋକଲୋଚନକୁ ଆସିପାରିଛି । ଗଡ ମଧ୍ୟରେ ପୁଷ୍କରିଣୀ ସଂଲଗ୍ନ ପାଇକମାନଙ୍କର ଇଷ୍ଟଦେବୀ ହସ୍ତେଶ୍ୱରୀ ମନ୍ଦିର ବୋଲି ବିଶ୍ୱାସ କରାଯାଉଥିବା ମନ୍ଦିରରୁ ଛୋଟ ପିତଳ ବିଷ୍ଣୁ ମୂର୍ତ୍ତି, ଫରୁଆ, ମାଟିପାତ୍ର ଏବଂ ପାଇକମାନେ ବ୍ୟବହାର କରୁଥିବା ପଥରର ସୁଆସ୍ତ ମିଳିଥିବାର ଖନନ ଦାୟିତ୍ୱରେ ଥିବା ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟାପକ ଡଃ ପ୍ରଶାନ୍ତ କୁମାର ରାୟଙ୍କଠାରୁ ପ୍ରକାଶ ।

## ଦାରିଦ୍ର୍ୟ ଦୂରୀକରଣ ଯୋଜନା

କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଚଳିତ ଆର୍ଥିକ ବର୍ଷ (୧୯୯୦-୯୧)ର ପ୍ରଥମ ଦୁଇମାସରେ ମୋଟ ୯ ହଜାର ୧୯୮ଟି ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକମାନେ ଉପକୃତ ହୋଇଛନ୍ତି । ଉପକୃତ ବ୍ୟକ୍ତିମାନଙ୍କ ମଧ୍ୟରେ ୬ ହଜାର ୫୧୫ ଜଣ ତଫସିଲଭୁକ୍ତ ଜାତି ଓ ୨ ହଜାର ୬୮୩ ଜଣ ଉପଜାତିର ବ୍ୟକ୍ତି ଅନ୍ତର୍ଭୁକ୍ତ । କେବଳ ଗତ ମାସରେ ଉପକୃତ ହୋଇଥିବା ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କ ସଂଖ୍ୟା ଯଥାକ୍ରମେ ୨ ହଜାର ୮୪୫ ଓ ୨ ହଜାର ୪୫ ବୋଲି ଗତ ମଙ୍ଗମାସର କୋଡ଼ିଏସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ଜଣାପଡ଼ିଛି ।

ଉକ୍ତଅବଧି ସମୟ ମଧ୍ୟରେ ଆଇ: ଆର୍: ଡି: ପି: ମାଧ୍ୟମରେ ୪୬୮ଟି ତଫସିଲଭୁକ୍ତ ଜାତି ଓ ୫୨୦ଟି ଉପଜାତିର ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି । ସେହିପରି ଅନ୍ୟାନ୍ୟ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଉକ୍ତ ସମୟ ମଧ୍ୟରେ ୨ ହଜାର ୪୮୬ ଜଣ ତଫସିଲଭୁକ୍ତ ଜାତି ଓ ୨ ହଜାର ୧୦୩ ଜଣ ଉପଜାତିର ଲୋକ ଉପକୃତ ହୋଇଛନ୍ତି ବୋଲି ଜଣାପଡ଼ିଛି ।

## ପରିବେଶ ପ୍ରାଚୀର ଚିତ୍ର ପ୍ରଦର୍ଶନୀ

ଗତ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ରାଜ୍ୟ ସଂଗ୍ରହାଳୟଠାରେ ୧୫ ଦିନ ବ୍ୟାପୀ ଏକ ରାଜ୍ୟସ୍ତରୀୟ ପ୍ରାଚୀର ଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ପରିବେଶ ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରାଚୀର ଚିତ୍ର ପ୍ରଦର୍ଶନୀରେ ରାଜ୍ୟର ବହୁ କଳାକାର ଅଂଶ ଗ୍ରହଣ କରିଥିଲେ । ଗତକାଲି ଏହି ପ୍ରଦର୍ଶନୀର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଛି । ବି: ଜେ: ବି: କଲେଜର ଦ୍ୱିତୀୟ ବାର୍ଷିକ ବିଜ୍ଞାନ ଛାତ୍ରୀ କୁମାରୀ ସୁଚିସ୍ମିତା ପଟ୍ଟନାୟକଙ୍କ ପ୍ରାଚୀର ଚିତ୍ର ଶ୍ରେଷ୍ଠ ବିବେଚିତ ହେବା ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଥମ ପୁରସ୍କାର ୫୦୦ ଟଙ୍କା ପ୍ରଦାନ କରାଯାଇଛି । ଖଲ୍ଲିକୋଟ କଳା ମହାବିଦ୍ୟାଳୟର ଶ୍ରୀ ରାଜେନ୍ଦ୍ର କୁମାର ପାଢ଼ୀଙ୍କ ପ୍ରାଚୀର ଚିତ୍ର ଦ୍ୱିତୀୟ ଏବଂ ନୟାଗଡର ଶ୍ରୀ ଅଦ୍ୱୈତାନନ୍ଦ ପଟ୍ଟନାୟକଙ୍କ ପ୍ରାଚୀର ଚିତ୍ର ତୃତୀୟ ସ୍ଥାନ ହାସଲ କରିଥିବାରୁ ସେମାନଙ୍କୁ ଯଥାକ୍ରମେ ୩୦୦ ଟଙ୍କା ଓ ୨୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି । ଏହାଛଡା ଅନ୍ୟ ୬ ଜଣ ପ୍ରତିଯୋଗୀଙ୍କୁ ମଧ୍ୟ ସାନ୍ତ୍ୱନା ପୁରସ୍କାର ପ୍ରଦାନ କରାଯାଇଛି । ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗ ଶାସନ ସଚିବ ଶ୍ରୀ ସୁବାସ ପାଣି ଏହି ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏହି ପୁରସ୍କାର ପ୍ରଦାନ କରିଥିଲେ ।

ଓଡ଼ିଶା ପ୍ରକୃତି ଓ ବନ୍ୟପ୍ରାଣୀ ସଂରକ୍ଷଣ ସମିତିର କାର୍ଯ୍ୟକାରୀ ସଭାପତି ଡକ୍ଟର ଉଦୟନାରାୟଣ ଦେବ ଏହି ଉତ୍ସବରେ ଯୋଗଦାନ କରିଥିଲେ । ବନ୍ୟ ସମ୍ପଦର ଦ୍ରୁତ ଅବକ୍ଷୟ ସାଙ୍ଗକୁ ପରିବେଶ ପ୍ରଦୂଷଣ ଫଳରେ ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି, ସେ ସମ୍ପର୍କରେ ଡକ୍ଟର ଦେବ ତାଙ୍କ ଭାଷଣରେ ସତର୍କ କରାଇ ଦେବା ସଙ୍ଗେ ସଙ୍ଗେ ପରିବେଶର ସୁରକ୍ଷା ନିମନ୍ତେ ସବୁସ୍ତରରେ ଉଦ୍ୟମ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

## ବିଶ୍ୱବ୍ୟାଙ୍କ ସହାୟତା

ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ରେଜିଷ୍ଟ୍ରି ଅଫିସମାନଙ୍କରେ "କାର୍ଡେକ୍‌ସ" ପ୍ରଥା ପ୍ରବର୍ତ୍ତନ କରାଯାଇଛି । ଏହି ପ୍ରକ୍ରିୟା ଦ୍ୱାରା ରେଜିଷ୍ଟ୍ରି ଅଫିସ୍‌ରେ ଗ୍ରାମଓ୍ୱାରୀ ଜମି ଖରିଦ ବିକ୍ରୀର ତାଲିକାଏବଂ ଜମିର ବ୍ୟୟମୁକ୍ତ ସାର୍ଟିଫିକେଟ୍ ଶୀଘ୍ର ଓ ସହଜ ଉପାୟରେ ସାଧାରଣ ଲୋକମାନଙ୍କୁ ଯୋଗାଇ ଦିଆଯାଇ ପାରିବ ।

ରାଜ୍ୟର ୯ଟି ରେଜିଷ୍ଟ୍ରି ଅଫିସ୍‌କୁ ୭୬୯ କାର୍ଡେକ୍‌ସ ମେସିନ୍ ଓ କ୍ୟାବିନେଟ୍ ଯୋଗାଇ ଦିଆଯାଇଛି ଏବଂ ଅବଶିଷ୍ଟ ସମସ୍ତ ଅଫିସ୍‌କୁ ଏହା ଯୋଗାଇ ଦିଆଯିବା ପାଇଁ ପଦକ୍ଷେପ ନିଆଯାଉଛି । ବିଶ୍ୱବ୍ୟାଙ୍କ ସହାୟତାରେ ରାଜ୍ୟର ୭୬ଟି ସବ୍‌ରେଜିଷ୍ଟ୍ରି ଅଫିସ୍‌ର ରେକର୍ଡ଼ ରୁମ୍ ତିଆରି କରାଯାଇଛି ବୋଲି ୧୯୮୯-୯୦ ବର୍ଷର ରାଜସ୍ୱ ବିଭାଗର କାର୍ଯ୍ୟ ବିବରଣୀରୁ ପ୍ରକାଶ ।

## ଆତ୍ମନିଯୁକ୍ତି ଯୋଜନାରେ ୬୩,୬୮୩ ଜଣଙ୍କୁ ଥଇଥାନ

ରାଜ୍ୟରେ ଆତ୍ମନିଯୁକ୍ତି ପାଇଁ ଗ୍ରାମ୍ୟ ଯୁବକ ଓ ଯୁବତୀଙ୍କ ତାଲିମ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଗ୍ରାମାଞ୍ଚଳର ୯୩,୨୯୩ ଯୁବକ ଓ ଯୁବତୀଙ୍କୁ ବିଶେଷ କରି ଆଇ: ଟି: ଆଇ: ଓ ପୋଲିଟେକ୍‌ନିକ୍ ଅନୁଷ୍ଠାନମାନଙ୍କରେ ତାଲିମ ଦିଆଯାଉ ସେମାନଙ୍କ ମଧ୍ୟରୁ ୬୩,୬୮୩ ଜଣ ଯୁବକ ଓ ଯୁବତୀଙ୍କୁ ଥଇଥାନ କରାଯାଇଛି । ଏଥିନିମନ୍ତେ ୧ କୋଟି ୭୨ ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ପରିବାରର ୧୮ରୁ ୩୫ ବର୍ଷ ଅଣକୁଶଳୀ ବେକାର ଯୁବକ ଯୁବତୀମାନଙ୍କୁ ବୈଷୟିକ ତାଲିମ ପ୍ରଦାନ କରି ଅଧିକ ଆୟକ୍ଷମ କରାଇବା ଏହି ଯୋଜନାର ଲକ୍ଷ୍ୟ ।

ଗତ ୧୯୮୯-୯୦ ଆର୍ଥିକ ବର୍ଷରେ ଏହି ଯୋଜନାରେ ୧୨,୫୨୦ ଜଣଙ୍କୁ ତାଲିମ ଦେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୧୨,୯୬୮ ଜଣ ଯୁବକ ଯୁବତୀଙ୍କୁ ବୈଷୟିକ ତାଲିମ ଦିଆଯାଇପାରିଛି ଏବଂ ଉକ୍ତ ବର୍ଷରେ ୧୩,୪୦୧ ଜଣଙ୍କୁ ଥଇଥାନ କରାଯାଇଛି ।

## ସ୍ୱାସ୍ଥ୍ୟ ସେବାର ପ୍ରସାର ପାଇଁ ଆହ୍ୱାନ

ଗତ ତା ୧୮-୬-୯୦ ରିଖ ସନ୍ଧ୍ୟାରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଶ୍ରୀରାମଚନ୍ଦ୍ର ଭଞ୍ଜ ଶାଖା ତରଫରୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ହୋଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଘାସିରାମ ମାଝି ସ୍ୱାସ୍ଥ୍ୟ ସେବାକୁ ଦ୍ୱାରେ ଦ୍ୱାରେ ପହଞ୍ଚାଇବା ପାଇଁ ସରକାରୀ କର୍ମଚାରୀମାନଙ୍କୁ ନିବେଦନ କରିଥିଲେ । ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ବ୍ୟୟ ଭାର ଅଧିକ ହେବା ପାଇଁ ମତ ଦେଇ ସରକାର ଜନସାଧାରଣଙ୍କ ଅଭାବ ଅସୁବିଧା ଦୂର କରିବା ଦିଗରେ ଯଥାଯଥ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ମତ ଦେଇଥିଲେ । ୪ର୍ଥଶ୍ରେଣୀ କର୍ମଚାରୀମାନଙ୍କୁ ଜରୁରୀକାଳୀନ କର୍ମଚାରୀ ରୂପେ ଘୋଷଣା କରିବାକୁ ସରକାର ବିଚାର କରିବେ ବୋଲି ସେ କହିଥିଲେ ।

ମୁଖ୍ୟବକ୍ତା ମୁଷ୍ତାଫିଦ୍ ଅହମଦ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସେବାକୁ ସ୍ମରଣ କରି ସେମାନଙ୍କ ଅଭାବ ଅସୁବିଧାରେ ସେ ସବୁବେଳେ ତାଙ୍କ ସାଙ୍ଗରେ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ସଂଘର ସଭାପତି ଶ୍ରୀ ବିଶ୍ୱନାଥ ପଣ୍ଡିତ କହିଥିଲେ ଯେ ଦୀର୍ଘ ୪୭ ବର୍ଷ ଧରି କର୍ମଚାରୀ ସଂଘ ଧର୍ମଘଟ କରିନାହିଁ । ଦାୟିତ୍ୱପୂର୍ଣ୍ଣ ସେବା ସଙ୍ଗଠନ ଏବଂ ପାରସ୍ପରିକ ଆଲୋଚନା ବହୁ ସମସ୍ୟାର ସମାଧାନ କରିଥାଏ ବୋଲି ସେ ମତ ଦେଇଥିଲେ । କର୍ମଚାରୀଙ୍କ କେତେକ ସମସ୍ୟା ପୂରଣ ହୋଇବାରେ ଟାଳଟୁଳ ନୀତି ଯୋଗୁଁ ସେ କ୍ଷୋଭପ୍ରକାଶ କରିଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମାଝି ସଂଘ ପକ୍ଷରୁ ଉପାୟନ ପ୍ରଦାନ କରିଥିଲେ । ଓଡ଼ିଶା ଶାଖା ଓମ୍ବସ୍ ସଭାପତି ପ୍ରଫେସର ବ୍ରହ୍ମା, ସମ୍ପାଦିକା ସୁରୁଲତା ମହାନ୍ତି, ଅଧ୍ୟକ୍ଷ ଭୁବନାନନ୍ଦ ଦାସ, ଅଧ୍ୟାପକ ରମାକାନ୍ତ ନନ୍ଦ, କୃଷ୍ଣଚନ୍ଦ୍ର ଦାସ ଓ ଶ୍ରୀ ବିରେନ୍ଦ୍ରନାଥ ରାୟ କର୍ମଚାରୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସଂଘ ତରଫରୁ ପ୍ରସନ୍ନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେବେନ୍ଦ୍ର ଶତପଥିଙ୍କ ବିୟୋଗରେ...

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ପୂର୍ବତନ ପାର୍ଲ୍ୟାମେଣ୍ଟ ସଦସ୍ୟ ଶ୍ରୀ ଦେବେନ୍ଦ୍ର ଶତପଥିଙ୍କ ବିୟୋଗରେ ଏକ ଶୋକବାର୍ତ୍ତାରେ କହିଛନ୍ତି, "ସ୍ପଷ୍ଟ ସରଳ ରୂପେ ସୁପରିଚିତ ବିଶିଷ୍ଟ ଜନସେବକ ଶ୍ରୀ ଦେବେନ୍ଦ୍ର ଶତପଥିଙ୍କ ତିରୋଧାନରେ ମୁଁ ଗଭୀରଭାବେ ମର୍ମାହତ । ଶ୍ରୀ ଶତପଥି ମୃତ୍ୟୁ ପର୍ଯ୍ୟନ୍ତ ଜନସେବାରେ ଅତ୍ୟନ୍ତ ସକ୍ରିୟ ଥିଲେ । ଓଡ଼ିଶାରୁ ସେ ପାର୍ଲ୍ୟାମେଣ୍ଟକୁ ନିର୍ବାଚିତ ହୋଇଥିଲେ । ଦୁଃସ୍ଥ, ଦରିଦ୍ରଙ୍କ ସେବାରେ ସର୍ବଦା ନିଜକୁ ନିୟୋଜିତ କରିଥିଲେ ଏବଂ ସେମାନଙ୍କ କଲ୍ୟାଣ ନିମିତ୍ତ ଉତ୍ସାହର ସହିତ କାର୍ଯ୍ୟ କରୁଥିଲେ । ସେ ଜଣେ ବିଶିଷ୍ଟ ଲେଖକ ଏବଂ ବହୁ ବର୍ଷ ଧରି "ଧରିତ୍ରୀ"ର ସମ୍ପାଦକ ଥିଲେ । ତାଙ୍କ ମୃତ୍ୟୁରେ ଅପୂରଣୀୟ କ୍ଷତି ଘଟିଛି ।"

## ପର୍ଯ୍ୟଟନ ବିକାଶ ପାଇଁ କେନ୍ଦ୍ରୀୟ ପ୍ରତିଶ୍ରୁତି

ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଅସୀମ ସମ୍ଭାବନା ରହିଛି ଓ ଏହାକୁ ବିକାଶ କରିବା ପାଇଁ କେନ୍ଦ୍ର ସରକାର ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେବେ ବୋଲି କେନ୍ଦ୍ର ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସତ୍ୟପାଲ ମଲ୍ଲିକ ପ୍ରତିଶ୍ରୁତି ଦେଇଛନ୍ତି ।

ଜୁଲାଇ ୫ରେ ସଚିବାଳୟଠାରେ ଅନୁଷ୍ଠିତ ଏକ ବୈଠକରେ ଭାଷଣ ଦେଇ ଶ୍ରୀ ମଲ୍ଲିକ କହିଲେ ଯେ ଓଡ଼ିଶାରେ ଖୁବ୍ ସୁନ୍ଦର ବେଳାଭୂମି, ପ୍ରାଚୀନ କୀର୍ତ୍ତି, ଅଭୟାରଣ୍ୟ ଓ ହସ୍ତଶିଳ୍ପ ରହିଥିବାରୁ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ହେବ । ଦେଶର ଆର୍ଥିକ ପରିସ୍ଥିତିକୁ ଆଖି ଆଗରେ ରଖି ଅଧିକ ପରିମାଣର ବିଦେଶୀ ମୁଦ୍ରା ଦରକାର ହେଉଥିବାରୁ ପର୍ଯ୍ୟଟନ ମାଧ୍ୟମରେ ଏହି ଅସୁବିଧା ଅନେକାଂଶରେ ପୂରଣ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ପର୍ଯ୍ୟଟନ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ କରି ସେ କହିଲେ ଯେ ଆମ ଦେଶରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବା ପାଇଁ ଆସନ୍ତା ଜାନୁଆରୀ ମାସଠାରୁ ଏକବର୍ଷ ପାଇଁ "ଭାରତ ପରିଭ୍ରମଣ ବର୍ଷ" (Visit India Year) ପାଳନ କରାଯାଉଛି । ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀମାନଙ୍କର ଭିତ୍ତିଭୂମି ଉନ୍ନୟନ ପାଇଁ କେନ୍ଦ୍ର ସରକାର ନିଜ ସମ୍ବଳକୁ ଆଖି ଆଗରେ ରଖି ସର୍ବାଧିକ ସାହାଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ଏବଂ ଓଡ଼ିଶାର ପର୍ଯ୍ୟଟନ ସମସ୍ୟାଗୁଡ଼ିକୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ସହିତ ସମନ୍ୱୟ ସ୍ଥାପନ କରି ତାହା ସମାଧାନ କରିବାରେ ସାହାଯ୍ୟ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ମଲ୍ଲିକ ଆହୁରି କହିଥିଲେ ଯେ ଚିଲିକାରେ ଜଳକ୍ରୀଡ଼ା ପାଇଁ ଯଥେଷ୍ଟ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଆସିବାର ସମ୍ଭାବନା ଥିବା ଦୃଷ୍ଟିରୁ ଏଥିପାଇଁ ସବୁ ପ୍ରକାର କେନ୍ଦ୍ରୀୟ ସାହାଯ୍ୟ ଯୋଗାଇ ଦିଆଯିବ ।

ଆଲୋଚନା ଆରମ୍ଭ କରି ଓଡ଼ିଶାର ପର୍ଯ୍ୟଟନ ଓ ସଂସ୍କୃତି ଉପମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା କହିଲେ ଯେ ଆମ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିପୁଳ ସମ୍ଭାବନା ଥିଲେ ମଧ୍ୟ ତାହାକୁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣଭାବେ ବିକଶିତ କରାଯାଇ ପାରିନାହିଁ । ବିଭିନ୍ନ ଧର୍ମ ଓ ସଂସ୍କୃତିର ମିଳନପୀଠ ଓଡ଼ିଶାରେ ଦୀର୍ଘ ୪୮୨ କିଲୋମିଟରବ୍ୟାପୀ ସୁନ୍ଦର ବେଳାଭୂମି, ନାନାପ୍ରକାର ପଶୁପକ୍ଷୀ ଓ ଉଦ୍ଭିଦ, ଧଉଳି, ରତ୍ନଗିରି, ଲଳିତଗିରିରେ ଥିବା ବୌଦ୍ଧ କୀର୍ତ୍ତିରାଜି, ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରସ୍ଥଳୀଗୁଡ଼ିକର ଭିତ୍ତିଭୂମି ବିକାଶ କରିବା ପାଇଁ ଯଥେଷ୍ଟ ପରିମାଣର କେନ୍ଦ୍ରିୟ ସାହାଯ୍ୟ ଯୋଗାଇ ଦେବାପାଇଁ ସେ ଅନୁରୋଧ କରିଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ମିଶ୍ର ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶାରେ ଥିବା ବହୁ ପ୍ରାକୃତିକ ବିଭବ, ସାଂସ୍କୃତିକ ପରମ୍ପରା ଓ ତଥ୍ୟ ପ୍ରସବଣ ସମ୍ପର୍କରେ ସୂଚନା ଦେଇଥିଲେ ।

ଆଲୋଚନାରେ ଭାଗନେଇ ପର୍ଯ୍ୟଟନ ବିଭାଗ ଶାସନ ସଚିବ ଶ୍ରୀ ରାଜକିଶୋର ଭୁଜବଳ ପ୍ରତିବର୍ଷ ୨୦,୦୦୦ରୁ ୩୦,୦୦୦ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଶା ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ବେଳାଭୂମିକୁ ସଂଯୁକ୍ତ କରାଗଲେ, ତାହା ଓଡ଼ିଶାର ପର୍ଯ୍ୟଟନ ବିକାଶ ମାର୍ଗକୁ ତ୍ୱରାନ୍ୱିତ କରିପାରିବ । ତାହାଛଡ଼ା, ପ୍ରାଚୀନ ବୌଦ୍ଧକୀର୍ତ୍ତିରେ ସମୃଦ୍ଧ ଧଉଳିଗିରି, ଲଳିତଗିରି, ରତ୍ନଗିରିର ବିକାଶ ସଙ୍ଗେ ସଙ୍ଗେ ଓଡ଼ିଶାରେ ବାୟୁଯାନ ଚଳାଚଳର ସୁବିଧା ସମ୍ପ୍ରସାରିତ ହୋଇପାରିଲେ, ପର୍ଯ୍ୟଟନ ବିକାଶ ତ୍ୱରାନ୍ୱିତ କରାଯାଇ ପାରିବ ବୋଲି ସେ ମତ ଦେଇଥିଲେ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କ ସାହାଯ୍ୟ, ସମର୍ଥନ ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

## ରଥଯାତ୍ରା ଉପଲକ୍ଷେ "ଶଙ୍ଖକ୍ଷେତ୍ର" ପ୍ରଦର୍ଶନୀ

ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପୁରୀ ଶରଧାବାଲିରେ "ଶଙ୍ଖକ୍ଷେତ୍ର" ଶୀର୍ଷକ ଏକ ଆଲୋକଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ୨,୪୦୦ ବର୍ଗଫୁଟ ପରିମିତ ଏହି ପ୍ରଦର୍ଶନୀର ମୁଖଶାଳା ନୀଳସାଗର ତଟେ ଏକ ବିରାଟ ଶଙ୍ଖ ଚିତ୍ର ଦ୍ୱାରା ସୁସଜ୍ଜିତ କରାଯାଇଥିଲା । ପ୍ରଦର୍ଶନୀ ମଧ୍ୟରେ ଓଡ଼ିଶାର ଦର୍ଶନୀୟ ସ୍ଥାନ, ପୁରୀ ସହରର ଶଙ୍ଖକ୍ଷେତ୍ରର ତୀର୍ଥ ସ୍ଥାନଗୁଡ଼ିକର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇ ମାନଚିତ୍ରମାନ ପ୍ରଦର୍ଶିତ ହୋଇଥିଲା । ଶ୍ରୀକ୍ଷେତ୍ରରେ ଥିବା ପ୍ରାୟ ସମସ୍ତ ଦର୍ଶନୀୟ ସ୍ଥାନର ରଙ୍ଗୀନ ଆଲୋକଚିତ୍ର ସହ ଆବଶ୍ୟକୀୟ ତଥ୍ୟ ଏହି

ପ୍ରଦର୍ଶନୀରେ ସ୍ଥାନ ପାଇଥିଲା । ଶ୍ରୀଜଗନ୍ନାଥଙ୍କର ସ୍ନାନଯାତ୍ରାଠାରୁ ଆରମ୍ଭ କରି ବାହୁଡା ଯାତ୍ରା ପର୍ଯ୍ୟନ୍ତ ସବୁ ଉତ୍ସବର ବହୁ ଆଲୋକଚିତ୍ର ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ହୋଇଥିଲା । ପୁରୀ ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନର ଚିତ୍ର ଓ ବିଭିନ୍ନ ପର୍ବପର୍ବାଣୀର ରଙ୍ଗୀନ ଆଲୋକଚିତ୍ର ପ୍ରଦର୍ଶନୀ ସୁଶୋଭିତ କରିଥିଲା ।

## ଭାରତ ପରିକ୍ରମା କୁପନ

ଗତ ଜୁଲାଇ ୭ ତାରିଖ ପୂର୍ବାହ୍ନରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ବିବେକାନନ୍ଦ ଭାରତ ପରିକ୍ରମା, ୧୯୯୨ ନିମିତ୍ତ ରାଜ୍ୟରେ କୁପନ ବିକ୍ରୟ ଯୋଜନା ନିକେ ପ୍ରଥମ କୁପନ କିଣି ଉଦ୍‌ଘାଟନ କରିଛନ୍ତି ।

ସ୍ୱାମୀ ବିବେକାନନ୍ଦଙ୍କର ଚିକାଗୋ ଅଭିଭାଷଣର ଶତବାର୍ଷିକୀ ପାଳନ ଅବସରରେ କନ୍ୟାକୁମାରୀଠାରେ ୧୯୯୨ ନଭେମ୍ବର ୧୯ ତାରିଖ ଦିନ ଆରମ୍ଭ ହେବାକୁ ଯାଉଥିବା ସମାରୋହର ଅବ୍ୟବହିତ ପୂର୍ବରୁ "ବିବେକାନନ୍ଦ ଭାରତ ପରିକ୍ରମା" ସେହି ମହାମାନବଙ୍କ ବାଣୀ ଦେଶବ୍ୟାପୀ ପ୍ରଚାର ନିମନ୍ତେ ଉଦ୍ଦିଷ୍ଟ ।

ଗୁରୁପୂର୍ଣ୍ଣିମା ଦିବସରେ ଏହି ସମାରୋହର ପ୍ରସ୍ତୁତି ନିମନ୍ତେ କେନ୍ଦ୍ର ଓ ରାଜ୍ୟସ୍ତରରେ କୁପନ ବିକ୍ରି ଉଦ୍‌ଘାଟନ ହେଉଛି । ରାଷ୍ଟ୍ରପତି ଶ୍ରୀ ଆର୍. ଭେଙ୍କଟରମଣ ସେହି ଦିନ ଏହା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ରାଜ୍ୟପାଳ ଶ୍ରୀ ଶର୍ମା ଏହା ରାଜ୍ୟସ୍ତରରେ ଉଦ୍‌ଘାଟନ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିବେକାନନ୍ଦ କେନ୍ଦ୍ରର ଉପଦେଷ୍ଟା ପ୍ରଫେସର ବିପ୍ରଭୂଷଣ ଦାସ, କେନ୍ଦ୍ରର ସଭାପତି ଶ୍ରୀ ଲୋକନାଥ ବିହାରୀ କର ଓ ଶ୍ରୀ ଶାରଦାବିହାରୀ ପାଣିଙ୍କ ସହ ରାଜଭବନକୁ ଯାଇ ରାଜ୍ୟପାଳ ଶ୍ରୀ ଶର୍ମାଙ୍କୁ ଏହି କୁପନ ବିକ୍ରୟ କରିଥିଲେ ।

ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ରାଜ୍ୟପାଳ ଶ୍ରୀ ଶର୍ମା ଆଜିର ଦୁନିଆରେ ଜନସମାଜ ମୌଳିକ ମୂଲ୍ୟବୋଧଠାରୁ ଦୂରେଇ ଯାଉଥିବାରୁ କ୍ଷୋଭପ୍ରକାଶ କରିଥିଲେ । ସ୍ୱାମୀ ବିବେକାନନ୍ଦ ଦେଶର ଓ ସମାଜର ସମସ୍ତ ସମସ୍ୟାକୁ ପୂର୍ଣ୍ଣଭାବରେ ହୃଦୟଙ୍ଗମ କରିଥିଲେ ଓ ଏହାର ସମାଧାନ ପାଇଁ ସେ ଅତି ଅଳ୍ପ ବୟସରୁ ସାରା ବିଶ୍ୱକୁ ଜାଗ୍ରତ କରିବାକୁ ପ୍ରୟାସ କରିଥିଲେ । ଆଜିକୁ ସେତେବେଳେ ବର୍ତ୍ତମାନ ଏ ଦେଶର ପ୍ରଚାର ସାଧନ ଓ ସଙ୍ଗଠନ ଏତେ ଉନ୍ନତ ହୋଇନଥିଲେ ମଧ୍ୟ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଜନସମାଜରେ ବହୁଳଭାବେ ପ୍ରଭାବ ବିସ୍ତାର କରିଥିଲା । ତେଣୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଓ ମାନବିକ ମୂଲ୍ୟବୋଧର ପ୍ରଚାରକ କରିବା ସଙ୍ଗେ ସଙ୍ଗେ ଏହି ମହାପୁରୁଷଙ୍କ ପ୍ରଦର୍ଶିତ ପଥରେ ପ୍ରଭାବିତ ହେବାପାଇଁ ଉଦ୍ୟମ କରିବାକୁ ଶ୍ରୀ ଶର୍ମା ଯୁବସମାଜକୁ ଆହ୍ୱାନ ଦେଇଥିଲେ ।

## ସମ୍ବାଦପତ୍ର ବେତନ ବୋର୍ଡ଼

ଜୁଲାଇ ୨୧ରେ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ବଚ୍ଛାୱତ୍ ବେତନ ବୋର୍ଡର ସୁପାରିଶ କାର୍ଯ୍ୟକାରୀ କରିବା ପାଇଁ ଗଠିତ ରାଜ୍ୟସ୍ତରୀୟ ତ୍ରିପାକ୍ଷିକ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଶ୍ରମ ଓ ନିଯୁକ୍ତି ବିଭାଗ ଶାସନ ସଚିବ, ଶ୍ରମ କମିଶନରଙ୍କ ସମେତ ଉତ୍କଳ ସାମ୍ବାଦିକ ସଂଘ, ନ୍ୟାସନାଲ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ଓ ନିଖିଳ ଓଡ଼ିଶା ଅଣ-ସାମ୍ବାଦିକ କର୍ମଚାରୀ ୟୁନିୟନର ପ୍ରତିନିଧିମାନେ ଯୋଗ ଦେଇଥିଲେ । କାର୍ଯ୍ୟକାରୀ ସାମ୍ବାଦିକ, ଅଣ-ସାମ୍ବାଦିକ ଓ ସମ୍ବାଦପତ୍ର କର୍ମଚାରୀମାନଙ୍କ ପ୍ରତି ବଚ୍ଛାୱତ ବେତନ ବୋର୍ଡର ସୁପାରିଶ କିପରି ଲାଗୁ କରାଯାଉଛି, ସେ ସମ୍ପର୍କରେ କମିଟିରେ ସମୀକ୍ଷା କରାଯାଇଥିଲା । ସମୀକ୍ଷାରୁ ଜଣାପଡ଼ିଛି ଯେ ଏ ସମ୍ପର୍କୀୟ ଅଗ୍ରଗତି ସନ୍ତୋଷଜନକ ନୁହେଁ । ଖବରକାଗଜ ସଂସ୍ଥାମାନଙ୍କର ମୋଟ ଆୟ ଓ କର୍ମଚାରୀମାନଙ୍କୁ ଦିଆଯାଉଥିବା ବେତନ ତଥା ଅନ୍ୟାନ୍ୟ ଭତ୍ତା ସଂପର୍କୀୟ ପୂର୍ଣ୍ଣାଙ୍ଗ ବିବରଣୀ ସଂଗୃହୀତ ହୋଇ ପାରି ନଥିବା ଶ୍ରମ କମିଶନର ପ୍ରକାଶ କରିଥିଲେ । ବିଭିନ୍ନ ପ୍ରସଙ୍ଗ ଉପରେ ଠିକ ଖବର ସଂଗ୍ରହ କରିବା ନିମନ୍ତେ ପଦକ୍ଷେପ ନେବାକୁ କମିଟି ନିଷ୍ପତ୍ତି ନେଇଛି । ତାହାପରେ ତାହା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ସାମ୍ବାଦିକ ଆଇନ ବଳରେ ନିଯୁକ୍ତି ନିରୀକ୍ଷକମାନେ ଖବରକାଗଜ ସଂସ୍ଥାଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷ ଓ କର୍ମଚାରୀ ୟୁନିୟନକୁ ଯଥାଯଥଭାବେ ନୋଟିସ୍ ଦେଇ ସମ୍ବାଦପତ୍ର ସଂସ୍ଥା ପରିଦର୍ଶନ କରିବା ପାଇଁ ସୁପାରିଶ କରିଥିଲେ । ପରିଶେଷରେ ବିଭିନ୍ନ ୟୁନିୟନର ପ୍ରତିନିଧିମାନେ ସରକାର ରାଜ୍ୟରେ ବଚ୍ଛାୱତ୍ ବେତନ ବୋର୍ଡ଼ର ସୁପାରିଶକୁ ଯଥାଯଥଭାବେ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଆନ୍ତରିକ ଉଦ୍ୟମ ଆରମ୍ଭ କରିଛନ୍ତି ସେଥିପାଇଁ ଶ୍ରମ ମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବିଶ୍ୱନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

ଗୀତଗେକୋର ବନ୍ଧମୁଣ୍ଡାଠାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କର ପବିତ୍ର ଜନ୍ମ ଶତବାର୍ଷିକୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି ।

ପାଣ୍ଡାଶରେ ବନ୍ଧମୁଣ୍ଡାର ମଧ୍ୟ ମଣ୍ଡପ ପଡ଼ିଆଠାରେ ଏକ ମନୋରମ ପରିବେଶ ମଧ୍ୟରେ ଅନୁଷ୍ଠିତ ସଭାରେ ବନ୍ଧମୁଣ୍ଡା ଉତ୍କଳବାହିନୀର ସଭାପତି ଶ୍ରୀ କାଶୀନାଥ ସାହୁ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ରାଉରକେଲାର ବିଶିଷ୍ଟ ସାମ୍ବାଦିକ, ସମାଜ ପ୍ରତିନିଧି ଶ୍ରୀ ଦେବେନ୍ଦ୍ର ନାରାୟଣ ପତି ପ୍ରଦୀପ ପ୍ରଜ୍ଜ୍ୱଳନ କରି ବିଶ୍ୱନାଥ ଦାସଙ୍କର ଏକ ସୁସଜ୍ଜିତ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସଭାର ପ୍ରାରମ୍ଭରେ ବନ୍ଧମୁଣ୍ଡା ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନ "ଉତ୍କଳ ବନ୍ଦନା" ପରିବେଷଣ କରିଥିଲେ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନୃସିଂହ ଚନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ବିଶ୍ୱନାଥ ଦାସଙ୍କର ପବିତ୍ର ଗୁଣାବଳୀ ଉପରେ ଆଲୋଚନା କରିଥିଲେ ।

ମୁଖ୍ୟ ବକ୍ତାଭାବରେ ଯୋଗଦେଇ ରାଉରକେଲା ପାଣ୍ଡ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଶ୍ରୀ ରବିନ୍ଦ୍ର ନାଥ ନାୟକ ବିଶ୍ୱନାଥ ଦାସଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ଯୁବ ସମାଜ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନେ ବକ୍ତା ବନ୍ଧମୁଣ୍ଡାର ସିନିୟର ଟିଚିକାଲ୍ ମେଡିକାଲ୍ ଅଫିସର ଶ୍ରୀ ସୁରେନ୍ଦ୍ରକୁମାର ନାୟକ ମଧ୍ୟ ବିଶ୍ୱନାଥ ଦାସ ଏକ ଯୁଗ ସ୍ରଷ୍ଟା ବୋଲି ମତବ୍ୟକ୍ତ କରିଥିଲେ । ବହୁ ଗଣ୍ୟମାନ୍ୟ ବ୍ୟକ୍ତି ବିଶ୍ୱନାଥ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଶେଷରେ ଉତ୍କଳ ବାହିନୀର ଉପସଭାପତି ଶ୍ରୀ ମଧୁସୂଦନ ନାୟକ ନିମନ୍ତ୍ରିତ ଅତିଥି ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବହୁମୁଖୀ କୃଷି ଉତ୍ପାଦନ

ରାଜ୍ୟରେ କୃଷିର ତ୍ୱରାନ୍ୱିତ ବିକାଶ କରି ଅଧିକ କୃଷି ଉତ୍ପାଦନ ଦ୍ୱାରା କୃଷକମାନଙ୍କ ଆର୍ଥିକ ଉନ୍ନତି କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବହୁମୁଖୀ କୃଷି ଉତ୍ପାଦନ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ଏହା ଚଳିତ ଖରିଫ୍ ଋତୁଠାରୁ କାର୍ଯ୍ୟକାରୀ କରାଯାଇଛି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଖରିଫ୍ ଋତୁରେ ରାଜ୍ୟରେ ୬୦ ଲକ୍ଷ ଟନ୍ ଚାଉଳ ଉତ୍ପାଦନ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଯାହାକି ପୂର୍ବବର୍ଷ ଉତ୍ପାଦନ ତୁଳନାରେ ୫.୬୦ ଲକ୍ଷ ଟନ୍ ଅଧିକ । ଗତବର୍ଷ ଖରିଫ୍ ଋତୁରେ ୫୪.୪୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅମଳ ହୋଇଥିଲା ।

ବିଗତ ତିନିବର୍ଷର ଉତ୍ପାଦନକୁ ଆଖି ଆଗରେ ରଖି ଏବଂ ବର୍ତ୍ତମାନ ସରକାରଙ୍କ ଆଭିମୁଖ୍ୟକୁ ଭିତ୍ତି କରି ଚଳିତ ଖରିଫ୍ ଋତୁରେ ଚାଉଳ ବ୍ୟତୀତ ୫.୨୯ ଲକ୍ଷ ଟନ୍ ଅନ୍ୟାନ୍ୟ ମୋଟା ଶସ୍ୟ, ୩.୯୦ ଲକ୍ଷ ଟନ୍ ଡାଲି ଜାତୀୟ ଶସ୍ୟ ଏବଂ ୪.୬୩ ଲକ୍ଷ ଟନ୍ ତୈଳବୀଜ ଉତ୍ପାଦନର ଲକ୍ଷ୍ୟ ମଧ୍ୟ ରଖାଯାଇଛି । ଉନ୍ନତ ବିହନ, ସାର ଓ କୀଟ ଏବଂ କୃଷି ଉପକରଣ ଭଳି କେତେଗୁଡ଼ିଏ ମୂଳ ଉପାଦାନ ଆବଶ୍ୟକତା ଅନୁଯାୟୀ ଠିକ୍ ସମୟରେ ପ୍ରତ୍ୟେକ ବ୍ଲକ୍‌ରେ ଦୁଇଟି ଲେଖାଏଁ ଏହିପରି ମୋଟ୍ ୬୨୮ ଗୋଟି ବିଭାଗୀୟ ବିକ୍ରୟ କେନ୍ଦ୍ର ଜରିଆରେ ଚାଷୀମାନଙ୍କୁ ଉଚିତ ମୂଲ୍ୟରେ ଯୋଗାଇ ଦେବାପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ବ୍ୟବସ୍ଥା ଅନୁଯାୟୀ ଚଳିତ ଖରିଫ୍ ଋତୁରେ ଦଧି, ଖଣ୍ଡଗିରି, ସାରଥି, ଲଲାଟ, ଆଇ.ଆର୍.-୩୬, ପ୍ରତାପ, ଯଯାତି, ଜଗନ୍ନାଥ, ସାବିତ୍ରୀ, କଳିଙ୍ଗ-୩ ଏବଂ ପାରିଜାତ ଭଳି ଅଧିକ ଅମଳକ୍ଷମ ୭୨,୫୦୦ କ୍ୱିଣ୍ଟାଲ ଧାନ ବିହନ, ୧୦୫ କ୍ୱିଣ୍ଟାଲ ଅନ୍ୟାନ୍ୟ ମୋଟା ଶସ୍ୟ ବିହନ, ୫,୫୦୦ କ୍ୱିଣ୍ଟାଲ ଡାଲି ଜାତୀୟ ବିହନ, ୨୦,୪୫୦ କ୍ୱିଣ୍ଟାଲ ତୈଳବୀଜ, ୧,୦୨୯ କ୍ୱିଣ୍ଟାଲ ଝୋଟ ବିହନ, ୨୨୯ କ୍ୱିଣ୍ଟାଲ ତୁଳା ବିହନ ଏବଂ ୫୫୦ କ୍ୱିଣ୍ଟାଲ ପନିପରିବା ବିହନ ଯୋଗାଇ ଦିଆଯିବ । ଚଳିତ ଖରିଫ୍ ଋତୁରେ ଚାଷୀମାନଙ୍କୁ ୨ ଲକ୍ଷ ୮୦ ହଜାର ମେଟ୍ରିକ୍ ଟନ୍ ସାର ଯୋଗାଇ ଦେବାପାଇଁ ବ୍ୟବସ୍ଥା ହୋଇଛି । ଗତବର୍ଷ ତୁଳନାରେ ଚଳିତବର୍ଷ ଶତକଡ଼ା ୧୦ ଭାଗ ଅଧିକ ସାର ବ୍ୟବହାର କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ସାରର ସଫଳ ଉପଯୋଗ ପାଇଁ ରାସାୟନିକ ସାର ସହିତ ଜୈବିକ ଖତ ମିଶାଇ ବ୍ୟବହାର କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି । "ଖାଡ୍ରା" ଏବଂ ଅନ୍ୟାନ୍ୟ ଜଳସେଚିତ ଅଞ୍ଚଳମାନଙ୍କରେ ସାର ବ୍ୟବହାରକୁ ଅଧିକ ବ୍ୟାପକ କରାଯିବା ସଙ୍ଗେ ସଙ୍ଗେ ଫୁଲବାଣୀ, କୋରାପୁଟ, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଭଳି କମ୍ ସାର ବ୍ୟବହାର କରାଯାଉଥିବା ଜିଲ୍ଲାମାନଙ୍କରେ ହାରାହାରି ସାର ବ୍ୟବହାରର ପରିମାଣ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ।

ଚାଷୀମାନେ ଯେପରି ସେମାନଙ୍କ ସୁବିଧା ଅନୁଯାୟୀ ସାର ଠିକ ସମୟରେ ଓ ସୁବିଧାରେ ପାଇପାରିବେ, ସେଥିପାଇଁ ସାର ବ୍ୟବସାୟ କ୍ଷେତ୍ରରେ ରାଜ୍ୟ ସରକାର କୋହଳ ନୀତି ପ୍ରବର୍ତ୍ତନ କରିଛନ୍ତି । ସମଗ୍ର ଦେଶରେ ପ୍ରଚଳିତ ଲାଇସେନ୍‌ସ ଫି ତୁଳନାରେ ଆମ ରାଜ୍ୟରେ ପାଇକାରୀ ଓ ଖୁଚୁରା ସାର ବିକ୍ରି ପାଇଁ ଧାର୍ଯ୍ୟ ଫିସ୍ ସବୁଠାରୁ କମ୍ । ସେହିଭଳି କେତେକ କ୍ଷେତ୍ରରେ ସାର ବିକ୍ରୟ କରିବା ପାଇଁ ଲାଇସେନ୍‌ସ ରଖିବାରେ ସମ୍ପୂର୍ଣ୍ଣଭାବେ ଛାଡ଼ କରାଯାଇଛି । ଯେଉଁ ଖୁଚୁରା ବିକ୍ରେତାମାନେ ଛୋଟ ଛୋଟ ଦଶକେଜିଆ ପ୍ୟାକେଟ୍‌ରେ ସାର ବିକ୍ରୟ କରୁଛନ୍ତି କିମ୍ବା ଏକ ସମୟରେ ଦୁଇ ଟନରୁ ଅଧିକ ପରିମାଣ ସାର ବିକ୍ରୟ ପାଇଁ ଗଚ୍ଛିତ ରଖୁନାହାନ୍ତି, ଅଥବା ଟ୍ରକ୍ କିମ୍ବା ଟ୍ରାକ୍ଟର ସାହାଯ୍ୟରେ ଭ୍ରାମ୍ୟମାଣ ସାର ବିକ୍ରୟ କେନ୍ଦ୍ର ପରିଚାଳନା କରୁଛନ୍ତି, ସେ ପ୍ରକାର ବିକ୍ରେତାମାନଙ୍କୁ ଲାଇସେନ୍‌ସ କରିବାରୁ ବର୍ଜିତ କରାଯାଇଛି । ଏହାଫଳରେ ରାଜ୍ୟରେ ସାର ବିତରଣ ବ୍ୟବସ୍ଥା ସମ୍ପ୍ରସାରିତ ହେବା ସଙ୍ଗେ ସଙ୍ଗେ ଚାଷୀଙ୍କ ଦ୍ୱାରା ସାର ବ୍ୟବହାର ଆଶାନୁରୂପଭାବେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

## ସ୍ୱତନ୍ତ୍ର ଖାଦ୍ୟ ଉତ୍ପାଦନ ଯୋଜନାରେ ୩୨,୮୬୨ ସେଚକୂପ

ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ କେନ୍ଦ୍ରୀୟ ସହାୟତାରେ ୧୯୮୮-୮୯ ମସିହାଠାରୁ "ସ୍ୱତନ୍ତ୍ର ଖାଦ୍ୟ ଉତ୍ପାଦନ ଯୋଜନା" ରାଜ୍ୟର ସାତୋଟି ଜିଲ୍ଲା, ଯଥା- ବାଲେଶ୍ୱର, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, ପୁରୀ ଓ ସମ୍ବଲପୁରରେ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାର ମୂଳ ଲକ୍ଷ୍ୟ ହେଲା, ସେଚକୂପ ଖନନ କରି ଅଧିକ ଜମିରେ ଜଳସେଚନ ସୁବିଧା ଯୋଗାଇବା, ଯାହାଫଳରେ ଚାଷୀ ବିଭିନ୍ନ ଫସଲ ଉତ୍ପାଦନ ଦିଗରେ ଉତ୍ସାହିତ ହେବ ଏବଂ ରାଜ୍ୟ ଖାଦ୍ୟ ସମସ୍ୟା ସମାଧାନ ହେବା ସଙ୍ଗେ ସଙ୍ଗେ ଚାଷୀର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ । ଏହି ଯୋଜନା ଅନୁଯାୟୀ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ଚାଷୀ ପିଛା ୪,୦୦୦ ଟଙ୍କା ଏବଂ ଆଦିବାସୀ ଚାଷୀ ତଥା କ୍ଷୁଦ୍ର ଓ ନାମମାତ୍ର ଚାଷୀ ପିଛା ୫,୦୦୦ ଟଙ୍କା ଅନୁଦାନ ମାଗଣାରେ ଗୋଟିଏ ଲେଖାଏଁ ସେଚକୂପ ଯୋଗାଇ ଦିଆଯାଉଛି । ଅଣମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଅଣଆଦିବାସୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ନିମନ୍ତେ ୪,୦୦୦ ଟଙ୍କା ବ୍ୟୟରେ ଏଭଳି ସେଚକୂପ କରାଯିବା ବ୍ୟବସ୍ଥା ରହିଛି । ଏଥିମଧ୍ୟରୁ ୨,୦୦୦ ଟଙ୍କା ରାଜ୍ୟ ସରକାର ଯୋଜନା ପାଣ୍ଠିରୁ ବହନ କରିବେ । ଏହି କାର୍ଯ୍ୟକ୍ରମ ଜରିଆରେ ପୂର୍ବବର୍ଷ ମଧ୍ୟରେ ୮,୫୮୫ ଅଗଭୀର ନଳକୂପ ସମେତ ୩୨,୮୬୨ ସେଚକୂପ ଖନନ କରାଯାଇଛି ।

## ପାଇକ ବାହିନୀଙ୍କ ତ୍ୟାଗ ନୂତନ ଦିଗ୍‌ଦର୍ଶନ ଦେବ

ଉତ୍କଳର ପାଇକ ବାହିନୀ ଅସୀମ ସାହସ ଓ ବୀରତ୍ୱର ସହ ମାତୃଭୂମିର ସ୍ୱତନ୍ତ୍ରତା ରକ୍ଷା କରିଥିଲେ । ସେମାନଙ୍କ ତ୍ୟାଗ, ନିଷ୍ଠା ତଥା ସାହସିକତା ଓଡ଼ିଶାବାସୀଙ୍କୁ ନୂତନ ଦିଗ୍‌ଦର୍ଶନ ଦେବବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ ପ୍ରକାଶ କରିଥିଲେ ।

ଐତିହାସିକ ଗଡ଼ ଖୋର୍ଦ୍ଧାଠାରେ ଚଳିତ ମାସ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାରିଦିନବ୍ୟାପୀ ଆୟୋଜିତ ରାଜ୍ୟସ୍ତରୀୟ ପାଇକ ଆଖଡ଼ା ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ରାଜସ୍ୱ ମନ୍ତ୍ରୀ କହିଲେ ଯେ ଉତ୍କଳୀୟ ପାଇକ ବାହିନୀ ମାତୃଭୂମିର ସୁରକ୍ଷା ପାଇଁ ପ୍ରାଣବଳି ଦେବାକୁ କୁଣ୍ଠାବୋଧ କରି ନଥିଲେ । ସେମାନଙ୍କର ତ୍ୟାଗ, ଦେଶପ୍ରେମ ତଥା ଭୂମିକା ସମଗ୍ର ଦେଶରେ ବିରଳ । ସେମାନଙ୍କର ଏହି ମହାନ ପରମ୍ପରା ନୂତନ ଓଡ଼ିଶା ଗଠନ ଦିଗରେ ଆମକୁ ପ୍ରେରଣା ଦେବ । ଏହି ଐତିହାସିକ ଗଡ଼ ଖୋର୍ଦ୍ଧାର ପୁନରୁଦ୍ଧାର କରାଯାଇ ଏହାର ଉପଯୁକ୍ତ ସୁରକ୍ଷା କରାଯିବ ଏବଂ ରାଜ୍ୟସ୍ତରୀୟ ପାଇକ ଆଖଡ଼ା ପ୍ରତିଯୋଗିତା ଏଠାରେ ପ୍ରତିବର୍ଷ ମହାସମାରୋହରେ ପାଳନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ ।

ଉଦ୍‌ଯାପନ ଉତ୍ସବରେ ପ୍ରାଣନାଥ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଡକ୍ଟର ପ୍ରଦ୍ୟୁମ୍ନ ପଟ୍ଟନାୟକ ସ୍ୱାଗତ ଭାଷଣରେ ପାଇକ ବାହିନୀର ଗଠନ, ଶ୍ରେଣୀ ବିଭାଗ, ସେମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଅସ୍ତ୍ରଶସ୍ତ୍ର ଏବଂ ରଣ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ ।

ବିଧାୟକ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏହି ଉତ୍ସବରେ ଯୋଗଦେଇ କହିଲେ ଯେ ଅତୀତ ଉତ୍କଳର ସାମରିକ ପରମ୍ପରା ଏବଂ ବୀରତ୍ୱ ସମଗ୍ର ବିଶ୍ୱରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ । ରାଜା, ପ୍ରଜା ଏବଂ ମାତୃଭୂମିର ସୁରକ୍ଷା ଥିଲା ପାଇକ ବାହିନୀର ଏକମାତ୍ର କର୍ତ୍ତବ୍ୟ । କର୍ତ୍ତବ୍ୟ ପାଳନରେ ମୃତ୍ୟୁ ବରଣ କରିପାରୁ, କିନ୍ତୁ ପଛଘୁଞ୍ଚା ଦେବା

ପ୍ରଦର୍ଶନୀରେ ସ୍ଥାନ ପାଇଥିଲା । ଶ୍ରୀଜଗନ୍ନାଥଙ୍କର ସ୍ନାନଯାତ୍ରାଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସବୁ ଉତ୍ସବର ବହୁ ଆଲୋକଚିତ୍ର ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ହୋଇଥିଲା । ପୁରୀ ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନର ଚିତ୍ର ଓ ବିଭିନ୍ନ ପରମ୍ପରାଗତ ଶିଳ୍ପର ଆଲୋକଚିତ୍ର ପ୍ରଦର୍ଶନୀ ସୁଶୋଭିତ କରିଥିଲା ।

## ଭାରତ ପରିକ୍ରମା କୁପନ

ଗତ ଜୁଲାଇ ୭ ତାରିଖ ଭୁବନେଶ୍ୱରରେ ରାଜ୍ୟପାଳ ଶ୍ରୀ ଯଶବନ୍ତ ଶର୍ମା ବିବେକାନନ୍ଦ ଭାରତ ପରିକ୍ରମା ୧୯୯୨ ନିମିତ୍ତ ରାଜ୍ୟରେ କୁପନ ବିକ୍ରୟ ଯୋଜନା ନିକଟ ପ୍ରଥମ କୁପନ କିଣି ଉଦ୍‌ଘାଟନ କରିଛନ୍ତି ।

ସ୍ୱାମୀ ବିବେକାନନ୍ଦଙ୍କର ଶିକାଗୋ ଯାତ୍ରାର ଶହେ ବର୍ଷପୂର୍ତ୍ତି ଅବସରରେ କନ୍ୟାକୁମାରୀଠାରେ ୧୯୯୨ ମସିହା ସେପ୍ଟେମ୍ବର ୨୫ ତାରିଖଠାରୁ ପାଳିତ ହେବାକୁ ଯାଉଥିବା ସମାରୋହର ଅବ୍ୟବହିତ ପୂର୍ବରୁ "ବିବେକାନନ୍ଦ ଭାରତ ପରିକ୍ରମା" ସେହି ମହାମାନବଙ୍କ ବାଣୀ ଦେଶବ୍ୟାପୀ ପ୍ରଚାର ନିମନ୍ତେ ଉଦ୍ଦିଷ୍ଟ ।

ଗୁରୁପୂର୍ଣ୍ଣିମା ଦିବସରେ ଏହି ସମାରୋହର ପ୍ରସ୍ତୁତି ନିମନ୍ତେ କେନ୍ଦ୍ର ଓ ରାଜ୍ୟସ୍ତରରେ କୁପନ ବିକ୍ରି ଉଦ୍‌ଘାଟନ ହୋଇଛି । ରାଷ୍ଟ୍ରପତି ଶ୍ରୀ ଆର. ଭେଙ୍କଟରମଣ ସେହି ଦିନ ଏହା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବବେଳେ ରାଜ୍ୟପାଳ ଶ୍ରୀ ଶର୍ମା ଏହା ରାଜ୍ୟସ୍ତରରେ ଉଦ୍‌ଘାଟନ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିବେକାନନ୍ଦ କେନ୍ଦ୍ରର ଉପଦେଷ୍ଟା ପ୍ରଫେସର ବିଭୁଦତ୍ତ ଦାସ, କେନ୍ଦ୍ରର ସଭାପତି ଶ୍ରୀ ଗୋଲକ ବିହାରୀ କର ଓ ଶ୍ରୀ ଶାରଦାକିଶୋର ପାଣିଙ୍କ ସହ ରାଜଭବନକୁ ଆସି ରାଜ୍ୟପାଳ ଶ୍ରୀ ଶର୍ମାଙ୍କୁ ଏହି କୁପନ ବିକ୍ରୟ କରିଥିଲେ ।

ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ରାଜ୍ୟପାଳ ଶ୍ରୀ ଶର୍ମା ଆଜିର ଦୁନିଆରେ ଜନସମାଜ ମୌଳିକ ମୂଲ୍ୟବୋଧଠାରୁ ଦୂରେଇ ଯାଉଥିବାରୁ କ୍ଷୋଭପ୍ରକାଶ କରିଥିଲେ । ସ୍ୱାମୀ ବିବେକାନନ୍ଦ ଦେଶର ଓ ସମାଜର ସମସ୍ତ ସମସ୍ୟାକୁ ଗଭୀରଭାବରେ ହୃଦୟଙ୍ଗମ କରିଥିଲେ ଓ ଏହାର ସମାଧାନ ପାଇଁ ସେ ଅତି ଉଚ୍ଚ ବଳବତ୍ତର ସାରା ବିଶ୍ୱକୁ ଜାଗ୍ରତ କରିବାକୁ ପ୍ରୟାସ କରିଥିଲେ । ଆଜିକୁ ଶହେବର୍ଷ ତଳେ ଏ ଦେଶର ପ୍ରଚାର ସାଧନ ଓ ଯୋଗାଯୋଗ ଏତେ ଉନ୍ନତ ନଥିଲେ ମଧ୍ୟ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଜନସମାଜରେ ବହୁଳଭାବେ ପ୍ରଭାବ ବିସ୍ତାର କରିଥିଲା । ତେଣୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଓ ମାନବିକ ମୂଲ୍ୟବୋଧର ପ୍ରଚାର କରିବା ସଙ୍ଗେ ସଙ୍ଗେ ଏହି ମହାପୁରୁଷଙ୍କ ପ୍ରଦର୍ଶିତ ପଥରେ ପ୍ରଭାବିତ ହେବାପାଇଁ ଯତ୍ନବାନ କରିବାକୁ ଶ୍ରୀ ଶର୍ମା ଯୁବସମାଜକୁ ଆହ୍ୱାନ ଦେଇଥିଲେ ।

## ସମ୍ବାଦପତ୍ର ବେତନ ବୋର୍ଡ଼

ଜୁଲାଇ ୨୨ରେ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ବଚ୍ଛାୱତ୍ ବେତନ ବୋର୍ଡ଼ର ସୁପାରିଶ କାର୍ଯ୍ୟକାରୀ କରିବା ପାଇଁ ଗଠିତ ରାଜ୍ୟସ୍ତରୀୟ ତ୍ରିପାକ୍ଷିକ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଶ୍ରମ ଓ ନିଯୁକ୍ତି ବିଭାଗ ଶାସନ ସଚିବ, ଶ୍ରମ କମିଶନରଙ୍କ ସମେତ ଉତ୍କଳ ସାମ୍ବାଦିକ ସଂଘ, ନ୍ୟାସନାଲ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ଓ ନିଖିଳ ଓଡ଼ିଶା ଅଣ-ସାମ୍ବାଦିକ କର୍ମଚାରୀ ୟୁନିୟନର ପ୍ରତିନିଧିମାନେ ଯୋଗ ଦେଇଥିଲେ । କାର୍ଯ୍ୟକାରୀ ସମ୍ବାଦିକ, ଅଣ-ସାମ୍ବାଦିକ ଓ ସମ୍ବାଦପତ୍ର କର୍ମଚାରୀମାନଙ୍କ ପ୍ରତି ବଚ୍ଛାୱତ୍ ବେତନ ବୋର୍ଡ଼ର ସୁପାରିଶ କିପରି ଲାଗୁ କରାଯାଉଛି, ତାହା ବୈଠକରେ କମିଟିରେ ସମୀକ୍ଷା କରାଯାଇଥିଲା । ସମୀକ୍ଷାରୁ ଜଣାପଡ଼ିଛି ଯେ ଏ ସମ୍ପର୍କୀୟ ଅଗ୍ରଗତି ସନ୍ତୋଷଜନକ ନୁହେଁ । ଖବରକାଗଜ ସଂସ୍ଥାମାନଙ୍କର ମୋଟ ଆୟ ଓ କର୍ମଚାରୀମାନଙ୍କୁ ଦିଆଯାଉଥିବା ବେତନ ତଥା ଅନ୍ୟାନ୍ୟ ଭତ୍ତା ସଂପର୍କୀୟ ପୂର୍ଣ୍ଣାଙ୍ଗ ବିବରଣୀ ସଂସ୍ଥାମାନେ ଦେଇ ପାରି ନଥିବା ଶ୍ରମ କମିଶନର ପ୍ରକାଶ କରିଥିଲେ । ବିଭିନ୍ନ ସୂତ୍ରରୁ ଠିକ ଖବର ସଂଗ୍ରହ କରିବା ନିମନ୍ତେ ପଦକ୍ଷେପ ନେବାକୁ କମିଟି ପରାମର୍ଶ ଦେବା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ସାମ୍ବାଦିକ ଆଇନ ବଳରେ ନିଯୁକ୍ତି ନିରୀକ୍ଷକମାନେ ଖବରକାଗଜ ସଂସ୍ଥାଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷ ଓ କର୍ମଚାରୀ ୟୁନିୟନକୁ ଯଥାଯଥଭାବେ ନୋଟିସ୍ ଦେଇ ସମ୍ପୃକ୍ତ ସଂସ୍ଥା ପରିଦର୍ଶନ କରିବା ପାଇଁ ସୁପାରିଶ କରିଥିଲେ । ଉକ୍ତ ବୈଠକରେ ବିଭିନ୍ନ ୟୁନିୟନର ପ୍ରତିନିଧିମାନେ ସରକାର ରାଜ୍ୟରେ ବଚ୍ଛାୱତ୍ ବେତନ ବୋର୍ଡ଼ର ସୁପାରିଶକୁ ଯଥାଯଥଭାବେ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଆନ୍ତରିକ ଉଦ୍ୟମ ଆରମ୍ଭ କରିଛନ୍ତି ସେଥିପାଇଁ ଶ୍ରମ ମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବିଶ୍ୱନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

ରାଉରକେଲାର ବନ୍ଧମୁଣ୍ଡାଠାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କର ପବିତ୍ର ଜନ୍ମ ଶତବାର୍ଷିକୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି ।

ସନ୍ଧ୍ୟାରେ ବନ୍ଧମୁଣ୍ଡାର ମଧୁ ମଣ୍ଡପ ପଡ଼ିଆଠାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ସଭାରେ ବନ୍ଧମୁଣ୍ଡା ଉତ୍କଳବାହିନୀର ସଭାପତି ଶ୍ରୀ କାଶୀନାଥ ସାହୁ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ରାଉରକେଲାର ବିଶିଷ୍ଟ ସାମ୍ବାଦିକ, ସମାଜ ପ୍ରତିନିଧି ଶ୍ରୀ ଦେବେନ୍ଦ୍ର ନାରାୟଣ ପତି ପ୍ରଦୀପ ପ୍ରଜ୍ୱଳନ କରି ବିଶ୍ୱନାଥ ଦାସଙ୍କର ଏକ ସୁସଜ୍ଜିତ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସଭାର ପ୍ରାରମ୍ଭରେ ବନ୍ଧମୁଣ୍ଡା ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନ "ଉତ୍କଳ ବନ୍ଦନା" ପରିବେଷଣ କରିଥିଲେ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନୃସିଂହ ଚନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ବିଶ୍ୱନାଥ ଦାସଙ୍କର ପବିତ୍ର ଜୀବନୀ ଉପରେ ଆଲୋଚନା କରିଥିଲେ ।

ମୁଖ୍ୟ ବକ୍ତାଭାବରେ ଯୋଗଦେଇ ରାଉରକେଲା ପାଣ୍ଠ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଶ୍ରୀ ରବିନ୍ଦ୍ର ନାଥ ନାୟକ ବିଶ୍ୱନାଥ ଦାସଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ଯୁବ ସମାଜ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ବକ୍ତା ବନ୍ଧମୁଣ୍ଡାର ରିଜିଅନାଲ ମେଡ଼ିକାଲ ଅଫିସର ଶ୍ରୀ ସୁରେନ୍ଦ୍ରକୁମାର ନାୟକ ମଧ୍ୟ ବିଶ୍ୱନାଥ ଦାସ ଏକ ଯୁଗ ସ୍ରଷ୍ଟା ବୋଲି ମତବ୍ୟକ୍ତ କରିଥିଲେ । ବହୁ ମେତୃସ୍ଥାନୀୟ ବ୍ୟକ୍ତି ବିଶ୍ୱନାଥ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଶେଷରେ ଉତ୍କଳ ବାହିନୀର ଉପସଭାପତି ଶ୍ରୀ ମଧୁସୂଦନ ନାୟକ ନିମନ୍ତ୍ରିତ ଅତିଥି ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବହୁମୁଖୀ କୃଷି ଉତ୍ପାଦନ

ରାଜ୍ୟରେ କୃଷିର ତ୍ୱରାନ୍ୱିତ ବିକାଶ କରି ଅଧିକ କୃଷି ଉତ୍ପାଦନ ଦ୍ୱାରା କୃଷକମାନଙ୍କ ସାମୂହିକ ଉନ୍ନତି କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବହୁମୁଖୀ କୃଷି ଉତ୍ପାଦନ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ଏହା ଚଳିତ ଖରିଫ ଋତୁଠାରୁ କାର୍ଯ୍ୟକାରୀ କରାଯାଉଛି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଖରିଫ୍ ଋତୁରେ ରାଜ୍ୟରେ ୨୪ ଲକ୍ଷ ଟନ୍ ଚାଉଳ ଉତ୍ପାଦନ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଯାହାକି ପୂର୍ବବର୍ଷ ଉତ୍ପାଦନ ତୁଳନାରେ ୫.୬୦ ଲକ୍ଷ ଟନ୍ ଅଧିକ। ଗତବର୍ଷ ଖରିଫ୍ ଋତୁରେ ୧୮.୪୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପନ୍ନ ହୋଇଥିଲା।

ବିଗତ ତିନିବର୍ଷର ଉତ୍ପାଦନକୁ ଆଖି ଆଗରେ ରଖି ଏବଂ ବର୍ତ୍ତମାନ ସରକାରଙ୍କ ଆଭିମୁଖ୍ୟକୁ ଭିତ୍ତି କରି ଚଳିତ ଖରିଫ୍ ଋତୁରେ ଚାଉଳ ବ୍ୟତୀତ ୫.୭୯ ଲକ୍ଷ ଟନ୍ ଅନ୍ୟାନ୍ୟ ମୋଟା ଶସ୍ୟ, ୩.୯୦ ଲକ୍ଷ ଟନ୍ ଡାଲି ଜାତୀୟ ଶସ୍ୟ ଏବଂ ୪.୭୩ ଲକ୍ଷ ଟନ୍ ତୈଳବୀଜ ଉତ୍ପାଦନର ଲକ୍ଷ୍ୟ ମଧ୍ୟ ରଖାଯାଇଛି। ଉନ୍ନତ ବିହନ, ସାର ଓ ଔଷଧ ଏବଂ କୃଷି ଉପକରଣ କେତେଗୁଡ଼ିଏ ମୁଖ୍ୟ ଉପାଦାନ ଆବଶ୍ୟକତା ଅନୁଯାୟୀ ଠିକ୍ ସମୟରେ ପ୍ରତ୍ୟେକ ବ୍ଲକ୍‌ରେ ଦୁଇଟି ଲେଖାଏଁ ଏହିପରି ମୋଟ୍ ୬୨୮ ଗୋଟି ବିଭାଗୀୟ ବିକ୍ରୟ କେନ୍ଦ୍ର ଜରିଆରେ କୃଷକମାନଙ୍କୁ ରିହାତି ମୂଲ୍ୟରେ ଯୋଗାଇ ଦେବାପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଚଳିତ ଖରିଫ୍ ଋତୁରେ ଲଳାଟ, ଅନ୍ନପୂର୍ଣ୍ଣା, ପାରିଜାତ, ଆଇ.ଆର୍-୩୬, ପ୍ରତାପ, ଯଯାତି, ଜଗନ୍ନାଥ, ସାବିତ୍ରୀ, କଳିଙ୍ଗ-୩ ଏବଂ ପାରିଜାତଭଳି ଅଧିକ ଅମଳକ୍ଷମ ୬୨,୫୦୦ କ୍ୱିଣ୍ଟାଲ ଧାନ ବିହନ, ୧୩୫ କ୍ୱିଣ୍ଟାଲ ଅନ୍ୟାନ୍ୟ ମୋଟା ଶସ୍ୟ ବିହନ, ୬,୫୦୦ କ୍ୱିଣ୍ଟାଲ ଡାଲି ଜାତୀୟ ବିହନ, ୨୦,୪୫୦ କ୍ୱିଣ୍ଟାଲ ତୈଳବୀଜ, ୨,୦୬୯ କ୍ୱିଣ୍ଟାଲ ଝୋଟ ବିହନ, ୨୯୯ କ୍ୱିଣ୍ଟାଲ ତୁଳା ବିହନ ଏବଂ ୬୫୦ କ୍ୱିଣ୍ଟାଲ ପନିପରିବା ବିହନ ଯୋଗାଇ ଦିଆଯିବ। ଚଳିତ ଖରିଫ୍ ଋତୁରେ କୃଷକମାନଙ୍କୁ ୧ ଲକ୍ଷ ୮୦ ହଜାର ମେଟ୍ରିକ୍ ଟନ୍ ସାର ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଶତକଡ଼ା ୨୫ ଭାଗ ଅଧିକ ସାର ବ୍ୟବହାର କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସାରର ସଫଳ ଉପଯୋଗ ପାଇଁ ରାସାୟନିକ ସାର ସହିତ ଜୈବିକ ଖତ ମିଶାଇ ବ୍ୟବହାର କରିବା ପାଇଁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି। "କାଡ଼ା" ଏବଂ ଅନ୍ୟାନ୍ୟ ଜଳସେଚିତ ଅଞ୍ଚଳମାନଙ୍କରେ ସାର ବ୍ୟବହାରକୁ ଅଧିକ ବ୍ୟାପକ କରାଯିବା ସଙ୍ଗେ ସଙ୍ଗେ ଫୁଲବାଣୀ, କୋରାପୁଟ, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ଭଳି କମ୍ ସାର ବ୍ୟବହାର କରାଯାଉଥିବା ଜିଲ୍ଲାମାନଙ୍କରେ ହାରାହାରି ସାର ବ୍ୟବହାରର ପରିମାଣ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି।

କୃଷକମାନେ ଯେପରି ସେମାନଙ୍କ ସୁବିଧା ଅନୁଯାୟୀ ସାର ଠିକ ସମୟରେ ଓ ସୁବିଧାରେ ପାଇପାରିବେ, ସେଥିପାଇଁ ସାର ବ୍ୟବସାୟ କ୍ଷେତ୍ରରେ ରାଜ୍ୟ ସରକାର କୋହଳ ନୀତି ପ୍ରବର୍ତ୍ତନ କରିଛନ୍ତି। ସମଗ୍ର ଦେଶରେ ପ୍ରଚଳିତ ଲାଇସେନ୍ସ ଫି ତୁଳନାରେ ଆମ ରାଜ୍ୟରେ ପାଇକାରୀ ଓ ଖୁଚୁରା ସାର ବିକ୍ରୟ ପାଇଁ ଧାର୍ଯ୍ୟ ଫିସ୍ ସବୁଠାରୁ କମ୍। ସେହିଭଳି କେତେକ କ୍ଷେତ୍ରରେ ସାର ବିକ୍ରୟ କରିବା ପାଇଁ ଲାଇସେନ୍ସ କରିବାରେ ସମ୍ପୂର୍ଣ୍ଣଭାବେ ଛାଡ଼ କରାଯାଇଛି। ଯେଉଁ ଖୁଚୁରା ବିକ୍ରେତାମାନେ ଛୋଟ ଛୋଟ ଦଶକେଜିଆ ପ୍ୟାକେଟ୍‌ରେ ସାର ବିକ୍ରୟ କରୁଛନ୍ତି କିମ୍ବା ଏକ ସମୟରେ ଦୁଇ ଟନରୁ ଅଧିକ ପରିମାଣ ସାର ବିକ୍ରୟ ପାଇଁ ସଞ୍ଚିତ ରଖୁନାହାନ୍ତି, ଅଥବା ଟ୍ରକ୍ କିମ୍ବା ଟ୍ରାକ୍ଟର ସାହାଯ୍ୟରେ ଭ୍ରାମ୍ୟମାଣ ସାର ବିକ୍ରୟ କେନ୍ଦ୍ର ପରିଚାଳନା କରୁଛନ୍ତି, ସେ ପ୍ରକାର ବିକ୍ରେତାମାନଙ୍କୁ ଲାଇସେନ୍ସ କରିବାରୁ ବର୍ଜିତ କରାଯାଇଛି। ଫଳରେ ରାଜ୍ୟରେ ସାର ବିତରଣ ବ୍ୟବସ୍ଥା ସମ୍ପ୍ରସାରିତ ହେବା ସଙ୍ଗେ ସଙ୍ଗେ କୃଷକଙ୍କ ଦ୍ୱାରା ସାର ବ୍ୟବହାର ଆଶାନୁରୂପଭାବେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ସ୍ୱତନ୍ତ୍ର ଖାଦ୍ୟ ଉତ୍ପାଦନ ଯୋଜନାରେ ୩୭,୮୬୧ ସେଚକୂପ

ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ କେନ୍ଦ୍ରୀୟ ସହାୟତାରେ ୧୯୮୮-୮୯ ମସିହାଠାରୁ "ସ୍ୱତନ୍ତ୍ର ଖାଦ୍ୟ ଉତ୍ପାଦନ ଯୋଜନା" ରାଜ୍ୟର ୭ଟି ଜିଲ୍ଲା, ଯଥା-ବାଲେଶ୍ୱର, ବଲାଙ୍ଗିର, କଟକ, ଢେଙ୍କାନାଳ, ଗଞ୍ଜାମ, ପୁରୀ ଓ ସମ୍ବଲପୁରରେ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାର ମୂଳ ଲକ୍ଷ୍ୟ ହେଲା, ସେଚକୂପ ଖନନ କରି ଅଧିକ ଜମିରେ ଜଳସେଚନ ସୁବିଧା ଯୋଗାଇବା, ଯାହାଫଳରେ କୃଷକ ବିଭିନ୍ନ ଫସଲ ଉତ୍ପାଦନ ଦିଗରେ ଉତ୍ସାହିତ ହେବ ଏବଂ ରାଜ୍ୟ ଖାଦ୍ୟ ସମସ୍ୟା ସମାଧାନ ହେବା ସଙ୍ଗେ ସଙ୍ଗେ କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ। ଏହି ଯୋଜନା ଅନୁଯାୟୀ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର କୃଷକ ପିଛା ୪,୦୦୦ ଟଙ୍କା ଏବଂ ଆଦିବାସୀ କୃଷକ ତଥା କ୍ଷୁଦ୍ର ଓ ନାମମାତ୍ର କୃଷକ ପିଛା ୫,୦୦୦ ଟଙ୍କା ଖର୍ଚ୍ଚରେ ମାଗଣାରେ ଗୋଟିଏ ଲେଖାଏଁ ସେଚକୂପ ଯୋଗାଇ ଦିଆଯାଉଛି। ଅଣମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଅଣଆଦିବାସୀ, କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କ ନିମନ୍ତେ ୪,୦୦୦ ଟଙ୍କା ବ୍ୟୟରେ ଏଭଳି ସେଚକୂପ କରାଯିବା ବ୍ୟବସ୍ଥା ରହିଛି। ଏହାମଧ୍ୟରୁ ୧,୦୦୦ ଟଙ୍କା ରାଜ୍ୟ ସରକାର ଯୋଜନା ପାଣ୍ଠିରୁ ବହନ କରିବେ। ଏହି କାର୍ଯ୍ୟକ୍ରମ ଜରିଆରେ ଦୁଇବର୍ଷ ମଧ୍ୟରେ ୮,୬୩୫ ଅଗଭୀର ନଳକୂପ ସମେତ ୩୭,୮୬୧ ସେଚକୂପ ଖନନ କରାଯାଇଛି।

## ପାଇକ ବାହିନୀଙ୍କ ତ୍ୟାଗ ନୂତନ ଦିଗ୍‌ଦର୍ଶନ ଦେବ

ଖୋର୍ଦ୍ଧାର ପାଇକ ବାହିନୀ ଅସୀମ ସାହସ ଓ ବୀରତ୍ୱର ସହ ମାତୃଭୂମିର ସ୍ୱାଧୀନତା ରକ୍ଷା କରିଥିଲେ। ସେମାନଙ୍କ ତ୍ୟାଗ, ନିଷ୍ଠା ତଥା ଆତ୍ମବଳି ଓଡ଼ିଶାବାସୀଙ୍କୁ ନୂତନ ଦିଗ୍‌ଦର୍ଶନ ଦେବବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେନ୍ଦ୍ରନାଥ ନାୟକ ପ୍ରକାଶ କରିଥିଲେ।

ଐତିହାସିକ ଗଡ଼ ଖୋର୍ଦ୍ଧାଠାରେ ଚଳିତ ମାସ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ତିନିଦିନବ୍ୟାପୀ ଆୟୋଜିତ ରାଜ୍ୟସ୍ତରୀୟ ପାଇକ ଆଖଡ଼ା ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ରାଜସ୍ୱ ମନ୍ତ୍ରୀ କହିଲେ ଯେ ଉତ୍କଳୀୟ ପାଇକ ବାହିନୀ ମାତୃଭୂମିର ସୁରକ୍ଷା ପାଇଁ ପ୍ରାଣବଳି ଦେବାକୁ କୁଣ୍ଠାବୋଧ କରି ନଥିଲେ। ସେମାନଙ୍କର ତ୍ୟାଗ, ଦେଶପ୍ରେମ ତଥା ସ୍ୱାଭିମାନ ସମଗ୍ର ଦେଶରେ ବିରଳ। ସେମାନଙ୍କର ଏହି ମହାନ ପରମ୍ପରା ନୂତନ ଓଡ଼ିଶା ଗଠନ ଦିଗରେ ଆମକୁ ପ୍ରେରଣା ଦେବ। ଏହି ଐତିହାସିକ ଗଡ଼ ଖୋର୍ଦ୍ଧାର ପୁନରୁଦ୍ଧାର କରାଯାଇ ତାହାର ଉପଯୁକ୍ତ ସୁରକ୍ଷା କରାଯିବ ଏବଂ ରାଜ୍ୟସ୍ତରୀୟ ପାଇକ ଆଖଡ଼ା ପ୍ରତିଯୋଗିତା ଏଠାରେ ପ୍ରତିବର୍ଷ ମହାସମାରୋହରେ ପାଳନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ।

ଉଦ୍‌ଯାପନ ଉତ୍ସବରେ ପ୍ରାଣନାଥ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଡକ୍ଟର ପ୍ରଫୁଲ୍ଲ ପଟ୍ଟନାୟକ ସ୍ୱାଗତ ଭାଷଣରେ ପାଇକ ବାହିନୀର ଗଠନ, ଶ୍ରେଣୀ ବିଭାଗ, ସେମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ଅସ୍ତ୍ରଶସ୍ତ୍ର ଏବଂ ରଣ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ।

ବିଧାୟକ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏହି ଉତ୍ସବରେ ପୌରୋହିତ୍ୟ କରି କହିଲେ ଯେ ଅତୀତ ଉତ୍କଳର ସାମରିକ ପରମ୍ପରା ଏବଂ ବୀରତ୍ୱ ସମଗ୍ର ବିଶ୍ୱରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ। ରାଜା, ପ୍ରଜା ଏବଂ ମାତୃଭୂମିର ସୁରକ୍ଷା ଥିଲା ପାଇକ ବାହିନୀର ଏକମାତ୍ର କର୍ତ୍ତବ୍ୟ। କର୍ତ୍ତବ୍ୟ ପାଳନରେ ମୃତ୍ୟୁ ପଛେ ବରିପାରେ, କିନ୍ତୁ ପଛଘୁଞ୍ଚା ଦେବା

ସେମାନେ ଜାଣି ନଥିଲେ । ପାଇକ ଆଖଡ଼ା କରିଆରେ ଅତୀତରେ ଏହି ସାମରିକ ପରମ୍ପରାର ପୁନର୍ଜିବିତ କରିବାକୁ ଶ୍ରୀ ହରିଚନ୍ଦନ ଆହ୍ୱାନ କରିଥିଲେ ।

ସ୍ଥାନୀୟ ବିଧାୟକ ଶ୍ରୀ ପ୍ରସନ୍ନ କୁମାର ପାଟଶାଣୀ ମଧ୍ୟ ଉକ୍ତ ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ । ପରେ ପାଇକ ଆଖଡ଼ା ଦଳମାନଙ୍କ ଦ୍ୱାରା ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ନାୟକ କୃତୀ ପାଇକମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଉତ୍ସବର ଦ୍ୱିତୀୟ ଦିବସରେ ମଧ୍ୟ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗର ଉପମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ପୌରହିତ୍ୟ କରିଥିଲେ । ଖୋରଧା ଗଡ଼ ସୁରକ୍ଷା ସମିତି ସମ୍ପାଦକ ଶ୍ରୀ ବିଶ୍ୱନାଥ ସାମନ୍ତ ସମ୍ମାନିତ ଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡଃ ବୈଷ୍ଣବ ଚରଣ ସାମଲ ମୁଖ୍ୟ ବକ୍ତା ଏବଂ ସ୍ଥାନୀୟ ବିଧାୟକ ସ୍ୱାଗତ ଭାଷଣ ଦେଇଥିଲେ ।

ବିଭିନ୍ନ ଦିନରେ ପାଇକମାନଙ୍କ ଦ୍ୱାରା ଲାଠି, ଢାଲ ତରବାରୀ ଓ ମୁଦ୍‌ଗର ଖେଳନା, ବନାଟି, ରଣପା ପ୍ରାଚୀନ ପିରାମିଡ୍, ବାଙ୍କ ଓ ସିଙ୍ଗଟି ଇତ୍ୟାଦି ସମର କୌଶଳ ସମେତ ସମର ବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହା ବ୍ୟତୀତ ପ୍ରତିଦିନ ଉତ୍ସବ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା ।

## ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ଫଳରେ ଓଡ଼ିଶାର ଲୁପ୍ତ ଗୌରବ ଫେରି ଆସିବ

ଏକଦା ଜଙ୍ଗଲ ସମ୍ପଦରେ ଭରପୂର ଥିବା ଯୋଗୁଁ ବିପୁଳ ଗୌରବର ଅଧିକାରୀ ହୋଇଥିବା ଆମ ରାଜ୍ୟ ପୁନଃ ବନୀକରଣ ଦ୍ୱାରା ତାହାର ଲୁପ୍ତଗୌରବ ଫେରି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ମନ୍ତବ୍ୟ କରିଛନ୍ତି ।

ଗତକାଲି ଏଠାରେ କଳାମଣ୍ଡପଠାରେ ଅନୁଷ୍ଠିତ ୪୧ତମ ବନମହୋତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ପ୍ରାୟ ଏକଶହ ବର୍ଷ ତଳେ ଆମ ରାଜ୍ୟ ଜଙ୍ଗଲରେ ଭରପୂର ଥିଲା ଏବଂ ଏହାର ଜଙ୍ଗଲମାନଙ୍କରେ ନାନାପ୍ରକାରର ଜୀବଜନ୍ତୁ ହଜାର ହଜାର ସଂଖ୍ୟାରେ ଭରପୂର ହୋଇ ରହିଥିଲେ । ମାତ୍ର, ଉପଗ୍ରହ ସମୀକ୍ଷାରୁ ଜଣାପଡ଼ିଛି ଯେ ଅତୀତରେ ଓଡ଼ିଶାରେ ଶତକଡ଼ା ୬୦ ଭାଗ ଜଙ୍ଗଲ ଥିଲାବେଳେ ବର୍ତ୍ତମାନ ତାହା ଶତକଡ଼ା ୧୩ ଭାଗରୁ ମଧ୍ୟ କମିଯାଇଛି । ଯଦି ଏହି ପ୍ରକ୍ରିୟା ଚାଲୁରହେ, ତାହାହେଲେ ଓଡ଼ିଶା ଦିନେ ରାଜସ୍ଥାନଭଳି ମରୁଭୂମିରେ ପରିଣତ ହେବ ବୋଲି ସେ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ କରାଇ ଦେଇଥିଲେ । ଦେଶର କୋଟି କୋଟି ଲୋକଙ୍କ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଆହ୍ୱାନ ଜଣାଇ ସେ କହିଲେ ଯେ ଯଦି ଗୋଟିଏ ଗଛ କାଟିଲେ ତାହା ସ୍ଥାନରେ ୫ଟି ଗଛ ଲଗାଯାଏ, ତାହାହେଲେ ଦେଶର ଜଙ୍ଗଲ ବଢ଼ିବ । ଏହି ଅଭିଯାନରେ ସଫଳ ହେବା ପାଇଁ ସେ ଭବିଷ୍ୟତ ବଂଶଧରମାନଙ୍କୁ ଆଶୀର୍ବାଦ କରିଥିଲେ ।

ଉକ୍ତ ଉତ୍ସବରେ ସଭାପତିତ୍ୱ କରି ଓଡ଼ିଶାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ କହିଲେ ଯେ ଓଡ଼ିଶାର ଜଙ୍ଗଲ ପରିମାଣ ଶତକଡ଼ା ୩୫ ଭାଗ ବୃଦ୍ଧି କରିବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ । ଭୁବନେଶ୍ୱରକୁ ଏକ ସବୁଜ ନଗରରେ ପରିଣତ କରିବା ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଲେ ଯେ ରାଜଧାନୀରେ ଥିବା ଉଦ୍‌ଭିଦ ସମ୍ପଦ କେନ୍ଦ୍ର ନିକଟରେ ୨,୦୦୦ ଏକର ପରିମିତ ଜଙ୍ଗଲ ସୃଷ୍ଟି କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରତି ଗ୍ରାମରେ ଜଙ୍ଗଲ ସୁରକ୍ଷା କମିଟିମାନ ଗଠନ କରାଯାଇ ଜଙ୍ଗଲର ରକ୍ଷା ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଏହାକୁ ବଢ଼ାଇବା ପାଇଁ ସମସ୍ତେ ସହଯୋଗ ହେବାକୁ ସେ ପରାମର୍ଶ ଦେଇଥିଲେ ।

ଜଙ୍ଗଲ ବିଭାଗର ଶାସନ ସଚିବ ଶ୍ରୀ ପ୍ରତୀପ କୁମାର ମହାନ୍ତି ବନମହୋତ୍ସବକୁ କେବଳ ଉତ୍ସବରେ ସୀମିତ ନକରି ଏହାକୁ ବନୀକରଣ ଅଭିଯାନରେ ପରିଣତ କରିବାକୁ ପଡ଼ିବ ବୋଲି ମନ୍ତବ୍ୟ କରିଥିଲେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ମହେଶ ଚନ୍ଦ୍ର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କଳାମଣ୍ଡପ ପରିସର ମଧ୍ୟରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଏକ ସ୍ୱର୍ଣ୍ଣ ଚମ୍ପା ଗଛ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗ ମନ୍ତ୍ରୀ ଶ୍ରୀ ସିଂହ ଓ ଅନ୍ୟାନ୍ୟ ପଦସ୍ଥ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟରେ ବନୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସର୍ବମୋଟ ୧୨ଟି ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ପରିବାର କଲ୍ୟାଣ କ୍ଷେତ୍ରରେ ଓଡ଼ିଶାର ସଫଳତା

ଆମ ରାଜ୍ୟରେ ୧୯୮୯–୯୦ ଆର୍ଥିକ ବର୍ଷରେ ପରିବାର କଲ୍ୟାଣ ଓ ପ୍ରତିଷେଧକ ଟିକାଦାନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ ତୁଳନାରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଥିବା ବିଷୟ ସମ୍ପ୍ରତି ଏକ ସମୀକ୍ଷାରୁ ଜଣାଯାଇଛି । ପରିବାର କଲ୍ୟାଣ, କ୍ଷେତ୍ରରେ ବିଭିନ୍ନ ଗର୍ଭନିରୋଧ ପଦ୍ଧତି ଗ୍ରହଣ, ପ୍ରତିଷେଧକ ଟିକାଦାନ ଏବଂ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ରାଜ୍ୟର ସଫଳତା ସର୍ବଭାରତୀୟ ସ୍ତର ଅପେକ୍ଷା ଊର୍ଦ୍ଧ୍ୱରେ ରହିଛି ।

ଗର୍ଭ ନିରୋଧ ବଟିକା ସେବନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଶତକଡ଼ା ୧୦୫ ସଫଳତା ଥିବା ସ୍ଥଳେ, ଓଡ଼ିଶାରେ ଶତକଡ଼ା ୧୩୭.୮ ଭାଗ ହାସଲ ହୋଇପାରିଛି । ସେହିଭଳି ପାରମ୍ପରିକ ଗର୍ଭନିରୋଧ ପଦ୍ଧତିର ବ୍ୟବହାର କ୍ଷେତ୍ରରେ ସର୍ବଭାରତୀୟ ସ୍ତର ଶତକଡ଼ା ୯୯.୩ ଥିବାସ୍ଥଳେ ଓଡ଼ିଶାର ସଫଳତା ଶତକଡ଼ା ୧୦୦.୧ ହୋଇଛି । ଏହାଛଡ଼ା ଅନ୍ତଃଗର୍ଭାଶୟ ପଦ୍ଧତିରେ ମଧ୍ୟ ଓଡ଼ିଶା ସର୍ବଭାରତୀୟ ସ୍ତରଠାରୁ ଊର୍ଦ୍ଧ୍ୱରେ ରହିଛି ।

ପ୍ରତିଷେଧକ ଟିକାଦାନ କାର୍ଯ୍ୟକ୍ରମରେ ଡ଼ିଃ ପିଃ ଟିଃ କ୍ଷେତ୍ରରେ ସର୍ବଭାରତୀୟ ସ୍ତର ଶତକଡ଼ା ୯୮.୨ ଥିବା ସ୍ଥଳେ ଓଡ଼ିଶାରେ ୧୦୬.୫ ଭାଗ ସଫଳତା ହାସଲ ହୋଇ ପାରିଛି । ସେହିଭଳି ବିଃ ସିଃ ଜିଃ କ୍ଷେତ୍ରରେ ସର୍ବଭାରତୀୟ ସ୍ତର ୧୦୫.୬ ଥିବା ସ୍ଥଳେ ଓଡ଼ିଶାର ସଫଳତା ହେଲା ଶତକଡ଼ା ୧୧୦.୧ ଭାଗ । ପୋଲିଓ କ୍ଷେତ୍ରରେ ମଧ୍ୟ ଓଡ଼ିଶାର ସଫଳତା ଶତକଡ଼ା ୧୦୩.୬ ଏବଂ ଏହା ସର୍ବଭାରତୀୟ ସ୍ତରଠାରୁ ଶତକଡ଼ା ୬ ଭାଗ ଅଧିକ ହୋଇପାରିଛି । ଟିଃ ଟିଃ ଟିକାଦାନ କ୍ଷେତ୍ରରେ ଗତ ଫେବୃଆରୀ ଶେଷ ସୁଦ୍ଧା ସର୍ବଭାରତୀୟ ସ୍ତରରେ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ଶତକଡ଼ା ୭୮.୬ ହାସଲ ହୋଇଥିବା ସ୍ଥଳେ ଓଡ଼ିଶା ଶତକଡ଼ା ୧୧୩.୯ ଭାଗ ସଫଳତା ହାସଲ କରିବାର କୃତିତ୍ୱ ଅର୍ଜନ କରିପାରିଛି । ସେହିଭଳି ୧୦ ବର୍ଷ ବୟସର ପିଲାମାନଙ୍କ ପାଇଁ ଟିଟାନସ୍ ଟକ୍ସଏଡ୍ ଟିକାଦାନ କ୍ଷେତ୍ରରେ ଗତ ଫେବୃଆରୀ ଶେଷ ସୁଦ୍ଧା ସର୍ବଭାରତୀୟ ସ୍ତର ୯୯.୪ ଥିବା ସ୍ଥଳେ ଓଡ଼ିଶାର ସଫଳତା ହେଉଛି ୯୧.୨ ଭାଗ ଓ ୧୬ ବର୍ଷ ବୟସର ପିଲାଙ୍କ ପାଇଁ ଟିଟାନସ୍ ଟକ୍ସଏଡ୍ ଟିକାଦାନ କ୍ଷେତ୍ରରେ

ସର୍ବଭାରତୀୟ ସ୍ତର ୪୪.୬ ଥିବା ସ୍ଥଳେ ଓଡ଼ିଶାର ସଫଳତାର ହାର ହେଲା ୬୬.୩ ଭାଗ । ଗର୍ଭବତୀ ମହିଳାଙ୍କୁ ଧନୁଷ୍ଟଙ୍କାର କବଳରୁ ରକ୍ଷା କରିବା ପାଇଁ ଦିଆଯାଉଥିବା ଟିଟାନସ୍ ଟିକାଦାନ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସର୍ବଭାରତୀୟ ସ୍ତରଠାରୁ ପ୍ରାୟ ଶତକଡ଼ା ୮ ଭାଗ ଊର୍ଦ୍ଧ୍ୱରେ ରହିଛି ।

ମହିଳା ଓ ଶିଶୁମାନଙ୍କୁ ପରିପୁଷ୍ଟି ଅଭାବଜନିତ ରକ୍ତହୀନତାରୁ ରକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଜରିଆରେ ମାଗଣାରେ "ଫଲିଫର୍" ନାମକ ବଟିକା ଯୋଗାଇ ଦିଆଯାଉଛି । ମହିଳାଙ୍କ କ୍ଷେତ୍ରରେ ଗତ ଫେବୃଆରୀ ଶେଷ ସୁଦ୍ଧା ସର୍ବଭାରତୀୟ ସ୍ତର ଶତକଡ଼ା ୭୬ ଥିବାବେଳେ ଓଡ଼ିଶାର ସଫଳତା ହେଲା ଶତକଡ଼ା ୧୦୧.୭ ଏବଂ ଶିଶୁମାନଙ୍କ କ୍ଷେତ୍ରରେ ସର୍ବଭାରତୀୟ ସ୍ତର ଶତକଡ଼ା ୬୬.୭ ଥିବା ସ୍ଥଳେ ଓଡ଼ିଶା ଶତକଡ଼ା ୭୩.୧ ଭାଗ ସଫଳତା ହାସଲ କରିପାରିଛି । ଏହାଛଡ଼ା ଶିଶୁମାନଙ୍କଠାରେ ଦୃଷ୍ଟିହୀନତାର ପ୍ରତିରୋଧ ପାଇଁ ଭିଟାମିନ୍ 'ଏ' ବଟିକା ବଣ୍ଟନ କାର୍ଯ୍ୟକ୍ରମରେ ସର୍ବଭାରତୀୟ ସ୍ତରଠାରୁ ଓଡ଼ିଶାର ସଫଳତା ଶତକଡ଼ା ୨୬.୬ ଭାଗ ଊର୍ଦ୍ଧ୍ୱରେ ରହିଛି ।

ଗର୍ଭନିରୋଧ ଅସ୍ତ୍ରୋପଚାର କ୍ଷେତ୍ରରେ ଓଡ଼ିଶାର ସଫଳତା ସର୍ବଭାରତୀୟ ସ୍ତରଠାରୁ ଶତକଡ଼ା ୩.୬ ଭାଗ କମ୍ ଥିବା ସତ୍ତ୍ୱେ ଆମ ରାଜ୍ୟ ଦେଶର ୧୫ଟି ବୃହତ୍ ରାଜ୍ୟ ମଧ୍ୟରେ ଅଷ୍ଟମ ସ୍ଥାନ ଅଧିକାର କରିଛି । ଗତବର୍ଷ ଏ ବାବଦରେ ୨ ଲକ୍ଷ ୯ ହଜାର ଲକ୍ଷ୍ୟ ଥିବା ସ୍ଥଳେ ୬୬ ହଜାର ୭୯୮ ପୁରୁଷ ଓ ମହିଳାଙ୍କର ଅସ୍ତ୍ରୋପଚାର କରାଯାଇ ଶତକଡ଼ା ୭୨.୬ ସଫଳତା ହାସଲ ହୋଇଥିଲା । ଗର୍ଭନିରୋଧ ଅସ୍ତ୍ରୋପଚାର ଓ ମିଳିମିଳା ପ୍ରତିଷେଧକ ଟିକାଦାନ କ୍ଷେତ୍ରରେ ସଫଳତାର ହାରକୁ ଚଳିତ ଆର୍ଥିକ ବର୍ଷରେ ଆଶାନୁରୂପେ ବୃଦ୍ଧି କରିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରାଯାଉଛି ଏବଂ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ପ୍ରୟୋଗ କରିବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଜନସାଧାରଣଙ୍କ ପାଇଁ ଗୃହ ନିର୍ମାଣ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ "ଜନସାଧାରଣଙ୍କ ପାଇଁ ଗୃହ ନିର୍ମାଣ" ପରିକଳ୍ପନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷ (୧୯୯୦–୯୧)ର ପ୍ରଥମ ଦୁଇମାସରେ ୬ ହଜାର ୭୦ ଜଣ ବ୍ୟକ୍ତିଙ୍କୁ ବାସଗୃହ ନିମନ୍ତେ ଘରଡିହ ଯୋଗାଇ ଦିଆଯାଇଛି । ଆଉମଧ୍ୟ ସେହି ସମୟ ମଧ୍ୟରେ ୧୧୩ ଜଣଙ୍କୁ ନିଜ ନିଜର ବାସଗୃହ ତିଆରି ପାଇଁ ସାହାଯ୍ୟ ପ୍ରଦାନ କରାଯାଇଛି । ସେହିପରି "ଇନ୍ଦିରା ଆବାସ" ଯୋଜନା ମାଧ୍ୟମରେ ଉକ୍ତ ସମୟ ମଧ୍ୟରେ ତଫସିଲଭୁକ୍ତ ଜାତି ଓ ଉପଜାତିର ମୋଟ ୭୫ ଜଣ ବ୍ୟକ୍ତି ବାସଗୃହ ପାଇଛନ୍ତି । ଆଲୋଚ୍ୟ ସମୟ ମଧ୍ୟରେ ରାଜ୍ୟର ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ୮୯ଟି ବାସଗୃହ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ନିମ୍ନ ଆୟକାରୀ ବ୍ୟକ୍ତିଙ୍କୁ ୧୯ଟି ବାସଗୃହ ଯୋଗାଇ ଦିଆଯାଇଛି ବୋଲି ଗତ ମଇ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ପ୍ରକାଶ ।

## ବୃକ୍ଷ ରୋପଣ କାର୍ଯ୍ୟ ସମୀକ୍ଷା କମିଟି

କୃତ୍ରିମ ଉପଗ୍ରହ ମାଧ୍ୟମରେ ସର୍ବେକ୍ଷଣ କରାଯାଇଥିବା ବିବରଣୀରୁ ଜଣାଯାଏ ଯେ ରାଜ୍ୟରେ ଜଙ୍ଗଲର ଦ୍ରୁତ କ୍ଷୟ ଘଟିଚାଲିଛି । ଫଳାଫଳ ପ୍ରାକୃତିକ ପରିବେଶ ଦିନକୁ ଦିନ ନଷ୍ଟ ହୋଇ ଚାଲିଛି । ଏହା ଫଳରେ ମାତ୍ରାଧିକ ମୃତ୍ତିକା କ୍ଷୟ, ମୃତ୍ତିକାର ମାନ ହ୍ରାସ, କ୍ରମାଗତ ବାତ୍ୟା, ବନ୍ୟା ଓ ମରୁଡ଼ିର କରାଳ ଛାୟା ଦ୍ୱାରା ପାରିବେଶିକ ସମସ୍ୟା ସୃଷ୍ଟି ହେବା ଦ୍ୱାରା ରାଜ୍ୟ ସରକାରଙ୍କର ଉଦ୍‌ବେଗର କାରଣ ହୋଇପଡ଼ିଛି । ଏଣୁ, ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବହୁଳ ପରିମାଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । କିନ୍ତୁ ସରକାରଙ୍କ ତରଫରୁ କେବଳ ବୃକ୍ଷ ରୋପଣ କରାଗଲେ ଯେ ଯୋଜନାଟି ସଫଳ ହୋଇପାରିବ ତାହା ନୁହେଁ, ଏଥିପାଇଁ ଜନସାଧାରଣଙ୍କ ବିଶେଷ ସାହାଯ୍ୟ, ସହାନୁଭୂତି ଓ ଅଂଶ ଗ୍ରହଣର ଉପଲବ୍ଧି କରାଯାଇଥିବାରୁ ସରକାରୀ ଅଫିସରଙ୍କ ସହିତ ବେସରକାରୀ ବ୍ୟକ୍ତିଙ୍କୁ ସଂଶ୍ଳିଷ୍ଟ କରାଯାଇ ଜିଲ୍ଲା, ସବ୍‌ଡିଭିଜନ୍ ଓ ବ୍ଲକ୍ ସ୍ତରରେ ସମୀକ୍ଷା କମିଟି ଗଠନ କରାଯାଇଛି । ଏହି ସମୀକ୍ଷା କାର୍ଯ୍ୟକୁ ତ୍ୱରାନ୍ୱିତ ଓ ଫଳପ୍ରଦ କରିବା ପାଇଁ ଅଧୁନା ସ୍ଥାନୀୟ ଲୋକସଭା ସଦସ୍ୟ ଓ ବିଧାନସଭା ସଦସ୍ୟମାନଙ୍କୁ ଯଥାକ୍ରମେ ସବ୍‌ଡିଭିଜନ୍ ଓ ବ୍ଲକ୍ ସ୍ତରୀୟ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଛି । ଏହିସବୁ କମିଟିର ସମ୍ପୃକ୍ତ ଏମ୍. ଏଲ୍. ଏ. ପଞ୍ଚାୟତ ସମିତିର ଚେୟାରମ୍ୟାନ୍ ଓ ସରପଞ୍ଚମାନଙ୍କୁ ମଧ୍ୟ ସଭ୍ୟ ରୂପେ ନିଆଯାଇଛି । ଆଶାକରାଯାଏ, ଏହିସବୁ କମିଟି ଜଙ୍ଗଲ ବିଭାଗ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମର ସରଜମିନ ସମୀକ୍ଷା କରିବା ଦ୍ୱାରା କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ ।

## ରଥ ଚକ ଭାଙ୍ଗିଯିବା ସମ୍ପର୍କରେ ତଦନ୍ତ

ଗତ ଜୁନ୍ ୨୪ ତାରିଖ ଦିନ ପୁରୀଠାରେ ଅନୁଷ୍ଠିତ ବିଶ୍ୱବିଖ୍ୟାତ ରଥଯାତ୍ରାରେ କେତେକ ବିଶୃଙ୍ଖଳା ଘଟିବା ଏବଂ ବଡ଼ଠାକୁରଙ୍କର ତାଳଧ୍ୱଜ ରଥର କେତେକ ଚକ ଭାଙ୍ଗିଯିବା ଫଳରେ ରଥଟଣାରେ ବ୍ୟାଘାତ ଘଟି ରଥଟଣା ଉତ୍ସବ ବିଳମ୍ବିତ ହୋଇଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିଛି ।

ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ତଦନ୍ତ କରି ଯଥାଶୀଘ୍ର ରିପୋର୍ଟ ଦାଖଲ କରିବା ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

## ପୋଲିସ ଶିକ୍ଷାନବୀଶ

ହାଇଦ୍ରାବାଦ ପୋଲିସ ଏକାଡେମୀର ୧୯ ଜଣ ଶିକ୍ଷାନବୀଶ ସେମାନଙ୍କର ତାଲିମ ସମାପ୍ତି ପରେ ଭାରତ ଦର୍ଶନ କ୍ରମରେ ଓଡ଼ିଶାରେ ପହଞ୍ଚି ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କୁ ଜୁନମାସ ୨୩ ତାରିଖ ଦିନ ରାଜଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ।

ଏହି ଅବସରରେ ସେମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ ପୋଲିସମାନଙ୍କୁ ସମାଜର ରକ୍ଷାକର୍ତ୍ତାଭାବେ ବର୍ଣ୍ଣନା କରିଥିଲେ । ବର୍ତ୍ତମାନର ସମାଜରେ ବିଭିନ୍ନ ରାଜନୈତିକ ତଥା ସୁବିଧାବାଦୀ ଓ ବିଭାଜନକାରୀ ଶକ୍ତିମାନେ ମୁଣ୍ଡ ଟେକୁଥିବା ଯୋଗୁଁ ସମାଜରେ ବିଶୃଙ୍ଖଳା ବଢ଼ୁଛି । ବିଶେଷ କରି ଆର୍ଥିକ, ସାମାଜିକ ଓ ରାଜନୈତିକ ସଙ୍କଟ ସହିତ ଜନସାଧାରଣଙ୍କ ମଧ୍ୟରେ ଦେଖାଦେଇଥିବା ନୈତିକ ସ୍ଖଳନ ସାମ୍ପ୍ରତିକ ଅବସ୍ଥାକୁ ଆହୁରି ପ୍ରମାଦଗ୍ରସ୍ତ କରିଥିବାବେଳେ ଭାରତୀୟ ପୋଲିସ ସେବାରେ ନିଯୁକ୍ତି ପାଉଥିବା ପଦାଧିକାରୀଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ କଠିନତର ହୋଇ ଉଠିଛି ବୋଲି ଶ୍ରୀ ଶର୍ମା କହିଥିଲେ ।

ଏହି ପରିପ୍ରେକ୍ଷୀରେ ନୂତନ ଯୁବ ପୋଲିସ ଶିକ୍ଷାନବୀଶମାନଙ୍କୁ ଦକ୍ଷତା ସହିତ ନିଜର ବୁଦ୍ଧି ଓ ବିବେକ ଖଟାଇ ଓ ଜନସାଧାରଣ ବିଶେଷ କରି ପଛୁଆବର୍ଗର ଲୋକଙ୍କ ପ୍ରତି ଅନୁକମ୍ପା ରଖି ସମସ୍ୟା ଓ ପରିସ୍ଥିତିର ମୁକାବିଲା କରିବାଲାଗି ରାଜ୍ୟପାଳ ଶ୍ରୀ ଶର୍ମା ଉପଦେଶ ଦେଇଥିଲେ ।

## ସମ୍ବାଦ ସତ୍ୟ ନୁହେଁ

ଦୈନିକ ସମ୍ବାଦ ତା ୩–୭–୯୦ ରିଖର ପ୍ରଥମ ପୃଷ୍ଠାରେ ପ୍ରକାଶିତ "ବିଜୁ ଦେବୀଲାଲ୍ ବିଦ୍ୱେଷର ତିକ୍ତ ପରିଣାମ", "ଖାଦ୍ୟ ଶସ୍ୟ ଚଲାଣ ଉପରେ ନିଷେଧାଜ୍ଞା", ପାରାଦ୍ୱୀପ ବନ୍ଦରରେ ସଙ୍କଟ" ଶୀର୍ଷକ ସମ୍ବାଦ ସରକାରଙ୍କ ଦୃଷ୍ଟିକୁ ଆସିଛି ।

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସମୀକ୍ଷା ପାଇଁ ତା ୨୨-୬-୯୦ ରିଖ ଦିନ ରାଜ୍ୟ ସରକାରଙ୍କର ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଖାଦ୍ୟ ସମନ୍ୱୟ କମିଟିର ବୈଠକ ବସିଥିଲା । ଏଥିରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର Director of Operations. Delhi, ୧୫, ଜୁନ୍‌ରେ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ତାଙ୍କ ନିକଟକୁ ପାରାଦ୍ୱୀପ ବନ୍ଦର ବାଟେ ଖାଦ୍ୟ ସାମଗ୍ରୀ ଆଣିବାରେ କଟକଣା ବିଷୟ ଲେଖିଥିବା କଥା କମିଟିର ଦୃଷ୍ଟିକୁ ଆଣିଥିଲେ । ଏହି ବିଷୟ ଓଡ଼ିଶା ସରକାର ଭାରତ ସରକାରଙ୍କ ନିକଟରେ ଉତ୍ଥାପନ କରିବା ପାଇଁ କମିଟିରେ ସିଦ୍ଧାନ୍ତ ହୋଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ସଙ୍ଗେ ଏହା ଉତ୍ଥାପନ କରିବା ପାଇଁ କୌଣସି ସିଦ୍ଧାନ୍ତ ନିଆଯାଇ ନଥିଲା ।

ଏହି କାର୍ଯ୍ୟକ୍ରମ ପାଇଁ ଏ ପର୍ଯ୍ୟନ୍ତ ସାଧାରଣତଃ ପାରାଦ୍ୱୀପ ବନ୍ଦର ବାଟେ ଖାଦ୍ୟ ସାମଗ୍ରୀ ଆମଦାନୀ କରାହୋଇ ଆସୁଛି । କିନ୍ତୁ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ତା ୨୨-୫-୯୦ ରିଖ ପତ୍ର ଅନୁଯାୟୀ ଭବିଷ୍ୟତରେ ପାରାଦ୍ୱୀପ ବନ୍ଦର ଜରିଆରେ ଭାରତ ସରକାରଙ୍କ ପି: ଏସ୍: ଏଫ୍: ୧୯୮୯ ଅର୍ଡର ମୁତାବକ ଖାଦ୍ୟ ସାମଗ୍ରୀ ଖଲାସ ହେବାକୁ ମନା କରାଯାଇ ନିକଟତମ କଲିକତା ବନ୍ଦରରୁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ଜାଣିବା ପାଇଁ ପାରାଦ୍ୱୀପ ବନ୍ଦର ମାଧ୍ୟମରେ ଖାଦ୍ୟ ସାମଗ୍ରୀ ଆମଦାନୀ କରିବା ପାଇଁ ଅନୁମତି ଦେବା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ । ବିଶ୍ୱ ଖାଦ୍ୟକ୍ରମ, ଦିଲ୍ଲୀ, ତରଫରୁ ମଧ୍ୟ କୃଷି ମନ୍ତ୍ରଣାଳୟ ସଙ୍ଗେ ଏହା ଉତ୍ଥାପନ କରାଯାଇଥିଲା । ଏହିସବୁ ପ୍ରଚେଷ୍ଟାର ଫଳ ସ୍ୱରୂପ କୃଷି ମନ୍ତ୍ରଣାଳୟ ପାରାଦ୍ୱୀପ ମାଧ୍ୟମରେ ବର୍ଷରେ ତିନିଥର ଖାଦ୍ୟ ସାମଗ୍ରୀ ଆଣିବା ପାଇଁ ଅନୁମତି ଦେଇଛନ୍ତି । ତାହାଠାରୁ ଅଧିକଥର ଖାଦ୍ୟ ସାମଗ୍ରୀ ଆଣିବାର ହେଲେ କଲିକତା ବନ୍ଦର ଦେଇ ଆମଦାନୀ କରିବା ପାଇଁ କୃଷି ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛନ୍ତି । ଏହା ଉଲ୍ଲେଖ କରାଯାଇପାରେ ଯେ, ଭାରତ ସରକାର କୃଷି ମନ୍ତ୍ରଣାଳୟର ତା ୨୭-୩-୯୦ ରିଖ ନିର୍ଦ୍ଦେଶ ଅନୁଯାୟୀ କେତେଗୁଡ଼ିଏ ବନ୍ଦରକୁ Plants, Fruits., Seeds (Regulations of Import into India Order, 1989 ଅନୁଯାୟୀ ଏଣ୍ଟ୍ରି ପଏଣ୍ଟ ହିସାବରେ ବିଜ୍ଞପ୍ତି ଜାରୀ କରାଯାଇଛି ଯେଉଁଠାରେ କି ପାରାଦ୍ୱୀପ ଓ ମାଙ୍ଗାଲୋର ବନ୍ଦରର ନାମ ଉଲ୍ଲେଖ ନାହିଁ ।

ଗତ ତା ୨୨-୬-୯୦ ରିଖରେ ଅନୁଷ୍ଠିତ ଖାଦ୍ୟ ସମନ୍ୱୟ କମିଟିର ସିଦ୍ଧାନ୍ତ ଅନୁଯାୟୀ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଭାରତ ସରକାରଙ୍କର କୃଷି ମନ୍ତ୍ରଣାଳୟର ସଚିବଙ୍କ ନିକଟକୁ ତା ୨-୭-୯୦ ରିଖରେ ପତ୍ର ଲେଖିଛନ୍ତି ଯେଉଁଥିରେ କି ପାରାଦ୍ୱୀପ ବନ୍ଦର ମାଧ୍ୟମରେ ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ଅନୁମତି ଦେବାପାଇଁ ଅନୁରୋଧ କରାଯାଇଛି । ତେଣୁ ଉଲ୍ଲିଖିତ ବୈଠକ ସିଦ୍ଧାନ୍ତ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ସମ୍ବାଦ ସତ୍ୟ ନୁହେଁ ।

## ସୁନ୍ଦରଗଡ଼ ଆଦିବାସୀ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ଗତ ଜୁନ୍ ୨୩ ତାରିଖ ଦିନ ସ୍ଥାନୀୟ ପଞ୍ଚାୟତ ଭବନଠାରେ ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ପାଇଁ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶ୍ରୀମତୀ ଅନୀତା ଅଗ୍ନିହୋତ୍ରୀ, ଭାରତୀୟ ପ୍ରଶାସନ ସେବା, ଅଧ୍ୟକ୍ଷତା କରିଥିଲେ ।

୧୯୮୯-୯୦ ମସିହା ପାଇଁ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଆଦିବାସୀମାନଙ୍କର ଆର୍ଥିକ ଉନ୍ନତି ପାଇଁ ୨,୪୨୮ ଗୋଟି ପରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ସେହି ସମୟ ସୀମା ମଧ୍ୟରେ ୨,୦୩୧ ଗୋଟି ଆଦିବାସୀ ପରିବାରଙ୍କର ଆର୍ଥିକ ଉନ୍ନତି ସାଧିତ ହୋଇପାରିଛି । (ଏହାର ଅର୍ଥକୁ ୯ ଗୋଟି ବ୍ଲକ୍ ମଧ୍ୟରୁ ପ୍ରତ୍ୟେକ ବ୍ଲକ୍‌ରେ ୨୨୯ ଗୋଟି ଆଦିବାସୀ ପରିବାର ଅନ୍ତର୍ଭୁକ୍ତ) ଏହି ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ମୁଖ୍ୟତଃ କୃଷି ଜମିକୁ ଜଳସେଚନ ସୁବିଧାର ବ୍ୟବସ୍ଥା ଥିଲା । ୧୯୮୯-୯୦ ମସିହାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ୩୧ ଗୋଟି ଉଠା ଜଳସେଚନ ପଏଣ୍ଟ ହାତକୁ ନିଆଯାଇଥିଲା ।

ଉକ୍ତ ସମୀକ୍ଷା ବୈଠକରେ ୧୯୯୦-୯୧ ମସିହା ପାଇଁ ୧ କୋଟି ୨୦ ଲକ୍ଷ ୪୩ ହଜାର ଟଙ୍କାର ବ୍ୟୟ ବଜେଟ୍ ଶ୍ରୀ ସୁକୁମାର ମହାପାତ୍ର, ପ୍ରକଳ୍ପ ଅଧିକାରୀ ଉପସ୍ଥାପିତ କରିଥିଲେ ଏବଂ ତାହା ଅନୁମୋଦିତ ହୋଇଥିଲା । ଦାରିଦ୍ର୍ୟ ଦୂରିକରଣ କାର୍ଯ୍ୟକ୍ରମ ପାଇଁ ୬୭ ଲକ୍ଷ, ରାସ୍ତା ଓ ପୋଲ ନିର୍ମାଣ ପାଇଁ ୩୫ ଲକ୍ଷ, ପାନୀୟ ଜଳ ଯୋଗାଣ ପାଇଁ ୫ ଲକ୍ଷ ଟଙ୍କା, ଆଦିବାସୀ ବହୁଳ ଗ୍ରାମାଞ୍ଚଳର କୃଷିର ଉନ୍ନତି ପାଇଁ ୭ ଲକ୍ଷ ୯୦ ହଜାର, ବୃକ୍ଷରୋପଣ ପାଇଁ ୧ ଲକ୍ଷ ଟଙ୍କା ଏବଂ କୁଟୀର ଶିଳ୍ପର ବିକାଶ ପାଇଁ ୩ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହେବାର ପ୍ରସ୍ତାବ କରାଯାଇଅଛି । ୧୯୮୯-୯୦ ମସିହାରେ ୮ମ ଅର୍ଥ କମିଶନଙ୍କଠାରୁ ମିଳିଥିବା ଅନୁଦାନ ୫୯.୮୬ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ରୂପେ ଖର୍ଚ୍ଚ କରାଯାଇଅଛି । ଉକ୍ତ ଅନୁଦାନରୁ ୨୫ ଗୋଟି ଆଦର୍ଶ ଗ୍ରାମରେ ପାନୀୟ ଜଳ ଯୋଗାଣ ନିମନ୍ତେ ନଳକୂପ ସ୍ଥାପନ, ଗ୍ରାମ୍ୟ ରାସ୍ତା ନିର୍ମାଣ, ବିଦ୍ୟାଳୟ ଗୃହ ନିର୍ମାଣ ଓ ୪୦ ଗୋଟି ବାସଗୃହ ନିର୍ମାଣରେ ଖର୍ଚ୍ଚ ହୋଇଅଛି । ଜିଲ୍ଲାପାଳ ଶ୍ରୀମତୀ ଅଗ୍ନିହୋତ୍ରୀ କୃଷିର ଉନ୍ନତି ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ଉକ୍ତ ସମୀକ୍ଷା ସଭାରେ ସୁନ୍ଦରଗଡ଼ ଆଦିବାସୀ ଉନ୍ନୟନ ପ୍ରକଳ୍ପର ଅଧୀନରେ ଥିବା ସମସ୍ତ ବି: ଡି: ଓ, ଜିଲ୍ଲାସ୍ତରୀୟ ଅଧିକାରୀ, ସୁନ୍ଦରଗଡ଼ ଲୋକସଭା ସଦସ୍ୟ ଶ୍ରୀ ଦେବାନନ୍ଦ ଅମାତ ଓ ତଳସରା ବିଧାନସଭା ସଦସ୍ୟ ରଣଜିତ୍ ଭିତିଆ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଗ୍ରାମ୍ୟ ଶାସନକୁ ଅଧିକ ସକ୍ରିୟ କରିବା ଆବଶ୍ୟକ

ରାଜ୍ୟ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟ ଶାସନ ସମ୍ପର୍କୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଶାସନକୁ ଅଧିକ ସକ୍ରିୟ କରାଯିବା ସଙ୍ଗେ ସଙ୍ଗେ ଗ୍ରାମବାସୀମାନେ ଯେପରି ଏଥିରୁ ସଫଳତା ପାଇପାରିବେ ସେ ଦିଗରେ ଅଧିକ ପ୍ରତିଯୋଗିତାମୂଳକ ମନୋଭାବ ଜାଗ୍ରତ କରିବା ପାଇଁ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ଆଲୋଚନାଚକ୍ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନ ଗ୍ରାମାଞ୍ଚଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେ ସ୍କୁଲଗୁଡ଼ିକୁ ଶିକ୍ଷକ ଯାଉନାହାନ୍ତି ବା ଅଙ୍ଗନବାଡ଼ିଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମୀମାନେ କେବଳ ବେତନ ନେବା ବ୍ୟତୀତ କୌଣସି ଫଳପ୍ରଦ କାର୍ଯ୍ୟ କରୁନାହାନ୍ତି । ଏ ସମ୍ପର୍କରେ ଏକ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ନିକଟରେ ଭୁବନେଶ୍ୱର ନିକଟସ୍ଥ ତଲକା ଗ୍ରାମକୁ ଯାଇଥିବା ଭାରତୀୟ ରେଡକ୍ରସ୍ ସଂସ୍ଥାର ଏକ ପ୍ରତିନିଧି ଦଳ ତାଙ୍କୁ ଜଣାଇଥିଲେ ଯେ ଉକ୍ତ ଗ୍ରାମରେ ଥିବା କୁକୁଡ଼ା ଫାର୍ମ କେନ୍ଦ୍ରଟି ସମ୍ପୂର୍ଣ୍ଣ ଖାଲିପଡ଼ିଛି । ଗ୍ରାମବାସୀଙ୍କୁ ଠକିବା ପାଇଁ ଯଦି ଏଭଳି ସଦବେଦ ଉଦ୍ୟମ କରାଯାଏ ତେବେ ସରକାରଙ୍କ ତରଫରୁ ଲୋକମାନଙ୍କ ପାଇଁ କରାଯାଉଥିବା କିଛି ଉନ୍ନୟନମୂଳକ ଯୋଜନାର କୌଣସି ମୂଲ୍ୟ ରହିବନାହିଁ ।

ଗ୍ରାମବାସୀମାନେ ନିଜ ଉଦ୍ୟମରେ ଓ ସରକାରଙ୍କ କିଛି ସହାୟତାରେ ମନ୍ଦିର, କୋଠଘର ଓ ଅନ୍ୟାନ୍ୟ ଗ୍ରାମ ସମ୍ପତ୍ତି ସୃଷ୍ଟି କରିଥାନ୍ତି । ଗ୍ରାମ ଗ୍ରାମ ମଧ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ

ସହ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରାଯାଏ ତେବେ ଗ୍ରାମଗୁଡ଼ିକର ବିକାଶ ଘଟିବା ସଙ୍ଗେ ସଙ୍ଗେ ରାଜ୍ୟର ସମୂହ ଉନ୍ନତି ସମ୍ଭବପର ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଥିଲେ ।

ବିଭିନ୍ନ ଫସଲର ଅଧିକ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ଚାଷୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଏଥିପାଇଁ ପ୍ରତ୍ୟେକ ରାଜସ୍ୱ ଡିଭିଜନ ଅନ୍ତର୍ଭୁକ୍ତ ବ୍ଲକମାନଙ୍କ ମଧ୍ୟରେ ଓ ବ୍ଲକ୍ ଅନ୍ତର୍ଗତ ଗ୍ରାମମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇପାରେ ବୋଲି ସେ ମତପ୍ରକାଶ କରିଥିଲେ ।

ପ୍ରତ୍ୟେକ ସରପଞ୍ଚଙ୍କୁ ନିଜ ନିଜ ପଞ୍ଚାୟତର ମୁଖ୍ୟମନ୍ତ୍ରୀଭାବେ କାର୍ଯ୍ୟ କରିବା ପାଇଁ ଅତୀତରେ ଦେଇଥିବା ପ୍ରେରଣା ସମ୍ପର୍କରେ ସ୍ମରଣ କରାଇଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ଗ୍ରାମାଞ୍ଚଳର ବିପୁଳ ସୁପ୍ତ ଶକ୍ତିକୁ ଉନ୍ନୟନମୂଳକ କାର୍ଯ୍ୟରେ କିପରି ସୁପରିକଳ୍ପିତଭାବେ ନିୟୋଜିତ କରାଯାଇ ପାରିବ ସେଥିପାଇଁ ଏହି ଆଲୋଚନାଚକ୍ରରେ ବିସ୍ତୃତଭାବେ ଆଲୋଚନା ହେବା ଉଚିତ ।

କଟକ, ପୁରୀ, ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାର ଜଳସେଚିତ ଅଞ୍ଚଳମାନଙ୍କରେ ପ୍ରଚୁର ପରିମାଣରେ ଧାନ ଉତ୍ପାଦନ ହେବା ସତ୍ତ୍ୱେ କୃଷୀମାନେ ତାଙ୍କ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଉନାହାନ୍ତି । କୃଷୀର ଉତ୍ପାଦିତ ଫସଲ ଗ୍ରେନ୍‌ଗୋଲା ଓ ଗୃହଜ କିଲମାନଙ୍କରେ ସଂରକ୍ଷିତ ହୋଇପାରିଲେ କୃଷୀ ତା'ର ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଇବାରେ କୌଣସି ଅସୁବିଧା ହେବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଗ୍ରାମ୍ୟ ସ୍ତରର ପ୍ରଶାସନକୁ ଅଧିକ ସୁଦୃଢ଼, ସୁସଙ୍ଗଠିତ ଓ ସକ୍ରିୟ କରିବା ନିମନ୍ତେ କିପରି ଫଳପ୍ରଦ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ପାରିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ପାଇଁ ଏହି ଆଲୋଚନାଚକ୍ରଟି ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ କରାଯାଇଥିଲା । ଏହି ଆଲୋଚନାଚକ୍ରରେ ବିଭିନ୍ନ ବିଭାଗର ପଦସ୍ଥ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ସେପ୍‌ଟେମ୍ବର "ଉତ୍କଳ ପ୍ରସଙ୍ଗ"ର

ବିଶେଷ ଆକର୍ଷଣ

"ଓଡ଼ିଶାର କାରାଗାର"

# ଚନ୍ଦ୍ରର ଲୁହ ମାଟିର ମୁକ୍ତା

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ସୁନା, ରୁପା ଓ ପ୍ଲାଟିନମ୍ ଆଦି ମୂଲ୍ୟବାନ ଧାତୁ ବିଷୟରେ ଶୁଣିଲେ ମଣିଷ ଖୁସି ହୁଏ । ଅବଶ୍ୟ, ଏ ସବୁ ଧାତୁ ଅର୍ଥ ବିନିମୟରେ କିଣିବା ସମ୍ଭବ ହୋଇଥାଏ । କିନ୍ତୁ କେତେଗୁଡ଼ିଏ ରତ୍ନ ରହିଛି ଯେଉଁଗୁଡ଼ିକୁ ମଣିଷ କେବଳ ଶୁଣିଥାଏ — ଦେଖି ନଥାଏ — ଦେଖିବା ସମ୍ଭବ ହୋଇ ନଥାଏ — କିଣିବା କଥା ଦୂରେ ଥାଉ ! ଏମିତି କେତେଗୁଡ଼ିଏ ମୂଲ୍ୟବାନ ରତ୍ନ ରହିଛି ଯେଉଁଗୁଡ଼ିକ ହେଲା ହୀରା, ନୀଳା, ମୋତି ଓ ମାଣିକ୍ୟ ସୁନା ହେଉ ବା ହୀରା ହେଉ ଅଥବା ଯେ କୌଣସି ମୂଲ୍ୟବାନ ପଦାର୍ଥ ହେଉ ଆମେ ଦୁଇଟି ଜିନିଷ ଦେଖୁଥାଉ । ଗୋଟିଏ ହେଲା ଖଣିଜ ପଦାର୍ଥ; ଯାହାକି ସୁନା, ରୁପା, ହୀରା, କୋଇଲା, ଲୁହା ଓ ମାଙ୍ଗାନିଜ୍ ଭଳି ଖଣିରୁ ମିଳିଥାଏ ଏବଂ ଅନ୍ୟଟି ହେଲା ପ୍ରାଣୀଜ ପଦାର୍ଥ (Animal substance) ବା ଜୈବ ପଦାର୍ଥ (Organic material) । ମୋତି ବା ମୁକ୍ତା (Pearl) ସେହିପରି ଗୋଟିଏ ଜୈବ ପଦାର୍ଥ । କାରଣ ଏହା ଶାମୁକା (Mollusc) ନାମକ ପ୍ରାଣୀ ଦେହ ଭିତରୁ ମିଳିଥାଏ । ଜୈବ ପଦାର୍ଥ ଯୋଗୁ ହିଁ ମୁକ୍ତାର ଚାହିଦା ଅନ୍ୟ ମୂଲ୍ୟବାନ ଧାତୁ ବା ରତ୍ନ (Gem)ଠାରୁ ଅନେକ ବେଶୀ । ଏହା ଅନ୍ୟ ମୂଲ୍ୟବାନ ଧାତୁ ପରି ଆଦୌ ଖଣିରୁ ମିଳି ନଥାଏ । ଲୋକମାନଙ୍କର ଏହା ଏକ ଭ୍ରମାତ୍ମକ ଧାରଣା ।

ମୁକ୍ତା ବା ମୋତିକୁ ମଧ୍ୟ "ମୁକ୍ତାଫଳ" କୁହାଯାଇଥାଏ । ଏହି ବିଷୟରେ ପୁରୁଣା ଓ ପୁରାଣ ଯୁଗରୁ ଲୋକମାନଙ୍କଠାରୁ ଅନେକ କଥା ଶୁଣିବାକୁ ମିଳିଥାଏ । ପ୍ରଥମେ ଲୋକମାନେ ଏହାକୁ "ଚନ୍ଦ୍ରର ଲୁହ" ବୋଲି ଭାବୁଥିଲେ । ଏପରିକି ସଂସ୍କୃତ ସାହିତ୍ୟରେ ବର୍ଣ୍ଣିତ ଅଛି ଯେ ଟୋପାଏ ପାଣି "ସ୍ୱାତୀ ନକ୍ଷତ୍ର" ସମୟରେ ଶାମୁକା ଦେହରେ ପଡ଼ିଲେ ତାହା ମୁକ୍ତା ହୋଇଥାଏ । କିନ୍ତୁ ଏଥିରେ ସେପରି କିଛି ସତ୍ୟତା ନଥିବା ପରି ମନେହୁଏ । କାରଣ କୃତ୍ରିମ ମୁକ୍ତା (Artificial Pearl) ଯେ କୌଣସି ସମୟରେ ତିଆରି କରାଯାଇ ପାରୁଛି । ତେବେ ଯାହାହେଉ ଖ୍ରୀଷ୍ଟପୂର୍ବ ୨୩ଠଠରୁ ଚୀନାମାନେ ମୁକ୍ତା ସମ୍ପର୍କରେ ଜାଣିପାରିଥିଲେ । ଏପରିକି କୌଟିଲ୍ୟ ଓ ସେକ୍ସପିୟର୍ ସେମାନଙ୍କ ସାହିତ୍ୟରେ ମୁକ୍ତା ବିଷୟରେ ବିଶଦ ଭାବରେ ବର୍ଣ୍ଣନା କରିବାର ଦେଖାଯାଏ ।

ଏବେ ଦେଖାଯାଉ କେଉଁ ଶାମୁକାଗୁଡ଼ିକ କିପରି ମୁକ୍ତା ପ୍ରସ୍ତୁତ କରିପାରନ୍ତି । ମୁକ୍ତା ବାସ୍ତବରେ ସାମୁଦ୍ରିକ ଶାମୁକା (Marine Molluscs) ଓ ମଧୁର ଜଳ ଶାମୁକା (Freshwater Molluscs) ଉଭୟ ପ୍ରସ୍ତୁତ କରିପାରନ୍ତି । କିନ୍ତୁ କଥା ହେଲା ସମୁଦ୍ରରେ ଦେଖାଯାଉଥିବା ଅକ୍ଟୋପସ୍, ସେପିଆ, ଲୋଲିଗୋ, କଉଡ଼ି, ଶଙ୍ଖ ଇତ୍ୟାଦି ଓ ମଧୁର ଜଳରେ ଥିବା ଗେଣ୍ଡା ଶାମୁକାଗୁଡ଼ିକ ଶାମୁକା ଶ୍ରେଣୀର ଅନ୍ତର୍ଭୁକ୍ତ । ମାତ୍ର ଏମାନେ ସମସ୍ତେ ମୁକ୍ତା ପ୍ରସ୍ତୁତ କରି ନଥାନ୍ତି । ମୁଖ୍ୟତଃ ଦୁଇଫାଳ ଖୋଳପା ଥିବା ଶାମୁକା (Bivalvia Molluscs)ଗୁଡ଼ିକ ମୁକ୍ତା ପ୍ରସ୍ତୁତ କରିପାରନ୍ତି । ସାମୁଦ୍ରିକ ଶାମୁକା ମଧ୍ୟରେ ହାଲିଓଟିସ୍ (Haliotis), ମାଇଟିଲସ୍ (Mytilus) ପ୍ଲାକୁନା (Placuna) ଇତ୍ୟାଦି ଓ ମଧୁର ଜଳ ଶାମୁକା ମଧ୍ୟରେ ଆମେ ଦେଖୁଥିବା ସାଧାରଣ ଶାମୁକା (Unio)ଗୁଡ଼ିକ ମୁକ୍ତା ପ୍ରସ୍ତୁତ ପାଇଁ ଦାୟୀ । ସବୁଠାରୁ ମଜାର କଥା ହେଲା, ସାମୁଦ୍ରିକ ଶାମୁକା ମଧ୍ୟରେ ପିଙ୍କ୍‌ଟାଡ଼ା (Pinctada) ନାମକ ଶାମୁକା ଅତି ସୁନ୍ଦର ଧରଣର ଓ ଉତ୍କୃଷ୍ଟ ମୁକ୍ତା ପ୍ରସ୍ତୁତ କରିଥାଆନ୍ତି । ଏମାନେ "ମୁକ୍ତା ଶାମୁକା" ବା Pearl Oyster ଭାବରେ ଜଣାଶୁଣା । ନିକଟରେ ପଶ୍ଚିମବଙ୍ଗର ଏକ ପୋଖରୀରେ ଅନେକ ପରିମାଣର ମୁକ୍ତା ମିଳିଥିବାର ଖବର ମିଳିଥିଲା । ତେଣୁ ମୁକ୍ତା ଉଭୟ ମଧୁର ଜଳ ଓ ସମୁଦ୍ର ଜଳ ଶାମୁକା ଦେହ ମଧ୍ୟରୁ ମିଳିଥାଏ ।

ଏମିତି ସାଧାରଣ ପ୍ରାଣୀଟି ଏତେ ମହାର୍ଘ ଜିନିଷଟିଏ ପ୍ରସ୍ତୁତ କରିପାରେ ? ସତରେ ଏହା ବଡ଼ ବିସ୍ମୟପୂର୍ଣ୍ଣ ଆମ ପ୍ରାଣୀ ଜଗତରେ । ଏବେ ଦେଖାଯାଉ ଏ ଶାମୁକା କେମିତି ମୁକ୍ତା କରିପାରେ । ଶାମୁକାର ମାଂସଳ ଦେହଟି ଦୁଇଟିଯାକ ଟାଣ ଖୋଳପା ଭିତରେ ଲୁଚି ରହିଥାଏ । ଏହି ଖୋଳପାର ଭିତର ପାଖଟି ଖୁବ୍ ଚକ୍ ଚକ୍ । ହଠାତ୍ କୌଣସି ଉପାୟରେ ଶାମୁକା ଦେହ ଭିତରକୁ ମଇଳା ପଦାର୍ଥ ପଶିଗଲେ ଶାମୁକା ପାଇଁ ସେଇଟା ବଡ଼ ଅଡୁଆ ହୁଏ । ପ୍ରତିରୋଧ ସ୍ୱରୂପ ଶାମୁକା ସେ ବାହ୍ୟ ପଦାର୍ଥ (Foreign substance) (ବାଲିକଣିକା, ଛୋଟ ଦଳ, କୌଣସି ପରଜୀବୀ ବା ଏମିତି କିଛି ଜିନିଷ) ଚାରିପଟେ ଏକ ରସ କ୍ଷରଣ କରିଥାଏ । ଏହି ରସ ଚକ୍ ଚକ୍ ସ୍ତର (Mantle layer)ରୁ ନିଃସୃତ ହୋଇଥାଏ । ଏହି ରସକୁ "Nacre" ବୋଲି କୁହାଯାଏ । ଏହି Nacre ରସ କ୍ରମାଗତଭାବେ ସ୍ତର ସ୍ତର ହୋଇ ୫–୬ ବର୍ଷ ଜମା ହୋଇଗଲା ପରେ ତାହା ଟାଣ ହୋଇଯାଏ । ଏହି ଟାଣ ଜିନିଷଟି ହିଁ

ମୁକ୍ତା"। ପ୍ରାକୃତିକ ମୁକ୍ତା (Natural Pearl) ପ୍ରସ୍ତୁତିର ଏହା ହେଲା ମୂଳ ନିୟମ (Basic principle)।

ଏହି ନିୟମକୁ ଭିତ୍ତି କରି ନଇ, ପୋଖରୀରୁ ଏବଂ ସମୁଦ୍ରରୁ ମଧ ଶାମୁକା ସଂଗ୍ରହ କରାଯାଇ କୃତ୍ରିମ ଉପାୟରେ ବାହ୍ୟ ପଦାର୍ଥ ପ୍ରବେଶ କରାଇ ମୁକ୍ତା ସଂଗ୍ରହ ବା ଉତ୍ପାଦନ କରାଯାଇ ପାରେ। ଏହାକୁ କୃତ୍ରିମ ମୁକ୍ତା (Artificial Pearl) ବୋଲି କୁହାଯାଏ। କଥା ହେଲା କୃତ୍ରିମ ମୁକ୍ତା ପ୍ରାକୃତିକ ମୁକ୍ତାଠାରୁ ମୂଲ୍ୟବାନ ତଥା ଉତ୍କୃଷ୍ଟ ଧରଣର ନହେଲେ ମଧ ଏ ଉପାୟରେ ଅନେକ ପରିମାଣରେ ମୁକ୍ତା ଉତ୍ପାଦନ କରାଯାଇ ପାରେ। ଆଜିକାଲି ଜାପାନରେ ଅତ୍ୟାଧୁନିକ ପ୍ରଣାଳୀରେ ଏପରି ମୁକ୍ତା ଉତ୍ପାଦନ କରାଯାଇ ପ୍ରଚୁର ଅର୍ଥ ସେମାନେ ଉପାର୍ଜନ କରି ପାରୁଛନ୍ତି। ବର୍ତ୍ତମାନ ତ ଉତ୍ପାଦନ ପ୍ରଣାଳୀ ଜଣାପଡ଼ିଗଲାଣି। ସୁତରାଂ ଏ ଉପାୟରେ ଆମ ଦେଶରେ ମୁକ୍ତା ଉତ୍ପାଦନ କରାଗଲେ ଆମର ବି ଅନେକ ସମସ୍ୟା ଦୂର ହୋଇ ପାରନ୍ତା ବୋଲି ଆଶା କରାଯାଏ। ଦ୍ୱିତୀୟ କଥା ହେଲା ଆମ ଦେଶ ଏଥିପାଇଁ ଗର୍ବ ଅନୁଭବ କରିବା କଥା ଯେ ପ୍ରକୃତ ମୁକ୍ତା ଶାମୁକା (Pearl Oyster) ଆମ ଭାରତବର୍ଷର ଅନେକ ସ୍ଥାନରେ ମିଳି ରହିଛି। ସେଗୁଡ଼ିକ ହେଲା ମାନ୍ନାର ଉପସାଗର, କଚ୍ଛ ଉପସାଗର, ପକ୍ ପ୍ରଣାଳୀ ଓ ଗୁଜୁରାଟର ବରୋଦା। ଏହାଛଡ଼ା ଭାରତରେ ପଶ୍ଚିମ ଉପକୂଳ ଅପେକ୍ଷା ପୂର୍ବ ଉପକୂଳରେ ମୁକ୍ତା ଶଯ୍ୟା (Pearl bed) ଅତି ଭଲ। ତେଣୁ ଆମକୁ ମୁକ୍ତା ଶାମୁକା ବିଭିନ୍ନ ସ୍ଥାନରୁ ସଂଗ୍ରହ କରିବା ପାଇଁ କଷ୍ଟ ପଡ଼ିବ ନାହିଁ। କାରଣ ଶାମୁକାଗୁଡ଼ିକରେ ନିର୍ଦ୍ଦିଷ୍ଟ ସ୍ଥାନ ଭଲଭାବରେ ଜଣାଯାଇ ପାରିଛି।

ଆଜିକାଲି ସୌଖିନ୍ ସମୟ। ମୁକ୍ତା ହାରଟିଏ ଦେଖିଲେ ସମସ୍ତେ ଏତେ ଆଗ୍ରହ ପ୍ରକାଶ କରନ୍ତି ଯେ ତାହା ପ୍ରକାଶ କରିହେବ ନାହିଁ। ତଥାପି ଜାପାନୀମାନେ ଏଗୁଡ଼ିକୁ ଉତ୍ପାଦନ କରି ଦେଶରେ ଅଗ୍ରଣୀ ହୋଇ ପ୍ରଚୁର ଅର୍ଥ ରୋଜଗାର କରି ପାରୁଛନ୍ତି। ଆମ ଦେଶରେ ସବୁ ଥାଇ ଆମେ ବର୍ତ୍ତମାନ ପଛେଇ ଯିବା ଠିକ୍ ନୁହେଁ। ଏଥିପାଇଁ ଆମ ଦେଶରେ ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି କରି ସେମାନଙ୍କୁ ଏ ପଦ୍ଧତି ସମ୍ପର୍କରେ ଅବଗତ କରାଇ ଉପଯୁକ୍ତ ଉପାୟରେ କୃତ୍ରିମ ମୁକ୍ତା ଉତ୍ପାଦନ ପ୍ରତ୍ୟେକ ସ୍ଥାନରେ କରାଯିବା ଉଚିତ୍। ଏହାଦ୍ୱାରା ଆମ ଦେଶର ଉତ୍ପାଦିତ ଦ୍ରବ୍ୟ ବିଦେଶକୁ ରପ୍ତାନୀ କରାଯିବା ସହ ଆମ ଦେଶବାସୀ ମଧ ସୁଲଭ ମୂଲ୍ୟରେ ଏହାକୁ ବ୍ୟବହାର କରିପାରିବେ। ତେଣୁ ଏ କୌଶଳ ଦୁଇଟି ପ୍ରକାର ଇନ୍ଧନ ଆମ ଦେଶକୁ ଯୋଗାଇ ଦେଇ ପାରିବ – ଗୋଟିଏ ହେଲା ବେକାର ସମସ୍ୟା ସମାଧାନ ଓ ଦ୍ୱିତୀୟଟି ହେଲା ଅର୍ଥନୈତିକ ସମସ୍ୟାର ସମାଧାନ।

ସୁତରାଂ କର୍ତ୍ତୃପକ୍ଷ ଏଥିପାଇଁ ଅନ୍ୟାନ୍ୟ ଶିଳ୍ପ ପ୍ରତି ଧ୍ୟାନ ଓ ଆର୍ଥିକ ସହଯୋଗ କରିବା ପରି ସହଯୋଗ କଲେ ହୁଏତ କିଛି ବର୍ଷ ମଧ୍ୟରେ ଆମ ଦେଶର ଦୁଇଟି ସମସ୍ୟା ସମାଧାନ ହୋଇପାରନ୍ତା। ଗୋଟିଏ ମାତ୍ର ଅଭାବ ରହିଯାଉଛି। ପଦ୍ଧତିଟିର ପ୍ରୟୋଗ ଉପଯୁକ୍ତ ଉପାୟରେ। କଞ୍ଚାମାଲ, ଲୋକବଳ କାରିଗରୀ କୌଶଳ ସବୁ ଆମ ମଧ୍ୟରେ ରହିଛି। ଅଭାବ ରହିଛି ଗୋଟିକର – ତାହା ହେଲା ସଠିକ ସମନ୍ୱୟ ଓ ପ୍ରୟୋଗ।

ପ୍ରାଣୀ ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର–୭୫୧୦୦୪।

ବିବେକାନନ୍ଦ କହିଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ସରାରେ ବ୍ରହ୍ମଶକ୍ତି ବିଦ୍ୟମାନ ଏବଂ ନାରାୟଣ ଦରିଦ୍ର ଓ ବଞ୍ଚିତ ରୂପରେ ଆମ୍ଭମାନଙ୍କର ସେବା ପ୍ରତ୍ୟାଶା କରୁଅଛନ୍ତି। କି ଅପୂର୍ବ ବାଣୀ ! ଏହା ମାନବର ଚେତନା ରାଜ୍ୟରେ ତାହାର ସ୍ୱାର୍ଥର କ୍ଷୁଦ୍ରତା ଓ ବନ୍ଧନରୁ ଅନନ୍ତ ମୁକ୍ତିର ପଥକୁ ଆଲୋକିତ କରୁଅଛି। ଏହା କୌଣସି ବିଶେଷ ଆଚରଣ ବିଧିର ନୈତିକ ନିର୍ଦ୍ଦେଶ ନୁହେଁ, ଆମ୍ଭମାନଙ୍କର ଆଚରଣକୁ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ଏହା କୌଣସି ସଂକୀର୍ଣ୍ଣ ବିଧାନ ନୁହେଁ। ଏହି ବାଣୀରେ ଅସ୍ପୃଶ୍ୟତା ପ୍ରଥାର ବିରୋଧ ନିହିତ ରହିଅଛି।


ଏହି ବିରୋଧ କୌଣସି ରାଜନୈତିକ ପ୍ରୟୋଜନ ଉପରେ ପ୍ରତିଷ୍ଠିତ ନୁହେଁ, ମାତ୍ର ଏହି ବାଣୀ ଓ ମନୁଷ୍ୟର ମାନବିକତା ପ୍ରତି ଅପମାନ ପରସ୍ପର ବିରୋଧୀ, କାରଣ ଅସ୍ପୃଶ୍ୟତା ପ୍ରଥା ଦ୍ୱାରା ଆମ୍ଭେମାନେ ପ୍ରତ୍ୟେକ ନିଜକୁ ନିଜେ ଅପମାନିତ କରିଅଛୁ।

ବିବେକାନନ୍ଦଙ୍କର ଏହି ବାଣୀ ପୂର୍ଣ୍ଣ-ମାନବିକତାରେ ଜାଗ୍ରତ ହେବାପାଇଁ ଏକ ଆହ୍ୱାନ। ଏହା ଦେଶର ଯୁବକବୃନ୍ଦଙ୍କୁ କର୍ମ, ତ୍ୟାଗ ଓ ଆତ୍ମୋତ୍ସର୍ଗ ମଧ୍ୟ ଦେଇ ବିଭିନ୍ନ ପଥରେ ମୁକ୍ତି ଅଭିମୁଖରେ ପରିଚାଳିତ କରିଅଛି।

—ରବୀନ୍ଦ୍ର ନାଥ ଠାକୁର



ସୁନ୍ଦର ତୃପ୍ତିରେ
ଅବସାଦ ନାହିଁ ।





# ଓଡ଼ିଶାରେ ପର୍ଯ୍ୟଟନ ଓ ପର୍ଯ୍ୟଟକ

ଡଃ ହରିହର କାନୁନ୍‌ଗୋ

ପୁଣ୍ୟଭୂମି ଓଡ଼ିଶା ବହୁ ନଦନଦୀ, ଗିରିବନ, ମଠ ମନ୍ଦିର ଓ ସ୍ଥାପତ୍ୟ ଶୌର୍ଯ୍ୟରେ ପରିପୂର୍ଣ୍ଣ । ଆବହମାନ କାଳରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ପର୍ଯ୍ୟଟନ କ୍ଷେତ୍ରର ସମୋନ୍ନତିଯୋଗୁଁ ପୃଥିବୀର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ଆସୁଛନ୍ତି । ନିକଟ ଅତୀତରେ ଓଡ଼ିଶାର ପୁରୀ, କୋଣାର୍କ ଓ ଭୁବନେଶ୍ୱର ପ୍ରଭୃତି ପୃଥିବୀ ପ୍ରସିଦ୍ଧ ତୀର୍ଥସ୍ଥାନ ଓ ଦର୍ଶନୀୟ ସ୍ଥାନଗୁଡ଼ିକୁ ଉନ୍ନତ ଏବଂ ଅଧିକ ଆକର୍ଷଣୀୟ କରିବା ପାଇଁ ସରକାରୀ ସ୍ତରରେ ବହୁବିଧ ପଦକ୍ଷେପ ନିଆଯାଉଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପର୍ଯ୍ୟଟନ କ୍ଷେତ୍ରମାନ ସୁସଜ୍ଜିତ ଓ ସୁପରିଚାଳିତ ହେବା ଫଳରେ ଆଜିର ଓଡ଼ିଶା ପୃଥିବୀର ପର୍ଯ୍ୟଟନମାନଙ୍କ ମଧ୍ୟରେ ଏକ ଗଣନୀୟ ସ୍ଥାନ ଅଧିକାର କରିଛି । ଭ୍ରମଣ କରୁଥିବା ପର୍ଯ୍ୟଟକ ଗୋଷ୍ଠୀକୁ ମୁଖ୍ୟତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ । (୧) ତୀର୍ଥଯାତ୍ରୀ, (୨) ବୁଦ୍ଧିଜୀବୀ ଗବେଷକ, (୩) ଭ୍ରମଣକାରୀ/ବିନୋଦ ପର୍ଯ୍ୟଟକ । ଆଜି ଏହି ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୧୯୮୮-୮୯ ସୁଦ୍ଧା ସରକାରୀ ପରିସଂଖ୍ୟାନ ଅନୁଯାୟୀ ଦଶଲକ୍ଷ ସତଷଠି ହଜାର ତିନିଶହ ଅଣତିରିଶରେ ପହଞ୍ଚିଛି । ୧୯୭୯-୮୦ ମସିହାରେ ମାତ୍ର ଏକଲକ୍ଷ ସାତିଏ ହଜାର ପଞ୍ଚସ୍ତରୀ ଜଣ ପର୍ଯ୍ୟଟକ ଓଡ଼ିଶାକୁ ଭ୍ରମଣ ଉଦ୍ଦେଶ୍ୟରେ ଆସିଥିଲେ । ପୂର୍ବବର୍ତ୍ତୀ ବର୍ଷମାନଙ୍କ ତୁଳନାରେ ପର୍ଯ୍ୟଟକଙ୍କ ସଂଖ୍ୟା ଆନୁପାତିକଭାବେ ଯଥେଷ୍ଟ ବୃଦ୍ଧି ପାଇଛି । ଏହାର କାରଣ ସେମାନଙ୍କର ସର୍ବବିଧ ସୁବିଧା ସୁଯୋଗ ନିମନ୍ତେ ଗତ ଦଶନ୍ଧି ମଧ୍ୟରେ ପ୍ରଶାସନିକ ସ୍ତରରେ ପ୍ରଭାବଶାଳୀ ପଦକ୍ଷେପ ଓ ଆନ୍ତରିକାରୀ ଯୋଜନାମାନ ପ୍ରବର୍ତ୍ତନ କରାଯାଇଛି ।

ଏହି ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଶିଳ୍ପ ପ୍ରତିଷ୍ଠିତ ସ୍ଥାନମାନଙ୍କରେ ପଞ୍ଚତାରକା ହୋଟେଲ ନିର୍ମାଣ । ଉକ୍ତ ସ୍ଥାନମାନଙ୍କୁ ଗମନାଗମନ ନିମନ୍ତେ ରାସ୍ତା ଓ ପୋଲ ନିର୍ମାଣ ସାଙ୍ଗକୁ ଉଦ୍‌ଘାଟନ, ଉନ୍ମୋଚନ ଓ ନବୀକରଣ ଆଦି କରାଯାଇଛି । ଏତଦ୍‌ବ୍ୟତୀତ ପାନ୍ଥନିବାସ, ହୋଟେଲ, ଦୋକାନ ବଜାର ଗୃହର ଆଧୁନିକୀକରଣ ବ୍ୟବସ୍ଥା ହୋଇଛି । କୀର୍ତ୍ତିମଣ୍ଡିତ ସ୍ଥାନମାନଙ୍କରେ ବିଦେଶାଗତ ପର୍ଯ୍ୟଟକମାନଙ୍କ ଗମନାଗମନର ସୁବିଧା ନିମନ୍ତେ ଭୁବନେଶ୍ୱର ବିମାନଘାଟିର ସମ୍ପ୍ରସାରଣ, ଜେଟ୍ ଏବଂ ବୋଇଙ୍ଗ୍ ବିମାନ ଅବତରଣର ବ୍ୟବସ୍ଥା ସହିତ ବିମାନଘାଟିରେ ରନ୍‌ୱେ ଏବଂ ସିଗ୍‌ନାଲିଙ୍ଗର ଅତ୍ୟାଧୁନିକୀକରଣ ନିକଟ ଅତୀତରେ ସମ୍ଭବପର ହୋଇଛି । ଭୁବନେଶ୍ୱର ବିମାନଘାଟିକୁ ଆନ୍ତର୍ଜାତିକ ବିମାନଘାଟିରେ ପରିଣତ କରିବାକୁ ଥିବା କେନ୍ଦ୍ରସରକାରଙ୍କ ଯୋଜନା ଓ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଅଭିନନ୍ଦନୀୟ । କୀର୍ତ୍ତି ଶୋଭିତ ସ୍ଥାନମାନଙ୍କର ଜୀର୍ଣ୍ଣୋଦ୍ଧାର ଓ ଖନନ ଫଳରେ ପ୍ରାଚୀନ ଭାସ୍କର୍ଯ୍ୟ ଓ ସ୍ଥାପତ୍ୟର ସୁରକ୍ଷା ସମ୍ଭବ ହୋଇଛି । କୋଣାର୍କ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ମୁକ୍ତାକାଶ ରଙ୍ଗମଞ୍ଚର ପ୍ରତିଷ୍ଠା ଫଳରେ ବହୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଆଜି ବିଶ୍ୱ ଦରବାରରେ ପରିଚିତ ଓ ପ୍ରଶଂସିତ ହୋଇଛି । ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନମାନଙ୍କରେ ମୁକ୍ତ ରଙ୍ଗମଞ୍ଚର ଆୟୋଜନ କରାଯାଇ ଓଡ଼ିଆ ସଂସ୍କୃତିର ପରାକାଷ୍ଠା ପ୍ରମାଣିତ ହୋଇପାରିଛି । ପୁଣି ଆଲୋକସଜ୍ଜା ମାଧ୍ୟମରେ ବିଭିନ୍ନ ସ୍ଥାନର ପର୍ଯ୍ୟଟନ କ୍ଷେତ୍ରର ଶୋଭା ଦ୍ୱିଗୁଣିତ କରାଯାଇଛି । ବିଭିନ୍ନ ପ୍ରତିଷ୍ଠିତ ପ୍ରାଚୀନ ଦର୍ଶନୀୟ ସ୍ଥାନମାନଙ୍କରେ ଉଡ଼ାଜାହାଜ ଅବତରଣ କେନ୍ଦ୍ରମାନ ପ୍ରତିଷ୍ଠା ଓ ଉଡ଼ାଜାହାଜ ମାଧ୍ୟମରେ ଅଳ୍ପ ସମୟ ମଧ୍ୟରେ ଦୂରବର୍ତ୍ତୀ ଦର୍ଶନୀୟ ସ୍ଥାନକୁ ଗମନାଗମନ ତଥା ଆକାଶ ମାର୍ଗରୁ ଶୋଭା ସନ୍ଦର୍ଶନ ସମ୍ଭବପର ହୋଇଛି । ହେଲିପ୍ୟାଡ଼ ନିର୍ମାଣ ଦ୍ୱାରା ମହେନ୍ଦ୍ର ପର୍ବତ ଭଳି ଦୁର୍ଗମ ସ୍ଥାନମାନଙ୍କୁ ସହଜରେ ଯାତାୟାତ ହୋଇପାରୁଛି । ଓଡ଼ିଶାର ରାଜଧାନୀରୁ ଜୟପୁର ଏବଂ ରାଉରକେଲାକୁ ବାୟୁଦୂତ ବିମାନ ଚଳାଚଳର ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଛି । ଗମନାଗମନ ନିମନ୍ତେ ରାଜ୍ୟର ଆଉ କେତେକ ସ୍ଥାନକୁ ରେଳ ସଂଯୋଗ କରାଯାଉଛି । ଆଞ୍ଚଳିକ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରଠାରେ ଏକ ପର୍ଯ୍ୟଟନ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି । ଆଜି ଏଭଳି ସମୃଦ୍ଧିଲାଭ କରିଥିବା ଏହି ପର୍ଯ୍ୟଟନ ଶିଳ୍ପର ପୃଷ୍ଠଭୂମି ଅନୁଧ୍ୟାନ କଲେ ଆମର ପ୍ରାଚୀନ ଐତିହାସିକ କୀର୍ତ୍ତିମାନ ଉପଲବ୍ଧି କରାଯାଇପାରିବ ।

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରମାନଙ୍କ ମଧ୍ୟରେ ପୁରୀ ଶ୍ରୀକ୍ଷେତ୍ରର ପ୍ରସିଦ୍ଧି ସର୍ବଜନ ବିଦିତ । ଚତୁର୍ଧାମ ଭିତରୁ ଅନ୍ୟତମ ଏହି ପୁରୁଷୋତ୍ତମ କ୍ଷେତ୍ରରେ ଜଗତର ନାଥ ଜଗନ୍ନାଥ ନିଜର ଭାଇଭଉଣୀମାନଙ୍କ ସହିତ ରତ୍ନବେଦୀରେ ବିରାଜିତ ହୋଇ ସମଗ୍ର ପୃଥିବୀର ଜନତାଙ୍କୁ ପରିପାଳନ କରିବା ସଙ୍ଗେ ସଙ୍ଗେ ଆପଣାର ଲୀଳାଖେଳା କରି ଚାଲିଛନ୍ତି । ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ତାହାଙ୍କ ପବିତ୍ର ରଥଯାତ୍ରା ସମଗ୍ର ପୃଥିବୀର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ କେତେ ଭକ୍ତ ସାଧକ, ଜ୍ଞାନୀଗୁଣୀ ଓ ଜପିତପି ତଥା ମହାତ୍ମା ମହାପୁରୁଷ ଆଚାର୍ଯ୍ୟ ଶଙ୍କରଙ୍କଠାରୁ ଆରମ୍ଭ କରି ଶ୍ରୀଚୈତନ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି କ୍ଷେତ୍ରକୁ ଆସିଛନ୍ତି । ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର, ମହାପ୍ରସାଦ, ଆନନ୍ଦବଜାର, ବଡ଼ଦାଣ୍ଡ, ମହୋଦଧି ଓ ଅସଂଖ୍ୟ ମଠମନ୍ଦିର ତଥା ପଥର, କାଠ ଓ ପଟ୍ଟଚିତ୍ରର କାରିଗରୀ କୌଶଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ପିପିଲିର ହାତତିଆରି ଛତା, ଚାନ୍ଦୁଆ ଓ ଅନ୍ୟାନ୍ୟ ସାମଗ୍ରୀ ସାରା ଭାରତରେ ମଧ୍ୟ ବିରଳ । ଶ୍ରୀ ଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରୁ ପ୍ରସିଦ୍ଧ ଚନ୍ଦନଯାତ୍ରା, ସ୍ନାନଯାତ୍ରା ଓ ରଥଯାତ୍ରା ପର୍ଯ୍ୟଟକମାନଙ୍କ ମନରେ ଆନନ୍ଦର ଶିହରଣ ସୃଷ୍ଟି କରେ । ପୁରୀ ଏବଂ କୋଣାର୍କର ସମୁଦ୍ରତଟରେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ଦୃଶ୍ୟ ଅତ୍ୟନ୍ତ ମନୋରମ । ସେଥିପାଇଁ ମାଘ ସପ୍ତମୀରେ କୋଣାର୍କ ଚନ୍ଦ୍ରଭାଗାରେ ବୁଡ଼ ପକାଇ ସୂର୍ଯ୍ୟୋଦୟ ଦର୍ଶନ କରିବା ବିଧି ରହିଛି । ତେଣୁ ପ୍ରତିବର୍ଷ ଏହି କୋଣାର୍କକୁ ତୀର୍ଥ କରିବା ନିମନ୍ତେ ଆସି ସ୍ନାନ ତର୍ପଣ ପରେ ସୂର୍ଯ୍ୟୋଦୟ ଦର୍ଶନ ପୂର୍ବକ ପୁଣ୍ୟାର୍ଜନ କରିଥାନ୍ତି । ପୁରୀ କୋଣାର୍କ ଭିତରେ ସମୁଦ୍ର କୂଳେ କୂଳେ

୩୫ କି: ମି: ପର୍ଯ୍ୟନ୍ତ ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ମେରାଇନ୍ ଡ୍ରାଇଭ୍ ରାସ୍ତା ନିର୍ମିତ ହେବା ଫଳରେ ପର୍ଯ୍ୟଟକମାନଙ୍କର ମନକୁ ଆକର୍ଷିତ କରିବା ସଙ୍ଗେ ସଙ୍ଗେ ସମୟ ଓ ଶକ୍ତିର ସଞ୍ଚୟ ହୋଇପାରୁଛି । ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିଚାଳିତ ମହୋଦଧି ନିବାସ ତଥା ପାନ୍ଥନିବାସ ଭଳି ବହୁ ସରକାରୀ ସାହାଯ୍ୟପ୍ରାପ୍ତ ହୋଟେଲ ସବୁ ନିର୍ମିତ ହୋଇ ପର୍ଯ୍ୟଟକମାନଙ୍କର ସେବାରେ ନିୟୋଜିତ ହୋଇଛି । ଏତଦ୍‌ବ୍ୟତୀତ ବହୁ ହଲିଡେ ହୋମ୍, ଧର୍ମଶାଳା ଓ ଲଜିଙ୍ଗ୍‌ହାଉସ୍ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଗଢ଼ିଉଠିଛି ।

ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରେ ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ ଓଡ଼ିଶାର ଶିଳ୍ପ ଭାସ୍କର୍ଯ୍ୟର ଏକ ଅମୂଲ୍ୟ ଗନ୍ତାଘର କୋଣାର୍କର ସୂର୍ଯ୍ୟମନ୍ଦିର । ସୌନ୍ଦର୍ଯ୍ୟଭରା ଅତୀତର ମୂକସାକ୍ଷୀ ଏହି ମନ୍ଦିରର ମୁଖଶାଳା ଓଡ଼ିଶାର ଗର୍ବ ଓ ଗୌରବ । ଓଡ଼ିଆ ଜାତି ସତରେ କେତେ ମହାନ୍ ଏବଂ ଏହି ଜାତିର ପରମ୍ପରା କେତେ ସମୃଦ୍ଧିଶାଳୀ ! କୋଣାର୍କର ଶିଳ୍ପ ଭାସ୍କର୍ଯ୍ୟ ହିଁ ଓଡ଼ିଶାର ଜୀବନ୍ତ ସଂସ୍କୃତି । କୋଣାର୍କର ଅଶ୍ୱ ଏବଂ ରଥଚକ୍ର ଓଡ଼ିଶା ଶାସନର ପ୍ରତୀକ । କୋଣାର୍କରେ ପ୍ରତିଷ୍ଠିତ ମୁକ୍ତାକାଶ ରଙ୍ଗମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ପର୍ଯ୍ୟଟକମାନେ ବିମୋହିତ ହୋଇପଡ଼ନ୍ତି । ତେଣୁ ମୁକ୍ତାକାଶ ରଙ୍ଗମଞ୍ଚର ପ୍ରତିଷ୍ଠା ବାସ୍ତବରେ ଓଡ଼ିଆ ଜାତିର ଐତିହ୍ୟ ଓ ପରମ୍ପରାର ନିଦର୍ଶନ ଦିଏ ।

ବଙ୍ଗୋପସାଗରର କୂଳେ କୂଳେ ଦକ୍ଷିଣକୁ ଗଲେ ଗଭୀର ସମୁଦ୍ରକୁ ଲାଗି ରହିଛି ପ୍ରାକୃତିକ ମନୋରମ ପରିବେଷ୍ଟିତ ଚିଲିକା ହ୍ରଦ । ତା'ଭିତରେ ଅଛନ୍ତି ଇଷ୍ଟଦେବୀ କାଳିଜାଇ ଠାକୁରାଣୀ । ପ୍ରକୃତି ରାଣୀ ଚିଲିକାର କୋଳରେ କାଳିଜାଇଙ୍କ ଆସ୍ଥାନ ଓ ତାହାଙ୍କ ମହିମା ତୀର୍ଥଯାତ୍ରୀ, ଭକ୍ତ, ଦର୍ଶକ ତଥା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ । ରାଧାନାଥ ରାୟଙ୍କ ଭାଷାରେ :

"ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକା ।"

ସତରେ ଚିଲିକା କେତେ କମନୀୟ – ଶାନ୍ତ ! ସତେ ଯେମିତି ନୀଳଜଳରାଶି ଭିତରେ ନୀଳଆକାଶ ଲୀନ ହୋଇଯାଇଛି । ସେମାନଙ୍କ ଭିତରେ କୌଣସି ଯେମିତି ତାରତମ୍ୟ ନାହିଁ । ଏକାକାର ହୋଇଛି ସମଗ୍ର ପୃଥିବୀ । ଏହିଭଳି ପ୍ରାକୃତିକ ଶୋଭା ଭିତରେ ପର୍ଯ୍ୟଟକର ମନ ହଜିଯାଏ ଏବଂ ମୁହୂର୍ତ୍ତକ ପାଇଁ ଭୁଲିଯାଏ ସେ ସବୁକିଛି । ଚିଲିକାରେ ଚଢ଼େଇମାନଙ୍କର କଳକଳ ରାବ, ଠାଏ ଠାଏ ପର୍ବତର ଅପୂର୍ବ ଶୋଭା ପର୍ଯ୍ୟଟକମାନଙ୍କର ମନକୁ ଆପେ ଆପେ ମୋହିନିଏ । ପୁଣି କାଳିଜାଇ ପୀଠରେ ପ୍ରସିଦ୍ଧ ମକର ମେଳା ଯୋଗୁଁ ବହୁ ଭକ୍ତଙ୍କର ସମାଗମ ହୁଏ । ଏତଦ୍‌ବ୍ୟତୀତ ଭୁବନେଶ୍ୱର ଭାରତର ମନ୍ଦିର ନଗରୀ ହୋଇଥିବାରୁ ଏକ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଭାବରେ ସ୍ୱୀକୃତ । ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀରେ ନିର୍ମିତ ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର ଏବଂ ଭରତେଶ୍ୱର ମନ୍ଦିର, ସପ୍ତମ ଶତାବ୍ଦୀରେ ନିର୍ମିତ ପର୍ଶୁରାମେଶ୍ୱର ଏବଂ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର, ଅଷ୍ଟମ ଶତାବ୍ଦୀରେ ବୈତାଳ ମନ୍ଦିର, ଦଶମ ଶତାବ୍ଦୀରେ ମୁକ୍ତେଶ୍ୱର ମନ୍ଦିର, ଏକାଦଶ ଶତାବ୍ଦୀରେ ଲିଙ୍ଗରାଜ, ରାଜରାଣୀ ଓ ବ୍ରହ୍ମେଶ୍ୱର ଆଦି ମନ୍ଦିର ଏବଂ ତ୍ରୟୋଦଶ ଶତାବ୍ଦୀରେ ଅନନ୍ତ ବାସୁଦେବ ମନ୍ଦିର ଅତୀତର କଳା ଭାସ୍କର୍ଯ୍ୟର ମୂକସାକ୍ଷୀ ସ୍ୱରୂପ ବିଦ୍ୟମାନ । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଶିଳ୍ପକଳା କଳିଙ୍ଗର ରାଜଧାନୀ 'ମୁଖଲିଙ୍ଗେଶ୍ୱର ମନ୍ଦିରର ଶିଳ୍ପକଳା ଭିତରେ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ପୁଣି ଐତିହାସିକ କଳିଙ୍ଗର ଯୁଦ୍ଧ ଭୂମି ଭାବରେ ଦୟାନଦୀ କୂଳରେ ଅବସ୍ଥିତ ବୌଦ୍ଧପୀଠ ଧଉଳି, ମହାବୀର ଜୈନଙ୍କର ଖଣ୍ଡଗିରି ଗୁମ୍ଫା, କଳିଙ୍ଗବୀର ଖାରବେଳଙ୍କର ଉଦୟଗିରି ଗୁମ୍ଫା ପ୍ରଭୃତିରୁ ଓଡ଼ିଶାର ପ୍ରାଚୀନ ଇତିହାସ, ସାହିତ୍ୟ, ସଂସ୍କୃତି, ଧର୍ମ ଓ ଦର୍ଶନର ଉତ୍କର୍ଷତା ପ୍ରତିପାଦିତ ହୋଇଛି । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂଗୃହିତ ଓଡ଼ିଶାର ସ୍ଥାପତ୍ୟ ଭାସ୍କର୍ଯ୍ୟ, ବିଭିନ୍ନ ଯୁଗର ମୁଦ୍ରା, ତାମ୍ରପଟ୍ଟ, ଶିଳାଲେଖ, ଦୁଷ୍ପ୍ରାପ୍ୟ ଓ ମୂଲ୍ୟବାନ ତାଳପତ୍ରପୋଥି, ପ୍ରାଚୀନ ଓ ମଧ୍ୟ ଯୁଗର ଅସ୍ତ୍ରଶସ୍ତ୍ର, ଲୁହା, ତମ୍ବା, ବ୍ରୋଞ୍ଜ ଓ ପିତଳର ବିଭିନ୍ନ ସାମଗ୍ରୀ, ଓଡ଼ିଶାର ଭୂତତ୍ତ୍ୱ ଓ ନୃତତ୍ତ୍ୱ ସମ୍ବନ୍ଧୀୟ ଯାବତୀୟ ପଦାର୍ଥ, ଓ ପକ୍ଷୀ ଆଦି ବହୁ ସାହିତ୍ୟିକ, ଗବେଷକ, ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ଆକୃଷ୍ଟ କରେ । ଆଦିବାସୀ ଗବେଷଣା ସଂଗ୍ରହାଳୟ, ହସ୍ତଶିଳ୍ପ ଭବନ, ଓଡ଼ିଶା ହସ୍ତଶିଳ୍ପ ଏମ୍ପୋରିୟମ ଓ ଉତ୍କଳିକା ଆଦିର ପ୍ରତିଷ୍ଠା ଫଳରେ ଓଡ଼ିଆ ସଂସ୍କୃତିର ସୁରକ୍ଷା ହୋଇପାରିଛି । ପ୍ରାକୃତିକ ପରିବେଶରେ ଗଢ଼ି ଉଠିଥିବା ବିଭିନ୍ନ ଆଶ୍ଚର୍ଯ୍ୟଜନକ ଜୀବଜନ୍ତୁ ଓ ପଶୁପକ୍ଷୀଙ୍କର ଏକତ୍ର ସମାହାର ହୋଇଛି ଭୁବନେଶ୍ୱରଠାରୁ ୨୦ କି: ମି: ଦୂର ନନ୍ଦନକାନନରେ । ଏଠାରେ ଭିନ୍ନ ଏକ ପୃଥିବୀର ଚିତ୍ର ଆମ ଆଖି ଆଗରେ ନାଚି ଉଠେ । ପୁରୀଠାରୁ ୮ କି: ମି: ଦୂର ନୂଆ ନଈ କୂଳରେ ଅବସ୍ଥିତ ବାଲିଘାଈ, ପୁରୀଠାରୁ ୨୫ କି: ମି: ଦୂର ବ୍ରହ୍ମଗିରିଠାରେ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ତୀର୍ଥଯାତ୍ରୀଙ୍କ ଦ୍ୱାରା ଆଲାରନାଥ ଦର୍ଶନ, ସତ୍ୟବାଦୀରେ ସାକ୍ଷୀଗୋପାଳ ମନ୍ଦିରରେ ଆଁଳା ନବମୀ ପୁଣ୍ୟ ଓ ରାଧା ପାଦ ଦର୍ଶନ, ପୁରୀଠାରୁ ୩୫ କି: ମି: ଦୂର ଦେଲାଙ୍ଗ ନିକଟସ୍ଥ ପାନାଡ଼ରେ ରଜ ସଂକ୍ରାନ୍ତି ଦିନ ପ୍ରଭୁ ବିଶ୍ୱନାଥଙ୍କ ଦର୍ଶନ, କୋଣାର୍କଠାରୁ ୭ କି: ମି: ଦୂର ସମୁଦ୍ର କୂଳେ କୂଳେ ରାମଚଣ୍ଡୀ ଠାକୁରାଣୀ, କାକଟପୁର ଓ କୋଣାର୍କ ମଝିରେ ଥିବା ଅମରେଶ୍ୱର, ଲକ୍ଷ୍ମୀନାରାୟଣ ଏବଂ ବରାହୀ ମନ୍ଦିର, ପ୍ରାଚୀ ନଦୀ କୂଳରେ କାକଟପୁର ମଙ୍ଗଳା ଏବଂ ବନଦୁର୍ଗା ମନ୍ଦିରକୁ ବହୁ ତୀର୍ଥଯାତ୍ରୀ ଓ ଭକ୍ତ ତଥା ପର୍ଯ୍ୟଟକମାନେ ଭ୍ରମଣ ଉଦ୍ଦେଶ୍ୟରେ ଆସିଥାନ୍ତି । ନବକଳେବର ସମୟରେ ପୁରୀ ଶ୍ରୀଜଗନ୍ନାଥଙ୍କ ବଡ଼ପଣ୍ଡା କାକଟପୁର ମଙ୍ଗଳାଙ୍କ ନିକଟରେ ଥାଇ ପରେ ତାହାଙ୍କ ସ୍ୱପ୍ନାଦେଶ ଅନୁସାରେ ଦାରୁ ଅନ୍ୱେଷଣରେ ବାହାରିଥାନ୍ତି । ସେଠାରେ ପୁଣି ଚୈତ୍ରମାସରେ ଝାମୁଯାତ୍ରା ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦିଏ । କହିଲୋର ନୀଳମାଧବ, ଖୋର୍ଦ୍ଧାର ଅତ୍ରୀ ଏବଂ ବରୁଣେଇ ପାହାଡ଼ ବା ସ୍ୱର୍ଗଗଙ୍ଗା, ଓଡଗାଁର ରଘୁନାଥ, ଖୋର୍ଦ୍ଧାଠାରୁ ୧୧ କି: ମି: ଦୂର କାଇପଦର ବୁଖାରି ସାହେବଙ୍କ ମନ୍ଦିର ପର୍ଯ୍ୟଟକମାନଙ୍କର ଗୋଟିଏ ଗୋଟିଏ ଆକର୍ଷଣୀୟ କେନ୍ଦ୍ର । ବୁଖାରି ସାହେବଙ୍କ ମନ୍ଦିର ହିନ୍ଦୁ ଓ ମୁସଲମାନମାନଙ୍କର ଆରାଧନାସ୍ଥଳୀ ହୋଇଥିବାରୁ ପ୍ରତି ଗୁରୁବାର ଦିନ ଏଠାରେ ବିରାଟ ମେଳା ହୁଏ । ଏହି ମନ୍ଦିରରେ ଜାତି ବା ସାମ୍ପ୍ରଦାୟିକତାର ଚିହ୍ନବର୍ଣ୍ଣ ନାହିଁ । ପୁଣି ବାଲିହରଚଣ୍ଡୀ ଏବଂ ବାଣପୁରର ଭଗବତୀ ଓ ଦକ୍ଷ ପ୍ରଜାପତି ମନ୍ଦିର ନିଜ ନିଜ ସ୍ଥାନରେ ପ୍ରସିଦ୍ଧିଲାଭ କରିଛନ୍ତି ।

ପ୍ରାଚୀନ ଓଡ଼ିଶାର ରାଜଧାନୀ କଟକ ନଗର କେଶରୀ ବଂଶୀୟ ରାଜାମାନଙ୍କ ଦ୍ୱାରା ସମୃଦ୍ଧ । ତ୍ରୟୋଦଶ ଶତାବ୍ଦୀର ବାରବାଟୀ ଦୁର୍ଗ ଅତୀତ ଉତ୍କଳର ଶ୍ରୀମଣ୍ଡିତ କରିଛି । ଏହି ବାରବାଟୀ ଦୁର୍ଗ ସମ୍ମୁଖରେ ଷଷ୍ଠିଦିନ ଧରି ଐତିହାସିକ ବାଲିଯାତ୍ରା ଉତ୍ସବ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ସାଧବ ପୁଅମାନଙ୍କର ନୌଯାତ୍ରାର ଐତିହାସିକ ସ୍ମୃତି ଏହି ଉତ୍ସବକୁ ବୃଦ୍ଧିମନ୍ତ କରିଛି । କଟକଠାରୁ ୧୬୦ କି: ମି: ଦୂର ଘଞ୍ଚ ଜଙ୍ଗଲରେ ପୁଣି ଟିକରପଡ଼ା ବା ଭିତରକନିକା କୁମ୍ଭୀର ପ୍ରକଳ୍ପ ଫଳରେ ଜୀବଜନ୍ତୁଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ସମ୍ଭବ ହୋଇପାରିଛି । କଟକଠାରୁ ୬୫ କି: ମି: ଦୂର ଉତ୍ତର ପୂର୍ବ କୋଣରେ ପ୍ରାଚୀନ ବୌଦ୍ଧପୀଠ ରତ୍ନଗିରି, ଲଳିତଗିରି ଓ ଉଦୟଗିରି ବୌଦ୍ଧ ଯୁଗର ସ୍ମୃତି ଓ ସାକ୍ଷର ବହନ କରି ଗ୍ଲାନିଛି । ଏକଦା ଏଠାରେ ଜ୍ଞାନୀଗୁଣୀଙ୍କର ପୀଠସ୍ଥଳୀ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସମୃଦ୍ଧିଲାଭ କରିଥିଲା । ରତ୍ନଗିରିରେ ଥିବା ଗୁପ୍ତଯୁଗର ଅଷ୍ଟମ ବୌଦ୍ଧ ସ୍ଥାପତ୍ୟ, ଉଦୟଗିରିରେ ଥିବା ଲୋକେଶ୍ୱର ମୂର୍ତ୍ତି ଖାଦରେ ଅଷ୍ଟମ ଶତାବ୍ଦୀର ଅଭିଲେଖର ସୂଚନା ମିଳେ । କଟକଠାରୁ ୪୦ କି: ମି: ଦୂର ମାଣିଆବନ୍ଧ ଓ ନୂଆପାଟଣା ଗ୍ରାମରେ ବୌଦ୍ଧଯୁଗର ସ୍ଥାପତ୍ୟର ନିଦର୍ଶନ ମିଳୁଥିବାରୁ ଏହି ଶିଳ୍ପୀମାନଙ୍କ ଦ୍ୱାରା ବୟନ ବସ୍ତ୍ର ଉପରେ ହାତରେ

କାରିଗରୀ କୌଶଳ ସର୍ବଦା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଆସିଛି । ପୁଣି ଛତିଆବଟର ମାହାତ୍ମ୍ୟ, ଡମ୍ପାଖୋଲର ମହାବୀଣା, ବାଙ୍କୀର ଚର୍ଚ୍ଚିକାଦେବୀ ଚର୍ଚ୍ଚିକା, ଶୈବପୀଠ ଧବଳେଶ୍ୱର, ଭଟାରିକା, କେନ୍ଦ୍ରାପଡ଼ାର ବଳଦେବଜୀଉ, ଯାଜପୁରର ଦେବୀ ବିରଜା, କଟକର ନିଆଳି ମାଧବ ଓ ପାରାଦ୍ୱୀପ ବନ୍ଦର ପର୍ଯ୍ୟଟକମାନଙ୍କର ସ୍ମୃତିରୁ କେବେ ବିସ୍ମୃତ ହେବ ନାହିଁ ।

ଗଞ୍ଜାମର ରମ୍ଭାଠାରୁ ୧୧ କି: ମି: ଦୂର ଧର୍ମକ୍ଷେତ୍ର ନିର୍ମଳଝରର ଏବଂ ୨୨ କି. ମି. ଦୂର ଶାନ୍ତଦେବୀ ନାରାୟଣୀଙ୍କ ପୀଠ ଓ ତାରାତାରିଣୀ ପୀଠ ଗୋଟିଏ ଗୋଟିଏ ପର୍ଯ୍ୟଟନ କେନ୍ଦ୍ର । ବାଲୁଗାଁ ନିକଟସ୍ଥ ବରକୁଳଠାରୁ ୨୫ କି. ମି. ଦୂର ଗୋପାଳପୁର ବନ୍ଦର ଓ ତାହାର ନିକଟବର୍ତ୍ତୀ ପାଲୁର ରେ ପ୍ରାକୃତିକ ସୌନ୍ଦର୍ଯ୍ୟର ମନନୀୟ ସ୍ଥାନ । ଏହା ଏକଦା ଐତିହ୍ୟର କେନ୍ଦ୍ରସ୍ଥଳୀ ଥିଲା । ଗଞ୍ଜାମର ତପ୍ତପାଣି ଉଷ୍ଣପ୍ରସ୍ରବଣର ଗନ୍ଧକ ଜଳ ଚର୍ମରୋଗ ଦୂର କରେ । ଏହି ଜଳରେ ସ୍ନାନ କରିବା ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପାନ୍ଥନିବାସରେ ଜଳଯୋଗାଣର ବ୍ୟବସ୍ଥା ରୋଗୀ ପକ୍ଷେ ହିତକାରକ । ପୁଣି ଏଠାରେ ରହି ବନ୍ୟଜନ୍ତୁଙ୍କର ଜୀବନଶୈଳୀ ଅନୁଧ୍ୟାନ କରିବା ପାଇଁ ପର୍ଯ୍ୟଟକମାନେ ବେଶୀ ଭଲ ପାଆନ୍ତି । ଅଶୋକଙ୍କ ସମୟର ପ୍ରସ୍ତର ଗୁମ୍ଫା ଜଉଗଡ଼ ଏବଂ ସ୍ଥାପତ୍ୟର ନିଦର୍ଶନ ବୁଢ଼ଖୋଲ ଗୋଟିଏ ଗୋଟିଏ ଅକ୍ଷୟ କୀର୍ତ୍ତି ହୋଇରହିଛି ।

ବୋଇଙ୍ଗ୍ ବିମାନରେ ଦିଲ୍ଲୀ, କଲିକତା, ହାଇଦ୍ରାବାଦରୁ ଭୁବନେଶ୍ୱରକୁ ଆସିବାର ସିଧାସଳଖ ବ୍ୟବସ୍ଥା ଏବଂ ରେଳପଥରେ ବମ୍ବେ, କଲିକତା, ଦିଲ୍ଲୀ, ଗୌହାଟୀ, ହାଇଦ୍ରାବାଦ, ମାଡ୍ରାସ ଏବଂ ତ୍ରିବେନ୍ଦ୍ରମଠାରୁ ଭୁବନେଶ୍ୱର ଆସିବାର ମଧ୍ୟ ସିଧାସଳଖ ବ୍ୟବସ୍ଥା ଥିବାରୁ ଭୁବନେଶ୍ୱରଠାରୁ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥାନକୁ ଯାତାୟାତ କରି ପ୍ରଦର୍ଶନ କରିବା ପର୍ଯ୍ୟଟକମାନଙ୍କ ପକ୍ଷରେ ସମ୍ଭବପର ହୋଇପାରୁଛି । ପର୍ଯ୍ୟଟନ ନିଗମ ଓ ବିଭାଗ ପକ୍ଷରୁ ଆରାମଦାୟକ ଓ ଦ୍ରୁତଗାମୀ ବସ୍, ଗାଡ଼ିର ବ୍ୟବସ୍ଥା ଥିବାରୁ ପର୍ଯ୍ୟଟକମାନଙ୍କର ଯାତ୍ରା ସଫଳ ହୋଇଥାଏ । ଫଳରେ ସେମାନଙ୍କ ଆଗ୍ରହ ବଢ଼ିଚାଲେ । ଗଞ୍ଜାମର ପ୍ରସିଦ୍ଧ ଶୈବକ୍ଷେତ୍ର ମହେନ୍ଦ୍ରଗିରି ପାଞ୍ଚହଜାର ଫୁଟ ଉଚ୍ଚରେ ନିଘଞ୍ଚ ଜଙ୍ଗଲ ପରିବେଶ ମଧ୍ୟରେ ଅବସ୍ଥିତ । ଭୀମ ଦେଉଳ, ଯୁଧିଷ୍ଠିର ଦେଉଳ ଓ କୁନ୍ତୀ ଦେଉଳ ନାମକରଣ ହୋଇଥିଲେ ମଧ୍ୟ ଶୈବକ୍ଷେତ୍ରରେ ମୁଖ୍ୟତଃ ଶିବଙ୍କର ହିଁ ପୂଜା ଆରାଧନା କରାଯାଏ । ଅଦ୍ୟାବଧି ଅନାବିଷ୍କୃତ ଅର୍ଜ୍ଜୁନ ଗୁମ୍ଫା, ଦାରୁବ୍ରହ୍ମ ଓ ଗୁପ୍ତ ମହେନ୍ଦ୍ରର ସ୍ଥାନଗୁଡ଼ିକ ପର୍ଯ୍ୟଟନ କ୍ଷେତ୍ର ଭାବରେ ପରିଗଣିତ କରାଗଲେ ସେଗୁଡ଼ିକ ଲୋକଲୋଚନକୁ ଆସିପାରିବ । ମହେନ୍ଦ୍ରଗିରିକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ରାଜ୍ୟ ସରକାରଙ୍କ ପଦକ୍ଷେପ ବାସ୍ତବିକ ସ୍ୱାଗତଯୋଗ୍ୟ । ମହେନ୍ଦ୍ରଗିରିର ବହୁ ସ୍ଥାନଗୁଡ଼ିକ ଅନୁଧ୍ୟାନ କରାଯାଇପାରିଲେ ପ୍ରାଚୀନ କଳିଙ୍ଗର ଐତିହ୍ୟ ଓ ପରମ୍ପରା ସୁବିମଣ୍ଡ ହେବ ।

କୋରାପୁଟ ଜିଲ୍ଲାର ମାଲକାନଗିରି, ଗୁପ୍ତେଶ୍ୱର ମହାଦେବ ମନ୍ଦିର, ଡୁଡୁମା ଜଳପ୍ରପାତ, ହାତୀ ପଥର, ମୀନାଜୋଳା ଓ ପଦ୍ମପୁର, ଦେବଗିରି ଓ ବିଂଚାକୋଣ୍ଡା ଆଦି ପ୍ରାକୃତିକ ସୌନ୍ଦର୍ଯ୍ୟମୟ ଗିରିବନ ପର୍ଯ୍ୟଟକଙ୍କୁ ଚିତ୍ତାକର୍ଷକ ପରିବେଶଆଡ଼କୁ ଟାଣିନିଏ । କଳାହାଣ୍ଡି ଜିଲ୍ଲାର ଇଷ୍ଟଦେବୀ ମାଣିକେଶ୍ୱରୀ, ଭବାନୀପାଟଣାଠାରୁ ୧୧୦ କି: ମି: ଦୂର ପବିତ୍ର ଯୋଗୀମଠ ପାତାଳ ଗଙ୍ଗା, ଖଡ଼ିଆଳଠାରୁ ୯ କି: ମି: ଦୂର ପୂର୍ବରେ ପ୍ରାଚୀନ ଯୋଗୀମଠ ଗୁମ୍ଫା, ଭବାନୀପାଟଣାଠାରୁ ୭୨ କି: ମି: ଦୂର ମନୋରମ ପ୍ରାକୃତିକ ଦୃଶ୍ୟସମ୍ପନ୍ନ "ଆମ୍ବନି" ଓ "ହଲଦିଗୁଣ୍ଡି" ପାହାଡ଼, ୩୨ କି: ମି: ଦୂର ଇନ୍ଦ୍ରଧନୁ ରଙ୍ଗରେ ରଞ୍ଜିତ ପ୍ରାକୃତିକ ଜଳପ୍ରପାତ ପ୍ରାକୃତିକଭାବେ ପର୍ଯ୍ୟଟକଙ୍କ ମନରେ ରୋମାଞ୍ଚିକ ଭାବ ସୃଷ୍ଟି କରେ । ନବମ ଶତାବ୍ଦୀର ସ୍ଥାପତ୍ୟ ଭାସ୍କର୍ଯ୍ୟର ନିଦର୍ଶନ ବେଲଖଣ୍ଡି ମନ୍ଦିର, ପ୍ରସିଦ୍ଧ ପାତାଳେଶ୍ୱର ମନ୍ଦିର "ଗୁଡ଼ିକୋମନ୍ଦା", ପ୍ରାଚୀନ କଳାହାଣ୍ଡିର ରାଜଧାନୀ ଜୁନାଗଡ଼ ଦୁର୍ଗରେ ଥିବା ଓଡ଼ିଆ ଅଭିଲେଖ ସହିତ ବହୁ ମନ୍ଦିର, ପ୍ରକୃତିଭରା ସୌନ୍ଦର୍ଯ୍ୟମଣ୍ଡିତ ଥୁଆମୂଳ ରାମପୁର ଗୋଟିଏ ଗୋଟିଏ ଅଭୁଲା ସ୍ମୃତି । ଫୁଲବାଣୀ ଜିଲ୍ଲାର ବୌଦ୍ଧ ପୀଠ ବୌଦ୍ଧ, ପୁଟୁଡ଼ି ଜଳପ୍ରପାତ ଓ ଚକପଡ଼ା ଏବଂ ଧର୍ମପୀଠ ବଣ୍ଡୁଗାଁ ଆଜି ଲୋକଲୋଚନକୁ ଆସିପାରିଛି । ବଲାଙ୍ଗୀରର ରାଣୀପୁର ଝରିଆଲର ଚଉଷଠି ଯୋଗିନୀ ମନ୍ଦିର, ପାଟଣାଗଡ଼, ଟିଟିଲାଗଡ଼, ସଇଁତଲା, ହରିଶଙ୍କର, ବୈଦ୍ୟନାଥ, ସୋନପୁର, ବିନିକା ଓ ଲୁଣିକେଲା ଆଦି ମନ୍ଦିର ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ପର୍ଯ୍ୟଟକଙ୍କୁ ଅଭିଭୂତ କରେ ।

ଅଷ୍ଟମ ଶତାବ୍ଦୀର ରାଜା ଇନ୍ଦ୍ରଭୂତିଙ୍କ ଦ୍ୱାରା ବଜ୍ରଯାନ ବୌଦ୍ଧଧର୍ମର ପରମ୍ପରା ସମ୍ବଲପୁର ବିକ୍ରମଖୋଲ ମନ୍ଦିର ରାସ୍ତରେ ରହିଛି । ସମ୍ବଲପୁରର ଇଷ୍ଟଦେବୀ ସମଲାଇ, ସମ୍ବଲପୁରୀ ଗୀତ ଓ ଲୋକନୃତ୍ୟ ପ୍ରସିଦ୍ଧିଲାଭ କରିଛି । ହୀରାକୁଦ ବନ୍ଧ ପୃଥିବୀର ଅଦ୍ୱିତୀୟ ବନ୍ଧ ଭାବରେ ପରିଚିତ ହୋଇପାରିଛି । ଦୁଇ ପାର୍ଶ୍ୱରେ ଥିବା ଗାନ୍ଧୀମିନାର ଓ ଜବାହରଲାଲ ମିନାରରୁ ପର୍ଯ୍ୟଟକମାନେ ମହାନଦୀର ଅସୀମ ଗଭୀର ଜଳରାଶିର ପ୍ରାକୃତିକ ଶୋଭା ଉପଲବ୍ଧି କରିଥାନ୍ତି । ସମ୍ବଲପୁରର ୪୮ କି: ମି: ପୂର୍ବରେ ଉଷାକୋଠି ବନ୍ୟଜନ୍ତୁ ସଂରକ୍ଷଣ କେନ୍ଦ୍ର, ହୁମାଶୈବ ମନ୍ଦିର ଓ ବରଗଡ଼ ବାଟେ ୧୩୪ କି: ମି: ଦୂରରେ ପଡ଼େ ନୃସିଂହନାଥ ନୃସିଂହ ମନ୍ଦିର । ନୃସିଂହ ଚତୁର୍ଦ୍ଦଶୀ ଦିନ ଭାରତର ବିଭିନ୍ନ ରାଜ୍ୟରୁ ବହୁ ତୀର୍ଥଯାତ୍ରୀ ଦର୍ଶନ ଉଦ୍ଦେଶ୍ୟରେ ଆସିଥାନ୍ତି । ବରଗଡ଼ ମଧ୍ୟ ସମ୍ବଲପୁରୀ ବସ୍ତ୍ରର କାରୁକାର୍ଯ୍ୟ ପାଇଁ ଆନ୍ତର୍ଜାତିକ ସ୍ତରରେ ଖ୍ୟାତିଲାଭ କରିଛି । ଦେବଗଡ଼ର ପ୍ରଧାନପାଟ ଜଳପ୍ରପାତ ଓ ରିପିଲିମା ଡ୍ୟାମ୍ ଦର୍ଶକଙ୍କୁ ବିମୋହିତ କରେ ।

ସୁନ୍ଦରଗଡ଼ର ରାଉରକେଲା, ପବିତ୍ର ତୀର୍ଥସ୍ଥାନ ବେଦବ୍ୟାସ, ପିତାମାଳ ଡ୍ୟାମ୍, ଦାର୍ଜିଙ୍ଗ, ଖଣ୍ଡଧାର, ଟେନ୍ସା ଓ ଦେଓଧାର ତଥା ମିରିଗଖୋଜ ଜଳପ୍ରପାତ ଏବଂ ମନ୍ଦିର ଡ୍ୟାମ୍ ଆଦି ସ୍ଥାନଗୁଡ଼ିକ ଗୋଟିଏ ଗୋଟିଏ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରସିଦ୍ଧି ଲାଭ କରିଛି ।

କେନ୍ଦୁଝର ଘଟଗାଁର ପ୍ରସିଦ୍ଧ ଦେବୀପୀଠ ତାରିଣୀ, ଐତିହାସିକ ସ୍ଥାନ ସୀତାବିଞ୍ଜି, ଖଣ୍ଡଧାର ଓ ହାଣ୍ଡିଭଙ୍ଗା ଜଳପ୍ରପାତ ଆଦି ଦର୍ଶକ ଓ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରେ । ପ୍ରାକୃତିକ ଭୂସ୍ୱର୍ଗ ମୟୂରଭଞ୍ଜର ସିମିଳିପାଳ (୨୭୫୦ ବର୍ଗ କିଲୋମିଟର) ଜାତୀୟ ଉଦ୍ୟାନ, ବରେହିପାଣି ଓ ଜୋରାଣ୍ଡା ଜଳପ୍ରପାତ, ଓଡ଼ିଶା ସ୍ଥାପତ୍ୟର ନିଦର୍ଶନ କିଚକେଶ୍ୱରୀ ମନ୍ଦିର ଭଞ୍ଜ ରାଜବଂଶର ଏକ ଅକ୍ଷୟ କୀର୍ତ୍ତି । ଜଶୀପୁର ବନ୍ୟଜନ୍ତୁ ସଂରକ୍ଷଣ କେନ୍ଦ୍ର, ହରିପୁରର ରସିକରାୟ ମନ୍ଦିର ଓ ମୟୂରଭଞ୍ଜ ସୀମାନ୍ତରେ ଅବସ୍ଥିତ ପ୍ରାଚୀନ ତାମ୍ରଲିପ୍ତି ବନ୍ଦର ଓଡ଼ିଶାର ଗର୍ବ ଓ ଗୌରବ ।

ବାଲେଶ୍ୱର ଜିଲ୍ଲାର ଲକ୍ଷଣେଶ୍ୱର, ଭୁଷଣ୍ଡେଶ୍ୱର, ଚନ୍ଦନେଶ୍ୱର ଏବଂ ପଞ୍ଚଲିଙ୍ଗେଶ୍ୱର ତଥା ରେମୁଣାର କ୍ଷୀରଚୋରା ଗୋପୀନାଥ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ମୋହିତ କରେ । ଚାନ୍ଦବାଲି, ଚାନ୍ଦିପୁର ଓ ଧାମରା ବନ୍ଦର ସହିତ ରାଇବଣିଆ ଦୁର୍ଗର ଐତିହ୍ୟ ଦର୍ଶକଙ୍କ ମନରେ ରେଖାପାତ କରେ । ଯାଜପୁର ଧର୍ମପୀଠରେ ଆଖଣ୍ଡଳମଣିଙ୍କ ମହିମା ପର୍ଯ୍ୟଟକଙ୍କୁ ଧର୍ମଭାବନାରେ ଉଦ୍‌ବେଳିତ କରେ ।

ସେହିଭଳି ଢେଙ୍କାନାଳ ଜିଲ୍ଲାର ଉଷ୍ଣପ୍ରସ୍ରବଣ ଦେଉଳଝରି, ମନୋରମ ସ୍ଥାନ ସପ୍ତଶଯ୍ୟା, ବନ୍ୟଜନ୍ତୁ କେନ୍ଦ୍ର ଟିକରପଡ଼ା, ମହିମାଧର୍ମ ଗାଦି ଜୋରନ୍ଦା ଓ ଶୈବକ୍ଷେତ୍ର କପିଳାସର ପ୍ରସିଦ୍ଧି ସମଗ୍ର ଭାରତରେ ବିରଳ । ଏଭଳି ପ୍ରାକୃତିକ ପରିବେଶ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର କ୍ରମୋନ୍ନତି ପରିଲକ୍ଷିତ ହୋଇଥିବାରୁ ଭାରତ ତଥା ପୃଥିବୀର ବିଭିନ୍ନ ଦେଶରୁ ବହୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆକୃଷ୍ଟ ହୋଇ

ଓଡ଼ିଶାର ମଠ ମନ୍ଦିର, ସ୍ଥାପତ୍ୟ ଭାସ୍କର୍ଯ୍ୟ, ଶିଳ୍ପ କଳା, ଗୁରୁକୁଳ, ସଙ୍ଗୀତ, ନୃତ୍ୟ, ସାହିତ୍ୟ, ସଂସ୍କୃତି, ଧର୍ମ ଓ ଦର୍ଶନ କ୍ଷେତ୍ରରେ ଦିନକୁ ଦିନ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି ।

ଯେଉଁ ଦେଶର ପର୍ଯ୍ୟଟନ ଯେତେ ଉନ୍ନତ ସେ ଦେଶର ସାଂସ୍କୃତିକ ସଂହତି ଓ ବିକାଶ ସେତେ ଦ୍ରୁତ ହୋଇଥାଏ । ତେଣୁ ଆଶା କରାଯାଏ ଯେ ଓଡ଼ିଶାକୁ ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ଯଦି ଏକ ଲକ୍ଷରୁ ଊର୍ଦ୍ଧ୍ୱ ହାରରେ ବଢ଼ିଚାଲେ ତେବେ ଅଦୂର ଭବିଷ୍ୟତରେ ଆମ ରାଜ୍ୟର ପର୍ଯ୍ୟଟନ ଶିଳ୍ପ ଆନ୍ତର୍ଜାତିକ ଖ୍ୟାତିଲାଭ କରିବ । "ଓଡ଼ିଶାର କୀର୍ତ୍ତି ପୁଣ୍ୟ ଦେବାଳୟ" ପୃଥିବୀର କୋଣେ କୋଣେ ପରିଚିତ ହେବ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ,
ପାରଳାଖେମୁଣ୍ଡି,
ଗଞ୍ଜାମ ।

# ଗାନ୍ଧିଜୀ ଓ ହେନେରୀ ଡେଭିଡ୍ ଥୋରୟୁ

× × × "ଥୋରୟୁ ଥିଲେ ପ୍ରକୃତି ପ୍ରେମୀ ଓ ଗାନ୍ଧିଜୀ ଥିଲେ କର୍ମବୀର । କିନ୍ତୁ ପ୍ରତ୍ୟେକ ଏକା ପ୍ରକାର ଦୃଢ଼ ଧାରଣା ଓ ନୀତିରେ ବଶବର୍ତ୍ତୀ ଥିଲେ । ଉଚିତ କାର୍ଯ୍ୟ, ଅନ୍ୟର ଅନିଷ୍ଟ ନକରିବା ଓ କାମନା ଶୂନ୍ୟତା — ଏହି ତିନୋଟି ନୀତି ଦ୍ୱାରା ଦୁହିଁଙ୍କର ଜୀବନ ପରିଚାଳିତ ହେଉଥିଲା ।

× × ×

କବି ଥୋରୟୁ ଓ ଦାର୍ଶନୀକ ଗାନ୍ଧିଜୀଙ୍କର ଜୀବନ ଦର୍ଶନ ଭଗବତ୍ ଗୀତା ଦ୍ୱାରା ପ୍ରଭାବିତ ହୋଇଥିଲା ।"

× × ×

ଗାନ୍ଧିଜୀଙ୍କର ଶେଷ ବାକ୍ୟ ଥିଲା — ହେ ରାମ ! ଅନ୍ତିମକାଳରେ ଏକ ପ୍ରଶ୍ନର ଉତ୍ତର ଦେଇ ଥୋରୟୁ କହିଥିଲେ — "ଭଗବାନଙ୍କ ସହିତ ଝଗଡ଼ା କରିଥିବାର ମୋର ମନେପଡୁ ନାହିଁ ।"

× × ×

# ସ୍ୱାଧୀନତାର ପ୍ରାକ୍‌କାଳ କୁଳପତି ମୁନ୍‌ସୀ

× × × "ବ୍ରିଟେନ୍ ବ୍ୟତୀତ ଇତିହାସ ବର୍ଣ୍ଣିତ ଅନ୍ୟ କୌଣସି ଦେଶ ଭାରତକୁ ଏତେ ସୁନ୍ଦର ଭାବରେ ସ୍ୱାଧୀନତା ଦେଇ ନଥାନ୍ତା ଓ ଭାରତ ଛଡ଼ା ଅନ୍ୟ କୌଣସି ରାଷ୍ଟ୍ର ଏହି ସ୍ୱାଧୀନତାକୁ ଏତେ ସୁନ୍ଦର ଭାବରେ ଗ୍ରହଣ କରିପାରି ନଥାନ୍ତା ।"

(ଅନୁବାଦ : ଗିରିଜା ଦାଶ)

# ଶ୍ରୀଗୀତଗୋବିନ୍ଦ

କବି ଜୟଦେବ କୃତ



ପ୍ରହରାଜ ସତ୍ୟନାରାୟଣ ନନ୍ଦ

## ଦ୍ୱିତୀୟ ସର୍ଗ : ଉତ୍ତରାର୍ଦ୍ଧ

ମଣି ମଣ୍ଡିତ ନୁପୁର ପାଦରେ ରୁଣୁ ଝୁଣୁ ଝୁଣୁ କରିଲେ ଧ୍ୱନି
ପ୍ରିୟତମେ ମୋର ପୂର୍ଣ୍ଣ କରିବେ ସବୁ ଆବେଦନ ମୋ ମନ ଜାଣି ।
ମୁଖର ହୋଇଲେ କିଙ୍କିଣୀ କଟି ତଟରେ ମୋର
ଗ୍ରନ୍ଥି ସକଳ ମେଖଳାରେ ହେଲେ ବିଶୃଙ୍ଖଳ,
କେଶ ପାଶ ତୋଳି ଚୁମ୍ବନ ଦେବେ ଆଦରେ ମୋତେ
କେଳି ସୁଖ କାଳେ ପ୍ରେମରେ ମତ୍ତ କରିବେ କେତେ ।
ଯେତେବେଳେ ସଖି ନୀରବେ ନିରେଖି ଦେଖିବି ନିକି
ଅଳସ ଫୁଟିଲା ପଦ୍ମ ସମାନ ଝୁଲେ ସେ ଆଖି,
ଅଙ୍ଗଲତା ମୋ ଅବଶ ହୋଇଛି ଦେଖିବି ଯଦି
ଆହ୍ଲାଦ କେଉ ଉଠିବ ସହସା ହୃଦୟ ଭେଦି ।
କବି ଜୟଦେବ ରଚିତ କାବ୍ୟ ଶୃଙ୍ଗାର ରସେ ମଧୁରତମ
ବିଧୁର କଣ୍ଠେ ଉଚ୍ଛ୍ୱାସର ଅନୁପମ ଲୀଳା ଗୋପୀକା ଗାନ ।
ପ୍ରିୟ ବାନ୍ଧବୀ, ମନେପଡ଼େ ସ୍ମୃତି କୁଞ୍ଜକେଳି
ବ୍ରଜ ନାରୀଗଣ ବେଷ୍ଟିତ ହୋଇ କୁଞ୍ଜେଶ୍ୱରୀ,
ବିଳାସ ବଂଶୀ ଖସିପଡ଼େ ଯେବେ ଅକସ୍ମାତ
ବଙ୍କିମ ଭ୍ରୁରୁ ଗୋପୀ କରନ୍ତି ରହି ରହି ମୃଦୁ ପକ୍ଷପାତ ।
ସ୍ୱେଦ ଝରଣାରେ ଆପ୍ଳୁତ ମୋର ଗଣ୍ଡସ୍ଥଳ
ସହସା ଦେଖିଲି ନିକଟରେ ହରି ସେ ବାରବାର ।
ବିସ୍ମିତ ହୋଇ ମନ୍ଦ ହାସରେ ଗ୍ରହିଲେ ମୋତେ
ଅପୂର୍ବ ରୂପ ଚମକାଏ ଶିରୀ ମଗ୍ନ ଚିତେ ।
ନବଜାତ ଲୁଟି ତରୁ ସ୍ତବକର ରମ୍ୟ ଛଟା
ଦେଖିପାରେ ନାହିଁ ବନ ସରସୀର ସଲିଳ ଛଟା,
ଶୀତଳ ପବନେ ଖେଳିଲେ ଗଗନେ ଅଙ୍ଗ କ୍ଳେଶ
ଊଣା ହୁଏ ନାହିଁ ଆମ୍ର ମୁକୁଳ ଗୋପନ ପ୍ରାଣ ।
ହ୍ରାସ କରେ ନାହିଁ ଦୋଳିଲେ ଆବେଗେ ତୁଙ୍ଗ ଶିରେ
ଯେତେ ଗୁଞ୍ଜନ କରିଲେ ଭୃଙ୍ଗ ଦିଗ ଦିଗରେ ।
ସବୁ ସୁନ୍ଦର ସବୁ ସୁମଧୁର କିନ୍ତୁ କାହିଁ
ଅନ୍ତର ତଳୁ ଆନନ୍ଦ ଧାରା ଫିଟଇ ନାହିଁ ।
•ଗୋପ ନାରୀଗଣ ପ୍ରେମ ସ୍ମିତଧାର ନିର୍ଜନରେ
ପୁଟାଇ ଆକୁଳେ ଆକୁଞ୍ଚିତ କେଶ ବନ୍ଧନରେ
ବ୍ୟଗ୍ର ଛନ୍ଦେ କଲେ ଭ୍ରୁରୁ-ଲତା ବିସ୍ତାରିତ
ଘନ ଘନ ଖସେ ବାହୁରୁ ବସ୍ତ୍ର : ମୁଗ୍ଧ ଚିତ୍ତ,
ତୀକ୍ଷ୍ଣ ସ୍ତନର ଅର୍ଦ୍ଧ ଗୋଲକ ସଷ୍ଟ କରି
ସଂସ୍ମରଣର ନିମଗ୍ନ ଭାବ : କ୍ଳେଶ ପାଶ ହରି ନିଅନ୍ତୁ ହରି ।

## ତୃତୀୟ ସର୍ଗ

ସଂସାର ମାୟା ବନ୍ଧନରେ ବାନ୍ଧିବା ପାଇଁ ଶରଣପ୍ରାଣ
ଶୃଙ୍ଖଳ ପରି ହୋଇବେ ରାଧା ହରିଙ୍କୁ କରି ଇଚ୍ଛାଧୀନ,
ଶ୍ରୀରାଧାଙ୍କ ପାଖେ ନିବେଶି ହୃଦ ଜଗତରେ ଆଉ ନାହିଁବା କେହି
ବ୍ରଜପୁର ନାରୀ ସକଳେ ତେଜି ଭ୍ରମିବେ କୃଷ୍ଣ ଶ୍ରୀରାଧା କହି,
ଅନଙ୍ଗ ବାଣେ ଅଙ୍ଗ ଜ୍ୱାଳା ହେବ ଯେତେବେଳେ ଦୁର୍ବିସହ
କୁଞ୍ଜ କୁଟିରେ ଯମୁନା ତୀରେ ବିରହ ବିଷାଦେ ଝରିବ ଲୁହ ।

## ଗୀତମ୍

ବନ୍ଧୁ ବୃତ୍ତରେ ବେଷ୍ଟିତ ଦେଖି ଗୁମାନେ, ଆହା
ପ୍ରସ୍ଥାନ କଲେ ଶ୍ରୀରାଧା ନିମିଷେ ପୁଲକ ଲାହା,

ଖୋଜିଲେ : ଜାଣେ ମୁଁ କି ଯେ ଅପରାଧୀ ସଶଙ୍କିତ;
ହେଲାନି ସାହସ ପଥ ରୋଧିବାକୁ ସମୁଦ୍ୟତ ।
ଫେରିଯିବା ବେଳେ ଧିକ୍କାର କରି ବାରଯାର
କହିଲେ  କେସନେ ବାନ୍ଧିବି ତୁହ ନାହିଁ ଯଦି ମୋର ମନେ ଆଦର ।

ଦୀର୍ଘ ବିରହେ କି କରିବ ତୁମେ, କହିବ କିବା
ନାହିଁ ଯଦି ପାଶେ ପ୍ରାଣ ପ୍ରିୟତମା ଧନରେ କିବା ।
ପ୍ରୟୋଜନ ମୋର । ପ୍ରିୟ ପରିଜନେ କି ଫଳ ମିଳେ,
ସୁଖ ସମ୍ଭୋଗ ମଣ୍ଡିତ ପଥେ ଶ୍ରାନ୍ତି ଘାରେ ।
ଚନ୍ଦ୍ରମୁଖ ତ ବିସ୍ମିତ ହୁଏ ଅନୁକ୍ଷଣ
ସ୍ମୃତି ପଥେ ନିତି ନବ ଅଙ୍କୁର ଉଦ୍ଘାଟନ ।
ରୋଷରେ କରିଲେ ଭ୍ରୁଭୁ ଭର୍ତ୍ସନା ଆହା କି ଦୁଃଖେ
ଭୁଙ୍ଗ-ସ୍ୱପରେ ବ୍ୟଥାରେ ବ୍ୟାକୁଳ ଚନ୍ଦ୍ରମୁଖ ।
ଅନୁକ୍ଷଣ କି ତୁମେ ନିବଦ୍ଧ ହୃଦୟେ ମୋର
ମର୍ମେ ମର୍ମେ ଭ୍ରମଣ କରେଁ ମୁଁ ସଙ୍ଗେ ତା'ର ।
ବନ ପ.ଥେ କରେ ଅନୁଗମନ ମୁଁ ଅନୁସ୍ମରି
ଅନୁତାପେ ଜଳେ ବିରହେ ଆକୁଳ ଅଶ୍ରୁ ଢାଳି ।
ଦ୍ୱେଷରେ ଶୀର୍ଣ୍ଣ ତନ୍ୱୀ ତୁମର କୋମଳ ତନୁ
କେଉଁଠି ରହିଛି ସ୍ମୃତି ସୌରଭ ହଜେନା ମନୁ ।
ଅନୁନୟ କରି ପଦୁଟିଏ କଥା ପାରେନା କହି
ସମ୍ମୁଖେ ମୋର ଯାତାୟତ କର ମର୍ମ ଦହି,
ବରୁନ ତ ମୋତେ ସଂଭ୍ରମେ ଥରେ ଆଲିଙ୍ଗନ
ଆଗୋ ପ୍ରିୟତମା ଦିଅ ଦର୍ଶନ ନହେ ଉ ଭ୍ରମ ।
ନ ହେଉ ଏପରି ଆଚରଣ ମୋର ପୁନର୍ବାର
କାନ୍ତ କାମନା ଅନ୍ତରେ ମୋର ହେଉ ଦର୍ଶନ ରମ୍ୟତର,
ସମୁଦ୍ର ଜାତ ରୋହିଣୀରମଣ ଚନ୍ଦ୍ର ପରି
କେନ୍ଦୁବିଲ୍ୱ ଶ୍ରୀଜୟଦେବଙ୍କ କବିତାବଳୀ ।

ଲକ୍ଷ୍ୟ କରୁଛି ବକ୍ଷେ ମୋ ଯାହା ଜାଣ ହେ ସ୍ମର
ନୁହେଁ ସେ ବାସୁକୀ ସର୍ପନାୟକ : ମୃଣାଳହାର ।
କଣ୍ଠରେ ତୁମେ ଦେଖୁଅଛ ଯାହା ଅନୁସ୍ୟୂତ
କୁବଳୟଦଳ ମାଲ୍ୟ ମାତ୍ର, ଗରଳଦୀପ୍ତି ନୁହଁଇ ସେତ ।
ଅଙ୍ଗରେ ଯାହା ଦେଖୁଛ ଭସ୍ମପଟଳ ନୁହେଁ
ବିନ୍ଦୁ ବିନ୍ଦୁ ଚନ୍ଦନ ଦାଗ ଦେଖ ପ୍ରାଣରେ ଶାନ୍ତି ଦିଏ ।
ପ୍ରିୟା ନାହିଁ ମୋର ବିରହରେ ମୁହିଁ ଜର୍ଜରିତ
ଶିବ ମନେ କରି ଦିଅ ନାହିଁ ସ୍ମର ଏତେ ଆଘାତ ।

କାହିଁକି ପ୍ରଖର ହେଉଛ କୁହନି ବଢ଼ାଇ ରୋଷ
ଅନଙ୍ଗ ଭରା ଚୁତ ମୁକୁଳରେ ମଧୁର ବାସ ।
ଧାରଣ କରନା ଆମ୍ର-ମୁକୁଳ ତୁମରି ଶର
କ୍ରୀଡ଼ା ଛଳେ ତୁମେ ଜୟ କରିଅଛ ମର୍ତ୍ତ୍ୟପୁର ।
ମୂର୍ଚ୍ଛିତ ଯିଏ ପ୍ରହାର କରିଲେ କି ପୌରୁଷ
ତୁମରି ଆଘାତେ ପ୍ରାଣରେ ତାହାର ହେବ ପ୍ରକାଶ ?

ସେଇ ମାଦକିନୀ ମୃଗନୟନାର ଚପଳ ଠାଣି
ଏମିତି ଘାରିଛି ଚିତ୍ତ ମୋହନ ଆୟତ୍ତେ ପାରୁନି ଆଣି ।
ଅତନୁ ହେ ରାଧା କାମ ବିଜୟର ଦିବ୍ୟା ଦେବୀ
ଭ୍ରୁପଲ୍ଲବ ଧନୁ ଯଦି ହୁଏ ଅପାଙ୍ଗ ଠାଣି ଦୀପ୍ତ ଛବି
ଶର ସଦୃଶ, ଶାଣିତ ଶ୍ରବଣପ୍ରାନ୍ତ ଗୁଣ ।
ତ୍ରିଲୋକ ବିଜୟେ ଉଦ୍ଧାର ନେଇ ଅସ୍ତ୍ରମାନ
ପୁନର୍ବାର କି ଏ ସବୁ ରାଧାକୁ କରିନ୍ତ ଦାନ ।

ହେ ରାଧା ତୁମରି କ୍ଷୀଣ କଟି ତୁମ ଚପଳ ଆଖି
ଭ୍ରୂ-କାର୍ମୁକେ ଯେଉଁ କଟାକ୍ଷ ରହିଛି ଲାଖି ।
ହୃଦୟରେ ମୋର ଭରିଦିଏ ଜ୍ୱାଳା ଦୁର୍ବିସହ
ଗଭୀର କୃଷ୍ଣ କୁଟିଳ କବରୀ ମୋ ପାଇଁ ଯେମିତି ମୃତ୍ୟୁ ମୁହଁ ।
ରକ୍ତ ଅଧର ମୋହ ସଂଜାତ କରଇ ମନେ,
ସୁବର୍ତ୍ତୁଳ ସେ ସ୍ତନମଣ୍ଡଳ ଚିତ୍ତ କିପରି ଖେଳଇ ପ୍ରାଣେ ?

ତୁମ ଚିନ୍ତାରେ ଚିତ୍ତ ମଗ୍ନ ଅନୁକ୍ଷଣ,
ସ୍ପର୍ଶ ସୁଖର ଅନୁଭବ ପାଏ ମୋ'ରି ମନ,
ସେଇ ଚପଳତା ମୁଗ୍ଧ ଗ୍ରହଣି, ଚନ୍ଦ୍ରମୁଖ
ସୌରଭ ପରି ଆଘ୍ରାଣ କରେ, ଦିବ୍ୟ ସୁଖ ।
ସୁଧାନିନ୍ଦିତ ବାଣୀ ଶ୍ରବଣରେ, ରକ୍ତାଧରେ
କି ଯେ ଅଦ୍ଭୁତ ବିରହପୀଡ଼ା ମୋ ବ୍ୟାପ୍ତ କରେ ।

ଭାବବିନୋଦିଆ ବଙ୍କିମଠାଣି ଉର୍ମି ପରି
ରାଧାର ମୁଗ୍ଧ ଚନ୍ଦ୍ରମୁଖକୁ ମୃଦୁ ଉଲ୍ଲାସ ଆବେଗେ ଭରି ।
କମ୍ର ଗ୍ରୀବାରେ ବଙ୍କିମ ଭାବ ନେବାରୁ ରୂପ
ଚୂଡ଼ା କୁଣ୍ଡଳ ଚଞ୍ଚଳ ହୁଏ କି ଅପରୂପ ।
କୃଷ୍ଣ ମଧୁର ବଂଶୀ ଧ୍ୱନିରେ ମୁଗ୍ଧ ମନ
କହିବା ଚେତନା ଅଳଙ୍କାରକୁ ଲକ୍ଷ୍ୟ କରିବେ ଗୋପିକାଗଣ ।
ହୃଦ କୁଞ୍ଜର ନିର୍ଜନ ପଥେ ନିତ୍ୟେଶ୍ୱରୀ
କଲ୍ୟାଣକର ଦୃଷ୍ଟିରେ ଦିଅ ଚିର କଲ୍ୟାଣ ହୃଦୟେ ଭରି ॥

# ଲୋଧା ଜାତିରେ ସଂସ୍କୃତି ଓ ଅପରାଧ ପ୍ରବଣତା

ସହଦେବ ସାହୁ

ସମାଜରେ ବଞ୍ଚିବା ଲାଗି ସମାଜର କେତେଗୁଡ଼ିଏ ନୀତିନିୟମ ମାନି ଚଳିବାକୁ ପଡ଼େ, ଏହି ନୀତିନିୟମ ଭିତରେ ସମାଜର ଆଦର୍ଶ ନିହିତ । ଭୌଗଳିକ ପ୍ରତିବନ୍ଧକ ଯୋଗୁ ମଣିଷ ସମାଜ ଭାଗ ଭାଗ ହୋଇଗଲା । ପ୍ରାକୃତିକ ପ୍ରତିବନ୍ଧକକୁ ସୀମା ଧରି ଛୋଟ ଛୋଟ ଜନବସତି ଗଢ଼ି ଉଠିଲା ଏବଂ ସେମାନେ କାଳକ୍ରମେ ପରସ୍ପରଠାରୁ ଭିନ୍ନ ହୋଇଗଲେ । ବସତିର ଜନସମ୍ପ୍ରଦାୟକୁ ଶାନ୍ତି ଶୃଙ୍ଖଳାରେ ରଖିବାର ଏବଂ ଏକଜୁଟ ହୋଇ ବାହ୍ୟ ଶତ୍ରୁର ମୁକାବିଲା କରିବାର କେତେଗୁଡ଼ିଏ ନୀତିନିୟମ ତିଆରି ହେଲା । ଏହିଥିରୁ ତିଆରି ହେଲା ସେ ଅଞ୍ଚଳର ସଂସ୍କୃତି । ଭୌଗଳିକ ଓ ଜଳବାୟୁର ଭେଦରେ ବଞ୍ଚି ରହିବାର ଉପାୟ ଭିନ୍ନ ହେବାରୁ ସମାଜରେ ଚାଲିଚଳଣି ବିଭିନ୍ନ ହେଲା, ତେଣୁ ସଂସ୍କୃତିର ବିଭିନ୍ନତା ଦେଖାଦେଲା । ସମ୍ପ୍ରତି ଯୋଗାଯୋଗର ଉନ୍ନତି ଯୋଗୁ ଓ ଅଞ୍ଚଳ ଅଞ୍ଚଳ ମଧ୍ୟରେ ସମୟ–ଦୂରତା ହ୍ରାସ ହେଉଥିବା ଯୋଗୁ ପୃଥିବୀର ଜନସମାଜ କ୍ରମେ କ୍ରମେ ଏକ ବିଶ୍ୱଭ୍ରାତୃତ୍ୱ ମନୋଭାବରେ ଉଦ୍‌ବୁଦ୍ଧ ହେଉଛି; ଦିନ ଆସିବ ଯେତେବେଳେ 'ବସୁଧୈବ କୁଟୁମ୍ବକମ୍' ବାସ୍ତବ ରୂପ ନେବ ।

ଯେ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଜନବସତି ମଧ୍ୟରେ ଥିବା ରୀତିନୀତିରେ ଓ ଚାଲିଚଳଣିରେ ଥିବା ପାର୍ଥକ୍ୟ ଲୋପ ନ ପାଇଛି, ସେ ପର୍ଯ୍ୟନ୍ତ ଲୋକେ ସେମାନଙ୍କ ସଂସ୍କୃତିକୁ ସେମାନଙ୍କର ସାମାଜିକ ସଂସ୍ଥା, ଭାଷା, ଉତ୍ସବ, ପର୍ବପର୍ବାଣି, ବେଶଭୂଷା, ଆଭୂଷଣ, କଳାକୃତି ଆଦି ଜରିଆରେ ସ୍ୱତନ୍ତ୍ର ବୋଲି ଦର୍ଶାଇ ନିଜକୁ ଏକ ସ୍ୱତନ୍ତ୍ର ଜାତି ମନେ କରୁଥିବେ । ଜନ୍ମରୁ ମଣିଷ ଗୋଟିଏ ସ୍ୱତନ୍ତ୍ର ସଂସ୍କୃତି ନେଇ ଜନ୍ମ ହୋଇ ନଥାଏ, ସଂସ୍କୃତି ଭିତରେ ସେ ଜନ୍ମ ନିଏ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ପରିବେଶ ଭିତରେ ଲାଳନ ପାଳନ ହୋଇଥିବାରୁ ମଣିଷ ତା'ର ନିର୍ଦ୍ଦିଷ୍ଟ ସଂସ୍କୃତିକୁ ଆପଣାର କରିନିଏ । ଯଦି ଏ ପ୍ରକାର ସଂସ୍କୃତିରେ ଆଧୁନିକତା ଦୃଷ୍ଟିରୁ କିଛି ଅସଙ୍ଗତି ବା ତଥାକଥିତ ସଭ୍ୟ ମାନବ ଦୃଷ୍ଟିରୁ କିଛି ଅନୈତିକତା ଥାଏ, ତାହା ପରିବେଶର ଦୋଷ । ପରିବେଶ ବଦଳିଲେ ସଂସ୍କୃତିରେ ଆଧୁନିକତା ଆସିଯିବ ।

ବିହାର, ପଶ୍ଚିମବଙ୍ଗ ଓ ଓଡ଼ିଶା ସୀମାନ୍ତରେ ବସବାସ କରୁଥିବା ଲୋଧା ଜାତିର ଆଦିବାସୀଙ୍କ ସଂସ୍କୃତିରେ ଅପରାଧ ପ୍ରବଣତା କିପରି ଆସିଯାଇଛି, ଏହି ଦୃଷ୍ଟିକୋଣରୁ ବିଚାର କରାଯିବା କଥା । ଲୋଧାମାନେ ନିଜକୁ ଲୋଧାଶବର ବୋଲି କହନ୍ତି ଏବଂ ପୁରୀ ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ ବିଶ୍ୱାବସୁଙ୍କ ବଂଶଧର ମନେକରନ୍ତି । ଏହି ମନୋଭାବ ଲୋଧାମାନଙ୍କୁ ଆଦିବାସୀ ଓ ହିନ୍ଦୁ ସଂସ୍କୃତିର ମିଳନ ସ୍ରୋତକୁ ଟାଣି ଆଣିବା କଥା । କିନ୍ତୁ ହିନ୍ଦୁ ସଂସ୍କୃତିରେ ତ ଅପରାଧ ପ୍ରବଣତାର ସ୍ଥାନ ନାହିଁ, ଲୋଧାମାନଙ୍କଠାରେ କାହିଁକି ଦେଖାଯାଏ ?

ଲୋଧାମାନଙ୍କ ମୂଳ ଭାଷା ମୁଣ୍ଡାରି । ଏବେ ସେମାନେ ଓଡ଼ିଆ, ବଙ୍ଗାଳୀ ଓ ମୁଣ୍ଡାରିକୁ ଖେଚୁଡ଼ି କରି ବ୍ୟବହାର କରୁଛନ୍ତି । ଏମାନଙ୍କ ଭାଷା ଉପରେ ଯେପରି ଆଞ୍ଚଳିକ ପ୍ରାଧାନ୍ୟ ବିସ୍ତାର କରିଥିବା ଲୋକଙ୍କର ଭାଷାର ପ୍ରଭାବ ପଡ଼ିଛି, ଏମାନଙ୍କ ସଂସ୍କୃତି ଉପରେ ମଧ୍ୟ ସେହିଭଳି ସେମାନଙ୍କର ପ୍ରଭାବ ପଡିଛି । ଜାତି ଅନୁଯାୟୀ ଏମାନେ ପାହାଡୀ–ଖଡିଆ ଆଦିବାସୀ ବର୍ଗର, କିନ୍ତୁ ସାଧାରଣ ଓଡିଆ ବା ବଙ୍ଗାଳୀ ଲୋକଙ୍କ ଭଳି ଗାଁ–ଗଣ୍ଡା ତିଆରି କରି ବସବାସ କରୁଛନ୍ତି । ଏମାନଙ୍କ ଅର୍ଥନୈତିକ ଢାଞ୍ଚାରେ ଧୀରେ ଧୀରେ ପରିବର୍ତ୍ତନ ଆସୁଛି । ଲୋଧାମାନେ ପ୍ରାକ୍–କୃଷି ସଭ୍ୟତାର ଅଭ୍ୟାସ ଏବେ ବି ଦେଖାନ୍ତି । ଜଙ୍ଗଲ ଭିତରେ ରହିବାକୁ ଭଲ ପାଆନ୍ତି । ଫଳ ମୂଳ ସଂଗ୍ରହ କରି ବା ଶିକାର କରି ଗୁଜୁରାଣ ମେଣ୍ଟାନ୍ତି । ଜଙ୍ଗଲ ବିଭାଗ ଅଧୀନରେ ଲଘୁ ବନଜାତ ପଦାର୍ଥ ସଂଗ୍ରହ, ଟସର ଚାଷ ଓ ବୃକ୍ଷ ରୋପଣ ଆଦି କାମରେ ଲାଗନ୍ତି । ନିଜର ଖାଦ୍ୟ ଫଳମୂଳ ଓ କନ୍ଦା ସଂଗ୍ରହ କରିବା ଛଡା ସେମାନେ ବିଡ଼ି ପାଇଁ କେନ୍ଦୁପତ୍ର, ଖଲି ଓ ଦୋନା ପାଇଁ ଶାଳ ଓ ସିଆଳି ପତ୍ର, ଦଉଡି ପାଇଁ ସବାଇ ଘାସ ସଂଗ୍ରହ କରି ହାଟ ବଜାରରେ ବିକନ୍ତି । ପାଖଆଖ ବଜାରରେ ବିକିବା ପାଇଁ ସେମାନେ ଟସର, ମହୁ, ଲାଖ, ଝୁଣା, ଶାଳମଞ୍ଜି, ମହୁଲ, ଜାଳେଣି କାଠ ଆଦି ସଂଗ୍ରହ କରନ୍ତି । ଧନୁ ତୀର ଧରି ଶିକାର କରନ୍ତି ଏବଂ ବିଭିନ୍ନ ପ୍ରକାର ଯନ୍ତା ଓ ପିଞ୍ଜରା ବସାଇ ଜନ୍ତୁ ଧରନ୍ତି । ସଂକ୍ଷେପରେ କହିବାକୁ ଗଲେ ଲୋଧାମାନଙ୍କ ଜୀବନ ଧାରଣର ମୂଳଦୁଆ ହେଉଛି ଜଙ୍ଗଲ ।

## ଜଙ୍ଗଲ କ୍ଷୟର କୁପରିଣାମ

ଯେତେବେଳେ ଜଙ୍ଗଲ ଧ୍ୱଂସ ପାଇବାକୁ ଲାଗିଲା ଏବଂ ସଭ୍ୟ ମଣିଷର ଆବଶ୍ୟକତା ମେଣ୍ଟାଇବା ପାଇଁ ବଡ ବଡ ଗଛ କଟା ହୋଇଗଲା, ସେତେବେଳେ ଘଞ୍ଚ ଜଙ୍ଗଲ ସବୁ ପତଳା ବା ପଡ଼ିଆ ହୋଇଗଲା । ତେଣୁ ଜଙ୍ଗଲରେ ବସବାସ କରୁଥିବା ଜୀବଜନ୍ତୁ ସହଜରେ ମଣିଷର ଶିକାର ହୋଇ ନିଃଶେଷ ହେଲେ । ଜଙ୍ଗଲଜାତ ପଦାର୍ଥ ନ ମିଳିବା ଓ ଶିକାରର ଅଭାବ ହେବା ଲୋଧାମାନଙ୍କ ଜୀବନକୁ ଦୁଃସହ କରିଦେଲା । ବଞ୍ଚି ରହିବା ପାଇଁ ସେମାନେ ଅସତ୍ ଉପାୟ ଧରିବାକୁ ବାଧ୍ୟ ହେଲେ । ଜଙ୍ଗଲ କ୍ଷୟ ଓ ଶିକାରର ଅଭାବ ବଢୁଥିବାବେଳେ ଲୋଧାମାନଙ୍କ ଅଧ୍ୟୁଷିତ ଅଞ୍ଚଳ ଦେଇ ଜାତୀୟ ରାଜପଥ ତିଆରି ହେଲା । ଜଙ୍ଗଲଭିତରେ ଯାଉଥିବା ରାସ୍ତାରୁ ଜୀବିକା ଅର୍ଜନର ଉପାୟ ସେମାନଙ୍କ ମୁଣ୍ଡରେ ପଶିଲା । ଆରମ୍ଭ ହେଲା ରାଜପଥରୁ ଡକାୟତି ।

ଏ ଦିଗରେ ଲୋଧାମାନଙ୍କର ପାରିବାରିକ ଚଳଣି କିଛି କିଛି ଦାୟୀ । 'ଲୋଧା ରମଣୀ ଘରର ଯାବତୀୟ କାମ ସମ୍ଭାଳି ହାଟ ବଜାର

କରୁଥିବାବେଳେ ଲୋଧା ପୁରୁଷ ଅକର୍ମଣ୍ୟ ହୋଇ ବସିଥାଏ । ଦଳ କରୁଥିବାବେଳେ ଲୋଧା ପୁରୁଷ ଅକର୍ମଣ୍ୟା ହୋଇ ବସିଥାଏ । ଦଳ କାଟିବା, ଛପର ବାନ୍ଧିବା, ସାପ ଓ କଙ୍କଡ଼ା ଧରିବା ଭଳି କେତେଗୁଡ଼ିଏ କାମ କରିବା, ଛପର ବାନ୍ଧିବା, ସାପ ଓ କଙ୍କଡ଼ା ଧରିବା ଭଳି କେତେଗୁଡ଼ିଏ କାମ କେବଳ ପୁରୁଷମାନେ କରନ୍ତି । ଏସବୁ ସବୁ ଦିନିଆ କାମ ନୁହେଁ । ତେଣୁ ଲୋଧା ପୁରୁଷ ଅକର୍ମଣ୍ୟା । ଲୋଧା ପୁରୁଷ ବେଶ୍ ହୃଷ୍ଟପୁଷ୍ଟ ।ଚିକ୍‌କଣ-ସୁଢ଼ଉ ଶରୀର । ଦେହକୁ ବାଗେଇବାରେ ଆଗ୍ରହୀ । ଲୋଧା ପୁରୁଷ ଗପ କରିବା ଓ ମାଛ ଧରିବାରେ ସମୟ କଟାଏ । ଅସ୍ୱାଭାବିକ ଭାବରେ ସନ୍ଦେହ କରୁ ନଥିବା ଲୋକଙ୍କଠାରୁ ପଇସା ଆଦାୟ କରିବା ଭଳି ସହଜ ଉପାୟଟିଏ ପାଇଲେ ଏଭଳି ପୁରୁଷମାନେ ଧାଇଁ ଆସିବା କଥା । ତାହା ହିଁ ହୋଇଛି । ତେଣୁ ଗତ ୩୦-୪୦ ବର୍ଷ ଭିତରେ ବିହାର-ଓଡ଼ିଶା ସୀମାନ୍ତରେ ଏବଂ ପାଞ୍ଚ ନମ୍ବର ଜାତୀୟ ରାଜପଥରେ ଲୋଧାମାନଙ୍କ ଡକାୟତି ବଢ଼ିଯାଇଛି । ସହଜରେ ଗୁଡ଼ାଏ ପଇସା ପାଇଯିବାର ସ୍ୱାଦ ପାଇଲା ପରେ ଲୋଧାମାନେ ଡକାୟତିକୁ ନିଜର ପେଷା କରିନେଲେଣି ।

## ବୃତ୍ତି ଓ ମନୋବୃତ୍ତି

କେତେକ କହନ୍ତି ଯେ ଅପରାଧ-ପ୍ରବଣତା ଲୋଧାମାନଙ୍କ ସହଜାତ ପ୍ରବୃତ୍ତି । ଯେଉଁମାନେ ଏ କଥା କହନ୍ତି ସେମାନେ ଭୁଲି ଯାଆନ୍ତି ଯେ ଆଗକାଳରେ ଜଗନ୍ନାଥ ସଡ଼କରେ ତୀର୍ଥଯାତ୍ରୀମାନଙ୍କ ଠାରୁ ବାଟ ମାରଣା କରିବା ଗୋଟିଏ ନିତ୍ୟନୈମିତ୍ତିକ ଘଟଣା ଥିଲା । ଏମାନେ ଯେ କେବଳ ଆଦିବାସୀ ଥିଲେ ତାହା କହିବା ଯୁକ୍ତିଯୁକ୍ତ ହେବ ନାହିଁ । ସୁବିଧା ସୁଯୋଗ ଥିଲେ ଥିଲାବାଲାଙ୍କଠାରୁ କିଛି ଛଡ଼ାଇ ନେବା ପ୍ରତ୍ୟେକ ମଣିଷର ସହଜାତ ପ୍ରବୃତ୍ତି । ଆଇନ କରି ଓ ନୀତି ନିୟମ ନିର୍ଦ୍ଧାରଣ ଦ୍ୱାରା ମଣିଷର ଚୌର୍ଯ୍ୟ ପ୍ରବୃତ୍ତିକୁ ରୋକାଯାଇଥାଏ । କେବଳ ବନ୍ଦ କରିବାର ନିୟମ କଲେ ପ୍ରବୃତ୍ତି ବଦଳିବ ନାହିଁ । ମଣିଷକୁ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଅନ୍ୟ କୌଣସି ସୁବିଧା ଯୋଗାଇ ନ ଦେଲେ ତା'ର ପ୍ରବୃତ୍ତି ବଦଳିବ ନାହିଁ । ଏଥିପାଇଁ କେବଳ ଯେ ପୁଞ୍ଜି ଦରକାର ତା ନୁହେଁ, ଲୋକର ମାନସିକ ଅବସ୍ଥା, କୌଳିକ ପେଶା ଏବଂ କର୍ମ କୁଶଳତା, ଏ ତିନିକୁ ଆଖି ଆଗରେ ରଖି କୌଣସି ଅର୍ଥକରୀ କାର୍ଯ୍ୟ ଜୁଟାଇବାକୁ ପଡ଼ିବ ।

ମୟୂରଭଞ୍ଜର ଲୋଧାମାନଙ୍କ କ୍ଷେତ୍ରରେ ଦେଖାଯାଇଛି ଯେ ସେମାନେ ଛୋଟ ଛୋଟ ବ୍ୟବସାୟ କରିବାକୁ ନାପସନ୍ଦ କରନ୍ତି ନାହିଁ ।ଏହି ଲୋଧାମାନେ ଦୁଇ ଶ୍ରେଣୀର : ପାହାଡ଼ୀ ଓ କୃଷୀ ।ଜଙ୍ଗଲ ଭିତରେ ଯାହା କିଛି ଜମି ସେମାନେ ଆବାଦ କରିଛନ୍ତି, ପରିବାର ପ୍ରତିପୋଷଣ ଲାଗି ତାହା ଯଥେଷ୍ଟ ନୁହେଁ । ପରିବାରର ଭରଣପୋଷଣ ଲାଗି ଆଉ କିଛି ଦରକାର ।ଭଲଭଲ କୃଷି ଜମି ମଧ୍ୟ ସେମାନଙ୍କର ହାତରେ ନାହିଁ ।ଏହି କାରଣରୁ କୃଷୀ ହୋଇଯାଇଥିବା ଅଧିକାଂଶ ଲୋଧା ଭାଗଚାଷୀ ବା ନାମ-ମାତ୍ର କୃଷୀ ବା କୃଷି-ଶ୍ରମିକ ହୋଇପଡ଼ିଛନ୍ତି । ଏଭଳି ଲୋଧାମାନଙ୍କୁ ଅପରାଧ-ପ୍ରବଣତାରୁ ଦୂରେଇ ନେବାଲାଗି ଭୂସଂସ୍କାର ଫଳରେ ମିଳୁଥିବା ବଳକା ଜମି ବାଣ୍ଟିବାକୁ ପଡ଼ିବ, କୃଷି ଉତ୍ପାଦନ ବଢ଼ାଇବା ଲାଗି ସାଧନ ଯୋଗାଇବାକୁ ପଡ଼ିବ ଏବଂ ସର୍ବୋପରି ଭାଗଚାଷୀ ପ୍ରଥା ଉଠାଇ ଜମିର ମାଲିକାନା ଦେବାକୁ ପଡ଼ିବ ।ଯେଉଁମାନେ କୃଷି କାମରେ ବ୍ୟସ୍ତ ରହିବେ ସେମାନେ ଅସତ୍ ଉପାୟରେ ଧନ ଉପାର୍ଜନର ଚିନ୍ତା କରିବେ ନାହିଁ ।

ଅନ୍ୟ ହିନ୍ଦୁ ଜାତିର ପଡ଼ୋଶୀମାନେ ଯେପରି ବାଛବିଚାର କରି ପେଶା ଆଦରି ନିଅନ୍ତି, ଲୋଧାମାନଙ୍କର ସେପରି ବାଛବିଚାର ନାହିଁ ।ସୁବିଧା ହେଉ ବା ଅସୁବିଧା ହେଉ ଲୋଧା ପରିବାର କୌଣସି ବୃତ୍ତି ଲାଗି ଜୁଞ୍ଝିକରେ ନାହିଁ ।ଆଜିକାଲି ସେମାନେ ଗୋ-ମେଷାଦି ପାଳନ, ଲୁଗାବୁଣା, କାଠ କାମ, ମସିଣା ବା ଦଉଡ଼ି ତିଆରି ଆଦି କାମ କରିବା ଆରମ୍ଭ କଲେଣି ।ପାଖଆଖର ନଦୀ, ନାଳ, ପୋଖରୀରୁ ସାପ, ଗୋଧି, କଙ୍କଡ଼ା ଆଦି ଧରିବା ଆଗେ ସେମାନଙ୍କର ସଉକ ଥିଲା ।ଏବେ ସେଗୁଡ଼ିକର ଚମଡ଼ା ବିକିବା ଗୋଟିଏ ବ୍ୟବସାୟ ହୋଇଗଲାଣି । ଜୋତା, ସୌଖୀନ୍ ଜିନିଷ ଓ ବାଦ୍ୟଯନ୍ତ୍ର ତିଆରିରେ ଏ ପ୍ରକାର ଚମଡ଼ାର ଚାହିଦା ଖୁବ୍ ବେଶୀ ।

## ହିଂସା ଓ ଈର୍ଷାର ନାହୁଡ଼

ଏହି କାରଣରୁ ବୋଧହୁଏ ହିନ୍ଦୁ ଜାତିର ପଡ଼ୋଶୀ ଲୋକେ ଲୋଧାମାନଙ୍କ ସହିତ ମିଶନ୍ତି ନାହିଁ । ଅସନା କାମ କରୁଥିବା ଲୋକମାନଙ୍କୁ ହିନ୍ଦୁମାନଙ୍କ ଜାତିଆଣ ମନୋଭାବ ଇତର କରି ରଖୁଛି । ହିନ୍ଦୁମାନେ ସେମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଛନ୍ତି । ପାଖ ପାଖରେ ଯାହା କିଛି ଅପରାଧ ଘଟିଯାଉଛି ତହିଁରେ ଲୋଧାମାନଙ୍କ ହାତ ଥିବ ବୋଲି କେବଳ ଲୋକେ ନୁହନ୍ତି, ସରକାରୀ ଅଫିସରମାନେ ମଧ୍ୟ ଧରି ନେଉଛନ୍ତି । "ଲୋଧା ଲୋକ ତ; କେତେବେଳେ କ'ଣ କରି ବସିବ" ଏହି ଧାରଣା ନେଇଥିଲାବାଲା ଲୋକେ ବି ସେମାନଙ୍କୁ କାମଧନ୍ଦା ଦେଉନାହାନ୍ତି । ସରକାରଙ୍କ ତରଫରୁ ଯାହା କିଛି କାମଧନ୍ଦା ବା ଅର୍ଥକରୀ ପେଷା ଏ ଯାବତ୍ ଯୋଗାଇ ଦିଆଯାଇଛି ତାହା ଜନସଂଖ୍ୟାକୁ ଚାହିଁ ନାମମାତ୍ର । ସାମାଜିକ ବାସନ୍ଦ ଭଳି ବ୍ୟବସ୍ଥା, ପଡ଼ୋଶୀ ଜାତିମାନଙ୍କ ଘୃଣା ମନୋଭାବ, ଦାରିଦ୍ର୍ୟ, ଭଲଭାବରେ ଦୁଇ ଓଳା ଖାଇବାକୁ ପାଇବାରେ ଅସୁବିଧା ଭଳି କେତେଗୁଡ଼ିଏ କାରଣରୁ ଲୋଧାମାନେ ପଡ଼ୋଶୀମାନଙ୍କ ପ୍ରତି ହିଂସ୍ର ହୋଇପଡ଼ନ୍ତି । ହିଂସା ଓ ଈର୍ଷାରୁ ସେମାନଙ୍କ ବଦନାମ ବଢ଼େ । ଫଳରେ ଲୋକେ ଲୋଧାମାନଙ୍କୁ ଖରାପ ଚରିତ୍ରର ଚିହ୍ନ ଦିଅନ୍ତି ।

ଲୋଧାମାନଙ୍କ ଭିତରେ ଅପରାଧ-ପ୍ରବଣତା ପ୍ରଶାସନିକ ଚିନ୍ତାର କାରଣ ହୋଇପଡ଼ିଛି ସତ, କିନ୍ତୁ ଅପରାଧୀ ହେବା ଲୋଧାର ବଂଶ ଦୋଷ ନୁହେଁ । ସେମାନଙ୍କ ସାମାଜିକ ବ୍ୟବସ୍ଥା ଠିକ୍ ହିନ୍ଦୁ ଭଳି ଏବଂ ପୁରୁଷ-ପ୍ରଧାନ । ଜନ୍ମରୁ ଅପରାଧ-ପ୍ରବଣ ବା ହିଂସ୍ର ହୋଇଥିଲେ ସେମାନେ ନିଜ ନିଜ ଭିତରେ ଗଳା କାଟନ୍ତେ । ପିଲାମାନଙ୍କୁ ଅପରାଧୀ ହେଲା ଭଳି କୌଣସି ଶିକ୍ଷା ବା ପ୍ରରୋଚନା ଲୋଧା ସାମାଜିକ ବ୍ୟବସ୍ଥାରେ ନାହିଁ । ବ୍ରିଟିଶ୍ ରାଜତ୍ୱ ସମୟରେ ଛୋଟନାଗପୁର ଅଞ୍ଚଳକୁ ଏକ ଏଜେନ୍‌ସି ଏରିଆ କରି ସ୍ୱାଧୀନ ଚେତା ଆଦିବାସୀମାନଙ୍କୁ ଶକ୍ତି ପ୍ରୟୋଗ କରି ଦମନ କରାଯାଉଥିଲା । ଔପନିବେଶିକ ଶାସନର ପ୍ରତୀକ ରୂପେ ତତ୍‌କାଳୀନ ସରକାରୀ କର୍ମଚାରୀ ଓ ବ୍ୟବସାୟୀମାନଙ୍କୁ ଆଦିବାସୀମାନେ ଶତ୍ରୁ ମଣୁଥିଲେ ଓ ସେମାନଙ୍କ ଉପରେ ନିଜ ଘୃଣା ଓ ହିଂସାର ତୀର ବର୍ଷୁଥିଲେ । କାଳକ୍ରମେ ବ୍ୟବସାୟୀ, ପଥିକ ଓ କର୍ମଚାରୀମାନଙ୍କୁ ରାସ୍ତା ଅବରୋଧ କରି ଲୁଟ କରିବା ଜୀବିକା ଅର୍ଜନର ଗୋଟିଏ ସହଜ ପନ୍ଥା ହୋଇପଡ଼ିଲା । ବାହାରର ଶୋଷଣ, ନୂଆ ସଭ୍ୟତାର ପ୍ରଭାବରେ ସାମାଜିକ ବ୍ୟବସ୍ଥା ଦୁର୍ବଳ ହେବା, ଜୀବଜନ୍ତୁ ଶିକାର ଓ ଗଛଲତା କାଟିବା ଉପରେ କଟକଣା ଆଦିର ଫଳ ସ୍ୱରୂପ କେତେକ ଲୋଧା ଚୋରି ଡକାୟତିକୁ ଜୀବିକା ଉପାର୍ଜନର ସହଜ ପନ୍ଥା ବୋଲି ଧରି ନେଇଛନ୍ତି । ଦୁଇ ବା ଅଧିକ ରାଜ୍ୟର ସୀମାନ୍ତ ଅଞ୍ଚଳ ପ୍ରଶାସନିକ ଦୃଷ୍ଟିରୁ ଦୁର୍ବଳ ଥିବାରୁ ସାଧାରଣ ଭାବରେ ନରହତ୍ୟା, ଚୋରି ଡକାୟତି ଆଦି ବଢ଼ିବା କଥା । ଲୋଧାମାନେ ଏହାର ସୁବିଧା ନେଉଛନ୍ତି । ନିଶା କାରବାର ଓ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଓଡ଼ିଶାରେ ନହୋଇଥିବାର କାରଣ ଲୋଧାମାନେ ଏ ସବୁଗୁଡ଼ିକୁ ଓସାଏ ଆଦରି ନାହାନ୍ତି ।

# ଅର୍ଥପୂର୍ଣ୍ଣ ଥଇଥାନର ଆବଶ୍ୟକତା

ବେଶୀ ଦିନ ଧରି ଖେତ୍ରି ତକାୟତି ଜରିଆରେ ଜୀବିକା ଅର୍ଜନର ଉପାୟ ଷ୍ଟୁଲୁ ରହିଲେ ତାହା ଅଭ୍ୟାସରେ ପଡ଼ିଯାଏ । ଗୋଟିଏ ଜନଜାତିର ଅଭ୍ୟାସକୁ ସେ ଅଞ୍ଚଳର ସଂସ୍କୃତି କୁହାଯାଏ । ସ୍ୱାଧୀନତା ପ୍ରାପ୍ତି ପରେ ସରକାର ଜନମଙ୍ଗଳ କାର୍ଯ୍ୟ ଦ୍ୱାରା ଲୋଧାମାନଙ୍କୁ ଜାତୀୟତାର ମୁଖ୍ୟ ସ୍ରୋତକୁ ଆଣିବାର ଚେଷ୍ଟା କରୁଛନ୍ତି, କିନ୍ତୁ ଏ ଚେଷ୍ଟାରେ ସଫଳ ହୋଇନାହାନ୍ତି । ଲୋଧା ସଂସ୍କୃତିରେ ନୂଆ ମୋଡ଼ ଆଣିବାକୁ ହେଲେ ଅପରାଧ ରୋକିବା ପାଇଁ ପୋଲିସ ବ୍ୟବସ୍ଥାକୁ ଯେତିକି ଦୃଢ଼ କରିବାକୁ ପଡ଼ିବ, ଲୋଧାମାନେ ଯେପରି ସୁସ୍ଥରୂପେ ଜୀବିକା ଅର୍ଜନ କରିପାରନ୍ତି ସେଥିଲାଗି ସେହିପରି ଥଇଥାନ ବ୍ୟବସ୍ଥା କରିବାକୁ ପଡ଼ିବ । ୧୯୮୬ରୁ ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ଜରିଆରେ ଲୋଧା ଉନ୍ନୟନ ସଂସ୍ଥା ଗଢ଼ାହୋଇଛି । ଅନ୍ୟାନ୍ୟ କାର୍ଯ୍ୟ ସହିତ ଏହି ସଂସ୍ଥା ମୋରଡ଼ା ଓ ଶୁଳିଆପଦା ବ୍ଲକ୍‌ରେ ଲୋଧାମାନଙ୍କ ଥଇଥାନ ପାଇଁ ନୂଆ ଗାଁ ବସାଉଛନ୍ତି । ଜମି, ଘର, କୃଷି ଯନ୍ତ୍ରପାତି ତଥା ଅନ୍ୟ ଅର୍ଥକରୀ ପେଷା ଯୋଗାଇ ଦେଉଛନ୍ତି । ପଶ୍ଚିମବଙ୍ଗ ଓ ବିହାର ପଟେ ଲୋଧାମାନଙ୍କ ଥଇଥାନ ପାଇଁ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ କରାଯାଉଥିବାର ଜଣାଯାଉନାହିଁ । ଓଡ଼ିଶାର ଯୋଜନା ପଥରର ଗୋଟିଏ ପାଖକୁ ଠୁକୁରାଉଥିଲାବେଳେ ଅନ୍ୟ ପାଖଗୁଡ଼ିକ ଯେମିତିକୁ ସେମିତି ଟାଣ ରହିଛି । ପୁରା ଲୋଧା ଜାତିର ଓ ସେମାନେ ବସବାସ କରୁଥିବା ଅଞ୍ଚଳର ସାମୂହିକ ଉନ୍ନତି ଓ ଥଇଥାନ ନହେଲାଯାଏ ଅପରାଧ କରି ଜୀବିକା ନିର୍ବାହ କରୁଥିବା ଏକାଧିକ ଲୋଧା ପରିବାର ରହିଥିବେ ଓ ସେ ପର୍ଯ୍ୟନ୍ତ ଲୋଧାମାନଙ୍କୁ ଅପରାଧୀ ବୋଲି କୁହାଯାଉଥିବ ।

ଏକ ପ୍ରଭାବଶାଳୀ ମୂର୍ତ୍ତି, ପୀତାଭ ଅଙ୍ଗବାସ, ଚିକାଗୋର ଘନ ବାୟୁମଣ୍ଡଳ ମଧ୍ୟରେ ଭାରତର ସୂର୍ଯ୍ୟ ଭଳି ଦେଦୀପ୍ୟମାନ । ଉନ୍ନତ ମସ୍ତକ, ଅନ୍ତର୍ଭେଦୀ ନୟନ, ସ୍ଫୁରିତାଧାର, ଦ୍ରୁତ ଅଙ୍ଗଚାଳନ – ଏହି ହେଲା ସ୍ୱାମୀଜୀଙ୍କ ପ୍ରତି ମୋର ପ୍ରଥମ ଧାରଣା । .......ତାଙ୍କୁ ଦେଖିଲି ସନ୍ନ୍ୟାସୀ ଅପେକ୍ଷା ବରଂ ଏକ ଯୋଦ୍ଧା ବୋଲି ପ୍ରଥମ ଧାରଣା ହେବ । ........ସେ ଭାରତବାଣୀ ବହନ କରି ଆଣିଥିଲେ, ତାହାରି ପାଇଁ ପ୍ରଚାର କରିଥିଲେ ଏବଂ ଏହି ଅଗ୍ରଦୂତ ଯେଉଁ ମହିମା ପଣ୍ଡିତ ରାଜ୍ୟରୁ ଆସିଥିଲେ ତାହାର ଗୌରବ ସ୍ମୃତି ପଟରେ ଜାଗ୍ରତ ରଖିଥିଲେ । ଉଦ୍ଦେଶ୍ୟ – ସମୃଦ୍ଧ, ବୀର୍ଯ୍ୟବାନ୍, ସାମର୍ଥ୍ୟଯୁକ୍ତ ସ୍ୱାମୀ ବିବେକାନନ୍ଦ ମାନବ ସମାଜରେ ଜଣେ ମନୁଷ୍ୟ ଭଳି ନିଜତ୍ୱ ବଜାୟ ରଖି ଛିଡ଼ାହୋଇ ପାରିଥିଲେ ।

ବକ୍ତୃତା ମଞ୍ଚ ଉପରେ ତାଙ୍କର ଅନ୍ୟ ଦିଗଟି ପ୍ରକାଶିତ ହୋଇ ପଡ଼ିଥିଲା । ମନ୍ତ୍ରମୁଗ୍ଧବତ୍ ବିରାଟ ଜନତା ତାଙ୍କର ଭାଷଣରେ ଅଭିନିବିଷ୍ଟ ହୋଇଥିଲେ, ଗୋଟିଏ ହେଲେ ପଦ ଛାଡ଼ି ନଥିଲେ, ଗୋଟିଏ ହେଲେ ସ୍ୱର ପ୍ରବାହ ବାଦ ଦେଇ ନଥିଲେ ! ବିଶାଳ ସଭା ଗୃହରୁ ବାହାରି ଆସିଲାବେଳେ ଜଣେ କହିଲେ, "ସେ ଲୋକଟି ଧର୍ମଭାବ ରହିତ ! ଏବଂ ଆମ୍ଭେମାନେ ତାଙ୍କ ଦେଶକୁ ଧର୍ମଯାଜକ ପଠାଉଁ ! ସେମାନେ ଆମ୍ଭମାନଙ୍କ ନିକଟକୁ ଧର୍ମଯାଜକ ପଠାଇବା ଅଧିକ ଯୁକ୍ତିସଙ୍ଗତ ।"

—ଆନି ବେଶାନ୍ତ

# THE ORISSA SMALL INDUSTRIES CORPORATION LIMITED

*(A Government of Orissa Undertaking)*

Barabati Stadium, Cuttack-5

Phone : 20818 Gram : UDYOG Telex : 0676-226

The Organisation providing dynamic support services to the Small Scale Sector

| | | |
|---|---|---|
| ★ **RAW MATERIAL** | : | Main dealers of scarce and controlled raw materials. |
| ★ **MARKETING** | : | Sub-contracting, Merchandies Marketing. |
| ★ **EXPORT** | : | Recognised Export House for Engineering Goods, Handicrafts etc. Function as consortium leader for SSI Units, Assists S.S.I. Units to display products in Trade Fairs. |
| ★ **MANUFACTURING** | : | Oceanographic Survey/Laboratory Instruments, Wood products and Steel fabrications, Deep Tube Well Hand Pumps and refractory materials like chemically Bonded Basic Brick, Basic Ramming mass, High Alumina Brick L.T. Insulator. |
| ★ **DESIGNING** | : | All Civil and mechanical Engineering, Designs and Drawings. |
| ★ **DATA PROCESSING SERVICES** | : | Provides Computer services through Computer cell. |
| ★ **INDUSTRIAL COMPLEXES** | : | Providing common service facilities in the Fruit and Food processing Industrial complex at Muniguda of Koraput district, Electronics and Computer software Complex at Chandaka Industrial Estate of Bhubaneswar, Glass and ceramic Complex at Jharsuguda, Polymer Complex at Mancheswar, Industrial Estate of Bhubaneswar. |

For all your requirements of various raw materials, Export of your products, purchase of Instruments, Pumps, Tools etc. Civil and mechanical Designs and Drawings, Marketing Assistance, Computer Services etc.

Please Contact us.

*S. R. Vala*
Chairman-cum-M.D.

# ଆକାଶେ ଉଦେ ନିଶାକର : ଗୋବିନ୍ଦ ଉଦରୁ ବାହାର

ଶ୍ରୀ ଗୋକୁଳାନନ୍ଦ ପରିଡ଼ା

ଦେବକୀର ଛଅ ଛଅଟି ପୁତ୍ରଙ୍କୁ ଶିଳାରେ ପିଟି ମାରିବା ପରେ କଂସ ସତେ ଯେପରି ଉନ୍ମାଦ ମତ୍ତ ହସ୍ତୀ ପାଲଟିଗଲା । ମୃତ୍ୟୁ ସବୁରି ମନର ଅତୀବ ଏକ ଭୟଙ୍କର ଲକ୍ଷ୍ମ୍ୟ. ଯିଏ ନିଜ ମୃତ୍ୟୁ ସମ୍ବନ୍ଧରେ ଭବିଷ୍ୟତ ବାଣୀ ଶୁଣେ, ସିଏ ପାଗଳ ନହୋଇ ରହିବ କିପରି । କଠୋର ମୃତ୍ୟୁର ନିର୍ଦ୍ଦେଶ ଜାଣିଲା ପରେ କଂସ ରାଜା ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ଭାଙ୍ଗିରୁଜି ଖଣ୍ଡ ଖଣ୍ଡ କରିଦେବାକୁ ଲାଗୁଥିଲା । ସ୍ୱର୍ଗରେ ଦେବତାମାନଙ୍କ ଉପରେ ଅତ୍ୟାଚାର ସାଙ୍ଗକୁ ମର୍ତ୍ତ୍ୟରେ ମଣିଷମାନଙ୍କୁ ସେ ଶାନ୍ତିରେ ରହିବାକୁ ଦେଲେ ନାହିଁ । ଛଅଟି ନିରୀହ ଶିଶୁ ହତ୍ୟାର ପାପରେ ଜର୍ଜରିତ ହୋଇ ମାତା ପୃଥିବୀକୁ ବାସୁକୀ ଆଉ ଧରି ରଖିବାକୁ ରାଜିହେଲେ ନାହିଁ ।

ଏ ଅତ୍ୟାଚାରର ବିବରଣୀ ଗୋଲକବିହାରୀ ବିଷ୍ଣୁଙ୍କ କାନରେ ପଡ଼ିଲା । ପୃଥିବୀରେ ଯେତେବେଳେ ପାପର ଭାରା ଅତ୍ୟଧିକ ହୁଏ, ସେତେବେଳେ ତାକୁ ପାପରୁ ରକ୍ଷାକରି ଧର୍ମ ସଂସ୍ଥାପନ ପାଇଁ ପ୍ରଭୁ ସ୍ୱୟଂ ଧରାବତରଣ ହୁଅନ୍ତି । କଂସର ଅକଥନୀୟ ଅତ୍ୟାଚାରରୁ ପୃଥିବୀବାସୀଙ୍କୁ ରକ୍ଷା କରିବାକୁ ଭଗବାନ ବିଷ୍ଣୁ ଦୁର୍ଗାଙ୍କୁ ସ୍ମରଣ କଲେ । ଦେବୀ ଦୁର୍ଗା ବିଷ୍ଣୁଙ୍କ ସମୀପରେ ଉପସ୍ଥିତ ହୁଅନ୍ତେ ପ୍ରଭୁ ତାଙ୍କୁ ଆଦେଶ ଦେଲେ :

ଅମ୍ବିକା ଶୁଣ ମୋ ଉତ୍ତର । ବହନ ଯାଅ ମର୍ତ୍ତ୍ୟପୁର ॥
ଜନ୍ମିବୁ ଯଶୋଦା ଉଦରେ । ମୁଁ ପୁଣି ଯିବି ମଣ୍ଡପୁରେ ॥
ଦେବକୀ ଗର୍ଭେ ହେବି ଜାତ । ମୋତେ ଘେନିଣ ଯିବେ ତାତ ॥
ତୋତେ ଆଣିବେ ମୋତେ ଥୋଇ । ଏ କଥା ନଜାଣିବେ କେହି ॥

ପ୍ରଭୁ ବନମାଳୀଙ୍କ ଆଦେଶ ବହନ କରି ସେହି ଦିନ ରାତିରେ ଯୋଗମାୟା ନିଦ୍ରିତା ଦେବକୀଙ୍କ ଗର୍ଭରୁ ଅନନ୍ତଙ୍କୁ ହରଣ କରି ରୋହିଣୀ ଦେବୀଙ୍କ ଗର୍ଭରେ ରଖିଲେ । ନିଜେ ଯଶୋଦାଦେବୀଙ୍କ ଗର୍ଭରେ ଅବସ୍ଥାନ କଲେ । ଆଉ ଭଗବାନ ବିଷ୍ଣୁଙ୍କର ଆଗମନ ପାଇଁ ଅପେକ୍ଷା କରି ରହିଲେ ।

ଏଣେ କଂସ ବନ୍ଦୀଶାଳାରେ ଦେବକୀଙ୍କର ଗର୍ଭରେ ଏକ ନୀଳବର୍ଣ୍ଣର ଜ୍ୟୋତି ଧୀରେ ଧୀରେ ପ୍ରବେଶ କଲା । କୃଷ୍ଣ ଦେବକୀଙ୍କର ଜଠର ମଣ୍ଡନ କରନ୍ତେ ତାଙ୍କର ପ୍ରଚଣ୍ଡ ତେଜରେ ଦେବକୀଙ୍କ ଉଦର ସୁନ୍ଦର ଦିଶିଲା । ଦେବକୀଙ୍କର ଗର୍ଭବାସ କଥା କ୍ଷଣକ ମଧ୍ୟରେ ଦୂତୀକା ମାଧ୍ୟମରେ କଂସାସୁରକୁ ଜଣାଇ ଦିଆଗଲା ।

ମୃତ୍ୟୁର ନିର୍ଦ୍ଦିଷ୍ଟ ଲଗ୍ନ ଏଣିକି ନିଜ ଆଙ୍ଗୁଠି ଗଣାରେ ରହିଲା କଂସର । ପ୍ରବଳ ପ୍ରତାପୀ କଂସର ମସ୍ତିଷ୍କରେ କୋଟି କୋଟି ବଜ୍ର ଫାଟି ପଡ଼ୁଥିଲା ସତେ ଯେପରି ।

ହରିଙ୍କି କଲା ମହାଭୟ । କ୍ଷଣ କ୍ଷଣକେ କମ୍ପେ କାୟ ॥
ଅଶନ ଶୟନ ଭୋଜନେ । ସ୍ନାନ ବିହାର ଜଳପାନେ ॥
ଗୋଡ଼ାଇଛନ୍ତି ଯେହ୍ନେ ହରି । କମ୍ପଇ ମହାଭୟ କରି ॥

ଜୀବନ ପାଇଁ ମୃତ୍ୟୁର ଯନ୍ତ୍ରଣାରେ ଅସ୍ଥିର ହୋଇ ସେ କଠୋର ଆଦେଶ ଦେଲା ପରିଚାରକମାନଙ୍କୁ "ଯାଅ ଆଜିଠାରୁ ଦେବକୀ ଓ ବସୁଦେବଙ୍କର ବନ୍ଧନ ଅଧିକ କଠୋର କରିଦିଅ । ସେମାନଙ୍କର ହସ୍ତପଦକୁ ଗୋଟିଏ ଲୌହ ଶୃଙ୍ଖଳରେ ଆବଦ୍ଧକର । ସକାଳେ, ମଧ୍ୟାହ୍ନରେ ଓ ସନ୍ଧ୍ୟାରେ ଭିନ୍ନ ଭିନ୍ନ ପ୍ରହରୀଗଣ ବନ୍ଦୀଶାଳାକୁ ସତର୍କ ଦୃଷ୍ଟି ରଖନ୍ତୁ ।"

କଂସର ଆଦେଶରେ ଏଣିକି ବନ୍ଦୀଶାଳାରେ ପ୍ରତିଦିନ ତିନିଥର ରକ୍ଷୀ ବଦଳ ଆରମ୍ଭ ହୋଇଗଲା । ସମଗ୍ର ମଥୁରାପୁରୀରେ କଂସର ଅନୁଗାମୀ ଗୁପ୍ତଚରଗଣ ବୁଲିବୁଲିଲେ ଜନସାଧାରଣଙ୍କ ମତିଗତି ଲକ୍ଷିବାକୁ । ମଥୁରା ଓ ନନ୍ଦପୁର ମଧ୍ୟରେ ଥିବା ସୀମାରେଖା ଯମୁନା ନଦୀର ବିଭିନ୍ନ ଘାଟରେ କଡ଼ା ନିରାପତ୍ତା ବ୍ୟବସ୍ଥା ଜାରି କରାଗଲା ଓ ସର୍ବୋପରି ମଥୁରାନଗରୀର ରାଜପଥରେ ରାତ୍ରିରେ କାଳେ କିଏ ବିଚରଣ କରୁଥିବ – ଏହା ତଦାରଖ କରିବା ପାଇଁ ରାଜା ଉଗ୍ରସେନ କଂସର ନିର୍ଦ୍ଦେଶରେ ପ୍ରହରୀ ରୂପେ ନିଯୁକ୍ତ ହେଲେ ।

ଏତେ କଠୋର ବ୍ୟବସ୍ଥା ମଧ୍ୟରେ ମଧ୍ୟ ମଥୁରାର ନରନାରୀ ସେହି ଦୈବୀ ନିର୍ଦ୍ଦିଷ୍ଟ ଦେବ ମୁହୂର୍ତ୍ତକୁ ନିରବରେ ଅପେକ୍ଷା କରି ରହିଲେ । ମାସ ପରେ ମାସ ବିତିଯାଇ ଶେଷରେ ଦେବକୀଙ୍କ ଗର୍ଭଧାରଣ ଦଶମାସରେ ପହଞ୍ଚିଗଲା । ମଥୁରାନଗରୀର ସୁଶୋଭିତ ରାଜବାଟୀ ଓ ତତ୍‌ସଂଲଗ୍ନ ବନ୍ଦୀଶାଳା ସତେ ଯେପରି ସେନାଛାଉଣୀରେ ପରିଣତ ହୋଇଯାଇଛି । ନଗରୀବାସୀ ସମ୍ପୂର୍ଣ୍ଣ ରୂପେ ବନ୍ଦୀ । ଏପରିସ୍ଥଳେ କଂସର ଛଅଣ ଚକ୍ଷୁରୁ ସେହି ଅନାଗତ ବିଧାତା କିପରି ବା ନିଭୃତରେ ଖସିଯାଇ ନନ୍ଦପୁରରେ ପହଞ୍ଚିବେ ?? ଅସୁର ପ୍ରହରୀମାନଙ୍କୁ ମୋହଗ୍ରସ୍ତ କରିବାକୁ ପଡ଼ିବ !!

ଦେବୀ ଦୁର୍ଗା ମେଘ ଓ ବାୟୁଦେବଙ୍କୁ ଆଦେଶ ଦେଲେ – "ବାୟୁଦେବ ! ଏବେ ଗୋଲକବିହାରୀ ବିଷ୍ଣୁଙ୍କର ଧରାବତରଣ ସମୟ ସମାଗତ । ଆପଣ ମେଘକୁ ଆଦେଶ ଦିଅନ୍ତୁ ସେ ବଜ୍ର ବିଦ୍ୟୁତ ଝଡ଼ମ୍ଭମସ୍ତ ଘନରେ ମଥୁରା ନଗରୀକୁ ଆଚ୍ଛାଦିତ କରିଦେଉ । ପ୍ରଚଣ୍ଡ ବେଗରେ ବାତ୍ୟା ବହି କଂସ ନିରାପତ୍ତା ରକ୍ଷୀମାନଙ୍କୁ ବିପର୍ଯ୍ୟସ୍ତ କରିଦେଉ । ନିଦ୍ରାଦେବୀ କଂସ ରାଜପୁରୀର ସମସ୍ତ ଆରକ୍ଷୀବାହିନୀଙ୍କୁ ଗଭୀର ନିଦ୍ରାରେ ଆଚ୍ଛାଦିତ କରନ୍ତୁ ଓ ପରିଶେଷରେ ଦେବକୀ ମାତାଙ୍କୁ ଶୃଙ୍ଖଳ ମୋଚନ ହେବା ସଙ୍ଗେ ସଙ୍ଗେ ବନ୍ଦୀଶାଳାର ମୁଖ୍ୟଦ୍ୱାର ସାମୟିକୀଭାବରେ ଉନ୍ମୁକ୍ତ ହୋଇଯାଉ ।"

ଠିକ୍ ଏହା ପରେ ପରେ ମଥୁରାନଗରୀକୁ ସାତମେଘ ଘେରିଗଲେ ବିକଟାଳ ରୂପ ଧରି । ମୁଷଳଧାରାରେ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ଅଣଶ୍ୱାସ ପବନ ବହିଲା । ବାତ୍ୟାର ପ୍ରଚଣ୍ଡ ଘୂର୍ଣ୍ଣିକୁଣ୍ଡଳୀରେ ରାଜପଥର ବୃକ୍ଷରାଜି ଭାଙ୍ଗିପଡ଼ି ପଥ ଅବରୋଧ କରିଦେଲା । ଘନଘନ ବିଜୁଳି ସାଙ୍ଗକୁ ବଜ୍ରର ଗର୍ଜନରେ ମଥୁରା ଛିନ୍ନଛନ୍ନ ହୋଇପଡ଼ିଲା । ନଗରୀର ସମସ୍ତ ପ୍ରଜାଗଣ ରୁଦ୍ଧଦ୍ୱାର ହୋଇ ରହିଲେ । କଂସର ରାଜପ୍ରାସାଦରୁ ବନ୍ଦୀଶାଳାକୁ ଆଉ ସମ୍ବାଦ ଆଦାନ ପ୍ରଦାନ ସମ୍ଭବ ହୋଇପାରିଲା ନାହିଁ । ବନ୍ଦୀଶାଳାର ପ୍ରହରୀଗଣ ହଠାତ୍ କ୍ଲାନ୍ତି ଅନୁଭବ କରି ଗଭୀର ନିଦ୍ରାରେ ବେହୋସ ହୋଇପଡ଼ିଲେ । ଯେତେବେଳେ ମଥୁରାପୁରୀରେ ପ୍ରକୃତି ଏପରି ଉନ୍ମାଦଗ୍ରସ୍ତ ହୋଇପଡ଼ିଥିଲା, ଠିକ୍ ସେତିକିବେଳେ ଦେବକୀର ବିକଟ ଚିତ୍କାର ମଧ୍ୟରେ ଶିଶୁକୃଷ୍ଣ ଜନ୍ମ ହେଲେ ।

ଆକାଶେ ଉଦେ ନିଶାକର । ଗୋବିନ୍ଦ ଉଦରୁ ବାହାର ॥
ପୀତବସନ କଟୀ ଶୋଭେ । ରୂପ କୋଟିଏ କାମ
ମୋହେ ॥
ଦିଶଇ ସଙ୍ଖ ଚକ୍ର ଦେହ । ମର୍କତସ୍ତମ୍ଭ ଚତୁର୍ଭୁଜ ॥
ଶ୍ରୀବତ୍ସ ଚିହ୍ନ ହୃଦେ ଶୋଭେ । ରତ୍ନ ପାଦୁକା ବେନି
ପାଏ ॥
ଅପୂର୍ବ ରୂପ ଯୋଗେଶ୍ୱର । ଦେବ ମାନବେ ଅଗୋଚର ॥

କୃଷ୍ଣ ଜନ୍ମ ମାତ୍ରେ ହିଁ ପୃଥିବୀ ଶାନ୍ତ ହେଲା । ଅମୀୟ ଗନ୍ଧଭରା ପବନ ମଧୁପରରେ ବହିବାକୁ ଲାଗିଲା । ଉଚ୍ଛଳା ଯମୁନା ତଟସ୍ଥ ବୃକ୍ଷ ଶାଖାରେ ପୁଣି ପକ୍ଷୀଗଣ ଗାଇ ଉଠିଲେ । ଶୀତଳ ପବନର ମଧୁସ୍ପର୍ଶରେ ଦେବକୀ ଚେତନା ପାଇ ନିଜ କୋଳରେ ଶୋଇ ରହିଥିବା ଶିଶୁ କୃଷ୍ଣଙ୍କୁ ଦେଖି ପୁଲକି ଉଠିଲେ । ଏପରି ସୁନ୍ଦର ଜ୍ୟୋତିର୍ମୟ ପୁତ୍ରକୁ କ'ଣ ସେ ଜନ୍ମଦେଇ ପାରିଛନ୍ତି !! ଏ କଥା କ'ଣ ଜଗତ ବିଶ୍ୱାସ କରିବ ?? ପୁଣି ଏଭଳି ପୁତ୍ରକୁ ଆସନ୍ତା ପ୍ରଭାତରେ ତ' କଂସ ଶିଳାରେ ପିଟି ମାରିଦେବ !! ଦେବକୀ କୋହ ଜର୍ଜରିତ କଣ୍ଠରେ କହିଲେ :

"ମୋର ଉଦରୁ ତୋର ଜାତ । ଲୋକେ କରିବେ କାହୁଁ
ସତ ॥
ତୋ ରୂପ ନଜାଣନ୍ତି କେହି । କଂସକୁ ଡର ମୋର
ହୋଇ ॥
ତୁ ଏବେ ରକ୍ଷା କରି ତୋତେ । କଂସକୁ ନଯାଉ
ପରତେ ॥"

ବିଶ୍ୱରୀ ଛଅ ଛଅଥର ସନ୍ତାନ ପ୍ରସବ କରି ଜନନୀ ହୋଇପାରି ନଥିବା ଦେବକୀଙ୍କର ଲୁହବୋଳା ଚକ୍ଷୁକୁ ଦେଖି କୃଷ୍ଣଙ୍କର ହୃଦୟରେ ଅନୁକମ୍ପା ଜାତ ହେଲା । ସେ ମାତା ଦେବକୀଙ୍କୁ କୋମଳ କଣ୍ଠରେ କହିଲେ – "ଜନନୀ ଗୋ ! କଂସର ତୁମପ୍ରତି ଅକଥନୀୟ ଅତ୍ୟାଚାରକୁ ସହି ନପାରି ତାର ବିନାଶ ପାଇଁ ମୁଁ ତୁମର ମହନୀୟ ଉଦର ମଣ୍ଡନ କରିଥିଲି । ତୁମ ପବିତ୍ର ଉଦରରେ ମୋର ଦୀର୍ଘ ଦଶମାସ ଧରି ଜୀବନ ଧାରଣ ଯୋଗୁଁ ମୁଁ ଧନ୍ୟ ହୋଇଛି । ମାତା ଗୋ ! ଏବେ ମନରୁ ସମସ୍ତ ଦୁଃଖ ଦୂରକରି ମୋ ଦ୍ୱାରା କଂସର ନିଧନ ପାଇଁ, ମୋତେ କିଛିକାଳ ତୁମଠାରୁ ଦୂରରେ ରହିବାକୁ ଅନୁମତି ଦିଅନ୍ତୁ । ମୁଁ ଯଥା ସମୟରେ ପୁଣି ମଥୁରା ଫେରି କୋଳ ମଣ୍ଡନ କରିବି ।"

ଏହାପରେ ପ୍ରଭୁ ବସୁଦେବଙ୍କୁ ତାଙ୍କୁ ନନ୍ଦଘରେ ପହଞ୍ଚାଇ ଦେବାକୁ ଆଦେଶ କରି ନରବାଳକ ରୂପ ଧାରଣ କଲେ । ରାତି ଅତିକ୍ରାନ୍ତ ହେବାକୁ ଲାଗୁଥିଲା । ଏଇ ମାତ୍ର ଝଡ଼ ବତାସ କମିଛି । ଏତିକିବେଳେ କୃଷ୍ଣଙ୍କୁ ନେଇଯିବାଟା ହିଁ ସବୁଠାରୁ ସହଜ ଓ ସୁବିଧା ହେବ ।

ବସୁଦେବ ଚଞ୍ଚଳ ହୋଇଉଠିଲେ । କୃଷ୍ଣଙ୍କୁ ଆଦରରେ ଧରି କୋଳକୁ ନେଲେ । ବନ୍ଦୀଶାଳାରୁ ବାହାରିବେ କିପରି ଚିନ୍ତାକଲେ । ସେ ଯେ ଶୃଙ୍ଖଳିତ !! କିନ୍ତୁ ହଠାତ୍....

ଫିଟିଲା ପାଦର ଶାଙ୍କୁଳି । ବାଟ କଢ଼ାଇଲା ବିଜୁଳୀ ॥
କୋଳରେ ଦେଖି ନାରାୟଣ । କବାଟ ଫିଟିଲା ତକ୍ଷଣ ॥
ନିଦ୍ରାରେ ମୋହିତ ସବଳ । ବୃଷ୍ଟି କରନ୍ତି ମେଘମାଳ ॥
ତିନ୍ତିବା ଦେଖି ଜଗନ୍ନାଥ । ଫଣାରେ ଢାଙ୍କିଲା ଅନନ୍ତ ॥

ଖୁବ୍ ତରତର ହୋଇ ଅଥଚ ଅତି ସନ୍ତର୍ପଣରେ ରାତିର ଅନ୍ଧକାରକୁ କାଟି ବସୁଦେବ ଧାଉଁଥିଲେ ଯମୁନା କୂଳକୁ ନଦୀପାର ହେବାପାଇଁ । ନଦୀର ଆରପଟରେ ଗୋପପୁର । ପ୍ରଭୁଙ୍କର ଆଦେଶ ନନ୍ଦପୁରରେ ତାଙ୍କୁ ମାତା ଯଶୋଦାଙ୍କ କୋଳରେ ଥୋଇଦେବା ପାଇଁ । ଏହି ସମୟରେ ହଠାତ୍ ଏକ ନର ଖାଦକଭଳି କିଏ ଜଣେ ତାଙ୍କ ସମ୍ମୁଖରେ ଠିଆହୋଇ ଚିତ୍କାର କଲା – 'ରେ ରେ ଚୋର ! ଏ ଅନ୍ଧକାର ଝଡ଼ବୃଷ୍ଟି ରାତ୍ରିରେ ତୁ ଯାଉଛୁ କୁଆଡ଼େ ? କଂସର କଠୋର ଆଦେଶ କ'ଣ ତୁ ଜାଣିନୁ ?"

ବସୁଦେବ ସ୍ୱରବାରି କିଞ୍ଚିତ ଆଶ୍ୱସ୍ତ ହେଲେ । ଏ କଣ୍ଠସ୍ୱର ତାଙ୍କରି ଶ୍ୱଶୁର ରାଜା ଉଗ୍ରସେନଙ୍କର । ଏଥର ଦମ୍ଭଧରି ସେ କହିଲେ – "ହେ ପିତଃ ! ମୋ କୋଳରେ ଦେବୀ ଦେବକୀଙ୍କର ଅଷ୍ଟମ ସନ୍ତାନ । କଂସର ହାତରୁ ଏହାକୁ ରକ୍ଷା କରିବାକୁ ମୁଁ ଗୋପନରେ ନନ୍ଦପୁରକୁ ନେଇଯାଉଛି । ଏ ସନ୍ତାନ ପ୍ରତି ତୁମେ ଦୟାକର । ମୋତେ ପଥ ଛାଡ଼ିଦିଅ ।'

କିନ୍ତୁ କର୍ତ୍ତବ୍ୟପରାୟଣ ଉଗ୍ରସେନ କଠୋର ହୁଅନ୍ତେ, ବସୁଦେବ ପ୍ରମାଦ ଗଣିଲେ । ନିଜ ଜୀବନ ପ୍ରତି ତାଙ୍କର ଲୋଭ ନଥିଲା । ଲୋଭ ହେଉଥିଲା କୃଷ୍ଣଙ୍କର କଅଁଳ ଦେହ ପ୍ରତି ।

ପିତାଙ୍କର ହତାଶଭାବ ଦେଖି ମଥାରେ ସ୍ମିତ ଭଗବାନ କୃଷ୍ଣ ରାଜା ଉଗ୍ରସେନଙ୍କୁ ସମ୍ବୋଧନ କରି କହିଲେ :

ତୁ କି ନଜାଣୁ ଉଗ୍ରସେନ । ଆମ୍ଭେ ଯେ ପ୍ରଭୁ ଭଗବାନ୍ ॥
ଭାରା ଯେ ନସହିଲା ମହୀ । ଏହା ଯେ ନିବାରିବି
ମୁହିଁ ॥
ଏ କଥା ପ୍ରଘଟ ନକର । ଆମ୍ଭେ ହୋ ଯିବୁ
ଗୋପପୁର ॥

ଉଗ୍ରସେନ ମହାରାଜା କୃଷ୍ଣ ଭକ୍ତ ବୋଲି କଂସକୁ ରାଜ୍ୟ ସମର୍ପିଦେଇ ପୁତ୍ର ନିକଟରେ ପ୍ରହରୀ ହୋଇ ରହିଥିଲା । ରାଜ ସିଂହାସନରୁ ଓହ୍ଲାଇ ଆସିଲାବେଳେ ଯେଉଁ ପ୍ରଭୁଙ୍କୁ ସେ ଚିନ୍ତା କରୁଥିଲେ, ସେହି ପ୍ରଭୁ ଯଦି ଆଜି ଏତେ ପାଖରେ କଥା କହୁଛନ୍ତି, ତେବେ ତାଙ୍କୁ ଦର୍ଶନ କରି ନିଜକୁ ମୋକ୍ଷ ନକରିବେ କାହିଁକି ?? ସେ ହାତଯୋଡ଼ି ଉପରକୁ ଦେଖି ପ୍ରାର୍ଥନା କଲେ – "ପ୍ରଭୁ ! ମୋତେ ତାହାହେଲେ ନିଜର ସ୍ୱରୂପ ଦର୍ଶନ କରାଇ କୃତାର୍ଥ କରାନ୍ତୁ ।"

"ଭୃତ୍ୟକୁ ତୋଷେ ଭାବଗ୍ରାହୀ । ଶଙ୍ଖ ଚକ୍ର ଚିହ୍ନ
ଦେଖାଇ ॥

ପ୍ରଭୁ ନିଜର ସ୍ୱରୂପ ଦର୍ଶନ କରାନ୍ତେ ରାଜା ଉଗ୍ରସେନ ବସୁଦେବଙ୍କୁ ପଥ ଛାଡ଼ିଦେଲେ । ବସୁଦେବ ସ୍ୱସ୍ତିରେ ନିଶ୍ୱାସ ମାରି ପୁତ୍ରକୁ କୋଳରେ ଧରି ଯମୁନା କୂଳରେ ପହଞ୍ଚିଲେ । ଯମୁନା କୂଳ ଲଙ୍ଘିଛି । କୃଷ୍ଣ ଚରଣ ସ୍ପର୍ଶ ପାଇଁ ଉନ୍ମାଦିନୀ ହୋଇଛି । ପାଣିରେ କୂଳକୁ ଫୁଲାଇଛି ।

ବସୁଦେବ ଥରେ ମଥୁରାନଗରୀ ଆଡ଼କୁ ପଛେଇ ଚାହିଁଲେ । ପୁଣି ଆଗରେ ନନ୍ଦପୁରକୁ ନିରେଖିଲେ । ତା'ପରେ ଯମୁନା ମଧ୍ୟକୁ ପଶିଗଲେ ଲୁପ୍‌ଲୁପ୍ ହୋଇ । କୋଳରେ ଯେତେବେଳେ ଜଗତକର୍ତ୍ତା, ତାଙ୍କର ଭୟ ଆଉ କାହାକୁ ??

ଯମୁନା ପାଣି ବସୁଦେବଙ୍କର ନାସିକା ଛୁଇଁଲା । ପାଣିର ଉଚ୍ଛୁଳା ଢେଉ କୃଷ୍ଣଙ୍କ ପାଦ ସ୍ପର୍ଶ କଲା । ଯୁଗ ଯୁଗର ମନୋରଥ ପୂର୍ଣ୍ଣ ହେଲା । ଏଣିକି ଯମୁନା ଦୁଇଭାଗ ହୋଇଗଲା ।

× × × ×

× × × ×

କହିବା ବାହୁଲ୍ୟ ଯେ ପରଦିନ ପ୍ରଭାତରେ କଂସଙ୍କୁ ଦୂତ ଖବର ଦେଇଥିଲା ଯେ ବିଗତ ରଜନୀର ଉତ୍ତୀର୍ଣ୍ଣ ଲଗ୍ନରେ ଦେବକୀ ଏକ କନ୍ୟା ପ୍ରସବ କରିଛନ୍ତି । ଦେବକୀ ଓ ବସୁଦେବଙ୍କର କଠୋର ଶୃଙ୍ଖଳରେ ସାମାନ୍ୟ ଶିଥିଳତା ଅବଲମ୍ବନ କରାଯାଇ ନାହିଁ । କଂସ ଆଖିରେ ଆଶ୍ଚର୍ଯ୍ୟଭାବ — କନ୍ୟା ! ଏହା ସମ୍ଭବ ହେଲା କିପରି ???


ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର-୩, ପୁରୀ ।



ଲୋକସଭା ବାଚସ୍ପତି ଶ୍ରୀ ରବି ରାୟ ଦୂରସଞ୍ଚାର ପ୍ରଶାସନିକ ଭବନ ଉଦ୍‌ଘାଟନ କରୁଛନ୍ତି

# IMFA
# A Profile of Growth and Commitment

It is due to the vision, courage and industry of IMFA that production of Ferro Alloys is an Indian technology today. Technology that has broken new grounds and made the IMFA Group the largest Ferro Alloys producer in Asia.



**The trail-blazer in Ferro Alloys**

DELTA

IMFA GROUP

**INDIAN METALS & FERRO ALLOYS LTD.**
**INDIAN CHARGE CHROME LTD.**
Bhubaneswar-751010, Orissa.

# କଳାହାଣ୍ଡି ଜିଲ୍ଲାରେ ହରଡ଼ ଓ ଚିନାବାଦାମ ମିଶ୍ରିତ ଚାଷ

*ଡକ୍ଟର ଦାମୋଦର ଲେଙ୍କା*

କଳାହାଣ୍ଡି ଜିଲ୍ଲାର ଆୟତନ ପ୍ରାୟ ୧୧,୬୮,୦୦୦ ହେକ୍ଟର । ଏଥିରୁ ନିଟ୍ ଚାଷ ଜମି ପ୍ରାୟ ୫,୧୪,୦୦୦ ହେକ୍ଟର । ଏହି ଜମିର ୫୪ ଭାଗ ଡିପ, ୨୬ ଭାଗ ମଧ୍ୟମ ଓ ୨୦ ଭାଗ ଖାଲ ଜମି । ଖରିଫ୍ ଋତୁରେ ପ୍ରାୟ ୨, ୭୮,୦୦୦ ହେକ୍ଟର ଜମିରେ ଧାନ ଚାଷ ହୁଏ । ଧାନ ଚାଷ ଜମି ମୋଟ ଚାଷ ଜମିର ପ୍ରାୟ ୫୪–୫୫ ଭାଗ । ଧାନ ଚାଷ ହେଉଥିବା ଜମିର ଶତକଡ଼ା ୩୬ ଭାଗ ଡିପ, ୨୮ ଭାଗ ମଧ୍ୟମ ଓ ୩୫ ଭାଗ ଖାଲ ଜମି । ଜଳସେଚନ ପରିମାଣ ଅତି କମ୍ । ମାତ୍ର ୪୧,୨୧୮ ହେକ୍ଟର ଜମିରେ ଖରିଫ୍ ଋତୁରେ ଓ ୧୨,୯୨୩ ହେକ୍ଟର ଜମିରେ ରବି ଋତୁରେ ଜଳସେଚନର ସୁବିଧା ଅଛି । ଏ ପରିମାଣ ଚାଷ ଜମିର ସାତ ଭାଗ ଖରିଫ୍ ଋତୁରେ ଓ ଦୁଇଭାଗ ରବି ଋତୁରେ ମାତ୍ର । ଏଣୁ କୃଷି ସମ୍ପୂର୍ଣ୍ଣଭାବରେ ବୃଷ୍ଟି ପ୍ରସୂତ । ବୃହତ୍ ଓ ମଧ୍ୟମ ଧରଣର ଜଳସେଚନ ଯୋଜନା ଦ୍ୱାରା ଖରିଫ୍ ଓ ରବି ଋତୁରେ ମାତ୍ର ୧୨,୫୨୦ ଓ ୪,୦୦୦ ହେକ୍ଟର ଜଳସେଚନର ସୁବିଧା ଅଛି ।

ଏହି ଜିଲ୍ଲାର ହାରାହାରି ବୃଷ୍ଟିପାତ ୧୯୭୨ ସୁଦ୍ଧା ବର୍ଷକୁ ୧୩୬ ସେ: ମି: ଥିଲା । ବର୍ତ୍ତମାନ ଏହା ପ୍ରାୟ ୧୨୪ ସେଣ୍ଟିମିଟରକୁ ହ୍ରାସ ପାଇଲାଣି । ଫସଲ ଲାଗି ଆବଶ୍ୟକ ଜଳ ପରିମାଣ ଦୃଷ୍ଟିରୁ ଏତିକି ବୃଷ୍ଟି ଯଥେଷ୍ଟ ବୋଲି ବିବେଚିତ ହେଲେ ମଧ୍ୟ ବୃଷ୍ଟିର ଅନିୟମିତତା ଓ ଅନିଶ୍ଚିତତା ହେତୁ ଧାନ ଫସଲ ମରୁଡ଼ିର ସମ୍ମୁଖୀନ ହୁଏ । ଭବାନୀପାଟଣା ତୁଳନାରେ ଜୁନାଗଡ଼, ନୌପଡ଼ା ଓ ଖଡ଼ିଆଳରେ କମ୍ ବର୍ଷା ହୁଏ । ମୋଟ ବୃଷ୍ଟିପାତର ୬୬ ଭାଗ ଜୁଲାଇରୁ ନଭେମ୍ବର ଭିତରେ ମିଳିଥାଏ । ମୃତ୍ତିକାର ପ୍ରକୃତି ଅନୁସାରେ ଡିପ ଜମିରୁ ଏହି ଜଳ ତଳକୁ ବହିଯାଏ ଏବଂ ଡିପ ଜମିରେ ମରୁଡ଼ି ଦେଖାଯାଏ । ମୃତ୍ତିକା ଜଳ ଧାରଣ କରେ ଏବଂ ସଞ୍ଚୟ କରି ରଖେ । ଏହି ଜଳ ଫସଲ ତାର ଚେର ସାହାଯ୍ୟରେ ଶୋଷଣ କରି ବଢ଼େ । ମୃତ୍ତିକା ବେଶୀ ଗଭୀର ହେଲେ ଓ ତାର ଜଳ ଧାରଣ ଶକ୍ତି ଅଧିକ ହେଲେ ଫସଲ ସହଜରେ ବଢ଼ିପାରେ । କିନ୍ତୁ ମୃତ୍ତିକା ଯଦି ଅନୁର୍ବର, ଫସଫସିଆ ଓ କମ୍ ଜଳ ଧାରଣ ଶକ୍ତିଯୁକ୍ତ ହୋଇଥାଏ, ସେଥିରେ ଫସଲ ଭଲ ବଢ଼ିପାରେ ନାହିଁ, ତାର ଚେର ବହୁତ ତଳକୁ ଯାଇପାରେ ନାହିଁ ଓ ତାର ଅମଳ କମିଯାଏ ।

ଏହି ଜିଲ୍ଲାର ମୃତ୍ତିକାକୁ ସାଧାରଣତଃ ନାଲି, କଳା ସହିତ ନାଲି ମିଶ୍ରିତ ଓ କଳାମାଟି ରୂପେ ୩ ପ୍ରକାରରେ ବିଭକ୍ତ କରାଯାଇପାରେ । ନାଲି ମାଟି ବେଶୀ ଉତ୍ପାଦନକ୍ଷମ ନୁହେଁ । କାରଣ ଏଥିରେ କର୍ଦ୍ଦମ ଅଂଶ କମ୍, ଏହି ମାଟିର ଗଭୀରତା ମଧ୍ୟ କମ୍ । ଏହାର ଜଳ ଧାରଣ ଶକ୍ତି ମଧ୍ୟ କମ୍ । ପରୀକ୍ଷାରୁ ଜଣାପଡ଼େ ଯେ ଏପରି ନାଲି ମାଟିର କ୍ଷେତ୍ର ଧାରଣ ଶକ୍ତି ପ୍ରାୟ ୧୪ ଭାଗ ଓ ଝାଉଁଳା ଶକ୍ତି ୪ ଭାଗ । ଏଣୁ ସୁଲଭ୍ୟ ଜଳ ପରିମାଣ ମାତ୍ର ୧୦ ଭାଗ । ଏକ ମିଟର ଗଭୀର ପରିଚ୍ଛେଦନାରେ ୧୦–୧୨ ସେ: ମି: ଜଳ ରହିଯାଏ । ମାଟି ଫସଫସିଆ ହୋଇଥିବାରୁ ଏହିରୁ ଶୀଘ୍ର ଜଳ ବୋହିଯାଏ ଓ ଶୁଖିଯାଏ । ମୃତ୍ତିକା ପ୍ରତିକ୍ରିୟା ଦୃଷ୍ଟିରୁ ବିଚାର କଲେ ଦେଖାଯିବ ଯେ ପ୍ରାୟ ୨୨ ଭାଗ ଅମ୍ଳୀ, ୫୫ ଭାଗ କ୍ଷାରୀ ଓ ୩୩ ଭାଗ ସାମାନ୍ୟ ଲବଣାକ୍ତ । ନାଲି ମାଟି ତୁଳନାରେ କଳାମାଟି ବେଶୀ ଉର୍ବର । ଏହାର ଜଳ ଧାରଣ ଶକ୍ତି ଓ ଉତ୍ପାଦିକା ଶକ୍ତି ବେଶୀ ।

ମୃତ୍ତିକାର ଗୁଣ ଓ ବୃଷ୍ଟିପାତ ଛଡ଼ା ଭୂପ୍ରକୃତି ମଧ୍ୟ ଫସଲ ଅମଳ ପାଇଁ ଦାୟୀ । ଆଟ ଜମିରେ ଶୀଘ୍ର ମରୁଡ଼ି ମାରେ କିନ୍ତୁ ବେର୍ଣ୍ଣା ଓ ବାହାଲ ଜମିରେ ଶୀଘ୍ର ମରୁଡ଼ି ମାରେ ନାହିଁ ।

କଳାହାଣ୍ଡି ଜିଲ୍ଲା ଓଡ଼ିଶାର ମରୁଡ଼ି ପ୍ରପୀଡ଼ିତ ଜିଲ୍ଲା ବୋଲି ଜଣାଶୁଣା । ପାହାଡ଼ିଆ ଅଞ୍ଚଳ ସମତଳ ଅଞ୍ଚଳଠାରୁ ଭିନ୍ନ । ନୌପଡ଼ା ସବ୍‌ଡିଭିଜନ୍, ଭବାନୀପାଟଣାର କିଛି ଅଂଶ ଏବଂ ପଶ୍ଚିମକୁ ଥିବା ଜୁନାଗଡ଼ ଓ ଧରମଗଡ଼ ପ୍ରାୟ ସମତଳ ଅଞ୍ଚଳ ଅନ୍ତର୍ଗତ । ନୌପଡ଼ା ସବ୍‌ଡିଭିଜନ୍‌ର ପଶ୍ଚିମାଂଶ ଓ ଭବାନୀପାଟଣା ଦକ୍ଷିଣ ପଶ୍ଚିମାଂଶ ପ୍ରାୟ ପାହାଡ଼ିଆ । ଏହି ଅଞ୍ଚଳରେ ବେଶୀ ମରୁଡ଼ି ବାଧେ ।

ଅନ୍ୟ ଫସଲମାନଙ୍କ ତୁଳନାରେ ଧାନ ଫସଲ ବେଶୀ ପାଣି ଦରକାର କରେ ଏବଂ କିଆରୀରୁ ପାଣି ଶୁଖିଲା ମାତ୍ରେ ଏହାର ବେଶୀ କ୍ଷତି ହୁଏ । ଏଣୁ ଏପରି ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଧାନ ଚାଷ ନକରି (ବିଶେଷତଃ ଡିପ ଜମିମାନଙ୍କରେ) ତା ବଦଳରେ ଅନ୍ୟାନ୍ୟ ଫସଲ ଯଥା–ହରଡ଼, ଚିନାବାଦାମ, ସୁଆର, ବାଜରା, ମକା, ମାଣ୍ଡିଆ, କପା, ଜଡ଼ା ଇତ୍ୟାଦି ଚାଷ କରାଯିବା ଉଚିତ ବୋଲି ଅନେକ ବର୍ଷ ଧରି ପରାମର୍ଶ ଦିଆହେଉଛି । ଗବେଷଣାରୁ ଜଣାପଡ଼ିଛି ଯେ ମାଣ୍ଡିଆ, ସୁଆର, ମକା ବା ଚିନାବାଦାମ ଧାନ ଫସଲଠାରୁ ଭଲ । ବର୍ଷା ଭଲ ହେଲେ ଧାନ ଫସଲ ଭଲ ହେବ । କିନ୍ତୁ ବର୍ଷା କମ୍ ହେଲେ ଧାନ ଫସଲର ଅମଳ ଅନ୍ୟ ଫସଲ ତୁଳନାରେ ବେଶୀ କମିଯିବ । ଏଣୁ ଧାନ ଫସଲ ପରିବର୍ତ୍ତେ ଡିପ ଜମିରେ ଏପରି ଅନ୍ୟାନ୍ୟ ଫସଲ ଚାଷ କରିବା ଆବଶ୍ୟକ । ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ଗବେଷଣା କେନ୍ଦ୍ରର ଗବେଷଣା ଫଳରୁ ଜଣାପଡ଼େ ଯେ ଡିପ ଜମି ପାଇଁ ହରଡ଼ ଏକ ଉପଯୁକ୍ତ ଫସଲ । ଓଡ଼ିଶାରେ ପ୍ରାୟ ୧୧୮,୦୦୦ ହେକ୍ଟର ଜମିରେ ହରଡ଼ ଚାଷ କରାଯାଇଥାଏ ଏବଂ ହେକ୍ଟର ପିଛା ହାରାହାରି ଅମଳ ପ୍ରାୟ ୬.୪ କ୍ୱିଣ୍ଟାଲ । କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୧୮,୨୫୦ ହେକ୍ଟର ଜମିରେ ହରଡ଼ ଚାଷ ହୁଏ । ଏହି ପରିମାଣ ଅନେକ ବଢ଼ିବାର ସୁବିଧା ଅଛି । ହରଡ଼ ପାଇଁ ଏ ଜିଲ୍ଲାର ଜଳବାୟୁ ଓ ମୃତ୍ତିକା ଉପଯୁକ୍ତ । ହରଡ଼ ଚେର ମାଟିରେ ବହୁତ ଦୂରକୁ ଯାଇପାରୁଥିବାରୁ ଏ ଫସଲ ତଳୁ ପାଣି ଓ ଖାଦ୍ୟସାର ସଂଗ୍ରହ କରି ନିଜର ଆବଶ୍ୟକତା ମେଣ୍ଟାଇଥାଏ । ମରୁଡ଼ି ହେଲେ ଏ ଫସଲର କିଛି କ୍ଷତି ହୁଏନାହିଁ । ଏଣୁ ଡିପ ଜମିରେ ଧାନ ଚାଷ ନକରି ହରଡ଼ ଚାଷ କରିବା ପାଇଁ ଅନୁମୋଦନ କରାଯାଇଛି ।

ଦୁଇଟି ବା ତାଠାରୁ ବେଶୀ ଫସଲ ଗୋଟିଏ ଜମିରେ କୌଣସି ନିର୍ଦ୍ଦିଷ୍ଟ ଅନୁପାତରେ ଧାଡ଼ିଧାଡ଼ି କରି ଲଗାଇଲେ ତାହାକୁ ଭିତର–ମିଶ୍ରିତ ଫସଲ କୁହାଯାଏ । ଗୋଟିଏ ଫସଲ ଦୁଇଧାଡ଼ି ମଝିରେ ଅନ୍ୟ ଫସଲଟିର ୧

ଧାଡ଼ି, ୨ ଧାଡ଼ି ବା ଅଧିକ ଧାଡ଼ି ସୁବିଧା ଅନୁସାରେ ଲଗାଯାଇଥାଏ । ଏହାକୁ ମୂଳ ଫସଲରେ ମଝି ଫସଲ କୁହାଯାଇଥାଏ । ଉଦାହରଣ ସ୍ୱରୂପ ଦୁଇଧାଡ଼ି ହରଡ଼ ମଝିରେ ୨-୩ କି ୪ ଧାଡ଼ି ଧାନ, ମାଣ୍ଡିଆ, ଚିନାବାଦାମ, ମୁଗ କିମ୍ବା ବିରି କିମ୍ବା ଉପଯୁକ୍ତ ଅନ୍ୟ ଫସଲ ଲଗାଯାଇପାରେ । ପ୍ରଥମ ମୁଖ୍ୟ ଫସଲ କଟା ହେବା ପୂର୍ବରୁ ମଝି ଫସଲ କଟା ବା ଉପଡ଼ା ହୋଇଯାଏ । ଦୁଇ ଫସଲର ଚେର ମାଟିର ସମାନ ଗଭୀରତାଠାରୁ ଖାଦ୍ୟସାର ଟାଣୁ ନଥିବାରୁ ମୃତ୍ତିକାର ଖାଦ୍ୟସାରର ଉପଯୁକ୍ତ ବିନିଯୋଗ ହୋଇଥାଏ । ମଝି ଫସଲଟି କଟା ହୋଇଗଲା ପରେ ମୁଖ୍ୟ ଫସଲ ତାର ସ୍ୱାଭାବିକ ଗତିରେ ବଢ଼େ । ଦୁଇ ଫସଲରୁ ମୋଟ ଅମଳ ଗୋଟିଏ ଫସଲ ଚାଷ କରିଥିଲେ ଯେତିକି ହୋଇଥାନ୍ତା, ତାଠାରୁ ଅଧିକ ହୁଏ । ଆଉ ଗୋଟିଏ ବିଶିଷ୍ଟ ଉପକାର ହେଲା – ଯଦି ଦୈବାତ୍ ଗୋଟିଏ ଫସଲ ନଷ୍ଟ ହୋଇଯାଏ ଅନ୍ତତଃ ଅନ୍ୟ ଫସଲରୁ କିଛି ଅମଳ ମିଳିବା ଦ୍ୱାରା କ୍ଷତି ଭରଣା ହୋଇଯାଏ । ଅନେକ କ୍ଷେତ୍ରରେ ଗୋଟିଏ ଫସଲର ବୃଦ୍ଧି ଓ ବିନାଶ, ଚେରର ଗୁଣ ଓ ଛାଇ ଅନ୍ୟ ଫସଲର ବୃଦ୍ଧି ଓ ବିକାଶରେ ସାହାଯ୍ୟ କରିଥାଏ । ଏଥିପାଇଁ ଗୋଟିଏ ଫସଲ ମଝିରେ ଅନ୍ୟ ଫସଲ ଚାଷ କରାଯାଏ ।

ଚିନାବାଦାମ ଗୋଟିଏ ମୁଖ୍ୟ ତୈଳଜାତୀୟ ଫସଲ । ଏହାର ଚେର ଧାନ ଅପେକ୍ଷା ବେଶୀ ଓ ହରଡ଼ ଅପେକ୍ଷା କମ୍ ଗଭୀରକୁ ଯାଏ । ଏ ଗଛ ମଧ୍ୟ ବେଶୀ ଉଚ୍ଚା ହୁଏନାହିଁ । ମାସକ ପରେ ପାଖକୁ ପାଖ ଲାଗିଯାଇ ମାଟିକୁ ଘୋଡ଼ାଇ ରଖେ । ଏହାର ଚେରରେ ଥିବା ଗାଣ୍ଠିରେ ମଧ୍ୟ ହରଡ଼ ଭଳି ଯବକ୍ଷାରଯାନ ସଂଗ୍ରହକାରୀ ବାକ୍ଟେରିଆ ଥାନ୍ତି । ସେମାନେ ଆକାଶରୁ ଯବକ୍ଷାରଯାନ ସଂଗ୍ରହ କରି ଫସଲର ଯବକ୍ଷାରଯାନ ଆବଶ୍ୟକତା ପୂର୍ଣ୍ଣ ବା ଆଂଶିକ ମାତ୍ରାରେ ପୂରଣ କରିଥାନ୍ତି । କଳାହାଣ୍ଡି ଜିଲ୍ଲାରେ ଚିନାବାଦାମ ୧୪,୩୦୦ ହେକ୍ଟର ଜମିରେ ଚାଷ କରାଯାଏ ଏବଂ ଏହାର ହାରାହାରି ଅମଳ ହେକ୍ଟର ପ୍ରତି ୧୪-୬' କ୍ୱିଣ୍ଟାଲ । ଢିପ ଜମିରେ ହରଡ଼ ସହିତ ଏହି ଫସଲ ଚାଷ କରାଯାଇ ମୋଟ ଉତ୍ପାଦନ ବୃଦ୍ଧି କରାଯାଇ ପାରିବ ଏବଂ ମରୁଡ଼ି କବଳରୁ ରକ୍ଷା ମିଳିବ । ଧାନ ପାଇଁ ଯାହା ମରୁଡ଼ି, ତାହା ଅନ୍ୟ ଫସଲ ପାଇଁ ମରୁଡ଼ି ନୁହେଁ । ୭୦ ସେ: ମି: ବ୍ୟବଧାନରେ ଦୁଇଧାଡ଼ି ହରଡ଼ ଲଗାଇ ମଝିରେ ୪ ଧାଡ଼ି ଚିନାବାଦାମ ଲଗାଯାଇ ପାରିବ । ଏପରିକି ୨ ମି:ରୁ ୭ ମି: ବ୍ୟବଧାନରେ ହରଡ଼ ଲଗାଇ ମଝିରେ ୮–୨୦ ଧାଡ଼ି ଚିନାବାଦାମ ଲଗାଯାଇ ପାରିବ । ଏପରି ଲଗାଯାଇ ଦୁଇଟି ଫସଲରୁ ମିଳୁଥିବା ଅମଳ ସେହି ଫସଲ ଦୁଇଟି ସେତିକି ଜମିରେ ଚାଷକରି ପାଉଥିବା ଅମଳର ମିଶ୍ରଣଠାରୁ ବେଶୀ ।

ହାଇଦ୍ରାବାଦଠାରେ ଥିବା ଅର୍ଦ୍ଧ ଶୁଷ୍କ ଅଞ୍ଚଳ ପାଇଁ ଆନ୍ତର୍ଜାତିକ ଗବେଷଣା କେନ୍ଦ୍ରର ଫଳାଫଳରୁ ଜଣାପଡ଼େ ଯେ ଦୁଇଧାଡ଼ି ହରଡ଼ ମଝିରେ ୬ ଧାଡ଼ି ଚିନାବାଦାମ ଲଗାଇଲେ କିଆରିରେ କେବଳ ସେହି ଫସଲରୁ (ହରଡ଼ କିମ୍ବା ଚିନାବାଦାମରୁ) ଯେତିକି ଅମଳ ମିଳିଥାନ୍ତା, ମିଶ୍ରିତ ଚାଷ ଚିନାବାଦାମରୁ ମୂଳ ଚିନାବାଦାମ ଫସଲ ଅମଳର୮୭ ଓ ମିଶ୍ରିତ ହରଡ଼ ଫସଲରୁ ମୂଳ ହରଡ଼ ଫସଲ ଅମଳର ୮୪ ଭାଗ ଅମଳ ମିଳେ । ହରଡ଼ ଓ ଚିନାବାଦାମକୁ ସେତିକି ମୋଟ ଜମିରେ ଚାଷ କରିଥିଲେ ଦୁଇ ଫସଲର ମୋଟ ଅମଳ ଯେତେ ହୋଇଥାନ୍ତା, ମିଶ୍ରିତ ଫସଲ ଚାଷ ହେତୁ ଏହି ଦୁଇ ଫସଲର ଅମଳ ତାଠାରୁ ୭୨ ଭାଗ ବେଶୀ ହୁଏ ।

ପରୀକ୍ଷାରୁ ଜଣାପଡ଼ିଛି ଯେ ହରଡ଼+ଚିନାବାଦାମ ମିଶ୍ରିତ ଚାଷ କଲେ ପରବର୍ତ୍ତୀ ଫସଲ ପାଇଁ ଦରକାରି ଯବକ୍ଷାରଯାନ ପରିମାଣ ହ୍ରାସ ପାଇଥାଏ । ହରଡ଼+ଚିନାବାଦାମ ପରେ ଗହମ ଚାଷ କଲେ ଗହମ ଫସଲରୁ ୯୦ କି: ଗ୍ରା: ଯବକ୍ଷାରଯାନ ସାମ୍ୟ ଅମଳ ମିଳିଥାଏ । ଡାଲିଜାତୀୟ ଫସଲର ଉନ୍ନୟନ ପାଇଁ ଉଦ୍ଦିଷ୍ଟ ସର୍ବଭାରତୀୟ ପ୍ରକଳ୍ପର ପରୀକ୍ଷାରୁ ନିମ୍ନଲିଖିତ ଫଳାଫଳ ଜଣାପଡ଼େ :

| ଫସଲ ପର୍ଯ୍ୟାୟ | ଖରିଫ୍ ଆଦାୟ | ରବି ଆଦାୟ | ହେକ୍ଟର ପ୍ରତି ମୋଟ ଆଦାୟ |
|---|---|---|---|
| ହରଡ଼–ଗହମ | ଟ ୩,୫୨୧ | ଟ ୫,୦୪୧ | ଟ ୮,୦୨୦ |
| ହରଡ଼+ମୁଗ–ଗହମ | ଟ ୩,୯୫୮ | ଟ ୫,୩୮୮ | ଟ ୯,୫୮୬ |
| ହରଡ଼+ବିରି–ଗହମ | ଟ ୩,୦୩୨ | ଟ ୫,୨୬୬ | ଟ ୯,୧୮ |
| ହରଡ଼+ଚିନାବାଦାମ–ଗହମ | ଟ ୩,୬୯୧ | ଟ ୫,୨୦୯ | ଟ ୯,୩୦୦ |
| ପଡ଼ିଆ–ଗହମ | – | ଟ ୫,୨୦୫ | ଟ ୫,୨୦୫ |


ହରଡ଼+ଚିନାବାଦାମ ଚାଷ ଭାରତରେ ଏକ ସାଧାରଣ ମିଶ୍ରିତ ଫସଲ ଚାଷ ପ୍ରଣାଳୀ ରୂପେ ଗୃହିତ ହୋଇଗଲାଣି । ବିଭିନ୍ନ ଗବେଷଣା କେନ୍ଦ୍ରର ଫଳାଫଳ ଦିଆଗଲା ।

## ହରଡ଼+ଚିନାବାଦାମ ମିଶ୍ରିତ ଚାଷରୁ ଅମଳ (ହେକ୍ଟର ପ୍ରତି କ୍ୱିଣ୍ଟାଲ)

| ବିବରଣୀ | ଦିଲ୍ଲୀ | ଭୁବନେଶ୍ୱର | ହିସାର | ଲୁଧିଆନା | ଖରଗୋନ |
|---|---|---|---|---|---|
| ହରଡ଼ | ୧୨·୪ | ୬·୫ | ୨୪·୫ | ୧୫·୬ | ୫·୬ |
| ହରଡ଼+ଚିନାବାଦାମ | ୧୩·୯ | ୭·୨ | ୨୬·୫ | ୧୩·୧ | ୧୫·୪ |
| | (୭·୪) | (୫·୧) | (୩·୭) | (୬·୧) | (୮·୩) |

(ବନ୍ଧନୀରେ ଦିଆଯାଇଥିବା ସଂଖ୍ୟା ଚିନାବାଦାମ ଅମଳ ସୂଚିତ କରେ ।)

କଳାହାଣ୍ଡି ଜିଲ୍ଲାରେ ହରଡ଼ ଓ ଚିନାବାଦାମ ଫସଲ ଚାଷ ବୃଦ୍ଧି ପାଇଁ ଅନେକ ସୁବିଧା ଅଛି । ଏହାର ମୃତ୍ତିକାର ଅଳ୍ପ ଭାଗ ଅମ୍ଳୀ । ଏଣୁ ଏଠାରେ ବେଶୀ ଚୂନ ବା ଚୂନଜାତୀୟ ପଦାର୍ଥ ଦେବାକୁ ପଡ଼ିବ ନାହିଁ । ଏହି ଅଞ୍ଚଳ ପାଇଁ ହରଡ଼+ଚିନାବାଦାମ, ହରଡ଼+ମାଣ୍ଡିଆ, ହରଡ଼+ଧାନ ଉପଯୁକ୍ତ ମିଶ୍ରିତ ଫସଲ ରୂପେ ଅନୁମୋଦନ କରାଯାଇଛି । ବିଭିନ୍ନ ଗବେଷଣା କେନ୍ଦ୍ରରୁ ମିଳୁଥିବା ଫଳାଫଳରୁ ଜଣାପଡୁଛି ଯେ ପ୍ରଥମେ ୩୦ ସେ: ମି: ଛାଡ଼ି ଦୁଇଧାଡ଼ି ହରଡ଼ ବୁଣନ୍ତୁ । ପରେ ୪ ଧାଡ଼ି ଚିନାବାଦାମ ବୁଣନ୍ତୁ । ଆଗରୁ ବୁଣିଥିବା ଦ୍ୱିତୀୟ ଧାଡ଼ି ହରଡ଼ ଓ ୪ ଧାଡ଼ି ଚିନାବାଦାମ ପରେ ଆସୁଥିବା ହରଡ଼ ଧାଡ଼ି ମଧ୍ୟରେ ବ୍ୟବଧାନ ୧୨୦ ସେ: ମି: ରଖନ୍ତୁ । ଆଉ ଧାଡ଼ିରେ ହରଡ଼ ୩୦ ସେ: ମି: ଛାଡ଼ି ବୁଣନ୍ତୁ । ପୁଣି ୪ ଧାଡ଼ି ଚିନାବାଦାମ (୧୨୦ ସେ: ମି:) ପରେ ଦୁଇଧାଡ଼ି ହରଡ଼ ବୁଣନ୍ତୁ । ଏହି ପ୍ରଣାଳୀକୁ ଦକ୍ଷିଣିଆ ହରଡ଼ ଓ ଚିନାବାଦାମ ଚାଷ ପ୍ରଣାଳୀ **(Paired row)** କହନ୍ତି । (ଚିତ୍ର) ।




କୃଷି ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର ।



# କିଶାନ ବିକାଶ ପତ୍ର

ମୂଳ ଜମା ୫½ ବର୍ଷରେ ଦୁଇଗୁଣ ହୁଏ । ସୁଧର ହାର ଶତକଡ଼ା ବାର୍ଷିକ ୧୩;୪୩ ଚକ୍ରବୃଦ୍ଧି ୧୦୦ ଟଙ୍କା, ୫୦୦ ଟଙ୍କା, ୧,୦୦୦ ଟଙ୍କା, ୫,୦୦୦ ଟଙ୍କା ଏବଂ ୧୦,୦୦୦ ଟଙ୍କା ମୂଲ୍ୟର "କିଶାନ ବିକାଶ ପତ୍ର" ଡାକଘରେ କିଣିବାକୁ ମିଳିବ ।

ଜମା ଦେବାର ସର୍ବୋଚ୍ଚ ସୀମା ନାହିଁ ।

ବ୍ୟକ୍ତି ବିଶେଷ, ବ୍ୟାଂକିଂ କମ୍ପାନୀ, କର୍ପୋରେସନ, ରେଜେଷ୍ଟ୍ରିଭୁକ୍ତ ଅନୁଷ୍ଠାନ ଲୋକାଲ ବଡ଼ି ଏବଂ କୋଅପରେଟିଭ ଅନୁଷ୍ଠାନ ପ୍ରଭୃତି ଏହି ସାର୍ଟିଫିକେଟରେ ଟଙ୍କା ଜମା ଦେଇ ପାରିବେ ।

୨½ ବର୍ଷ ପରେ ସାର୍ଟିଫିକେଟ ଭଙ୍ଗାଯାଇ ପାରିବାର ସୁବିଧା ଅଛି । ଏ କ୍ଷେତ୍ରରେ ସମାନୁପାତିକ ସୁଧ ମଧ୍ୟ ମିଳିବ ।

ସାର୍ଟିଫିକେଟ ହଜିଗଲେ, ଚୋରି ହୋଇଗଲେ, ନଷ୍ଟ କିମ୍ବା ବିକୃତ ହୋଇଗଲେ ଆଉ ଏକ ସାର୍ଟିଫିକେଟ ମିଳିବାର ସୁବିଧା ଅଛି ।

ଜମାକାରୀଙ୍କୁ ନିମ୍ନୋଟ ପତ୍ର ମିଳିବାର ବ୍ୟବସ୍ଥା ଅଛି । କ୍ଷମତାପ୍ରାପ୍ତ ଏଜେଣ୍ଟମାନଙ୍କ ଜରିଆରେ ମଧ୍ୟ ଏହି ସାର୍ଟିଫିକେଟ କିଣାଯାଇ ପାରିବ ।

ନିକଟସ୍ଥ ଡାକଘରେ ଅନୁସନ୍ଧାନ କରନ୍ତୁ ।

**ପ୍ରୋତ୍ସାହନ ଯୋଜନା:**

କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ଯଦି ଏହି ସାର୍ଟିଫିକେଟରେ ସର୍ବନିମ୍ନ ୨୦ ଲକ୍ଷ ଟଙ୍କା ଜମା କରନ୍ତି, ଆମ ରାଜ୍ୟ ସରକାର ସେହି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଏ ଜମା ଉପରେ ଶତକଡା ୧ ଭାଗ ନଗଦ ଅର୍ଥ ଆକାରରେ ଦେଇଥାନ୍ତି ।

ସ୍ୱଳ୍ପ ସଞ୍ଚୟ ସଙ୍ଗଠନ
ଅର୍ଥ ବିଭାଗ, ଓଡ଼ିଶା ସରକାର

OGP—PTS/VI (I&PR) 14—10,000—1.8.1990





VOL. XLVII No.1 UTKAL PRASANGA Regd. No. O-05/90
Licence No. C.R.N.P. 5—Licensed to post without Pre-Payment





PRINTED AT ORISSA GOVERNMENT PRESS, CUTTACK-10

# ଉତ୍କଳ ପ୍ରସଙ୍ଗ







ଶା
ର
ଦୀ
ୟା
୧୯୯୦

ବିଶେଷ ନିବନ୍ଧ:

ଓଡ଼ିଶାର କାରାଗାର